ପୃଷ୍ଠା–୧୨+୮

DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨୦/୨୦୨୫ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, September 20/2025 Page 20 ₹ 7.00

୫୧ଶ ଭାଗ ୨୯୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 296 ମୂଲ୍ୟ ₹୭/-




# ଦୋମୁହାଁ ଖେଳରେ ବିଜେଡି ଆଗୁଆ

- **ଅନାସ୍ଥା ନୋଟିସ ପାଇଛି, ଗୃହରେ ଆଗତକରିବା ଭଳି ସ୍ୱାଭାବିକ ସ୍ଥିତି ନାହିଁ: ବାଚସ୍ପତି**
- **କଂଗ୍ରେସର ୫ ସଦସ୍ୟଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ**
- **ସାର ପ୍ରସଙ୍ଗରେ ବିଜେଡିର ହୋହଲ୍ଲା, ୯ ମିନିଟ୍ ଚାଲିଲା ଗୃହ କାର୍ଯ୍ୟ**

**ଭୁବନେଶ୍ୱର, ୧୯।୯ (ସୁନିତ୍ ମିଶ୍ର)**

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏବଂ ଅନ୍ୟମାନଙ୍କ ପକ୍ଷରୁ ଅଣାଯାଇଥିବା ଅନାସ୍ଥା ସମ୍ପର୍କିତ ନୋଟିସ ହସ୍ତଗତ ହୋଇଛି। ହେଲେ ଗୃହ ବର୍ତ୍ତମାନ ସ୍ୱାଭାବିକ ସ୍ଥିତିରେ ନାହିଁ। ସ୍ୱାଭାବିକ ସ୍ଥିତି ନ ଫେରିବା ପର୍ଯ୍ୟନ୍ତ ଅନାସ୍ଥା ନୋଟିସ ଗୃହରେ ଆଗତ କରିବା ସମ୍ଭବ ନୁହେଁ ବୋଲି ଶୁକ୍ରବାର ବାଚସ୍ପତି ସୁରମା ପାଢ଼ୀ ସୂଚନା ଦେଇଛନ୍ତି। ଦ୍ୱିତୀୟାର୍ଦ୍ଧରେ ଅପରାହ୍ଣ ୪ଟାରେ ବିଧାନସଭା କାର୍ଯ୍ୟ ଆରମ୍ଭ ହେବା କ୍ଷଣି ବିରୋଧୀ ବିଜେଡି ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ସାର ପ୍ରସଙ୍ଗ ଉଠାଇ ହୋହଲ୍ଲା ଆରମ୍ଭ କରିଦେଇଥିଲେ। ଏପରି କି ସେମାନେ ସରକାର ବିରୋଧୀ ସ୍ଲୋଗାନ ଦେଇ ଗୃହ ଚଲାଇଦେଇ ନ ଥିଲେ। ବାଚସ୍ପତି ସେମାନଙ୍କୁ ନିଜ ଆସନକୁ ଯିବା ପାଇଁ ନିର୍ଦ୍ଦେଶ ଦେବାପରେ ଅନାସ୍ଥା ସମ୍ପର୍କିତ ସୂଚନା ଦେଇ ଅପରାହ୍ଣ ୪ଟା ୫ମିନିଟ୍‌ରେ ଗୃହ କାର୍ଯ୍ୟକୁ ଶନିବାର ପୂର୍ବାହ୍ଣ ୧୦ଟା ୩୦ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଏହା ପୂର୍ବରୁ ପ୍ରଥମାର୍ଦ୍ଧରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଡାକିଥିଲେ। ନିତ୍ୟାନନ୍ଦ ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀଙ୍କ ସ୍କୁଲ ବନ୍ଦ ସମ୍ପର୍କିତ ପ୍ରଶ୍ନର ଉତ୍ତର ରଖୁଥିବାବେଳେ ବିଜେଡି ସଦସ୍ୟମାନେ ପ୍ଲାକାର୍ଡ, ବ୍ୟାନର ଧରି ଗୃହକୁ ପ୍ରବେଶ କରି ସାର ପ୍ରସଙ୍ଗରେ ହଟ୍ଟଗୋଳ କରିଥିଲେ। ଅନ୍ୟପକ୍ଷେ ବିରୋଧୀ କଂଗ୍ରେସ ସଦସ୍ୟମାନେ ଅନାସ୍ଥା ପ୍ରସ୍ତାବ ପ୍ରସଙ୍ଗରେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ଗୃହ ମାତ୍ର ୪ ମିନିଟ୍ ଚାଲିବା ପରେ ବାଚସ୍ପତି ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଗୃହକାର୍ଯ୍ୟ ମୁଲତବୀ ଘୋଷଣା କରିଥିଲେ। ଏହିପରି ଦିନକ ଭିତରେ ମୋଟ ୯ ମିନିଟ୍ ପାଇଁ ଗୃହକାର୍ଯ୍ୟ ଚାଲିଥିଲା।

ଗୋଟିଏ ପଟେ କଂଗ୍ରେସର ଅନାସ୍ଥା ପ୍ରସ୍ତାବକୁ ବିଜେଡି ସମର୍ଥନ ଦେବ ନା ନାହିଁ ସ୍ପଷ୍ଟ କରୁ ନ ଥିବାବେଳେ ଗୃହକୁ ଚଲାଇ ନ ଦେବାକୁ ଉଦ୍ୟମ କରିବାରେ ଲାଗିଛି। ତେଣୁ ଦୋମୁହାଁ ଖେଳରେ ବିଜେଡି ଆଗୁଆ ବୋଲି ତାଙ୍କ ଦଳର ଅନେକ ସଦସ୍ୟ କହିବା ଆରମ୍ଭ କରିଦେଇଥିବା ଚର୍ଚ୍ଚା ଜୋର୍ ଧରିଛି।

ରାଜ୍ୟରେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନା, ସାର ସଙ୍କଟ, ବେକାରି ପ୍ରସଙ୍ଗ ଆଦିକୁ ନେଇ ସରକାର ବିରୋଧରେ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଗତ କରିଛି। ଯଦି ଗୃହରେ ଅନାସ୍ଥା ନୋଟିସ ଆସେ ତେବେ ଏହା ଉପରେ ବିସ୍ତୃତ ଆଲୋଚନା ହେବ। ଉକ୍ତ ଆଲୋଚନା ସମୟରେ ବିଜେଡି ସାର ସମସ୍ୟା ନେଇ ଗୃହରେ ଯୁକ୍ତି ରଖିପାରେ। ହେଲେ ବିଜେଡି ବର୍ତ୍ତମାନ ସରକାରଙ୍କୁ ☞ପୃଷ୍ଠା–୪




## ୨ ପୁଅଙ୍କୁ ବିଷ ପିଆଇଲେ ବାପା

**ବନ୍ତଲା, ୧୯।୯ (ସୁଶିତ ସାହୁ)/ ଛେଣ୍ଡିପଦା (ଅଜିତ ଧଳ)**

ସ୍କୁଲ ଯିବାକୁ କହି ୨ ନାବାଳକ ପୁଅଙ୍କୁ ବାଇକ୍‌ରେ ବସାଇଥିଲେ। ହେଲେ ଦୁହିଁଙ୍କୁ ସ୍କୁଲରେ ନ ଛାଡ଼ି ୨୫ କିଲୋମିଟର ଦୂର ଜଙ୍ଗଲ ନିକଟକୁ ନେଇ ବିଷ ପିଆଇ ଦେଇଥିଲେ ବାପା। ଛଟପଟ ହେଉଥିବା ୨ ପିଲାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଖବରପାଇ ଉଦ୍ଧାର ପାଇଁ ଆସିଥିବା ପୋଲିସକୁ କାମୁଡ଼ି ଖଣ୍ଡିଆଖାବରା କରିଥିଲେ ଅଭିଯୁକ୍ତ ବାପା। ଅନୁଗୋଳ ବ୍ଲକ ବଡ଼କନ୍ତକୁଳ ପଞ୍ଚାୟତ ନୂଆକ୍ଷେତା ଫରେଷ୍ଟ ଚେକ୍‌ଗେଟ୍ ନିକଟରେ ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ଘଟିଥିବା ଏହି ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ଅନୁଗୋଳ ଜିଲା ଜରପଡ଼ା ଥାନା ଡୁବେ ଗ୍ରାମ କୁମ୍ଭାରସାହିର ☞ପୃଷ୍ଠା–୪

## ଆଜିର ସମ୍ପାଦକୀୟ

**ଖବରରେ ଖେଉଡ଼କର**

## ଆଜିର ମନ୍ତବ୍ୟ

"ସଂଘର୍ଷ କିପରି ଆରମ୍ଭ ଓ ତୁରନ୍ତ ଶେଷ କରାଯାଏ, ତାହା ଅନ୍ୟ ଦେଶଗୁଡ଼ିକ ଭାରତଠାରୁ ଶିଖିବା ଉଚିତ।

**-ଏୟାର ଚିଫ୍ ମାର୍ଶାଲ ଏ.ପି. ସିଂ, ବାୟୁସେନା ମୁଖ୍ୟ**




## 'ୟା ଅଲି' ଗାୟକ ଜୁବୀନ ଗର୍ଗଙ୍କ ପରଲୋକ



**ଗୁଆହାଟୀ/ସିଙ୍ଗାପୁର, ୧୯।୯**

ସିଙ୍ଗାପୁରରେ ସ୍କୁବା ଡାଇଭିଂ କରୁଥିବା ବେଳେ ଦୁର୍ଘଟଣା ଘଟି ଆସାମର ପ୍ରସିଦ୍ଧ ଗାୟକ ଜୁବୀନ ଗର୍ଗ (୫୨)ଙ୍କର ମୃତ୍ୟୁ ହୋଇଯାଇଛି। ଶୁକ୍ରବାର ଦୁର୍ଘଟଣା ପରେ ସିଙ୍ଗାପୁର ପୋଲିସ ଦ୍ୱାରା ଜୁବୀନଙ୍କୁ ସମୁଦ୍ରରୁ ବାହାର କରାଯାଇ ନିକଟସ୍ଥ ☞ପୃଷ୍ଠା–୪

## ୪,୭୩୯ କୋଟିର ନିବେଶକୁ ମୋହର

### ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି କମିଟି ବୈଠକ

**୨୫,୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ**

**ଭୁବନେଶ୍ୱର, ୧୯।୯ (ରବିନାରାୟଣ ଜେନା)**

ରାଜ୍ୟ ସରକାର ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶାର ପରିକଳ୍ପନା କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମଗ୍ରିକ ବିକାଶକୁ ପ୍ରାଧାନ୍ୟ ଦେଉଛନ୍ତି। ଶିଳ୍ପ ହିଁ ରାଜ୍ୟର ସମୃଦ୍ଧିରେ ବିଶେଷ ସହାୟକ ହୋଇପାରିବ। ଏହି ଲକ୍ଷ୍ୟ ନେଇ ଶୁକ୍ରବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଡବ୍ଲୁସିଏ)ର ୧୪୦ତମ ବୈଠକରେ ୪,୭୩୯ କୋଟି ଟଙ୍କାର ୨୫ଟି ନୂଆ ନିବେଶ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ଖୋର୍ଦ୍ଧା, ଯାଜପୁର, କଟକ, ସମ୍ବଲପୁର, ଝାରସୁଗୁଡ଼ା, ଗଞ୍ଜାମ, ମୟୂରଭଞ୍ଜ, ଅନୁଗୋଳ ଓ ଗଜପତି ଜିଲାରେ ୨୫,୨୦୦ଟି ନୂତନ ନିଯୁକ୍ତି ସୃଷ୍ଟି ହେବ ବୋଲି ବୈଠକରୁ ଜଣାଯାଇଛି।

ଓଡ଼ିଶାର ଗତିଶୀଳ ଶାସନ, ରଣନୈତିକ ଦୃଷ୍ଟିଭଙ୍ଗୀ ଓ ସୁଦୃଢ଼ ନୀତିଗତ ଢାଞ୍ଚା, ବ୍ୟବସାୟ କରିବା ପାଇଁ ସୁବିଧାଜନକ ପରିବେଶକୁ ପ୍ରୋତ୍ସାହିତ କରୁଛି। ଫଳରେ ଓଡ଼ିଶା ଭାରତର ପସନ୍ଦଯୋଗ୍ୟ ନିବେଶ ସ୍ଥଳ ଭାବେ ଦ୍ରୁତ ପ୍ରତୀୟମାନ ହେଉଛି। ଏଥିପାଇଁ ଶୁକ୍ରବାର ୧୩ଟି କ୍ଷେତ୍ରରେ ନିବେଶ ସୁଯୋଗ ସୃଷ୍ଟି ହୋଇଛି ବୋଲି ବୈଠକରୁ ଜଣାଯାଇଛି। ପ୍ରମୁଖ ପ୍ରକଳ୍ପ ମଧ୍ୟରେ ସୂଚନା ପ୍ରଯୁକ୍ତି ତଥା ଆଇଟି ସକ୍ଷମ ସେବା କ୍ଷେତ୍ରରେ ଲିନ୍‌ଡେ ଇଣ୍ଡିଆ ଲିମିଟେଡ୍ ଖୋର୍ଦ୍ଧାରେ ପରିବହନ ଏବଂ ଦୂରରୁ ପରିଚାଳନା(ରିମୋଟ ଅପରେଶନ) ପାଇଁ ଏକ ବୈଶ୍ୱିକ କୌଶଳ କେନ୍ଦ୍ର ସ୍ଥାପନ କରିବ। ଏଥିପାଇଁ ୮୨ କୋଟି ଟଙ୍କା ନିବେଶ ହେବା ସହିତ ୨୧୦ ନିଯୁକ୍ତି ସୃଷ୍ଟି ହେବ। ଏହି କମ୍ପାନୀ ମଧ୍ୟ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଯାଜପୁରରେ ଟାଟା ଇସ୍ପାତ ଓ ଅନ୍ୟାନ୍ୟ ଶିଳ୍ପସଂସ୍ଥା ପାଇଁ ପାଇପଲାଇନ୍ କ୍ଲଷ୍ଟର ପ୍ରକଳ୍ପ ସ୍ଥାପନ କରିବ। ଏଥିରେ ୧୦୫.୭୦ କୋଟି ଟଙ୍କା ନିବେଶ କରିବ ଏବଂ ଏଥିରୁ ୩୫ଟି ନିଯୁକ୍ତି ସୃଷ୍ଟି ହେବ। ☞ପୃଷ୍ଠା–୪

## ଗୁପ୍‌ଚୁପ୍ ପାଇଁ ରାସ୍ତାରେ ଧାରଣା



**ଭଦୋଦରା, ୧୯।୯**

ଗୁଜରାଟର ଭଦୋଦରାର ସୁରସାଗର ଅଞ୍ଚଳରେ ଶୁକ୍ରବାର ଜଣେ ମହିଳା ରାସ୍ତା କଡ଼ରେ ଥିବା ଏକ ଗୁପ୍‌ଚୁପ୍ ଷ୍ଟଲରେ ଗୁପଚୁପ୍ ଖାଉଥିଲେ। ତେବେ ଗୁପ୍‌ଚୁପ୍ ବିକାଳି ଜଣକ ତାଙ୍କୁ ୨୦ ଟଙ୍କାରେ ୬ଟି ବଦଳରେ ମାତ୍ର ୪ଟି ଗୁପଚୁପ୍ ଖାଇବାକୁ ଦେଇଥିଲେ। ଘଟଣାକୁ ନେଇ ଗୁପ୍‌ଚୁପ୍ ବିକାଳିଙ୍କ ସହ ମହିଳାଙ୍କର ଯୁକ୍ତିତର୍କ ହୋଇଥିଲା। ମହିଳାଙ୍କୁ ୪ରୁ ଅଧିକ ଗୁପ୍‌ଚୁପ୍ ଦେବାକୁ ବିକାଳି ଜଣକ ସିଧାସଳଖ ମନା କରିଦେଇଥିଲେ। ଫଳରେ ସେ ରାଗରେ କାନ୍ଦି କାନ୍ଦି ରାସ୍ତାରେ ଧାରଣାରେ ବସିଥିଲେ। ମହିଳା ଜଣକ ରାସ୍ତା ମଝିରେ ଧାରଣା ଦେବା ସହ କାନ୍ଦି କାନ୍ଦି କହିଥିଲେ, ଗୁପ୍‌ଚୁପ୍ ବିକାଳି ଜଣକ ଚାଲାକୀ କରୁଛନ୍ତି। ସେ ଅନ୍ୟ ସମସ୍ତଙ୍କୁ ୨୦ ଟଙ୍କାରେ ୬ଟି ଗୁପ୍‌ଚୁପ୍ ଦେଉଥିବା ବେଳେ ତାଙ୍କୁ ମାତ୍ର ୪ଟି ଗୁପ୍‌ଚୁପ୍ ଦେଇ ଠକିଦେଲେ। ସେ ସବୁବେଳେ ୨୦ ଟଙ୍କାରେ ୬ଟି ଗୁପ୍‌ଚୁପ୍ ଖାଉଥିବାବେଳେ ଏବେ ତାଙ୍କ ସହ ଅନ୍ୟାୟ ହୋଇଥିବା ସେ କହିଥିଲେ। ଗୁପ୍‌ଚୁପ୍ ବିକାଳି ଜଣକ ତାଙ୍କୁ ଆଉ ୨ଟି ଗୁପ୍‌ଚୁପ୍ ଖାଇବାକୁ ଦିଅନ୍ତୁ, ନଚେତ ତାଙ୍କ ଠେଲା ଦୋକାନକୁ ବନ୍ଦ କରାଯାଉ ବୋଲି ସେ ଦାବି କରିଥିଲେ। ମହିଳା ଜଣକ ରାସ୍ତା ମଝିରେ ବସି ଧାରଣା ଦେଉଥିବାରୁ ସେଠାରେ ଟ୍ରାଫିକ୍ ଜାମ୍ ସ୍ଥିତି ସୃଷ୍ଟି ହୋଇଥିଲା। ରାସ୍ତାରେ ଯାଉଥିବା ଲୋକମାନେ ମହିଳାଙ୍କ କଥା ଶୁଣି ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ। ଲୋକଙ୍କଠାରୁ ସୂଚନା ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ମହିଳାଙ୍କୁ ବୁଝାଶୁଝା କରିଥିଲା। ଅନେକ ସମୟ ଧରି ବୁଝାଶୁଝା କରିବା ପରେ ପୋଲିସ ମହିଳାଙ୍କୁ ଥାନାକୁ ନେଇ ☞ପୃଷ୍ଠା–୪




A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
This contains sodium saccharin (INS 954), sucralose (INS 955) and Neotame (INS 961). Not recommended for children. No sugar added in the product.
CONTAINS ARTIFICIAL SWEETENER AND FOR CALORIE CONSCIOUS
TOLL FREE NO.: 1800 257 2258
www.panbahar.in

# ଅକ୍ଟୋବର ୧୨ରେ ଓସିଏସ୍ ପ୍ରିଲିମ୍

**ଭୁବନେଶ୍ୱର,୧୯।୯(ସୁଚିସ୍ମିତା ସାହୁ)**

ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ଓଡ଼ିଶା ସିଭିଲ ସର୍ଭିସ୍(ଓସିଏସ୍) ପ୍ରିଲିମିନାରି ପରୀକ୍ଷା-୨୦୨୪ ପାଇଁ ଟାଇମ ଟେବୁଲ ଜାରି ହୋଇଛି। ଅକ୍ଟୋବର ୧୨ ରବିବାରରେ ପ୍ରିଲିମ୍ ପରୀକ୍ଷା କରାଯିବ। ଏହି ପରୀକ୍ଷା ପାଇଁ ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, କଟକ, ଜୟପୁର ଓ ସମ୍ବଲପୁରକୁ ଜୋନ୍ କରାଯାଇଛି। ବିଦ୍ୟାର୍ଥୀମାନେ ଅକ୍ଟୋବର ୪ରୁ ଓପିଏସ୍‌ସି ୱେବ୍‌ସାଇଟରୁ ଆଡମିଟ୍‌କାର୍ଡ ଡାଉନଲୋଡ୍ କରିପାରିବେ। ପରୀକ୍ଷା ଦୁଇଟି ସିଟିଂରେ କରାଯିବ। ପ୍ରଥମ ପତ୍ର ସକାଳ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ରହିଥିବା ବେଳେ ଦ୍ୱିତୀୟ ପତ୍ର ଅପରାହ୍ନ ୧ଟା ୩୦ରୁ ୩ଟା ୩୦ ପର୍ଯ୍ୟନ୍ତ ଚାଲିବ।

# ୨୭ରେ ରଙ୍ଗେଇଲୁଣ୍ଡା ଆସିବେ ପ୍ରଧାନମନ୍ତ୍ରୀ

## ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର,୧୯।୯ (ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୭ ତାରିଖରେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ପ୍ରଧାନମନ୍ତ୍ରୀ ଓଡ଼ିଶା ଆସି ବ୍ରହ୍ମପୁରର ରଙ୍ଗେଇଲୁଣ୍ଡାଠାରେ ହେବାକୁ ଥିବା 'ସେବା ପର୍ବ' କାର୍ଯ୍ୟକ୍ରମରେ ଯୋଗଦେବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଲୋକସେବା ଭବନଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରୁ ଜଣାପଡ଼ିଛି, ପ୍ରଧାନମନ୍ତ୍ରୀ ସେହିଦିନ ପୂର୍ବାହ୍ନ ୧୧ଟାରେ ବ୍ରହ୍ମପୁରଠାରେ ଜାତୀୟ ସ୍ତରୀୟ 'ସେବା ପର୍ବ' କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ଜନହିତକର ପ୍ରକଳ୍ପର ଉଦ୍‌ଘାଟନ କରିବା ସହ ଅନେକ ନୂତନ କାର୍ଯ୍ୟକ୍ରମ ଦେଶବାସୀଙ୍କ ପାଇଁ ଉତ୍ସର୍ଗ କରିବେ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଓ କାର୍ଯ୍ୟକ୍ରମର ସଫଳ ଆୟୋଜନ ସମେତ ଏହାକୁ ସୁଚାରୁଭାବେ ସମ୍ପାଦନ କରିବା, ଏଥିନିମନ୍ତେ ସୁରକ୍ଷା ବ୍ୟବସ୍ଥା, ଜନସାଧାରଣଙ୍କ ସହଭାଗିତା ପାଇଁ ବୈଠକରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗର ସଚିବ ଓ ଅଧିକାରୀମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଯାତ୍ରାପଥ, ଆଗମନ-ବିଦାୟ ବ୍ୟବସ୍ଥା, ସୁରକ୍ଷା ବଳଙ୍କ ନିୟୋଜନ, ସଭାସ୍ଥଳର ପ୍ରସ୍ତୁତି, ସ୍ୱାସ୍ଥ୍ୟ, ପୋଲିସ, ପାଣି,ବିଦ୍ୟୁତ୍ ଓ ସ୍ଥାନୀୟ ପ୍ରଶାସନ ସମେତ ସମସ୍ତ ବିଭାଗକୁ ସମନ୍ୱୟ ରଖି କାର୍ଯ୍ୟ କରିବା ପାଇଁ ଆଲୋଚନା ହୋଇଛି। କାର୍ଯ୍ୟକ୍ରମକୁ ସଫଳ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

# ବାହୁଦା ମୁହାଣରେ ହେବ ସାଟେଲାଇଟ ବନ୍ଦର

**ପାରାଦୀପ, ୧୯।୯ (ଶରତ ରାଉତ)**

ଗଞ୍ଜାମ ଜିଲାର ବାହୁଦା ମୁହାଣରେ ସାଟେଲାଇଟ ସବୁଜ ବନ୍ଦର ହେବ। ଏଥିପାଇଁ ଶୁକ୍ରବାର ସନ୍ଧ୍ୟାରେ ଗୁଜରାଟର ଭାବନଗରରେ ଏମ୍‌ଓୟୁ (ବୁଝାମଣାପତ୍ର) ହୋଇଛି। ପାରାଦୀପ ବନ୍ଦର, ଓଡ଼ିଶା ମେରିଟାଇମ ବୋର୍ଡ ଓ ସାଗରମାଳା ଫାଇନାନ୍ସ କର୍ପୋରେଶନ ଲିମିଟେଡ୍ ଦ୍ୱାରା ଏହି ବନ୍ଦର ହେବ ବୋଲି କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଘୋଷଣା କରିଛନ୍ତି। ବନ୍ଦର ପାଇଁ ୨୧,୫୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିରେ ପାରାଦୀପ ବନ୍ଦର ମୁଖ୍ୟ ଅଂଶୀଦାର ରହିବ ବୋଲି ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ସୂଚନା ଦେଇଛନ୍ତି। ୪ଟି ଡକ୍ ବିଶିଷ୍ଟ ସାଟେଲାଇଟ ବନ୍ଦରର ବାର୍ଷିକ ପଣ୍ୟ କାରବାର ୧୫୦ ଏମ୍‌ଏମ୍‌ଟି (ମିଲିୟନ ମେଟ୍ରିକ ଟନ) ହେବ ବୋଲି ଲକ୍ଷ୍ୟ ରଖାଯାଇଛି। ଏହି ବନ୍ଦର ଜରିଆରେ ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶର ଶିଳ୍ପ ସଂସ୍ଥା ପାଇଁ ପଣ୍ୟ କାରବାର ସହଜ ହେବ। ଏଥିପାଇଁ ଆନ୍ଧ୍ରପ୍ରଦେଶରେ ଜାଗା ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିବା ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ କୁହାଯାଇଛି।




# ୨୨୮୬ ଅଣ ଅଧ୍ୟାପକ, ୧୪୦୪ ଅଧ୍ୟାପକ ପଦବୀ ଖାଲି

## ୧୭ ସରକାରୀ ବିଶ୍ୱବିଦ୍ୟାଳୟ

## ବିଧାନସଭାରେ ଉତ୍ତର ରଖିଲେ ଉଚ୍ଚଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର,୧୯।୯ (ରବିନାରାୟଣ ଜେନା)**

ରାଜ୍ୟରେ ସମୁଦାୟ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟରେ ୨୨୮୬ ଅଣଅଧ୍ୟାପକ (ନନ୍ ଟିଚିଂ)ପଦ ଖାଲି ପଡ଼ିଥିବାବେଳେ ୧୪୦୪ ଅଧ୍ୟାପକ ପଦ ଖାଲି ରହିଛି ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

ଶୁକ୍ରବାର ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି, ରାଜ୍ୟରେ ସମୁଦାୟ ୧୭ଟି ବିଶ୍ୱବିଦ୍ୟାଳୟରେ ୩୧୭୪ଟି ମଞ୍ଜୁରପ୍ରାପ୍ତ ଅଣଶିକ୍ଷକ ପଦ ରହିଥିବାବେଳେ ମାତ୍ର ୮୮୮ଜଣ କାର୍ଯ୍ୟରତ ଅଛନ୍ତି ଏବଂ ଅବଶିଷ୍ଟ ୨୨୮୬ଟି ପଦ ଖାଲି ପଡ଼ିଛି। ସେଥିମଧ୍ୟରୁ ବାଣୀବିହାରରେ ୯୬୯ଟି ମଞ୍ଜୁରପ୍ରାପ୍ତ ପଦ ମଧ୍ୟରୁ ମାତ୍ର ୧୯୦ଜଣ କାର୍ଯ୍ୟରତ ରହିଥିବାବେଳେ ୭୭୯ଟି ପଦ ଖାଲି ପଡ଼ିଛି। ସେହିପରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୫୦୦ ମଞ୍ଜୁରପ୍ରାପ୍ତ ପଦ ରହିଥିବାବେଳେ ୨୪୨ଜଣ କାର୍ଯ୍ୟରତ ଅଛନ୍ତି ଏବଂ ୨୫୮ଟି ପଦ ଖାଲି ପଡ଼ିଛି। ଅନୁରୂପ ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ୧୯୯ଟି ପଦ ଖାଲି ପଡ଼ିଥିବାବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୧୬୩ ପଦ ଖାଲିପଡ଼ିଛି। ଏହାବାଦ୍ ୧୩ଟି ବିଶ୍ୱବିଦ୍ୟାଳୟରେ ଅବଶିଷ୍ଟ ପଦ ଖାଲି ପଡ଼ିଛି।

ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟରେ ୧୩୬ ଶିକ୍ଷକ ପଦ ଖାଲି ଥିବାବେଳେ ରେଭେନ୍ସାରେ ୧୬୧, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ୧୧୨, ଧରଣୀଧର ବିଶ୍ୱବିଦ୍ୟାଳୟରେ ୧୦୯, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ୧୦୬ ଏବଂ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ୧୧୧ ଶିକ୍ଷକ ପଦ ଖାଲି ରହିଛି। ଏହାବାଦ୍ ୧୧ଟି ବିଶ୍ୱବିଦ୍ୟାଳୟରେ ଅବଶିଷ୍ଟ ପଦ ଖାଲି ପଡ଼ିଛି।

ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ମୋଟ ୮୨ ଗୋଟି ସରକାରୀ ମହାବିଦ୍ୟାଳୟ ମଧ୍ୟରୁ ୬୬ଟି ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ଓ ୧୬ଟି ସରକାରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ରହିଛି। ଉକ୍ତ ସରକାରୀ ଡିଗ୍ରୀ ମହାବିଦ୍ୟାଳୟରେ ୧୯୧୬ ଜଣ ଓଡ଼ିଶା ଶିକ୍ଷା ସେବା ବର୍ଗର ଅଧ୍ୟାପକ ଓ ସରକାରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ୩୦୫ ଜଣ ଓଡ଼ିଶା ଶିକ୍ଷା ସେବା ବର୍ଗର(ଟିଇ)ଅଧ୍ୟାପକ ଅଛନ୍ତି। ସରକାରୀ ଡିଗ୍ରୀ ମହାବିଦ୍ୟାଳୟରେ ୪୯୧ଟି ଓ ସରକାରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ୧୬୩ ଗୋଟି ଅଧ୍ୟାପକ ପଦବୀ ଖାଲି ଅଛି। ଚଳିତ ଶିକ୍ଷାବର୍ଷ (୨୦୨୫-୨୬) ପାଇଁ ସରକାରୀ ଡିଗ୍ରୀ ମହାବିଦ୍ୟାଳୟଗୁଡ଼ିକରେ ଯୁକ୍ତ୩ ସ୍ତରରେ ପାଠ ପଢ଼ାଇବା ପାଇଁ ୧୭୫୩ ଜଣ ଅତିଥି ଅଧ୍ୟାପକଙ୍କୁ ନିୟୋଜନ କରାଯାଇଛି। ସେହିପରି ସରକାରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ୮୧ ଜଣ ଅତିଥି ଅଧ୍ୟାପକଙ୍କୁ ନିୟୋଜନ କରାଯାଇଛି। ସରକାରୀ ଡିଗ୍ରୀ ମହାବିଦ୍ୟାଳୟଗୁଡ଼ିକରେ ଅତିଥି ଅଧ୍ୟାପକଙ୍କୁ ପ୍ରତି କ୍ଲାସ ପାଇଁ ୭୫୦ ଟଙ୍କା ହାରରେ ମାସିକ ସର୍ବାଧିକ ୩୫,୦୦୦ ଟଙ୍କା ପ୍ରଦାନ କରାଯାଉଛି। ସରକାରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଅତିଥି ଅଧ୍ୟାପକଙ୍କୁ ମାସିକ ଏକୀକୃତ ୩୫,୦୦୦ଟଙ୍କା ପ୍ରଦାନ କରାଯାଉଛି। ରାଜ୍ୟର ସମସ୍ତ ସରକାରୀ ମହାବିଦ୍ୟାଳୟରେ ମଞ୍ଜୁରପ୍ରାପ୍ତ ୧୭୫୧ ଅଣଅଧ୍ୟାପକ ପଦବୀ ରହିଥିବାବେଳେ ସେଥିମଧ୍ୟରୁ ୬୮୮ ଜଣ କାର୍ଯ୍ୟରତ ଅଛନ୍ତି ଓ ୧୦୨୭ ଗୋଟି ପଦବୀ ଖାଲି ରହିଛି ବୋଲି ମନ୍ତ୍ରୀ ଗୃହକୁ ଜଣାଇଛନ୍ତି।

# ସାର କଳାବଜାର ପ୍ରତି କଠୋର ହୁଅ: ମୁଖ୍ୟ ସଚିବ

**ଭୁବନେଶ୍ୱର,୧୯।୯ (ରବିନାରାୟଣ ଜେନା)**

ସାର କଳାବଜାର କାରବାରରେ ସମ୍ପୃକ୍ତଙ୍କ ବିରୋଧରେ ଶୂନ ସହନଶୀଳ ନୀତି ଆପଣାଇବାକୁ ଶୁକ୍ରବାର ମୁଖ୍ୟଶାସନ ସଚିବ ମନୋଜ ଆହୁଜା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନରେ ଅନୁଷ୍ଠିତ ସମୀକ୍ଷା ବୈଠକରେ କୃଷିବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ କହିଥିଲେ, ସବୁ ଜିଲାକୁ ଆବଶ୍ୟକତା ଅନୁସାରେ ସାର ଉପଲବ୍ଧ ହେବାକୁ ନିଶ୍ଚିତ କରାଯାଉଛି। କୃଷି ଋତୁ ଆରମ୍ଭରୁ ରାଜ୍ୟ ପାଇଁ ୧୦ ଲକ୍ଷ ମେଟ୍ରିକ୍ ଟନ୍ ସାର ଆବଶ୍ୟକତା ପ୍ରସ୍ତାବ ଥିବାବେଳେ ସେପ୍ଟେମ୍ବର ୧୭ ତାରିଖ ସୁଦ୍ଧା ରାଜ୍ୟକୁ ୧୧ ଲକ୍ଷ ୯୮ ହଜାର ୫୭୨ ମେଟ୍ରିକ୍ ଟନ୍ ଆସିଛି। ଶୁକ୍ରବାର ୮,୯୨୧ ମେଟ୍ରିକ୍ ଟନ ୟୁରିଆ ରେଳ ଓ ସଡ଼କ ପଥରେ ଆସିବା ପାଇଁ ରେକ୍ ପ୍ଲାନ ଟ୍ରାନ୍‌ଜିଟ୍‌ରେ ରହିଥିବା ବେଳେ ଆଉ ୩୦,୯୦୦ ମେଟ୍ରିକ୍ ଟନ୍ ୟୁରିଆ ପାଇଁ ରେକ୍ ପ୍ଲାନ କରାଯାଇଛି। ବେଆଇନ ସାର କଳାବଜାର ଏବଂ ଚୋରା ଚାଲାଣ ବିରୋଧରେ ଚଢ଼ାଉ ଜାରି ରହିଛି। ୟୁରିଆ ସାରର ଆବଶ୍ୟକତା ବେଶି ରହିଛି। ଏନ୍‌ପିକେ (ଯବକ୍ଷାରଜାନ, ଫସଫରସ ଏବଂ ପୋଟାସ ସାର) ୪:୨:୧ ବ୍ୟବହାର ହେବା କଥା, ଯାହା କି ଜମିର ଉର୍ବରତା ବଜାୟ ରଖିବା ପାଇଁ ଉପଯୋଗୀ। ୟୁରିଆ ସହିତ ଅନ୍ୟ ସାର କ୍ରୟ ଏବଂ ବ୍ୟବହାର କରିବାକୁ ସେ ଜିଲା ଏବଂ ବିଭିନ୍ନ ସ୍ତରରେ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ଉପସ୍ଥିତ ଥିଲେ।









# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ତ୍ରୀନେତ୍ର କଳା କୁଞ୍ଜ, ଚୌଦ୍ୱାର ପକ୍ଷରୁ ୫ମ ପୁରସ୍କାର ଉତ୍ସବ, ସ୍ଥାନ: ଭଞ୍ଜ କଳାମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାକ୍ ପ୍ରାଥମିକ ଶିକ୍ଷକ ନିଯୁକ୍ତି ପାଇଁ ଶାନ୍ତିପୂର୍ଣ୍ଣ ଧର୍ମଘଟ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ନିର୍ଭୟର ୧୨ତମ ବର୍ଷ ପୂର୍ତ୍ତି ଉତ୍ସବ, ସ୍ଥାନ: ମେ' ଫେୟାର ଲାଗୁନ ଅର୍କିଡ଼ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଓଡ଼ିଶା ପକ୍ଷରୁ ବିଧାନସଭା ଗୃହ ଘେରାଉ, ସ୍ଥାନ: ଲୋୟର ପିଏମ୍‌ଜି, ବିଧାନସଭା ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- 'ବିଭାବନା'ର ରାଜ୍ୟସ୍ତରୀୟ ବାର୍ଷିକ ସାରସ୍ୱତ ସମାରୋହ, ସ୍ଥାନ: ବୁଦ୍ଧମନ୍ଦିର ସଭାଗୃହ, ସମୟ: ଅପରାହ୍ନ ୪ଟା।
- ପାଠକାର୍ପଣ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା ୩୦।
- କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ମାସିକ ଆଲୋଚନାଚକ୍ର, ସ୍ଥାନ: କେଦାରଗୌରୀ ମାର୍ଗସ୍ଥିତ ପ୍ରତିଷ୍ଠାନ ପରିସର, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶା ଲେଖକ ସମବାୟ ସମିତି ଲିମିଟେଡ ପକ୍ଷରୁ ମାସିକ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ଓଡ଼ିଶା ଲେଖକ ସମବାୟ ସମିତି ସଭାଗୃହ, ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସନ୍ଧ୍ୟା ୬ଟା।
- ୟୁନିକ୍ରାଫ୍ଟ ୨୦୨୫ (କଳା ପଦର୍ଶନ), ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ଦାତବ୍ୟ ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ଚୌଦ୍ୱାର ଓଟିଏମ୍ କଲୋନୀସ୍ଥିତ ଆମ୍ବିସନ କ୍ଲବ ପରିସର, ସମୟ: ସକାଳ ୯ଟା।
- ଶିକ୍ଷାବିତ୍ କୁସୁମ କୁମାରୀ ଖଟୁଆଙ୍କ ତୃତୀୟ ଶ୍ରାଦ୍ଧୋତ୍ସବରେ ସ୍ମୃତିଚାରଣ ସଭା, ସ୍ଥାନ: ସିନ୍ଧୁପୁର, ମାହାଙ୍ଗା, ସମୟ: ପୂର୍ବାହ୍ନ ୧୧ଟା।
- ଇମର୍ତ୍ତି ଦେବୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ହିନ୍ଦୀ ଦିବସ ପାଳନ, ସ୍ଥାନ: ମହାବିଦ୍ୟାଳୟ ପରିସର, ନୟାସଡ଼କ, ସମୟ: ପୂର୍ବାହ୍ନ ୧୧ଟା ୪୫।
- ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ୪ର୍ଥ ଦିବସ, ସ୍ଥାନ: ବାରବାଟୀ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।
- ଅଧିବକ୍ତା ପରିଷଦ ଓଡ଼ିଶା ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା।
- ଧନେଶ୍ୱର ରଥ ସ୍ମୃତି ସଂସଦ ଆନୁକୂଲ୍ୟରେ ଶିକ୍ଷାବିତ୍ ଧନେଶ୍ୱର ରଥଙ୍କ ସ୍ମୃତି ସମାରୋହ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ସନ୍ଧ୍ୟା ୬ଟା।

## ପୁରୀ
- ସ୍ପନ୍ଦନ ପକ୍ଷରୁ ବେଳାଭୂମି ସଫେଇ, ସ୍ଥାନ: ବୋଦ୍ଧୁଲୁ ବରଫ ପେଣ୍ଟକଟା, ସମୟ: ସକାଳ ୬ଟା ୩୦।
- ବେଳାଭୂମି ସଫେଇ, ସ୍ଥାନ: ବ୍ଲୁ ଫ୍ଲାଗ୍ ବିଚ୍, ସମୟ: ସକାଳ ୭ଟା ୪୫।
- ଦି ବେଲ୍ ସଙ୍ଗଠନ ପକ୍ଷରୁ ସମୁଦ୍ର ସଫେଇ, ସ୍ଥାନ: ପୁରୀ ବେଳାଭୂମି, ସମୟ: ସକାଳ ୮ଟା।

- ସଙ୍ଗଶ୍ରୀ ଫାଉଣ୍ଡେଶନ ପକ୍ଷରୁ ଶୃଙ୍ଖଳା ରାଲି, ସ୍ଥାନ: ସମୁଦ୍ରକୂଳ ଥାନାଠାରୁ ଏସ୍‌ପି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଏକ ପେଡ୍ ମା' କେ ନାମ୍, ସ୍ଥାନ: ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଶରତ ରାଉତରାୟଙ୍କ ୧୦୨ତମ ଜୟନ୍ତୀ ଉତ୍ସବ, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ରାଷ୍ଟ୍ରୀୟ ହିନ୍ଦୀ ଦିବସ ସମାରୋହ, ସ୍ଥାନ: ମିଶନ ଗାର୍ଲସ ହାଇସ୍କୁଲ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା

## ଭଦ୍ରକ
- ସ୍ୱଚ୍ଛତା ଅଭିଯାନ, ସ୍ଥାନ: ଗଣିଜାଙ୍ଗ, ବନ୍ତ, ସମୟ: ସକାଳ ୮ଟା।
- ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃରାଷ୍ଟ୍ରୀୟ ତଟ ସୁରକ୍ଷା ଦିବସ ପାଳନ, ସ୍ଥାନ: ଚୂଡ଼ାମଣି, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ଶନିଙ୍କ ମନ୍ଦିରରେ ଭକ୍ତଙ୍କ ମାନସିକ ମେଳା ଏବଂ ପୂଜା, ସ୍ଥାନ : ମୋଟରାଗଡିଆ, ହାଟଡ଼ିହୀ, ସମୟ : ସକାଳ ୭ ଟା ଏବଂ ସନ୍ଧ୍ୟା ୬ଟା।
- ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା, ସ୍ଥାନ: ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ, ସମୟ: ସକାଳ ୯ଟା।
- ସ୍ୱଚ୍ଛତା ସମ୍ପର୍କିତ ଏକ ଦିବସୀୟ ତାଲିମ ଶିବିର, ସ୍ଥାନ : ହାଟଡ଼ିହୀ ବ୍ଲକ୍, ସମୟ : ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ
- ଜିଲାସ୍ତରୀୟ ଯୋଗ ପ୍ରତିଯୋଗିତା କାର୍ଯ୍ୟକ୍ରମ,ସ୍ଥାନ:ପୂର୍ଣ୍ଣଚନ୍ଦ୍ରପୁର ଉପ୍ରା ବିଦ୍ୟାଳୟ,ବାରିପଦା,ସମୟ:ପୂର୍ବାହ୍ନ ୧୦ଟା।
- ହ୍ୟାଣ୍ଡଲୁମ୍ ପ୍ରଦର୍ଶନ ମେଳା,ସ୍ଥାନ: ଛଉ ପଡ଼ିଆ ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ଅନ୍ତର୍ଜାତୀୟ ସମୁଦ୍ରତଟ ସଫେଇ ଦିବସ, ସ୍ଥାନ: ଗୋପାଳପୁର ବେଳାଭୂମି,ସମୟ: ସକାଳ ୮ଟା।

## ଗଞ୍ଜାମ
- ମହିଳା ପୋଲିସ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ସ୍ଥାନ: ଛତ୍ରପୁରସ୍ଥିତ ପୁରୁଣା ଏସ୍‌ପି ଅଫିସ,ସମୟ : ସକାଳ ୮ଟା।
- ଅନ୍ତର୍ଜାତୀୟ କୋଷ୍ଟାଲ ସଫେଇ ଦିବସ, ସ୍ଥାନ: ଛତ୍ରପୁର ଋଷିକୂଲ୍ୟା ମୁହାଣ, ସମୟ: ସକାଳ ୯ଟା।

## କନ୍ଧମାଳ
- ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ।

## ଢେଙ୍କାନାଳ
- ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ, ସ୍ଥାନ: ସଦଭାବନା ହଲ, ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## ଜଗତ୍‌ସିଂହପୁର
- ଆନ୍ତର୍ଜାତିକ କୋଷ୍ଟାଲ କ୍ଲିନ ଅପ୍ ଡେ ଉପଲକ୍ଷେ ପାରାଦୀପ ପୌରପରିଷଦ ପକ୍ଷରୁ ବେଳାଭୂମି ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ବତୀଘର ପାଖ ବେଳାଭୂମି, ପାରାଦୀପ, ସମୟ: ସକାଳ ୬ଟା।

## କେନ୍ଦ୍ରାପଡ଼ା
- ବିକଶିତ ଭାରତ ୨୦୪୭ ଶୀର୍ଷକରେ ଜିଲା ପ୍ରଶାସନ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ:କେନ୍ଦ୍ରାପଡା ଟାଉନ ହାଇସ୍କୁଲ, ସମୟ:ସକାଳ ୯ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ନିକିରାଇ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା।

## ଯାଜପୁର
- ଏକଦିବସୀୟ ଚିତ୍ରକଳା ପ୍ରତିଯୋଗିତା ଓ ପ୍ରଦର୍ଶନୀ, ସ୍ଥାନ: ଯାଜପୁର ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ, ସମୟ : ପୂର୍ବାହ୍ନ ୯ଟା।

## ନୟାଗଡ଼
- ନାରାୟଣୀଙ୍କ ଷୋଡଶ ପୂଜାର ସପ୍ତମ ଦିବସ, ସ୍ଥାନ:ଭାପୁର ବ୍ଲକ ପଥରଚକଡା ପୀଠ, ସମୟ: ସକାଳ ୮ଟା।
- ସତ୍ୟ ସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ଦଶପଲ୍ଲା ବ୍ଲକ ମଧ୍ୟଖଣ୍ଡ ସହ ଆଖପାଖ ଗାଁ, ସମୟ: ସକାଳ ୮ଟା ରୁ ରାତି ୯ଟା ୩୦।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଚାରାରୋପଣ, ସ୍ଥାନ:ଇଟାମାଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଜବରଦଖଲ ଉଚ୍ଛେଦକୁ ନେଇ ସର୍ଭେ, ସ୍ଥାନ:ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟର ଡାଇମଣ୍ଡ ଜୁବୁଲି ହଲ, ସମୟ: ପୂର୍ବାହ୍ନ ୧୦ଟା।
- ସେବା ପକ୍ଷର ଏକ ଦିବସୀୟ କର୍ମଶାଳା ସହ ପେଣ୍ଟିଂ ପ୍ରତିଯୋଗିତା, ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଭଲ ବିଦ୍ୟାର୍ଥୀ କିପରି ହେବା କାର୍ଯ୍ୟକ୍ରମ, ସ୍ଥାନ: କଣ୍ଟିଲୋ ନୀଳମାଧବ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବିମଳାଙ୍କ ଷୋଡଶ ପୂଜାର ସପ୍ତମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା ।

## ନବରଙ୍ଗପୁର
- ଜୋନାଲସ୍ତରୀୟ କ୍ରୀଡା ପ୍ରତିଯୋଗିତା, ସ୍ଥାନ: ପାପଡ଼ାହାଣ୍ଡି, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଚିତ୍ରାଙ୍କନ କର୍ମଶାଳା, ସ୍ଥାନ: ଆରସିଡି ହାଇସ୍କୁଲ, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା ।

## କୋରାପୁଟ
- ଜାତୀୟ ଆଲୋଚନା ଚକ୍ର, ସ୍ଥାନ: ବିକ୍ରମଦେବ ବିଶ୍ୱବିଦ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନରେ ସ୍ୱାସ୍ଥ୍ୟ ମେଳା, ସ୍ଥାନ: ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି
- ଭାଜପାର ରକ୍ତଦାନ ଶିବିର, ସ୍ଥାନ: କାଲିମେଳା ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ଜିଲା ପ୍ରଶାସନ ଆୟୋଜନରେ ଜିଲାସ୍ତରୀୟ ଚିତ୍ରକଳା କର୍ମଶାଳା ଓ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ବଡବଜାର ସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ସମୟ: ସକାଳ ୯ଟା।
- ସମ୍ବଲପୁରୀ ଭାଷାରେ ରାବଣ ବଧ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସକାଳ ୯ଟା।
- ସାମ୍ବିଧାନିକ ଅବିଚାର ମଞ୍ଚ ପକ୍ଷରୁ ଅସ୍ପୃଶ୍ୟତା ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୪ଟା।

## ବଲାଙ୍ଗୀର
- ସର୍ବଭାରତୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ, ତୁଳସୀନଗର, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା
- ବିଶ୍ୱକର୍ମା ପୂଜା ଉପଲକ୍ଷେ ଅର୍କେଷ୍ଟ୍ରା, ସ୍ଥାନ:ରାଜମିସ୍ତ୍ରୀ ନିର୍ମାଣ ଶ୍ରମିକ ସଂଘ, ଠିକାଦାରପଡା ସମୟ: ସନ୍ଧ୍ୟା ୭ଟା

## ରାଉରକେଲା
- କ୍ଷେତ୍ରୀୟ ବନ ବିଭାଗୀୟ କ୍ରୀଡ଼ା ସମ୍ମିଳନୀ, ସ୍ଥାନ: ଆଥ୍‌ଲେଟିକ୍ ଷ୍ଟାଡିୟମ, ବିଶ୍ରା, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା କଲେଜରେ ସାହିତ୍ୟ ଆଲୋଚନା, ସ୍ଥାନ: ସେକ୍ଟର–୪, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଚଲୋ ଜିତେ ହେଁ ଚଳଚ୍ଚିତ୍ର ପ୍ରଦର୍ଶନ, ସ୍ଥାନ: ପ୍ଲୁଟୋନ ମଲ୍, ସମୟ: ଅପରାହ୍ନ ୩ଟା।
- କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

## ସୁନ୍ଦରଗଡ଼
- ସ୍ୱଚ୍ଛ ସାଥୀ ଓ ପଞ୍ଚାୟତସ୍ତରୀୟ ଜନପ୍ରତିନିଧିଙ୍କୁ ନେଇ ସ୍ୱଚ୍ଛତା ହିଁ ସେବା ଓ ଶ୍ରମଦାନ ତାଲିମ ଶିବିର,ସ୍ଥାନ:କୁଆଁରମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷ,ସମୟ: ସକାଳ ୧୦ଟା।
- ସ୍ୱଚ୍ଛସାଥିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର,ସ୍ଥାନ:କୁଆଁରମୁଣ୍ଡା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ: ଅପରାହ୍ନ ୨ଟା।
- ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହ ହକି ଓ ତୀରନ୍ଦାଜ ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବ,ସ୍ଥାନ: ଭବାନୀପୁର ଖେଳପଡିଆ,ସୁନ୍ଦରଗଡ, ସମୟ: ଅପରାହ୍ନ ୩ଟା।

## ବରଗଡ଼
- ସେବା ପକ୍ଷ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଜିଲା ସଂସ୍କୃତି ଭବନ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଶିକ୍ଷଣ ଶିବିର 'ସମ୍ଭବ'ର ଉଦ୍‌ଯାପନୀ ସମାରୋହ, ସ୍ଥାନ: ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବରଗଡ଼, ସମୟ: ଅପରାହ୍ନ ୨ଟା।
- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ: ଅପରାହ୍ନ ୨ଟା।

## କଳାହାଣ୍ଡି
- ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସଂଘ ପକ୍ଷରୁ ଜିଲା ଶିକ୍ଷାଅଧିକାରୀଙ୍କୁ ଦାବିପତ୍ର, ସ୍ଥାନ: ଭବାନୀପାଟଣା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ନୂଆଖାଇ ଭେଟ୍‌ଘାଟ୍, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ସଦର ସାଧାରଣ ପରେଡ଼ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ସଦର ସ୍ଥିତ ଯୁକ୍ତ ୨ ମହାବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।
- ଜୋନାଲ ଫରେଷ୍ଟ ସ୍ପୋର୍ଟ୍ସ ମିଟ୍ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ପୋଲିସ ରିଜର୍ଭ ପଡିଆ, ସମୟ: ଅପରାହ୍ନ ୫ଟା।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୁରେଶ୍ୱରୀଙ୍କ ପୀଠରେ ଚଣ୍ଡୀଯଜ୍ଞ ପାଇଁ ଅଷ୍ଟଶମ୍ଭୁ, ଅଷ୍ଟଚଣ୍ଡୀ, ଅଷ୍ଟ ହନୁମାନ ଓ ଅଷ୍ଟବିଷ୍ଣୁଙ୍କୁ ନିମନ୍ତ୍ରଣ କାର୍ଯ୍ୟକ୍ରମ, ସ୍ଥାନ: ସୁରେଶ୍ୱରୀଙ୍କ ମନ୍ଦିର ସମ୍ମୁଖ, ସମୟ: ସକାଳ ୮ଟା।
- ନବାହ୍ନ ପାରାୟଣର ତୃତୀୟ ଦିବସ, ସ୍ଥାନ: କର୍ଡାପାଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ରାଜ୍ୟସ୍ତରୀୟ ମାନିକପୁରୀ (ପେନିକା) ସମାଜ ଟଣିଆ ବଂଶର ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଳିମୁଣ୍ଡି ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- କୁଲ୍ତା ସମାଜର ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ସିଲେଟପାଣି ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଆଞ୍ଜେଲିନା ଏଣ୍ଟରପ୍ରାଇଜେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଏଣ୍ଟରପ୍ରାଇଜେସ କାର୍ଯ୍ୟାଳୟ ତେଲିପଡା ଛକ ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା ୩୦।

# ପ୍ରଥମ ପୃଷ୍ଠାରୁ...

## ୪,୭୩୯ କୋଟିର ...

ସେହିପରି ବସ୍ତ୍ର, ପୋଷାକ ଓ ପ୍ରାଯୁକ୍ତିକ ବସ୍ତ୍ର କ୍ଷେତ୍ରରେ କଲରଟୋନ୍ ଟେକ୍ସଟାଇଲ୍ସ ପ୍ରା.ଲି. ଖୋର୍ଦ୍ଧାରେ ୭୦୦.୨୯ କୋଟି ଟଙ୍କା ନିବେଶ କରି ସମନ୍ୱିତ ବସ୍ତ୍ର କେନ୍ଦ୍ର ସୁବିଧା ସ୍ଥାପନ କରିବ ; ଯଦ୍ୱାରା ୧,୦୧୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଟେକ୍ନୋ ଆକ୍ଟିଭ ୱେୟାର୍ ପ୍ରା.ଲି. କଟକରେ କ୍ରୀଡ଼ା ପୋଷାକ ଫେବ୍ରିକ୍ ଓ ପୋଷାକ ୟୁନିଟ୍ ପାଇଁ ୧୦୦ କୋଟି ଟଙ୍କା ନିବେଶ କରିବ ଏବଂ ଏଥିରେ ୨,୫୦୦ଜଣଙ୍କୁ ନିଯୁକ୍ତି ମିଳିବ। ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲି. କେନ୍ଦୁଝର ଓ ସମ୍ବଲପୁରରେ ପୋଷାକ ୟୁନିଟ୍ ପାଇଁ ପ୍ରତ୍ୟେକରେ ୧୦୦ କୋଟି ଟଙ୍କା ନିବେଶ କରିବା ସହ ପ୍ରତ୍ୟେକରେ ୧,୨୦୦ କରି ମୋଟ ୨,୪୦୦ ନିଯୁକ୍ତି ସୃଷ୍ଟି କରିବ। ଏସ୍.ସି.ଏମ୍. ଗାର୍ମେଣ୍ଟ୍ସ ପ୍ରା.ଲି. କଟକରେ ଏକ ବୃହତ୍ ବୁଣା ପୋଷାକ ୟୁନିଟ୍ ପାଇଁ ୧୫୦ କୋଟି ଟଙ୍କା ନିବେଶ କରି ୪,୦୦୦ନିଯୁକ୍ତି ସୃଷ୍ଟି କରିବ। କାର୍ଲୁ ଟେକ୍ସ ପ୍ରା.ଲି. କଟକରେ ରେଡିମେଡ୍ ପୋଷାକ ୟୁନିଟ୍ ସ୍ଥାପନ ପାଇଁ ୬୦ କୋଟି ଟଙ୍କା ନିବେଶ କରିବ ଏବଂ ଏହାଦ୍ୱାରା ୨,୫୦୦ନିଯୁକ୍ତି ସୃଷ୍ଟି ହେବ। ପର୍ଫେକ୍ଟ ଇନ୍‌ଫ୍ରା ଭିଜନ୍ ପ୍ରା.ଲି. ବଲାଙ୍ଗୀରରେ ବସ୍ତ୍ର ଓ ଆନୁଷଙ୍ଗିକ ଉତ୍ପାଦ ୟୁନିଟ୍ ପାଇଁ ୧୧୦.୭୦ କୋଟି ଟଙ୍କା ବିନିଯୋଗ କରି ୧,୦୫୦ ନିଯୁକ୍ତି ସୃଷ୍ଟି କରିବାର ଲକ୍ଷ୍ୟ ରଖିଛି। ୱାଭିନୋଭା ପ୍ରା.ଲି. କଟକରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୫୭.୫୩ କୋଟି ଟଙ୍କା ବିନିଯୋଗ କରିବାକୁ ଲକ୍ଷ୍ୟ ରଖିଥିବାବେଳେ ଏଥିରେ ୨୧୦ ଜଣ ନିଯୁକ୍ତି ପାଇପାରିବେ। ପିଉ ଫ୍ୟାଶନ ପ୍ରା.ଲି. ଖୋର୍ଦ୍ଧାରେ ପୋଷାକ ୟୁନିଟ୍ ପାଇଁ ୯୬.୯୯ କୋଟି ଟଙ୍କା ନିବେଶ କରି ୩,୭୦୦ଟି ନିଯୁକ୍ତି ଏବଂ ଅଦିତି ଲାଇଫ ଟାଇଲ୍ ପ୍ରା.ଲି. ଖୋର୍ଦ୍ଧାରେ ବୁଣା ବସ୍ତ୍ର ଓ ପୋଷାକ ୟୁନିଟ୍ ପାଇଁ ୨୦୯.୩୬ କୋଟି ଟଙ୍କା ନିବେଶ କରି ୧,୦୮୦ ନିଯୁକ୍ତି ଦେବାକୁ ଲକ୍ଷ୍ୟ ରଖିଛନ୍ତି। ସେହିପରି ପର୍ଯ୍ୟଟନ କ୍ଷେତ୍ରରେ ଏସ୍‌ୱାଇସିଇ ଇଣ୍ଡିଆ (ଓପିସି) ପ୍ରା.ଲି. ସମ୍ବଲପୁରରେ ୫–ତାରକା ବିଶିଷ୍ଟ ଆଡ଼ମ୍ବରପୂର୍ଣ୍ଣ ରିସୋର୍ଟ ପାଇଁ ୧୦୭.୪୨ କୋଟି ଟଙ୍କା ନିବେଶ କରିବ ଏବଂ ଏଥିରେ ୧୫୦ ନିଯୁକ୍ତି ଦେବାକୁ ରହିଥିବାବେଳେ ଯାନ୍ତ୍ରିକ ଓ ବୈଦ୍ୟୁତିକ ଉପକରଣ ଦ୍ରବ୍ୟ ଉତ୍ପାଦନ କ୍ଷେତ୍ରରେ ରାହୀ ଟ୍ରାକ୍ ଟେକ୍ନୋଲୋଜିଜ୍ ପ୍ରା.ଲି. ଖୋର୍ଦ୍ଧାରେ ଭାରି ଇସ୍ପାତ କାଷ୍ଟିଂ ବ୍ୟବସ୍ଥା ପାଇଁ ୧୪୦ କୋଟି ଟଙ୍କା ବିନିଯୋଗ କରିବ ଓ ୧୫୦ ଜଣଙ୍କୁ ନିଯୁକ୍ତି ଦେବ।

ସେହିପରି ଇସ୍ପାତ କ୍ଷେତ୍ରରେ କୋଣାର୍କ ଇସ୍ପାତ ଲି. ଝାରସୁଗୁଡ଼ାରେ ରୋଲିଂ ମିଲ୍, ପେଲେଟ୍ ପ୍ଲାଣ୍ଟ, ଡି.ଆର୍.ଆଇ., ବିଲେଟ୍ ପ୍ଲାଣ୍ଟ ଓ ସି.ପି.ପି. ସହିତ କାରଖାନା ବିସ୍ତାର ପାଇଁ ୯୯୦ କୋଟି ଟଙ୍କା ନିବେଶ କରି ୨,୦୦୦ଙ୍କୁ ନିଯୁକ୍ତି ଦେବାକୁ ରହିଥିବାବେଳେ ଧାତୁ ଆନୁଷଙ୍ଗିକ କ୍ଷେତ୍ରରେ ମାସ୍କଟ୍ ଇଲେକ୍ଟ୍ରୋମେକ୍ ପ୍ରା.ଲି. ମୟୂରଭଞ୍ଜରେ ୯୭.୭୬ କୋଟି ଟଙ୍କା ବିନିଯୋଗ କରି ୩୫୦ ନିଯୁକ୍ତି ସୃଷ୍ଟି କରିବ । ପୁନଃ ଚକ୍ରଣ ଅର୍ଥନୀତି(ସର୍କୁଲାର ଇକୋନୋମି) କ୍ଷେତ୍ରରେ ବିଇଆଇଏଲ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ଲି. ଗଞ୍ଜାମରେ ଚିକିତ୍ସା, ସଂରକ୍ଷଣ ଓ ବର୍ଜ୍ୟ ଅପସାରଣ ସୁବିଧା ପାଇଁ ୨୦୦ କେଏଲ୍‌ଡି ଇଟିପି ପାଇଁ ୩୨୦.୭୦ କୋଟି ଟଙ୍କା ବିନିଯୋଗ କରିବ ଏବଂ ଏହାଦ୍ୱାରା ୧୪୫ ନିଯୁକ୍ତି ସୃଷ୍ଟି ହେବ । ପରିବହନ ଓ ସଞ୍ଚୟ କ୍ଷେତ୍ରରେ ସାଇଜାର୍ ଇଣ୍ଟରପ୍ରାଇଜ୍ ପ୍ରା.ଲି. ଅନୁଗୋଳରେ ଗୋଦାମ ଓ ଲଜିଷ୍ଟିକ୍ସ ପାର୍କ ପାଇଁ ୧୨୭.୮୬ କୋଟି ଟଙ୍କା ନିବେଶ କରି ୩୧୦ ନିଯୁକ୍ତି ସୃଷ୍ଟି କରିବ। ବିଦ୍ୟୁତ୍ ଓ ନବୀକରଣ ଯୋଗ୍ୟ ଉର୍ଜା କ୍ଷେତ୍ରରେ ପ୍ରୋଜିଲ୍ ଗ୍ରୀନ୍ ଏନର୍ଜି ଲି. ସୁବର୍ଣ୍ଣପୁରରେ ୬୯.୫ ମେଗାୱାଟ୍ ସୌର ପାର୍କ ପାଇଁ ୧୪୦ କୋଟି ଟଙ୍କା ବିନିଯୋଗ କରି ୩୬୦ ନିଯୁକ୍ତି ସୃଷ୍ଟି, ଶୀତଳ ଭଣ୍ଡାର ଓ କୋଲ୍ଡ ଚେନ୍ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ପିପିଡି ଇସ୍ପାତ ପ୍ରା.ଲି. ଗଜପତିରେ ୨୦,୦୦୦ ମେଟ୍ରିକ୍ ଟନ ବିଶିଷ୍ଟ ଶୀତଳ ଭଣ୍ଡାର ୟୁନିଟ୍ ପାଇଁ ୫୧ କୋଟି ଟଙ୍କା ବିନିଯୋଗ ସହ ୧୨୦ଟି ନିଯୁକ୍ତି ସୃଷ୍ଟି, ରସାୟନ କ୍ଷେତ୍ରରେ ସିରିଅସ୍ ସ୍ପେଶିଆଲ୍ଟି କେମିକାଲ୍ସ ପ୍ରା.ଲି. ଦ୍ୱାରା ଯାଜପୁରରେ କାର୍ବନ୍ ଇଲେକ୍ଟ୍ରୋଡ୍ ପେଷ୍ଟ ଉତ୍ପାଦନ କାରଖାନା ପାଇଁ ୨୦୫.୪୪ କୋଟି ଟଙ୍କା ନିବେଶ ଫଳରେ ୬୦୦ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ ରଖିଛି।

## ୨ ପୁଅଙ୍କୁ ବିଷ ...

କାଳୀଚରଣ ପ୍ରଧାନଙ୍କ ମାନସିକ ଅବସ୍ଥା ଠିକ୍ ନ ଥିଲା। ଏଥିପାଇଁ ସେ ଚିକିତ୍ସିତ ମଧ୍ୟ ହେଉଥିଲେ। ଗାଁରେ ତାଙ୍କର ଏକ ଡେଜରାତି ଦୋକାନ ରହିଛି। ଅନେକ ସମୟରେ ସେ ସ୍ତ୍ରୀଙ୍କ ସହ ଝଗଡ଼ା କରୁଥିଲେ। ଗୁରୁବାର ରାତିରେ କଳହ ସହ ମାରପିଟ କରିଥିଲେ। ଶୁକ୍ରବାର ସକାଳେ ମାରପିଟ କରିବାରୁ ସ୍ତ୍ରୀ ଘର ଛାଡ଼ି କେଉଁଆଡ଼େ ଚାଲି ଯାଇଥିଲେ। ଏହାପରେ ୮ମ ଶ୍ରେଣୀରେ ପଢୁଥିବା ବଡ଼ପୁଅ ଓ ୨ୟ ଶ୍ରେଣୀରେ ପଢୁଥିବା ସାନପୁଅକୁ ସ୍କୁଲ ନେବାକୁ କହି କାଳୀଚରଣ ବାଇକ୍‌ରେ ବସାଇଥିଲେ। ହେଲେ ଗାଁଠାରୁ ପ୍ରାୟ ୨୫ କି.ମି. ଦୂର ନୂଆକ୍ଷେତା ଅଞ୍ଚଳକୁ ନେଇ ବିଷ ପିଆଇ ଦେଇଥିଲେ। ୨ ନାବାଳକଙ୍କ ଚିତ୍କାର ଶୁଣି ନୂଆକ୍ଷେତା ଗାଁର କେତେଜଣ ଯୁବକ ପହଞ୍ଚି ଦୁହିଁଙ୍କୁ ଉଦ୍ଧାର କରି ପ୍ରଥମେ ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରୁ ଡାକ୍ତର ଉଭୟଙ୍କୁ କଟକ ସ୍ଥାନାନ୍ତର କରିଥିଲେ। ଅନ୍ୟପକ୍ଷରେ ବିଷ ପିଆଇଥିବା କାଳୀଚରଣଙ୍କୁ ସ୍ଥାନୀୟ ଲୋକେ ଅଟକ ରଖି ବନ୍ତଲା ପୋଲିସକୁ ଖବର ଦେଇଥିଲେ। ବନ୍ତଲା ପୋଲିସ ନୂଆକ୍ଷେତାରେ ପହଞ୍ଚି କାଳୀଚରଣଙ୍କୁ ଗାଡ଼ିରେ ଥାନାକୁ ନେଉଥିବା ବେଳେ ସେ ଗାଡ଼ିର ଡୋର, କାଚ ଆଦି ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ଏଥିସହ ଏଏସ୍‌ଆଇ ନୀଳାଞ୍ଚଳ ବିଶ୍ୱାଳଙ୍କୁ କାମୁଡ଼ି ଦେଇଥିଲେ। ଅନ୍ୟ ୨ ପୋଲିସ କର୍ମଚାରୀଙ୍କୁ ଖଣ୍ଡିଆ ଖାବରା କରିଦେଇଥିଲେ। ଥାନାରେ ପହଞ୍ଚି ସେ ଉତ୍ପାତ କରିବା ସହ ଅଚେତ ହୋଇଯାଇଥିଲେ। ପରେ ପୋଲିସ ତାଙ୍କୁ ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। କାଳୀଚରଣଙ୍କ ପରିବାର ପକ୍ଷରୁ ଜରପଡ଼ା ଥାନାରେ ଏତଲା ଦିଆଯିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। କାଳୀଚରଣଙ୍କ ଚିକିତ୍ସା କରୁଥିବା ଡାକ୍ତର ସ୍ନିଗ୍ଧା ସାହୁ କହିଛନ୍ତି, ଅଭିଯୁକ୍ତ ସୁସ୍ଥ ଅଛନ୍ତି। ଅତ୍ୟଧିକ ମଦ୍ୟପାନ କରିଥିବା ଜଣାପଡିଛି। ସେ ଜଣେ ବିକୃତ ମାନସିକଧାରୀ ବ୍ୟକ୍ତି ହୋଇଥାଇପାରନ୍ତି।

## 'ୟା ଅଲି' ଗାୟକ...

ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସିଙ୍ଗାପୁର ନର୍ଥ ଇଷ୍ଟ ଫେଷ୍ଟିଭାଲରେ ସଙ୍ଗୀତ ପ୍ରଦର୍ଶନ କରିବା ପାଇଁ ସେ ସେଠାକୁ ଯାଇଥିଲେ। ୧୯୭୨ ନଭେମ୍ବର ୧୮ରେ ଆସାମର ଜୋରହାଟରେ ଜୁବୀନ ଜନ୍ମ ହୋଇଥିଲେ। ଅହମିୟା, ବଙ୍ଗାଳୀ, ହିନ୍ଦୀ ସମେତ ୩୦ରୁ ଅଧିକ ଭାଷାରେ ଗୀତ ଗାଇ ସେ ଲୋକଙ୍କ ହୃଦୟ ଜିତି ପାରିଥିଲେ। ଆସାମର ରକ୍‌ଷ୍ଟାର ଭାବେ ସେ ପରିଚିତ ଥିଲେ। ୨୦୦୬ରେ ଜୁବୀନ ବଲିଉଡ୍ ଇଣ୍ଡଷ୍ଟ୍ରିରେ ନିଜ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ। ଅଭିନେତା ଇମ୍ରାନ୍ ହାସମୀଙ୍କ 'ଗ୍ୟାଙ୍ଗଷ୍ଟର' ଫିଲ୍ମର 'ୟା ଅଲି' ଗୀତ ତାଙ୍କ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା। ଯୁବପିଢ଼ିଙ୍କ ମଧ୍ୟରେ ଏହି ଗୀତ ବେଶ୍ ଲୋକପ୍ରିୟ ହୋଇଥିଲା ଏବଂ ସାରା ଦେଶରେ ଜୁବୀନ ପ୍ରସିଦ୍ଧି ପାଇଥିଲେ। ଏହାପରେ ମଧ୍ୟ ସେ ଅନେକ ବଲିଉଡ୍ ଫିଲ୍ମର ଗୀତ ଗାଇଛନ୍ତି। ଜୁବୀନଙ୍କ ଅକାଳ ମୃତ୍ୟୁରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଶୋକ ପ୍ରକଟ କରିଛନ୍ତି।

## ଗୁପ୍‌ଚୁପ୍ ପାଇଁ ...

ଯାଇଥିଲା। ତେବେ ଘଟଣାକୁ ନେଇ ଗୁପ୍‌ଚୁପ୍ ବିକାଳି କହିଛନ୍ତି, ତାଙ୍କ ବିରୋଧରେ ମହିଳା ଜଣକ ମିଥ୍ୟା ଅଭିଯୋଗ ଆଣିଛନ୍ତି। ସେ ତାଙ୍କୁ ଅତିରିକ୍ତ ଗୁପ୍‌ଚୁପ୍ ଖୁଆଇଥିଲେ। ଅନେକ ବର୍ଷ ହେବ ଠେଲା ଗାଡ଼ିରେ ଗୁପ୍‌ଚୁପ୍ ବିକୁଥିଲେ ମଧ୍ୟ ଏପରି ଅନୁଭବ ତାଙ୍କୁ ପ୍ରଥମ ଥର ପାଇଁ ହୋଇଥିବା ସେ କହିଛନ୍ତି।

## ଦୋମୁହାଁ ଖେଳରେ ...

ଘେରିବା ପରିବର୍ତ୍ତେ କଂଗ୍ରେସଠାରୁ ଶକ୍ତିଶାଳୀ ବୋଲି ପ୍ରମାଣ କରିବାକୁ ପ୍ରତିଯୋଗିତା ଆରମ୍ଭ କରିଦେଇଛି। ବିଜେଡି ହୋହଲ୍ଲାକରି ଗୃହ ଚଲାଇ ଦେବନାହିଁ ବୋଲି ଯେଉଁ ଯୋଜନା କରିଛି, ଏଥିରେ ସରକାରୀ ଦଳକୁ ଲାଭ ମିଳିଛି। କାରଣ ବିରୋଧୀଙ୍କ ମଧ୍ୟରେ ଏହି ପ୍ରତିଯୋଗିତା ଜାରି ରହିଲେ ରାଜ୍ୟର ଯେଉଁ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି, ତାହା ଉପରେ ଚର୍ଚ୍ଚା କି ଆଲୋଚନା ହୋଇପାରିବ ନାହିଁ। ପରବର୍ତ୍ତୀ ସମୟରେ ଏଥିରୁ ସରା ରାଜ୍ୟକୁ ବାର୍ତ୍ତା ଯିବ– ବିରୋଧୀ ଗୃହ ଚଲାଇ ଦେଲେନାହିଁ। ଏହା ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ସରକାରଙ୍କୁ ସାହାଯ୍ୟ କରୁଛି ବୋଲି ରାଜନୈତିକ ମହଲରେ ଆଲୋଚନା ଆରମ୍ଭ ହୋଇଗଲାଣି। ଅନ୍ୟପଟେ ବିଜେଡିର କେତେଜଣ ବରିଷ୍ଠ ବିଧାୟକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଉପରୁ ଯାହା ଚୂଡ଼ାନ୍ତ ହୋଇସାରିଛି ତାହାକୁ ଦଳ ବିଧାନସଭାରେ ଲାଗୁକରୁଛି। ରାଜ୍ୟରେ କଂଗ୍ରେସ ଯେଉଁଭଳି ରାଜନୈତିକ କାର୍ଯ୍ୟକ୍ରମ ଆରମ୍ଭ କରିଛି, ସେଥିରେ ଯଦି ବିଜେଡି ସାମିଲ ହୁଏ ତେବେ ଏହା ସରକାରଙ୍କ ପାଇଁ ଏକ ପ୍ରକାର ଅଡୁଆ ପରିସ୍ଥିତି ସୃଷ୍ଟି କରିବ। ତେଣୁ କଂଗ୍ରେସ ଉଠାଉଥିବା ପ୍ରସଙ୍ଗକୁ ସମର୍ଥନ ନ ଦେଇ ବିଜେଡି ନିଜ ବାଟରେ ଚାଲିବା ଦ୍ୱାରା ବିରୋଧୀ ଦଳଗୁଡ଼ିକରେ ପ୍ରତିଯୋଗିତା ଭିତରେ ଏହି ସ୍ୱଳ୍ପଦିନିଆ ମୌସୁମୀ ଅଧିବେଶନ ଶେଷ ହୋଇଯିବ। ଉପରାଷ୍ଟ୍ରପତି ନିର୍ବାଚନ ସମୟରେ ବିଜେଡି ଯେଭଳି ଭୋଟ ଦେବାରୁ ବିରତି ରହି ପରୋକ୍ଷରେ ଭାଜପାକୁ ସମର୍ଥନଦେଲା ବୋଲି ଚର୍ଚ୍ଚା ହେଲା, ତାହା ରାଜ୍ୟରେ ମଧ୍ୟ ସମାନ ଆଭିମୁଖ୍ୟ ଆପଣାଇଛି। ତେଣୁ ବିଜେଡିର ଏଭଳି ଦୋମୁହାଁ ଖେଳ କିଛି ନୂଆ ନୁହେଁ ବୋଲି ଆଲୋଚନା ହେଉଛି। ଅନ୍ୟପଟେ ଭାଜପା ସଦସ୍ୟ ପଦ୍ମଲୋଚନ ପଣ୍ଡା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବିଧାୟକ ତାରାପ୍ରସାଦ ବାହିନୀପତି, ସି.ଏସ. ରାଜନ ଏକ୍କା, ସୋଫିଆ ଫିର୍ଦୋସ ଏବଂ ଅଶୋକ ଦାସଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଲାଗି ନୋଟିସ ଆଣିଛନ୍ତି। ଅନାସ୍ଥା ଆଣିବା ପୂର୍ବରୁ କଂଗ୍ରେସ ସଦସ୍ୟମାନେ ଏହି ପ୍ରସଙ୍ଗରେ ଗଣମାଧ୍ୟମରେ ଆଲୋଚନା କରିଥିବାରୁ ଏଭଳି ସ୍ୱାଧିକାର ଭଙ୍ଗ ନୋଟିସ ଦିଆଯାଇଥିବା ପଦ୍ମଲୋଚନ ପଣ୍ଡା କହିଛନ୍ତି। ଏହାକୁ ତର୍ଜମାକରି ଗୃହକୁ ଜଣାଇବେ ବୋଲି ବାଚସ୍ପତି ସୂଚନା ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ରବିଙ୍କ ଦୁର୍ବଳତା କାରଣରୁ ପିଲାଙ୍କ ଶିକ୍ଷା ସମ୍ପର୍କୀୟ ସମସ୍ୟା, ଅମୀମାଂସିତ ଆଲୋଚନା ଏବଂ ସମ୍ପର୍କହାନି ହେତୁ ଚିନ୍ତିତ ରହିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ଅଟକି ରହିଥିବା କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ବନ୍ଧୁଙ୍କ ଗହଣରେ ବିଳାସ ଓ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ।

**ବୃଷ** — ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷମୟ ସ୍ଥିତି ଲାଗି ରହିବା ସହ ନିଜ କାମକୁ ଅବହେଳା କରି ପସ୍ତେଇବେ। ଚତୁର୍ଥଭାବ ପାପଗ୍ରହାକ୍ରାନ୍ତ କାରଣରୁ ନିଜର ଚତୁଃପାର୍ଶ୍ୱରୁ ଚାପର ସମ୍ମୁଖୀନ ହେବେ। ଖର୍ଚ୍ଚ ବୃଦ୍ଧି ଯୋଗୁ ବ୍ୟସ୍ତତା ବଢ଼ିଯାଇପାରେ । ଆନୁଷ୍ଠାନିକ କାର୍ଯ୍ୟକ୍ରମରେ କ୍ରୀଡ଼ା ତଥା ନୃତ୍ୟସଙ୍ଗୀତ ଦ୍ୱାରା ବେଶ୍ ଆଦୃତ ହେବେ।

**ମିଥୁନ** — ଆଜିର ଗ୍ରହସ୍ଥିତି ପ୍ରଭାବରେ ନିର୍ଦ୍ଦିଷ୍ଟ ସମୟରେ କାମ ନ ହୋଇପାରିବାରୁ ବ୍ୟସ୍ତତା ବୃଦ୍ଧି ପାଇବ। ଋଣଭାରରେ ଅତିଷ୍ଠ ହେବା ସାଙ୍ଗକୁ କରଜଦାତାଙ୍କ ଚାପ ବୃଦ୍ଧି ଦୁଶ୍ଚିନ୍ତାର କାରଣ ହେବ। ସହକର୍ମୀଙ୍କ ପରାମର୍ଶରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ଦୂରଯାତ୍ରା ସହ ସବୁ କିଛିର ସମାଧାନ ଆପଣାଛାଏଁ ହୋଇଯିବ ।

**କର୍କଟ** — ଷଷ୍ଠାଧିପ ଷଷ୍ଠ ସ୍ଥାନକୁ ଦୃଷ୍ଟି ଦେଉଥିବା ଯୋଗୁ ପରୋକ୍ଷ ଶତ୍ରୁତା ହେତୁ କର୍ମକ୍ଷେତ୍ରରେ ସମାଲୋଚିତ ହେବେ। ଯାତ୍ରା ସମୟରେ ବିଭିନ୍ନ ସମସ୍ୟାକୁ ଡାକି ଆଣି ପାରନ୍ତି। ବନ୍ଧୁଙ୍କ ସହାୟତାରେ ପରିବହନ, ବ୍ୟବସାୟ କ୍ଷେତ୍ରରେ ଉଚ୍ଚଫଳ ପ୍ରାପ୍ତି ହେବ। ଘରର ବରାଦ ଜିନିଷ ଭୁଲିଯିବେ ଓ ପରିବାରରେ ଏଥିପାଇଁ ଝଗଡ଼ା ଲାଗିବାର ସୂଚନା ରହିଛି।

**ସିଂହ** — କର୍ମାଧିପତି ରାଶିରେ ଅବସ୍ଥାନ କରିଥିବାରୁ ନୂତନ କାମର ଯୋଜନା କରି ସଫଳତା ପାଇବେ। ବନ୍ଧୁଙ୍କ ସହ ଆଲୋଚନା,ଖେଳ,ମଉଜ ମଜଲିସ୍‌ରେ ସମୟ କଟାଇପାରନ୍ତି। ପରିବାରରେ ସବୁକଥାକୁ ସନ୍ଦେହ କଲେ କ୍ଷତିରେ ପଡ଼ିବେ। ସହକର୍ମୀଙ୍କ ଘରୋଇ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ସମସ୍ୟାର କାରଣ ହୋଇପାରେ।

**କନ୍ୟା** — ଗୁରୁକ୍ଷେତ୍ରସ୍ଥ ଶନିଙ୍କ ଯୋଗୁ ଏକ ଭିନ୍ନ ପରିସ୍ଥିତିରେ ବନ୍ଧୁଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠିତ ହେବା ସହ ଅର୍ଥ ସମ୍ପର୍କୀୟ ସମସ୍ୟା ସୁଧାରିନେବେ। ପାରିବାରିକ କ୍ଷେତ୍ରରେ ଅତୀତର ବିବାଦୀୟ ଘଟଣାରେ ଚିନ୍ତିତ ରହିବେ। ଆନୁଷ୍ଠାନିକ କାମରେ ବସ୍ତ୍ରଭୂଷଣ ଓ ଧାତୁ ଅଳଙ୍କାର ପ୍ରାପ୍ତି ହେବ।

**ତୁଳା** — ଧନସପ୍ତମାଧିପତି ରାଶିରେ ଅବସ୍ଥାନ କରିଥିବାରୁ ଅର୍ଥସମ୍ବନ୍ଧୀୟ ଟେନ୍‌ସନ ଲାଗିରହିବ। ବିଭିନ୍ନ ଚିନ୍ତା ଉଙ୍କି ମାରିବ ସିନା କାର୍ଯ୍ୟତଃ କିଛିବି କରିପାରିବେ ନାହିଁ। ବ୍ୟୟ ଭାର କ୍ରମଶଃ କମି ଆସିବା ସହ ବ୍ୟବସାୟିକ କ୍ଷେତ୍ର ସନ୍ତୋଷଜନକ ରହିବ। ନିର୍ମାଣ ଓ ଜମିଜମା କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ବିଛା** — କୋଣଭାବସ୍ଥ ତୃତୀୟାଧିପତିଙ୍କ ଯୋଗୁ ସମ୍ପର୍କୀୟଙ୍କ ଅନୁକୂଳ ମତ ଓ ମନ୍ତବ୍ୟ ମନକୁ ଆମୋଦିତ କରିବ। ପରିଜନଙ୍କ ସହିତ ଦୂରଯାତ୍ରା କରିବା ସକାଶେ ଯୋଜନା କରିପାରନ୍ତି। ଆଜି ଘରୋଇ ବରାଦ ଅନୁଯାୟୀ କିଛି ମନୋରଞ୍ଜନ ଜିନିଷ କ୍ରୟ କରିବେ। ଚନ୍ଦ୍ର ଯୁକ୍ତ କେତୁ ପ୍ରଭାବରୁ ଅନ୍ୟମନସ୍କତା କାରଣରୁ ମାନସିକ ସ୍ଥିତି ଭଲ ରହି ନ ପାରେ।

**ଧନୁ** — ଆଜି ଚନ୍ଦ୍ରଙ୍କ ଏକାଦଶସ୍ଥ ଗୁରୁଙ୍କ ଯୋଗୁ କାର୍ଯ୍ୟ ସମ୍ପନ୍ନ କ୍ଷେତ୍ରରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ସକାଳୁ ସକାଳୁ ଯାତ୍ରା, ବନ୍ଧୁ ମିଳନ, ଭ୍ରମଣ, ରାଜନୀତି, ପ୍ରଶାସନ ପାଇଁ ଭଲ। ଆତ୍ମୀୟସ୍ୱଜନଙ୍କ ଦ୍ୱାରା ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ପରିବାରରେ ପିଲାମାନଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇପାରନ୍ତି।

**ମକର** — ଗ୍ରହମାନଙ୍କ ପ୍ରତିକୂଳ ସ୍ଥିତି ପ୍ରଭାବରୁ ପାରିବାରିକ ସମସ୍ୟା ଉତ୍କଟ ରୂପ ଧାରଣ କରିପାରେ। ସଭାସମିତି, ରାଜନୀତି, ଗବେଷଣା, କଳା, ସାହିତ୍ୟ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ବନ୍ଧୁମାନଙ୍କ ନିମନ୍ତ୍ରଣ କ୍ରମେ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ। ଆଜିର ଫେରିବା ବାଟରେ ବନ୍ଧୁଙ୍କ ସହ ସାଧାରଣ ବଚସା ହୋଇପାରେ।

**କୁମ୍ଭ** — କର୍ମକ୍ଷେତ୍ରର କୌଣସି ଅତୀତ ଘଟଣାକୁ ସ୍ମରଣ କରି ଅନୁତାପ କରିବେ। ରାହୁଙ୍କ କୁପ୍ରଭାବରୁ ପରିବାରରେ ଅସାବଧାନତାବଶତଃ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ। କଳା, ସାହିତ୍ୟରେ ଉନ୍ନତି କରିବା ସହ ବନ୍ଧୁଙ୍କ ଦ୍ୱାରା ପ୍ରଶଂସିତ ମଧ୍ୟ ହେବେ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ।

**ମୀନ** — ରାଶିରେ ଶନିଙ୍କ ସ୍ଥିତି ଶାରୀରିକ ଏବଂ ମାନସିକ ସ୍ଥିତିକୁ ଶିଥିଳ କରିପାରେ। ଅନ୍ୟମାନଙ୍କ ସହଯୋଗ ଅଭାବରୁ କାର୍ଯ୍ୟହାନି ଜନିତ ମାନସିକ ଅସ୍ଥିରତା ଲାଗି ରହିବ। ସାମାଜିକ ସ୍ତରରେ ପ୍ରକୃତ ଘଟଣାକୁ ନ ବୁଝି କାମ କଲେ ଅସୁବିଧାରେ ପଡ଼ିବେ। ଅବଶ୍ୟ କର୍ମକ୍ଷେତ୍ର ପ୍ରତି ବୃହସ୍ପତିଙ୍କ ଦୃଷ୍ଟି ପଦାଧିକାରୀଙ୍କ ଅନୁକମ୍ପା ଲାଭରେ ସହାୟକ ହୋଇପାରିବ।

ଆଜି ସେପ୍ଟେମ୍ବର ୨୦ ତାରିଖ, ଆଶ୍ୱିନ କୃଷ୍ଣ ଚତୁର୍ଦ୍ଦଶୀ, ଶନିବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ସକାଳ ଘ.୦୮।୦୬ ମି. ପର୍ଯ୍ୟନ୍ତ, ମଘା/ସିଂହ, ଚତର୍ଦ୍ଦଶୀରେ ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୧୪ ଗତେ ଘ.୦୮।୩୯ ମଧ୍ୟେ, ଘ.୧୨।୦୪ ଗତେ ଘ.୦୧।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ୦୮।୩୯ ଗତେ ଘ.୧୦।୦୯ ମଧ୍ୟେ ରାହୁକାଳ।

MAKE IN INDIA | GOVERNMENT OF INDIA MINISTRY OF PORTS, SHIPPING AND WATERWAYS | SAGARMALA PORT-LED PROSPERITY




# ସାମୁଦ୍ରିକ କ୍ଷେତ୍ରର ରୂପାନ୍ତରଣ



**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ**
ସେବା ହିଁ ସଂକଳ୍ପ,
ଭାରତ ପ୍ରଥମ ପ୍ରେରଣା...୭୫ ବର୍ଷ

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ ଉତ୍ସବ

## ₹୩୪,୦୦୦ କୋଟି ମୂଲ୍ୟର

### ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

- ଶ୍ୟାମା ପ୍ରସାଦ ମୁଖର୍ଜୀ ବନ୍ଦର, କୋଲକାତାଠାରେ ନୂଆ କଣ୍ଟେନର ଟର୍ମିନାଲ ଓ ଅନ୍ୟାନ୍ୟ ପ୍ରକଳ୍ପ
- ପାରାଦୀପ ବନ୍ଦରଠାରେ ନୂଆ କଣ୍ଟେନର ବର୍ଥ, କାର୍ଗୋ ହ୍ୟାଣ୍ଡଲିଂ ସୁବିଧା ଓ ଅନ୍ୟାନ୍ୟ ପ୍ରକଳ୍ପ
- କାମାରାଜାର ବନ୍ଦର, ଏନ୍ନୋରେଠାରେ ଅଗ୍ନି ନିର୍ବାପନ ସୁବିଧା, ଆଧୁନିକ ସଡ଼କ ସଂଯୋଗୀକରଣ ଏବଂ ଅନ୍ୟାନ୍ୟ ପ୍ରକଳ୍ପ
- ଚେନ୍ନାଇ ବନ୍ଦରଠାରେ ତଟ ସୁରକ୍ଷା ପାଇଁ ସୁଦୃଢ଼ ସମୁଦ୍ର-ପ୍ରାଚୀର ଏବଂ ପଥରବନ୍ଧ
- ଦୀନଦୟାଲ ବନ୍ଦର, କାନ୍ଦଲାଠାରେ ଟୁନା ଟେକ୍ରାରେ ବହୁ ଉଦ୍ଦେଶୀୟ କାର୍ଗୋ ବର୍ଥ
- କାର ନିକୋବର ଦ୍ୱୀପରେ ସମୁଦ୍ର-ପ୍ରାଚୀର
- ଦୀନଦୟାଲ ବନ୍ଦର, କାନ୍ଦଲାଠାରେ ସବୁଜ ବାୟୋ-ମିଥାନଲ କାରଖାନା, ତୈଳ ଜେଟି ଓ ଅନ୍ୟାନ୍ୟ ପ୍ରକଳ୍ପ
- ପାଟନାଠାରେ ଜାହାଜ ମରାମତି କାରଖାନା
- ବାରାଣସୀଠାରେ ଜାହାଜ ମରାମତି କାରଖାନା ଏବଂ ଫ୍ରେଟ୍ ଭିଲେଜ୍
- ୭୦ କିମି ଏନ୍‌ଏଚ୍‌ର ଚାରି ଲେନ୍ ପ୍ରକଳ୍ପ
- ସାର୍. ଟି. ହସ୍ପିଟାଲଠାରେ ଆକାଡେମିକ୍ ବ୍ଲକ୍, ଟିଚିଂ ହସ୍ପିଟାଲ ଏବଂ ଏମ୍‌ସିଏଚ୍ ବ୍ଲକ୍
- ଜିଜିଜି ହସ୍ପିଟାଲ, ଜାମନଗରଠାରେ ଓପିଡି, ଏମ୍‌ସିଏଚ୍ ଏବଂ ସୁପର ସ୍ପେଶାଲିଟି ହସ୍ପିଟାଲ

### ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ

- ଇନ୍ଦିରା ଡକ୍, ମୁମ୍ବାଇ ବନ୍ଦରଠାରେ ମୁମ୍ବାଇ ଅନ୍ତର୍ଜାତୀୟ କ୍ରୁଜ୍ ଟର୍ମିନାଲ (ଏମ୍‌ଆଇସିଟି)
- ଛାରା ବନ୍ଦରଠାରେ ଏଚ୍‌ପିଏଲ୍‌ଏନ୍‌ଜି ରିଗ୍ୟାସିଫିକେଶନ୍ ଟର୍ମିନାଲ ଏବଂ ଗୁଜରାଟ ଆଇଓସିଏଲ୍ ରିଫାଇନେରୀଠାରେ ଆକ୍ରିଲିକ୍ସ ଓ ଓକ୍ସୋ ଆଲକହଲ୍ ପ୍ରକଳ୍ପ
- ସବୁଜ ଶକ୍ତି ନିମନ୍ତେ ୨୮୦ ଏମ୍‌ଡବ୍ଲ୍ୟୁଏସି / ୪୦୦ ଏମ୍‌ଡବ୍ଲ୍ୟୁଡିସି ସୌର ପ୍ରକଳ୍ପ ଏବଂ ଏକ ୬୦୦ ମେଗାୱାଟ୍ ଗ୍ରୀନ୍ ଶୁ’ ପଦକ୍ଷେପ
- ଗୁଜରାଟରେ କୃଷକଙ୍କ ପାଇଁ ପିଏମ୍-କୁସୁମ ୪୭୫ ମେଗାୱାଟ୍ କ୍ଷମତାର କମ୍ପୋନେଣ୍ଟ ସି-ଫିଡର୍
- ୪୫ ମେଗାୱାଟ୍ ସରକାରୀ ପତିତ ଜମି ସୌର ପିଭି ପ୍ରକଳ୍ପ, ବଦେଲୀ
- ଧୋରଡୋ ଗ୍ରାମର ୧୦୦% ସୌରଶକ୍ତୀକରଣ

### ଶିଳ୍ପ ଏମ୍‌ଓୟୁ

- ଜାହାଜ ନିର୍ମାଣ ପାଇଁ ସିଏସ୍‌ଏଲ୍ ଓ ଏଚ୍‌ଡି କେଏସ୍‌ଓଇ ମଧ୍ୟରେ ଏମ୍‌ଓୟୁ
- ଭାରତରେ ଭେସେଲ୍ ଜାହାଜନିର୍ମାଣ ପାଇଁ ଏସ୍‌ସିଆଇ ତଥା ଆଇଓସିଏଲ୍, ବିପିସିଏଲ୍ ଓ ଏଚ୍‌ପିସିଏଲ୍ ମଧ୍ୟରେ ଏମ୍‌ଓୟୁ
- ଜାହାଜ ନିର୍ମାଣ ପାରିସ୍ଥିତିକତନ୍ତ୍ର ପାଇଁ ଏମ୍‌ଡିଏଲ୍, ସିଏସ୍‌ଏଲ୍, ଜିଆର୍‌ଏସ୍‌ଇ, ତାମିଲନାଡୁ ସରକାର ଏବଂ ଜିଏମ୍‌ବି ମଧ୍ୟରେ ଏକାଧିକ ଏମ୍‌ଓୟୁ
- ଜାହାଜ ନିର୍ମାଣ ପାରିସ୍ଥିତିକତନ୍ତ୍ରର ବିକାଶ ପାଇଁ ରାଜ୍ୟଗୁଡ଼ିକ ସହ ଏମ୍‌ଓୟୁ: (i) ଆନ୍ଧ୍ରପ୍ରଦେଶ, (ii) ଓଡ଼ିଶା, (iii) ଗୁଜରାଟ, (iv) ମହାରାଷ୍ଟ୍ର, (v) ତାମିଲନାଡୁ

ମାନ୍ୟବର ପ୍ରଧାନମନ୍ତ୍ରୀ

## ଶ୍ରୀ ନରେନ୍ଦ୍ର ମୋଦୀଙ୍କ

ଦ୍ୱାରା

ଶନିବାର, ୨୦ ସେପ୍ଟେମ୍ବର ୨୦୨୫ । ସମୟ: ପୂର୍ବାହ୍ନ ୧୦.୦୦ ଘଟିକା । ସ୍ଥାନ: ଜବାହର ଗ୍ରାଉଣ୍ଡ, ଭାବନଗର, ଗୁଜରାଟ

### ପ୍ରମୁଖ ଲାଭ

- ନିଯୁକ୍ତିର ନୂଆ ସୁଯୋଗ ସୃଷ୍ଟି
- ବନ୍ଦର ସଂଯୋଗୀକରଣ ଓ ଦକ୍ଷତା ବୃଦ୍ଧି
- ଜାହାଜ ଚଳାଚଳ ଓ ସ୍ୱଦେଶୀ ଜାହାଜ ନିର୍ମାଣର ବିକାଶ
- ବନ୍ଦର ସୁରକ୍ଷା ଏବଂ ନିରାପତ୍ତାର ସୁଦୃଢ଼ୀକରଣ
- ଜୀବନର ମାନରେ ଉନ୍ନତି
- ସବୁଜ ଶକ୍ତି ଏବଂ ପୋଷଣୀୟ ବିକାଶକୁ ପ୍ରୋତ୍ସାହନ
- ଉତ୍ତମ ସଂଯୋଗୀକରଣ ଓ ପରିବହନ
- ସ୍ୱାସ୍ଥ୍ୟସେବା ସୁବିଧାଗୁଡ଼ିକର ସୁଦୃଢ଼ୀକରଣ

### ଗରିମାମୟ ଉପସ୍ଥିତି

| | | | | | |
|---|---|---|---|---|---|
| **ଶ୍ରୀ ସର୍ବାନନ୍ଦ ସୋନୋୱାଲ** | **ଶ୍ରୀ ମନସୁଖ ମାଣ୍ଡବ୍ୟ** | **ଶ୍ରୀ ସିଆର୍ ପାଟିଲ** | **ଶ୍ରୀ ଭୂପେନ୍ଦ୍ରଭାଇ ପଟେଲ** | **ଶ୍ରୀ ଶାନ୍ତନୁ ଠାକୁର** | **ଶ୍ରୀମତୀ ନିମୁବେନ ବାମ୍ଭାନିୟା** |
| କେନ୍ଦ୍ରମନ୍ତ୍ରୀ, ବନ୍ଦର, ଜାହାଜ ଚଳଚଳ ଓ ଜଳମାର୍ଗ | କେନ୍ଦ୍ରମନ୍ତ୍ରୀ, ଶ୍ରମ ଓ ସଶକ୍ତୀକରଣ ତଥା ଯୁବ ବ୍ୟାପାର ଓ କ୍ରୀଡ଼ା | କେନ୍ଦ୍ରମନ୍ତ୍ରୀ, ଜଳ ଶକ୍ତି | ମୁଖ୍ୟମନ୍ତ୍ରୀ, ଗୁଜରାଟ | ରାଷ୍ଟ୍ରମନ୍ତ୍ରୀ, ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ | ରାଷ୍ଟ୍ରମନ୍ତ୍ରୀ, ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ |

ShipminIndia | Shipmin_India | Sagarmala Project | Sagarmala.gov.in / shipmin.gov.in | LIVE STREAM ଡିଡି ନ୍ୟୁଜ୍‌ରେ ସିଧା ପ୍ରସାରଣ ଦେଖନ୍ତୁ

ହେ ଅମୃତର ପୁତ୍ର ! ପ୍ରକୃତିକୁ ଅନୁସରଣ କରି ଜୀବନଯାପନ କରନାହିଁ। ଭଗବାନଙ୍କୁ ଅନୁସରଣ କରି ଜୀବନଯାପନ କର। ପ୍ରକୃତିକୁ ମଧ୍ୟ ବାଧ୍ୟ କର– ସେ ଯେପରି ତୁମର ଅନ୍ତର୍ଯ୍ୟାମୀ ଦେବତାଙ୍କୁ ମାନି ଜୀବନ ଯାପନ କରେ। –ଶ୍ରୀଅରବିନ୍ଦ

-ଶିବଚତୁର୍ଦ୍ଦଶୀ ଓ ବେଢ଼ା



# ଖବରରେ ଖେଡ୍‌କର



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ୟୁପିଏସ୍‌ସି ଠକେଇଠାରୁ ଆରମ୍ଭକରି ଅପହରଣ ଅଭିଯୋଗ ପର୍ଯ୍ୟନ୍ତ ପୂଜା ଖେଡ୍‌କରଙ୍କ କାହାଣୀ ଏକ ଦୁଃଖସୁଖପୂର୍ଣ୍ଣ ନାଟକ ହୋଇଯାଇଛି। ଠକେଇ କଥା ଜନମାନସରୁ ଅପସରି ଯାଉଥିବାବେଳେ ପୁନର୍ବାର ଏକ ନୂଆ ଘଟଣା ଖବରର ଶିରୋନାମା ହୋଇଛି। ନିକଟରେ ନଭି ମୁମ୍ବାଇର ଏକ ରାସ୍ତାରେ ଗୋଟିଏ ସିମେଣ୍ଟ ମିକ୍ସର ଟ୍ରକର ହେଲ୍‌ପର ନିଖୋଜ ହେବା ଘଟଣା ପୂଜା ଖେଡ୍‌କରଙ୍କୁ ବିବାଦୀୟ କରିଛି। ପୂଜା ଅଟୋମୋବାଇଲ ନାମରେ ପଞ୍ଜୀକୃତ ପୁଣେର ଏକ ବଙ୍ଗଳାରୁ ଅପହୃତ ହେଲପରଙ୍କୁ ଉଦ୍ଧାର କରାଯାଇଥିଲା, ଯାହା ସହ ଖେଡ୍‌କରଙ୍କ ସମ୍ପର୍କ ରହିଥିବା କୁହାଯାଉଛି। ଏହାସହ ତାଙ୍କ ମା' ପୋଲିସକୁ ଘରେ ପୂରାଇ ଦେଇ ନ ଥିବାରୁ ଘଟଣା ଆହୁରି ଜଟିଳ ହୋଇଯାଇଥିବା ଜଣାପଡ଼ିଛି। ତେବେ ଅପହରଣକାରୀଙ୍କ ପରିଚୟ ମିଳି ନ ଥିବାରୁ ପୋଲିସ ଏକ ଏଫ୍ଆଇଆର୍ ଦାୟର କରି ଅପହରଣ ଘଟଣାର ତଦନ୍ତ ଚାଲୁରଖିଛି। ଖେଡ୍‌କର ଏଭଳି ବିବାଦୀୟ ହେବା କିଛି ନୂଆ କଥା ନୁହେଁ। ପୂର୍ବରୁ ସେ ୟୁପିଏସ୍‌ସି ପରୀକ୍ଷାରେ ନକଲି ଓବିସି ଓ ଦିବ୍ୟାଙ୍ଗ ପ୍ରମାଣ ପତ୍ର ଦେଇ ଆଇଏଏସ ପାଇଁ ପ୍ରୋଭିଜନାଲ ଚୟନ ହେବା ପରେ ତାଙ୍କୁ ବରଖାସ୍ତ କରାଯାଇଥିଲା। ତେବେ ଖେଡ୍‌କର ଅପହରଣ ଯୋଜନା କରିଥିଲେ କି ନାହିଁ ସେ ସମ୍ପର୍କରେ ଏଯାବତ ପ୍ରମାଣ ମିଳିନାହିଁ। ଜଣେ ପବ୍ଲିକ ସର୍ଭିସ ଆଶାୟୀ କିଭଳି ସାର୍ବଜନୀନ ସ୍ତରରେ ବିବାଦୀୟ ହୋଇପାରନ୍ତି ତାହା ଏହି ଅଧ୍ୟାୟରୁ ସ୍ପଷ୍ଟ ହୁଏ। ଏହି ଅପହରଣ ଘଟଣାରେ ପୋଲିସର ପଦକ୍ଷେପ, ସମ୍ପତ୍ତିର ମାଲିକାନା ଏବଂ ରାଜନୈତିକ କିମ୍ବା ସାମାଜିକ ସମ୍ପର୍କକୁ ବିଚାରକୁ ନେଲେ ସାମ୍ନାକୁ ଆସିଥିବା ୟୁପିଏସ୍‌ସି ଠକେଇଠାରୁ ଏହା ଅଧିକ ମନେ ହେଉଛି।

### ଖୋଲା କର୍ତ୍ତବ୍ୟ ଭବନ

ସେଣ୍ଟ୍ରାଲ ଭିଷ୍ଟା ପ୍ରୋଜେକ୍ଟର ନୂଆ କର୍ତ୍ତବ୍ୟ ଭବନ–୩କୁ ନେଇ ନିର୍ଦ୍ଦିଷ୍ଟ ବର୍ଗର ବାବୁମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେଣ୍ଟ୍ରାଲ ସେକ୍ରେଟାରିଏଟ୍ ସର୍ଭିସ( ସିଏସ୍ଏସ୍) ଫୋରମ୍‌ର ୧୩,୦୦୦ରୁ ଊର୍ଦ୍ଧ୍ୱ ଅଧିକାରୀ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍ଓ) ଏବଂ ଗୃହନିର୍ମାଣ ଓ ସହରୀ ବ୍ୟାପାର ମନ୍ତ୍ରଣାଳୟ ନିକଟରେ ଅଭିଯୋଗ କରିଛନ୍ତି ଯେ, ଅଫିସ୍ ପାଇଁ ନୂଆ ଭବନରେ ଆବଣ୍ଟିତ ସ୍ଥାନ ସରକାରଙ୍କ ୨୦୧୭ ନିୟମକୁ ପାଳନ କରୁନାହିଁ। ଏହି ନିୟମରେ ଡେପୁଟି ସେକ୍ରେଟାରି ଓ ଡାଇରେକ୍ଟର ପାଇଁ ୨୪୦ ବର୍ଗଫୁଟ, ଅଣ୍ଡର ସେକ୍ରେଟାରିଙ୍କ ପାଇଁ ୧୨୦ ବର୍ଗଫୁଟ, ସେକ୍ସନ ଅଫିସରଙ୍କ ପାଇଁ ୬୦ ବର୍ଗଫୁଟ ଏବଂ ଆସିଷ୍ଟାଣ୍ଟ ସେକ୍ସନ ଅଫିସରଙ୍କ ପାଇଁ ୪୦ ବର୍ଗଫୁଟ ସ୍ଥାନ ନିଶ୍ଚିତ କରାଯାଇଛି। କିନ୍ତୁ ଏହା ପରିବର୍ତ୍ତେ ଛୋଟ ଛୋଟ ଭାଗରେ ବିଭକ୍ତ ବିରାଟ ଖୋଲା ହଲ୍‌ରେ ଅଧିକାରୀମାନଙ୍କୁ ଅଧିକ ସଂଖ୍ୟାରେ ବସିବାର ବ୍ୟବସ୍ଥା କରାଯାଇଛି। ଏପରିକି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଭଳି ସମ୍ବେଦନଶୀଳ ମନ୍ତ୍ରଣାଳୟଗୁଡ଼ିକୁ ମଧ୍ୟ ସ୍ୱତନ୍ତ୍ର ଭାବେ ସ୍ଥାନ ଦିଆଯାଇନାହିଁ। ସରକାରଙ୍କ ଯୁକ୍ତି ହେଉଛି, ଓପନ୍ ପ୍ଲାନ୍ ଅଫିସ ଆଧୁନିକତା, ନିରନ୍ତରତା ଓ ଦକ୍ଷତାକୁ ପ୍ରତିପାଦିତ କରେ। ବାବୁମାନେ ଯୁକ୍ତି କରନ୍ତି, ସେମାନେ ସେୟାର ବଜାର ଟିପ୍ସ ଦେବାକୁ ବସୁ ନାହାନ୍ତି, ବରଂ ସେମାନେ ଜିଲ୍ଲାନ୍ ବିଷୟ, କୋର୍ଟ କେସ୍ ଏବଂ ଗୋପନୀୟ ଫାଇଲ କାମ କରିବାକୁ ଆସିଛନ୍ତି। ବିଶ୍ୱପ୍ରତୀୟ ଗବେଷଣାଗୁଡ଼ିକ ବାରମ୍ବାର ସ୍ପଷ୍ଟ କରିଛି ଯେ, ଖୋଲା ଅଫିସ ଆକର୍ଷଣୀୟ ଦେଖାଗଲେ ମଧ୍ୟ ତାହା ଉତ୍ପାଦକତା ହ୍ରାସ କରେ, ଏକାଗ୍ରତାରେ ବାଧା ଆଣେ ଏବଂ କୋଳାହଳ ସ୍ଥିତି ସୃଷ୍ଟି କରେ, ତଥ୍ୟ ପ୍ରଘଟ ହେବାର ଆଶଙ୍କା ରହିଥାଏ। ତେବେ ସରକାର ନିଜେ ଅଧିକାରୀଙ୍କ ପାଇଁ ସ୍ଥାନ ନିଶ୍ଚିତ କରିଥିବାବେଳେ ଏକ ଆଖିଦୃଶିଆ ପ୍ରୋଜେକ୍ଟରେ କାହିଁକି ତାହାକୁ ଅଣଦେଖା କରିଛନ୍ତି?

### ଅପାରଦର୍ଶୀ ନୀତି

ଶୀର୍ଷ ପଦବୀରେ ରହୁଥିବା ବାବୁମାନଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ନେଇ କେନ୍ଦ୍ର ଗୋଟିଏ ସପ୍ତାହରେ ସମ୍ପୂର୍ଣ୍ଣ ମନା କରୁଥିବାବେଳେ ପର ସପ୍ତାହରେ ଠିକ୍ ଅଛି ଓ ଆଗକୁ ବଢ଼ ବୋଲି କହୁଛି। ଝାଡ଼ଖଣ୍ଡ ଏହାର କାର୍ଯ୍ୟକାରୀ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଅନୁରାଗ ଗୁପ୍ତାଙ୍କୁ ଏପ୍ରିଲ ୩୦ ପରେ ରଖିବା ପାଇଁ କରିଥିବା ଆବେଦନକୁ କେନ୍ଦ୍ର ଖାରଜ କରିଦେଇଥିଲା। ସେହିଭଳି ଡିଜିପି ପ୍ରଶାନ୍ତ କୁମାରଙ୍କୁ ରଖିବା ଲାଗି ଉତ୍ତରପ୍ରଦେଶର ଅନୁରୋଧକୁ ଅସ୍ୱୀକାର କରିଥିଲା। ଉତ୍ତରପ୍ରଦେଶ ତାହାର ମୁଖ୍ୟଶାସନ ସଚିବ ମନୋଜ କୁମାର ସିଂଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇଁ କରିଥିବା ଆବେଦନକୁ ଡିଓପିଟି ରଦ୍ଦ କରିବା ପରେ ବିହାର ତାହାର ମୁଖ୍ୟ ଶାସନ ସଚିବ ଅମ୍ରିତ ଲାଲ୍ ମୀନାଙ୍କୁ ଅଧିକ ଦିନ ରଖିବାକୁ ଚାହିଁଥିଲେ ବି ମନା କରିଦେଇଥିଲା। କିନ୍ତୁ ପରେ ମଧ୍ୟପ୍ରଦେଶରେ ଅନୁରାଗ ଜୈନଙ୍କୁ ମୁଖ୍ୟ ଶାସନ ସଚିବ ଭାବେ ଆଉ ବର୍ଷେ ଏବଂ ତେଲେଙ୍ଗାନାର ମୁଖ୍ୟ ଶାସନ ସଚିବ କେ. ରାମକୃଷ୍ଣ ରାଓଙ୍କ କାର୍ଯ୍ୟକାଳ ୭ମାସ ବୃଦ୍ଧି କରିବା ପାଇଁ ଅନୁମତି ଦିଆଗଲା। ମହାରାଷ୍ଟ୍ରରେ ରାଜେଶ କୁମାରଙ୍କ କାର୍ଯ୍ୟକାଳ ୩ ମାସ ବଢ଼ାଗଲା। ବିଶେଷଜ୍ଞଙ୍କ ମତରେ ଏହା ଏକ ଅପାରଦର୍ଶୀ ନୀତି। କେଉଁ ନିୟମରେ କ'ଣ କରାଯିବ ତାହାର ଠିକ୍ ମାନଦଣ୍ଡ ସରକାର ପ୍ରକାଶ କରୁନାହାନ୍ତି। ପ୍ରକ୍ରିୟା ଓ ପଦାନୁକ୍ରମକୁ ନେଇ ଗର୍ବ କରୁଥିବା ଏକ ବ୍ୟବସ୍ଥାରେ ଭାବନାରେ ଅଚାନକ ପରିବର୍ତ୍ତନ ହେବା ଭଳି ଦେଖାଯାଉଛି। ମୁଖ୍ୟ ଶାସନ ସଚିବ ଏବଂ ଡିଜିପିଙ୍କ ଭଳି ବରିଷ୍ଠ ଅଧିକାରୀମାନଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ଛୁଆ ଚକ୍ର ଭଳି ନିୟନ୍ତ୍ରଣ କରାଯାଉଥିବାରୁ ଏହା ଉତ୍ତରାଧିକାର ଯୋଜନାକୁ ବିଗାଡ଼ି ଦେଉଛି ଏବଂ ରାଜ୍ୟ ସରକାରଗୁଡ଼ିକୁ କଠିନ ସ୍ଥିତିରେ ପକାଉଛି। ସତ ହୋଇ ନ ପାରେ, କିନ୍ତୁ କଥା ଉଠୁଛି ଯେ, କେନ୍ଦ୍ର ତା' ପକ୍ଷରେ ଥିବା ରାଜ୍ୟ ପାଇଁ କାମ କରୁଛି। ଏହା ମଧ୍ୟ ଏକ ବାର୍ତ୍ତା ଦେଉଛି ଯେ, ପାଗ ଦେଖି ନିୟମର ପରିବର୍ତ୍ତନ କରାଯାଉଛି।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | | | | 1 | 8 |
| | 8 | | 7 | | | 3 | | |
| | | 5 | | 6 | | | | |
| | | | 1 | | | | 3 | |
| 3 | | 4 | | 2 | | | | |
| | 2 | | | | | 7 | 6 | |
| | | 7 | | | 5 | 2 | | |
| 8 | | | | | | 9 | | |
| 2 | | | | | 9 | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 9 | 2 | 1 | 8 | 3 | 6 | 7 |
| 7 | 8 | 3 | 9 | 6 | 4 | 2 | 5 | 1 |
| 1 | 2 | 6 | 3 | 5 | 7 | 8 | 9 | 4 |
| 8 | 3 | 5 | 7 | 4 | 2 | 6 | 1 | 9 |
| 2 | 6 | 1 | 5 | 8 | 9 | 4 | 7 | 3 |
| 4 | 9 | 7 | 1 | 3 | 6 | 5 | 8 | 2 |
| 6 | 7 | 8 | 4 | 9 | 3 | 1 | 2 | 5 |
| 9 | 5 | 4 | 8 | 2 | 1 | 7 | 3 | 6 |
| 3 | 1 | 2 | 6 | 7 | 5 | 9 | 4 | 8 |

ଗତକାଲିର ଉତ୍ତର

# ଶିକ୍ଷକ ନିର୍ଯାତନା



ଡ. ସୁବାସ ଚନ୍ଦ୍ର ପାତ୍ର

ଛାତ୍ରୀ ନିର୍ଯାତନା ତଥା ଅନ୍ୟାନ୍ୟ କୋଳାହଳ ମଧ୍ୟରେ ଉଚ୍ଚଶିକ୍ଷାରେ ନିୟୋଜିତ ଶିକ୍ଷକମାନଙ୍କର ଉତ୍ପୀଡ଼ନର ସ୍ୱର ସାଧାରଣତଃ ଶୁଣିବାକୁ ମିଳେ ନାହିଁ। ନିଜର ପୁଅଝିଅଙ୍କୁ ମଣିଷ କରିବାକୁ ଯାଇ ମା' ବାପା ଥିବା ଅଭିଭାବକମାନଙ୍କର ଅପ୍ରାସଙ୍ଗିକ ଅଶ୍ରୁପାତ ସମ କଲେଜ ଶିକ୍ଷକମାନଙ୍କର ଦୁର୍ଦ୍ଦଶା ଏବେ ଦେଖିବା ନିର୍ଯାତନାର ଉତ୍ସ।

ପ୍ରଥମେ ସରକାରୀ କଲେଜ। ଏ କ୍ଷେତ୍ରରେ ଯନ୍ତ୍ରଣାର ବିଶାଳ ଓ ଚିରନ୍ତନ ଉତ୍ସ ସରକାର। ସରକାର ମାନେ ଉତ୍ପୀଡ଼ନର ନିରାକରଣ ବୋଲି ସାଧାରଣରେ ଥିବା ଧାରଣା, ସାଧାରଣତଃ ସରକାରୀ କଲେଜ ସ୍ତରରେ ଦେଖାଯାଏ ନାହିଁ। କାମ କରେଇ ଯଦି ପାରିଶ୍ରମିକ ବା ସମ୍ମାନ ବା ସାମାନ୍ୟ ସୁବିଧା ସୁଯୋଗ ଦିଆ ନ ଯାଏ ତା'ହେଲେ ଏହାକୁ ନିର୍ଯାତନା ଛଡ଼ା ଆଉ କ'ଣ ବା କୁହାଯିବ? ଦୀର୍ଘ ୨୦ ବର୍ଷ ଧରି ପ୍ରାଧ୍ୟାପକ ପରେ ସେମାନଙ୍କୁ ଅଧକ୍ଷ ଦାୟିତ୍ୱ ଧରେଇ, ମାସେ, ଦୁଇମାସ ନୁହେଁ, ବର୍ଷ ପରେ ବର୍ଷ ତାଙ୍କୁ ଉଚ୍ଚୋଇ ଯଦି କାମ କରିବାକୁ ବାଧ୍ୟ କରାଯାଏ, ଏହାକୁ କ'ଣ କୁହାଯିବ? ଏବେ ଉଚ୍ଚ ନ୍ୟାୟାଳୟ କହିଲେଣି ଭାରପ୍ରାପ୍ତ ଅଧକ୍ଷ ବ୍ୟବସ୍ଥା ଖୁବ୍ ବେଶିରେ ୬ମାସ ଆଗରୁ ଅଧକ୍ଷମାନଙ୍କ ଦାୟିତ୍ୱ ଓ ତାଙ୍କ ପଦବୀକୁ ସମ୍ମାନ ଦେଇ ସେମାନଙ୍କୁ ଦେୟମୁକ୍ତ ଘର, ଏକ ଆରାମିକ ଅଫିସ, ସାହାଯ୍ୟକାରୀ କର୍ମଚାରୀ ଇତ୍ୟାଦିର ବ୍ୟବସ୍ଥା ଥିଲା। ଏବେ ସେ ସବୁର ଚିହ୍ନବର୍ଣ୍ଣ ନାହିଁ, ଯେହେତୁ ଅଧକ୍ଷ ନିୟମିତ ନୁହନ୍ତି, ଭାରପ୍ରାପ୍ତ! ସରକାରୀ କଲେଜ, ବିଶେଷତଃ ସ୍ୱୟଂଶାସିତ କଲେଜର ଅଧକ୍ଷମାନେ ପ୍ରଫେସର ଗ୍ରେଡ଼ର ଏବଂ ୟୁଜିସି ସ୍କେଲରେ ସେମାନେ ବରିଷ୍ଠ ପ୍ରଶାସନିକ ପାହ୍ୟାର (ସିନିୟର ଆଡ଼ମିନିଷ୍ଟ୍ରେଟିଭ ଗ୍ରେଡ) ଅଧିକାରୀ। ତୁଳନାତ୍ମକ ଭାବେ ଦେଖିଲେ ସେମାନେ ଅତିରିକ୍ତ ସଚିବ ପାହ୍ୟାର ଅଥବା ଅତିରିକ୍ତ ସଚିବ କେଉଁଠି ନା ଭାରପ୍ରାପ୍ତ ଅଧକ୍ଷ କେଉଁଠି? ଏଣେ ପୁଣି ସର୍ତ୍ତ, ଭାରପ୍ରାପ୍ତ ହୋଇଥିବାରୁ କ୍ଲାସ ମଧ୍ୟ ନେବାକୁ ବାଧ୍ୟ, ଯାହା ନିୟମିତ ଅଧକ୍ଷ କ୍ଷେତ୍ରରେ ନାହିଁ। ଏହାରୁ ବଳି ଅତ୍ୟାଚାର ଆଉ କ'ଣ?

ଅଧକ୍ଷ ପଦବୀର ଆଉ ଏକ ନିର୍ଯାତନା, ଉତ୍ପୀଡ଼ନ କ୍ଷେତ୍ର ଅଛି: ସରକାରୀ କଲେଜର ବର୍ଗୀକରଣ ଓ ଅଧକ୍ଷ ପଦର ଅବମୂଲ୍ୟାୟନ। ଆଗରୁ ରେଭେନ୍ସା, ଖଲ୍ଲିକୋଟ, ଗଙ୍ଗାଧର ମେହେର କଲେଜ (ଏବେ ବିଶ୍ୱବିଦ୍ୟାଳୟ) ଭଳି ସ୍ନାତକୋତ୍ତର ଶିକ୍ଷାନୁଷ୍ଠାନକୁ ଛାଡ଼ିଦେଲେ ବାକି ସରକାରୀ କଲେଜଗୁଡ଼ିକ ଗୋଟିଏ ପାହ୍ୟାର ଥିଲା। ୧୯୦ ଦଶକରେ କେତେଜଣ ପ୍ରଶାସକଙ୍କ ଉନ୍ନତ ମସ୍ତିଷ୍କରୁ ପ୍ରସୂତ ଯୋଜନା ଆରମ୍ଭ ହେଲା ଏବଂ ଲିଡ୍ କଲେଜ ଏବଂ ନନ୍‌ଲିଡ୍ କଲେଜ ନାମରେ ଦୁଇଟି ଶ୍ରେଣୀ ସୃଷ୍ଟିକରି, ଲିଡ୍ କଲେଜର ଅଧକ୍ଷ ପ୍ରଫେସର ପାହ୍ୟାର ଓ ନନ୍‌ଲିଡ୍ କଲେଜର



ଅଧକ୍ଷ ରିଡର ପାହ୍ୟାର ବୋଲି ମୋହର ମରାଗଲା ଏବଂ ଏହି ନନ୍‌ଲିଡ଼ରେ ରହିଲେ ରମାଦେବୀ ଓ ଶୈଳବାଳା କଲେଜ (ଏବେ ବିଶ୍ୱବିଦ୍ୟାଳୟ) ଓ ଛାଡ଼ି ବାକି ସବୁ ସରକାରୀ ମହିଳା କଲେଜ ଓ କେତେକ ସହଯୋଗୀ ସରକାରୀ କଲେଜ। ଏହାର ଅର୍ଥ କ'ଣ? ଆନ୍ତଃକଲେଜ ଅଧ୍ୟାପକ ପାହ୍ୟା ସମାନ, ଛାତ୍ରଛାତ୍ରୀମାନେ ସମାନ ଶ୍ରେଣୀର, ମାତ୍ର ଅଧକ୍ଷ କେବଳ ସେ ନିମ୍ନବର୍ଗର? ଏହା କ'ଣ ମହିଳାମାନଙ୍କୁ ସମ୍ମାନ ଯେହେତୁ ଏହି ବର୍ଗରେ ଚିହ୍ନିତ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରୁ ଅଧିକାଂଶ ମହିଳା ଶିକ୍ଷାନୁଷ୍ଠାନ? ଏହା କ'ଣ ସମାନତା? କଲେଜ–କଲେଜ ଭିତରେ ତାରତମ୍ୟ ସୃଷ୍ଟିକରି କିଛିଙ୍କୁ ଏ–ଗ୍ରେଡ୍, ଆଉ କିଛି ବି–ଗ୍ରେଡ ମାନ୍ୟତା ପ୍ରଦାନ କରି ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠାନମାନଙ୍କୁ ନିର୍ଯାତିତ କରାଯାଉନି କି, ଯେତେବେଳେ ୪୦ ବର୍ଷରୁ ଊର୍ଦ୍ଧ୍ୱ କାଳ ସେମାନେ ସମାନ ବର୍ଗର ହୋଇ କାମ କରି ଆସୁଥିଲେ? ଓଡ଼ିଶା ପ୍ରଶାସନିକ ସେବାରେ ବ୍ଲକର ଆକାର ଓ ଜନସଂଖ୍ୟାକୁ ନେଇ ଛୋଟ ବିଡ଼ିଓ ଓ ବଡ଼ ବିଡ଼ିଓ ଅଛନ୍ତି କି?

ତୃତୀୟ ନିର୍ଯାତିତ ଶିକ୍ଷକ ଗୋଷ୍ଠୀ ହେଲେ ସ୍ୱୟଂଶାସିତ ମହାବିଦ୍ୟାଳୟର ଭାରପ୍ରାପ୍ତ ପରୀକ୍ଷା ନିୟନ୍ତ୍ରକଗଣ। ଅଧକ୍ଷ ଭଳି ସେମାନେ ମଧ୍ୟ ଭାରପ୍ରାପ୍ତ ଅଥଚ ବିଶ୍ୱବିଦ୍ୟାଳୟରେ ତାହା ଏକ ନିୟମିତ ପଦବୀ। ଏକ ସ୍ୱୟଂଶାସିତ ମହାବିଦ୍ୟାଳୟର କଳା, ବିଜ୍ଞାନ, ବାଣିଜ୍ୟ ସ୍ତ୍ରିମ୍‌ର ସ୍ନାତକ ଡିଗ୍ରିସ୍ତର ଓ ସ୍ନାତକୋତ୍ତର ଦୁଇବର୍ଷର ଏବଂ ବିଷୟ ହିସାବରେ ପାଖାପାଖି ୩୦ଟିର ଏବଂ ସଂଖ୍ୟା ଦୃଷ୍ଟିରୁ ପାଖାପାଖି ୩୦୦୦ ଛାତ୍ରଛାତ୍ରୀଙ୍କ ପ୍ରଶ୍ନପତ୍ର, ଆଡ଼ମିଟ୍ କାର୍ଡ, ମାର୍କଶିଟ୍, ପ୍ରୋଭିଜନାଲ ସାର୍ଟିଫିକେଟ୍, ସିଲାବସ ତିଆରି କରେଇବା; ପୁଣି ଆଭ୍ୟନ୍ତରୀଣ ମୂଲ୍ୟାୟନ ଓ ଅନ୍ତିମ ପରୀକ୍ଷାଫଳ ପ୍ରକାଶ କରିବା ଜଣେ କାର୍ଯ୍ୟରତ ବିଭାଗୀୟ ଅଧ୍ୟାପକଙ୍କ ପାଇଁ କିପରି ସମୀଚୀନ? ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର କାର୍ଯ୍ୟର ପ୍ରକାର ପ୍ରାୟ ସମାନ, କେବଳ ଛାତ୍ରଛାତ୍ରୀ ସଂଖ୍ୟା ବିଶ୍ୱବିଦ୍ୟାଳୟରେ ବେଶି। ସେଠି ଦୁଇ/ତିନି ଜଣ ନିୟମିତ ପରୀକ୍ଷା ପରିଚାଳନା ଅଧିକାରୀ ଥିଲାବେଳେ ସ୍ୱୟଂଶାସିତ କଲେଜର ଜଣେ ଶିକ୍ଷାଦାନକାରୀ ଅଧ୍ୟାପକଙ୍କୁ ଏକ 'ଅତିରିକ୍ତ ଦାୟିତ୍ୱ'ର ଟୋପି ପିନ୍ଧେଇବା କ'ଣ ନିର୍ଯାତନା ନୁହେଁ? ସେ ଶିକ୍ଷକ ଜଣକ ପାଠ ପଢ଼େଇବେ କେତେବେଳେ, ଏ ସବୁ କାମ, ଯାହାର ପାଦେପାଦେ ବିପଦ କରିବ କେତେବେଳେ?

ଚତୁର୍ଥ ନିର୍ଯାତନା ଦେବାରେ ସମସ୍ତ ବର୍ଗର ନୁହେଁ, ବରଂ ଉଚ୍ଚଶିକ୍ଷାରେ ନିୟୋଜିତ ସମସ୍ତ ଶିକ୍ଷକଙ୍କର। ଏହାର କାରଣ ନିର୍ଦ୍ଦେଶକ ପଦବୀରେ ଶିକ୍ଷକ–ଶିକ୍ଷାବିତ୍‌ଙ୍କ ବଦଳରେ ପ୍ରଶାସକ ପ୍ରତିରୋପଣ। ସ୍ୱାଧୀନତା ଆଗରୁ ଶିକ୍ଷା ବିଭାଗର ନିର୍ଦ୍ଦେଶକ, ସରକାରୀ କଲେଜର ଜଣେ ପ୍ରଫେସର ଗ୍ରେଡ଼ର ବରିଷ୍ଠ ଅଧକ୍ଷ ହେଉଥିଲେ ଅବା ଜଣେ ବରିଷ୍ଠ ପ୍ରଫେସର ହେଉଥିଲେ। ଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କ ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ପାଠପଢ଼ା, ପରୀକ୍ଷା ପରିଚାଳନା, ଗବେଷଣାର ବିଭିନ୍ନ ଦିଗ, ଯୁବ ମନସ୍ତତ୍ତ୍ୱ, କ୍ୟାମ୍ପସ ଜୀବନ ଭଳି ବହୁତ କ୍ଷେତ୍ରରେ ଅନୁଭୂତି ଥିବା ଦରକାର। ଏହି ବ୍ୟବସ୍ଥା ୧୯୪୭ ପୂର୍ବରୁ ପାଖାପାଖି ୨୦୧୫ ପର୍ଯ୍ୟନ୍ତ ଚାଲୁରହିଲା। ଆଜିଠୁ ବିଗତ ୮/୧୦ ବର୍ଷ ନିର୍ଦ୍ଦେଶକ ପଦବୀ ଜଣେ ପ୍ରଶାସକଙ୍କୁ ଟେକି ଦିଆଯାଉଛି। କଲେଜରେ ମାତ୍ର ୩ବର୍ଷ ବା ୪ବର୍ଷ ପାଠ ପଢ଼ି ସେ ଉଚ୍ଚଶିକ୍ଷା ବ୍ୟବସ୍ଥାକୁ କ'ଣ ଜାଣିଛନ୍ତି? ସ୍ୱାସ୍ଥ୍ୟ ଓ ଇଞ୍ଜିନିୟରିଂ ବିଭାଗର ନିର୍ଦ୍ଦେଶକ କ'ଣ ଅଣଡାକ୍ତର ବା ଅଣଇଞ୍ଜିନିୟର? ଇଞ୍ଜିନିୟରମାନେ ତାଙ୍କ ବିଭାଗରେ ତ ସଚିବ ପାହ୍ୟା ପର୍ଯ୍ୟନ୍ତ ଚାଲିଯାଉଛନ୍ତି। ଦୁଃଖର କଥା। ଶିକ୍ଷା ବିଷୟରେ ପୂର୍ଣ୍ଣାଙ୍ଗ ଜ୍ଞାନ ନ ଥିବା ନିର୍ଦ୍ଦେଶକମାନେ କଥା କଥାରେ ଅଧ୍ୟାପକମାନଙ୍କୁ କହନ୍ତି, ଆପଣଙ୍କୁ ଶିକ୍ଷା କଳା କିଏ? ଆଗରୁ ଅଧ୍ୟାପକ ଅବା ଅଧକ୍ଷଗଣ, ଶିକ୍ଷା ବିଭାଗରୁ ଆସିଥିବା ନିର୍ଦ୍ଦେଶକଙ୍କୁ ଜଣେ ଅଭିଭାବକ ହିସାବରେ ଭେଟୁଥିଲେ, ଯିଏ ସବୁକଥା ସହାନୁଭୂତିର ସହ ଶୁଣୁଥିଲେ। ଏବେ ସବୁକଥାକୁ ସନ୍ଦେହ ଦୃଷ୍ଟିରେ ଦେଖିବା, ବଡ଼ପଣ ଜାହିର କରିବା ମୁଖ୍ୟକାମ।

କଲେଜରେ ଛାତ୍ର ସଂସଦ ନିର୍ବାଚନ ପ୍ରଚଳନ ଶିକ୍ଷକ ନିର୍ଯାତନାର ଆଉ ଏକ ପ୍ରମୁଖ କ୍ଷେତ୍ର। ଆଗରୁ ଛାତ୍ର ସଂସଦ ନିର୍ବାଚନଟି ଛାତ୍ରଛାତ୍ରୀମାନଙ୍କ ହିଁ ନିର୍ବାଚନ ଥିଲା। ଏବେ ରାଜନୈତିକ ଦଳଗୁଡ଼ିକ ଏହାକୁ ପ୍ରତ୍ୟକ୍ଷ ଭାବରେ ପରିଚାଳନା କରିବା ସହ ଫଳ ପ୍ରକାଶନ ପରେ କେଉଁ ଦଳ କେତୋଟି କଲେଜ 'ଦଖଲ' କଲେ ତାହା ହାତିପିଟି କହୁଛନ୍ତି। ନିର୍ଯାତନା ଅତ୍ୟାଚାର ଚରମ ସୀମାରେ ପହଞ୍ଚେ, ଛାତ୍ର ସଂସଦର ବାର୍ଷିକ ଉତ୍ସବ ଦିନ, ଯେଉଁଦିନ କଲେଜର ଅଧକ୍ଷଙ୍କୁ ମଞ୍ଚ ଉପରେ ବସିବା ପାଇଁ ଜାଗା ଖୋଜିବାକୁ ପଡ଼େ ! ଠିକ୍ ସେହିପରି ସାହାଯ୍ୟପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକୁ ୪୪/୬୬୨ ଇତ୍ୟାଦି ବିଚିତ୍ର ବର୍ଗୀକରଣ ମାଧ୍ୟମରେ ବିଭକ୍ତ କରି ଶିକ୍ଷକମାନଙ୍କର ଯୌବନ ଲୁଚି ନିଆଯାଉଛି। ଯେଉଁ ଜାତି, ଯେଉଁ ସରକାର ଶିକ୍ଷକମାନଙ୍କୁ ବଞ୍ଚିତ କରି, ଉତ୍ପୀଡ଼ିତ କରି, ଉଦାସୀନତାର ଉଲ୍ଲାସ ଉପଭୋଗ କରେ, ସେ ଜାତିର ଭବିଷ୍ୟତ ବିଷୟରେ ନ କହିବା ଭଲ।

ପୂର୍ବତନ ଅଧକ୍ଷ,
ଜେଲ ରୋଡ଼, ବାଲେଶ୍ୱର
ମୋ: ୯୪୩୭୩୭୬୨୧୯

## ଏଇ ଭାରତରେ

ଚେନ୍ନାଇରେ ପ୍ରତିବର୍ଷ ୬୨ ମିଲିୟନ ଟନ୍ ବର୍ଜ୍ୟ ବାହାରୁଛି। ଏହା ପେରୁଙ୍ଗୁଡ଼ି ଓ କୋଡୁଙ୍ଗାୟୁରରେ ପର୍ବତ ଭଳି ଗଦା ହୋଇ ରହୁଛି। ଏହାକୁ ରିସାଇକ୍ଲ କରି ପରିବେଶକୁ ସ୍ୱଚ୍ଛ କରିବା ପାଇଁ ଚେଷ୍ଟା କରୁଛି 'ବ୍ଲୁ ପ୍ଲାନେଟ ଏନଭାଇରନମେଣ୍ଟ ସଲ୍ୟୁସନ୍ସ' ସଂସ୍ଥା। ଏହି ସଂସ୍ଥା ପେରୁଙ୍ଗୁଡ଼ିରେ ୯୬ ଏକର ପରିମିତ ଡମ୍ପିୟାର୍ଡରୁ ୧୭ ମିଲିୟନ କ୍ୟୁବିକ ମିଟର ବର୍ଜ୍ୟକୁ ରିସାଇକ୍ଲ କରି ସେଥିରୁ ବିଭିନ୍ନ ଦରକାରୀ ଓ ସୁନ୍ଦର ଜିନିଷ ତିଆରି କରିପାରୁଛି। ଏହି ଡମ୍ପିୟାର୍ଡ ୨୦ଟି ଫୁଟବଲ ପଡ଼ିଆର ଆକାର ସହ ସମାନ। ଏଠାରୁ ସଂଗୃହୀତ ବର୍ଜ୍ୟକୁ ପ୍ରଥମେ ଅଲଗା କରାଯାଇ ତାହାକୁ ବିଶୋଧନ କରାଯାଇ ଅନେକ ଥର ସଫା କରାଯିବା ସହ ଏହାର ଗୁଣବତ୍ତା ମାନ ଯାଞ୍ଚ କରାଯାଉଛି। ପରେ ଷ୍ଟିଲରୁ ବାସନ ଓ ହାର୍ଡୱେରରୁ ଜିନିଷ ତିଆରି କରାଯାଉଛି। ପାଖାପାଖି ୩୦,୦୦୦ ଟନ୍ କାଚ ବର୍ଜ୍ୟରୁ କାଚ ବୋତଲ ତିଆରି ହୋଇଛି। ପଥରରୁ କଂକ୍ରିଟ ସ୍ଲାବ ଏବଂ ପ୍ଲାଷ୍ଟିକ ବର୍ଜ୍ୟରୁ ବିଭିନ୍ନ ଆଉଟଡୋର ଫର୍ନିଚର ପ୍ରସ୍ତୁତ ହେଉଛି। ପ୍ରତିଦିନ ପେରୁଙ୍ଗୁଡ଼ିରୁ ୯,୦୦୦ ଟନ ବର୍ଜ୍ୟ ଉତ୍ତୋଳନ କରାଯାଇ କାମରେ ଲଗାଯାଉଛି।

# ଆଜିର କାମ ଏବେ



ପ୍ରଣତି ଆଚାର୍ଯ୍ୟ ମିଶ୍ର

ମହାଭାରତ ଯୁଦ୍ଧ ପୂର୍ବରୁ ବିଶ୍ୱାସ କରାଯାଉଥିଲା କୃଷ୍ଣ ଯେଉଁଠାରେ ଧର୍ମ ସେଠାରେ ରହିବ ଏବଂ ବିଜୟ ସୁନିଶ୍ଚିତ। "ଯତୋ କୃଷ୍ଣ ସ୍ତତୋ ଧର୍ମ ଯତୋ ଧର୍ମ ସ୍ତତୋ ଜୟଃ।" ସେ ଉଭୟ ପକ୍ଷଙ୍କୁ ତାଙ୍କର ଚତୁରଙ୍ଗ ସେନା କିମ୍ବା ତାଙ୍କୁ ବାଛିବା ବିକଳ୍ପ ଦେଇଥିଲେ। ଶ୍ରୀକୃଷ୍ଣଙ୍କ ପକ୍ଷକୁ ନେଇ ଅଭିଯୋଗ କରାଯାଇଥିଲା ଯେ କୃଷ୍ଣ ଯଦି ଅର୍ଜୁନଙ୍କୁ ଅଧର୍ମ ଏବଂ ସମୟର ଗୁରୁତ୍ୱ ବିଷୟରେ ସୂଚନା ଦେଇ ନ ଥାନ୍ତେ ତେବେ କର୍ଣ୍ଣଙ୍କଠାରୁ ଦୁର୍ଯୋଧନ ପର୍ଯ୍ୟନ୍ତ ସମସ୍ତଙ୍କୁ ହତ୍ୟା କରିବା ସମ୍ଭବ ହୋଇ ନ ଥାନ୍ତା। ଏହି କାରଣରୁ ମହାଭାରତ କୁରୁକ୍ଷେତ୍ରଙ୍କ ପାଇଁ ସ୍ୱର୍ଗ ଏବଂ ସମାଜ ଲାଗି ଅମୂଲ୍ୟ ବାର୍ତ୍ତା ଦିଏ। ଯୁଦ୍ଧ ପୂର୍ବରୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଆଜିର ତାତ୍ପର୍ଯ୍ୟ ବୁଝାଇ ଯୁଦ୍ଧ ପାଇଁ ପରାମର୍ଶ ଦେଇଥିଲେ।

ସମୟ ପ୍ରକୃତି ଦ୍ୱାରା ପ୍ରଦତ୍ତ ବହୁମୂଲ୍ୟ ଉପହାର, ଯାହା ନିରନ୍ତର ଗତିଶୀଳ ରହିଥାଏ। ଏହାର ଗତି କୌଣସି ପରିସ୍ଥିତି ଦ୍ୱାରା ପ୍ରଭାବିତ ହୁଏ ନାହିଁ। ସମୟର ତିନୋଟି ଦିଗ ଯାହାକୁ ଆମେ ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ ଭାବରେ ଜାଣୁ। ଯଦି ତୁଳନାତ୍ମକ ଦୃଷ୍ଟିକୋଣରୁ ଦେଖାଯାଏ ତେବେ ଏହି ସମସ୍ତ ଦିଗ ମଧ୍ୟରୁ ବର୍ତ୍ତମାନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଅତୀତ ସ୍ମୃତି ଆକାରରେ ସଞ୍ଚିତ ଏବଂ ଭବିଷ୍ୟତ କଳ୍ପନା ଆକାରରେ ପ୍ରସ୍ତୁତିତ ହୁଏ। ଅତୀତ ହେଉ ବା ଭବିଷ୍ୟତ ଉଭୟ ଉପରେ ଆମର ସାମାନ୍ୟତମ ନିୟନ୍ତ୍ରଣ ନାହିଁ। ସମୟର ଯେଉଁ ଦିଗକୁ ଆମେ ଆବଶ୍ୟକତା ଅନୁଯାୟୀ ନିୟନ୍ତ୍ରଣ ଏବଂ ସଜାଡ଼ି ପାରିବା ତାହା ହେଉଛି ବର୍ତ୍ତମାନ। ଏହା ନିଶ୍ଚିତ ଯେ ବର୍ତ୍ତମାନକୁ ସୁନ୍ଦର ଭାବରେ ରଙ୍ଗ କରିବା ଏବଂ ସଜାଇବାରେ ଆମେ ଅତୀତର ସ୍ମୃତି, ଅଭିଜ୍ଞତା ଏବଂ ଭବିଷ୍ୟତ ପାଇଁ ନିର୍ମିତ କଳ୍ପନାର ସାହାଯ୍ୟ ନେଇପାରିବା। ବର୍ତ୍ତମାନର ପ୍ରତ୍ୟେକ ମୁହୂର୍ତ୍ତ ପାଇଁ ଜୀବନ ବହୁତ ଛୋଟ ଯାହାକୁ ଆମେ ସମ୍ପୂର୍ଣ୍ଣ ଖୁସି ଏବଂ ଉତ୍ସାହ ସହିତ ଖୋଲାଖୋଲି ଭାବରେ ବଞ୍ଚିବାକୁ ଚେଷ୍ଟା କରିବା ଉଚିତ। ଅତୀତ ସହିତ ଅନେକ ସକାରାତ୍ମକ ଏବଂ ନକାରାତ୍ମକ ଦିଗ ଜଡ଼ିତ। ଭଲ ଅଭିଜ୍ଞତା ଏବଂ ସ୍ମୃତି ଏହାର ସକାରାତ୍ମକ ଦିଗ। ବିଫଳତା, କଠିନ ସଂଘର୍ଷ ଏବଂ ଦୁଃଖ ଅତୀତର ନକାରାତ୍ମକ ଦିଗ ଗଠନ କରେ। ଏହା ସମ୍ପୂର୍ଣ୍ଣ ଭାବରେ ଆମର ବୁଦ୍ଧିମତା ଏବଂ ଜ୍ଞାନ ଉପରେ ନିର୍ଭର କରେ ଯେ ଆମେ ଅତୀତର କେଉଁ ଦିଗକୁ ବ୍ୟବହାର କରି ବର୍ତ୍ତମାନ ସୃଷ୍ଟି କରୁଛେ। ଭବିଷ୍ୟତ ସମ୍ପୂର୍ଣ୍ଣ ଭାବରେ ଆମ ନିୟନ୍ତ୍ରଣ ବାହାରେ। ଭବିଷ୍ୟତ ବିଷୟରେ ମନରେ ଆଶାର ଉତ୍ସବ ରଖିବା ଏବଂ ଏହା ଯୋଗୁ ବର୍ତ୍ତମାନକୁ ଅଣଦେଖା କରିବା ସମ୍ପୂର୍ଣ୍ଣ ମୂର୍ଖତା। କେବଳ ନିଜ ଲକ୍ଷ୍ୟ ସହିତ ଜଡ଼ିତ ଭଲ ଜିନିଷଗୁଡ଼ିକୁ କଳ୍ପନା କରି ଯୋଜନାବଦ୍ଧ ଭାବରେ ଭବିଷ୍ୟତର ଚିତ୍ରରେ ସେମାନଙ୍କର ରଙ୍ଗ ପୂରଣ କରିପାରିବା। ଯେତେବେଳେ ବର୍ତ୍ତମାନ ଅତୀତରେ ପରିଣତ ହୁଏ ସେତେବେଳେ ଆମେ ଏହାର ପ୍ରକୃତ ସୌନ୍ଦର୍ଯ୍ୟ ଅନୁଭବ କରୁ। ଯେପରି




ବାଲ୍ୟଜୀବନ, ସାଙ୍ଗ ସାଥୀ ବିଦ୍ୟାଳୟ ସମୟ। ଅତୀତ ପାଇଁ ଅନୁତାପ ଏବଂ ଭବିଷ୍ୟତ ପାଇଁ ଚିନ୍ତା ଆମକୁ ଏପରି ଏକ ଦୁର୍ଭିକ୍ଷରେ ଠେଲି ଦିଏ ଯାହା ଆମ ସ୍ୱପ୍ନ ଏବଂ ଆକାଂକ୍ଷାକୁ ସବୁଦିନ ପାଇଁ ଦୂରେଇ ନେଇଯାଏ। ପରିପୂର୍ଣ୍ଣ ଜୀବନ ଅନୁଭବ କରିବାକୁ ହେଲେ ଅତୀତ ଏବଂ ଭବିଷ୍ୟତ ଉପରେ ଧ୍ୟାନ ନ ଦେଇ ବର୍ତ୍ତମାନର ସୌନ୍ଦର୍ଯ୍ୟକୁ ନିରନ୍ତର ଉପଭୋଗ କରିବା ଉଚିତ। ବର୍ତ୍ତମାନକୁ ଅଣଦେଖା କରିବା କୌଣସି ଦୃଷ୍ଟିକୋଣରୁ ଜ୍ଞାନର ଲକ୍ଷଣ ନୁହେଁ। ବର୍ତ୍ତମାନ ଏବଂ ବାସ୍ତବତା ସର୍ବଦା ପରସ୍ପରର ସମ୍ପୂରକ। ଅତୀତ ବାସ୍ତବତାର କ୍ଷେତ୍ର ପାର ହୋଇ ସମୟ ଗର୍ଭରେ ଲୀନ ହୋଇସାରିଛି। ଭବିଷ୍ୟତ ଏପର୍ଯ୍ୟନ୍ତ ବାସ୍ତବତାରେ ପରିଣତ ହୋଇନାହିଁ। ତେଣୁ ଅତୀତ ଏବଂ ଭବିଷ୍ୟତ ସହିତ ବାନ୍ଧି ହୋଇ ବର୍ତ୍ତମାନର ସୌନ୍ଦର୍ଯ୍ୟକୁ ଭୁଲିଯିବା ଅବିବେକତା ଏବଂ ଅଦୂରଦର୍ଶିତାକୁ ପ୍ରତିଫଳିତ କରେ। ବର୍ତ୍ତମାନର ପ୍ରତ୍ୟେକ ମୁହୂର୍ତ୍ତ କ୍ଷଣସ୍ଥାୟୀ କିନ୍ତୁ ସୁନ୍ଦର ଜୀବନକୁ ପ୍ରତିଫଳନ କରିଥାଏ। ଆବଶ୍ୟକତା କେବଳ ଏହାକୁ ଚିହ୍ନିବା ଏହାର ଆଶ୍ଚର୍ଯ୍ୟଜନକ ସୌନ୍ଦର୍ଯ୍ୟରେ ହଜିଯିବା ଏବଂ ଜୀବନର ସେହି ମୂଲ୍ୟବାନ ମୁହୂର୍ତ୍ତରେ ଲୁଚି ରହିଥିବା ଆନନ୍ଦକୁ ଅନୁଭବ କରିବା। ଅତୀତକୁ ଭୁଲିଦେବା ଏବଂ ଭବିଷ୍ୟତ ବିଷୟରେ ଚିନ୍ତା କରିବା ନିଶ୍ଚିତ ଭାବରେ ଏହି ଅଭିଜ୍ଞତାରେ ଏକ ବଡ଼ ପ୍ରତିବନ୍ଧକ ହୋଇପାରେ। ଚିନ୍ତା, ଦୁଃଖ ଏବଂ ହତାଶା ଭଳି ଭାବନା ସେତେବେଳେ ସୃଷ୍ଟି ହୁଏ ଯେତେବେଳେ ଆମେ ଅତୀତ ବିଷୟରେ ଅତ୍ୟଧିକ ଚିନ୍ତା କରୁ କିମ୍ବା ଭବିଷ୍ୟତ ବିଷୟରେ ଅଗଣିତ ଭିତ୍ତିହୀନ କଳ୍ପନାରେ ହଜିଯାଉ। ବର୍ତ୍ତମାନ ଏପରି ଏକ ମୁହୂର୍ତ୍ତ ଯାହାକୁ ଆମର ଆଶା ଅନୁଯାୟୀ ଗଠନ କରିବା ସମ୍ପୂର୍ଣ୍ଣ ଭାବରେ ଆମ ନିୟନ୍ତ୍ରଣରେ। ଭବିଷ୍ୟତ ପାଇଁ ଯୋଜନା କରିବା ଠିକ୍ କିନ୍ତୁ ଏହା ଭାବିବା ମୂର୍ଖତା ଯେ ଭବିଷ୍ୟତ ଆମର ଚିନ୍ତାଧାରା ଅନୁସାରେ ଆକାର ନେବ। ଆନନ୍ଦ ଅନୁଭବ କେବଳ ବର୍ତ୍ତମାନ ଉପରେ ଧ୍ୟାନ ଦେଇ ହାସଲ କରାଯାଇପାରିବ। ଯଦି ଅତୀତ ଏବଂ ଭବିଷ୍ୟତ ସହିତ ଜଡ଼ିତ କୌଣସି ପ୍ରକାର ଚିନ୍ତାଧାରାର ହସ୍ତକ୍ଷେପ ନ ଥାଏ ତେବେ ବର୍ତ୍ତମାନର ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ଶାନ୍ତି ଏବଂ ଖୁସିର ଅଗାଧ ଭଣ୍ଡାର।

ଜୀବନ ହେଉଛି ପ୍ରକୃତି ଦ୍ୱାରା ଦିଆଯାଇଥିବା ଅମୂଲ୍ୟ ଉପହାର ଏଥିପାଇଁ ପ୍ରତିଦିନ ହୃଦୟର ଗଭୀରରୁ ପ୍ରକୃତିକୁ ଧନ୍ୟବାଦ ଦେବା ଉଚିତ। ଅତୀତ ଏବଂ ଭବିଷ୍ୟତ ଚିନ୍ତାରୁ ମୁକ୍ତ ମନ ପ୍ରକୃତିର ନୀରବ ଶବ୍ଦ ଶୁଣିପାରେ। ଏହି ସନ୍ଦର୍ଭରେ ସନ୍ଥ କବୀରଦାସଙ୍କ ଏକ ପ୍ରସିଦ୍ଧ ଦୋହା ପ୍ରାସଙ୍ଗିକ। "ଯୋ କଲ କରେ ସୋ ଆଜ କର୍‌, ଆଜ କରେ ସୋ ଅବ" କାଲି ଯାହା କରିବାକୁ ଚାହୁଁଛ ତାହା ଆଜି କରନ୍ତୁ। ଆଜିର କାମ ବର୍ତ୍ତମାନ। ଜୀବନ ଅନିଶ୍ଚିତ ମୁହୂର୍ତ୍ତରେ ବିପର୍ଯ୍ୟୟ ଆସିପାରେ। ତେଣୁ ଯାହା ବି କରିବାକୁ ଅଛି ତୁରନ୍ତ କରିବା ଉଚିତ। ଅନ୍ୟ ଅର୍ଥରେ ବର୍ତ୍ତମାନ ସହିତ ସଂଯୋଗ ଜୀବନକୁ ଠିକ୍ ଏବଂ ଅର୍ଥପୂର୍ଣ୍ଣ ଦିଗ ଦେଇଥାଏ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ୫୦ ବର୍ଷ ତଳର ଧରିତ୍ରୀ

୨୦ ସେପ୍ଟେମ୍ବର ୧୯୭୬

- କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାରେ ୬୧୦୦ କୂପ ଖନନ ଲାଗି ୬ଟି ଭୂଉନ୍ନୟନ ବ୍ୟାଙ୍କ ୧ କୋଟି ଟଙ୍କାରୁ ଅଧିକ ଅର୍ଥ ବିନିଯୋଗ କରିବା ନେଇ ନିଷ୍ପତ୍ତି ଗ୍ରହଣ।
- ବିହାର ବନ୍ୟା ପରିସ୍ଥିତି ସାଂଘାତିକ ହୋଇଥିବା ସ୍ଥଳେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ବିମାନବାହିନୀ ଓ ସାମରିକ ବାହିନୀକୁ ନିୟୋଜିତ କରାଯାଇଛି।

## ଚିରନ୍ତନୀ

କ୍ଷୁଦ୍ର ଆଖି ଦୁଇଟିରେ ମୂର୍ଖ ମୂକ ଭାଷା
ଜଗାଇଛି କେଉଁ ସ୍ଥଳେ
ଅନନ୍ତ ପିପାସା
ସୃଷ୍ଟିର ସହସ୍ର ଆୟୋଜନ
ନିତି ନବ ଉଦ୍ଭାବନ
ଶତ ଶତ କଳା କଉଶଳ
ସର୍ବ ନିଜେ ସେ ଚାହାଁଣି
ଦିଶେ ଦିଶେ ମତାଏ ସକଳ।
–(ଚକ୍ରବାକ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଧର୍ମ ନାମରେ ଅହଙ୍କାର

ମହାଶୟ,

ପାର୍ବଣ ଋତୁ ଆରମ୍ଭ ହୋଇ ଗଲାଣି। ବିଭିନ୍ନ ପୂଜା ମଣ୍ଡପ ମା' ଦୁର୍ଗାଙ୍କ ଶାରଦୀୟ ପୂଜା ରୀତିନୀତି ଅନୁସାରେ କରିବାକୁ ତତ୍ପର। ପୂଜା ସହିତ ସାଜସଜ୍ଜା, ଆକର୍ଷଣୀୟ ତୋରଣ, ମନୋରଞ୍ଜନ, ପ୍ରସାଦ ସେବନ, ନାଚ ଗୀତର ଆସର, ଭସାଣି ଯାତ୍ରାର ଆୟୋଜନର କାର୍ଯ୍ୟସୂଚୀ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରତିଯୋଗିତାମୂଳକ ଭାବେ ମୃଣ୍ମୟୀ ମୂର୍ତ୍ତିଙ୍କ ଉଚ୍ଚତା ବଢ଼ି ବଢ଼ି ଚାଲିଛି, ତୋରଣ ମଧ୍ୟ ସେହି ଅନୁପାତରେ ବଢୁଛି। ଭକ୍ତି ମେଢ଼ର ଚାନ୍ଦି, ଏବେ ସୁନା ମେଢ଼ ହେଲାଣି। ମାଆଙ୍କର ମୁକୁଟ ଅଳଙ୍କାର ସୁନା, ହୀରାରେ ପରିବର୍ତ୍ତିତ ହୋଇଛି। କିଛି ସ୍ଥାନରେ ପାରମ୍ପରିକ ପୂଜା, ପ୍ରସାଦ ସେବନ, ଭକ୍ତିର ଅଭୂତପୂର୍ବ ସମାରୋହ ଦେଖିବାକୁ ମିଳେ। କର୍ଣ୍ଣ ଫଟା ବାଦ୍ୟ, ଯନ୍ତ୍ର ସଂଗୀତ, ଭେଳିକି ଭେଳି ଆଲୋକ ପରିବେଶ ପ୍ରତି ବିପଦ ଆଣୁଛି। ବାଦ୍ୟ ଯନ୍ତ୍ର ସହିତ ଅର୍ଦ୍ଧଉଲଗ୍ନ ନୃତ୍ୟ, ନିଶାସେବନ ସହିତ ଭସାଣି ଉତ୍ସବ କ'ଣ ଆମ ସଂସ୍କୃତି ପରମ୍ପରାକୁ ନିମ୍ନଗାମୀ କରୁ ନାହିଁ କି? ଭକ୍ତ ଗଣ ଅନୁଭବ କରିବା ଉଚିତ ଯେ, ଆମ ମାନଙ୍କ ଶକ୍ତିରେ ଭକ୍ତି ନ ଥାଏ ବରଂ ଭକ୍ତିରେ ଶକ୍ତି ଥାଏ। ତେଣୁ ସନାତନ ଧର୍ମ ଅନୁସାରେ ସମସ୍ତଙ୍କୁ ସମ୍ମାନ ଦେଇ ପୂଜାର୍ଚ୍ଚନା କରାଯିବା ଉଚିତ। ପ୍ରତିଯୋଗିତା ମୂଳକ ପୂଜା ମଣ୍ଡପଗୁଡ଼ିକ ଉପରେ ତଥା ଶବ୍ଦ ପ୍ରଦୂଷଣ ବିରୋଧରେ ସରକାର ଅଙ୍କୁଶ ଲଗାଇବାର ଆବଶ୍ୟକତା ରହିଛି। ଗରିବ ଦୁଇ ଓଳି ଦୁଇମୁଠା ଖାଦ୍ୟ ପାଉ ନ ଥିବା ସମୟରେ ଆମ ଧର୍ମ କ'ଣ ଆମକୁ ଏହି ପ୍ରକାର ପ୍ରତିଯୋଗିତା ମୂଳକ ପୂଜା କରିବାକୁ ଶିକ୍ଷା ଦେଉଛି ?

– ବିଷ୍ଣୁ ପ୍ରସାଦ ଦାସ, ଝାଞ୍ଜିରୀ ମଙ୍ଗଳା, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପାକିସ୍ତାନରେ ଘର ଭଳି ଅନୁଭବ କରେ: ପିଟ୍ରୋଡା

## କ୍ଷମା ଦାବିକଲା ଭାଜପା

ନୂଆଦିଲ୍ଲୀ,୧୯।୯

ବିବାଦୀୟ ମନ୍ତବ୍ୟ ପାଇଁ ଜଣାଶୁଣା କଂଗ୍ରେସର ଦରିଆପାରି ମୁଖ୍ୟ ଶାମ ପିଟ୍ରୋଡା ପାକିସ୍ତାନ, ବାଂଲାଦେଶ ଓ ନେପାଳ ଗଲେ ଘର ଭଳି ଅନୁଭବ କରନ୍ତି ବୋଲି କହି ଆଉ ଏକ ବିବାଦ ସୃଷ୍ଟି କରିଛନ୍ତି। ଭାରତର ବିଦେଶ ନୀତିରେ ପ୍ରଥମେ ଏହାର ପଡୋଶୀଙ୍କୁ ଫୋକସ୍ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଆଇଏଏନ୍ଏସ୍‌କୁ ସାକ୍ଷାତ୍କାର ଦେଇ ପିଟ୍ରୋଡା କହିଛନ୍ତି, ପଡ଼ୋଶୀ ଦେଶରେ ହିଂସା ଓ ଆତଙ୍କବାଦ ପ୍ରସଙ୍ଗ ସତ୍ତ୍ୱେ ଭାରତ ପାକିସ୍ତାନ ଓ ବାଂଲାଦେଶ ସହ ଆଲୋଚନା କରିବା ଆବଶ୍ୟକ।

ପିଟ୍ରୋଡାଙ୍କ ଏଭଳି ମନ୍ତବ୍ୟକୁ ଭାଜପା ରାଷ୍ଟ୍ରବିରୋଧୀ କହିବା ସହ ଏଥିପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ସୋନିଆ ଗାନ୍ଧୀ କ୍ଷମା ମାଗନ୍ତୁ ବୋଲି ଦାବି କରିଛି। ପିଟ୍ରୋଡାଙ୍କ ମନ୍ତବ୍ୟ ଭାରତୀୟ ଜବାନ ଏବଂ ଦେଶବାସୀଙ୍କ ପ୍ରତ ଅପମାନ ବୋଲି ଭାଜପା ମୁଖପାତ୍ର ପ୍ରଦୀପ ଭଣ୍ଡାରୀ କହିଛନ୍ତି। ରାହୁଲଙ୍କ ତରଫରୁ କଂଗ୍ରେସ ନେତା ପାକିସ୍ତାନକୁ ପ୍ରଶଂସା କରିଥିବା ସେ ଅଭିଯୋଗ କରିଛନ୍ତି।



ଇସ୍ରାଏଲର ଆକ୍ରମଣରୁ ରକ୍ଷା ପାଇବା ପାଇଁ ଗାଜା ସିଟିରୁ ପଳାଇ ଆସିଥିବା ଏକ ପରିବାରର ୩ ଶିଶୁ ବିଶ୍ରାମ କରୁଛନ୍ତି।

# ହାଫିଜ୍‌ଙ୍କୁ ଭେଟିଥିବାରୁ ଧନ୍ୟବାଦ ଦେଇଥିଲେ ମନମୋହନ

## ୟାସିନ ମଲିକଙ୍କ ସତ୍ୟପାଠ ଦେଖାଇ କଂଗ୍ରେସକୁ ଟାର୍ଗେଟକଲା ଭାଜପା

ନୂଆଦିଲ୍ଲୀ, ୧୯।୯

ଜମ୍ମୁ-କଶ୍ମୀର ଲିବରେଶନ ଫ୍ରଣ୍ଟ (ଜେକେଏଲ୍ଏଫ୍)ର ଆତଙ୍କବାଦୀ ୟାସିନ ମଲିକ ଗତ ଅଗଷ୍ଟ ୨୫ରେ ଦିଲ୍ଲୀ ହାଇକୋର୍ଟରେ ଦାଖଲ କରିଥିବା ସତ୍ୟପାଠ ଅନୁଯାୟୀ, ୨୦୦୬ରେ ପାକିସ୍ତାନରେ ଲ ଶ୍କ ର - ଇ - ତୋ ଇ ବା (ଏଲଇଟି)ର ପ୍ରତିଷ୍ଠାତା ତଥା ମୁମ୍ବାଇରେ ହୋଇଥିବା ୨୬/୧୧ ଆକ୍ରମଣର ମାଷ୍ଟରମାଇଣ୍ଡ ହାଫିଜ୍ ସୟିଦଙ୍କୁ ଭେଟିବା ପରେ ତତ୍କାଳୀନ ଭାରତର ପ୍ରଧାନମନ୍ତ୍ରୀ ମନମୋହନ ସିଂ ତାଙ୍କୁ ବ୍ୟକ୍ତିଗତ ଭାବେ ଧନ୍ୟବାଦ ଜଣାଇବା ସହ ତାଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଥିଲେ। ୨୦୦୬ରେ ହାଫିଜ୍‌ଙ୍କ ସହ ହୋଇଥିବା ଉକ୍ତ ବୈଠକ ତାଙ୍କ ଦ୍ୱାରା କୌଣସି ସ୍ୱତନ୍ତ୍ର ପଦକ୍ଷେପ ନ ଥିଲା ବରଂ ପାକିସ୍ତାନ ସହ ଗୁପ୍ତ ଶାନ୍ତି ପ୍ରକ୍ରିୟାର ଅଂଶ ଭାବେ ବରିଷ୍ଠ ଭାରତୀୟ ଗୋଇନ୍ଦା ଅଧିକାରୀଙ୍କ ଅନୁରୋଧକ୍ରମେ ଏହା ହୋଇଥିଲା ବୋଲି ୟାସିନ ସତ୍ୟପାଠରେ ଦର୍ଶାଇଛନ୍ତି। ଶୁକ୍ରବାର ଉକ୍ତ ସତ୍ୟପାଠକୁ ଭାଜପା ଆଇଟି ସେଲ୍ ଅଧ୍ୟକ୍ଷ ଅମିତ ମାଲବ୍ୟ ସାମାଜିକ ଗଣମାଧ୍ୟମ 'X'ରେ ଶେୟାର କରି କଂଗ୍ରେସକୁ ଟାର୍ଗେଟ୍ କରିଛନ୍ତି। ଜାତୀୟ ସୁରକ୍ଷାକୁ ନେଇ ତତ୍କାଳୀନ ୟୁପିଏ ସରକାରଙ୍କ କୂଟନୀତି ଓ ପରିଚାଳନାଗତ କ୍ଷମତା ଉପରେ ଏହି ସତ୍ୟପାଠ ପ୍ରଶ୍ନ ଉଠାଉଛି ବୋଲି ସେ କହିଛନ୍ତି। ପ୍ରକାଶ ଯେ, ୟାସିନ୍ ସମ୍ପ୍ରତି ଏକ ଟେରର୍ ଫଣ୍ଡିଂ ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି।

# ଓସ୍କାର ରେସ୍‌ରେ 'ହୋମ୍‌ବାଉଣ୍ଡ'

ମୁମ୍ବାଇ, ୧୯।୯

୨୦୨୬ ଓସ୍କାର ଆୱାର୍ଡ୍ସ ରେସ୍‌ରେ ହିନ୍ଦୀ ଫିଲ୍ମ 'ହୋମ୍‌ବାଉଣ୍ଡ୍' ସାମିଲ ହୋଇଛି। ୯୮ତମ ଏକାଡେମୀ ଆୱାର୍ଡ୍ସ ପାଇଁ ଶ୍ରେଷ୍ଠ ଅନ୍ତର୍ଜାତୀୟ ଫିଚର ଫିଲ୍ମ ଶ୍ରେଣୀରେ ଅନ୍ୟ ଫିଲ୍ମଗୁଡ଼ିକ ସହ ଫିଲ୍ମ ନିର୍ମାତା କରନ୍ ଜୋହରଙ୍କ 'ହୋମ୍‌ବାଉଣ୍ଡ'ର ମୁକାବିଲା ହେବ। ଏନେଇ କୋଲ୍‌କାତାରେ ଏକ ଖବରଦାତା ସମ୍ମିଳନୀ କରି ଫିଲ୍ମ ଫେଡେରେଶନ ଅଫ୍ ଇଣ୍ଡିଆ(ଏଫ୍ଏଫ୍ଆଇ) ପକ୍ଷରୁ ଘୋଷଣା କରାଯାଇଛି। ଏଫ୍ଏଫ୍ଆଇର ୧୪ ସଦସ୍ୟବିଶିଷ୍ଟ ଚୟନ କମିଟି ପକ୍ଷରୁ ଭାରତର ଶ୍ରେଷ୍ଠ ୨୪ ଫିଚର ଫିଲ୍ମ ମଧ୍ୟରୁ ଓସ୍କାର ପାଇଁ 'ହୋମ୍‌ବାଉଣ୍ଡ'କୁ ଚୟନ କରାଯାଇଛି। 'ହୋମ୍‌ବାଉଣ୍ଡ' ଫିଲ୍ମକୁ ଗତ ମେ' ୨୧ରେ ପ୍ରସିଦ୍ଧ କାନ୍ସ ଫିଲ୍ମ ଫେଷ୍ଟିଭାଲ ଏବଂ ଗତ ୧୦ରେ ଟରୋଣ୍ଟୋ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ କରାଯାଇଛି। ଆସନ୍ତା ୨୬ରେ ଏହି ଫିଲ୍ମ ସିନେମା ହଲ୍‌ରେ ରିଲିଜ୍ ହେବ। ନୀରଜ ଘାୟୱାନଙ୍କ ନିର୍ଦ୍ଦେଶିତ 'ହୋମ୍‌ବାଉଣ୍ଡ' ଫିଲ୍ମରେ ଅଭିନେତ୍ରୀ ଜାହ୍ନବୀ କପୁରଙ୍କ ସହ ଅଭିନେତା ଇଶାନ୍ ଖଟ୍ଟର ଓ ବିଶାଲ ଜେଠ୍ୱା ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମର କାହାଣୀ ଅନୁଯାୟୀ, ଇଶାନ ଓ ବିଶାଲ ଉତ୍ତର ଭାରତୀୟ ଗାଁର ୨ ବାଲ୍ୟବନ୍ଧୁ ହୋଇଥିବା ବେଳେ ଗ୍ରାମବାସୀଙ୍କଠାରୁ ସମ୍ମାନ ପାଇବା ଆଶାରେ ଉଭୟ ପୋଲିସ ଅଧିକାରୀ ହେବାକୁ ପିଲାବେଳୁ ସ୍ୱପ୍ନ ଦେଖିଥାନ୍ତି। ତେବେ ସମୟ କ୍ରମେ ଏହି ୨ ବାଲ୍ୟବନ୍ଧୁ ନିଜ ସ୍ୱପ୍ନକୁ ସାକାର କରିବା ଦିଗରେ ଅନେକ ସମସ୍ୟାରେ ପଡ଼ିଥାନ୍ତି, ଯାହାଫଳରେ ସେମାନଙ୍କ ବନ୍ଧୁତାରେ କଟୁତା ସୃଷ୍ଟି ହୋଇଥାଏ।



'ହୋମ୍‌ବାଉଣ୍ଡ୍' ଫିଲ୍ମର ଅଭିନେତା ଇଶାନ୍ ଖଟ୍ଟର ଓ ବିଶାଲ ଜେଠ୍ୱା।

# ଆମେରିକା-ଚାଇନା ଟିକ୍‌ଟକ୍ ଡିଲ୍‌କୁ ମଞ୍ଜୁରୀ

ୱାଶିଂଟନ୍, ୧୯।୯

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଚାଇନା ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ଶୁକ୍ରବାର ପ୍ରାୟ ୩ ମାସ ପରେ ଫୋନ୍‌ରେ କଥା ହୋଇଛନ୍ତି। ଆମେରିକାରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟିକ୍‌ଟକ୍‌ର ସଞ୍ଚାଳନକୁ ଜାରି ରଖିବା ପାଇଁ ଦୀର୍ଘଦିନ ଧରି ପଡ଼ି ରହିଥିବା ଚୁକ୍ତିନାମାକୁ ଜିନ୍‌ପିଙ୍ଗ୍ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଫଳରେ ଆମେରିକାରେ ଟିକ୍‌ଟକ୍ ବ୍ୟବହାର ଜାରି ରହିବ ବୋଲି ଟ୍ରମ୍ପ କହିଛନ୍ତି। ଆଲୋଚନା ପରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ ଲେଖିଛନ୍ତି ବାଣିଜ୍ୟ, ରୁଷିଆ-ୟୁକ୍ରେନ୍ ଯୁଦ୍ଧ, ଟିକ୍‌ଟକ୍ ଡିଲ୍‌ର ମଞ୍ଜୁରୀ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଏହି ଆଲୋଚନାରେ ଅଗ୍ରଗତି ହୋଇଛି। ଆସନ୍ତା ମାସରେ ହେବାକୁ ଥିବା ଏସିଆ ପାସିଫିକ୍ ଇକୋନୋମିକ କୋଅପରେଶନ (ଏପିଇସି) ସମ୍ମିଳନୀରେ ସେ ଓ ଜିନ୍‌ପିଙ୍ଗ୍ ପରସ୍ପରକୁ ଭେଟିବେ। ସେହିପରି ଆସନ୍ତା ବର୍ଷ ପ୍ରାରମ୍ଭରେ ସେ ଚାଇନା ଯାତ୍ରା କରିବେ ବୋଲି ଟ୍ରମ୍ପ କହିଛନ୍ତି।

# ବାଣିଜ୍ୟ ଚୁକ୍ତି ପାଇଁ ଖୁବ୍‌ଶୀଘ୍ର ଆମେରିକା ଯିବେ ଗୋୟଲ

ନୂଆଦିଲ୍ଲୀ,୧୯।୯

ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ନେଇ ପୁଣିଥରେ ଆଲୋଚନା ଆରମ୍ଭ ହୋଇଥିବାବେଳେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ଖୁବ୍‌ଶୀଘ୍ର ୱାଶିଂଟନ ଯିବେ। ପ୍ରସ୍ତାବିତ ବାଣିଜ୍ୟ ଚୁକ୍ତିନାମା ନେଇ ନିକଟରେ ଭାରତର ମୁଖ୍ୟ ମଧ୍ୟସ୍ଥ ରାଜେଶ ଅଗ୍ରୱାଲଙ୍କ ସହ ଆମେରିକା ପ୍ରତିପକ୍ଷ ବ୍ରେଣ୍ଡନ ଲିଞ୍ଚ୍ ଆଲୋଚନାରେ ବେଶ୍ ଅଗ୍ରଗତି ଦେଖାଦେଇଥିଲା। ଆଲୋଚନାକୁ ଆହୁରି ବଢ଼ାଇବା ପାଇଁ ଗୋୟଲ ଆସନ୍ତା ସପ୍ତାହରେ ଆମେରିକା ଗସ୍ତ କରିବେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

ଆମେରିକା ଭାରତୀୟ ସାମଗ୍ରୀ ଉପରେ ଲଗାଇଥିବା ୨୫ ପ୍ରତିଶତ ଦଣ୍ଡାତ୍ମକ ଶୁଳ୍କ ଆଗାମୀ ୮ରୁ ୧୦ ସପ୍ତାହ ମଧ୍ୟରେ ପ୍ରତ୍ୟାହାର କରିନେଇପାରେ ବୋଲି ଆଶା କରାଯାଉଥିବା ଗୁରୁବାର ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ୍ କହିଥିଲେ। ଏଥିସହିତ ୨୫% ଜବାବୀ ଟାରିଫ୍‌କୁ ୧୦ରୁ ୧୫%କୁ ହ୍ରାସ କରାଯାଇପାରେ ବୋଲି ସେ ଆଶାବ୍ୟକ୍ତ କରିଥିଲେ।

# ୧୦୦ ଟଙ୍କା ଲାଞ୍ଚ, ୩୯ ବର୍ଷ ପରେ ଦୋଷମୁକ୍ତ

ରାୟପୁର,୧୯।୯

ମାତ୍ର ୧୦୦ ଟଙ୍କା ଲାଞ୍ଚ ମାମଲାରେ ଛତିଶଗଡ଼ର ଜଣେ ପୂର୍ବତନ ବିଲିଂ ଆସିଷ୍ଟାଣ୍ଟଙ୍କୁ ୩୯ ବର୍ଷ ଆଇନଗତ ଲଢ଼େଇର ସମ୍ମୁଖୀନ ହେବାକୁ ପଡ଼ିଛି। ଶେଷରେ ଛତିଶଗଡ଼ ହାଇକୋର୍ଟ ତାଙ୍କୁ ଦୋଷମୁକ୍ତ କରିଛନ୍ତି। ବିନା ପ୍ରମାଣରେ କେବଳ ଜଣକ ପାଖରୁ ଟଙ୍କା ଜବତ ହେବା ଘଟଣାରେ ତାଙ୍କୁ ଦୋଷୀସାବ୍ୟସ୍ତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଫଳରେ ନ୍ୟାୟ ମିଳିବାରେ ବିଳମ୍ବ ହୋଇପାରେ କିନ୍ତୁ ଏଥିରୁ କଦାପି ବଞ୍ଚିତ କରାଯାଇପାରିବ ନାହିଁ ସିଦ୍ଧାନ୍ତ ପ୍ରତିପାଦିତ ହୋଇଛି।

ଜଗେଶ୍ୱର ପ୍ରସାଦ ଅୱସ୍ଥି ମଧ୍ୟପ୍ରଦେଶ ରାଜ୍ୟ ପରିବହନ ନିଗମରେ ପୂର୍ବରୁ ବିଲିଂ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ୧୯୮୬ରେ ସେ ଅଶୋକ କୁମାର ବର୍ମା ନାମକ କର୍ମଚାରୀଙ୍କ ବକେୟା ପ୍ରାପ୍ୟର ସମାଧାନ କରିବା ପାଇଁ ୧୦୦ ଟଙ୍କା ଲାଞ୍ଚ ଗ୍ରହଣ କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ତତ୍କାଳୀନ ଲୋକାୟୁକ୍ତ ରାସାୟନିକ ବୋଳା ନୋଟ ବ୍ୟବହାର କରି ଅୱସ୍ଥିଙ୍କୁ ଲାଞ୍ଚ ନେଉଥିବାବେଳେ ଧରିଥିଲେ। ୨୦୦୪ରେ ତଳକୋର୍ଟ ତାଙ୍କୁ ବର୍ଷେ ଜେଲ ଦଣ୍ଡାଦେଶ ଦେଇଥିଲେ। ହାଇକୋର୍ଟ ବିଚାରପତି ବିଭୁଦତ୍ତ ଗୁରୁ ବଳିଷ୍ଠ ପ୍ରମାଣ ନ ଥିବା ଦର୍ଶାଇ ତଳକୋର୍ଟ ରାୟକୁ ଖାରଜ କରିଦେଇଛନ୍ତି। ଅୱସ୍ଥି ଲାଞ୍ଚ ଦାବି କରିଥିବାର ପ୍ରମାଣ ପାଇଁ କୌଣସି ନିରପେକ୍ଷ ସାକ୍ଷୀ ନାହାନ୍ତି। ମାମଲାର ସ୍ୟାଡୋ ୱିଟ୍‌ନେସ୍ ଥିବା ବ୍ୟକ୍ତି ଅୱସ୍ଥି ଓ ବର୍ମାଙ୍କ ମଧ୍ୟରେ କଥାବାର୍ତ୍ତା ଶୁଣି ନ ଥିବା କିମ୍ବା ଲାଞ୍ଚ ଗ୍ରହଣ କରିବା ଦେଖି ନ ଥିବା କହିଥିଲେ। ଜବତ ଲାଞ୍ଚ ଗୋଟିଏ ୧୦୦ ଟଙ୍କିଆ ନୋଟ୍ କି ୨ଟି ୫୦ ଟଙ୍କିଆ ନୋଟ୍ ତାହା ମଧ୍ୟ ସ୍ପଷ୍ଟ ହୋଇ ନ ଥିଲା। ଅୱସ୍ଥି ଆହୁରି କରିଥିଲେ, ଅଭିଯୋଗ ଆସିବା ସମୟରେ ବିଲ୍ ପାସ୍ କରାଇବା କ୍ଷମତା ତାଙ୍କର ନ ଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ଏହି କ୍ଷମତା ମିଳିଥିଲା।

# ପାରସ୍ପରିକ ସ୍ୱାର୍ଥକୁ ସାଉଦି ଧ୍ୟାନରେ ରଖିବା ନେଇ ଭାରତ ଆଶାବାଦୀ

ନୂଆଦିଲ୍ଲୀ,୧୯।୯(ପି.ଟି.)

ପାକିସ୍ତାନ ଓ ସାଉଦି ଆରବ ମଧ୍ୟରେ ଏକ ରଣନୈତିକ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ ହୋଇଥିବାବେଳେ ରିୟାଧ ପାରସ୍ପରିକ ସ୍ୱାର୍ଥ ଓ ସମ୍ବେଦନଶୀଳତାକୁ ଧ୍ୟାନରେ ରଖିବ ବୋଲି ଶୁକ୍ରବାର ଭାରତ ଆଶାବ୍ୟକ୍ତ କରିଛି। ପ୍ରତିରକ୍ଷା ଚୁକ୍ତି ଅନୁଯାୟୀ, ପାକିସ୍ତାନ କିମ୍ବା ସାଉଦି ଆରବ ଉପରେ କୌଣସି ଆକ୍ରମଣ ହେଲେ ତାକୁ ଉଭୟ ଦେଶ ବିରୋଧରେ ଅତିକ୍ରମଣ ରୂପେ ବିବେଚନା କରାଯିବ। ଉପସାଗରୀୟ ଅଞ୍ଚଳରେ ଆମେରିକାର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ରହିଆସିଥିବା କାତାର ରାଜଧାନୀ ଦୋହାରେ ପାଲେଷ୍ଟିନୀୟ ଆତଙ୍କବାଦୀ ସଙ୍ଗଠନ ହମାସ୍‌ର ଶୀର୍ଷ ରାଜନେତାମାନଙ୍କୁ ହତ୍ୟା ପାଇଁ ଇସ୍ରାଏଲ୍ ଟାର୍ଗେଟ କରିବାର କିଛିଦିନ ପରେ ପାକିସ୍ତାନ ଓ ସାଉଦି ଆରବ ମଧ୍ୟରେ ଏହି ଚୁକ୍ତି ସମ୍ପନ୍ନ ହୋଇଛି।

ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ସାଉଦି ଆରବ ସହ ଭାରତର ବ୍ୟାପକ ରଣନୀତିକ ସହଭାଗିତା ରହିଥିବାବେଳେ ଗତ କିଛିବର୍ଷ ମଧ୍ୟରେ ତାହା ଆହୁରି ଘନିଷ୍ଠ ହୋଇଛି। ଏହି ସହଭାଗିତା ପାରସ୍ପରିକ ସ୍ୱାର୍ଥ ଓ ସମ୍ବେଦନଶୀଳତାକୁ ଧ୍ୟାନରେ ରଖିବ ବୋଲି ଭାରତ ଆଶା କରୁଥିବା ରଣଧୀର ଗଣମାଧ୍ୟମକୁ କହିଛନ୍ତି।

## ଫୋନ୍ ନମ୍ବର ଲିକ୍

# ରାହୁଲଙ୍କ ବିରୋଧରେ ଏତଲା ଦେବେ ଅଞ୍ଜନୀ

ପ୍ରୟାଗରାଜ,୧୯।୯(ପି.ଟି.)

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗୁରୁବାର ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀ କରି ଭୋଟ ଚୋରି ଅଭିଯୋଗକୁ ଦୋହରାଇଥିଲେ। ଏହି ଅବସରରେ ସେ ପ୍ରୟାଗରାଜ ମେଜା ରୋଡ୍ ବାସିନ୍ଦା ଅଞ୍ଜନୀ ମିଶ୍ରାଙ୍କ ଫୋନ୍ ନମ୍ବର ଶେୟାର କରିଥିଲେ। ଏହା ପରଠାରୁ ଅଞ୍ଜନୀଙ୍କ ଫୋନ୍‌କୁ ଅନେକ ଶହ କଲ୍ ଆସିବାରୁ ସେ ଅତ୍ୟନ୍ତ ବ୍ୟତିବ୍ୟସ୍ତ ହୋଇପଡ଼ିଛନ୍ତି। ଏଥିପାଇଁ ସେ ରାହୁଲଙ୍କ ବିରୋଧରେ ଖୁବ୍‌ଶୀଘ୍ର ଏତଲା ଦେବେ ବୋଲି କହିଛନ୍ତି।

ମେଜା ରୋଡ୍‌ରେ ଏକ ଜନସେବା କେନ୍ଦ୍ର ଚଳାଉଥିବା ଅଞ୍ଜନୀ ଶୁକ୍ରବାର ପିଟିଆଇକୁ କହିଛନ୍ତି, ଗୁରୁବାର ସନ୍ଧ୍ୟାରୁ ସେ ଭୋଟ ଚୋରି ସମ୍ପର୍କିତ ୩୦୦ରୁ ଊର୍ଦ୍ଧ୍ୱ ଫୋନ୍ କଲ୍ ପାଇଲେଣି। ଏହି କଲ୍‌କୁ ନେଇ ସେ ବହୁତ ବିବ୍ରତ ଓ ଖୁବ୍‌ଶୀଘ୍ର ରାହୁଲଙ୍କ ବିରୋଧରେ ପୋଲିସରେ ଅଭିଯୋଗ କରିବେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମଥାନେ ବାନ୍ଧିଲି ମେଣ୍ଟା
ଜବାବ ଦେଇ ଯା ନିଆଶା କଲୁ
କାଲି ବସେଇବି ହଟା।**

ଜବାବ ଦେଲେ କଥା ରଖିବାକୁ ପଡ଼େ। ଏଥିରୁ ଖିଲାପ ହେଲେ ଅପର ବ୍ୟକ୍ତିର ମନ ଉପରେ ଏହାର କୁପ୍ରଭାବ ପଡ଼ିଥାଏ। ମନ ପାଣିଚିଆ ହୋଇଯିବା ସହ ଏକପ୍ରକାର ବିତୃଷ୍ଣା ଭାବ ଆସିଯାଇଥାଏ। ଏପରିସ୍ଥଳେ କଥା ଦେଇ କଥା ରଖି ପାରୁ ନ ଥିବା ବ୍ୟକ୍ତି ପ୍ରତି ମନରେ କ୍ରୋଧ ଜାତ ହେବା ସହ ପ୍ରତିହିଂସା ଭାବ ସୃଷ୍ଟିହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମଲ୍ଲୀ ଫୁଲ ମହକିଲା
କେଉଁ ରସିକକୁ ଅନାଇଥିଲୁ
ଓଦାଲୁଗା ଶୁଖିଗଲା।**

ମନର ମଣିଷ ସହ ଭେଟ ନ ହୋଇପାରିଲେ ପ୍ରେମୀ ମନ ଭାଙ୍ଗିଯାଏ। ମନ ଊଣା ହେବା ସହ ରାଗ ରୋଷ ବଢ଼ିଯାଏ। ପ୍ରେମରେ ପ୍ରତୀକ୍ଷା ସାଧାରଣତଃ ଦେହ ଓ ମନକୁ ଯନ୍ତ୍ରଣାସିକ୍ତ କରିଦେଇଥାଏ। ମନର ମଣିଷ ସହ ଭେଟ ହେବା ନେଇ ମନରେ ଅପୁରନ୍ତି ଆଶା କିନ୍ତୁ ତାହା ଫଳପ୍ରସୂ ହୋଇ ନ ପାରିବା ଯୋଗୁ ପ୍ରେମୀ ହତାଶ ହୋଇପଡ଼ିଥିବା ସ୍ଥଳେ ତା'ର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
PRODUCTION HEAD FOR A CNC MACHINE SHOP NEAR KOLKATA. EXPERIENCE AND EXPERTISE IN CNC & VMC PROGRAMMING, ACAD, CAM IS ESSENTIAL.
CONTACT:
ptchain@gmail.com, 9830042357

STAFF REQUIRED
ଜଗତ୍‌ସିଂହପୁର ବାଲିକୁଦାରେ Readymix Concreet Plantରେ କାର୍ଯ୍ୟ କରିବା ପାଇଁ experience Marketing, Manager, Quality Engineer, Supervisor ଏବଂ Accountant Staff ଆବଶ୍ୟକ।
ରହିବା ଓ ଖାଇବା ସୁବିଧା ଉପଲବ୍ଧ।
ଯୋଗାଯୋଗ: 9937499625

JOB JOB !
ଅଫିସ୍‌ରେ ଫୋନ କଲ୍ ଓ ବ୍ୟାକଏଣ୍ଡରେ କାମ କରିବା ପାଇଁ ପିଲା ଦରକାର। ଫାଇନାନ୍ସ କଲେକସନ ଏକ୍ସପେରିଏନ୍ସ ଓ ଏକ୍ସଲ କାମ ଜାଣିଥିଲେ ଭଲ।
Contact or Whatsapp
8339951120

WANTED
LADY OFFICE ASST.
Khaiba, Rahiba Free
10,000/- P.M.
Nakhara, Cuttack
7809525452

ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-30, ତା.11.09.2025ରିଖ
କାର୍ଯ୍ୟର ନାମ: ଏକ ବର୍ଷ ନିମନ୍ତେ ସମ୍ବଲପୁର ମଣ୍ଡଳ ଠାରେ ସିନିୟର ସେକ୍ସନ ଇଞ୍ଜିନିୟର / ସଂକେତ / ରେଢ଼ାଖୋଲ ପରିସୀମା ଅଧୀନସ୍ଥ କରପଡ଼ା - ସମ୍ବଲପୁର ସିଟି ସେକ୍ସନ ପାଇଁ ସଂକେତ ଜୋନାଲ (Zonal) କାର୍ଯ୍ୟ।
ଟେଣ୍ଡର ମୂଲ୍ୟ : ₹ 52,35,958.89, ବିଡ୍ ସିକ୍ୟୁରିଟୀ: ₹ 1,04,700/-
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.06.10.2025ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ (ସଂକେତ), ସମ୍ବଲପୁର
PR-611/Q/25-26

No.O-743
ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ୍ୟ / ପୋଷ୍ଟ - ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର - ୭୬୦୦୧୧, ଗଞ୍ଜାମ, ଓଡ଼ିଶା)
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR
(At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail : serwbpr2004@yahoo.com, Tel No.: 0680-2404287)
NATIONAL COMPETITIVE BIDDING THROUGH e-Procurement
Bid Identification No. Online Tender/27-2025-26/BPR

| Identification No | Name of work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 27-2025-26/BPR | Bridge work under SETU BANDHANA YOJANA (SBY) & Road Works under MMSY-CMRL | 04 Nos | From Rs.316.47 lakhs to Rs.553.10 Lakhs | "A" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No | Availability of tender online for bidding From | To |
|---|---|---|---|
| Chief Construction Engineer, R.W.Circle, Berhampur | Online Tender/27-2025-26/BPR | 23.09.2025 at 10.00 A.M. | 08.10.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website : www.tendersodisha.gov.in
Sd./- Chief Construction Engineer R.W.Circle, Berhampur
OIPR-25071/11/0130/2526

No.O-767
ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ୍ୟ / ପୋଷ୍ଟ - ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର - ୭୬୦୦୧୧, ଗଞ୍ଜାମ, ଓଡ଼ିଶା)
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR
(At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail : serwbpr2004@yahoo.com, Tel No.: 0680-2404287)
NATIONAL COMPETITIVE BIDDING THROUGH GEPNIC e-Procurement
Bid Identification No. Online Tender/28-2025-26/BPR

| Identification No | Name of work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 28-2025-26/BPR | Bridge Works (SBY) for 2024-25 | 03 Nos | From Rs.313.35 lakhs to Rs.692.72 Lakhs | "A" Class or "Special" Class as applicable | 12 (Twelve) & 15 (Fifteen) Calendar Month as provided |

| Procurement Officer | Bid Identification No | Availability of tender online for bidding From | To |
|---|---|---|---|
| Chief Construction Engineer, R.W.Circle, Berhampur | Online Tender/28-2025-26/BPR | 25.09.2025 at 10.00 A.M. | 09.10.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website : www.tendersodisha.gov.in
Sd./- Chief Construction Engineer R.W.Circle, Berhampur
OIPR-25071/11/0133/2526

कार्यपालक अभियंता का कार्यालय
भवन निर्माण विभाग, भवन प्रमंडल, गोड्डा
(Email I.D- eebcdgodda@gmail.com / eengbcdgodda-jhr@nic.in)
शुद्धि-पत्र
एतद् द्वारा सूचित किया जाता है कि अपरिहार्य कारणवश e-Tender Reference No:- BCD/EE/08/Godda/2025-26, Date-29.08.2025 PR No.-360784 Building(25-26)D के द्वारा आमंत्रित ई-प्रोक्योरमेन्ट निविदा में निम्नलिखित को संशोधन किया जाता है :-

| | पूर्व की तिथि/समय | संशोधित तिथि/समय |
|---|---|---|
| वेबसाईट पर निविदा प्रकाशन की तिथि/समय | दिनांक:- 18.09.2025 समय :- 11:00 AM | दिनांक:- 25.09.2024 समय :- 03:00 PM |
| बिड प्राप्ति के लिए अन्तिम तिथि/समय | दिनांक:- 25.09.2025 समय :- 11:00 AM | दिनांक:- 07.10.2025 समय :- 03:00 PM |
| निविदा खोलने की तिथि/समय | दिनांक:- 26.09.2025 समय :- 12:00 PM | दिनांक:- 08.10.2025 समय :- 04:00 PM |

शेष यथावत् रहेगा।
कार्यपालक अभियंता भवन प्रमंडल, गोड्डा
PR 362313 Building(25-26)#D

वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर
लापताः आवश्यक सूचना
गुमशुदा रायु मोदी उम्र-21 वर्ष।
सर्व साधारण को सूचित किया जाता है कि आवेदिका जीतनी मोदी के द्वारा अपने बेटे रायु मोदी उम्र-21 वर्ष की गुमशुदगी के संबंध में संबंधित थाना सिदगोड़ा में लिखित आवेदन दिये हैं। आवेदन में इनके द्वारा बताया गया कि गुमशुदा रायु मोदी उम्र-21 वर्ष, पिता-स्व0 कर्मे मोदी, सा0-बाबूडीह, कानुभट्टा बस्ती, थाना-सिदगोड़ा, जिला-पूर्वी सिंहभूम, जमशेदपुर जो 20-22 दिन पूर्व बिना किसी को बताये घर से निकला है और आज तक वापस नहीं आया है। परिवारवालों ने अपने स्तर से अगल-बगल एवं रिश्तेदारों के यहाँ काफी खोजबीन किया परन्तु कुछ पता नहीं चल सका। गुमशुदा का हुलिया निम्न प्रकार है :-उम्र-करीब 21 वर्ष, कद-करीब 05 फीट, रंग-सॉवला, बाल-काला, पहनावा-काला रंग का हाप पैंट एवं सैंडो गंजी, भाषा-हिन्दी।



अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।
वरीय पुलिस अधीक्षक, पूर्वी सिंहभूम, जमशेदपुर : 0657-2431006
पुलिस अधीक्षक नगर, पूर्वी सिंहभूम, जमशेदपुर : 9471190203
पुलिस उपाधीक्षक, (मु0-01) : 9431706481
थाना प्रभारी, सिदगोड़ा : 9431706508
वरीय पुलिस अधीक्षक, पूर्वी सिंहभूम, जमशेदपुर
PR 362409 Police(25-26)#D
POLICE HELPLINE (EMERGENCY DIAL)-112 CHILD HELPLINE-1098
WOMEN HELPLINE-1091 DOMESTIC ABUSE HELPLINE-181
CYBER CRIME HELPLINE-1930 AMBULANCE SERVICE-108

**ମହିଳାଙ୍କୁ ଟାଣିନେଲା କୁମ୍ଭୀର**

ମହାକାଳପଡ଼ା,୧୯।୯ (ପ୍ରତାପ ଚନ୍ଦ୍ର ସ୍ୱାଇଁ ) କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ସୁନିତି ପଞ୍ଚାୟତ ୮ ନମ୍ବର ୱାର୍ଡ ଗୋବରୀ ନଦୀ ମାଉଥ୍ ଶାଖା ନାଳରେ ଥିବା ଏକ ୨୦ ଫୁଟ୍‌ର ବଉଳା କୁମ୍ଭୀର ଶୁକ୍ରବାର ଜଣେ ମହିଳାଙ୍କୁ ଟାଣି ନେଇଯାଇଛି। ନିଖୋଜ ମହିଳା ହେଲେ ବେଣାକନ୍ଧା ଘୋଲାପଡ଼ାର ଲକ୍ଷ୍ମୀ ଦଲାଇ(୪୦)। ସେ ନଦୀ ପାଖରେ ଛେଳି ଚରାଉଥିବା ବେଳେ ହଠାତ୍ ଏକ ବଉଳା କୁମ୍ଭୀର କଣ୍ଟାବାଡ଼ ଖୁଣ୍ଟ ଡେଇଁ ତାଙ୍କୁ ନଦୀ ଭିତରକୁ ଟାଣି ନେଇଯାଇଥିଲା। କୁମ୍ଭୀରଟି ଟାଣିନେଲା ବେଳେ ତାଙ୍କ ଶାଢ଼ି କାନି କଣ୍ଟାବାଡ଼ରେ ଲାଗି ଚିରିଥିବା ଦେଖିବାକୁ ମିଳିଛି।

# କୋଷ୍ଟଗାର୍ଡରେ ସାମିଲ ହେଲା ପାଟ୍ରୋଲିଂ ଜାହାଜ 'ଅଦମ୍ୟ'

**ପାରାଦୀପ,୧୯।୯(ଶରତ ରାଉତ)**

ଭାରତୀୟ ତଟରକ୍ଷୀ ବାହିନୀରେ ଶୁକ୍ରବାର ନୂଆ ପାଟ୍ରୋଲିଂ ଜାହାଜ 'ଅଦମ୍ୟ' ସାମିଲ ହୋଇଛି। କୋଷ୍ଟଗାର୍ଡ ଓଡ଼ିଶା ମୁଖ୍ୟାଳୟ ୭ ପାରାଦୀପର ବନ୍ଦର ପୋତାଶ୍ରୟ ମଧ୍ୟରେ ଥିବା ବର୍ଥ ପାଖରେ ପ୍ରତିରକ୍ଷା ଯୁଗ୍ମ ସଚିବ ସତ୍ୟଜିତ୍ ମହାନ୍ତି ଏହାକୁ ଲୋକାର୍ପଣ କରିଥିଲେ। କୋଷ୍ଟଗାର୍ଡ ଆଇଜି (ଇନ୍ସପେକ୍ଟର ଜେନେରାଲ)ଯୋଗିନ୍ଦର ଢାକା ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। 'ଅଦ୍ୟମ'କୁ ସ୍ୱଦେଶୀ ଜ୍ଞାନକୌଶଳରେ ତିଆରି କରାଯାଇଛି। ଗୋଆ ଶିପୟାର୍ଡ ଲିମିଟେଡ୍ ଦ୍ୱାରା ନିର୍ମିତ ଏହି ଜାହାଜର ଲମ୍ବ ୨୧ ମିଟର ଏବଂ ଓଜନ ୩୨୦ ଟନ। ଡିଜେଲ ଚାଳିତ ଏହି ଜାହାଜ ଘଣ୍ଟା ପ୍ରତି ୨୮ ନଟିକାଲ ମାଇଲ (୫୦କିମି) ଯାଇପାରିବ। ୩୦୦୦ ଡିଜେଲ ସହ ଏହା ଥରକରେ ୧୫ଶହ ନଟିକାଲ ମାଇଲ (୨୭୦୦କିମି) ଗତି କରିପାରିବ। ଏହା ସମୁଦ୍ରରେ ପାଟ୍ରୋଲିଂ ସହ ଦୁର୍ଘଟଣା ସମୟରେ ଉଦ୍ଧାର କରିବା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ପ୍ରଦୂଷଣ ସଫା କରିବା ଭଳି ଅନେକ କାର୍ଯ୍ୟ କରିପାରିବ। ଏଥିରେ ଅସ୍ତ୍ର ଭାବେ ୩୦ ଏମ୍ଏମ୍ ସିଆର୍ଏନ୍, ୯୧ ଗନ, ୨ଟି ୧୨.୭ଏମ୍ଏମ ବିଶିଷ୍ଟ ମେଶିନ ଗନ ଓ ଅନ୍ୟ ଅସ୍ତ୍ରଶସ୍ତ୍ର ରହିଛି। ଏଥିରେ କମାଣ୍ଡାଣ୍ଟ ଭାବେ ଅନୁରାଗ ପାଣ୍ଡେଙ୍କ ସମେତ ୫ ଅଫିସର ଓ ୩୪ ଜଣ ଯବାନଙ୍କୁ ମୁତୟନ କରାଯାଇଛି। ଏହା ପୂର୍ବ ଉପକୂଳ ବର୍ତ୍ତି ରାଜ୍ୟର ସୀମାରେ ପାଟ୍ରୋଲିଂ କରିବ।



'ଅଦମ୍ୟ'ର ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା କୋଷ୍ଟଗାର୍ଡ ଅଧିକାରୀମାନେ।

# ବିଜେଡି ନେତା ଦିଲୀପ ନାୟକଙ୍କୁ ଉଠାଇନେଲା ଇଓଡବ୍ଲ୍ୟୁ

**କଟକ,୧୯।୯(କାର୍ତ୍ତିକ ସାହୁ)**

ବିଜେଡି ନେତା ଦିଲୀପ ନାୟକଙ୍କୁ କଟକ ବାଦାମବାଡ଼ିସ୍ଥିତ ତାଙ୍କ ବାସଭବନରୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଶୁକ୍ରବାର ଉଠାଇ ନେଇଛି। ଇଓଡବ୍ଲ୍ୟୁ ଟିମ୍ ସଦସ୍ୟମାନେ ନାୟକଙ୍କ ବାସଭବନରେ ଚଢ଼ାଉ ପରେ ତାଙ୍କୁ ପଚରାଉଚରା କରିଥିଲେ। ଏହି ସମୟରେ ତାଙ୍କର ବିଭିନ୍ନ କାଗଜପତ୍ର ମଧ୍ୟ ଯାଞ୍ଚ କରିଥିଲା ଇଓଡବ୍ଲ୍ୟୁ ଟିମ୍। ଗତ ସାଧାରଣ ନିର୍ବାଚନରେ ବିଜେଡି ବିଧାୟକ ପ୍ରାର୍ଥୀ ଭାବେ ନାୟକ ପୁରୀ ନିମାପଡ଼ା ବିଧାନସଭା ଆସନରୁ ଲଢ଼ୁଥିଲେ। ତେବେ ଏଭଳି ଚଢ଼ାଉ ପଛରେ ରହିଥିବା କାରଣ ସମ୍ପର୍କରେ ଅଦ୍ୟାବଧି କିଛି ସ୍ପଷ୍ଟ ହୋଇନାହିଁ। ଇଓଡବ୍ଲ୍ୟୁ ପକ୍ଷରୁ ମଧ୍ୟ କିଛି ସୂଚନା ଦିଆଯାଇନାହିଁ। ପରବର୍ତ୍ତୀ ସମୟରେ ଘଟଣା ସଂକ୍ରାନ୍ତରେ ସବୁ କିଛି ସ୍ପଷ୍ଟ ହୋଇପାରିବ ବୋଲି ଆଶା କରାଯାଉଛି। ଜମି ଠକେଇ ଅଭିଯୋଗରେ ତାଙ୍କୁ ଇଓଡବ୍ଲ୍ୟୁ ପଚରାଉଚରା କରୁଥିବା ସୂଚନା ମିଳିଛି।

# ଅନାସ୍ଥାରେ 'ସାର'

**ଭୁବନେଶ୍ୱର,୧୯।୯(ରବିନାରାୟଣ ଜେନା)**

ମୌସୁମୀ ଅଧିବେଶନକାଳରେ ସରକାରଙ୍କ ବିରୋଧରେ ଅନାସ୍ଥା ଆଣି କଂଗ୍ରେସ ଯେଉଁ ବାହାବାଃ ନେବାକୁ ଭାବିଥିଲା ସେଥିରେ ସାର୍‌ କେଁ ପ୍ରସଙ୍ଗକୁ ଓଲଟପାଲଟ କରିଦେଇଛି। ଏନେଇ କଂଗ୍ରେସ ଅଟଳ ରହିଥିବାବେଳେ ବିଜେଡି ସାର ପ୍ରସଙ୍ଗ ଫୋଫାଡ଼ି ଗୋଳମାଳିଆ କରିଦେଇଛି। ଅନ୍ୟପକ୍ଷରେ ଶାସକ ଭାଜପା ଉଭୟ ବିରୋଧୀଙ୍କ ହଟ୍ଟଗୋଳରୁ ଫାଇଦା ନେବାକୁ ଯାଇ ଗୃହରେ ଅସ୍ୱାଭାବିକ ସ୍ଥିତିକୁ ଦାୟୀ କରିଛି।

ଶୁକ୍ରବାର ଏନେଇ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ, ରାଜ୍ୟରେ ସରକାର ଲୋକଙ୍କ ଆସ୍ଥା ହରାଇଥିବାରୁ ଆମେ ଅନାସ୍ଥା ଆଣିଛୁ। ହେଲେ ସରକାର ଏହାକୁ ଗୃହରେ ଆଗତ କରାଇ ନ ଦେବାପାଇଁ ଷଡଯନ୍ତ୍ର ରଚିଛନ୍ତ। କାଡାମ କହିଛନ୍ତି ଯେ, କଂଗ୍ରେସ ହେଉଛି ମହାତ୍ମା ଗାନ୍ଧୀଙ୍କ ନୀତି ଆଦର୍ଶର ଦଳ, ଯିଏ କି ଅହିଂସା ଉପରେ ବିଶ୍ୱାସ କରେ। ସେଥିପାଇଁ ଗୃହ ଆରମ୍ଭରୁ ଆମେ ଅନାସ୍ଥା ପ୍ରସ୍ତାବ ଆଲୋଚନା ନେଇ ବାଚସ୍ପତିଙ୍କୁ ଅନୁରୋଧ କରି ଆସୁଛୁ। ଗୃହରେ କୌଣସି ପ୍ରତିବାଦ କରିନାହୁଁ କି ବିଶୃଙ୍ଖଳା କରିନାହୁଁ। ମାତ୍ର ବିଜେଡି ଗୃହରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରୁଥିବାବେଳେ ଭାଜପା ସଦସ୍ୟ କଂଗ୍ରେସ ସଦସ୍ୟଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଛନ୍ତି। ଏହା ସମ୍ପୂର୍ଣ୍ଣ ଭାବେ ସମ୍ବିଧାନ ବିରୋଧୀ।

କାଡାମ ଆହୁରି କହିଥିଲେ, ସମ୍ବିଧାନର ବିଧିବ୍ୟବସ୍ଥା ଅନୁଯାୟୀ ଆମେ ଅନାସ୍ଥା ପ୍ରସ୍ତାବ ଆଣିଛୁ। ହେଲେ ସରକାର ଯେଉଁ ଭାବୁଛନ୍ତି ଯେ, ସ୍ୱାଧିକାର ଭଙ୍ଗ ନୋଟିସ ଆଣି କଂଗ୍ରେସକୁ ଦବାଇ ଦେବୁ ବୋଲି ତାହା ଆଦୌ ନୁହେଁ। କଂଗ୍ରେସ କାହା ଡରକୁ ଖାତିର କରିନାହିଁ। ଆମେ ଲୋକଙ୍କ ସହିତ ଅଛୁ, ଲୋକଙ୍କ ସ୍ୱରକୁ ଗୃହରେ ଉଠାଇବୁ ସେଥିପାଇଁ ବିଧିବ୍ୟବସ୍ଥା ଭିତରେ ଯାହା କରିବାକୁ ହେବ କରିବୁ ବୋଲି କାଡାମ କହିଛନ୍ତି।

ବିରୋଧୀ ଦଳ ମୁଖ୍ୟସଚେତକ ପ୍ରମିଳା ମଲ୍ଲିକ ଅନାସ୍ଥା ପ୍ରସଙ୍ଗକୁ ଏଡାଇ ଦେଇ କହିଛନ୍ତି, ପ୍ରଶ୍ନକାଳରେ ବିଜେଡି କୃଷକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସାର୍ ପ୍ରସଙ୍ଗ ଉଠାଇଥିଲା। ଆବଶ୍ୟକୀୟ ସାର ମିଳୁ ନଥିବାରୁ ଚାଷୀମାନେ ବିଭିନ୍ନ ସ୍ଥାନରେ ଆନ୍ଦୋଳନ କରୁଛନ୍ତି। ରାଜ୍ୟରେ ଚାଷୀଙ୍କ ସଂଖ୍ୟା ୬୦ ଭାଗ, ତେଣୁ ଚାଷୀଙ୍କ ସମସ୍ୟା ବାବଦରେ ଆଲୋଚନା ପାଇଁ ଆମେ ଦାବି କରିଥିଲୁ। କିନ୍ତୁ ବାଚସ୍ପତି ଅନ୍ୟ କାର୍ଯ୍ୟକ୍ରମ ଆରମ୍ଭ କଲେ। ଶନିବାରଠାରୁ ଯଦି ପ୍ରଶ୍ନକାଳ ବାତିଲ୍ କରି ଗୃହରେ ଆଲୋଚନା କରା ନ ଯାଏ ତା'ହେଲେ ଗୃହ ଚଳାଇ ଦେବୁନାହିଁ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଭାଜପା ବିଧାୟକ ପଦ୍ମଲୋଚନ ପଣ୍ଡା କହିଛନ୍ତି ଯେ,ବିଧାନସଭା ହେଉଛି ଗଣତନ୍ତ୍ରର ପବିତ୍ର ମନ୍ଦିର। ହେଲେ କଂଗ୍ରେସ ବିଧାୟକଙ୍କ ବିରୋଧରେ ସ୍ୱାଧୀକାର ଭଙ୍ଗ ଅଭିଯୋଗ ଆଣିବାର ମୁଖ୍ୟ କାରଣ ହେଉଛି ଯେ, ବାଚସ୍ପତି ଅନାସ୍ଥା ଗ୍ରହଣ କରିବା ପୂର୍ବରୁ କଂଗ୍ରେସ ଗଣମାଧ୍ୟମରେ କହିଛି। ଏହି ପ୍ରସ୍ତାବ ପ୍ରଥମେ ବିଧାନସଭା ଭିତରେ ଆଲୋଚନା ହେବା କଥା। ଏହା ବିଧାନସଭା ନୀତି ନିୟମ ବିରୋଧୀ ଓ ସରକାରଙ୍କ ସମ୍ମାନ ବିରୋଧୀ, ତେଣୁ ବାଚସ୍ପତିଙ୍କୁ ସ୍ୱାଧିକାର ଭଙ୍ଗ ନୋଟିସ ଦିଆଯାଇଛି।

# ଶ୍ରୀମୟୀଙ୍କ ସପକ୍ଷରେ ବାହାରିଲେ ଦେବାଶିଷ

**କଟକ,୧୯।୯(ଶିକ୍ସା ପ୍ରିୟଦର୍ଶିନୀ)**

- ପ୍ରଫୁଲ୍ଲଙ୍କୁ ସସ୍‌ପେଣ୍ଡ କରିବା ଆଦୌ ଠିକ୍ ନୁହେଁ
- ଦେବାଶିଷଙ୍କୁ ଟାର୍ଗେଟ କଲେ ମେୟର ସୁବାସ

ବିଜେଡିର ଗୋଷ୍ଠୀ କନ୍ଦଳ ଏବେ ଧୀରେ ଧୀରେ ଜଟିଳ ହେବାରେ ଲାଗିଛି। ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ରଙ୍କ ସପକ୍ଷରେ ବାହାରିଛନ୍ତି ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ। ଶୁକ୍ରବାର ଦେବାଶିଷ କଟକ ରାଜାବଗିଚାସ୍ଥିତ କାର୍ଯ୍ୟାଳୟରେ ଖବରଦାତାଙ୍କ ପ୍ରଶ୍ନରେ ପ୍ରତିକ୍ରିୟା ଦେଇ କହିଛନ୍ତି, ଶ୍ରୀମୟୀ ଯେତେବେଳେ ଯାହା କହିଛନ୍ତି ଠିକ୍ କହିଛନ୍ତି। ସେ ଯେଉଁ ସବୁ କଥା କହିଛନ୍ତି, ସେଥିରେ ସତ୍ୟତା ରହିଛି। ଶ୍ରୀମୟୀଙ୍କୁ ନିର୍ଯାତନା ଦେଲେ, ଅଣଦେଖା କଲେ, ଟିକେଟ୍ ଦେବାକୁ କହି ତାଙ୍କୁ ଟିକେଟ୍ ମଧ୍ୟ ଦଳ ଦେଇନି। ସେ ଯେଉଁ ଅଭିଯୋଗ ଆଣୁଛନ୍ତି ସବୁ ସତ। ପ୍ରଫୁଲ୍ଲ ମଲ୍ଲିକଙ୍କୁ ସସ୍‌ପେଣ୍ଡ କରିବା ଘଟଣାରେ ଦେବାଶିଷ କହିଛନ୍ତି, ପ୍ରଫୁଲ୍ଲ ଜଣେ ବରିଷ୍ଠ ନେତା, ତାଙ୍କୁ ସସ୍‌ପେଣ୍ଡ କରିବା ଆଦୌ ଠିକ୍ ନୁହେଁ। ବିଜେଡି ପାଇଁ ବହୁତ କାମ କରିଛନ୍ତି। ତାଙ୍କୁ ଦଳରୁ ସସ୍‌ପେଣ୍ଡ କରିବା ସମ୍ପୂର୍ଣ୍ଣ ଭାବେ ଭୁଲ୍ ନିଷ୍ପତ୍ତି।


ଦେବାଶିଷ ସାମନ୍ତରାୟ


ସୁବାସ ସିଂ

ସେହିଭଳି ଭାସ୍କର ରାଓଙ୍କ ଭଳି ପୁରୁଖା ନେତା ବିଜେଡି ଛାଡି ଚାଲି ଯାଉଛନ୍ତି। ଏହା ଦଳକୁ ଅନେକ କ୍ଷତି ପହଞ୍ଚାଇବ ବୋଲି ଦେବାଶିଷ କହିଛନ୍ତି। ଏହାସହ ବିଜେଡି ଉପସଭାପତି ପ୍ରତାପ ଜେନା ପ୍ରଫୁଲ୍ଲଙ୍କ ବିଷୟରେ ଦେଇଥିବା ମନ୍ତବ୍ୟକୁ ଦେବାଶିଷ ନାପସନ୍ଦ କରି କହିଛନ୍ତି, ପ୍ରତାପ ଜାଣି ନାହାନ୍ତି ଯେ ପ୍ରଫୁଲ୍ଲ ଗୋଟିଏ ସ୍ୱାଧୀନତା ସଂଗ୍ରାମୀ ପରିବାରର ଦାୟାଦ। ପ୍ରତାପ ଯାହା କହିଥିଲେ ସେଥିପାଇଁ ସେ ଅନୁତାପ କରି ସାରିଲେଣି ବୋଲି ଦେବାଶିଷ କହିଛନ୍ତି। ଅନ୍ୟପଟେ ଦେବାଶିଷଙ୍କୁ କଟକ ମେୟର ସୁବାସ ସିଂ ଟାର୍ଗେଟ କରି କହିଛନ୍ତି ଯେ, ସେ ଶ୍ରୀମୟୀଙ୍କୁ ସାର୍ଟିଫିକେଟ ଦିଅନ୍ତୁ, ଦଳ ବାବଦରେ ନୁହେଁ, ଦେବାଶିଷ ବାବୁ କେତେବେଳେ କେଉଁ ଅବସ୍ଥାରେ ଥାନ୍ତି, କ'ଣ କୁହନ୍ତି ସେ ଜାଣିଥିବେ, ଦଳର ସମସ୍ତ ନିଷ୍ପତ୍ତି ନବୀନ ବାବୁ ନିଅନ୍ତି ଏବଂ ଦଳ ନିଷ୍ପତ୍ତି ଅନୁସାରେ ଟିକେଟ ବଣ୍ଟାଯାଇଥିଲା। ଶ୍ରୀମୟୀ ଓ ପ୍ରଫୁଲ୍ଲଙ୍କୁ ଦଳ ଯଥେଷ୍ଟ ସମ୍ମାନ ଦେଇଛି। ସୁବିଧାବାଦୀ ନେତା ଦଳ ବିରୋଧରେ ମନ୍ତବ୍ୟ ଦେଉଛନ୍ତି।

ଦଳର ଶୃଙ୍ଖଳା କମିଟି ଅଛି, ବିଶୃଙ୍ଖଳା କଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସୁବାସ କହିଛନ୍ତି। ସୂଚନାଥାଉକି, କିଛିଦିନ ପୂର୍ବରୁ ଧୃତରାଷ୍ଟ୍ର ଉପାଖ୍ୟାନ ପରେ ସାମାଜିକ ଗଣମାଧ୍ୟମରେ ଭଣ୍ଡ ସନ୍ନ୍ୟାସୀ ପ୍ରସଙ୍ଗ ଉଠାଇ ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର ଚର୍ଚ୍ଚାକୁ ଆସିଥିଲେ। ଯାହାକୁ ନେଇ ବିଜେଡିର କମ୍ପନ ସୃଷ୍ଟି ହୋଇଥିଲା। ସେହିପରି ପ୍ରଫୁଲ୍ଲ ମଲ୍ଲିକଙ୍କୁ ପ୍ରତାପ ଜେନା କହିଥିଲେ ଯେ, ପ୍ରଫୁଲ୍ଲ ମଲ୍ଲିକ ଏ ଶତାବ୍ଦୀର ସବୁଠୁ ସୁବିଧାବାଦୀ ରାଜନେତା।

# ଉଦିତଙ୍କୁ ନିଃସର୍ତ୍ତ ଜାମିନ



**ଭୁବନେଶ୍ୱର,୧୯।୯ (ରବିନାରାୟଣ ଜେନା)**

ରାଜ୍ୟ ଛାତ୍ର କଂଗ୍ରେସ ପୂର୍ବତନ ସଭାପତି ଉଦିତ ପ୍ରଧାନ ଶୁକ୍ରବାର ଝାରପଡ଼ା ଜେଲରୁ ଜାମିନରେ ମୁକୁଳିଛନ୍ତି। ଜେଲରୁ ବାହାରିବା ସମୟରେ ବହୁ ଛାତ୍ର ନେତା ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିବା ସହ ତାଙ୍କୁ ଏକ ବିଶାଳ ଶୋଭାଯାତ୍ରାରେ ଭୁବନେଶ୍ୱର ସହର ପରିକ୍ରମା କରାଇଥିଲେ। ଏହି ଅବସରରେ ସେ କହିଛନ୍ତି, ୪ ମାସର ପୁରୁଣା ଏକ କପୋଳକଳ୍ପିତ ବଳାତ୍କାର ମାମଲା ରୁଜୁ ହେବାର କିଛି ଘଣ୍ଟା ଭିତରେ ତାଙ୍କୁ ପୋଲିସ ଗିରଫ କରିଥିଲା। ତାଙ୍କ ବିରୋଧରେ କିଛି ପ୍ରମାଣ ନ ଥିବାରୁ ନିଃସର୍ତ୍ତ ଜାମିନ ମିଳିଛି।

# ନରସିଂହପୁର ହାଜତ ମୃତ୍ୟୁ | ୧୦ ଲକ୍ଷ କ୍ଷତିପୂରଣ ପାଇଁ ଓଏଚ୍ଆର୍‌ସିଙ୍କ ନିର୍ଦ୍ଦେଶ

**କଟକ,୧୯।୯(କାର୍ତ୍ତିକ ସାହୁ)**

କଟକ ନରସିଂହପୁର ହାଜତ ମୃତ୍ୟୁ ମାମଲାରେ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍ଆର୍‌ସି) ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ୨ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିଥିବାରୁ ଅବଶିଷ୍ଟ ୮ ଲକ୍ଷ ଟଙ୍କା ୨ ମାସ ମଧ୍ୟରେ ଦେବା ପାଇଁ ଗୃହ ସଚିବଙ୍କୁ ଆଦେଶ ଦିଆଯାଇଛି। ୭ ଲକ୍ଷ ଯେକୌଣସି ଜାତୀୟକରଣ ବ୍ୟାଙ୍କରେ ସ୍ଥାୟୀ ଜମା ଭାବେ ରଖାଯିବ ଓ ୧ ଲକ୍ଷ ଟଙ୍କା ମୃତକଙ୍କ ନିକଟ ଆତ୍ମୀୟଙ୍କୁ ଦେବାକୁ ଆଦେଶରେ ସ୍ପଷ୍ଟ କରାଯାଇଛି। ମାମଲା ବିବରଣୀରୁ ପ୍ରକାଶ ଯେ, ୨୦୧୬ ଡିସେମ୍ବର ୯ ତାରିଖ ରାତ୍ରିରେ ନରସିଂହପୁର ପୋଲିସ ମାଳିସାହିର ଆକୁଳ ଓରଫ ସରୋଜ ସେନାପତିଙ୍କୁ ଏକ ମାମଲାରେ ଗିରଫ କରିବାକୁ ଯାଇଥିଲେ। ଗିରଫ ପ୍ରକ୍ରିୟାରେ ଅସୁସ୍ଥ ହୋଇ ପଡ଼ିବାରୁ ଡିସେମ୍ବର ୧୦ ତାରିଖ ସକାଳେ ତାଙ୍କୁ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେହିଦିନ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡିସେମ୍ବର ୧୧ ତାରିଖ ରାତ୍ରିରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକଙ୍କ ଶ୍ୱଶୁର ଏନେଇ ଦେଇଥିବା ଲିଖିତ ଅଭିଯୋଗ ଆଧାରରେ ପୋଲିସ କର୍ମଚାରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଥଲା। ବଡ଼ମ୍ବା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମଧ୍ୟ ଏହାର ତଦନ୍ତ କରିଥିଲେ।

# ଆରିୟା ପ୍ଲାଣ୍ଟ କର୍ମଚାରୀଙ୍କ ଅସ୍ୱାଭାବିକ ମୃତ୍ୟୁ

**ବଡ଼ବିଲ, ୧୯।୯(ଜୟନ୍ତୀ ରଣା)**

କେନ୍ଦୁଝର ଜିଲା ବଲାଣି ଥାନା ଅନ୍ତର୍ଗତ ମାତକାମବେଡ଼ାସ୍ଥିତ ଆରିୟା ଆଇରନ ଆଣ୍ଡ ଷ୍ଟିଲ କମ୍ପାନୀ କାରଖାନାରେ ଜଣେ କର୍ମଚାରୀଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସେ ହେଲେ ବଲାଣି ଥାନା ଶାନ୍ତି ନଗରର ଆଜାଦ ସାହୁ(୫୪)। ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଆଜାଦ ସନ୍ଧ୍ୟା ୫ଟାରେ କାରଖାନାର ଇଲେକ୍ଟ୍ରିକାଲ ବିଭାଗରେ ଡ୍ୟୁଟି କରୁଥିବାବେଳେ ଟଳି ପଡ଼ିଥିଲେ। ସହକର୍ମୀମାନେ ତାଙ୍କୁ ତୁରନ୍ତ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ଆଜାଦଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ଦେଖିବାକୁ ଆସିଥିବା ଆଜାଦଙ୍କ ଆତ୍ମୀୟସ୍ୱଜନ ଓ ପରିଚିତ ଲୋକେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ମାତ୍ର କମ୍ପାନୀ କର୍ତ୍ତୃପକ୍ଷ ଆସି ନ ଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବଲାଣି ପୋଲିସ ସହ ସେମାନଙ୍କର ଯୁକ୍ତିତର୍କ ହୋଇଥିଲା।



ସେପ୍ଟେମ୍ବର ୨୧ରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରୁ ଜନତା ମଇଦାନ ପର୍ଯ୍ୟନ୍ତ 'ନିଶାମୁକ୍ତ ଭାରତ' ବାର୍ତ୍ତା ନେଇ ଏକ ଗଣଦୌଡ଼ର ଆୟୋଜନ କରାଯିବ। ଏହାପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଏକ ଜର୍ସିର ଉନ୍ମୋଚନ କରିଛନ୍ତି।

# ନିଶାମୁକ୍ତ ପାଇଁ ୨୧ରେ ବିଶାଳ ଗଣଦୌଡ଼

**ଜର୍ସି ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ**

**ଭୁବନେଶ୍ୱର,୧୯।୯ (ରବିନାରାୟଣ ଜେନା)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିବସ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବିଶାଳ ଗଣଦୌଡ଼ ଅନୁଷ୍ଠିତ ହେବ। ଏହି ଗଣଦୌଡ଼ର ବାର୍ତ୍ତା ହେଉଛି 'ନିଶାମୁକ୍ତ ଭାରତ'। ଏହି କ୍ରମରେ ଆସନ୍ତା ୨୧ ତାରିଖ ସକାଳ ୭ଟାରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରୁ ଜନତା ମଇଦାନ ପର୍ଯ୍ୟନ୍ତ ଏକ ବିଶାଳ ଗଣଦୌଡ଼ର ଆୟୋଜନ କରାଯାଇଛି। ଏହି ଗଣଦୌଡ଼କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏଥିପାଇଁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଜର୍ସି ଉନ୍ମୋଚନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଏକ ମହତ୍ ବାର୍ତ୍ତା ନେଇ ଆୟୋଜନ ହେଉଥିବା ଏହି ଗଣଦୌଡ଼ରେ ବିପୁଳ ସଂଖ୍ୟକ ଯୁବଗୋଷ୍ଠୀ, ଛାତ୍ରୀଛାତ୍ର ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

# ଭିଜିଲାନ୍ସ ଜାଲରେ କାଶୀପୁର ଫରେଷ୍ଟ ରେଞ୍ଜର

**ରାୟଗଡ଼ା/ଟିକିରି/ ଦାରିଙ୍ଗବାଡି/ ବାଲିଗୁଡା,୧୯।୯(ଆଶିଷ ରଞ୍ଜନ ପଣ୍ଡା/ ପ୍ରଫୁଲ୍ଲ କୁମାର ବେହେରା/ ଅରୁଣ ସାହୁ/ସଞ୍ଜୟ ପାଣିଗ୍ରାହୀ)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ ରାୟଗଡ଼ା ବନଖଣ୍ଡ ଅନ୍ତର୍ଗତ କାଶୀପୁର ଫରେଷ୍ଟ ରେଞ୍ଜର ଅନ୍ତର୍ଯାମୀ ସାହୁଙ୍କ ସରକାରୀ ବାସଭବନ ସମେତ ୯ଟି ସ୍ଥାନରେ ଶୁକ୍ରବାର ସକାଳେ ଏକକାଳୀନ ଚଢ଼ାଉ କରିଛି । ଯାଞ୍ଚ ସମୟରେ ତାଙ୍କ ନାଁରେ ବହୁସ୍ଥାନରେ କୋଠା ଓ ପ୍ଲଟ୍ ଥିବା ଠାବ କରାଯାଇଛି। ତଦନ୍ତ ଜାରି ରହିଥିବାବେଳେ ରେଞ୍ଜର ସାହୁଙ୍କୁ ଜୟପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ଅଟକ ରଖାଯାଇଥିବା ସୂଚନା ମିଳିଛି।

ଭିଜିଲାନ୍ସ ବିଭାଗର ୭ଜଣ ଡିଏସ୍‌ପି, ୭ଜଣ ଇନ୍‌ସ୍ପେକ୍ଟର, ୯ଜଣ ଏଏସ୍ଆଇ ଏବଂ ଅନ୍ୟ କର୍ମଚାରୀଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ସକାଳ ୬ଟା ୩୦ରେ କାଶୀପୁରଠାରେ ରେଞ୍ଜର ସାହୁଙ୍କ ସରକାରୀ ବାସଭବନ, କାର୍ଯ୍ୟାଳୟ ସମେତ ପୈତୃକ ଘର କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଶ୍ରୀନିକେତ ଗୃହରେ ଚଢ଼ାଉ କରାଯାଇଛି। ଏଥିସହ ବାଲିଗୁଡ଼ାର ଦୁଇଟି ସ୍ଥାନ, ଗଞ୍ଜାମ ଜିଲାର ଦୋମୁହାଁଣି ଓ କୁକୁଡ଼ାଖଣ୍ଡି ତହସିଲର ଯୋଗିଆପାଲି ଏବଂ ନୟାଗଡ଼ ଜିଲା କରଡ଼ାପଡ଼ାସ୍ଥିତ ଶ୍ୱଶୁରଘରେ ଏକକାଳୀନ ଚଢ଼ାଉ କରିଛି । ଭିଜିଲାନ୍ସ ଟିମ୍‌ର ଯାଞ୍ଚ ବେଳେ ବାଲିଗୁଡ଼ାଠାରେ ୨୨୫୦ ବର୍ଗଫୁଟ ଏବଂ ୧୦୦୦ ବର୍ଗଫୁଟର କୋଠା, ଶ୍ରୀନିକେତରେ ୧୬୦୦ ବର୍ଗଫୁଟର କୋଠା, ବ୍ରହ୍ମପୁର ଟେକ୍ନୋ ପାର୍କଠାରେ ୧୬୫୦ ବର୍ଗଫୁଟର ଏକ କୋଠା ସମେତ ଦାରିଙ୍ଗବାଡ଼ିରେ ଏକ କୋଠା ଥିବା ସୂଚନା ମିଳିଛି । ସେହିଭଳି ୯ଟି ପ୍ଲଟ୍ ମଧ୍ୟରୁ ବାଲିଗୁଡ଼ାରେ ୬ଟି, ଯୋଗିଆପାଲିଠାରେ ଗୋଟିଏ ଏବଂ ଗଞ୍ଜାମ ଜିଲା କୋଡ଼ାସିଂ ଗ୍ରାମରେ ୨ଟି ଠାବ ହୋଇଛି। ଏହାବ୍ୟତୀତ ୨୬୩.୨୨ ଗ୍ରାମ୍ ସୁନା, ବ୍ୟାଙ୍କ ଓ ପୋଷ୍ଟାଲ ଡିପୋଜିଟ୍ ବାବଦରେ ୨୭ଲକ୍ଷ ୯୯ ହଜାର ୬୫୯ ଟଙ୍କା, ଏକ ମୋଟରସାଇକେଲ ସମେତ ପ୍ରାୟ ୯ଲକ୍ଷ ୪୩ହଜାର ଟଙ୍କାର ଘରକରଣା ଜିନିଷ ଜବତ ହୋଇଛି।


ଅନ୍ତର୍ଯାମୀ ସାହୁ

# ଗୋଷ୍ଠୀ ବିବାଦ, ଫେରିଗଲେ ଏମ୍‌ପି

**କୁରାଳ ମେଡିକାଲ ପରିସରରେ ତାରାରୋପଣ କାର୍ଯ୍ୟକ୍ରମ**

**ଓଡ଼ଗାଁ, ୧୯।୯ (ଆଦର୍ଶ କୁମାର ପଟ୍ଟନାୟକ)**

ନୟାଗଡ଼ ଓଡ଼ଗାଁ ବ୍ଲକ କୁରାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସେବା ସପ୍ତାହ କାର୍ଯ୍ୟକ୍ରମ ଉପଲକ୍ଷେ ଆୟୋଜିତ ତାରା ରୋପଣରେ ପୁରୀ ଏମ୍‌ପି ଏବଂ ନୟାଗଡ଼ ବିଧାୟିକା ପ୍ରାର୍ଥିନୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଯୋଗଦେବାକୁ ଆସିଥିବାବେଳେ ହଠାତ୍ ଗୋଷ୍ଠୀ ବିବାଦ ହୋଇଥିଲା। ଫଳରେ ଏମ୍‌ପି ଏବଂ ଭାଜପା ନେତ୍ରୀ ସିଂ ଫେରିଯାଇଥିଲେ। ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିନ ଉପଲକ୍ଷେ ସେବା ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ଗୁରୁବାର ଅପରାହ୍ନରେ ପୁରୀ ଏମ୍‌ପି ସମ୍ବିତ୍ ପାତ୍ର, ନୟାଗଡ଼ ଭାଜପା ନେତ୍ରୀ ସିଂ କୁରାଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଡା. ରାମପ୍ରସାଦ ସାହୁଙ୍କ ସହିତ ଆଲୋଚନା କରୁଥିଲେ। ପୂର୍ବରୁ ସୂଚନା ପାଇଥିବା ନୟାଗଡ଼ ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ଶ୍ରୀନିବାସ ପ୍ରଧାନ, ବରିଷ୍ଠ ଭାଜପା ନେତା ସନ୍ତୋଷ ପ୍ରଧାନ ସମର୍ଥକଙ୍କ ସହିତ ଏମ୍‌ପି ବସିଥିବା କୋଠରିକୁ ଯିବାକୁ ଉଦ୍ୟମ କଲାବେଳେ ପୂର୍ବରୁ ସେଠାରେ ଥିବା ଜଣେ ଭାଜପା ସମର୍ଥକ ଭିତରକୁ ଛାଡ଼ି ନ ଥିଲେ। କେବଳ ସେତିକି ନୁହେଁ, କୃଷକ ମୋର୍ଚ୍ଚା ସଭାପତି ଏବଂ ତାଙ୍କ ସମର୍ଥକମାନଙ୍କୁ ବଳପୂର୍ବକ ହଟାଇବାରୁ କିଛି ସମୟ ପାଇଁ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଦେଖିବାକୁ ମିଳିଥିଲା। ଏମ୍‌ପିଙ୍କ ପିଏସ୍‌ଓ ଏବଂ ଅନ୍ୟ ବରିଷ୍ଠ କାର୍ଯ୍ୟକର୍ତ୍ତାମାନଙ୍କ ହସ୍ତକ୍ଷେପ ପରେ ଘଟଣା ଶାନ୍ତ ପଡ଼ିଥିଲା। ହେଲେ ସମୟ ଅତିକ୍ରାନ୍ତ ହୋଇଯାଇଥିବାରୁ ତାରାରୋପଣ ହୋଇପାରି ନ ଥିଲା।



## କନ୍‌ଷ୍ଟେବଲଙ୍କ ସମେତ ଆଉ ୨ ଗିରଫ

### ଚାକିରି ଦେବା ଆଳରେ ଠକେଇ

ଭୁବନେଶ୍ୱର,୧୯।୯(ସତ୍ୟଜିତ୍ ରାଉତ)

ଚାକିରି ଦେବା ଆଳରେ ୫ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ରାକେଟର ଆଉ ଦୁଇଜଣ ସଦସ୍ୟଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ନୟାଗଡ଼ ଜିଲା ଓଡଗାଁର ପୁରୁଷୋତ୍ତମ ସାହୁ (୩୨) ଓ ପ୍ରମୋଦ ମଲ୍ଲିକ (୩୨)। ପୁରୁଷୋତମ କମିଶନରେଟ୍ ପୋଲିସରେ କନ୍‌ଷ୍ଟେବଲ ଭାବେ କାମ କରନ୍ତି ବୋଲି ସୂଚନା ମିଳିଛି। ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୂର୍ବରୁ ମାଷ୍ଟରମାଇଣ୍ଡ୍ ତଥା କନ୍‌ଷ୍ଟେବଲ ପତିତପାବନ ପତି, ହୋମଗାର୍ଡ ଅମିତାଭ ବଚନ ସାହୁ ଏବଂ ଦୁଇ ସହଯୋଗୀ ପବିତ୍ର ମୋହନ ବେହେରା ଓ ଅମୀୟ କୁମାର ମନ୍ତ୍ରୀ ଗିରଫ ହୋଇଥିଲେ। ଅଭିଯୁକ୍ତମାନେ ଜେଲରେ ଥିବା ବେଳେ ଏବେ ଗିରଫଦାରୀ ସଂଖ୍ୟା ୬ରେ ପହଞ୍ଚିଛି। ତେବେ ଏହି ରାକେଟରେ ଆଉ କିଛି ସଦସ୍ୟ ଥିବା ପୋଲିସ ଜାଣିବା ପରେ ଅଧିକ ଖୋଳତାଡ ଚଳାଇଛି।

ସୂଚନାଯୋଗ୍ୟ, ମାଷ୍ଟରମାଇଣ୍ଡ ପତିତପାବନ ଓ ତାଙ୍କ ସହଯୋଗୀମାନେ ଚାକିରିଦେବାର ପ୍ରତିଶ୍ରୁତିଦେଇ ସାଜନକୁମାର ସାହୁଙ୍କ ଠାରୁ ୫ଲକ୍ଷ ଟଙ୍କା ଏବଂ ଶିକ୍ଷାଗତ ପ୍ରମାଣପତ୍ର ନେଇ ଠକିଥିଲେ। ବିଭିନ୍ନ ସରକାରୀ ବିଭାଗରେ ଚାକିରି ଯୋଗାଇବାର ମିଛ ପ୍ରତିଶ୍ରୁତି ଦେଇ ସେମାନେ ଚାକିରି ଆଶାୟୀଙ୍କଠାରୁ ଟଙ୍କା ଏବଂ ପ୍ରମାଣପତ୍ର ସଂଗ୍ରହ କରିବା ପାଇଁ ରାକେଟ୍ ଚଳାଉଥିଲେ। ଏନେଇ ସାଜନଙ୍କ ଏତଲାକ୍ରମେ ବୁଧବାର ପୋଲିସ ମାମଲା ( ନଂ.୩୧୨/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

## ପୁଣି ତଦନ୍ତ ପାଇଁ ୨ ଭଉଣୀ ଖୁଣ୍ଟୁଣୀ ଥାନାର ଦ୍ୱାରସ୍ଥ

ଖୁଣ୍ଟୁଣୀ,୧୯।୯ (ସଚ୍ଚିଦାନନ୍ଦ ପଣ୍ଡା)

ମହିଳା କନ୍‌ଷ୍ଟେବଲ ଶୁଭମିତ୍ରା ସାହୁଙ୍କ ହତ୍ୟାକାଣ୍ଡ ଘଟଣା ଚର୍ଚ୍ଚାରେ ଥିବା ବେଳେ ହାଜତରେ ଥିବା ମୁଖ୍ୟ ଅଭିଯୁକ୍ତ ସ୍ୱାମୀ ଦୀପକ ରାଉତଙ୍କ ଅଡୁଆ ବଢିବାରେ ଲାଗିଛି। ୩ ବର୍ଷ ତଳେ ଦୀପକଙ୍କ ପ୍ରଥମ ସ୍ତ୍ରୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କ ରହସ୍ୟମୟ ମୃତ୍ୟୁ ଘଟଣାର ଫାଇଲ୍ ପୁଣି ଥରେ ଖୋଲିବ ବୋଲି ଚର୍ଚ୍ଚା ହେଉଛି। ଅପର୍ଣ୍ଣାଙ୍କୁ ହତ୍ୟା କରି ଦୀପକ ଦୁର୍ଘଟଣାର ରୂପ ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ଏହିଭଳିସ୍ଥିତିରେ ଗୁରୁବାର ଅପର୍ଣ୍ଣାଙ୍କ ଦୁଇ ସାନ ଭଉଣୀ ରୋଜାଲିନ ଓ ରୂପାଲିନ ରାଉତ ଦୀପକଙ୍କ ଉପରେ ସନ୍ଦେହ କରି ଖୁଣ୍ଟୁଣୀ ଥାନାରେ ଘଟଣାର ପୁଣି ତଦନ୍ତ କରିବାକୁ ଏତଲା ଦେଇଛନ୍ତି। ଅପର୍ଣ୍ଣାଙ୍କୁ ଦୀପକ ୨୦୨୨ ମାର୍ଚ୍ଚ ୧୭ ରାତିରେ ଖୁଣ୍ଟୁଣୀ ନିକଟ ରାଧାକିଶୋରପୁର ନିକଟରେ ହତ୍ୟାକରି ଚତୁରତାର ସହିତ ଦୁର୍ଘଟଣାରୁ ମୃତ୍ୟୁ ହୋଇଛି ବୋଲି ଥାନାରେ ଏତଲା ଦେଇ ନିଜକୁ ଦୋଷମୁକ୍ତ କରି ଦୁଇବର୍ଷ ହେଲା ବୁଲୁଛନ୍ତି ବୋଲି ଏତଲାରେ



ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କ ଭଉଣୀ ଖୁଣ୍ଟୁଣୀ ଥାନାକୁ ଏତଲା ଦେବାକୁ ଆସିଛନ୍ତି।

ଦର୍ଶାଯାଇଛି। ସେଦିନ ଆମ ଘରକୁ ଦୀପକ ଫୋନ କରି ଅପର୍ଣ୍ଣାଙ୍କ ଦୁର୍ଘଟଣା ହୋଇଛି ଓ ତାଙ୍କୁ ଏସସିବି ମେଡିକାଲକୁ ନେଇଛି ବୋଲି କହିଥିଲେ। ପରିବାର ଲୋକେ ଏସ୍‌ସିବିରେ ଖୋଜି ଫୋନ କରିବାରୁ ଦୀପକ ଅଶ୍ୱିନୀ ହସ୍ପିଟାଲକୁ ଆଣିଛି କହିଥିଲେ। ଅଶ୍ୱିନୀରେ ଦେଖିବାକୁ ପାଇଥିଲେ ତାଙ୍କ ଭଉଣୀ ମରି ପଡିଛନ୍ତି। ପରେ ଦୀପକ ପରିବାର ଲୋକଙ୍କୁ ବୁଝାଇଶୁଝାଇ ଘରକୁ ପଠାଇ

### ଦୀପକଙ୍କ ପ୍ରଥମ ସ୍ତ୍ରୀ ଅପର୍ଣ୍ଣା ମୃତ୍ୟୁ ଘଟଣା

### ଘଟଣାସ୍ଥଳ ଯାଇ ତଦନ୍ତକଲା ପୋଲିସ

ଦେଇଥିଲେ। ଏପରିକି ଦୀପକଙ୍କ ସହିତ ଏକ ମାଟ୍ରିମନି ସଂସ୍ଥା ଜରିଆରେ ତାଙ୍କ ଭଉଣୀ ଅପର୍ଣ୍ଣା ୨୦୧୮ ଏପ୍ରିଲ ୨୫ରେ ବିବାହ କରିଥିଲେ। ଏହାର ତିନି ମାସ ପରେ ଦୀପକ ଓ ଅପର୍ଣ୍ଣାଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଦୀପକ କମିଶନରେଟ ପୋଲିସ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ଧରମଭଉଣୀ ଅପର୍ଣ୍ଣାଙ୍କୁ ମାନସିକସ୍ତରେ ନିର୍ଯାତନା ଦେଉଥିବା ଅପର୍ଣ୍ଣା ତାଙ୍କ ମାମୁ ପୁଅ ଭାଇଙ୍କୁ କହିଥିଲେ। ତାଙ୍କ ଭଉଣୀଙ୍କ ପ୍ରଥମ ଗର୍ଭ ନଷ୍ଟ ହୋଇଯାଇଥିଲା ଓ ସେ ମୃତ୍ୟୁ ବେଳେ ଗର୍ଭବତୀ ଥିଲେ ବୋଲି ତାଙ୍କ ୨ ଭଉଣୀ ଖୁଣ୍ଟୁଣୀ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଖୁଣ୍ଟୁଣୀ ଥାନା ଆଇଆଇସି ରଞ୍ଜନ କୁମାର ପ୍ରଧାନ କହିଛନ୍ତି, ଅଭିଯୋଗକୁ ଭିତ୍ତିକରି ଉଚ୍ଚ ପୋଲିସ ଅଧିକାରୀଙ୍କ ସହିତ ଆଲୋଚନ କରି ଯାହା ପଦକ୍ଷେପ ଗ୍ରହଣ କରାଯିବ। ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ ମଧ୍ୟ ଖୁଣ୍ଟୁଣୀ ଥାନାକୁ ଆସି ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଥିବା ସେ କହିଛନ୍ତି। ତଦନ୍ତକାରୀ ଅଧିକାରୀ ଭାବେ ପୋଲିସ ମୁଖ୍ୟାଳୟ ଡିଏସ୍‌ପି ଅଜୟ କୁମାର ଦାସ ତଦନ୍ତ ଆରମ୍ଭ କରୁଛନ୍ତି। ସନ୍ଧ୍ୟାରେ ଖୁଣ୍ଟୁଣୀ ଆଇଆଇସି ରଞ୍ଜନ କୁମାର ପ୍ରଧାନ, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ ଓ ମୁଖ୍ୟାଳୟ ଡିଏସ୍‌ପି ଦାସ ପ୍ରମୁଖ ଅପର୍ଣ୍ଣାଙ୍କ ଭଉଣୀ ରୋଜାଲିନଙ୍କୁ ନେଇ ଘଟଣାସ୍ଥଳ ରାଧାକିଶୋରପୁର ଯାଇ ତଦନ୍ତ କରିଥିଲେ। ଏ ନେଇ ଦଫା ୩୦୨, ୪୯୮ (କ) ଓ ୨୦୧(୩୪)ରେ ଏକ ହତ୍ୟା ମାମଲା (ନଂ.୧୯୪/୨୫) ରୁଜୁ ହୋଇଥିବା ଆଇଆଇସି ପ୍ରଧାନ ସୂଚନା ଦେଇଛନ୍ତି।

## ଜେରା ହେବେ ଦୀପକଙ୍କ ପରିବାର ସଦସ୍ୟ

### ରେଡ୍ ଫ୍ଲାଗ୍ ଶ୍ରେଣୀଭୁକ୍ତ ହେଲା କନ୍‌ଷ୍ଟେବଲ ଶୁଭମିତ୍ରା ହତ୍ୟା ମାମଲା

ଭୁବନେଶ୍ୱର,୧୯।୯ (ସତ୍ୟଜିତ୍ ରାଉତ)

ଟ୍ରାଫିକ୍ କନ୍‌ଷ୍ଟେବଲ ଶୁଭମିତ୍ରା ସାହୁଙ୍କ ହତ୍ୟା ଘଟଣାରେ କମିଶନରେଟ୍ ପୋଲିସ ଅଧିକ ଖୋଳତାଡ କରୁଛି। ବୀମା ଟଙ୍କା ପାଇଁ ଶୁଭମିତ୍ରାଙ୍କୁ ସ୍ୱାମୀ ଦୀପକ ରାଉତ ହତ୍ୟା କରିଥିବା ଅଭିଯୋଗ ହୋଇଥିବାବେଳେ ଏହି ଦିଗକୁ ନେଇ ପୋଲିସ ପ୍ରମାଣ ଯୋଗାଡ ପାଇଁ ପ୍ରୟାସ କରୁଛି। ଏହି ହତ୍ୟାକାଣ୍ଡରେ କେବଳ ଦୀପକ ନୁହେଁ, ତାଙ୍କ ଭାଇ ମାଷ୍ଟରମାଇଣ୍ଡ୍ ବୋଲି ମଧ୍ୟ ଶୁଭମିତ୍ରାଙ୍କ ବାପା ଦୁର୍ଯ୍ୟୋଧନ ସାହୁ କହିଛନ୍ତି। ଏପରିକି ଏଥିରେ ଦୀପକଙ୍କ ମଉସା, ମାଉସୀ, ମାଉସୀ ପୁଅ ଓ ଡାକ୍ତର ଭଣଜା ମଧ୍ୟ ସମ୍ପୃକ୍ତ ଥିବା ସେ ଅଭିଯୋଗ କରିଛନ୍ତି। ତେବେ ଏହି ଘଟଣାରେ ଦୀପକଙ୍କ କେହି ପରିବାର ସଦସ୍ୟଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରି ପୋଲିସ ସେହି ଦିଗରେ ତଦନ୍ତକୁ ବଢ଼ାଇଛି। ଟଙ୍କା କାରବାରର ପ୍ରମାଣ ପାଇବାକୁ ଦୀପକଙ୍କ ବ୍ୟାଙ୍କ ଟ୍ରାଞ୍ଜାକ୍ସନ୍ ଯାଞ୍ଚ କରୁଥିବାବେଳେ ଆଗକୁ ତାଙ୍କ ପରିବାର ସଦସ୍ୟମାନଙ୍କୁ ଜେରା କରାଯିବ ବୋଲି ସୂଚନା ମିଳିଛି। ଅପରପକ୍ଷରେ ଏହି ମାମଲାକୁ ସମ୍ବେଦନଶୀଳ ଦର୍ଶାଇ କ୍ରାଇମବ୍ରାଞ୍ଚ୍ ରେଡ ଫ୍ଲାଗ୍ ଶ୍ରେଣୀ ଅନ୍ତର୍ଭୁକ୍ତ କରିଛି। ଏହି ମାମଲା କ୍ରାଇମବ୍ରାଞ୍ଚ ଡିଜିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେବ ତଦନ୍ତ ହେବ। କମିଶନରେଟ ପୋଲିସକୁ ତଦନ୍ତରେ କ୍ରାଇମବ୍ରାଞ୍ଚ ଅଧିକାରୀ ସହଯୋଗ କରିବେ। ଏଥିସହ କ୍ରାଇମବ୍ରାଞ୍ଚ ଟିମ୍ ନିୟମିତ ଏହି ମାମଲାକୁ ମନିଟର କରିବ ବୋଲି ଜଣାପଡିଛି। ସେପଟେ ଏହି ମାମଲାରେ ଅଧିକ ତଥ୍ୟ ହାସଲ କରିବାକୁ ଏହି ମାମଲାରେ ଅଧିକ ତଥ୍ୟ ହାସଲ କରିବାକୁ ଜେଲରେ ଥିବା ଦୀପକ, ତାଙ୍କ ମାଉସୀ ପୁଅ ଭାଇ ବିନୋଦ ବିହାରୀ ଭୂୟାଁ ଓରଫ ପପୁ ଓ ତାଙ୍କ ସାଙ୍ଗ ଶମ୍ଭୁନାଥ ମହନ୍ତ ଓରଫ ଜଟ (୨୩)ଙ୍କୁ ପୋଲିସ ରିମାଣ୍ଡରେ ଆଣିବ ବୋଲି ସୂଚନା ମିଳିଛି।

## ଲଭ୍ ଜିହାଦ୍‌ର ଶିକାର ହିନ୍ଦୁ ଝିଅ ଉଦ୍ଧାର

ଯାଜପୁର/ଯାଜପୁର ଟାଉନ୍, ୧୯।୯ (ହର୍ଷବର୍ଦ୍ଧନ ବେହେରା/ ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଯାଜପୁର ଜିଲାର ଜଣେ ହିନ୍ଦୁ ଝିଅ ଲଭ୍ ଜିହାଦ୍‌ର ଶିକାର ହୋଇଥିବା ବେଳେ ତାଙ୍କୁ ରାଷ୍ଟ୍ରୀୟ ବଜରଙ୍ଗ ଦଳର କର୍ମୀମାନେ ଉଦ୍ଧାର କରିଛନ୍ତି। ଏହାପରେ ତାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଯାଜପୁର ଜିଲାର ବ୍ୟାସନଗର ଅଞ୍ଚଳର ଜଣେ ହିନ୍ଦୁ ଝିଅ ହାଇଦ୍ରାବାଦଠାରେ ଏକ ଘରୋଇ କମ୍ପାନୀରେ ଚାକିରି କରୁଥିଲେ। ସେଠାରେ ଯାଜପୁର ରୋଡ୍‌ର ପଦ୍ମପୁର ଅଞ୍ଚଳର ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ଯୁବକଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। କିଛିଦିନ ପରେ ସେମାନେ ବିବାହ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ତଦନୁଯାୟୀ ଯାଜପୁର ସହରକୁ ଆସି ସେମାନେ ସେଣ୍ଟ୍ରାଲ ନୋଟାରି ପବ୍ଲିକ ଓକିଲଙ୍କ ପାଖରେ ୧୫।୯।୨୦୨୫ରେ ଏକ ମନ୍ଦିରରେ ବିବାହ କରି ହିନ୍ଦୁ ରୀତିନୀତି ଅନୁସାରେ ରହି ଆସୁଥିଲେ ବୋଲି ୧୮।୯।୨୦୨୫ରେ ଏକ ସତ୍ୟପାଠ କରିଥିଲେ। ତେବେ ସଂଖ୍ୟାଲଘୁ ସମ୍ପ୍ରଦାୟ ଯୁବକ ଜଣେ ହିନ୍ଦୁ ଝିଅକୁ ଲଭ୍ ଜିହାଦର ଶିକାର କରି ଯାଜପୁରକୁ ଆସିଥିବା ସୂଚନା ପାଇବା ପରେ ରାଷ୍ଟ୍ରୀୟ ବଜରଙ୍ଗ ଦଳର ଜିଲା କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ତତ୍ପରତା ପ୍ରକାଶ ପାଇଥିଲେ। ସଂଗଠନର ଯାଜପୁର ଉପଖଣ୍ଡ ସଂଯୋଜକ ଦେବବ୍ରତ ମିଶ୍ରଙ୍କ ନେତୃତ୍ୱରେ ଜିଲା ଗୋ-ରକ୍ଷା ପ୍ରମୁଖ ମୃତ୍ୟୁଞ୍ଜୟ ପଟ୍ଟନାୟକ, କେନ୍ଦ୍ରାପଡ଼ା ବିଭାଗ ସଂଯୋଜକ ବାଦଲ ନାୟକ, ଜିଲା ସଂଯୋଜକ ଚିନ୍ମୟ ଚିରସୁନ୍ଦର ପରିଡ଼ା ପ୍ରମୁଖ ଯାଜପୁର ସହରର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ଉଭୟ ଝିଅପୁଅଙ୍କୁ ଉଦ୍ଧାର କରି ଯାଜପୁର ରୋଡ୍ ପୋଲିସକୁ ହସ୍ତାନ୍ତର କରିଥିଲେ। ଅନ୍ତର୍ଜାତୀୟ ହିନ୍ଦୁ ପରିଷଦ ପ୍ରାନ୍ତ ସମ୍ପାଦକ ଅରବିନ୍ଦ ଦାସ ଏବଂ ପୋଲିସ ଉପସ୍ଥିତିରେ ଉଭୟଙ୍କୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ଥାନାରେ ଝିଅ ଜଣକ ଦେଇଥିବା ଲିଖିତ ଜମାନବନ୍ଦୀ ଅନୁଯାୟୀ, ସେ ଗୁରୁବାର କେତେଜଣ ସାଙ୍ଗଙ୍କ ସହ ଯାଜପୁର ଟାଉନ ଯାଇଥିବା ସମୟରେ ତାଙ୍କ ମା' ଓ ସମ୍ପର୍କୀୟମାନେ ତାଙ୍କୁ ଧରି ଥାନାବାବୁଙ୍କ ଜିମା ଦେଇଥିଲେ। ସେ ଭବିଷ୍ୟତରେ ଉକ୍ତ ସଂଖ୍ୟାଲଘୁ ସମ୍ପ୍ରଦାୟ ଯୁବକଙ୍କ ସହ କୌଣସି ପ୍ରକାର ଯୋଗାଯୋଗ ରଖିବେ ନାହିଁ ବୋଲି ଉଲ୍ଲେଖ କରିଛନ୍ତି। ଏହାସହ ସେ ଥାନା କିମ୍ବା ଅନ୍ୟ କୌଣସି ଚାପର ବଶବର୍ତ୍ତୀ ନ ହୋଇ ସ୍ୱଇଚ୍ଛାରେ ମା'ଙ୍କ ସହ ଘରକୁ ଯିବାକୁ ଚାହୁଁଛନ୍ତି ଏବଂ ଏ ସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ କରିବାକୁ ଚାହୁଁ ନ ଥିବା ସେ ଲିଖିତ ଜମାନବନ୍ଦୀରେ ଉଲ୍ଲେଖ କରିଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ରୋଡ୍ ଥାନା ଅଧିକାରୀ ଆଶିଷ ସାହୁଙ୍କୁ ପଚରାଯିବାରୁ ସେ କହିଛନ୍ତି, ବଜରଙ୍ଗ ଦଳର ହସ୍ତକ୍ଷେପ ପରେ ଉଭୟ ଝିଅ ଓ ପୁଅଙ୍କ ପରିବାର ଥାନାରେ ଆପୋସ ଆଲୋଚନା କରିଛନ୍ତି। ଝିଅ ଓ ପୁଅ ନିଜ ନିଜ ପରିବାର ସହ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ କୌଣସି ଅଭିଯୋଗ ହୋଇ ନ ଥିବାରୁ କୌଣସି ମାମଲା ରୁଜୁ ହୋଇନାହିଁ ବୋଲି ଥାନାଧିକାରୀ ସାହୁ କହିଛନ୍ତି।

## ଏସ୍‌ଟିଏଫ୍ ପଞ୍ଝାରେ ବ୍ରାଉନସୁଗାର ଡିଲର

### ୧୨୧ ଗ୍ରାମ୍ ବ୍ରାଉନସୁଗର ଜବତ

ଭୁବନେଶ୍ୱର,୧୯।୯ (ସତ୍ୟଜିତ୍ ରାଉତ)

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ପଞ୍ଝାରେ ଧରାପଡିଛନ୍ତି ଜଣେ ବ୍ରାଉନସୁଗର ବେପାରୀ। ଧଉଳି ଶାନ୍ତି ସ୍ତୁପ ନିକଟରେ ଶୁକ୍ରବାର ସକାଳ ପ୍ରାୟ ୧୦ଟାରେ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ତାଙ୍କୁ ଗିରଫ କରିଛି। ସେ ହେଲେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ହଳଦୀପଡିଆ ବସ୍ତିରେ ରହୁଥିବା ନୟାଗଡ ଜିଲା ଫତେଗଡ ଅଞ୍ଚଳର ଅଜୟ କୁମାର ପଣ୍ଡା (୨୫)। ତାଙ୍କ ନିକଟରୁ ୧୨୧ ଗ୍ରାମ୍ ଓଜନର ବ୍ରାଉନସୁଗାର, ଗୋଟିଏ ମୋବାଇଲ ଓ ୧ ହଜାର ଟଙ୍କା ଜବତ ହୋଇଛି। ଏନେଇ ଏସ୍‌ଟିଏଫ୍ ପକ୍ଷରୁ ଏକ ମାମଲା (ନଂ.୨୦/୨୦୨୫) ରୁଜୁ କରାଯାଇଛି। ଅଭିଯୁକ୍ତ ଅଜୟଙ୍କୁ ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଜିଲା ଓ ଦୌରା ଜଜ୍‌ଙ୍କ ଅଦାଲତକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଲକ୍ଷ୍ମୀସାଗର ଥାନାରେ ଅଜୟଙ୍କ ନାଁରେ ମଧ୍ୟ ଏକ ନିଶା କାରବାର ମାମଲା ରହିଛି। ଅଜୟ ବ୍ରାଉନସୁଗାର ରଖି ତାହାକୁ ବିକ୍ରି ପାଇଁ ଗ୍ରାହକ ଅପେକ୍ଷାରେ ଥିବାବେଳେ ଏସ୍‌ଟିଏଫ୍ ତାଙ୍କୁ କାବୁ କରିଥିଲା।

## ନରସିଂହପୁରରେ ବଧୂହତ୍ୟା

### ଶାଶୁ, ଶ୍ୱଶୁର ଅଟକ

ନୟାଗଡ଼/ରଣପୁର,୧୯।୯ (ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ରଣପୁର ଥାନା ନରସିଂହପୁର ଗାଁରେ ଶୁକ୍ରବାର ବଧୂହତ୍ୟା ଅଭିଯୋଗ ହୋଇଛି। ଶାଶୁଘର ପକ୍ଷରୁ ବୋହୂ ରୀତା ମହାପାତ୍ରଙ୍କୁ ହତ୍ୟା କରାଯାଇଥିବା ବାପଘର ଲୋକେ ଅଭିଯୋଗ କରିବା ପରେ ପୋଲିସ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅନ୍ୟପକ୍ଷେ ଥାନାରେ ଶାଶୁ ମାଳତି ପ୍ରଧାନ ଓ ଶ୍ୱଶୁର ଗୋବରା ପ୍ରଧାନଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ପ୍ରାପ୍ତ ସୂଚନା ଅନୁସାରେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ରମ୍ଭାବିଲ ଗାଁର ପର୍ଶୁରାମ ମହାପାତ୍ରଙ୍କ ସାନ ଝିଅ ୭ ବର୍ଷ ତଳେ ନରସିଂହପୁର ଗାଁର ଗୋବରା ପ୍ରଧାନଙ୍କ ପୁଅ ଲଡୁଆଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ବର ପକ୍ଷର ଦାବି ମୁତାବକ ଯୌତୁକ, ଘର ଉପକରଣ ଓ ସୁନାରୁପା ଅଳଙ୍କାର ଦିଆଯାଇଥିଲା। ତେବେ ବିବାହର ଦଶ ମଙ୍ଗଳାଠାରୁ ଶାଶୁ, ଶ୍ୱଶୁର ଓ ନଣନ୍ଦ ମିଶି ସ୍ୱାମୀଙ୍କୁ ବତାଇ ରୀତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ୧ ଲକ୍ଷ ଅଧିକ ଯୌତୁକ ଆଣିବାକୁ ଚାପ ପକାଉଥିଲେ। ବିବାହର ଦୁଇ ବର୍ଷ ପରେ ପୁଅଟିଏ ହୋଇଥିଲେ ମଧ୍ୟ ନିର୍ଯାତନା ବଢ଼ିଥିଲା। ଏନେଇ ବିଭିନ୍ନ ସମୟରେ ଭଦ୍ରଲୋକଙ୍କ ମାଧ୍ୟମରେ ସମାଧାନ କରାଯାଇଥିଲା। ହେଲେ ସୁଫଳ ମିଳି ନ ଥିଲା। ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଶାଶୁ ଫୋନ କରି ଜଣାଇଥିଲେ ରୀତାଙ୍କ ଦେହ ଅସୁସ୍ଥ ଅଛି, ଶୀଘ୍ର ଘରକୁ ଆସନ୍ତୁ। କିଛି ସମୟ ପରେ ପୁଣି କହିଥିଲେ, ଝିଅ ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। କିଛି ସମୟ ପରେ ପୁଣି ଫୋନ ଯୋଗେ ଝିଅର ମୃତ୍ୟୁ ଖବର ଦେଇଥିଲେ। ରୀତାଙ୍କ ମା' ଓ ବାପା ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଦେଖନ୍ତି ଝିଅର ମୃତ ଶରୀର ପଡିଛି। ମୁହଁ ଓ ଦେହର ବିଭିନ୍ନ ଅଂଶରେ ମାଡ ଦାଗ ରହିଛି। ଏଣୁ ଝିଅକୁ ଯୌତୁକ ପାଇଁ ମାରି ଦିଆଯାଇଥିବା ନେଇ ରଣପୁର ଥାନାରେ ଅଭିଯୋଗ କରିଛୁ ବୋଲି ରୀତାଙ୍କ ମା' ଓ ବାପା କହିଛନ୍ତି। ଏନେଇ ଥାନାରେ ୨୯୧/୨୫ ନଂ.ରେ ଏକ ମାମଲା ରୁଜୁ ହୋଇଛି।

## ନାବାଳିକାଙ୍କୁ ଗଣବଳାତ୍କାର

### ବିଶ୍ୱକର୍ମା ପୂଜା ଦେଖି ଫେରୁଥିଲେ

ବଣାଇଁ,୧୯।୯(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ ଜିଲା କେ. ବଲାଙ୍ଗ ଥାନା ବରସୁଆଁର ଚୋରଧରା ନିକଟ ଜଙ୍ଗଲରେ ଗୁରୁବାର ସନ୍ଧ୍ୟାରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ଏନେଇ କେ. ବଲାଙ୍ଗ ପୋଲିସ ଏକ ମାମଲା ନଂ. ୧୧୭/୨୫ ରୁଜୁ କରି ବଳାତ୍କାରୀ ୨ ଯୁବକଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରୁଛି।

ଅଭିଯୋଗ ଅନୁଯାୟୀ, କେ. ବଲାଙ୍ଗ ଅଞ୍ଚଳରୁ ନାବାଳିକା ଜଣକ ସାଙ୍ଗମାନଙ୍କ ସହ ବରସୁଆଁକୁ ବିଶ୍ୱକର୍ମା ପୂଜା ଦେଖିବାକୁ ଯାଇଥିଲେ। ଫେରୁଥିବା ସମୟରେ ୨ ଜଣ ଯୁବକ ନାବାଳିକାଙ୍କ ସାଙ୍ଗକୁ ଭୟଭୀତ କରି ଘରକୁ ପଠାଇ ଦେଇଥିଲେ। ପରେ ନାବାଳିକାଙ୍କୁ ଚୋରଧରା ନିକଟ ଜଙ୍ଗଲକୁ ଟେକି ନେଇ ଗଣବଳାତ୍କାର କରିଥିଲେ। ନାବାଳିକା ଘରକୁ ଆସି ଘଟଣା ସମ୍ପର୍କରେ କହିବା ପରେ ପରିବାର ଲୋକେ କେ. ବଲାଙ୍ଗ ଥାନାରେ ଅଭିଯୋଗ କରିଥିଲେ।

## ନବବଧୂଙ୍କ ଝୁଲନ୍ତା ମୃତଦେହ ଜବତ

ବାଲିଚନ୍ଦ୍ରପୁର/ଚଣ୍ଡୀଖୋଲ,୧୯।୯ (ଗିରିଜା ପ୍ରସାଦ ସାହୁ/ ପ୍ରଦୀପ କୁମାର ପୃଷ୍ଟି)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ପଲାଇ ଗ୍ରାମରେ ଶାଶୁଘରେ ଶାରୀରିକ, ମାନସିକ ଯନ୍ତ୍ରଣା ସହି ନ ପାରି ଶୁକ୍ରବାର ନବବଧୂ ନିଜ ଶାଢ଼ିଦ୍ୱାରା ଗଛରେ ଫାଶ ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବରୀ ରାମଚନ୍ଦ୍ରପୁର ଥାନା ଗମୁ ଅଞ୍ଚଳର ରମେଶ ଚନ୍ଦ୍ର ମଲ୍ଲିକଙ୍କ ଝିଅ ଚିତାଲି (୨୧)। ଚିତାଲି ପଲାଇ ଗ୍ରାମର ପିଣ୍ଟୁ ମଲ୍ଲିକଙ୍କୁ ବିବାହ କରିଥିଲେ। ବିବାହକୁ ବର୍ଷେ ପୂରି ନ ଥିବାବେଳେ ଶୁକ୍ରବାର ଶାଶୁଘର ନିକଟସ୍ଥ ଏକ ଗଛରେ ଝୁଲୁଥିବା ଅବସ୍ଥାରେ ଚିତାଲିଙ୍କୁ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ତେବେ ଚିତାଲିଙ୍କୁ ହତ୍ୟାକରି ଗଛରେ ଝୁଲାଇଦେଇ ଆତ୍ମହତ୍ୟା ରୂପ ଦେଉଛନ୍ତି ବୋଲି ଥାନାରେ ବାପା ରମେଶ ଚନ୍ଦ୍ର ମଲ୍ଲିକ ଅଭିଯୋଗ କରିଛନ୍ତି।

## ଯବାନଙ୍କ ହାତ, ପେଟରୁ ବାହାରିଲା ଗୁଳି

### ମାଓବାଦୀଙ୍କ ସହ ଗୁଳି ବିନିମୟବେଳେ ଆହତ ହୋଇଥିଲେ

ବ୍ରହ୍ମପୁର,୧୯।୯(ସୁବାସ ଚନ୍ଦ୍ର ପାଢ଼ୀ)

କନ୍ଧମାଳ ଜିଲା ରାଇକିଆ ବ୍ଲକ ଗେଦିଙ୍ଗିଆ ନିକଟସ୍ଥ ଜଙ୍ଗଲରେ ଗୁରୁବାର ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ବେଳେ ଆହତ ହୋଇଥିବା ଏସ୍‌ଓଜି ଯବାନ ପ୍ରେମ ସିଂ ମାଝୀ (୩୩) ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଗୁଳିଟି ତାଙ୍କ ବାମହାତରେ ଗୁଳି ବାଜି ପେଟ ଭିତରେ ପଶି ଯାଇଥିଲା। ମଧ୍ୟରାତ୍ରିରେ ଏମ୍‌କେସିଜିର ନିଶ୍ଚେତକ ବିଭାଗ, ସର୍ଜରି, ନ୍ୟୁରୋ ସର୍ଜରି, ଅସ୍ଥିଶଲ୍ୟ ବିଭାଗର ବରିଷ୍ଠ ଡାକ୍ତରୀ ଦଳ ପ୍ରାୟ ୪ ଘଣ୍ଟା ଧରି ଅସ୍ତ୍ରୋପଚାର କରି ହାତ ଓ ପେଟରୁ ଗୁଳିକୁ ବାହାର କରିଥିଲେ। ବର୍ତ୍ତମାନ ସେ ଆଇସିୟୁରେ ଭେଣ୍ଟିଲେଟରରେ ରହି ଚିକିତ୍ସିତ ହେଉଛନ୍ତି। ବିଭିନ୍ନ ବିଭାଗର ଡାକ୍ତରଙ୍କୁ ନେଇ ଏକ ୧୫ଜଣିଆ ଟିମ୍ ପର୍ଯ୍ୟବେକ୍ଷଣରେ ରହିଥିବା ଏମ୍‌କେସିଜି ମେଡିକାଲ



ପ୍ରେମ ସିଂ ମାଝି

ଅଧୀକ୍ଷକ ଡା.ଦୁର୍ଗାମାଧବ ଶତପଥୀ ସୂଚନା ଦେଇଛନ୍ତି। ପ୍ରେମ ସିଂଙ୍କ ଅବସ୍ଥା ସଂକଟାପନ୍ନ ଥିବା ଖବରପାଇ ତାଙ୍କ ସ୍ତ୍ରୀ ଓ ଭାଇ ଏମ୍‌କେସିଜି ମେଡିକାଲରେ ପହଞ୍ଚିଥିବା ଜଣାପଡିଛି।

ମାଓବାଦୀଙ୍କ ସହ ଗୁଳି ବିନିମୟ ବେଳେ ଗୁରୁତର ହୋଇଥିବା ପ୍ରେମ ସିଂଙ୍କୁ ତାଙ୍କ ସହଯୋଗୀମାନେ ଉଦ୍ଧାର କରି ପ୍ରଥମେ ରାଇକିଆ ବ୍ଲକ ଇନ୍ଦ୍ରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ଭଞ୍ଜନଗର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ଥିବାରୁ ଗୁରୁବାର ସନ୍ଧ୍ୟାରେ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ୧୦ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୯।୯(ସତ୍ୟଜିତ୍ ରାଉତ)

୧୦ ଲକ୍ଷ ଟଙ୍କା ନେଇ ଠକିବା ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ମହତାବ ରୋଡ୍‌ର ଆଶୁତୋଷ ଆଚାର୍ଯ୍ୟ (୪୭)। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗକାରୀ ଗୋପନ ମାର୍ଥା (୩୫) ବାଲି, ଚିପ୍ସ ଏବଂ ପଥର ବ୍ୟବସାୟ କରନ୍ତି। ଆଶୁତୋଷ ଜରୁରୀ ଆବଶ୍ୟକତା ଥିବା କହି ୧୦ ଲକ୍ଷ ଟଙ୍କା ସୁଧରେ ଦେବାକୁ ତାଙ୍କୁ କହିଥିଲେ। ସୁଧ ସହିତ ପରିଶୋଧ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଗୋପନଙ୍କଠାରୁ ଟଙ୍କା ପାଇବା ପରେ ଆଶୁତୋଷ ଆଉ ଧରାଛୁଆଁ ଦେଇ ନ ଥିଲେ। ଏନେଇ ଏତଲାକ୍ରମେ ୨୦୨୪ ନଭେମ୍ବର ୧୩ରେ ପୋଲିସ ମାମଲା (ନଂ.୫୮୦/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

## ଅପହୃତା ନାବାଳିକାଙ୍କ ମୃତଦେହ ମିଳିବା ଘଟଣା, ୩ ଅଟକ

ବାସୁଦେବପୁର,୧୯।୯ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କଷିଆ ସାମୁଦ୍ରିକ ଥାନା ଅଧୀନ ରାଧାନାଥପୁର ଆଡ଼ିଆ ଗ୍ରାମର ଅପହୃତା ନାବାଳିକାଙ୍କ ଗଳିତ ମୃତଦେହ ଗୁରୁବାର ଇଷ୍ଟକୋଷ୍ଟ କେନାଲରୁ ମିଳିଥିଲା। ଅପହରଣ ପରେ ଅପରାଧୀମାନେ ନାବାଳିକାଙ୍କୁ ହତ୍ୟାକରି କେନାଲରେ ଫିଙ୍ଗି ଦେଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି। ପୋଲିସ ୩ଜଣଙ୍କୁ ଗୁରୁବାର ରାତିରେ ଉଠାଇ ନେଇ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ବେଳେ ଅନ୍ୟ କେତେଜଣଙ୍କ ଉପରେ ସନ୍ଦେହ ରଖିଛି। ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ଗଳିତ ମୃତଦେହକୁ ଏଫ୍‌ଏମ୍‌ଟି ପରୀକ୍ଷା (ଫୋରେନ୍‌ସିକ୍ ମେଡିସିନ ଆଣ୍ଡ ଟକ୍ସିକୋଲୋଜି) ପାଇଁ ଗୁରୁବାର ସନ୍ଧ୍ୟାରେ କଟକ ପଠାଯାଇଥିଲା। ଶୁକ୍ରବାର ଏଫ୍‌ଏମ୍‌ଟି ପରୀକ୍ଷା ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଭାପୁରରେ ଇଓଡବ୍ଲ୍ୟୁର ଯାଞ୍ଚ

### ଜାଲ୍ ଦସ୍ତଖତରେ ୨୦୬ କୋଟି ଟଙ୍କା ଦୁର୍ନୀତି ପ୍ରସଙ୍ଗ

ନୟାଗଡ଼,୧୯।୯(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଭାପୁର ବ୍ଲକରେ ୨୦୨୧ରେ ତତ୍କାଳୀନ ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ବେହେରାଙ୍କ ଜାଲ୍ ଦସ୍ତଖତରେ ୨୦୬ କୋଟି ଟଙ୍କା ଦୁର୍ନୀତି ପ୍ରସଙ୍ଗରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପକ୍ଷରୁ ଯାଞ୍ଚ ଆରମ୍ଭ କରାଯାଇଛି। ଏନେଇ ଇଓଡବ୍ଲ୍ୟୁର ଏକ ଟିମ୍ ତତ୍କାଳୀନ ଭାପୁର ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ବେହେରାଙ୍କୁ ଭେଟି ଦୁର୍ନୀତି ସମ୍ପର୍କରେ ପଚାରି ବୁଝିଥିଲେ। ପୁଣି କିଛି ଦସ୍ତଖତ ନେଇଛନ୍ତି। ଅନ୍ୟପକ୍ଷରେ ଦୁର୍ନୀତି ଅଭିଯୋଗ ରହିଥିବା କିଛି ନେତାଙ୍କୁ ସେମାନେ ଭେଟିବାକୁ ଚାହିଁଥିଲେ ମଧ୍ୟ ସୁଯୋଗ ନ ପାଇ ଫେରିଯାଇଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁସାରେ ଭାପୁର ବ୍ଲକରେ ଫଲ୍ସ ବିଲ୍ ତଥା ଦୁର୍ନୀତି ପ୍ରସଙ୍ଗ ରାଜ୍ୟରେ ଚର୍ଚ୍ଚାକୁ ଆସିଥିଲା। ୨୦୨୧ରେ ଭାପୁର ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ବେହେରାଙ୍କ ଜାଲ୍ ଦସ୍ତଖତରେ ୮୦ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ତତ୍କାଳୀନ ବ୍ଲକ ଉପାଧ୍ୟକ୍ଷ ଗୟାଧର ପରିଡ଼ା ଓ ସହଯୋଗୀମାନେ ଜାଲ୍ ଦସ୍ତଖତ କରି କେଳେଙ୍କାରି କରିଥିବା ଅଭିଯୋଗ ହୋଇଥିଲା। ମିଶନ ଶକ୍ତି ଗୃହ ପାଇଁ ଆସିଥିବା ୪ ଲକ୍ଷ ଟଙ୍କା ମଧ୍ୟ ଫଲ୍ସ ବିଲ୍ ହୋଇଥିଲା। ଏନେଇ ଅଧ୍ୟକ୍ଷା ବେହେରା ପ୍ରଥମେ ପ୍ରଶାସନ, ଥାନା ଓ ପରେ ଲୋକାୟୁକ୍ତରେ ଅଭିଯୋଗ କରିଥିଲେ। ଅନ୍ୟ କେତେଜଣ ଲୋକ ମଧ୍ୟ ଅଭିଯୋଗ କରିଥିଲେ। ପ୍ରାୟ ୨ ବର୍ଷ ଧରି ଲୋକାୟୁକ୍ତଙ୍କ କୋର୍ଟରେ ଶୁଣାଣି ପରେ ୮୦ କୋଟି ଦୁର୍ନୀତି ୨୦୬ କୋଟିରେ ପହଞ୍ଚିଛି। ପରେ ଏହି ପ୍ରସଙ୍ଗ ହାଇକୋର୍ଟରେ ପହଞ୍ଚିଥିଲା। ହାଇକୋର୍ଟ ଏହାର ତଦନ୍ତ ଇଓଡବ୍ଲ୍ୟୁକୁ ଦେଇଥିଲେ। ଏହି ଦୁର୍ନୀତିରେ ଅଧିକାରୀ ଓ କର୍ମଚାରୀଙ୍କଠାରୁ ସରକାରୀ ଅନୁଦାନ ରିକଭରି ହୋଇଛି। ଘଟଣାରେ ଭାପୁରର ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଗୟାଧର ପରିଡା, ବିଜିପୁର ପଞ୍ଚାୟତ ଦୁବପଲ୍ଲୀ ଗାଁର ଜ୍ୟୋତି ରଞ୍ଜନ ପଣ୍ଡା, ପଦ୍ମାବତୀ ପଞ୍ଚାୟତ ଝଗଡାପଡ଼ା ଗାଁର ଯୋଗେନ୍ଦ୍ର ସ୍ୱାଇଁଙ୍କୁ ହାଜର ହେବା ପାଇଁ ଇଓଡବ୍ଲ୍ୟୁ ନୋଟିସ କରିଥିବା ଜଣାପଡ଼ିଛି।

## ଇଭି ଡିଲରଶିପ୍ ନାଁରେ ସାଇବର ଠକେଇ

### ବିଟେକ୍ ଡିଗ୍ରୀଧାରୀ ଅଭିଯୁକ୍ତ ବାରାଣସୀରୁ ଗିରଫ

କଟକ,୧୯।୯(କାର୍ତ୍ତିକ ସାହୁ)

ଏକ ଇଭି ସ୍କୁଟର କମ୍ପାନୀ ଡିଲରଶିପ୍ ଦେବା ନିମନ୍ତେ ଲୋଭ ଦେଖାଇ ଜଣେ ବ୍ୟକ୍ତିଙ୍କଠାରୁ ସାଇବର ଠକେଇ ହୋଇଛି। ଠକେଇରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଓଡ଼ିଶା ପୋଲିସ ବାରାଣସୀରୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ବାରାଣସୀ କାଶିପୁରମ୍ କଲୋନୀ ବାସିନ୍ଦା ଆଶିଷ କୁମାର ଯାଦବ (୩୦)। ଅଭିଯୁକ୍ତ ଜଣକ ବିଟେକ୍ ଡିଗ୍ରୀଧାରୀ ହୋଇଥିବା ବେଳେ ୱେବ୍ ଡିଜାଇନର ଭାବେ କାର୍ଯ୍ୟ କରନ୍ତି। ତାଙ୍କ ନିକଟରୁ ମୋବାଇଲ, ଲାପଟପ୍, ସିମ୍ କାର୍ଡ ଆଦି ଜବତ କରାଯାଇଥିଲା। ପୋଲିସ ତାଙ୍କୁ ଗିରଫ କରି ଓଡ଼ିଶା ଆଣି କଟକ ଜେଏମ୍‌ଏଫ୍‌ସି କୋର୍ଟରେ ଶୁକ୍ରବାର ହାଜର କରାଇଛି।

ମାମଲାର ବିବରଣୀ ଅନୁଯାୟୀ, ସାଇବର ଅପରାଧୀମାନେ ଏକ ଇଭି ସ୍କୁଟର କମ୍ପାନୀର ଡିଲରଶିପ୍ ପ୍ରଦାନ ନିମନ୍ତେ ଜଣେ ବ୍ୟକ୍ତିଙ୍କୁ ଅନ୍‌ଲାଇନ୍‌ରେ ପ୍ରବର୍ତ୍ତାଇଥିଲେ। ଡିଲରସିପ୍ ନିମନ୍ତେ ଅପରାଧୀମାନେ ୨୫,୩୫,୬୪୬ ଟଙ୍କା ଟ୍ରାନ୍ସଫର କରିବାକୁ କହିଥିଲେ। ଠକେଇର ଶିକାର ବ୍ୟକ୍ତି ଜଣକ ଏଥିରେ ବିଶ୍ୱାସ କରି ଟଙ୍କା ଦେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ତାଙ୍କୁ ଆହୁରି ଅର୍ଥ ଜମା କରିବା ନିମନ୍ତେ ଅପରାଧୀମାନେ ଦାବି କରିଥିଲେ। ଆଉ ଅର୍ଥ ନ ଦେଲେ ତାଙ୍କ ଟଙ୍କା ଫେରସ୍ତ ହେବ ନାହିଁ ବୋଲି କହିଥିଲେ। ଫଳରେ ସାଇବର ଠକେଇର ଶିକାର ହୋଇଥିବା ହୃଦ୍‌ବୋଧ କରି କଟକ ସାଇବର ଥାନାରେ ଏକ ଏତଲା ଦାଏର ହୋଇଥିଲେ। ଏତଲା ଆଧାରରେ ପୋଲିସ ମାମାଲା (ନଂ.୦୪/୨୦୨୩) ରୁଜୁ କରି ତଦନ୍ତ କରିଥିଲା।

## ୩ ଉଚ୍ଚଶିକ୍ଷିତଙ୍କୁ ବାନ୍ଧିଲା ପୋଲିସ

### ୧ କୋଟି ୪୫ ଲକ୍ଷ ୮୫ ହଜାର ସାଇବର ଠକେଇ

କଟକ,୧୯।୯(କାର୍ତ୍ତିକ ସାହୁ)

ବିଭିନ୍ନ ଅନ୍‌ଲାଇନ୍ ଆପ୍‌ରେ ଅର୍ଥ ବିନିଯୋଗ କରି ଅଧିକ ଲାଭ ଦେବାର ଲୋଭ ଦେଖାଇ ୧ କୋଟି ୪୫ ଲକ୍ଷ ୮୫ ହଜାର ଟଙ୍କା ସାଇବର ଠକେଇ ଅଭିଯୋଗରେ ପୋଲିସ ଓଡ଼ିଶାରୁ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ସିକୁଆ ଅଞ୍ଚଳର ଦୀପକ କୁମାର ଦାଶ (୩୩), ବାଲେଶ୍ୱର ଗୋପାଳପୁର ଥାନା ତାଳପଦାର ଚନ୍ଦନ କୁମାର ସାହୁ (୩୩) ଓ ଗଞ୍ଜାମ ବ୍ରହ୍ମପୁରର ଶାନ୍ତିମାର୍ଗ ବାସିନ୍ଦା ରମାହରି ସାହୁ (୪୬)। ସମସ୍ତ ଅଭିଯୁକ୍ତ ଉଚ୍ଚଶିକ୍ଷିତ ହୋଇଥିବା ବେଳେ ସାଇବର ଠକେଇ ଅପରାଧରେ ଗିରଫ ହୋଇଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ କଟକ ଜେଏମ୍‌ଏଫ୍‌ସି-୩ କୋର୍ଟରେ ଶୁକ୍ରବାର ହାଜର କରାଯାଇଛି। ସେମାନଙ୍କ ନିକଟରୁ ମୋବାଇଲ ଫୋନ୍, ସିମ୍ କାର୍ଡ, ଡେବିଟ୍ କାର୍ଡ ଓ ଚେକ ବହି ଆଦି ସାମଗ୍ରୀ ଜବତ କରାଯାଇଛି। ଏ ନେଇ କଟକ ସାଇବର ଥାନାରେ ମାମଲା (ନଂ. ୩୪/୨୦୨୪) ରୁଜୁ ହୋଇଛି।

ସୂଚନା ଯେ, ସାଇବର ଅପରଧୀମାନେ ଜଣେ ବ୍ୟକ୍ତିଙ୍କୁ ଡିଜିଟାଲ କରେନ୍ସିରେ ଅର୍ଥ ବିନିଯୋଗ ଜରିଆରେ ଅଧିକ ଲାଭ ପାଇବାର ଆଶା ଦେଖାଇଥିଲେ। ପ୍ରାଥମିକ ଅବସ୍ଥାରେ ବ୍ୟକ୍ତି ଜଣକ କ୍ଷତିଗ୍ରସ୍ତ ହୋଇଥିଲେ ବି ସାଇବର ଅପରାଧୀମାନେ ଅଧିକରୁ ଅଧିକ ଅର୍ଥ ବିନିଯୋଗ ନିମନ୍ତେ ପ୍ରବର୍ତ୍ତାଇଥିଲେ। ଏହିଭଳି ଭାବରେ ୧,୪୫,୮୫,୦୦୦ ଟଙ୍କା ବିନିଯୋଗ ହେବା ପରେ ବ୍ୟକ୍ତି ଜଣକ ଉଠାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଅପରାଧୀମାନେ ଅର୍ଥ ଉଠାଣ ପାଇଁ ଅତିରିକ୍ତ ଅର୍ଥ ଦାବି କରିଥିଲେ। ନ ହେଲେ ଟଙ୍କା ଉଠାଣ ହୋଇପାରିବ ନାହିଁ ବୋଲି ରୋକ୍‌ଠୋକ୍ ମନା କରିଥିଲେ। ଫଳରେ ଅର୍ଥ ବିନିଯୋଗକାରୀ ବ୍ୟକ୍ତି ଠକାମିରେ ପଡ଼ିଥିବା ଜାଣିବାକୁ ପାଇଥିଲେ। ସେ କଟକ ସାଇବର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ ପରେ ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ଦୀପକ ଏମ୍. ଫାର୍ମା ଶିକ୍ଷାପ୍ରାପ୍ତ ହୋଇଥିବା ବେଳେ ଜଣେ ମେଡିସିନ ରିପ୍ରେଜେଣ୍ଟେଟିଭ ଭାବେ କାର୍ଯ୍ୟ କରନ୍ତି। ଅଭିଯୁକ୍ତ ଚନ୍ଦନ ବିଟେକ୍ ଯୋଗ୍ୟତାପ୍ରାପ୍ତ ହୋଇ ଡିଜେ ଗାଡ଼ିର ମାଲିକ। ଅନ୍ୟତମ ଅଭିଯୁକ୍ତ ରମାହରି ଡିପ୍ଲୋମା ସିଭିଲ ଇଞ୍ଜିନିୟରିଂ ଯୋଗ୍ୟତାପ୍ରାପ୍ତ ହୋଇଥିବା ବେଳେ ଗ୍ଲାସ ଫେବ୍ରିକେଶସ ବୃତ୍ତିରେ ଅଛନ୍ତି।

# Classified Everyday

0674-2580101, 9692975378



## REAL ESTATE

### SALE

ପୁରୀ ବାଟମଙ୍ଗଳା ସମ୍ମୁଖ **200** ଫୁଟ **Bypass** ରୋଡ୍ ପାଖରେ ଅତିଶୀଘ୍ର ଘରକରିବାଯୋଗ୍ୟ ପ୍ଲଟ୍ ଡିସିମିଲକୁ **12** ଲକ୍ଷ ଟଙ୍କା। ଯୋଗାଯୋଗ: **9438109040/ 8144658008.** D-2034

ଭୁବନେଶ୍ୱର ପିତାପଲ୍ଲିଛକ **NH side**ରେ **immediate** ଘରବାଲା ଭଳି ପ୍ଲଟ୍ **Boundary,** ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- **9337166296.** D-1941




**Warehouse To-let at Hanspal near NH-16, Bhubaneswar 33000sqft. Plinth+ 11000sqft. Mezzanine. Contact: 7205809501, 9861096613.** D-1985




The massage felt totally professional & comfortable at all times-7978109255. D-76495

ବହୁବର୍ଷ ଧରି ଭଲହେଉନଥିବା ଯେକୌଣସି ରୋଗରୁ ମୁକ୍ତି ପାଇଁ ଓ ସର୍ବଦା ସୁସ୍ଥ ନିରୋଗ ରହିବାକୁ ଚାହୁଁଥିଲେ Cellogen ଖାଆନ୍ତୁ 9439493164. D-2012

## LOST

I, Tanmaya Kumar Pandey, S/o- Birendra Chandra Pandey, lost my Gift Deed bearing no 1745 of 2003, which was misplaced at Main road, jharsuguda on 23.08.2025. I apply for a mortgage loan on the said property at the SBI jharsuguda (00238). There is no loan or charge against this property at present. If any financial institution holds a loan or claim against this property, they are requested to contact me 9937933913 within 7 days of this notice. D-2033

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## AFFIDAVIT

I, Mahavir Singh Kalkandha, S/o- Shriram Singh Kalkandha, resident At- Ward No. 12, Station Road, Maa Parvati Enclave, Block-C, Room No.- 303, Barbil, P.O./P.S.- Barbil, Dist.- Keonjhar, Odisha, 758035, declares that, By an affidavit Vide Sl. No.- 5047, Dt- 18.09.2025, in School Certificates of my son namely "Navneet Singh" wherein my name is written as "Mahavir Singh" instead of "Mahavir Singh Kalkandha". From today onwards, I will known as "Mahavir Singh Kalkandha" for all future purpose. D-2027

I, Jaiwanti Kalkandha, W/o- Mahavir Singh Kalkandha, resident At- Ward No.- 12, Station Road, Maa Parvati Enclave, Block-C, Room No.- 303, Barbil, P.O./P.S.- Barbil, Dist.- Keonjhar, Odisha, 758035, declares that, by an affidavit Vide Sl. No.- 5048, Dt- 18.09.2025, in School Certificates of my son namely "Navneet Singh" wherein my name is written as "Jaya Singh" instead of "Jaiwanti Kalkandha". From today onwards, I will known as "Jaiwanti Kalkandha" for all future purpose. D-2028

By virtue of an affidavit sworn before Executive Magistrate, Kutra, dated-16-09-25, I Bidya Ekka, Address: Vill-Katang, P.O.- Katang, P.S.- Kutra, Dist.- Sundargarh, odisha,PIN- 770018 declare that I have changed my name from Bidya Minz to Bidya Ekka. Henceforth, I shall be known as Bidya Ekka for all purposes.

Bidya Ekka D-2035

By virtue of an affidavit sworn before Executive Magistrate, Cuttack, Dt.- 13.08.2025. I, Harshdeep Kaur Dugal, declare that, I have changed my name from Harshdeep Kaur dugal to Harshdeep Kaur having my permanent Address: At- Nimasahi, P.O.- Buxibazar, P.S.- Purighat, Dist.- Cuttack, PIN- 753001. Henceforth, I shall be known as Harshdeep Kaur. D-2032

By virtue of an affidavit sworn before Executive Magistrate, Simulia, dated- 18.09.2025, I, Rosalin Patra (New name), Address: At- Dhumpur, P.O.- Chandrapada, P.S.- Simulia, Dist.- Balasore, Odisha, PIN- 756134, declare that I have changed my name from Rojalini Patra (old name) to Rosalin Patra (new name). Henceforth, I shall be known as Rosalin Patra (new name) for all purposes.

Rosalin Patra D-2038

By virtue of an affidavit sworn before Executive Magistrate, Bandhugaon, dated- 17.09.2025 I, Tunuka Lachana, Aadress- Rangamguda, P.O.- K. Jaguguda, Bandhugaon declare that I have changed the name of my son from Tunuka Kamala to Kamala Tunuka. Henceforth, he shall be known as Aadhaar name Correction for all purposes. D-2037

By virtue of an affidavit sworn before the Executive Magistrate, Salipur, CTC- Odisha, dated- 19.09.2025, Address: At- Lendurabhaga banpur, P.O.- Lendura, PIN- 754203, declare that I have changed my name from Ranjan Kandi to Ranjan Kumar Kandi. Henceforth, I shall be known as Ranjan Kumar Kandi for all purposes.

Ranjan Kumar Kandi D-2036

By virtue of an affidavit No.- 3970/dt. 17.09.2025 sworn before Notary Public, Bhadrak, I, Surabhi Bansal (48), W/o- Pradeep Kumar Bansal, Resident At- A-301, Gala Area, South Bopal, Bopal, Ahemdabad, Gujarat, 380058, presently residing at Room No.- 05, Narendra Santra Guest House, Dosinga, Dhamra, Bhadrak, Odisha declare that my name is Surabhi Bansal, W/o- Pradeep Kumar Bansal which is mentioned in 10th standard Mark Sheet of my daughter Harshita Bansal vide No.- TF 30063442, but my name Bansal Surabhi Pradeepkumar has been mentioned in my daughter's old Passport bearing No.- G5496276 issued by Passport Office, Surat as well as in my own Passport bearing No.- C2583298 issued by Passport Office, Ahemdabad. I declare that Surabhi Bansal & Bansal Surabhi Pradeepkumar is same and one person. D-2045

I, Tripti Ray, W/o- Bholanath Ray, Village- Jyotinagar, Gondiaguda, P.O./P.S./Dist.- Malkangiri do hereby solemnly affirm and state on oath as follows. That my actual name is Tripti Barai and after my marriage my surname is changed as Tripti Ray. That, in Aadhaar Card my name is mentioned as Tripti Barai and I want to change my name in Aadhaar Card as Tripti Ray. That, Tripti Barai and Tripti Ray is one and same i.e. myself. That, I swear this affidavit in order to produce before the concerned authority to change my name in Aadhaar Card as Tripti Ray. D-2051

By virtue of an affidavit sworn before the Executive Magistrate, Bhubaneswar dated 19.09.2025, I, Manka Birua, D/o- Lakhan Hansdah, permanent resident of At- Dalki, P.O.- Moranda, P.S.- Bahalda, Dist.- Mayurbhanj, Odisha-757046 declare that I have changed my name from Manka Birua to Manaka Hansdah. I shall be known as Manaka Hansdah for all purposes.

Manaka Hansdah D-2030

By virtue of an affidavit sworn before the Notary Public, Borigumma, dated 15.09.2025, I, DURJYA PATRA, S/o- Bansidhar Patra, Address: At/Village- Kotahandi, P.O.- Munja, P.S.- B. Singhpur, Dist.- Koraput, Odisha-764057 declare that I have changed my name from JAYANTI PATRA (Old name) to DURJYA PATRA (New name). Henceforth, she shall be known as DURJYA PATRA (New name) for all purposes. D-2042

By virtue of an affidavit sworn before the Notary Public, Borigumma, dated 12.09.2025, I, SAMARI PENTHIA, Address: At- Dhaudapalla, P.O.- Sasahandi, P.S.- Borigumma, Dist.- Koraput- 764056, Odisha declare that I have changed the name of my daughter from JAYA SURIA PENTAIA (Old name) to JAYASHREE PENTHIA (New name). Henceforth, she shall be known as JAYASHREE PENTHIA (New name) for all purposes. D-2041

I, Femina Zerin, W/o- Abrar Hussain, Resident of Dulpur Street, Main Road, Kotpad, P.O./ P.S.- Kotpad, Dist.- Koraput, PIN- 764058, Odisha declare by this affidavit No.- 3798, dtd. 17.09.2025 that now onwards I shall be known as FEMINA BANU for all future purposes. D-2039

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM BHARAT INTERFACE FOR MONEY | UPI UNIFIED PAYMENTS INTERFACE

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

## LEGAL NOTICE

Letter No.- 1765, dtd. 16.09.25

ନୋଟିସ

ମାନ୍ୟବର ଅତିରିକ୍ତ କମିଶନର, ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ (I.A.S.)
ଅତିରିକ୍ତ ରିଭିଜନ କୋର୍ଟ ନଂ.-୪, ଚତୁର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା।
ଓ.ଏସ୍.ଏସ୍ କେସ୍ ନଂ.-୮୯୫/୨୦୨୪

ବସୁନ୍ଧରା ବିଭବ ତରଫ ଚେୟାରମ୍ୟାନ୍, ଦେବପ୍ରିୟା ବିଧାର ........ବାଦୀ

ବନାମ

ସେଟଲ୍‌ମେଣ୍ଟ ଅଫିସର, କଟକ ଓ ଅନ୍ୟମାନେ ...ପ୍ରତିବାଦୀ ସମୂହ

ନୋଟିସ ସି.ପି.ସି. ଅର୍ଡର-୫, ରୁଲ୍-୨୦ ମୁତାବକ ପ୍ରତିବାଦୀ ନଂ. ୩- ସରୋଜିନୀ ପ୍ରଧାନ, ପିତା: ୰ସୋମନାଥ ରାଉତରାୟ, ସା: ମୁକାମେଶ୍ୱର, କାଜିପାଟଣା, ପୋ: ଉତ୍ତମାପୁର, ଥାନା: କଟକ ସଦର, ଜିଲ୍ଲା: କଟକ, ପିନ୍: ୭୫୩୦୧୧, ଓଡିଶା। ପ୍ରତିବାଦୀ ନଂ. ୬ (କ)- ଜିତୁ ରାଉତରାୟ, ପିତା: ୰ହରିଚରଣ ରାଉତରାୟ, ପ୍ରତିବାଦୀ ନଂ. ୬ (ଖ) ରୀନା ରାଉତରାୟ, ପିତା: ୰ହରିଚରଣ ରାଉତରାୟ, ପ୍ରତିବାଦୀ ନଂ. ୮- ହେମ ବେୱା, ସ୍ୱାମୀ: ୰ପରମାନନ୍ଦ ରାଉତରାୟ, ପ୍ରତିବାଦୀ ନଂ. ୬ (କ), ୬ (ଖ) ଓ ୮ଙ୍କର ସା: ଯୁଝଗଡ଼, ପୋ: ଦାରୁଠେଙ୍ଗ, ଥାନା: ଚନ୍ଦକା, ପିନ୍- ୭୫୧୦୨୪, ଜିଲ୍ଲା: ଖୋର୍ଦ୍ଧା, ଓଡିଶ୍ା। ପ୍ରତିବାଦୀ ନଂ. ୯- ଅଲେଖ ରାଉତରାୟ ନିଅଂଶ ମୃତ ପିତା: ୰ଅଭିନ ରାଉତରାୟ, ସା: ଯୁଝଗଡ଼, ପୋ: ଦାରୁଠେଙ୍ଗ, ଥାନା: ଚନ୍ଦକା, ପିନ୍: ୭୫୧୦୨୪, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା।

ଉପରୋକ୍ତ ନୋଟିସ ଦ୍ୱାରା ଏହି ଓ.ଏସ୍.ଏସ୍. କେସ୍‌ରେ ତୁମ୍ଭେମାନେ ପ୍ରତିବାଦୀ ହିସାବରେ ନଂ ୩, ନଂ୬ (କ), ୬ (ଖ), ୮ ଓ ୯ ରୂପେ ରହିଅଛି। କିନ୍ତୁ ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ ତୁମ୍ଭ ପ୍ରତିବାଦୀମାନଙ୍କୁ ବାରମ୍ୱାର ନୋଟିସ ଦିଆଗଲେ ମଧ୍ୟ ତୁମ୍ଭେମାନେ ଗ୍ରହଣ କରୁନାହାଁ। ପ୍ରତିବାଦୀ ନଂ୯ମ୍ବର ମୃତ ହେତୁ ତାଙ୍କର ଉତ୍ତରାଧିକାରୀ ଯଦି କେହି ଥାଆନ୍ତି ତେବେ ଉପଯୁକ୍ତ ପ୍ରମାଣପତ୍ର ସହିତ ଆସନ୍ତା ତା୧୦।୧୧।୨୫ରିଖରେ ୧୧.୩୦ ସମୟେ ପ୍ରତିବାଦୀ ନଂ ୩, ନଂ ୬ (କ), ୬ (ଖ), ୮ ଉପରୋକ୍ତ କୋର୍ଟଙ୍କ ଇଜିଲାସରେ ପ୍ରତ୍ୟେକ ପ୍ରତିବାଦୀ ନିଜେ କିମ୍ବା ତାଙ୍କର ପ୍ରତିନିଧିଙ୍କ ଜରିଆରେ ଉପସ୍ଥିତ ହୋଇ ଯଦି କିଛି ଆପତ୍ତି ଥାଏ, ସେହି ଆପତ୍ତି/ଦାବି ଉପସ୍ଥାପନ କରିବେ।

ପ୍ରତିବାଦୀମାନେ ଅନୁପସ୍ଥିତ ରହିଲେ ଆଇନ ଅନୁଯାୟୀ ଉପରୋକ୍ତ କେସ୍‌ର ଫଇସଲା କରାଯିବ। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏହି ଓ.ଏସ୍.ଏସ୍. କେସ୍‌ର ତଫସିଲ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ଜମିର ବିବରଣୀ

ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ଚନ୍ଦକା, ନଂ ୩୩ମ୍ବର, ମୌଜା: ଭୁଆଷୁଣୀ

ସାବକ ଖାତା- ୨୧୮, ସାବକ ପ୍ଲଟ୍- ୩୮୩, ଏରିଆ- ଏ୦.୬୭୩ଡି. ସ୍ୱ ଏ୦.୧୧୭ଡି., ହାଲ୍ ଖାତା- ୧୫୨୧, ହାଲ୍ ପ୍ଲଟ୍- ୧୯୨୦, ଏରିଆ- ୦.୨୪୨ଡି. ସ୍ୱ ଏ୦.୧୧୭

ଏଣୁ ଉପରୋକ୍ତ ମାମଲାର ଉପରବର୍ଣ୍ଣିତ ପ୍ରତିବାଦୀ ସମୂହ ଧାର୍ଯ୍ୟ ତାରିଖରେ ଉପସ୍ଥିତ ହୋଇ ନିଜର ଅଭିଯୋଗ ଦାଖଲ କରିପାରିବେ। ଅନୁପସ୍ଥିତ ରହିଲେ ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ସ୍ଥାନ: ଭୁବନେଶ୍ୱର
ତାରିଖ:

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ
ଧ-୨୦୪୭

Letter No.- 1766, Dtd. 16.09.25

ନୋଟିସ

ମାନ୍ୟବର ଅତିରିକ୍ତ କମିଶନର, ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ (I.A.S.)
ଅତିରିକ୍ତ ରିଭିଜନ କୋର୍ଟ ନଂ-୪, ଚତୁର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା।
ଓ.ଏସ୍.ଏସ୍.କେସ୍ ନଂ.- ୮୯୮/୨୦୨୪

ବସୁନ୍ଧରା ବିଭବ ତରଫ ଚେୟାରମ୍ୟାନ୍, ଦେବପ୍ରିୟା ବିଧାର ......ବାଦୀ

ବନାମ

ସେଟଲ୍‌ମେଣ୍ଟ ଅଫିସର, କଟକ ଓ ଅନ୍ୟମାନେ ... ପ୍ରତିବାଦୀ ସମୂହ

ନୋଟିସ୍ ସି.ପି.ସି. ଅର୍ଡର- ୫, ରୁଲ୍-୨୦ ମୁତାବକ

ପ୍ରତିବାଦୀ ନଂ. ୪ (କ)- ସଞ୍ଜୁ ହରିଚନ୍ଦନ, ପିତା: ୰ମାଗୁ ପାତ୍ର, ପ୍ରତିବାଦୀ ନଂ.- ୬ (ଖ)- ବେବିନା ପାତ୍ର, ପିତା: ୰ଲିଙ୍ଗରାଜ ପାତ୍ର

ସମସ୍ତ ପ୍ରତିବାଦୀମାନଙ୍କର ସା: ଯୁଝଗଡ଼, ପୋ: ଦାରୁଠେଙ୍ଗ, ଥାନା: ଚନ୍ଦକା, ପିନ୍: ୭୫୧୦୨୪, ଜିଲ୍ଲା: ଖୋର୍ଦ୍ଧା, ଓଡିଶା।

ଉପରୋକ୍ତ ନୋଟିସ୍ ଦ୍ୱାରା ଏହି ଓ.ଏସ୍.ଏସ୍. କେସ୍‌ରେ ତୁମ୍ଭେମାନେ ପ୍ରତିବାଦୀ ହିସାବରେ ନଂ ୪ (କ) ଓ ୬ (ଖ) ରୂପେ ରହିଅଛ। କିନ୍ତୁ ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ ତୁମ୍ଭ ପ୍ରତିବାଦୀମାନଙ୍କୁ ବାରମ୍ବାର ନୋଟିସ୍ ଦିଆଗଲେ ମଧ୍ୟ ତୁମ୍ଭେମାନେ ଗ୍ରହଣ କରୁନାହାଁ। ଏହି ନୋଟିସ ଦ୍ୱାରା ଉପରୋକ୍ତ କୋର୍ଟ ନିର୍ଦ୍ଦେଶ ଦେଲେ କି ଆସନ୍ତା ତା୧୦।୧୧।୨୫ରିଖରେ ୧୧:୩୦ ସମୟେ ଉପରୋକ୍ତ କୋର୍ଟଙ୍କ ଇଜିଲାସରେ ପ୍ରତ୍ୟେକ ପ୍ରତିବାଦୀ ନିଜେ କିମ୍ବା ତାଙ୍କର ପ୍ରତିନିଧିଙ୍କ ଜରିଆରେ ଉପସ୍ଥିତ ହୋଇ ଯଦି କିଛି ଆପତ୍ତି ଥାଏ, ସେହି ଆପତ୍ତି/ଦାବି ଉପସ୍ଥାପନ କରିବେ।

ପ୍ରତିବାଦୀମାନେ ଅନୁପସ୍ଥିତ ରହିଲେ ଆଇନ ଅନୁଯାୟୀ ଉପରୋକ୍ତ କେସ୍‌ର ଫଇସଲା କରାଯିବ। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏହି ଓ.ଏସ୍.ଏସ୍. କେସ୍‌ର ତଫସିଲ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ଜମିର ବିବରଣୀ

ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ଚନ୍ଦକା, ନଂ୩୩ମ୍ବର, ମୌଜା: ଭୁଆଷୁଣୀ

ସାବକ ଖାତା- ୮୯, ସାବକ ପ୍ଲଟ୍- ୪୦୯, ଏ୦.୨୬୪ଡି. ସ୍ୱ ଏ୦.୦୮୮ଡି. ପ୍ଲଟ୍- ୪୧୦, ଏରିଆ- , ଏ୧.୦୪୦ଡି. ସ୍ୱ ଏ୦.୧୧୨ଡି. ପ୍ଲଟ୍- ୪୧୭, , ଏ୦.୨୧୬ଡି. ସ୍ୱ ଏ୦.୦୯୬ଡି., ହାଲ୍ ଖାତା ୫୧୧, ହାଲ୍ ପ୍ଲଟ୍- ୪୨୧, ଏରିଆ ୦.୦୭୫ଡି. ପ୍ଲଟ୍- ୩୬୬, ଏ୦.୦୬୦ଡି., ପ୍ଲଟ୍-୩୬୮, ଏ୦.୦୫୨ଡି. , ପ୍ଲଟ୍- ୩୩୨, ଏ୦.୦୨୬ଡି., ପ୍ଲଟ୍- ୩୩୩, ଏ୦.୦୫୦ଡି.

ଏଣୁ ଉପରୋକ୍ତ ମାମଲାର ଉପର ବର୍ଣ୍ଣିତ ପ୍ରତିବାଦୀ ସମୂହ ଧାର୍ଯ୍ୟ ତାରିଖରେ ଉପସ୍ଥିତ ହୋଇ ନିଜର ଅଭିଯୋଗ ଦାଖଲ କରିପାରିବେ। ଅନୁପସ୍ଥିତ ରହିଲେ ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ସ୍ଥାନ: ଭୁବନେଶ୍ୱର
ତାରିଖ:

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ
ଧ-୨୦୪୮

Letter No.- 1767, Dtd. 16.09.25

ନୋଟିସ

ମାନ୍ୟବର ଅତିରିକ୍ତ କମିଶନର, ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ (I.A.S) ଅତିରିକ୍ତ ରିଭିଜନ କୋର୍ଟ ନଂ-୪, ଚତୁର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା।
ଓ.ଏସ୍.ଏସ୍.କେସ୍ ନଂ.- ୮୯୭/୨୦୨୪

ବସୁନ୍ଧରା ବିଭବ ତରଫ ଚେୟାରମ୍ୟାନ୍, ଦେବପ୍ରିୟା ବିଧାର ...ବାଦୀ

ବନାମ

ସେଟଲ୍‌ମେଣ୍ଟ ଅଫିସର, କଟକ ଓ ଅନ୍ୟମାନେ ...ପ୍ରତିବାଦୀ ସମୂହ

ନୋଟିସ୍ ସି.ପି.ସି. ଅର୍ଡର-୫, ରୁଲ୍-୨୦ ମୁତାବକ

ପ୍ରତିବାଦୀ ନଂ.- ୪- ସୁଷମା ଜେଠୀ, ପିତା: ୰ନାରଣ ଜେଠୀ, ପ୍ରତିବାଦୀ ନଂ.- ୫- ପ୍ରତିମା ଜେଠୀ, ପିତା: ୰ନାରଣ ଜେଠୀ, ପ୍ରତିବାଦୀ ନଂ.- ୬ (କ)- ମଙ୍ଗୁ ଜେଠୀ, ପିତା: ୰ବାବୁଲି ଜେଠୀ, ପ୍ରତିବାଦୀ ନ.- ୭- କୁଞ୍ଜ ଜେଠୀ, ପିତା: ମଣୀ ଜେଠୀ।

ସମସ୍ତ ପ୍ରତିବାଦୀମାନଙ୍କର ସା/ପୋ: ଦାରୁଠେଙ୍ଗ, ଥାନା: ଚନ୍ଦକା, ପିନ୍: ୭୫୧୦୨୪, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା।

ଉପରୋକ୍ତ ନୋଟିସ ଦ୍ୱାରା ଏହି ଓ.ଏସ୍.ଏସ୍.କେସ୍‌ରେ ତୁମ୍ଭେମାନେ ପ୍ରତିବାଦୀ ହିସାବରେ ନଂ ୪, ୫, ୬ (କ) ଓ ୭ ରୂପେ ରହିଅଛ। କିନ୍ତୁ ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ ତୁମ୍ଭ ପ୍ରତିବାଦୀମାନଙ୍କୁ ବାରମ୍ବାର ନୋଟିସ ଦିଆଗଲେ ମଧ୍ୟ ତୁମ୍ଭେମାନେ ଗ୍ରହଣ କରୁନାହାଁ। ଏହି ନୋଟିସ ଦ୍ୱାରା ଉପରୋକ୍ତ କୋର୍ଟ ନିର୍ଦ୍ଦେଶ ଦେଲେ କି ଆସନ୍ତା ତା୧୦।୧୧।୨୫ରିଖରେ ୧୧.୩୦ ସମୟେ ଉପରୋକ୍ତ କୋର୍ଟଙ୍କ ଇଜିଲାସରେ ପ୍ରତ୍ୟେକ ପ୍ରତିବାଦୀ ନିଜେ କିମ୍ବା ତାଙ୍କର ପ୍ରତିନିଧିଙ୍କ ଜରିଆରେ ଉପସ୍ଥିତ ହୋଇ ଯଦି କିଛି ଆପତ୍ତି ଥାଏ, ସେହି ଆପତ୍ତି/ଦାବି ଉପସ୍ଥାପନ କରିବେ।

ପ୍ରତିବାଦୀମାନେ ଅନୁପସ୍ଥିତ ରହିଲେ ଆଇନ ଅନୁଯାୟୀ ଉପରୋକ୍ତ କେସ୍‌ର ଫଇସଲା କରାଯିବ। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏହି ଓ.ଏସ୍.ଏସ୍. କେସ୍‌ର ତଫସିଲ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ଜମିର ବିବରଣୀ

ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ଚନ୍ଦକା, ନଂ୩୩ମ୍ବର, ମୌଜା: ଭୁଆଷୁଣୀ

ସାବକ ଖାତା- ୧୦୧, ସାବକ ପ୍ଲଟ୍- ୫୧୫, ଏରିଆ- ଏ୦.୯୫୫ଡି. ସ୍ୱ ଏ୦.୨୪୦ଡି., ହାଲ୍ ଖାତା- ୫୪୯, ହାଲ୍ ପ୍ଲଟ୍- ୨୨୭୭, ଏରିଆ- ୦.୧୨୦ଡି., ପ୍ଲଟ୍- ୨୨୭୮, ଏ୦.୧୨୦ଡି.

ଏଣୁ ଉପରୋକ୍ତ ମାମଲାର ଉପର ବର୍ଣ୍ଣିତ ପ୍ରତିବାଦୀ ସମୂହ ଧାର୍ଯ୍ୟ ତାରିଖରେ ଉପସ୍ଥିତ ହୋଇ ନିଜର ଅଭିଯୋଗ ଦାଖଲ କରିପାରିବେ। ଅନୁପସ୍ଥିତ ରହିଲେ ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ସ୍ଥାନ: ଭୁବନେଶ୍ୱର
ତାରିଖ:

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ
ଧ-୨୦୪୯

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ................................


ପରୀ
ପରିବାରବର୍ଗ


ସୋନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମଡେଲ ଦେଖିଲେ ଟାଟା ମୋଟର୍ସର 'ନେକ୍ସନ' ମାର୍କେଟ ଲିଡର: ଅଶ୍ୱିନୀ

**ନିକଟରେ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି)ରେ ସଂସ୍କାର ଆସିବା ପରେ ନୂଆ ହାର ସେପ୍ଟେମ୍ବର ୨୨ରୁ ଲାଗୁ ହେବ। ଗାଡ଼ି ଦର ହ୍ରାସ ପାଇବାକୁ ଥିବାରୁ ପୂଜା ବଜାର ପାଇଁ ଗ୍ରାହକ ଉତ୍ସାହିତ ଥିବା ବେଳେ ଅଧିକ ସଂଖ୍ୟାରେ ଗାଡ଼ି ବେପାର ହେବ ବୋଲି ଚାରିଚକିଆ ଡିଲରମାନେ ଆଶା ରଖିଲେଣି। ଏଭଳି ପରିପ୍ରେକ୍ଷୀରେ ଅନୁଗୋଳରେ ଥିବା ମୋନାଲିସା ମୋଟର୍ସର ମ୍ୟାନେଜିଂ ପାର୍ଟନର ଅଶ୍ୱିନୀ ପାଣିଙ୍କ ସହ ଏକ ସାକ୍ଷାତ୍‌କାର।**



**ପ୍ରଶ୍ନ: ଓଡ଼ିଶାରେ ଚାରିଚକିଆ ଗାଡ଼ିର ବଜାର କେମିତି ରହିଛି?**
**ଉତ୍ତର:** ଓଡ଼ିଶା ଗାଡ଼ି ବଜାରରେ ଟାଟା ମୋଟର୍ସର ଏକ ସ୍ୱତନ୍ତ୍ର ପରିଚୟ ରହିଛି, ଯାହାର ସଦ୍ୟ ଉଦାହରଣ ହେଉଛି, ଗତ ୨୦୨୪-୨୫ ଆର୍ଥିକ ବର୍ଷ ଅପେକ୍ଷା ୨୦୨୫-୨୬ରେ ଅଦ୍ୟାବଧି ଆମର ୧୦ ପ୍ରତିଶତ ବିକ୍ରି ବଢ଼ିଛି।

**ପ୍ରଶ୍ନ: ଓଡ଼ିଶା ଗାଡ଼ି ବଜାରରେ ବର୍ତ୍ତମାନ ଟାଟା ମୋଟର୍ସର ମାର୍କେଟ ଶେୟାର କେତେ ଅଛି?**
**ଉତ୍ତର:** ଓଡ଼ିଶା ଗାଡ଼ି ବଜାରରେ ଆମ ମାର୍କେଟ ଶେୟାର ୨୫ ପ୍ରତିଶତ ରହିଛି। ଅନ୍ୟ ଗାଡ଼ି ହିସାବରେ ମାରୁତି ସୁଜୁକି ୧ ନମ୍ବରରେ ରହିଥିବା ବେଳେ ଟାଟା ମୋଟର୍ସ ୨ ନମ୍ବରରେ ରହିଛି।

**ପ୍ରଶ୍ନ: ଚାରିଚକିଆ ଯାନରେ ମାର୍କେଟ ଲିଡର କିଏ?**
**ଉତ୍ତର:** ଚାରିଚକିଆ ଯାନ ଭିତରେ ମାରୁତି ସୁଜୁକି ୧ ନମ୍ବର ରହିଛି। କିନ୍ତୁ ମଡେଲ ୱାଇଜ ଦେଖିଲେ ଟାଟା ମୋଟର୍ସର 'ନେକ୍ସନ'। ଗତବର୍ଷ ମାର୍କେଟ ଲିଡର 'ପଞ୍ଚ୍' ରହିଥିଲା। ଚଳିତବର୍ଷ 'ନେକ୍ସନ' ଅଛି।

**ପ୍ରଶ୍ନ: ଜିଏସ୍‌ଟି ସରଳୀକରଣ କରାଯାଇଛି। ଆସନ୍ତା ୨୨ ସେପ୍ଟେମ୍ବରରୁ ତାହା ଲାଗୁ ହେବ। ଏହା କାର୍ କିଣିବାକୁ ଆଗ୍ରହୀ ଲୋକଙ୍କ ପାଇଁ କିପରି ସହାୟକ ହେବ?**
**ଉତ୍ତର:** କେନ୍ଦ୍ର ସରକାର ଜିଏସ୍‌ଟି ସରଳୀକରଣ କରିବା ପରେ ଗ୍ରାହକଙ୍କ ପାଇଁ ବଡ଼ ଖୁସି ଖବର ଆସିଛି। ବର୍ତ୍ତମାନ ଯେଉଁ ସେଗ୍‌ମେଣ୍ଟ ପ୍ରତି ଲୋକଙ୍କ ଅଧିକ ଚାହିଦା ରହିଛି ତାହା ହେଲା, ଟାଟାର ପଞ୍ଚ୍ ଓ ନେକ୍ସନ। ଏହିସବୁ ସେଗ୍‌ମେଣ୍ଟର ଅଧିକ ଚାହିଦା ଥିବା ବେଳେ ଅନ୍ୟ ଗାଡ଼ି ତୁଳନାରେ ଟାଟା ଗାଡ଼ି ମୂଲ୍ୟ ଅଧିକ କମିଛି। କେବଳ ନେକ୍ସନର ମୂଲ୍ୟରେ ୧ ଲକ୍ଷ ୫୦ ହଜାର ଟଙ୍କାର ହ୍ରାସ ହେବ। ନେକ୍ସନରେ ୧୨ଶହ ସିସି ଇଞ୍ଜିନ ପାୱାର ରହିଥିବାରୁ ୧୦% ଜିଏସ୍‌ଟି ଛାଡ଼ କରାଯାଇଛି। ତେଣୁ ଲୋକେ ଟାଟା ଗାଡ଼ିରେ ଅଧିକ ଜିଏସ୍‌ଟି ଫାଇଦା ପାଇବେ।

**ପ୍ରଶ୍ନ: ଗାଡ଼ି ମୂଲ୍ୟ ହ୍ରାସ ପାଇଲେ ସେହି ଅନୁଯାୟୀ ମିଳୁଥିବା କିଛି ସୁବିଧା ସୁଯୋଗ କମିବ କି?**
**ଉତ୍ତର:** ସରକାର ଟିକସ କମାଇଥିବାରୁ ଗାଡ଼ି ମୂଲ୍ୟରେ ହ୍ରାସ ହେବ। ତେଣୁ ଟାଟା କମ୍ପାନୀ ଗାଡ଼ିରେ କୌଣସି ଫିଚର ପରିବର୍ତ୍ତନ କରିବ ନାହିଁ। ଟିକସ କମିବାକୁ ଯାଉଥିବାରୁ ଗ୍ରାହକ ଏହାର ସୁବିଧା ପାଇବେ।

**ପ୍ରଶ୍ନ: ଇଭି ଓ ହାଇବ୍ରିଡ୍ ଗାଡ଼ିରେ ଆପଣଙ୍କର ଦଖଲ କେତେ ରହିଛି?**
**ଉତ୍ତର:** ଆମର ହାଇବ୍ରିଡ୍ କହିଲେ ପେଟ୍ରୋଲ ଓ ସିଏନ୍‌ଜିକୁ ନେଇ ହୋଇଛି। ଇଲେକ୍ଟ୍ରିକ୍‌ଗାଡ଼ିରେ ଆମର ୭୦% ଦଖଲ ରହିଛି। ଅନୁଗୋଳ ମାର୍କେଟରେ କେବଳ ଆମେ ଇଲେକ୍ଟ୍ରିକ ଗାଡ଼ି ଲୋକଙ୍କୁ ଯୋଗାଉଛୁ। ଏହି ଗାଡ଼ିରେ ସବୁଠାରୁ ଅଧିକ ଚାହିଦା 'ନେକ୍ସନ'ର ରହିଛି। ଚଳିତବର୍ଷ ଜାନୁଆରୀରୁ ସେପ୍ଟେମ୍ବର ମଧ୍ୟରେ ଆମେ ୧୦୦ଟି ଗାଡ଼ି ବିକ୍ରି କରିସାରିଛୁ।

**ପ୍ରଶ୍ନ: ଇଥାନଲ୍ ବ୍ୟବହାର ଉପରେ ଆପଣଙ୍କ ଗାଡ଼ିର କ'ଣ ସ୍ଥିତି ରହୁଛି?**
**ଉତ୍ତର:** ଇଥାନଲ୍ ବ୍ୟବହାର ନେଇ କମ୍ପାନୀ ପକ୍ଷରୁ ସେପରି କୌଣସି ଅଫିସିଆଲ ତଥ୍ୟ ଆସିନାହିଁ।

**ପ୍ରଶ୍ନ: ଆପଣଙ୍କ ଗାଡ଼ି କେଉଁ ଏମିଶନ ନର୍ମସ ପାଳନ କରୁଛି?**
**ଉତ୍ତର:** ଇଭି ଓ ସିଏନ୍‌ଜି 'ଜିରୋ' ପଲ୍ୟୁଶନ। ପେଟ୍ରୋଲ ବ୍ୟବହାରକାରୀ ଗାଡ଼ିଗୁଡ଼ିକ ମଧ୍ୟରେ କେବଳ ଟାଟା ବିଏସ୍-୬ (ଫେଜ-୨) ବ୍ୟବହାର କରୁଛି। ଅନ୍ୟ ସମସ୍ତ ଗାଡ଼ି ଆଜି ପର୍ଯ୍ୟନ୍ତ ବିଏସ୍-୬ (ଫେଜ-୧) ବ୍ୟବହାର କରୁଛନ୍ତି।

**ପ୍ରଶ୍ନ: ବିକ୍ରି ଗୁଗଲ ରେଟିଂ କେତେ?**
**ଉତ୍ତର:** ବିକ୍ରି ଉପରେ ୫ ପଏଣ୍ଟରୁ ୪.୬ ପଏଣ୍ଟ ରହିଛି।

**ପ୍ରଶ୍ନ: ବ୍ୟବସାୟିକ ଓ ସାମାଜିକ ବାର୍ତ୍ତା କ'ଣ ରହିବ?**
ଟାଟା ବ୍ରାଣ୍ଡ୍ ଇଣ୍ଡିଆନ ପ୍ରଡକ୍ଟ ଓ ଆମ ନିଜ ପ୍ରଡକ୍ଟ। ଆମେ ଏଥିପାଇଁ ମୁଖ୍ୟତଃ ଗର୍ବ କରିବା କଥା। ଜଣେ ପାର୍ସୀ ପରିବାର ସମାଜ ପାଇଁ ନିଜକୁ ଉତ୍ସର୍ଗ କରିଦେଇଛନ୍ତି। ପରିବାର ପାଇଁ ଯେପରି ଘରର ମୁଖିଆ ସେଫ୍ଟି ସିକ୍ୟୁରିଟି ଯୋଗାଇଥାନ୍ତି, ସେହିପରି ପରିବହନ କ୍ଷେତ୍ରରେ 'ରତନ ଟାଟା' ଭାରତୀୟମାନଙ୍କୁ ନିଜ ପରିବାର ଭାବି ସୁରକ୍ଷା ଦିଗରେ ଅଧିକ ଧ୍ୟାନ ଦେଇଛନ୍ତି। ତାଙ୍କର ମୂଳଲକ୍ଷ୍ୟ ଥିଲା ଭାରତୀୟ ବ୍ରାଣ୍ଡ୍ ଏବଂ ସୁରକ୍ଷା। ସମାଜସେବା କ୍ଷେତ୍ରରେ ପ୍ରତିବର୍ଷ ମୋନାଲିସା ମୋଟର୍ସ ଜନ୍ମଦିନରେ ରକ୍ତଦାନ ଶିବିର କରିଥାଏ। ଏଥିସହ ବର୍ଷକ ୧୨ ମାସ ଏଠାକୁ ଆସୁଥିବା ଗ୍ରାହକଙ୍କୁ ମଧ୍ୟାହ୍ନ ଭୋଜନ ମାଗଣାରେ ଦିଆଯାଇଥାଏ। ଆମେ ଭାରତୀୟ ଭାବେ ଗର୍ବ କରିବା ସହ ଭାରତୀୟ ବ୍ରାଣ୍ଡ୍‌କୁ ଭରସା ଓ ବିଶ୍ୱାସ କରିବା।

**- ରିପୋର୍ଟ: ଦିବ୍ୟ ଶାନ୍ତନୁ ନାଥ, ଅନୁଗୋଳ**




# ଚାନ୍ଦି ଭଣ୍ଡାର ପକ୍ଷରୁ 'ନବକୃତି' ସମ୍ଭାର



**ଭୁବନେଶ୍ୱର,୧୯।୯(ଅନୁରାଧା ମହାରଣା)**
ଦୁର୍ଗାପୂଜାକୁ ଗ୍ରାହକଙ୍କ ସହ ସ୍ୱତନ୍ତ୍ର ଭାବେ ପାଳନକରିବା ପାଇଁ ଚାନ୍ଦି ଭଣ୍ଡାର ପକ୍ଷରୁ ସ୍ୱତନ୍ତ୍ର ଅଫର ଘୋଷଣା ସହ ସ୍ୱତନ୍ତ୍ର ସମ୍ଭାର 'ନବକୃତି' ଆଣିଛି। ନବରାତ୍ରିରେ ମା' ଦୁର୍ଗାଙ୍କର ବିଭିନ୍ନ ସ୍ୱରୂପ ବିଭିନ୍ନ ଗୁଣକୁ ଦର୍ଶାଉଥିବାବେଳେ ଏଥିରେ ଅନୁପ୍ରାଣିତ ହୋଇ ଏହି ସମ୍ଭାର ପ୍ରସ୍ତୁତ ହୋଇଛି। ଶକ୍ତି, ଭକ୍ତି, ସାହସ, କରୁଣା, ପବିତ୍ରତା ଏବଂ ଆଶୀର୍ବାଦକୁ ଦର୍ଶାଉଥିବା ଅକ୍ସିଡାଇଜ୍‌ଡ ରୁପା ଗହଣା ସମ୍ଭାର 'ନବକୃତି' ୯ଟି ରତ୍ନକୁ ନେଇ ଗଢ଼ାଯାଇଛି। ସୁନ୍ଦର ଅକ୍ସିଡାଇଜ୍‌ଡ ଫିନିସ୍ ସହ ଖାଣ୍ଟି ଷ୍ଟର୍ଲିଂ ରୁପାରେ ତିଆରି କଲେକ୍ସନର ପ୍ରତ୍ୟେକ ପିସ୍ ୯ଟି ପବିତ୍ର ନବରତ୍ନ ମଣିଥରରେ ସଜ୍ଜିତ। ଏହି ରତ୍ନପଥରଗୁଡ଼ିକ ହେଲା, ରୁବି, ମୁକ୍ତା, ଲାଲ ପ୍ରବାଳ(ସିନ୍ଥେଟିକ୍), ଏମରାଲ୍‌ଡ, ୟେଲୋ ସାଫାୟାର, ବ୍ଲୁ ସାଫାୟାର, ହେଜୋନାଇଟ୍, କ୍ୟାଟ୍ସ ପାଇ ଏବଂ ଜିର୍କନ୍(ସିନ୍ଥେଟିକ୍)। ଚାନ୍ଦିଭଣ୍ଡାରର ଶହୀଦନଗର ଷ୍ଟୋରରେ ନୂଆ କଲେକ୍ସନର ବଜାର ପ୍ରବେଶ ଅବସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ କହିଛନ୍ତି, ପାର୍ବଣକୁ ପାଳନକରିବା ପାଇଁ ଚାନ୍ଦି ଭଣ୍ଡାର ସମସ୍ତ ନବକୃତି କଲେକ୍ସନର ଗଢ଼ା ମଜୁରିରେ ଫ୍ଲାଟ୍ ୩୦% ରିହାତି ପ୍ରଦାନ କରାଯାଉଛି। ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶକ ମାଣିକ ହଂସ କହିଛନ୍ତି, ୨୦୧୩ରେ ଏକ ସ୍ୱତନ୍ତ୍ର ସିଲ୍‌ଭର ଷ୍ଟୋର ଭାବେ ଏହା ଓଡ଼ିଶାରେ ସ୍ଥାପନ ହୋଇଥିଲା। ବର୍ତ୍ତମାନ ଏହାର ଷ୍ଟୋର ସଂଖ୍ୟା ସମଗ୍ର ରାଜ୍ୟରେ ୨୪ରେ ପହଞ୍ଚିଛି। ଭୁବନେଶ୍ୱରରେ ୮ଟି, କଟକରେ ୨ଟି, ରାଉରକେଲା, ଅନୁଗୋଳ, ଯାଜପୁର, ବ୍ରହ୍ମପୁର, ବାଲେଶ୍ୱର, ଢେଙ୍କାନାଳ, ତାଳଚେର, ବାରିପଦା, ସୁନ୍ଦରଗଡ଼, ଝାରସୁଗୁଡ଼ା, ଖୋର୍ଦ୍ଧା, ନୟାଗଡ଼, ବଲାଙ୍ଗୀର ଏବଂ ଭଦ୍ରକରେ ଏହାର ଷ୍ଟୋର ରହିଛି। ଆଗାମୀ ଦିନରେ କଟକ ଲିଙ୍କ୍‌ରୋଡ୍‌ରେ ଆଉ ଏକ ଷ୍ଟୋର ଖୋଲିବାକୁ ଯାଉଥିବା ମାଣିକ ସୂଚନା ଦେଇଛନ୍ତି।


## ଜନ୍ମଦିନ ଶୁଭେଚ୍ଛା




ପ୍ରାଂଶୁ ଦାଶ (ସାଇ, ସୋନୁ)
ମିଶ୍ରପଡ଼ା, ଅନୁଗୁଳ
ଜନ୍ମଦିନର ଶୁଭ ଅବସରରେ ଆମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ, ସେ ତୋର ଚଲାପଥକୁ କୁସୁମିତ କରି ତୋତେ ଦୀର୍ଘାୟୁ କରନ୍ତୁ। ତୋର ଭବିଷ୍ୟତ ଉଜ୍ୱଳମୟ ହେଉ।
ଶୁଭେଚ୍ଛା ସହ: ଜେପା, ଜେମା, ଆଈ, ବାପା, ମାମା, ସାନ ଭାଇ ପ୍ରନୀଳ, ବନ୍ଧୁ ଓ ପରିବାର ବର୍ଗ।
ଧ-୨୦୪୬

SPOT ADMISSION 2025-27
B.Ed
Approved by NCTE & Govt of Odisha
BAJIRAO B.ED ACADEMY LLP
Education For All !!!
Near Ganjam Kala Parishad, Berhampur -760001
99380 25554
63708 53214


# ୪୩୧ ଠିକାଦାରଙ୍କୁ ସମ୍ମାନିତ ଡାଲମିଆ ସିମେଣ୍ଟ

**ଭୁବନେଶ୍ୱର,୧୯।୯**
ସିମେଣ୍ଟ ଉତ୍ପାଦନକାରୀ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ୍ (ଡିସିବିଏଲ୍) 'ଆପ୍ ହେଁ ସଚ୍ଚେ ବିଶ୍ୱକର୍ମା' ପ୍ରୟାସ ଜରିଆରେ ପୂର୍ବ ଭାରତର ୪୩୧ ଜଣ ଠିକାଦାରଙ୍କ ଦକ୍ଷତା ଏବଂ ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ସମ୍ମାନିତ କରିଛି। ଏମାନଙ୍କ ମଧ୍ୟରୁ ୧୬୬ ଜଣ ଓଡ଼ିଶାର ଠିକାଦାର ଏହି କାର୍ଯ୍ୟକ୍ରମ ସମ୍ପର୍କରେ ମତ ଦେଇ କମ୍ପାନୀର ମୁଖପାତ୍ର କହିଥିଲେ, 'ଡାଲମିଆ ଭାରତରେ ଆମେ ଦଶନ୍ଧି ଦଶନ୍ଧି ଧରି ଗୁଣାତ୍ମକ ନିର୍ମାଣର ଧ୍ୱଜାଧାରୀ ହୋଇଥିବା ଆମର ବରିଷ୍ଠ ଠିକାଦାରଙ୍କର ବିଦ୍ୱତା ଏବଂ ଉତ୍ସର୍ଗୀକୃତ କାର୍ଯ୍ୟକୁ ଅତ୍ୟନ୍ତ ଉଚ୍ଚସ୍ଥାନ ଦେଉଛୁ।

# ଜୟଆଲୁକ୍କାସ୍‌ର 'ବର୍ଷର ସବୁଠାରୁ ବଡ଼ ଅଳଙ୍କାର ବିକ୍ରୟ'

**ଭୁବନେଶ୍ୱର,୧୯।୯**
ଅଳଙ୍କାର ବିକ୍ରେତା ଜୟଆଲୁକ୍କାସ୍ ନିଜର ସବୁଠାରୁ ପ୍ରତୀକ୍ଷିତ ଶପିଂ ଇଭେଣ୍ଟ 'ବର୍ଷର ସବୁଠାରୁ ବଡ଼ ଅଳଙ୍କାର ବିକ୍ରୟ' ଘୋଷଣା କରିଛି। ଅକ୍ଟୋବର ୫ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଇଭେଣ୍ଟରେ ଗ୍ରାହକମାନେ ସୁନା, କଟ୍ ଏବଂ ଅନ୍‌କଟ୍ ହୀରା, ପ୍ଲାଟିନମ, ରୁପା ଏବଂ ମୂଲ୍ୟବାନ୍ ପଥର ଅଳଙ୍କାରର ଏକ ଚମତ୍କାର ଶ୍ରେଣୀର ମେକିଂ ଚାର୍ଜ ଉପରେ ଫ୍ଲାଟ୍ ୫୦% ରିହାତିର ସୁଯୋଗ ପାଇପାରିବେ। ୧୦ ଲକ୍ଷରୁ ଅଧିକ ଅନନ୍ୟ ଡିଜାଇନର ଏକ ସଂଗୃହୀତ ପୋର୍ଟଫୋଲିଓ ସହ ଜୟଆଲକ୍କାସ୍ ଭାରତୀୟ କ୍ଲାସିକ୍‌ଠାରୁ ଆରମ୍ଭକରି ବିଶ୍ୱରେ ପ୍ରଭାବ ବିସ୍ତାର କରିଥିବା ସମସାମୟିକ ଇଟାଲୀୟ, ତୁର୍କୀ ଏବଂ ଜାତିଗତ-ଆଧୁନିକ ଶୈଳୀ ପର୍ଯ୍ୟନ୍ତ ସମସ୍ତ ପାରମ୍ପରିକ ସୌନ୍ଦର୍ଯ୍ୟକୁ ମିଶ୍ରଣକରି ଗହଣା କଲେକ୍ସନ ଉପଲବ୍ଧ କରିଛନ୍ତି। ଜୟଆଲୁକ୍କାସ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡ. ଜୟ ଆଲୁକ୍କାସ୍ ଏହି ବିକ୍ରୟ ବିଷୟରେ ଘୋଷଣାକରି କହିଛନ୍ତି, ପ୍ରତ୍ୟେକ ଗ୍ରାହକଙ୍କୁ ସର୍ବଦା ଏକ ପ୍ରକୃତ ଆନନ୍ଦଦାୟକ ଅଳଙ୍କାର କ୍ରୟ ଅଭିଜ୍ଞତା ପ୍ରଦାନ କରିବା ଆମର ଲକ୍ଷ୍ୟ । ବର୍ଷର ସବୁଠାରୁ ବଡ଼ ଅଳଙ୍କାର ବିକ୍ରୟ ସହ ଆମେ ଆମର ଗ୍ରାହକମାନଙ୍କୁ ଅତୁଳନୀୟ ମୂଲ୍ୟ, ଗୁଣବତ୍ତା ଏବଂ ଡିଜାଇନ ବିକ୍ରୟକରି ଅତ୍ୟନ୍ତ ଆନନ୍ଦିତ। ସୂଚନା ଥାଉକି, ଏହି ସ୍ୱତନ୍ତ୍ର ଅଫର ସହ ଗ୍ରାହକମାନେ ଜୟଆଲୁକ୍କାସ୍‌ରୁ ପ୍ରତ୍ୟେକ କ୍ରୟ ସହ ମାଗଣା ଆଜୀବନ ରକ୍ଷଣାବେକ୍ଷଣ, ଗୋଟିଏ ବର୍ଷର ମାଗଣା ବୀମା ଏବଂ ବାଏବ୍ୟାକ୍ ନିଶ୍ଚିତତା ମଧ୍ୟ ପାଇପାରିବେ।




# ପାର୍ବଣଋତୁରେ ଗ୍ରେଟ୍ ଇଷ୍ଟର୍ନ ସ୍ୱତନ୍ତ୍ର ଅଫର

**ଭୁବନେଶ୍ୱର,୧୯।୯**
ଗ୍ରେଟ୍ ଇଷ୍ଟର୍ନ ରିଟେଲ ପକ୍ଷରୁ ପାର୍ବଣଋତୁରେ ସ୍ୱତନ୍ତ୍ର ଅଫର ଘୋଷଣା କରାଯାଇଛି। ସାମଗ୍ରୀ ଓ ସେବା କର(ଜିଏସ୍‌ଟି) ହ୍ରାସ ସମସ୍ତଙ୍କ ପାଇଁ ଡିସ୍ପୋଜେବଲ ଆୟ ବୃଦ୍ଧି କରିବ ଏବଂ ଉତ୍ସବ ଋତୁରେ ଗ୍ରାହକ ଚାହିଦାକୁ ଆହୁରି ବୃଦ୍ଧି କରିବ ବୋଲି ଗ୍ରେଟ୍ ଇଷ୍ଟର୍ନ ପକ୍ଷରୁ କୁହାଯାଇଛି। ଏହି ପାର୍ବଣଋତୁରେ ଗ୍ରେଟ୍ ଇଷ୍ଟର୍ନ ରିଟେଲ ଆକର୍ଷଣୀୟ ଅଫର ସହ କମ୍ ମୂଲ୍ୟରେ ଉତ୍ପାଦ ଉପଲବ୍ଧ କରିଛି। ଏଠାରେ ସର୍ବନିମ୍ନ ମୂଲ୍ୟ ଏବଂ ୦% ସୁଧ ହାରରେ ଇଏମ୍‌ଆଇ ସୁବିଧା ମଧ୍ୟ ଗ୍ରାହକ ପାଇପାରିବେ। ସେହିପରି ବିଭିନ୍ନ ଉତ୍ପାଦ ଉପରେ ୬୦% ଯାଏଁ ରିହାତି ଏବଂ ଗ୍ରାହକମାନେ କିଛି ମାସର ଇଏମ୍‌ଆଇ ରିଫଣ୍ଡ ଓ କ୍ୟାଶ୍‌ବ୍ୟାକ୍ ପାଇବେ। ଏୟାର କଣ୍ଡିଶନର (ଏସି) ଓ ୪୩ ଇଞ୍ଚ ଏଲ୍‌ଇଡି ଟିଭି ଉପରେ ସମ୍ପୂର୍ଣ୍ଣ ଜିଏସ୍‌ଟି ରିହାତି ମିଳିବ। ୧୦୦ କିଲୋମିଟର ଅବଧି ପର୍ଯ୍ୟନ୍ତ ମାଗଣା ହୋମ୍ ଡେଲିଭରି ସେବା ମଧ୍ୟ ପ୍ରଦାନ କରାଯାଉଛି। ଏହି ଅଫର ଗ୍ରାହକଙ୍କୁ ଉତ୍ସବଋତୁରେ ଅଧିକ ସାମଗ୍ରୀ କିଣିବାକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି।







# ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର 'ଆର୍ଟିଷ୍ଟ୍ରି ଶୋ'

**ଭୁବନେଶ୍ୱର,୧୯।୯**
ଦେଶର ଅଗ୍ରଣୀ ସୁନା ଓ ହୀରା ରିଟେଲ ଚେନ୍ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଅନୁଗୋଳସ୍ଥିତ ନିଜ ଶୋ'ରୁମ୍‌ରେ ୧୯ ସେପ୍ଟେମ୍ବରରୁ ୨୨ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ 'ଆର୍ଟିଷ୍ଟ୍ରି ଶୋ'ର ଶୁଭାରମ୍ଭ କରିଛି। ଏହି ସ୍ୱତନ୍ତ୍ର ପ୍ରଦର୍ଶନୀରେ ହସ୍ତଶିଳ୍ପରେ ନିର୍ମିତ ଗହଣାର କଳାତ୍ମକ ସୌନ୍ଦର୍ଯ୍ୟ ସହ ପାରମ୍ପରିକ ଓ ଆଧୁନିକ ଡିଜାଇନର ଏକ ବିସ୍ତୃତ ସଂଗ୍ରହ ପ୍ରଦର୍ଶିତ ହେବ। ଏହି ଆର୍ଟିଷ୍ଟ୍ରି ଶୋ'ର ଉଦ୍‌ଘାଟନ ଅନୁଗୋଳ ଆଦର୍ଶ ଗ୍ରୁପ୍‌ର ଅଧ୍ୟକ୍ଷ ଡ. ମହେଶ ଚନ୍ଦ୍ର ଧଳ ଏବଂ ଉପାଧ୍ୟକ୍ଷା ଆର୍ଯ୍ୟସୂତା ଧଳଙ୍କ ଦ୍ୱାରା କରାଯାଇଥିଲା। ଏହି ଅବସରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍, ଅନୁଗୋଳର ସମସ୍ତ ପରିଚାଳନା ଦଳ ଉପସ୍ଥିତ ଥିଲେ। ପ୍ରଦର୍ଶନୀରେ ଥିବା ପ୍ରତ୍ୟେକ ଗହଣା ଅନନ୍ୟ ଏବଂ ଭାରତୀୟ ଡିଜାଇନର କୌଶଳ ଓ କଳାର ଏକ ଜୀବନ୍ତ ପ୍ରମାଣ। ଏହି ସଂଗ୍ରହରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ସ୍ୱତନ୍ତ୍ର ବ୍ରାଣ୍ଡ୍ ଯଥା ମାଇନ ଡାଇମଣ୍ଡ ଜୁଏଲେରି, ଇରା ଆନକଟ୍ ଡାଇମଣ୍ଡ, ପ୍ରେସିଆ ରତ୍ନ ଜୁଏଲେରି, ଇଥ୍ନିକ୍ସ ହସ୍ତଶିଳ୍ପ ଜୁଏଲେରି, ବିରାଜ ରୟାଲ ପୋଲକି ଜୁଏଲେରି ଆଦିର ବିବିଧ ଡିଜାଇନ ସାମିଲ ରହିଛି।




## LEGAL NOTICE

Letter No.- 1768, Dtd. 16.09.25

ନୋଟିସ

ମାନ୍ୟବର ଅତିରିକ୍ତ କମିଶନର, ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ (I.A.S.)
ଅତିରିକ୍ତ ରିଭିଜନ କୋର୍ଟ ନଂ-୪, ଚତୁର୍ଥ ମହଲା,ହେଡ୍ସଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା।
ଓ.ଏସ୍.ଏସ୍ କେସ୍ ନଂ.- ୮୯୬/୨୦୨୪

ବସୁନ୍ଧରା ବିଭବ ତରଫ ଚେୟାରମ୍ୟାନ, ଦେବପ୍ରିୟା ବିଧାର ....ବାଦୀ

ବନାମ

ସେଟଲ୍‌ମେଣ୍ଟ ଅଫିସର, କଟକ ଓ ଅନ୍ୟମାନେ ....ପ୍ରତିବାଦୀ ସମୂହ

ନୋଟିସ ସି.ପି.ସି. ଅର୍ଡର-୫, ରୁଲ୍-୨୦ ମୁତାବକ

ପ୍ରତିବାଦୀ ନଂ.- ୩ (i)- ପ୍ରକାଶ ପ୍ରଧାନ, ପିତା: ୰ଦୁନିଆ ବେଓା ଓ ୰ରମେଶ ପ୍ରଧାନ, ପ୍ରତିବାଦୀ ନଂ.- ୩ (ii)- ଜୁଲି ପ୍ରଧାନ, ପିତା: ୰ଦୁନିଆ ବେଓା ଓ ୰ରମେଶ ପ୍ରଧାନ, ପ୍ରତିବାଦୀ ନଂ.- ୪ (କ) ସତ୍ୟବାଦୀ ଜେନା, ପିତା: ୰ଅଲେଖ ଜେନା, ପ୍ରତିବାଦୀ ନଂ.- ୫ (କ)- ଲିଟୁଆ ଜେନା, ପିତା: ୰ଗୋଲକ ଜେନା।

ସମସ୍ତ ପ୍ରତିବାଦୀମାନଙ୍କର ସା: ଯୁଝଗଡ଼, ପୋ: ଦାରୁଠେଙ୍ଗ, ଥାନା: ଚନ୍ଦକା, ପିନ୍: ୭୫୧୦୨୪, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା।

ଉପରୋକ୍ତ ନୋଟିସ ଦ୍ୱାରା ଏହି ଓ.ଏସ୍.ଏସ୍. କେସ୍‌ରେ ତୁମ୍ଭେମାନେ ପ୍ରତିବାଦୀ ହିସାବରେ ନଂ ୩(i), ୩ (ii) ନଂ.-୪ (କ), ଓ ୫ (କ) ରୂପେ ରହିଅଛ। କିନ୍ତୁ ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ ତୁମ୍ଭ ପ୍ରତିବାଦୀମାନଙ୍କୁ ବାରମ୍ବାର ନୋଟିସ ଦିଆଗଲେ ମଧ୍ୟ ତୁମ୍ଭେମାନେ ଗ୍ରହଣ କରୁନାହଁ। ଏହି ନୋଟିସ ଦ୍ୱାରା ଉପରୋକ୍ତ କୋର୍ଟ ନିର୍ଦ୍ଦେଶ ଦେଲେ କି ଆସନ୍ତା ତା୧୦।୧୧।୨୫ରିଖରେ ୧୧.୩୦ ସମୟେ ଉପରୋକ୍ତ କୋର୍ଟଙ୍କ ଇଜିଲାସରେ ପ୍ରତ୍ୟେକ ପ୍ରତିବାଦୀ ନିଜେ କିମ୍ବା ତାଙ୍କର ପ୍ରତିନିଧିଙ୍କ ଜରିଆରେ ଉପସ୍ଥିତ ହୋଇ ଯଦି କିଛି ଆପତ୍ତି ଥାଏ, ସେହି ଆପତ୍ତି/ଦାବି ଉପସ୍ଥାପନ କରିବେ।

ପ୍ରତିବାଦୀମାନେ ଅନୁପସ୍ଥିତ ରହିଲେ ଆଇନ ଅନୁଯାୟୀ ଉପରୋକ୍ତ କେସ୍‌ର ଫଇସଲା କରାଯିବ। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏହି ଓ.ଏସ୍.ଏସ୍. କେସ୍‌ର ତଫସିଲ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ଜମିର ବିବରଣୀ

ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ଚନ୍ଦକା, ନଂ ୩୩ମ୍ବର, ମୌଜା: ଭୁଆଷୁଣୀ
ସାବକ ଖାତା- ୭୯, ସାବକ ପ୍ଲଟ୍- ୫୮୯, ଏରିଆ- ଏ୦.୩୧୦ଡି. ସ୍ଥ ଏ୦.୧୬୦ଡି., ହାଲ୍ ଖାତା- ୪୪୩, ହାଲ୍ ପ୍ଲଟ୍- ୨୨୮୯, ଏରିଆ- ଏ୦.୧୬୦ଡି.

ଏଣୁ ଉପରୋକ୍ତ ମାମଲାର ଉପରେ ବର୍ଣ୍ଣିତ ପ୍ରତିବାଦୀ ସମୂହ ଧାର୍ଯ୍ୟ ତାରିଖରେ ଉପସ୍ଥିତ ହୋଇ ନିଜର ଅଭିଯୋଗ ଦାଖଲ କରିପାରିବେ। ଅନୁପସ୍ଥିତ ରହିଲେ ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।
ସ୍ଥାନ: ଭୁବନେଶ୍ୱର
ତାରିଖ:

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ
ଧ-୨୦୫୦

## ମନେ ପଡ଼ନ୍ତି


### ଏକାଦଶାହ ଉପଲକ୍ଷେ



୰ବିରୁପାକ୍ଷ ସ୍ୱାଇଁ
ଆଇଗିଣିଆ, ଭୁବନେଶ୍ୱର
ଆବିର୍ଭାବ: ୦୭।୦୨।୧୯୫୪
ତିରୋଧାନ: ୧୦।୦୯।୨୦୨୫
ଆପଣଙ୍କର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ପ୍ରେରଣା ଓ ମାର୍ଗଦର୍ଶନ ଆମ ପାଇଁ ଚିରସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ- ବନ୍ଧୁ ଓ ସ୍ୱାଇଁ ପରିବାରବର୍ଗ
ଧ-୨୦୪୦

### ଏକାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ପ୍ରଶାନ୍ତ କୁମାର ସାମନ୍ତରାୟ
ପ୍ଲଟ୍ ନଂ.- ୧୨୦, ବାପୁଜୀନଗର, ଭୁବନେଶ୍ୱର
ଆବିର୍ଭାବ: ୨୮।୧୧।୧୯୪୯
ତିରୋଧାନ: ୨୫।୦୯।୨୦୧୪
ଚାହୁଁ ଚାହୁଁ ଏଗାରବର୍ଷ ହୋଇଗଲା। ତୁମର ନିଷ୍ଠା, ଶ୍ରଦ୍ଧା ଓ ତ୍ୟାଗ ଆମ୍ଭମାନଙ୍କ ମାନସପଟରେ ଉଜ୍ଜୀବିତ ହୋଇ ରହିବ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ:
ସ୍ତ୍ରୀ- ସ୍ନେହପ୍ରଭା, ଝିଅ- ସୁଲକ୍ଷଣା, ଜ୍ୱାଇଁ- ବିଶ୍ୱଜିତ୍, ବଡ଼ପୁଅ- ଉତ୍ତମ, ସାନପୁଅ- ଉଜ୍ଜ୍ୱଳ, ସାନବୋହୂ- ଶ୍ରଦ୍ଧା, ନାତି- ଅଙ୍କିତ୍, ନାତୁଣୀ- ଆଦିଶ୍ରୀ, ପିହୁ ।
ଧ-୨୦୪୩

### ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ସ୍ୱର୍ଗତ ଇଂ.ଫକୀର ମୋହନ ସାହୁ
ଆବିର୍ଭାବ ୦୧.୦୬.୧୯୩୮
ତିରୋଧାନ ୧୮.୦୯.୨୦୧୭
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଅଛୁ ।
ଶୋକସନ୍ତପ୍ତ ପରିବାରବର୍ଗ
ପୁତ୍ର-ଶ୍ରୀନିବାସ (ସିନୁ), ପୁତ୍ରବଧୂ-ସରିତା (ପିଙ୍କି), ନାତି-କୁମାର କାର୍ତ୍ତିକ (ବାବୁ) ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଓ ଉତ୍କଳ ଲକ୍ଷ୍ମୀ ଇଞ୍ଜିନିୟର୍ସ ପ୍ରାଇଭେଟ ଲିମିଟେଡ୍‌ର ସମସ୍ତ କର୍ମଚାରୀ ବୃନ୍ଦ ।
ଧ-୬୭୮୫୪

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।


## ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବିଶ୍ୱ ଟିମ୍ ଟେବୁଲ ଟେନିସ ଯୋଗ୍ୟତା ପାଇଁ ସୁଯୋଗ

**ଭୁବନେଶ୍ୱର, ୧୯।୯ (ତପନ ସ୍ୱାଇଁ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆଇଟିଟିଏଫ୍-ଏଟିଟିୟୁ ଏସିଆନ ଟେବୁଲ ଟେନିସ ଚାମ୍ପିୟନଶିପ୍ ଅକ୍ଟୋବର ୧୧ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହା ଲଣ୍ଡନରେ ହେବାକୁଥିବା ୨୦୨୬ ବିଶ୍ୱ ଟିମ୍ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର ଯୋଗ୍ୟତା ପର୍ଯ୍ୟାୟ ଭାବେ ବିବେଚିତ ହେବ। ଲଣ୍ଡନ ପ୍ରତିଯୋଗିତା ପାଇଁ ଭାରତୀୟ ମହିଳା ଓ ପୁରୁଷ ଦଳ ପୂର୍ବରୁ ଯୋଗ୍ୟତା ହାସଲ କରି ସାରିଛି। ଗତମାସରେ

### ଅକ୍ଟୋବର ୧୧ରୁ କଳିଙ୍ଗରେ ଏସିଆନ ଟିଟି

କାଠମାଣ୍ଡୁରେ ଅନୁଷ୍ଠିତ ସାଉଥ୍ ଏସିଆନ ରିଜିଓନାଲ ଚାମ୍ପିୟନଶିପ୍‌ରେ ଟାଇଟଲ ହାସଲ କରି ଭାରତ ଏହି ଯୋଗ୍ୟତା ପାଇଛି। ଦଳଗୁଡ଼ିକ ରିଜିଓନାଲ ଚାମ୍ପିୟନଶିପ୍ କିମ୍ବା ମୁଖ୍ୟ ମହାଦେଶୀୟ ପ୍ରତିଯୋଗିତା ମାଧ୍ୟମରେ ଯୋଗ୍ୟତା ହାସଲର ସୁଯୋଗ ଥିବାରୁ ଭୁବନେଶ୍ୱର ପ୍ରତିଯୋଗିତାର ଗୁରୁତ୍ୱ ବଢ଼ିଛି। ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ୨୨ଟି ଦଳ ଏସିଆର ଅବଶିଷ୍ଟ ୧୨ଟି ମହାଦେଶୀୟ ଯୋଗ୍ୟତା ସ୍ଥାନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ।

କଳିଙ୍ଗ ଷ୍ଟାଡିୟମର ଆଥ୍‌ଲେଟିକ୍ ସେଣ୍ଟରରେ ହେବାକୁଥିବା ଆଗାମୀ ଏସୀୟ ପ୍ରତିଯୋଗିତାରେ ଚାଇନା, ଜାପାନ, କୋରିଆ ଆଦି ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ତେଣୁ ଏହି ଦେଶଗୁଡ଼ିକ ପାଇଁ ଲଣ୍ଡନ ପ୍ରତିଯୋଗିତା ଲାଗି ଯୋଗ୍ୟତା ହାସଲର ସୁଯୋଗ ରହିବ। ବିଶ୍ୱ ଟେବୁଲ ଟେନିସ ଫାଇନାଲର ପ୍ରତିଟି ବର୍ଗରେ ୬୪ ଲେଖାଏ ମହିଳା ଓ ପୁରୁଷ ଦଳ ଅଂଶଗ୍ରହଣ କରିବେ। ଏଥିରୁ ୫୨ଟି ଦଳ ମହାଦେଶୀୟ ପ୍ରତିଯୋଗିତାରୁ ଯୋଗ୍ୟତା ପାଇବେ। ଦୁଇ ସ୍ପୋର୍ଟ୍ସ ପାୱାରହାଉସ ଏସିଆ ଓ ୟୁରୋପକୁ ଉଭୟ ମହିଳା ଓ ପୁରୁଷରେ ୧୬ଟି ଲେଖାଏ ସ୍ଥାନ ପ୍ରଦାନ କରାଯାଇଛି। ଆଫ୍ରିକାନ୍ ଏବଂ ପାନ୍ ଆମେରିକାନ୍ ଦଳଗୁଡ଼ିକୁ ୮ଟି ଲେଖାଏ ଏବଂ ଓସେନିଆ ୪ଟି ଲେଖାଏ ମହିଳା ଓ ପୁରୁଷ ଦଳ ଏଣ୍ଟ୍ରି ସୁଯୋଗ ପାଇବେ। ଆୟୋଜକ ଦେଶକୁ ଗୋଟିଏ ପ୍ରତି ବର୍ଗ ପାଇଁ ଏଣ୍ଟ୍ରି ମିଳିଥାଏ। ମାତ୍ର ଯଦି ଏହି ଦେଶ ମହାଦେଶୀୟ ପ୍ରତିଯୋଗିତା ମାଧ୍ୟମରେ ଯୋଗ୍ୟତା ପାଇ ସାରିଥାଏ ତେବେ ଏହା ଅନ୍ୟ ଦେଶର ଦଳଗୁଡ଼ିକ ନିକଟକୁ ଯାଇଥାଏ। ୨୦୨୫ ନଭେମ୍ବର ସୁଦ୍ଧା ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷ ୧୧ ମଧ୍ୟରେ ଥିବା ଦଳଗୁଡ଼ିକୁ ନେଇ ଅବଶିଷ୍ଟ ସ୍ଥାନଗୁଡ଼ିକ ପୂରଣ ହେବ। ତେଣୁ ସ୍ୱାଭାବିକଭାବେ ଭୁବନେଶ୍ୱରରେ ହେବାକୁଥିବା ପ୍ରତିଯୋଗିତାରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

# ରାଜ୍ୟସ୍ତରୀୟ ସ୍ଲିଙ୍ଗ୍ ଶଟ୍ ପ୍ରତିଯୋଗିତା ୫ରୁ

**ଭୁବନେଶ୍ୱର, ୧୯।୯ (ତପନ ସ୍ୱାଇଁ)**

ଓଡ଼ିଶାର ପାରମ୍ପରିକ ସ୍ଲିଙ୍ଗ୍-ଶଟ୍ (ବାଟୁଳି)ର ଦ୍ୱିତୀୟ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅକ୍ଟୋବର ୫ରେ ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲ୍ ପରିସରରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାକୁ ଆୟୋଜକ ସ୍ଲିଙ୍ଗ୍-ଶଟ୍ ଓଡ଼ିଶାର ଅଧିକାରୀମାନେ ପରିଚାଳନା କରିବେ। ଓଡ଼ିଶାର ପାରମ୍ପରିକ ଖେଳକୁ ପ୍ରୋତ୍ସାହିତ କରିବା ନିମନ୍ତେ ଓଡ଼ିଶା ସ୍ଲିଙ୍ଗ୍-ଶଟ୍ ସଂଘ ପକ୍ଷରୁ କରାଯାଉଥିବା ପ୍ରୟାସର ଏହା ଅଂଶବିଶେଷ। ଏହି ପ୍ରତିଯୋଗିତାରେ ବିଭିନ୍ନ ବୟସ ବିଭାଗର ମହିଳା ଓ ପୁରୁଷ ଏବଂ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ନିଜର ପରାକାଷ୍ଠା ଦେଖାଇ ପାରିବେ। ବିଭିନ୍ନ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ନିକଟରେ ଆୟୋଜିତ ହେବାକୁ ଥିବା ଜାତୀୟ ସ୍ଲିଙ୍ଗ୍-ଶଟ୍ ପ୍ରତିଯୋଗିତା ଲାଗି ମନୋନୀତ ହେବେ।

# ପ୍ରଣବ, ଆକାଶ, ଅମନ ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୧୯।୯ (ତପନ ସ୍ୱାଇଁ)**

ବିହାରର ବେଗୁସରାଇଠାରେ ଅନୁଷ୍ଠିତ ମଡର୍ନ ପେଣ୍ଟାଥଲନ ଲେଜର ରନ୍ ଜାତୀୟ ପ୍ରତିଯୋଗିତାର ଟିମ୍ ଇଭେଣ୍ଟରେ ପ୍ରଣବ ଦାସ, ମହମ୍ମଦ ଅମନ ଓ ଆକାଶ ମିର୍ଦ୍ଧାଙ୍କୁ ନେଇ ଗଠିତ ଓଡ଼ିଶା ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଶା ଦଳର କୋଚ୍ ଥିଲେ ମହମ୍ମଦ ଆଜମ। ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାପରେ ଓଡ଼ିଶା ଦଳକୁ ରାଜ୍ୟ କ୍ରୀଡ଼ା ବିଭାଗ ସଚିବ ସଚିନ ରାମଚନ୍ଦ୍ର ଯାଦବ କଳିଙ୍ଗ ଷ୍ଟାଡିୟମରେ ସମ୍ବର୍ଦ୍ଧିତ କରିଛନ୍ତି। ଓଡ଼ିଶା ଦଳର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।



For Bulk Deal & GEM enquiries mail to vikramjeet_singh@toyota-kirloskar.co.in

Toyota Mobility Service Conversion | Fleet | Leasing — TOYOTA U TRUST — TOYOTA FINANCIAL SERVICES

**Espirit Toyota** Cuttack / Bhubaneswar / Angul / Paradeep Ph: 7873044152. Sambalpur & Jharsuguda Ph: 7873044557, 9777014931. Rourkela, Sundergarh & Barbil Ph: 7873044660.

**Capital Toyota** Bhubaneswar Ph: 9040087510, 9040087505.

**Neelam Toyota** Baleswar / Jajpur / Bhadrak / Mayurbhanj / Keonjhar Ph: 9124084726, 9124084713.

**Laxmi Toyota** Berhampur / Koraput / Bolangir Ph: 9124103113.



# Ex-showroom price of TVS XL100 Heavy Duty Kick Start variant in Odisha. Ex-showroom price effective from 22nd September 2025. ^ 3 years warranty included. 5 years additional warranty can be purchased. ** ₹5 000 GST savings on purchase of TVS XL100 Win Edition variant. * Finance at the sole discretion of the financier. T&C apply.

TVS 3 YEAR WARRANTY — TVS CREDIT — L&T Finance — IDFC FIRST Bank ALWAYS YOU FIRST — SHRIRAM Finance

**FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers:** BHUBANESWAR: THREE S TVS: 7328828802, RITA TVS: 9827133318, ASHIRBAD TVS: 7735341866, JYOTE TVS: 7440030004, 7381114371, SHREEKHETRA TVS: 9237378220, 9237378225, PURI: MODERN TVS: 9938039070, CUTTACK: LAXMI TVS: 7077774420, SWASTIK TVS: 8455002235, KENDRAPADA: SAMIR TVS.: 8260133307, JAJPUR ROAD: SUBAS TVS: 7735911808, NAYAGARH: KUMAR SAI TVS: 8908726047, 7008968681, CHANDIKHOL: SASMITA TVS: 8860793803; JAGATSINGHPUR: GITA TVS: 7788901717. **Authorised Dealers:** GOTHOPATNA: 8249710415, JATANI: 7077588558, 9124605556, BALUGAON: 9937886712, NIRAKARPUR: 7735402179, 8658517804, BHUBANESHWAR: 9337022334, KHURDA: 7008412374, BALIPATNA: 9776036999, MENDHASALA: 9437072019, SUNDARPADA: 8249094931, PIPILI: 9861150706, SAKHIGOPAL: 8249769742, NIMAPARA: 7381765800, DELANG: 9090214582, BRAHMAGIRI: 8480928882, 6370937155, CHARI CHOWK: 8327783765, KAKATPUR: 9776125534, KANAS: 9090214582, ABHIMANPUR POST: 9937019555, BANKI: 9437666687, NIALI: 9437307967, PHULNAKHARA, CUTTACK: 7440037801, NISCHINTAKOILI: 9337438686, KANDARPUR: 9090098000, SISUA: 8018556514, ADASHPUR: 82498 57169, TANGI: 83277 14238, PATTAMUNDAI: 9938602209, MARSHAGHAI: 9938837705, RAJNAGAR: 9439650236, GARADAPUR: 9437527214, MANGALPUR: 9853486660, BARI: 9437510237, BINJHARPUR: 9090503379, KUAKHIA: 9348035630, SINGHPUR: 9040646458, ROHIBANK: 6371229226, KALAPATHAR: 9937844941, RANPUR: 9778520193, KHANDAPADA: 7008659421, PURUNAKATAK: 9439071610, CHANDPUR: 9337112565, RAJ SUNAKHELA: 9437637421, NARASINGHPUR: 9658410027, ODOGAON: 7815050701, BHAPUR: 7389040805 DASPALLA: 9938375040, BAGHAMARI: 9437015363, BALICHANDRAPUR: 7978388298, BRAHMABARADA: 7894020786, RAIPUR: 9937963372, CHHATIA: 7328005678, ERASAMA: 8658421889 NAUGOAN: 8339939725, KRUSHNANANDAPUR: 9237066573, RAGHUNATHPUR: 6371724757, PARADEEP: 9938810126.

dentsu/dha bhu/03/25

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨୦/୨୦୨୫ Bhubaneswar, Saturday, September 20/ 2025

# ବିଶ୍ୱ ଟିମ୍ ଟେବୁଲ ଟେନିସ ଯୋଗ୍ୟତା ପାଇଁ ସୁଯୋଗ

ଭୁବନେଶ୍ୱର, ୧୯।୯ (ତପନ ସ୍ୱାଇଁ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆଇଟିଟିଏଫ୍-ଏଟିଟିୟୁ ଏସିଆନ ଟେବୁଲ ଟେନିସ ଚାମ୍ପିୟନଶିପ୍ ଅକ୍ଟୋବର ୧୧ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହା ଲଣ୍ଡନରେ ହେବାକୁଥିବା ୨୦୨୬ ବିଶ୍ୱ ଟିମ୍ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର ଯୋଗ୍ୟତା ପର୍ଯ୍ୟାୟ ଭାବେ ବିବେଚିତ ହେବ। ଲଣ୍ଡନ ପ୍ରତିଯୋଗିତା ପାଇଁ ଭାରତୀୟ ମହିଳା ଓ ପୁରୁଷ ଦଳ ପୂର୍ବରୁ ଯୋଗ୍ୟତା ହାସଲ କରି ସାରିଛି। ଗତମାସରେ

## ଅକ୍ଟୋବର ୧୧ରୁ କଳିଙ୍ଗରେ ଏସିଆନ ଟିଟି

କାଠମାଣ୍ଡୁରେ ଅନୁଷ୍ଠିତ ସାଉଥ୍ ଏସିଆନ ରିଜିଓନାଲ ଚାମ୍ପିୟନଶିପ୍‌ରେ ଟାଇଟଲ ହାସଲ କରି ଭାରତ ଏହି ଯୋଗ୍ୟତା ପାଇଛି। ଦଳଗୁଡ଼ିକ ରିଜିଓନାଲ ଚାମ୍ପିୟନଶିପ୍ କିମ୍ବା ମୁଖ୍ୟ ମହାଦେଶୀୟ ପ୍ରତିଯୋଗିତା ମାଧ୍ୟମରେ ଯୋଗ୍ୟତା ହାସଲର ସୁଯୋଗ ଥିବାରୁ ଭୁବନେଶ୍ୱର ପ୍ରତିଯୋଗିତାର ଗୁରୁତ୍ୱ ବଢ଼ିଛି। ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ୨୨ଟି ଦଳ ଏସିଆର ଅବଶିଷ୍ଟ ୧୨ଟି ମହାଦେଶୀୟ ଯୋଗ୍ୟତା ସ୍ଥାନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ।

କଳିଙ୍ଗ ଷ୍ଟାଡିୟମର ଆଥ୍‌ଲେଟିକ୍ ସେଣ୍ଟରରେ ହେବାକୁଥିବା ଆଗାମୀ ଏସୀୟ ପ୍ରତିଯୋଗିତାରେ ଚାଇନା, ଜାପାନ, କୋରିଆ ଆଦି ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ତେଣୁ ଏହି ଦେଶଗୁଡ଼ିକ ପାଇଁ ଲଣ୍ଡନ ପ୍ରତିଯୋଗିତା ଲାଗି ଯୋଗ୍ୟତା ହାସଲର ସୁଯୋଗ ରହିବ। ବିଶ୍ୱ ଟେବୁଲ ଟେନିସ ଫାଇନାଲର ପ୍ରତିଟି ବର୍ଗରେ ୬୪ ଲେଖାଏ ମହିଳା ଓ ପୁରୁଷ ଦଳ ଅଂଶଗ୍ରହଣ କରିବେ। ଏଥିରୁ ୫୨ଟି ଦଳ ମହାଦେଶୀୟ ପ୍ରତିଯୋଗିତାରୁ ଯୋଗ୍ୟତା ପାଇବେ। ଦୁଇ ସ୍ପୋର୍ଟ୍ସ ପାୱାରହାଉସ ଏସିଆ ଓ ୟୁରୋପକୁ ଉଭୟ ମହିଳା ଓ ପୁରୁଷରେ ୧୬ଟି ଲେଖାଏ ସ୍ଥାନ ପ୍ରଦାନ କରାଯାଇଛି। ଆଫ୍ରିକାନ୍ ଏବଂ ପାନ୍ ଆମେରିକାନ୍ ଦଳଗୁଡ଼ିକୁ ୮ଟି ଲେଖାଏ ଏବଂ ଓସେନିଆ ୪ଟି ଲେଖାଏ ମହିଳା ଓ ପୁରୁଷ ଦଳ ଏଣ୍ଟ୍ରି ସୁଯୋଗ ପାଇବେ। ଆୟୋଜକ ଦେଶକୁ ଗୋଟିଏ ପ୍ରତି ବର୍ଗ ପାଇଁ ଏଣ୍ଟ୍ରି ମିଳିଥାଏ। ମାତ୍ର ଯଦି ଏହି ଦେଶ ମହାଦେଶୀୟ ପ୍ରତିଯୋଗିତା ମାଧ୍ୟମରେ ଯୋଗ୍ୟତା ପାଇ ସାରିଥାଏ ତେବେ ଏହା ଅନ୍ୟ ଦେଶର ଦଳଗୁଡ଼ିକ ନିକଟକୁ ଯାଇଥାଏ। ୨୦୨୫ ନଭେମ୍ବର ସୁଦ୍ଧା ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷ ୧୧ ମଧ୍ୟରେ ଥିବା ଦଳଗୁଡ଼ିକୁ ନେଇ ଅବଶିଷ୍ଟ ସ୍ଥାନଗୁଡ଼ିକ ପୂରଣ ହେବ। ତେଣୁ ସ୍ୱାଭାବିକଭାବେ ଭୁବନେଶ୍ୱରରେ ହେବାକୁଥିବା ପ୍ରତିଯୋଗିତାରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

# ରାଜ୍ୟସ୍ତରୀୟ ସ୍ଲିଙ୍ଗ୍ ଶଟ୍ ପ୍ରତିଯୋଗିତା ୫ରୁ

ଭୁବନେଶ୍ୱର, ୧୯।୯ (ତପନ ସ୍ୱାଇଁ)

ଓଡ଼ିଶାର ପାରମ୍ପରିକ ସ୍ଲିଙ୍ଗ୍-ଶଟ୍ (ବାଟୁଳି)ର ଦ୍ୱିତୀୟ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅକ୍ଟୋବର ୫ରେ ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲ୍ ପରିସରରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାକୁ ଆୟୋଜକ ସ୍ଲିଙ୍ଗ୍-ଶଟ୍ ଓଡ଼ିଶାର ଅଧିକାରୀମାନେ ପରିଚାଳନା କରିବେ। ଓଡ଼ିଶାର ପାରମ୍ପରିକ ଖେଳକୁ ପ୍ରୋତ୍ସାହିତ କରିବା ନିମନ୍ତେ ଓଡ଼ିଶା ସ୍ଲିଙ୍ଗ୍-ଶଟ୍ ସଂଘ ପକ୍ଷରୁ କରାଯାଉଥିବା ପ୍ରୟାସର ଏହା ଅଂଶବିଶେଷ। ଏହି ପ୍ରତିଯୋଗିତାରେ ବିଭିନ୍ନ ବୟସ ବିଭାଗର ମହିଳା ଓ ପୁରୁଷ ଏବଂ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ନିଜର ପରାକାଷ୍ଠା ଦେଖାଇ ପାରିବେ। ବିଭିନ୍ନ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ନିକଟରେ ଆୟୋଜିତ ହେବାକୁ ଥିବା ଜାତୀୟ ସ୍ଲିଙ୍ଗ୍-ଶଟ୍ ପ୍ରତିଯୋଗିତା ଲାଗି ମନୋନୀତ ହେବେ।

# ପ୍ରଣବ, ଆକାଶ, ଅମନ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୧୯।୯ (ତପନ ସ୍ୱାଇଁ)

ବିହାରର ବେଗୁସରାଇଠାରେ ଅନୁଷ୍ଠିତ ମଡର୍ନ ପେଣ୍ଟାଥଲନ ଲେଜର ରନ୍ ଜାତୀୟ ପ୍ରତିଯୋଗିତାର ଟିମ୍ ଇଭେଣ୍ଟରେ ପ୍ରଣବ ଦାସ, ମହମ୍ମଦ ଅମନ ଓ ଆକାଶ ମିର୍ଦ୍ଧାଙ୍କୁ ନେଇ ଗଠିତ ଓଡ଼ିଶା ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଶା ଦଳର କୋଚ୍ ଥିଲେ ମହମ୍ମଦ ଆଜମ। ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାପରେ ଓଡ଼ିଶା ଦଳକୁ ରାଜ୍ୟ କ୍ରୀଡ଼ା ବିଭାଗ ସଚିବ ସଚିନ ରାମଚନ୍ଦ୍ର ଯାଦବ କଳିଙ୍ଗ ଷ୍ଟାଡିୟମରେ ସମ୍ବର୍ଦ୍ଧିତ କରିଛନ୍ତି। ଓଡ଼ିଶା ଦଳର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।







# Ex-showroom price of TVS XL100 Heavy Duty Kick Start variant in Odisha. Ex-showroom price effective from 22nd September 2025. ^ 3 years warranty included. 5 years additional warranty can be purchased. ** ₹5 000 GST savings on purchase of TVS XL100 Win Edition variant. * Finance at the sole discretion of the financier. T&C apply.

TVS 3 YEAR WARRANTY TVS CREDIT L&T Finance IDFC FIRST Bank ALWAYS YOU FIRST SHRIRAM Finance

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR: THREE S TVS: 7328828802, RITA TVS: 9827133318, ASHIRBAD TVS: 7735341866, JYOTE TVS: 7440030004, 7381114371, SHREEKHETRA TVS: 9237378220, 9237378225, PURI: MODERN TVS: 9938039070, CUTTACK: LAXMI TVS: 7077774420, SWASTIK TVS: 8455002235, KENDRAPADA: SAMIR TVS.: 8260133307, JAJPUR ROAD: SUBAS TVS: 7735911808, NAYAGARH: KUMAR SAI TVS: 8908726047, 7008968681, CHANDIKHOL: SASMITA TVS: 8860793803; JAGATSINGHPUR: GITA TVS: 7788901717. Authorised Dealers: GOTHOPATNA: 8249710415, JATANI: 7077588558, 9124605556, BALUGAON: 9937886712, NIRAKARPUR: 7735402179, 8658517804, BHUBANESHWAR: 9337022334, KHURDA: 7008412374, BALIPATNA: 9776036999, MENDHASALA: 9437072019, SUNDARPADA: 8249094931, PIPILI: 9861150706, SAKHIGOPAL: 8249769742, NIMAPARA: 7381765800, DELANG: 9090214582, BRAHMAGIRI: 8480928882, 6370937155, CHARI CHOWK: 8327783765, KAKATPUR: 9776125534, KANAS: 9090214582, ABHIMANPUR POST: 9937019555, BANKI: 9437666687, NIALI: 9437307967, PHULNAKHARA, CUTTACK: 7440037801, NISCHINTAKOILI: 9337438686, KANDARPUR: 9090098000, SISUA: 8018556514, ADASHPUR: 82498 57169, TANGI: 83277 14238, PATTAMUNDAI: 9938602209, MARSHAGHAI: 9938837705, RAJNAGAR: 9439650236, GARADAPUR: 9437527214, MANGALPUR: 9853486660, BARI: 9437510237, BINJHARPUR: 9090503379, KUAKHIA: 9348035630, SINGHPUR: 9040646458, ROHIBANK: 6371229226, KALAPATHAR: 9937844941, RANPUR: 9778520193, KHANDAPADA: 7008659421, PURUNAKATAK: 9439071610, CHANDPUR: 9337112565, RAJ SUNAKHELA: 9437637421, NARASINGHPUR: 9658410027, ODOGAON: 7815050701, BHAPUR: 7389040805 DASPALLA: 9938375040, BAGHAMARI: 9437015363, BALICHANDRAPUR: 7978388298, BRAHMABARADA: 7894020786, RAIPUR: 9937963372, CHHATIA: 7328005678, ERASAMA: 8658421889 NAUGOAN: 8339939725, KRUSHNANANDAPUR: 9237066573, RAGHUNATHPUR: 6371724757, PARADEEP: 9938810126.

dentsu/dha bhu/03/25

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ପୃଷ୍ଠା–୧୨+୮

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨୦/୨୦୨୫ (୧୨+୮=୨୦ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, September 20/2025 Page 20 ₹ 7.00

୫୧ଶ ଭାଗ ୨୯୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 296 ମୂଲ୍ୟ ₹୭/-




**ସଞ୍ଜୁ ସାମସନଙ୍କ ଦୃଢ଼ ବ୍ୟାଟିଂ**

ଓମାନ ବିପକ୍ଷ ଏସିଆ କପ୍ କ୍ରିକେଟ ମ୍ୟାଚରେ ଦୃଢ଼ ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି ଭାରତୀୟ ବ୍ୟାଟର ସଞ୍ଜୁ ସାମସନ।

୦୮

୦୨

**ମନ୍ଦୋଦରୀ ଭୂମିକାରେ ପୁନମ ପାଣ୍ଡେ**

ଦିଲ୍ଲୀର ପ୍ରସିଦ୍ଧ ଲବ-କୁଶ ରାମଲୀଳାରେ ଅଭିନେତ୍ରୀ ପୁନମ ପାଣ୍ଡେ ମନ୍ଦୋଦରୀ ଭୂମିକା ନିର୍ବାହ କରିବେ।



# ସାତକୋଶିଆରେ ନିର୍ମାଣ ବନ୍ଦ

## ସୁପ୍ରିମକୋର୍ଟଙ୍କ ନୋଟିସ ପରେ 'ସମନ୍ୱିତ ପର୍ଯ୍ୟଟନ ବିକାଶ' ପ୍ରଶାସନିକ ଅନୁମୋଦନ ବାତିଲ

**ଅନୁଗୋଳ ଜିଲାସ୍ଥିତ ସାତକୋଶିଆ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ମଧ୍ୟରେ ପୁଞ୍ଜିନିବେଶ ପାଇଁ ରାଜ୍ୟକୁ ସ୍ୱତନ୍ତ୍ର ସହାୟତା (ଏସ୍ଏଏସ୍ସିଆଇ) ଯୋଜନା ଅଧୀନରେ ଆରମ୍ଭ ହୋଇଥିବା ସମନ୍ୱିତ ପର୍ଯ୍ୟଟନ ବିକାଶ ପ୍ରକଳ୍ପର ପ୍ରଶାସନିକ ଅନୁମୋଦନକୁ ବାତିଲ କରିଛି ରାଜ୍ୟ ପର୍ଯ୍ୟଟନ ବିଭାଗ। ଏହି ପ୍ରକଳ୍ପକୁ ମିଳିଥିବା ଆପତ୍ତିବିହୀନ ପ୍ରମାଣପତ୍ର (ଏନ୍ଓସି)କୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ମାମଲା ଥିବାବେଳେ ସର୍ବୋଚ୍ଚ ଅଦାଲତଙ୍କ ପକ୍ଷରୁ ଗତ ଅଗଷ୍ଟ ୬ରେ କେନ୍ଦ୍ର ସରକାର, କେନ୍ଦ୍ରୀୟ କ୍ଷମତାପ୍ରାପ୍ତ କମିଟି ଓ ଓଡ଼ିଶା ସରକାରଙ୍କ ସହ ଅନ୍ୟ କର୍ତ୍ତୃପକ୍ଷମାନଙ୍କୁ ନୋଟିସ କରାଯାଇଥିଲା। ଏଥିସହ ବେଆଇନ ନିର୍ମାଣର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ରାଜ୍ୟ ପର୍ଯ୍ୟଟନ ବିଭାଗ ପାଇଁ ଅଡୁଆ ବଢ଼ାଇଥିବାବେଳେ ସେପ୍ଟେମ୍ବର ୧୩ରେ ବିଭାଗ ପକ୍ଷରୁ ପ୍ରକଳ୍ପର ପ୍ରଶାସନିକ ଅନୁମୋଦନ ବାତିଲ ନେଇ ଚିଠି କରାଯାଇଛି।**

ଅନୁଗୋଳ,୧୯।୯(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ, କଟକ, ବୌଦ୍ଧ ଓ ନୟାଗଡ଼ ଜିଲାରେ ଥିବା ସାତକୋଶିଆ ଅଭୟାରଣ୍ୟର ବିସ୍ତୃତ ଅଞ୍ଚଳରେ ସାତକୋଶିଆ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ରହିଛି। ଏହି ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ଭିତରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରାୟ ୧୦୦ କୋଟି ଟଙ୍କାର ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏଥିପାଇଁ ଅନେକ ମଡେଲ ପ୍ରସ୍ତୁତ କରିଥିଲେ ପର୍ଯ୍ୟଟନ ଓ ବନବିଭାଗ କର୍ତ୍ତୃପକ୍ଷ। ଏପରିକି ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଉପରୋକ୍ତ ୪ ଜିଲାର ଜିଲାପାଳ ଏବଂ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ଏନ୍ଓସି ପ୍ରଦାନ କରିଥିଲେ। ଏହାପରେ ପ୍ରାୟ ୧୦୦ କୋଟିର ନିର୍ମାଣ କାର୍ଯ୍ୟ ପାଇଁ ଓବିସିସିକୁ ଦାୟିତ୍ୱ ଦିଆଯାଇଥିଲା। ତେବେ ଏହି ପ୍ରଶାସନିକ ଅନୁମୋଦନ ବାତିଲ କରାଯାଇଥିବା ନେଇ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଗତ ୧୩ ତାରିଖରେ ମ୍ୟାନେଜିଂ ଡାଇରେକ୍ଟର ଓବିସିସିଙ୍କ ନିକଟକୁ ପତ୍ର ଲେଖାଯାଇଛି।




ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ଭିତରେ ପ୍ରକଳ୍ପ ନିର୍ମାଣ କରୁଥିବା ଓଡ଼ିଶା ସେତୁ ଏବଂ ନିର୍ମାଣ ନିଗମ (ଓବିସିସି) ଲିମିଟେଡ୍‌କୁ ଏହି ଚିଠି (ନଂ. ୧୧୧୩୪) କରାଯାଇ ପ୍ରକଳ୍ପର ପ୍ରଶାସନିକ ଅନୁମୋଦନ ବାତିଲ ସମ୍ପର୍କରେ ଜଣାଇ ଦିଆଯାଇଛି। ସୂଚନାଯୋଗ୍ୟ, ସାତକୋଶିଆ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ମଧ୍ୟରେ ଇକୋସେନ୍ସିଟିଭ୍ ଜୋନ୍‌ରେ ନିର୍ମାଣ କାର୍ଯ୍ୟ କରାଯାଉଥିବାରୁ ସାତକୋଶିଆ ଅଭୟାରଣ୍ୟ ଓ ପ୍ରଜା ସୁରକ୍ଷା ସମିତି ପକ୍ଷରୁ ସର୍ବୋଚ୍ଚ ଅଦାଲତରେ ମାମଲା ଦାଏର କରାଯାଇଥିଲା। ଏହାକୁ ସର୍ବୋଚ୍ଚ ଅଦାଲତ ଗୁରୁତ୍ୱର ସହ ଗ୍ରହଣ କରି ପକ୍ଷ ରଖିବାକୁ କେନ୍ଦ୍ର ଓ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ☞ପୃଷ୍ଠା–୩

# ୨୬ରେ ଲଘୁଚାପ

ଭୁବନେଶ୍ୱର,୧୯।୯(ବନ୍ଦନା ସେଠୀ)

ପାର୍ବଣରେ ବର୍ଷା ହେବ ନାହିଁ ବୋଲି ପୂର୍ବରୁ ପାଣିପାଗ ବିଭାଗ ଆକଳନ କରିଥିଲା। ହେଲେ ଆସନ୍ତା ୨୬ ତାରିଖରେ ବଙ୍ଗୋପସାଗରରେ ଆଉଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଥିବାରୁ ଦୁର୍ଗାପୂଜାରେ ବର୍ଷା ହେବାନେଇ ଆଶଙ୍କା କରାଯାଉଛି। ତେବେ ବର୍ଷା ପରିମାଣ ସଂକ୍ରାନ୍ତରେ କୌଣସି ସ୍ୱଷ୍ଟଚିତ୍ର ମିଳି ନ ଥିଲେ ମଧ୍ୟ ଲଘୁଚାପ ଖବର ପାଇବା ପରେ ଦୁର୍ଗାପୂଜା ଆୟୋଜକଙ୍କ ମନରେ ଛନକା ପଶିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଓଡ଼ିଶାରେ ବର୍ତ୍ତମାନ କୌଣସି ପାଣିପାଗ ନିୟାମକ ସକ୍ରିୟ ନାହିଁ। ମୌସୁମୀ ପାଇଁ ଆସନ୍ତା ୪ଦିନ ରାଜ୍ୟରେ କେତେକ ସ୍ଥାନରେ ମେଘୁଆ ପାଗ ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଓ ବିଜୁଳି ଘଡ଼ଘଡ଼ି ସାଙ୍ଗକୁ ଝଟକା ପବନ ବହିବା ସମ୍ଭାବନା ରହିଛି। ବିଶେଷକରି ଉତ୍ତର ଓ ଉପକୂଳ ଓଡ଼ିଶାରେ ବର୍ଷାର ପରିମାଣ ଅଧିକ ରହିବ। ଶନିବାର ରାଜ୍ୟର ୨୦ଜିଲାକୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ପାଣିପାଗ ବିଭାଗ ସତର୍କ କରିଛି। ସୁନ୍ଦରଗଡ, ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ☞ପୃଷ୍ଠା–୩

# ସ୍ତ୍ରୀଙ୍କ ମୁଣ୍ଡ କାଟିଲେ ସ୍ୱାମୀ

## ପରକୀୟା ପ୍ରୀତି ସନ୍ଦେହ



ଜଳେଶ୍ୱର ରାଇବଣିଆ ଅଞ୍ଚଳର ଚାକୁଆପାଳ ଗ୍ରାମରେ ମହିଳାଙ୍କୁ ହତ୍ୟା କରାଯାଇଥିବା ଘରେ ଦେଖଣାହାରିଙ୍କ ଭିଡ଼।

ଜଳେଶ୍ୱର,୧୯।୯(ନବୀନ ସାହୁ)

ଚରିତ୍ରରେ ସନ୍ଦେହ, ପାରିବାରିକ କଳହ, ଜମି ବିବାଦ, ପ୍ରେମ ବ୍ୟାପାରକୁ କେନ୍ଦ୍ର କରି ଘରୋଇ ହିଂସା ବଢ଼ିଚାଲିଛି। ବିଶେଷକରି ପରିକୀୟା ପ୍ରୀତିକୁ ନେଇ କେଉଁଠି ସ୍ତ୍ରୀଙ୍କ ଜୀବନ ନେଉଛନ୍ତି ସ୍ୱାମୀ ତ କେଉଁଠି ଏହାର ଓଲଟା ସ୍ଥିତି ଘଟୁଛି। ବାଲେଶ୍ୱର ଜିଲାରେ ଗୋଟିଏ ଦିନରେ ୨ଟି ବଡ଼ ପାରିବାରିକ ହିଂସା ଘଟିଛି। ଗୁରୁବାର ଅପରାହ୍ନରେ ବାଲେଶ୍ୱର ଟାଉନ ଥାନା ଅଞ୍ଚଳରେ ସ୍ତ୍ରୀ ପିଙ୍କି ଖାତୁନଙ୍କ ବେକକୁ ସ୍ୱାମୀ ମହମ୍ମଦ ଅମଜାଦ (୫୨) ଛୁରିରେ କାଟି ହତ୍ୟା ଉଦ୍ୟମ କରିଥିଲେ। ସଙ୍କଟାପନ୍ନ ଅବସ୍ଥାରେ ପିଙ୍କି କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ସ୍ୱାମୀଙ୍କ କଥାରେ ସ୍ତ୍ରୀ ଅରାଜି ହେବାରୁ ଏଭଳି ଘଟଣା ଘଟିଥିଲା। ସେଭଳି ଆଉ ଏକ ଜଘନ୍ୟ କାଣ୍ଡ ଘଟିଛି ଗୁରୁବାର ରାତିରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଅଞ୍ଚଳରେ। ପରକୀୟା ପ୍ରୀତି ସନ୍ଦେହରେ ସ୍ୱାମୀ ସାଜିଥିଲେ ସଇତାନ। ସ୍ତ୍ରୀ ଶୋଇଥିବା ଅବସ୍ଥାରେ ଏକ ଧାରୁଆ ଅସ୍ତ୍ରରେ ହାଣି ତାଙ୍କ ଗଣ୍ଡି ମୁଣ୍ଡ ଅଲଗା କରିଦେଇଛନ୍ତି।

ସୂଚନା ଅନୁସାରେ ରାଇବଣିଆ ଥାନା କାଳିକ ପଞ୍ଚାୟତ ଚାକୁଆପାଳ ଗ୍ରାମର ଚନ୍ଦ୍ରମୋହନ ପାତ୍ର (୫୦)ଙ୍କ ସ୍ତ୍ରୀ ଜୟନ୍ତୀ (୪୦) ତାମିଲନାଡୁରେ ପୁଅ ସହିତ ରହି ଏକ କମ୍ପାନୀରେ କାମ କରୁଥିଲେ। ☞ପୃଷ୍ଠା–୩




## ଦିଲ୍ଲୀରେ ଆଜି



ଡିୟୁଏସ୍‌ୟୁ ନିର୍ବାଚନରେ ଉପସଭାପତି ନିର୍ବାଚିତ ହୋଇଥିବା ଏନ୍‌ଏସ୍‌ୟୁଆଇର ରାହୁଲ ଝାଁସଲା ସମର୍ଥକଙ୍କ ଗହଣରେ ବିଜୟୋତ୍ସବ ପାଳନ କରୁଛନ୍ତି। (ଫଟୋ: ଚମନ ଗୌତମ)

# ଡିୟୁଏସ୍‌ୟୁ ନିର୍ବାଚନରେ ଏବିଭିପିର ବାଜିମାତ୍

**ନୂଆଦିଲ୍ଲୀ, ୧୯।୯**

ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଷ୍ଟୁଡେଣ୍ଟ ୟୁନିୟନ (ଡିୟୁଏସ୍‌ୟୁ) ନିର୍ବାଚନରେ ଭାଜପାର ଛାତ୍ର ସଙ୍ଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ବାଜିମାତ କରିଛି। ସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ ପଦ ଏବିଭିପି ହାତେଇଥିବା ବେଳେ ଉପସଭାପତି ପଦକୁ କଂଗ୍ରେସର ଛାତ୍ର ସଙ୍ଗଠନ ନ୍ୟାଶନାଲ ଷ୍ଟୁଡେଣ୍ଟସ୍ ୟୁନିୟନ୍ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ)କୁ ଯାଇଛି। ସଭାପତି ପଦ ପାଇଁ ଏବିଭିପିର ଆର୍ଯ୍ୟନ ମାନ୍ ଏନ୍‌ଏସ୍‌ୟୁଆଇ ଜୋସ୍‌ଲିନ ନନ୍ଦିତା ଚୌଧୁରୀଙ୍କୁ ପ୍ରାୟ ୧୬ ହଜାର ଭୋଟରେ ହରାଇଛନ୍ତି। ଆର୍ଯ୍ୟନଙ୍କୁ ୨୮,୮୪୧ ଖଣ୍ଡ ଭୋଟ ମିଳିଥିବାବେଳେ ନନ୍ଦିତାଙ୍କୁ ୧୨,୬୪୫ ଭୋଟ ମିଳିଛି। ସମ୍ପାଦକ ପଦରେ ଏବିଭିପିର କୁନାଲ ଚୌଧୁରୀ, ଯୁଗ୍ମ ସମ୍ପାଦକ ପଦରେ ଦୀପିକା ଝା ବିଜୟୀ ହୋଇଛନ୍ତି। ଉପସଭାପତି ପଦରେ ଏନ୍‌ଏସ୍‌ୟୁଆଇର ରାହୁଲ ଝାଁସଲା ବିଜୟୀ ହୋଇଛନ୍ତି। ଦିଲ୍ଲୀର ଏହି ହାଇ ପ୍ରୋଫାଇଲ ବିଶ୍ୱବିଦ୍ୟାଳୟ ନିର୍ବାଚନରେ ସମୁଦାୟ ୧.୫୩ ଲକ୍ଷ ପଞ୍ଜୀକୃତ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୬୦,୨୭୨ ଜଣ ମତାଧିକାରକୁ ସାବ୍ୟସ୍ତ କରିଥିଲେ। ଚଳିତ ଥର ସମୁଦାୟ ୩୯.୩୬% ମତଦାନ ହୋଇଥିଲା। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବିଭିପିର ବିଜୟୀ ପ୍ରାର୍ଥୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ରାହୁଲଙ୍କୁ ସହରୀ ମାଓବାଦୀ କହିଲେ ଫଡ଼ନବିସ୍

## ନେତୃତ୍ୱ ବିଫଳତାକୁ ସ୍ୱୀକାର କରନ୍ତୁ ରାହୁଲ: ରିଜିଜୁ

**ନୂଆଦିଲ୍ଲୀ, ୧୯।୯**

କଂଗ୍ରେସ ନେତା ରାହୁଲ ଗାନ୍ଧୀ 'ସହରୀ ମାଓବାଦୀ' ଭଳି କଥା କହୁଥିବା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଶୁକ୍ରବାର ଅଭିଯୋଗ କରିଛନ୍ତି। କଂଗ୍ରେସ ନେତା ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ସରକାରଙ୍କୁ ଉପାଡ଼ି ଫିଙ୍ଗିଦେବାକୁ ଜେନ୍ ଜିଙ୍କୁ ଆହ୍ୱାନ ଦେଉଛନ୍ତି। ରାହୁଲ ସମ୍ବିଧାନରେ ବିଶ୍ୱାସ କରନ୍ତି ନାହିଁ। ତାଙ୍କ ଉପଦେଷ୍ଟାମାନଙ୍କ ମାନସିକତା ମଧ୍ୟ ସହରୀ ମାଓବାଦୀଙ୍କ ଭଳି।

ରାହୁଲ ଗୁରୁବାର ସନ୍ଧ୍ୟାରେ ଭୋଟ ଚୋରି ଅଭିଯୋଗକୁ ଦୋହରାଇବା ସହ ଦେଶର ଯୁବ, ଛାତ୍ର, ଜେନ୍ ଜି ସମ୍ବିଧାନର ରକ୍ଷା କରିବେ, ଗଣତନ୍ତ୍ରର ସୁରକ୍ଷା କରିବେ ଓ ଭୋଟ ଚୋରି ରୋକିବେ ବୋଲି କହିଥିଲେ। ରାହୁଲ ନିର୍ବାଚନ କମିଶନଙ୍କୁ ଟାର୍ଗେଟ କରିବା ପରିବର୍ତ୍ତେ ନିର୍ବାଚନରେ ବାରମ୍ବାର ପରାଜୟ ପାଇଁ ନିଜକୁ ଦାୟୀ କରିବା ଆବଶ୍ୟକ ବୋଲି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି। ରାହୁଲଙ୍କ ଭୋଟ ଚୋରି ଅଭିଯୋଗକୁ ନିର୍ବାଚନ କମିଶନ ମିଥ୍ୟା, ଭିତ୍ତିହୀନ କହି ପ୍ରତ୍ୟାଖ୍ୟାନ କରିଛି। ଉପଯୁକ୍ତ ପ୍ରକ୍ରିୟା ବିନା କୌଣସି ଭୋଟରଙ୍କୁ ବାଦ୍ ଦିଆଯାଇ ନ ଥାଏ ବୋଲି ଇସି କହିଛି।

# ଆସାମ ରାଇଫଲ୍ସ ଟ୍ରକ୍ ଉପରେ ଆକ୍ରମଣ: ୨ ଯବାନ ନିହତ

**ଇମ୍ଫାଲ, ୧୯।୯**

ମଣିପୁର ରାଜଧାନୀ ଇମ୍ଫାଲ ଉପକଣ୍ଠରେ ଶୁକ୍ରବାର ସନ୍ଧ୍ୟାରେ ଆସାମ୍ ରାଇଫଲ୍ସର ଏକ ଟ୍ରକ୍ ଉପରେ ବନ୍ଧୁକଧାରୀମାନେ ଆକ୍ରମଣ କରିଛନ୍ତି। ଏଥିରେ ଆସାମ ରାଇଫଲ୍ସର ୨ ଯବାନଙ୍କ ମୃତ୍ୟୁ ଘଟିବା ସହ ୬ ଜଣ ଆହତ ହୋଇଛନ୍ତି। ଅର୍ଦ୍ଧସାମରିକ ବାହିନୀର ଟ୍ରକ୍ ଇମ୍ଫାଲରୁ ବିଷ୍ଣୁପୁର ଯାଉଥିବାବେଳେ ନମ୍ବୋଲ ସବାଲ ଲେଇକାଇ ଅଞ୍ଚଳରେ ଅଜଣା ବନ୍ଧୁକଧାରୀ ଆକ୍ରମଣ କରିଥିଲେ। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୧୩ ତାରିଖରେ ଏହି ରାସ୍ତା ଦେଇ ମଣିପୁର ଗସ୍ତରେ ଯାଇଥିଲେ। ମଣିପୁର ରାଜ୍ୟପାଳ ଅଜୟ କୁମାର ଭାଲ୍ଲା ଏହି ଆକ୍ରମଣକୁ ନିନ୍ଦା କରିବା ସହ ମୃତ ଯବାନଙ୍କ ପରିବାରକୁ ହୃଦୟଭରା ସମବେଦନା ଜଣାଇଛନ୍ତି। ସେ ଆହତ ଯବାନମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ପିଓକେରୁ କେପିକେକୁ ବେସ୍ ହଟାଇଛନ୍ତି ଆତଙ୍କବାଦୀ

**ନୂଆଦିଲ୍ଲୀ, ୧୯।୯**

ଭାରତୀୟ ସେନାର ଅପରେଶନ ସିନ୍ଦୂରରେ ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ଅନ୍ୟୂନ ୯ଟି ବୃହତ୍ ଆତଙ୍କବାଦୀ ଶିବିର ଧ୍ୱଂସ ହୋଇଥିଲା। ଏହା ପରେ ପାକ୍ ପ୍ରାୟୋଜିତ ଆତଙ୍କବାଦୀ ସଂଗଠନଗୁଡ଼ିକ ସେମାନଙ୍କ ବେସ୍‌କୁ ପିଓକେରୁ ପାକିସ୍ତାନର ଖାଇବର ପାଖ୍‌ତୁନ୍‌ଖ୍ୱା (କେପିକେ)କୁ ସ୍ଥାନାନ୍ତର କରିଛନ୍ତି। ଜୈଶ-ଇ-ମହମ୍ମଦ (ଜେଇଏମ୍) ଏବଂ ହିଜବୁଲ୍ ମୁଜାହିଦ୍ଦିନ୍ ଭଳି ଆତଙ୍କବାଦୀ ସଂଗଠନ ଏବେ ନିଜକୁ ଆଫଗାନିସ୍ତାନ ସୀମାବର୍ତ୍ତୀ କେପିକେରେ ଅବସ୍ଥାପିତ କରିଛନ୍ତି।

ପାକିସ୍ତାନ ସରକାରଙ୍କ ପ୍ରତ୍ୟକ୍ଷ ସହାୟତାରେ ଏହା କରାଯାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। କାରଣ ପୋଲିସ ସୁରକ୍ଷାରେ ଜେଇଏମ୍‌ର ଏକ ସମାବେଶ ହୋଇଥିବାବେଳେ ସେଥିରେ ଜାମିଆତ୍ ଉଲେମା-ଇ-ଇସ୍‌ଲାମ ଭଳି ରାଜନୈତିକ ଧର୍ମୀୟ ସଂଗଠନ ସାମିଲ ହୋଇଥିଲେ।

ଗତ ୧୪ ତାରିଖରେ ଭାରତ-ପାକିସ୍ତାନ କ୍ରିକେଟ ମ୍ୟାଚ୍‌ର ପୂର୍ବରୁ କେପିକେର ମନସେହରା ଜିଲାର ଗରହି ହବିବୁଲ୍ଲା ସହରରେ ଜେଇଏମ୍ ଏକ ନିଯୁକ୍ତି ଅଭିଯାନ ଚଳାଇଥିଲା। ଜେଇଏମ୍ ଏବଂ ଜେୟୁଆଇର ମିଳିତ ନେତୃତ୍ୱରେ ଧର୍ମୀୟ ସମାବେଶର ଆୟୋଜନ କରାଯାଇଥିଲା। ରାଲିରେ ମୌଲାନା ମୁଫ୍‌ତି ମାସୁଦ ଇଲିୟାସ କଶ୍ମୀରୀ ଓରଫ ଅବୁ ମହମ୍ମଦ, ଜେଇଏମ୍‌ର କେପିକେ ଓ କଶ୍ମୀର ପାଇଁ ଥିବା ଅମିର ଉଦ୍‌ବୋଧନ ଦେଇଥିଲେ। କଶ୍ମୀରୀ ତାଙ୍କ ୩୦ ମିନିଟ୍‌ର ଭାଷଣରେ ଓସାମା ବିନ୍ ଲାଡେନ୍‌ଙ୍କୁ 'ଶୋହଦା-ଇ-ଇସ୍‌ଲାମ' ଏବଂ ପ୍ରିନ୍ସ ଅଫ୍ ଆରବ' କହି ଉଚ୍ଚ ପ୍ରଶଂସା କରିଥିଲେ। ଅଲ୍‌କାଏଦା ଲିଗାସି ସହ ଜେଇଏମ୍‌ର ବିଚାରଧାରା ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ବୋଲି କହିଥିଲେ। ଜିହାଦିଙ୍କ ପାଇଁ କେପିକେ ଏକ ଆଭ୍ୟନ୍ତରୀଣ ନିରାପଦ ସ୍ଥଳ। ଆଇସି-୮୧୪ ବିମାନ ଅପହରଣ ପରେ ଜେଇଏମ୍‌ର ବାଲାକୋଟ୍ ମୁଖ୍ୟାଳୟ ସ୍ଥାପନ ହୋଇଥିଲା। ତେବେ ଅପରେଶନ ସିନ୍ଦୂର ବେଳେ ଭାରତୀୟ ସେନା ଆକ୍ରମଣରେ ମାସୁଦ୍ ଆଝାର ପରିବାରର ସଦସ୍ୟମାନଙ୍କ ମୃତ୍ୟୁ ଘଟିଥିବା କଶ୍ମୀରୀ ମନେପକାଇ ଦେଇଥିଲେ। ଜେଇଏମ୍ ସଦସ୍ୟମାନଙ୍କ ଶେଷକୃତ୍ୟରେ ସମ୍ମାନ ପ୍ରଦାନ ଓ ସୁରକ୍ଷା ଯୋଗାଇଦେବା ଲାଗି ସେନାମୁଖ୍ୟ ଅସିମ ମୁନିର ବ୍ୟକ୍ତିଗତ ଭାବେ ପାକ୍ ସେନାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି କଶ୍ମୀରୀ କହିଛନ୍ତି।

## ମୁରିଦ୍‌କେରେ ଆତଙ୍କବାଦୀଙ୍କ ମୁଖ୍ୟାଳୟ ଧ୍ୱଂସ ହୋଇଥିଲା

### ଜେଇଏମ୍ ପରେ ଲଶ୍କର ମାନିଲା

**ଇସ୍‌ଲାମାବାଦ, ୧୯।୯**



ଏଲ୍‌ଇଟି କମାଣ୍ଡର କାସିମ୍

ଭାରତୀୟ ସେନାର ଅପରେଶନ ସିନ୍ଦୂର ବେଳେ ବାହାୱଲପୁର ଆତଙ୍କବାଦୀ ଶିବିର ଧ୍ୱଂସହେବା ସହ ମାସୁଦ୍ ଅଜହରଙ୍କ ପରିବାର ସଦସ୍ୟ ନିହତ ହୋଇଥିଲେ ବୋଲି ଜୈଶ-ଇ-ମହମ୍ମଦ (ଜେଇଏମ୍) କମାଣ୍ଡର ୨ ଦିନ ପୂର୍ବରୁ ସ୍ୱୀକାର କରିଥିଲେ। ଏବେ ଲଶ୍କର-ଇ-ତୋଇବା ମଧ୍ୟ ଅପରେଶନ ସିନ୍ଦୂର ବେଳେ ଏହାର ମୁଖ୍ୟାଳୟ ଥିବା ମୁରଦ୍‌କେର ମର୍କାଜ ତାଇବା ଧ୍ୱଂସ ହୋଇଥିବା ସ୍ୱୀକାର କରିଛି। ସୋସିଆଲ୍ ମିଡିଆରେ ବହୁଳ ପ୍ରସାରିତ ଭିଡିଓରେ ଏଲ୍‌ଇଟି କମାଣ୍ଡର କାସିମ୍ ସ୍ୱୀକାର କରିଛନ୍ତି, ମେ' ୭ ତାରିଖ ଅପରେଶନରେ ମୁରିଦ୍‌କେ ଆତଙ୍କବାଦୀ କ୍ୟାମ୍ପ ଧ୍ୱଂସ ହୋଇଥିଲା। ଏବେ ଏହାକୁ ବଡ଼ କରି ନିର୍ମାଣ କରାଯାଉଛି। ମୁରିଦ୍‌କେ ସହର ପାକିସ୍ତାନ ପଞ୍ଜାବ ପ୍ରଦେଶର ଶେଖୁପୁରାରେ ଅବସ୍ଥିତ।

# ଭାରତୀୟ ଇଞ୍ଜିନିୟରଙ୍କୁ ଗୁଳିକଲା ୟୁଏସ୍ ପୋଲିସ

**ୱାଶିଂଟନ, ୧୯।୯**



ମହମ୍ମଦ ନିଜାମୁଦ୍ଦିନ

ଆମେରିକାର କାଲିଫର୍ନିଆ ରାଜ୍ୟ ସାନ୍ତା କ୍ଲାରାରେ ଗୁରୁବାର ପୋଲିସ ଗୁଳିରେ ଭାରତୀୟ ସଫ୍ଟୱେର ଇଞ୍ଜିନିୟର ମହମ୍ମଦ ନିଜାମୁଦ୍ଦିନ(୨୯)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ତେଲଙ୍ଗାନା ମହବୁବନଗର ଜିଲାରେ। ଏନେଇ ଶୁକ୍ରବାର ନିଜାମୁଦ୍ଦିନଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଗୁରୁବାର ରୁମ୍‌ମେଟ୍‌ଙ୍କ ସହ ନିଜାମୁଦ୍ଦିନଙ୍କର ଝଗଡ଼ା ଓ ମାର୍‌ପିଟ ହୋଇଥିଲା। ଘଟଣାସ୍ଥଳରୁ ପୋଲିସ ୨ଟି ଛୁରି ଜବତ କରିଛି। ନିଜାମୁଦ୍ଦିନଙ୍କ ବାପା ମହମ୍ମଦ ହସମୁଦ୍ଦିନ କହିଛନ୍ତି, ଏକ ଛୋଟ କଥାକୁ ନେଇ ରୁମ୍‌ମେଟ୍‌ଙ୍କ ସହ ନିଜାମୁଦ୍ଦିନଙ୍କର ଝଗଡ଼ା ହୋଇଥିଲା। ପୁଅ ମୃତଦେହକୁ ମହବୁବନଗର ଆଣିବା ପାଇଁ ସେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଚିଠି ଲେଖିଛନ୍ତି। ସାହାଯ୍ୟ ପାଇଁ ସେ ୱାଶିଂଟନ୍ ଏବଂ ସାନ୍ ଫ୍ରାନ୍ସିସ୍କୋରେ ଥିବା ଭାରତୀୟ ଅଧିକାରୀଙ୍କୁ ଗୁହାରି କରିଛନ୍ତି। ସ୍ଥାନୀୟ ସାନ୍ତା କ୍ଲାରା ପୋଲିସ କହିଛି, ଆଇଜନହାୱର ଡ୍ରାଇଭ୍‌ସ୍ଥିତ ଏକ ଘରେ ଜଣେ ବ୍ୟକ୍ତି ନିଜ ରୁମ୍‌ମେଟ୍‌ଙ୍କୁ ଛୁରିରେ ଆକ୍ରମଣ କରିଥିବା ସୂଚନା ମିଳିଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚିଥିଲା। ସେ ପୋଲିସକୁ ମଧ୍ୟ ଆକ୍ରମଣ ଧମକ ଦେଇଥିଲେ। ଫଳରେ ପୋଲିସ ପକ୍ଷରୁ ତାଙ୍କୁ ଗୁଳି କରାଯାଇଥିଲା। ହସ୍ପିଟାଲ ନେବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା।

# ଚାମୋଲିରେ ବର୍ଷାବିପ୍ରାତ ମୃତ୍ୟୁସଂଖ୍ୟା ୭

**ଡେରାଡୁନ୍, ୧୯।୯**

ଉତ୍ତରାଖଣ୍ଡର ଚାମୋଲି ଜିଲାରେ ବାଦଲଫଟା ବର୍ଷା ଲାଗିରହିବା ଫଳରେ ବନ୍ୟା ଓ ଭୂସ୍ଖଳନଜନିତ ମୃତ୍ୟୁସଂଖ୍ୟା ଶୁକ୍ରବାର ୭ରେ ପହଞ୍ଚିଛି। ଗୁରୁବାର ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶୁକ୍ରବାର ଭଗ୍ନାବଶେଷ ତଳୁ ଆଉ ୫ଟି ମୃତଦେହ ମିଳିଛି। ଏନ୍‌ଡିଆର୍‌ଏଫ୍ ସମେତ ଅନ୍ୟ ଉଦ୍ଧାରକାରୀ ଟିମ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ବର୍ଷାବିପ୍ରାତଜନିତ ଭୂସ୍ଖଳନ ଓ ବନ୍ୟାରେ ଚାମୋଲି ଜିଲା ନନ୍ଦନଗର ଅନ୍ତର୍ଗତ କୁଣ୍ଟାରି ଲାଗାଫଲି, କୁଣ୍ଟାରି ଲାଗାସର୍ପାନି, ସେରା ଏବଂ ଧୁର୍‌ମା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଗୁରୁତର ଆହତମାନଙ୍କୁ ଏମ୍ସ ଋଷିକେଶରେ ଚିକିତ୍ସା କରାଯାଉଥିବାବେଳେ ୯୫ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି।

# ଗାଜାରେ ଯୁଦ୍ଧବିରତି ପାଇଁ ୟୁଏନ୍‌ଏସ୍‌ସି ପ୍ରସ୍ତାବ ବିରୋଧରେ ଆମେରିକାର ଭିଟୋ

**ଜାତିସଂଘ, ୧୯।୯**

ଗାଜାରେ ତୁରନ୍ତ ଓ ସ୍ଥାୟୀ ଯୁଦ୍ଧବିରତି ଏବଂ ପଣବନ୍ଦୀମାନଙ୍କ ମୁକ୍ତି ପାଇଁ ଗୁରୁବାର ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଅଣାଯାଇଥିବା ଏକ ପ୍ରସ୍ତାବ ବିରୋଧରେ ଆମେରିକା ପୁଣିଥରେ ନିଜର ଭିଟୋ କ୍ଷମତା ପ୍ରୟୋଗ କରିଛି। ହମାସ୍‌କୁ ନିନ୍ଦା କରିବାରେ ଏହି ଉଦ୍ୟମ ଅଧିକ ବଢ଼ି ନ ଥିବା ଆମେରିକା କହିଛି। ଜାତିସଂଘର ସବୁଠୁ କ୍ଷମତାଶାଳୀ ସଂଗଠନର ଅନ୍ୟ ୧୪ ସଦସ୍ୟ ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଥିଲେ। ଗାଜାରେ ମାନବୀୟ ସ୍ଥିତି ଆପତ୍ତିଜନକ ବୋଲି ପ୍ରସ୍ତାବରେ କୁହାଯିବା ସହ ଉକ୍ତ ଅଞ୍ଚଳର ୨୧ ଲକ୍ଷ ପାଲେଷ୍ଟିନୀୟଙ୍କୁ ସହାୟତା ପ୍ରଦାନ କ୍ଷେତ୍ରରେ ଇସ୍ରାଏଲ୍ ଲଗାଇଥିବା ସମସ୍ତ କଟକଣା ହଟାଇଦେବାକୁ ଆହ୍ୱାନ ଦିଆଯାଇଥିଲା। ୱାଶିଂଟନ୍‌ର ଭିଟୋ ପ୍ରୟୋଗ ଫଳରେ ଗାଜାରେ ପାଖାପାଖି ୨ ବର୍ଷ ହେଲା ଲାଗି ରହିଥିବା ଯୁଦ୍ଧକୁ ନେଇ ବିଶ୍ୱ ମଞ୍ଚରୁ ଆମେରିକା ଓ ଇସ୍ରାଏଲ୍ ନିଜକୁ ଦୂରେଇରଖିବା ସ୍ପଷ୍ଟ ହୋଇଛି। କିଛିଦିନ ପରେ ଜାତିସଂଘ ସାଧାରଣ ସଭାର ବାର୍ଷିକ ସମ୍ମିଳନୀରେ ଗାଜା ମୁଖ୍ୟ ପ୍ରସଙ୍ଗ ହେବାକୁ ଥିବାବେଳେ ଆମେରିକାର କେତେକ ବୃହତ୍ ସହଯୋଗୀ ପାଲେଷ୍ଟାଇନ୍‌କୁ ସ୍ୱାଧୀନ ରାଷ୍ଟ୍ର ଭାବେ ସ୍ୱୀକୃତି ଦେବା ଆଶା କରାଯାଉଛି।

# ସୁଦାନ ମସ୍‌ଜିଦରେ ଡ୍ରୋନ୍ ଆକ୍ରମଣ: ୭୦ ମୃତ

**କାଇରୋ, ୧୯।୯**

ସୁଦାନର ନର୍ଥ ଡାର୍‌ଫୁର ରାଜ୍ୟ ରାଜଧାନୀ ଏଲ୍ ଫାଶୋରରେ ଥିବା ଏକ ମସ୍‌ଜିଦରେ ଶୁକ୍ରବାର ସକାଳେ ନମାଜ ପାଠବେଳେ ଅର୍ଦ୍ଧସାମରିକବାହିନୀ ରାପିଡ୍‌ସୁଦାନିଜ୍‌ଫୋର୍ସ (ଆର୍‌ଏସ୍‌ଏଫ୍)ର ଡ୍ରୋନ୍ ଆକ୍ରମଣରେ ୭୦ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ ଆହତ ହୋଇଛନ୍ତି। ଆକ୍ରମଣରେ ମସ୍‌ଜିଦ୍ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ଭଗ୍ନାବଶେଷ ତଳେ ଅନେକ ପୋତିହୋଇ ରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି।

ସୁଦାନରେ ୨୦୨୩ ଏପ୍ରିଲରୁ ସେନା ଏବଂ ଆର୍‌ଏସ୍‌ଏଫ୍ ମଧ୍ୟରେ ସଂଘର୍ଷ ଗୃହଯୁଦ୍ଧର ରୂପ ନେଇଥିବାବେଳେ ଏଥିରେ ଅନ୍ୟୂନ୪୦ହଜାରଲୋକଙ୍କମୃତ୍ୟୁଘଟିଲାଣି।

# ୪୭୪ ଅଣସ୍ୱୀକୃତ ଦଳକୁ ତାଲିକାରୁ ବାଦ୍‌ଦେଲେ ଇସି

**ନୂଆଦିଲ୍ଲୀ, ୧୯।୯(ପି.ଟି.)**




ଗତ ୬ ବର୍ଷ ମଧ୍ୟରେ ଆଦୌ ନିର୍ବାଚନ ଲଢ଼ି ନ ଥିବା ସମେତ ନିୟମାବଳୀର ଉଲ୍ଲଂଘନ କରିଥିବା ଆଉ ୪୭୪ଟି ପଞ୍ଜୀକୃତ ଅଣସ୍ୱୀକୃତ ରାଜନୈତିକ ଦଳ (ଆର୍‌ୟୁପିପି)କୁ ନିର୍ବାଚନ କମିଶନ (ଇସି) ଶୁକ୍ରବାର ତାଲିକାରୁ ବାଦ୍ ଦେଇଛନ୍ତି। ଗତ ଅଗଷ୍ଟ ୯ରେ ପ୍ରଥମ ପର୍ଯ୍ୟାୟରେ ୩୩୪ ପଞ୍ଜୀକୃତ ଅଣସ୍ୱୀକୃତିପ୍ରାପ୍ତ ଦଳଙ୍କୁ ତାଲିକାରୁ ବାଦ୍ ଦିଆଯାଇଥିଲା। ଏହିପରି ୨ ପର୍ଯ୍ୟାୟରେ ଇସି ମୋଟ ୮୦୮ଆର୍‌ୟୁପିପିକୁ ତାଲିକାରୁ ବାଦ୍ ଦେଲେଣି। ଏହି ଦଳଗୁଡ଼ିକ ବାଦ୍ ପଡ଼ିବା ପରେ ବର୍ତ୍ତମାନ ପଞ୍ଜୀକୃତ ଅଣସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ସଂଖ୍ୟା ୨,୦୪୬କୁ ହ୍ରାସ ପାଇଛି। ଏହାକୁ ବାଦ୍ ଦେଇ ୬ଟି ସ୍ୱୀକୃତିପ୍ରାପ୍ତ ଜାତୀୟ ଦଳ ଓ ୬୭ଟି ରାଜ୍ୟ ଦଳ ରହିଛି।

ଭାରତରେ ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୨୯ଏ ଅଧୀନରେ ରାଜନୈତିକ ଦଳଗୁଡ଼ିକ ପଞ୍ଜୀକୃତ ହୋଇଥାନ୍ତି। ଥରେ ପଞ୍ଜୀକୃତ ହୋଇଗଲେ ଦଳଗୁଡ଼ିକୁ ନିର୍ବାଚନୀ ଚିହ୍ନ ଓ ଟିକସ ରିହାତି ଆଦି କେତେକ ସୁବିଧା ମିଳିଥାଏ। ତେବେ ଗାଇଡ୍‌ଲାଇନରେ ସ୍ପଷ୍ଟ କରିଦିଆଯାଇଛି ଯେ ଯଦି କୌଣସି ଦଳ ୬ ବର୍ଷ ପାଇଁ ନିର୍ବାଚନ ଲଢ଼ି ନ ଥିବ, ତାହାକୁ ପଞ୍ଜୀକୃତ ଦଳ ତାଲିକାରୁ ବାଦ୍ ଦିଆଯିବ। ନିୟମାବଳୀ ଉଲ୍ଲଂଘନ କରିଥିବା ଦଳଗୁଡ଼ିକୁ ବାଦ୍ ଦେବା ଲାଗି ନିର୍ବାଚନ କମିଶନ ଜୁନ୍‌ରୁ ଦେଶବ୍ୟାପୀ ଉଦ୍ୟମ ଆରମ୍ଭ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଉତ୍ତରପ୍ରଦେଶରୁ ସର୍ବାଧିକ ୧୨୧ଟି ଦଳ ତାଲିକାରୁ ବାଦ୍ ପଡ଼ିଥିବାବେଳେ ମହାରାଷ୍ଟ୍ରରୁ ୪୪, ତାମିଲନାଡୁରୁ ୪୨, ଦିଲ୍ଲୀରୁ ୪୦, ପଞ୍ଜାବରୁ ୨୧, ମଧ୍ୟପ୍ରଦେଶରୁ ୨୩, ବିହାରରୁ ୧୫, ରାଜସ୍ଥାନ ଓ ଆନ୍ଧ୍ରପ୍ରଦେଶରୁ ୧୭ଟି ଲେଖାଏ ଏବଂ ଓଡ଼ିଶାରୁ ୭ ଦଳଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି।

## ଫୁର୍‌ସତ



# ମନ୍ଦୋଦରୀ ଭୂମିକାରେ ପୁନମ ପାଣ୍ଡେ

**ନୂଆଦିଲ୍ଲୀ:** ଅନେକ ସମୟ ଧରି ଅଭିନେତ୍ରୀ ପୁନମ ପାଣ୍ଡେ କୌଣସି ଫିଲ୍ମ କିମ୍ବା ଟିଭି ଶୋ'ରେ ନଜରକୁ ଆସିନାହାନ୍ତି। ତେବେ ତାଙ୍କ ଫ୍ୟାନ୍ସଙ୍କ ପାଇଁ ଏକ ଗୁଡ୍‌ନ୍ୟୁଜ୍ ସାମ୍ନାକୁ ଆସିଛି। ତାଙ୍କୁ ବଡ଼ ପରଦା କିମ୍ବା ଛୋଟ ପରଦାରେ ନୁହେଁ ବରଂ ଆଗାମୀ ଦଶହରାରେ ଆୟୋଜନ ହେବାକୁ ଥିବା ଦିଲ୍ଲୀର ପ୍ରସିଦ୍ଧ ଲବ-କୁଶ ରାମଲୀଳାରେ ପୁନମଙ୍କୁ ଦେଖିବାକୁ ମିଳିବ। ଏହି ରାମଲୀଳାରେ ସେ ରାବଣର ସ୍ତ୍ରୀ ମନ୍ଦୋଦରୀଙ୍କ ଭୂମିକା ନିର୍ବାହ କରିବେ। ଅଭିନେତା ଆର୍ଯ୍ୟ ବର୍ବର ରାବଣ ଭୂମିକା ନିର୍ବାହ କରିବେ ବୋଲି ଜଣାପଡ଼ିଛି। ଦିଲ୍ଲୀର ପ୍ରସିଦ୍ଧ ଲବ-କୁଶ ରାମଲୀଳାରେ ଅଭିନୟ କରିବାର ସୁଯୋଗ ମିଳିଥିବାରୁ ପୁନମ ଖୁସି ପ୍ରକାଶ କରିଛନ୍ତି। ତାଙ୍କ ଟିମ୍ ପକ୍ଷରୁ ପୁନମଙ୍କ ଏକ ବିବୃତିକୁ ଜାରି କରାଯାଇଛି ଯେଉଁଥିରେ ସେ କହିଛନ୍ତି, ଲବ-କୁଶ ରାମଲୀଳା କମିଟି ନିକଟରେ କୃତଜ୍ଞ। ରାମଲୀଳା କେବଳ ଏକ ଧାର୍ମିକ କାର୍ଯ୍ୟକ୍ରମ ନୁହେଁ ବରଂ ଏହା ଭାରତୀୟ ସଂସ୍କୃତି ଏବଂ ପରମ୍ପରାର ଏକ ଉତ୍ସବ। ଏଥିରେ ଅଭିନୟ କରିବା ତାଙ୍କ ପାଇଁ ସୌଭାଗ୍ୟର ବିଷୟ ବୋଲି ପୁନମ କହିଛନ୍ତି।

### ଦିଲ୍ଲୀର ପ୍ରସିଦ୍ଧ ଲବ-କୁଶ ରାମଲୀଳା

# ହନିମୁନ୍ ପାଇଁ ରିସେପ୍ସନରେ ପାଣ୍ଠି ସଂଗ୍ରହ

**ଲଣ୍ଡନ:** ସାଧାରଣତଃ ବିବାହରେ ସାମିଲ ହୋଇଥିବା ଅତିଥିମାନେ ବର ଏବଂ କନ୍ୟାଙ୍କୁ ବିଭିନ୍ନ ପ୍ରକାର ଉପହାର ଦେଇଥାନ୍ତି। ତେବେ ବ୍ରିଟେନ୍‌ର ଏକ ଦମ୍ପତି ସେମାନଙ୍କ ବିବାହ ରିସେପ୍ସନରେ କୌଣସି ପାରମ୍ପରିକ ଉପହାର ନେବେ ନାହିଁ ବୋଲି ଅତିଥିଙ୍କୁ ବିବାହ କାର୍ଡରେ ଅବଗତ କରାଇଥିଲେ। ଏହା ବଦଳରେ ସେମାନେ ବିବାହ ରିସେପ୍ସନରେ ନିଜ ହନିମୁନ୍ ପାଇଁ ପାଣ୍ଠି ସଂଗ୍ରହ କରିବାକୁ ନିଷ୍ପତ୍ତି ନେଇଥିଲେ। ସେମାନେ ନିଜ ରିସେପ୍ସନରେ ଏକ କ୍ୟୁଆର୍ କୋଡ୍ ସ୍କାନର ଲଗାଇଥିଲେ ଯେଉଁଥିରେ ଲେଖା ହୋଇଥିଲା, ଉପହାର ଦେବା ବଦଳରେ ଆମ ହନିମୁନ୍ ପାଣ୍ଠିରେ ଯୋଗଦାନ କରନ୍ତୁ। ଏହିପରି ଭାବେ ନିଜ ବିବାହ ରିସେପ୍ସନରେ ଉକ୍ତ ଦମ୍ପତି ସେମାନଙ୍କ ହନିମୁନ୍ ପାଇଁ ମୋଟ ୧୪୦ ଅତିଥିଙ୍କଠାରୁ ପାଣ୍ଠି ସଂଗ୍ରହ କରିବାରେ ସଫଳ ହୋଇଛନ୍ତି।

ବ୍ରିଟେନ୍‌ର ମିଲ୍‌ଟନ୍ କେନ୍ସ ସହରର ବାସିନ୍ଦା କ୍ରିସ୍ ମାର୍ଟିନ୍ (୩୫) ଏବଂ ତାଶା ହ୍ୱାଇଟ୍ (୩୩) ସେମାନଙ୍କ ବିବାହକୁ ସ୍ମରଣୀୟ କରିବା ପାଇଁ ଏହି ଅନନ୍ୟ ପଦ୍ଧତିକୁ ଆପଣାଇଥିଲେ। ୧୪ ବର୍ଷ ଧରି ରିଲେଶନ୍‌ଶିପ୍‌ରେ ରହିବା ପରେ ନିକଟରେ ଉଭୟେ ବିବାହ କରିଥିଲେ। କ୍ରିସ୍ ମର୍ସିଡିଜ୍ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ତାଶା ହେଉଛନ୍ତି ଜଣେ ହେୟାରଡ୍ରେସର। ତାଶା କହିଛନ୍ତି, ସେମାନଙ୍କୁ ପାରମ୍ପରିକ ଉପହାରର ଆବଶ୍ୟକତା ନ ଥିଲା। ଘର ପାଇଁ ଆବଶ୍ୟକ ସମସ୍ତ ଜିନିଷ ସେମାନଙ୍କ ନିକଟରେ ରହିଥିଲା। ତେବେ ଉଭୟେ ହନିମୁନ୍ ପାଇଁ ମେକ୍ସିକୋ ଯିବାକୁ ସ୍ଥିର କରିଥିବାବେଳେ ଏଥିପାଇଁ ପାଣ୍ଠିର ଅଭାବ ଥିଲା। ତେଣୁ ସେମାନେ ନିଜ ବିବାହ ରିସେପ୍ସନରେ କ୍ୟୁଆର୍ କୋଡ୍ ସ୍କାନରକୁ ସ୍ଥାପନ କରିଥିଲେ। ଏହାଦ୍ୱାରା ଅତିଥିମାନେ ସିଧାସଳଖ ଭାବେ କ୍ରିସ୍‌ଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟ୍ୟାପ୍‌କରି ତାଙ୍କ ହନିମୁନ୍ ପାଇଁ ସଂଗ୍ରହ ହେଉଥିବା ପାଣ୍ଠିରେ ଯୋଗଦାନ କରିଥିଲେ। କ୍ରିସ୍ କହିଛନ୍ତି, ହନିମୁନ୍ ପାଣ୍ଠି ସଂଗ୍ରହ ପାଇଁ ଏହି ନିଆରା ଉପାୟକୁ ତାଙ୍କ ବିବାହ ରିସେପ୍ସନକୁ ଆସିଥିବା ଅତିଥିମାନେ ବେଶ୍ ପସନ୍ଦ କରିଥିଲେ। ତେବେ କ୍ୟୁଆର୍ କୋଡ୍ ସ୍କାନରରେ ସେ ହନିମୁନ୍ ପାଇଁ କେତେ ଅର୍ଥ ସଂଗ୍ରହ କରିଛନ୍ତି ସେ ସମ୍ପର୍କରେ କ୍ରିସ୍ ସୂଚନା ଦେଇନାହାନ୍ତି। ସମ୍ପ୍ରତି ଲୋକମାନେ ନିଜ ସହ କମ୍ ନଗଦ ଅର୍ଥ ରଖୁଥିବାରୁ, କ୍ୟୁଆର୍ କୋଡ୍ ସ୍କାନରରେ ପାଣ୍ଠି ସଂଗ୍ରହ ପଦ୍ଧତି ତାଙ୍କୁ ସମ୍ପୂର୍ଣ୍ଣ ଠିକ୍ ମନେହୋଇଥିଲା ବୋଲି କ୍ରିସ୍ କହିଛନ୍ତି।



**ସୋମବାର ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି**

ଭୁବନେଶ୍ୱର,୧୯।୯(ସୁନିତ୍ ମିଶ୍ର): ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆସନ୍ତା ୨୨ ତାରିଖ ଅର୍ଥାତ୍ ସୋମବାର ବନ୍ଦ ରହିବ। ସପ୍ତଦଶ ବିଧାନସଭାର ଚତୁର୍ଥ ଅଧିବେଶନ ବଳବତ୍ତର ଥିବା ହେତୁ ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରଖାଯିବାକୁ ନିଷ୍ପତ୍ତି ହୋଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଖବରକାଗଜ ଓ ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇଦିଆଯିବ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି।



# ନିଜ ଜିଲାରେ ନିଯୁକ୍ତି ପାଇବେନି ଅଧିକାରୀ, କର୍ମଚାରୀ

## ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନୂଆ ନୀତି

ଭୁବନେଶ୍ୱର,୧୯।୯(ସୁଚିସ୍ମିତା ସାହୁ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ କୌଣସି ଅଧିକାରୀ ଓ କର୍ମଚାରୀ(ଶିକ୍ଷକଙ୍କ ବ୍ୟତୀତ)ଙ୍କୁ ନିଜ ଜିଲାରେ ନିଯୁକ୍ତି ମିଳିବ ନାହିଁ। ଯଦି କୌଣସି ଗୁରୁତ୍ୱପୂର୍ଣ୍ଣ କାରଣ ଯୋଗୁ ସେମାନଙ୍କୁ ନିଜ ଜିଲାରେ ନିଯୁକ୍ତି କିମ୍ବା ବଦଳି କରାଯାଏ, ତେବେ ନିଜ ବ୍ଲକରେ ରହିବାକୁ ଅନୁମତି ଦିଆଯିବ ନାହିଁ। ଏଥିପାଇଁ ବିଭାଗ ପକ୍ଷରୁ ଅଧିକାରୀ/କର୍ମଚାରୀଙ୍କ ନିଯୁକ୍ତି ଏବଂ ବଦଳି ନେଇ ନୂଆ ନୀତି ପ୍ରସ୍ତୁତ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗର ନିୟମ ଅନୁଯାୟୀ, ବାର୍ଷିକ ବଦଳି ଏପ୍ରିଲ ୧୫ରୁ ଜୁନ୍ ୧୫ ମଧ୍ୟରେ କରାଯିବ। ଯଦି ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅନ୍ୟ କୌଣସି ସମୟରେ ସେମାନଙ୍କୁ ବଦଳି କରାଯାଏ, ତେବେ ସେମାନଙ୍କୁ ଉଚ୍ଚ ପଦାଧିକାରୀଙ୍କଠାରୁ ଅନୁମତି ନେବାକୁ ପଡ଼ିବ ବୋଲି ଶୁକ୍ରବାର ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଭାଗୀୟ କମିଶନର ଓ ସଚିବ ଶାଳିନୀ ପଣ୍ଡିତଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଯେଉଁ କ୍ୟାଡର ଅଧିକାରୀ କିମ୍ବା କର୍ମଚାରୀ (ଜିଲା କ୍ୟାଡରଙ୍କ ସମେତ) ପୂର୍ବରୁ ଯେଉଁ ଜିଲାରେ ନିଯୁକ୍ତି ପାଇଥିବେ ସେମାନେ ଅତିକମ୍‌ରେ ସେଠାରେ ୩ ବର୍ଷ ପର୍ଯ୍ୟନ୍ତ କାମ କରିବେ। କିନ୍ତୁ ଗୋଟିଏ ସ୍ଥାନରେ ୬ ବର୍ଷରୁ ଅଧିକ ରହିପାରିବେ ନାହିଁ। ଯେଉଁ ଅଧିକାରୀମାନେ ନିଜ ଚାକିରି ସମୟର ମୋଟ ୫ ବର୍ଷ (ଛୁଟି ମିଶାଇ) କିମ୍ବା ଅବିଭକ୍ତ କେବିକେ, ଗଜପତି, କନ୍ଧମାଳ ଓ ବୌଦ୍ଧ ଜିଲାରେ ପୂରଣ କରିଥିବେ, ସେମାନେ ଅନ୍ୟ ଜିଲାକୁ ବଦଳି ହୋଇପାରିବେ। ସେହିପରି ଯେଉଁମାନେ ନିଜ ଚାକିରିର ୧୦ ବର୍ଷ ଅନ୍ୟ ଜିଲାରେ ପୂରଣ କରିସାରିଲେଣି, ସେମାନଙ୍କୁ ଅବିଭକ୍ତ କେବିକେ ସହିତ ଗଜପତି, କନ୍ଧମାଳ ଓ ବୌଦ୍ଧ ଜିଲାରେ ନିଯୁକ୍ତି ଦିଆଯିବ। ପଦୋନ୍ନତି ପାଉଥିବା ଅଧିକାରୀ ଓ କର୍ମଚାରୀଙ୍କୁ ନୂଆ ଜାଗାକୁ ବଦଳି କରାଯିବ। କାର୍ଯ୍ୟ କରୁଥିବା ସ୍ଥାନରେ ସେମାନଙ୍କୁ ରହିବାକୁ ଅନୁମତି ମିଳିବ ନାହିଁ। ଯଦି ଉଭୟ ସ୍ୱାମୀ ଓ ସ୍ତ୍ରୀ ସରକାରୀ କର୍ମଚାରୀ ବା ଅଧିକାରୀ ହୋଇଥାନ୍ତି, ତେବେ ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେମାନଙ୍କୁ ନିକଟସ୍ଥ ଅଞ୍ଚଳ କିମ୍ବା ସମାନ ସ୍ଥାନରେ ନିଯୁକ୍ତି ଦିଆଯିବ। ଯେଉଁ ଅଧିକାରୀମାନେ ୨ ବର୍ଷ ଭିତରେ ଅବସର ଗ୍ରହଣ କରିବାକୁ ଚାହିଁବେ, ସେମାନେ ଯେଉଁଠାରେ ଅଛନ୍ତି ସେଠାରେ ରହିପାରିବେ ନଚେତ ସେମାନଙ୍କୁ ନିଜ ଜିଲାକୁ ବଦଳି କରାଯାଇପାରିବ। କମିଟି ମାଧ୍ୟମରେ ବଦଳି ଓ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବାକୁ ବିଭାଗ ନିଷ୍ପତ୍ତି ନେଇଛି। କମିଟିର ମୁଖ୍ୟ ଦାୟିତ୍ୱରେ ସ୍ୱତନ୍ତ୍ର ବା ଅତିରିକ୍ତ ସଚିବସ୍ତରର ଅଧିକାରୀ ରହିବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

# ଅଯୋଧ୍ୟା, ବାରାଣସୀ ଗଲେ ୭୭୫ ବରିଷ୍ଠ ନାଗରିକ

## ଦ୍ୱିତୀୟ ପର୍ଯ୍ୟାୟ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ

### ଶୁଭକାମନା ଜଣାଇଲେ ଉପମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର,୧୯।୯(ସ୍ମିତରଞ୍ଜନ ମହାଳିକ)

ବ୍ରହ୍ମପୁର ରେଳ ଷ୍ଟେଶନରୁ ଶୁକ୍ରବାର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଦ୍ୱିତୀୟ ଟ୍ରେନ୍ ଅଯୋଧ୍ୟା ଓ ବାରାଣସୀ ଅଭିମୁଖେ ଯାଇଛି। ଏହି ଟ୍ରେନ୍‌କୁ ବ୍ରହ୍ମପୁର ରେଲୱେ ଷ୍ଟେଶନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବା ସହ ବରିଷ୍ଠ ନାଗରିକମାନଙ୍କୁ ଶୁଭକାମନା ଜଣାଇଛନ୍ତି। ଉକ୍ତ ଟ୍ରେନ୍‌ରେ ୫ ଜିଲାର ୭୭୫ ବରିଷ୍ଠ ନାଗରିକ ଓ ୨୫ ଏସ୍କର୍ଟ ଯାତ୍ରା କରିଛନ୍ତି। ତୀର୍ଥଯାତ୍ରୀଙ୍କ ମଧ୍ୟରେ ଗଞ୍ଜାମ ଜିଲାରୁ ୪୩୮ ଜଣ, ଗଜପତିରୁ ୭୨, ବୌଦ୍ଧରୁ ୫୫, ନୟାଗଡ଼ରୁ ୧୧୯ ଓ କନ୍ଧମାଳରୁ ୯୧ଜଣ ଅଛନ୍ତି। ବ୍ରହ୍ମପୁର ଷ୍ଟେଶନ ପରିସରରେ ସେମାନଙ୍କୁ ସ୍ୱାଗତ ଜଣାଇବା ନିମନ୍ତେ ଗଞ୍ଜାମର ବିଭିନ୍ନ ଲୋକକଳା ପ୍ରଦର୍ଶନ କରାଯାଇଥିଲା।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ତୀର୍ଥଯାତ୍ରା ଟ୍ରେନ୍‌କୁ ସବୁଜ ପତାକା ଦେଖାଉଛନ୍ତି।

ଗୁରୁବାର ରାତିରେ ରେଳ ଷ୍ଟେଶନ ନିକଟସ୍ଥ ଗୁରୁକୁଳ ସ୍କୁଲରେ ସ୍ୱାଗତ କରି ସେମାନଙ୍କର ରହଣି, ସ୍ୱାସ୍ଥ୍ୟ ପରୀକ୍ଷା, ଖାଦ୍ୟପେୟ ସମେତ ସମସ୍ତ ବ୍ୟବସ୍ଥା ଜିଲା ପ୍ରଶାସନ ତରଫରୁ କରାଯାଇଥିଲା। ତୀର୍ଥଯାତ୍ରୀମାନେ ପବିତ୍ର ଗଙ୍ଗାଘାଟ, ବାରାଣସୀର ଶୈବ ପୀଠ, ଗଙ୍ଗା ଆଳତି ଓ କାଶୀ ବିଶ୍ୱନାଥ ମନ୍ଦିର ପରିଦର୍ଶନ କରିବେ। ଏହାପରେ ଅଯୋଧ୍ୟାରେ ରାମ ଲାଲାଙ୍କ ସାନ୍ନିଧ୍ୟ ଲାଭ କରି ଫେରିବେ ବୋଲି କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ତୀର୍ଥଯାତ୍ରୀଙ୍କ ୫ ରାତି ଓ ୬ ଦିନ ଯାତ୍ରା ସୁଗମମୟ କାମନା କରିଥିଲେ। ଏଥିସହ ଯାତ୍ରୀଙ୍କ ସହ ଯାଉଥିବା ଏସ୍କର୍ଟ ଅଧିକାରୀଙ୍କୁ ତୀର୍ଥଯାତ୍ରୀଙ୍କ ଯେପରି କୌଣସି ଅସୁବିଧା ନ ହେବ ସେଥିପ୍ରତି ଧ୍ୟାନଦେବାକୁ ଅନୁରୋଧ କରିଥିଲେ। ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନ ବରିଷ୍ଠ ନାଗରିକମାନଙ୍କୁ ତୀର୍ଥର ଆନନ୍ଦ ଉଠାଇ ମନ ଓ ଶରୀରକୁ ପ୍ରଫୁଲ୍ଲିତ ରଖିବାକୁ ପରାମର୍ଶ ଦେଇଥିଲେ। ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ପର୍ଯ୍ୟଟନ ବିଭାଗର ଅତିରିକ୍ତ ଶାସନ ସଚିବ ଡ. ରୁଦ୍ର ନାରାୟଣ ଦାସ ଓ ଭାଜପା ଜିଲା ସଭାପତି ସରୋଜ ସାବତ ଉପସ୍ଥିତ ଥିଲେ। ପର୍ଯ୍ୟଟନ ଅଧିକାରୀ ପାର୍ଥ ସାରଥି ହାଂସଦା ଧନ୍ୟବାଦ ଦେଇଥିଲେ। ଶେଷରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ବ୍ରହ୍ମପୁର ଅଧିଷ୍ଠାତ୍ରୀ ଦେବୀ ବୁଢ଼ୀ ଠାକୁରାଣୀ ମନ୍ଦିର ଦର୍ଶନ କରିବା ସହ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଥିଲେ।

# ୪,୬୧୯ ପ୍ରାଥମିକ ବିଦ୍ୟାଳୟ ବନ୍ଦ ରହିଛି: ମନ୍ତ୍ରୀ ନିତ୍ୟାନନ୍ଦ

## ସରକାର ଖୋଲିଛନ୍ତି ୪୬ ବିଦ୍ୟାଳୟ

ଭୁବନେଶ୍ୱର,୧୯।୯(ରବିନାରାୟଣ ଜେନା)

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୪୬୧୯ଟି ପ୍ରାଥମିକ ବିଦ୍ୟାଳୟ ବନ୍ଦ ରହିଛି। ଛାତ୍ରୀଛାତ୍ର ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ୪୬ଟି ବିଦ୍ୟାଳୟକୁ ଖୋଲା ଯାଇଥିବାବେଳେ ଆଉ ୫ଟିକୁ ଖୋଲିବା ପାଇଁ ସରକାରଙ୍କ ନିକଟରେ ପ୍ରସ୍ତାବ ରହିଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଶୁକ୍ରବାର ଭାଜପା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୨୦ରେ ଜାରି ବିଜ୍ଞପ୍ତି ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମୋଟ ୪୬୧୯ଟି ପ୍ରାଥମିକ ବିଦ୍ୟାଳୟ ବନ୍ଦହୋଇ ରହିଛି।

ଏଥିମଧ୍ୟରେ ସର୍ବାଧିକ ୩୯୩ଟି ବିଦ୍ୟାଳୟ କଟକ ଜିଲାରେ ରହିଥିବାବେଳେ ଗଞ୍ଜାମରେ ୩୨୬, ମୟୂରଭଞ୍ଜରେ ୩୦୮, ଯାଜପୁରରେ ୨୮୩, କୋରାପୁଟରେ ୨୪୮, ଗଜପତିରେ ୨୪୭, କେନ୍ଦ୍ରାପଡ଼ାରେ ୧୯୫ ବିଦ୍ୟାଳୟ ରହିଛି। ଏହାବାଦ୍ ଅନ୍ୟ ଜିଲାଗୁଡ଼ିକରେ ଅବଶିଷ୍ଟ ବନ୍ଦ ବିଦ୍ୟାଳୟ ରହିଥିବାବେଳେ ପୁରୀରେ କୌଣସି ପ୍ରାଥମିକ ବିଦ୍ୟାଳୟ ଏହି ତାଲିକାରେ ନାହିଁ। ଅନ୍ୟପକ୍ଷରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ଯୋଗୁ ବନ୍ଦ ହୋଇ ରହିଥିବା ବିଦ୍ୟାଳୟ ମଧ୍ୟରୁ ୪୬ଟିକୁ ସରକାର ଖୋଲିଥିବା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ସେଥିମଧ୍ୟରେ ଖୋଲାଯାଇଥିବା ୪୬ଟି ବିଦ୍ୟାଳୟ ମଧ୍ୟରୁ ଢେଙ୍କାନାଳରେ ସର୍ବାଧିକ ୨୨ଟି ଥିବାବେଳେ ଦେବଗଡରେ ୧୦, ବରଗଡରେ ୭, ଯାଜପୁରରେ ୪ ଓ ଖୋର୍ଦ୍ଧାରେ ୩ଟି ବିଦ୍ୟାଳୟ ରହିଛି। ସେହିଭଳି ଆଉ ୫ଟି ବିଦ୍ୟାଳୟକୁ ଖୋଲିବା ପାଇଁ ନବରଙ୍ଗପୁର ଜିଲାରୁ ଆସିଥିବା ପ୍ରସ୍ତାବ ସରକାରଙ୍କ ନିକଟରେ ରହିଛି ବୋଲି ମନ୍ତ୍ରୀ ବିଧାନସଭାକୁ ଜଣାଇଛନ୍ତି।

# ପିଲାଙ୍କୁ କାହାଣୀ ମାଧ୍ୟମରେ ପାଠପଢ଼ା ପ୍ରତି ଉତ୍ସାହିତ କରନ୍ତୁ ଅଭିଭାବକ

## 'ନିପୁଣ ସପ୍ତାହ' କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୯।୯(ସୁଚିସ୍ମିତା ସାହୁ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ସରକାରୀ ବିଦ୍ୟାଳୟଗୁଡ଼ିକରେ ଆୟୋଜିତ 'ନିପୁଣ ସପ୍ତାହ' କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଛି। ଏହି ଅବସରରେ ମା'ଙ୍କ ପାଇଁ ସଚେତନତା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ମା'ମାନଙ୍କୁ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନର ଗୁରୁତ୍ୱ ଉପରେ ବୁଝାଯାଇଥିଲା। ଘରେ ଅଭିଭାବକମାନେ ପିଲାଙ୍କୁ କାହାଣୀ ମାଧ୍ୟମରେ ପାଠପଢ଼ା ପ୍ରତି ପ୍ରୋତ୍ସାହନ କରିବାକୁ କୁହାଯାଇଥିଲା। ଏଥିସହ ଶିକ୍ଷାର୍ଥୀମାନଙ୍କ ରିପୋର୍ଟ କାର୍ଡ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଦୁଇଦିନ ମୌଳିକ ସଂଖ୍ୟାଜ୍ଞାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶିକ୍ଷାର୍ଥୀମାନେ ଗଣିତ ଖେଳ, ସମସ୍ୟା ସମାଧାନ, ଗପ ଆଧାରିତ ଗଣିତ କାର୍ଡ ବ୍ୟବହାର କରି ଉତ୍ସାହର ସହ ଗଣିତ କରିଥିଲେ। ତୃତୀୟ ଏବଂ ଚତୁର୍ଥ ଦିନ ମୌଳିକ ସାକ୍ଷରତା ଉପରେ ଗୁରୁତ୍ୱ ଦେବା ସହିତ ଶିକ୍ଷାର୍ଥୀମାନେ ଗପ, ଗୀତ, ଖେଳ ଓ ବିଭିନ୍ନ ଶିକ୍ଷଣ ସାମଗ୍ରୀ ବ୍ୟବହାର କରି ମୌଖିକ ଭାଷା, ଡିକୋଡିଂ, ପଠନ ଓ ଲିଖନ କରିଥିଲେ। 'ନିପୁଣ ସପ୍ତାହ' କାର୍ଯ୍ୟକ୍ରମ ଶିକ୍ଷାର୍ଥୀମାନଙ୍କର ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଦକ୍ଷତାକୁ ସୁଦୃଢ଼ କରିବା ଦିଗରେ ଏକ ବଡ଼ ପଦକ୍ଷେପ। ଏହି କାର୍ଯ୍ୟକ୍ରମ ସେମାନଙ୍କୁ ଜୀବନବ୍ୟାପୀ ଶିକ୍ଷା ପାଇଁ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ। ଖେଳ ମାଧ୍ୟମରେ ଗୁଣନ, ଯୋଗ, ବିୟୋଗ ଏବଂ ଅନ୍ୟାନ୍ୟ ଗାଣିତିକ ଧାରଣା ସହଜରେ ବୁଝିପାରୁଛନ୍ତି। କାହାଣୀ ଶବ୍ଦ ଖେଳ, ସେମାନଙ୍କର ଭାଷା ଏବଂ ବୋଧଗମ୍ୟତା ଦକ୍ଷତାକୁ ଉନ୍ନତ କରୁଛି। ପିଲାମାନେ ନିଜ ପାଠପଢ଼ା ପ୍ରତି ଅଧିକ ଧ୍ୟାନ ଦେବା ସହ ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଉଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ପ୍ରଥମ ପୃଷ୍ଠାରୁ...

## ସାତକୋଶିଆରେ ନିର୍ମାଣ...

ଏ ସମ୍ପର୍କରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ସଞ୍ଜୟ ସ୍ୱାଇଁଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସେ ସାତକୋଶିଆ ବନଖଣ୍ଡ ଅଧିକାରୀଙ୍କୁ ପଚାରନ୍ତୁ ବୋଲି କହିଥିଲେ। ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଗଦାଧର ପାତ୍ର କହିଛନ୍ତି, ପ୍ରଶାସନିକ ଅନୁମୋଦନ ବାତିଲ ନେଇ ତାଙ୍କ ପାଖରେ କୌଣସି ତଥ୍ୟ ନାହିଁ। ଜିଲା ପର୍ଯ୍ୟଟନ ବିଭାଗ ଦାୟିତ୍ୱରେ ଥିବା ଅଧିକାରୀ ଶୁଭେନ୍ଦୁ ଜେନା କହିଛନ୍ତି, ସାତକୋଶିଆ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ମଧ୍ୟରେ ଚାଲିଥିବା ସମନ୍ୱିତ ପର୍ଯ୍ୟଟନ ବିକାଶ ପ୍ରକଳ୍ପର ପ୍ରଶାସନିକ ଅନୁମୋଦନକୁ ବାତିଲ କରାଯାଇଥିବା ନେଇ ଏକ ଚିଠି ଆମ ପାଖକୁ ଆସିଛି। ତେବେ କେଉଁ କାରଣ ପାଇଁ ଏହି ଅନୁମୋଦନ ବାତିଲ କରାଯାଇଛି, ତାହା ସ୍ପଷ୍ଟ ଉଲ୍ଲେଖ କରାଯାଇନାହିଁ। ଅଦାଲତରେ ମାମଲା ହେତୁ ଏହା ବାତିଲ ହୋଇଥାଇପାରେ ବୋଲି ଜିଲା ପର୍ଯ୍ୟଟନ ବିଭାଗ ଦାୟିତ୍ୱରେ ଥିବା ଅଧିକାରୀ ଜେନା ପ୍ରକାଶ କରିଛନ୍ତି।


# ସାତକୋଶିଆରେ ବେଆଇନ ନିର୍ମାଣର ତଦନ୍ତ ନିର୍ଦ୍ଦେଶ

## ରାଜ୍ୟ, କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ,୬।୮

ଓଡ଼ିଶାର ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟରେ ବେଆଇନ ନିର୍ମାଣର ତଦନ୍ତ ପାଇଁ ବୁଧବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ନିର୍ମାଣ ଓ ପର୍ଯ୍ୟଟନ ପ୍ରକଳ୍ପ ପ୍ରତିଷ୍ଠା ସକାଶେ ପ୍ରଦାନ କରାଯାଉଥିବା ଆପତ୍ତି ବିହୀନ ପ୍ରମାଣପତ୍ର (ଏନ୍‌ଓସି)କୁ ଚ୍ୟାଲେଞ୍ଜକରି ଦାଖଲ ହୋଇଥିବା ଏକ ପିଟିଶନର ଶୁଣାଣିକରି କେନ୍ଦ୍ର ସରକାର, କେନ୍ଦ୍ରୀୟ କ୍ଷମତାପ୍ରାପ୍ତ କମିଟି (ସିଇସି), ରାଜ୍ୟ ସରକାର ଓ ଅନ୍ୟ କର୍ତ୍ତୃପକ୍ଷମାନଙ୍କୁ ସର୍ବୋଚ୍ଚ ଅଦାଲତ ନୋଟିସ ଜାରି କରିଛନ୍ତି।

ଅନୁଗୋଳ ଓ ନୟାଗଡ଼ ଜିଲାରେ ସାତକୋଶିଆ ଅଭୟାରଣ୍ୟ ଅବସ୍ଥିତ। ମହାନଦୀର ଗୋଟିଏ ପାର୍ଶ୍ୱରେ ସାତକୋଶିଆ ଗଣ୍ଡ ଅଭୟାରଣ୍ୟ ରହିଥିବାବେଳେ ଅନ୍ୟ ପାର୍ଶ୍ୱରେ ବୈସିପଲ୍ଲୀ ବନ୍ୟପ୍ରାଣୀ ଅଭୟାରଣ୍ୟ ରହିଛି। ୧,୧୩୬.୭୦ ବର୍ଗ କି.ମି. ଅଞ୍ଚଳରେ ବିସ୍ତୃତ ଏହି ଅଭୟାରଣ୍ୟ ୧୯୭୬ରେ ପ୍ରତିଷ୍ଠା କରାଯାଇଥିଲା। ୧୯୯୦ରେ ଏହାକୁ ବ୍ୟାଘ୍ର ଅଭୟରାଣ୍ୟର ମାନ୍ୟତା ମିଳିଥିଲା। ଏହି ଜଙ୍ଗଲରେ ଏସୀୟ ହାତୀ, ଘଡ଼ିଆଳ ଓ ମଗର କୁମ୍ଭୀର ଆଦି ଅନେକ ବିଲୁପ୍ତପ୍ରାୟ ପ୍ରାଣୀ ବସବାସ କରନ୍ତି। ତେବେ ବିଭିନ୍ନ ପ୍ରଜାତିର ଜଳଜୀବ ଓ ଜୈବବିବିଧତା ପରିପୂର୍ଣ୍ଣ ଏହି ଅଞ୍ଚଳରେ ଇତିମଧ୍ୟରେ ଅନେକ ବେଆଇନ ☞ପୃଷ୍ଠା–୨


୨୦୨୫ ଅଗଷ୍ଟ ୭ରେ 'ଧରିତ୍ରୀ'ରେ ପ୍ରକାଶିତ ଖବର।

## ୨୬ରେ ଲଘୁଚାପ...

ମାଲକାନଗିରି ଓ ବାଲେଶ୍ୱର ଜିଲାର କିଛି ସ୍ଥାନରେ ବର୍ଷା, ପବନ ଓ ବଜ୍ରପାତ ହେବା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ୨୧ ଓ ୨୨ ତାରିଖ (ରବିବାର ଓ ସୋମବାର)ରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଯାଜପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, କନ୍ଧମାଳ ଓ ରାୟଗଡ଼ା ଜିଲାର କିଛି ସ୍ଥାନରେ ଝଟକାପବନ ବହିବା ସହିତ ବଜ୍ରପାତ ସମ୍ଭାବନା ରହିଛି। ୨୦ରୁ ୨୫ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ପାଇଁ ୟେଲୋ ୱାର୍ନିଂ ଜାରି ହୋଇଥିବାବେଳେ ୨୬ ତାରିଖ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ। ଫଳରେ ଆଗକୁ ବର୍ଷା ବଢ଼ିପାରେ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

## ସ୍ତ୍ରୀଙ୍କ ମୁଣ୍ଡ କାଟିଲେ...

୪ ଦିନ ପୂର୍ବରୁ ଜୟନ୍ତୀ ଗାଁକୁ ଫେରିଥିଲେ। ପରକୀୟା ପ୍ରୀତି ସନ୍ଦେହରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ପୂର୍ବରୁ କଳହ ଲାଗିରହିଥିଲା। ଗୁରୁବାର ରାତିରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ବିଳମ୍ବିତ ରାତିରେ ଜୟନ୍ତୀ ଘରେ ଶୋଇଥିବା ଅବସ୍ଥାରେ ସ୍ୱାମୀ ଚନ୍ଦ୍ରମୋହନ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ବେକକୁ କାଟି ହତ୍ୟା କରିଥିଲେ। ବିଭତ୍ସ ହତ୍ୟାକାଣ୍ଡ ଘଟାଇ ଶୁକ୍ରବାର ସକାଳେ ଚନ୍ଦ୍ରମୋହନ ରାଇବଣିଆ ଥାନାରେ ଆତ୍ମସମର୍ପଣ କରିଥିଲେ। ଘଟଣାସ୍ଥଳରେ ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ ବେହେରା, ରାଇବଣିଆ ଥାନା ଅଧିକାରୀ ଲୋପାମୁଦ୍ରା ପଣ୍ଡା ୩ ଜଣିଆ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ଥାନାରେ ଏକ ମାମଲା ନଂ. ୮୪/୨୫) ରୁଜୁ କରି ପୋଲିସ ମୃତଦେହ ଜବତ କରିଛି। ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ହତ୍ୟାକାଣ୍ଡ ସମ୍ପର୍କରେ ଅଧିକ ପଚରାଉଚରା ଜାରି ରଖିଛି। ଅପରପକ୍ଷରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଅଭିଯୁକ୍ତ ଚନ୍ଦ୍ରମୋହନ ୧୦ ବର୍ଷ ତଳେ ନିଜ ବାପାଙ୍କୁ ହାଣି ହତ୍ୟା ଉଦ୍ୟମ କରିଥିଲେ ବୋଲି ଗ୍ରାମବାସୀ କହିଛନ୍ତି।






**ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ**

ବଳଙ୍ଗା,(କେଦାରେଶ୍ୱର ନନ୍ଦ)-ବଳଙ୍ଗା ଥାନା ଅନ୍ତର୍ଗତ ଉଛୁପୁର ପଞ୍ଚାୟତ ଅଧୀନ ନରୁଡ଼ା ଗ୍ରାମର ଧରମା ଖଟୋଇ (୯୦) ଗୁରୁବାର ଅପରାହ୍ଣରେ ଶୌଚ ହେବାକୁ ଯାଇଥିବାବେଳେ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଧର୍ମୁ ଗାଁ ପୋଖରୀକୁ ଶୌଚ ହେବାକୁ ଯାଇ ଆଉ ଫେରି ନଥିଲେ। ତାଙ୍କର ଏକମାତ୍ର ପୁଅ ନବକିଶୋର ଖଟୋଇ ଓ ଖୋଜାଖୋଜି କରିବାରୁ ପୋଖରୀ କୂଳରେ ଗାମୁଛା ଓ ଠେଙ୍ଗା ଥୁଆ ହୋଇଥିବା ଦେଖିବାକୁ ପାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି କରିବା ପରେ ଧର୍ମୁଙ୍କ ମୃତଦେହ ପୋଖରୀରୁ ମିଳିଥିଲା। ବଳଙ୍ଗା ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୯|୯|୨୦୨୫

| | |
|---|---|
| ୫,୩୫,୯୦୯ ଟଙ୍କା | |
| ସୁନା | ୭.୧୫୦ ଗ୍ରାମ୍ |
| ରୁପା | ୩୬୨.୮୦୦ ଗ୍ରାମ୍ |

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ

କୋଣାର୍କ,୧୯।୯(ଜ୍ୟୋତିରାଜ ମହାନ୍ତି)

କୋଣାର୍କ-ପୁରୀ ମେରାଇନ ଡ୍ରାଇଭ୍ ରାସ୍ତା ରାମଚଣ୍ଡୀ ବୋଟିଂ କମ୍ପ୍ଲେକ୍ସ ନିକଟରେ ଭାରସାମ୍ୟ ହରାଇ ଜଣେ ବାଇକ୍ ଆରୋହୀ ଦୁର୍ଘଟଣାର ଶିକାର ହୋଇଛନ୍ତି। ଫଳରେ ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଟିକନା ଗାଁର ସୁରେନ୍ଦ୍ର ବେହେରା(୩୬)। ସୂଚନାଯୋଗ୍ୟ, ସୁରେନ୍ଦ୍ର କୋଣାର୍କରୁ ବାଇକ୍ ଯୋଗେ ଗାଁକୁ ଫେରୁଥିବା ବେଳେ କୌଣସି କାରଣବଶତଃ ବାଇକ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଥିଲା। ସେଠାରେ ସେ ଗୁରୁତର ଅବସ୍ଥାରେ ପଡ଼ିଥିବା ବେଳେ ଚନ୍ଦ୍ରଭାଗା ମେରାଇନ ପୋଲିସ ଉଦ୍ଧାର କରି କୋଣାର୍କ ମେଡ଼ିକାଲ ଓ ପରେ ପରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଯୁବକଙ୍କ ଏକ ମାସର ପୁତ୍ର ସନ୍ତାନ ରହିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସେ ରାମଚଣ୍ଡୀ ସ୍ଥିତ ଲୋଟସ୍ ରିସର୍ଟରେ ସିକ୍ୟୁରିଟି ଭାବେ କାର୍ଯ୍ୟକରି ପରିବାର ପ୍ରତିପୋଷଣ କରନ୍ତି। ତାଙ୍କର ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଓ ଦୁର୍ଘଟଣା ଜନିତ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ଚନ୍ଦ୍ରଭାଗା ମେରାଇନ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଥାନାଧିକାରୀ ପ୍ରତିମା ସାହୁ ସୂଚନା ଦେଇଛନ୍ତି।

### ପୀଡ଼ିତାଙ୍କ ପାଇଁ ନ୍ୟାୟ ଦାବି କଲା ନାରୀ ନ୍ୟାୟ ବାହିନୀ

ପୁରୀ,୧୯।୯(ଅଜିତ୍ କୁମାର ମହାନ୍ତି)

ବ୍ରହ୍ମଗିରି ଅଞ୍ଚଳରେ ଘଟିଯାଇଥିବା ଗଣବଳାତ୍କାର ମାମଲାରେ ନାରୀ ନ୍ୟାୟ ବାହିନୀର ଆବାହିକା ଡ. ଗାୟତ୍ରୀ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପୀଡ଼ିତାଙ୍କ ଘରକୁ ଯାଇ ପରିବାର ସଦସ୍ୟଙ୍କୁ ଭେଟି ଆଶ୍ୱାସନା ଜଣାଇବା ସହ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ପରେ ବାହିନୀର ସଦସ୍ୟମାନେ ପୁରୀ ସଦର ଥାନା ଏବଂ ଏସ୍ପିଙ୍କ କାର୍ଯ୍ୟାଳୟକୁ ଯାଇ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ପୀଡ଼ିତାଙ୍କୁ ନ୍ୟାୟ ଏବଂ ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେମାନେ ଦାବି କରିଥିଲେ। ଉକ୍ତ ପ୍ରତିନିଧି ଦଳରେ ମଧୁସ୍ମିତା ଦାସ, ସୂର୍ଯ୍ୟସ୍ମିତା ପଣ୍ଡା, ଶେଫାଳି ଶର୍ମା, ସୃଷ୍ଟି ସୋମେନ ଓ ରଂଯୁକ୍ତା ବେହେରା ପ୍ରମୁଖ ସାମିଲ ଥିଲେ।

# ପୋକରା କାଜୁ, ନକଲି ପୋସ୍ତକ ବିକ୍ରି

କୋଣାର୍କ,୧୯।୯(ଜ୍ୟୋତିରାଜ ମହାନ୍ତି)

କୋଣାର୍କରେ ଦୀର୍ଘ ଦିନ ହେଲା ପୋକରା ଓ ନିମ୍ନମାନର କାଜୁ ବିକ୍ରି ହେଉଥିବା ପର୍ଯ୍ୟଟକମାନେ ଅଭିଯୋଗ କରିଆସୁଥିଲେ। କୋଣାର୍କ ଓ ଚନ୍ଦ୍ରଭାଗା ରାସ୍ତା ପାର୍ଶ୍ୱ ଦୋକାନରେ ପୋକରା କାଜୁ ଓ ପୋସ୍ତକ ନାମରେ ଘାସ ମଞ୍ଜିକୁ 'ରାମଦାନା' କହି ପର୍ଯ୍ୟଟକଙ୍କୁ ବିକ୍ରି ହେଉଥିଲା। ଶୁକ୍ରବାର କୋଣାର୍କର ବିଭିନ୍ନ କାଜୁ ଦୋକାନରେ କୋଣାର୍କ ପୋଲିସ ଓ ଖାଦ୍ୟ ସୁରକ୍ଷା ଅଧିକାରୀ ମିଳିତ ଭାବେ ଚଢ଼ାଉ କରିଥିଲେ। କୋଣାର୍କ ରିଂ ରୋଡ୍, ଟୁରିଷ୍ଟ ମାର୍କେଟ, ନବଗ୍ରହ ରୋଡ୍ ରାସ୍ତା ପାର୍ଶ୍ୱରେ ପ୍ରାୟ ୩୨ଟି କାଜୁ ଦୋକାନରେ ଚଢ଼ାଉ କରାଯାଇଥିବାବେଳେ ୨ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। କେତେଜଣ ଅସାଧୁ ବ୍ୟବସାୟୀ ଲୋଭନୀୟ ଜରି ପ୍ୟାକେଟ୍ ଭିତରେ ପୋକରା କାଜୁ ରଖି ଚଢ଼ାଦରରେ ପର୍ଯ୍ୟଟକଙ୍କୁ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ଗତ ୨୦୨୫ ଜାନୁଆରୀ ୨୭ରେ ପୁରୀ ଜିଲା ଖାଦ୍ୟ ନିରାପତ୍ତା ଅଧିକାରୀ ପୀୟୂଷ ରଞ୍ଜନ ତାରେଣିଆଙ୍କ ନେତୃତ୍ୱରେ ଭୁବନେଶ୍ୱରରୁ ଆସିଥିବା ମୋବାଇଲ୍ ଲାବୋରେଟୋରୀ ଟେଷ୍ଟିଂ ଯାନ ସହ ୪ ଜଣିଆ ଟିମ୍ କୋଣାର୍କ ଟୁରିଷ୍ଟ ମାର୍କେଟ ସମେତ ବିଭିନ୍ନ ସ୍ଥାନରେ ପୋକରା ଓ ନିମ୍ନମାନର କାଜୁ ବିକ୍ରି କରି ପର୍ଯ୍ୟଟକଙ୍କୁ ଲୁଟ୍ କରୁଥିବା ଅସାଧୁ ବ୍ୟବସାୟୀଙ୍କ ଦୋକାନ ଉପରେ ଚଢ଼ାଉ କରିଥିଲେ। ଏହି ସମୟରେ କୌଣସି ସୂତ୍ରରୁ ଖବରପାଇ ଅଧିକାଂଶ ଅସାଧୁ କାଜୁ ବ୍ୟବସାୟୀ ଚଢ଼ାଉ ଭୟରେ ଦୋକାନ ବନ୍ଦ କରି ଲୁଚି ପଳାଇଥିଲେ। କାଜୁ ଦୋକାନଗୁଡ଼ିକରୁ କାଜୁ ଓ ରାମଦାନା ସଂଗ୍ରହ କରି ଭୁବନେଶ୍ୱରସ୍ଥିତ ମାନ ପରୀକ୍ଷା କେନ୍ଦ୍ରକୁ ପଠାଇଥିଲେ। ଏ ସମ୍ପର୍କରେ ଖାଦ୍ୟ ନିରାପତ୍ତା ଅଧିକାରୀ ପୀୟୂଷ ରଞ୍ଜନ ତାରେଣିଆଙ୍କୁ ପଚାରିବାରୁ ଆଗାମୀ ଦିନରେ ନିୟମିତ ଭାବେ କାଜୁ ବ୍ୟବସାୟୀଙ୍କ ଉପରେ ଚଢ଼ାଉ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



ଏକ କାଜୁ ଦୋକାନରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଉଛି ।

**୩୨ଦୋକାନରେ ଚଢ଼ାଉ, ୨ ହଜାର ଟଙ୍କା ଜରିମାନା ଆଦାୟ**





ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅବସରରେ ମାଲଖମ୍ବ ପ୍ରଦର୍ଶନ କରାଯାଉଛି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ସମୁଦ୍ରତଟରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ପୁରୀ,୧୯।୯(ଅଜିତ୍ କୁମାର ମହାନ୍ତି)

ଦେଶବ୍ୟାପୀ 'ସ୍ୱଚ୍ଛତା ହି ସେବା' ଅଭିଯାନ ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ପାଳନ କରାଯାଉଛି। ଏହାର ଅଂଶସ୍ୱରୂପ ପୁରୀ ପୌରପାଳିକା ତରଫରୁ ସମୂହ ସଫେଇ ଅଭିଯାନ, ସ୍ୱଚ୍ଛତା ରାଲି, ସ୍ୱଚ୍ଛତା ପ୍ରତିଜ୍ଞା, ବିଦ୍ୟାଳୟୀନ ପ୍ରତିଯୋଗିତା, ଘର, ବ୍ୟବସାୟିକ ପ୍ରତିଷ୍ଠାନ ଓ ପୂଜାମଣ୍ଡପରେ ସଚେତନତା କାର୍ଯ୍ୟକ୍ରମ ଇତ୍ୟାଦି ଆୟୋଜନ କରାଯାଉଛି। ବ୍ଲୁ ଫ୍ଲାଗ ବିଚ୍ ପରିସରରେ ଶୁକ୍ରବାର ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ମ୍ୟୁନିସିପାଲିଟିର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ପରିମଳ ବିଶେଷଜ୍ଞ, ଗରିମା ବିଶେଷଜ୍ଞ, ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଓ ସାଧାରଣ ନାଗରିକମାନେ ଯୋଗ ଦେଇଥିଲେ। ସମୁଦ୍ରତଟରେ ସ୍ୱଚ୍ଛତା ପ୍ରତିଜ୍ଞା ପାଠ କରାଯାଇଥିଲା। ଏହାସହିତ, ବିଦ୍ୟାଳୟୀନ ଛାତ୍ରୀଛାତ୍ରଙ୍କ ଅଭିନବ ପ୍ରୟାସରେ ଏବର୍ଷର ସ୍ୱଚ୍ଛତା ହିଁ ସେବା ପ୍ରଥା 'ସ୍ୱଚ୍ଛୋତ୍ସବ' ଉପରେ ଏକ ମାନବଶୃଙ୍ଖଳ ଗଠନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମଲଖମ୍ବ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଥିଲା।

### ସାପ କାମୁଡ଼ାରେ ମହିଳା ମୃତ

ନିମାପଡ଼ା,୧୯।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ତେରୁଣ୍ଡିଆ ପଞ୍ଚାୟତର ରାଜରାଣି ଖରିଜାସାହି ଗ୍ରାମରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ଜ୍ୟୋତ୍ସ୍ନାରାଣୀ ଜେନା (୫୨)। ଜ୍ୟୋତ୍ସ୍ନାରାଣୀ ଶୁକ୍ରବାର ସକାଳେ ନିଜ ବାଡ଼ିକୁ ପରିବା ଆଣିବାକୁ ଯାଇଥିବାବେଳେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। କିଛି ସମୟ ପରେ ସେ ଘରେ ଅସୁସ୍ଥ ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକ ତାଙ୍କୁ ନିମାପଡ଼ା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ମୃତା ଜ୍ୟୋତ୍ସ୍ନାରାଣୀଙ୍କ ସ୍ୱାମୀ ରାମଚନ୍ଦ୍ର ଜେନା ଥାନାରେ ଅଭିଯୋଗ କରିଥିଲେ। ଖବରପାଇ ପୋଲିସ ମେଡ଼ିକାଲରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡ଼ିକାଲକୁ ପଠାଇଛି। ଏ ସମ୍ପର୍କରେ ପୋଲିସ କେସ୍ ନଂ ୨୫/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମୃତା ମହିଳାଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ବରିଷ୍ଠ ଭାଜପା ନେତା ଶ୍ୟାମସୁନ୍ଦର ନାୟକ, ଚାରିଛକ ମଣ୍ଡଳ ସଭାପତି ପ୍ରଭାତ ନାୟକ, ସନ୍ତୋଷ ବେହେରା, ସରପଞ୍ଚ ନିରୁପମା ପ୍ରଧାନ, ସମିତିସଭ୍ୟା ତିଳୋତ୍ତମା ବାରିକଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

## ୧୩ରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀଙ୍କ ବିରୋଧରେ ମାମଲା

ନିମାପଡ଼ା,୧୯।୯(ବିଚିତ୍ରାନନ୍ଦ ସାହୁ)

**ବ୍ଲକ କାର୍ଯ୍ୟାଳୟରେ ଅନଧିକାର ପ୍ରବେଶ, ପାଟିତୁଣ୍ଡ କରିବା ଅଭିଯୋଗ**

ମିଶନଶକ୍ତି ବିଭାଗ ପକ୍ଷରୁ ନିମାପଡ଼ା ବ୍ଲକର ୩୨ଟି ପଞ୍ଚାୟତରେ ଏସ୍ଏଚ୍‌ଜି, ସିଏଲ୍ଏଫ୍, ଜିପିଏଲ୍ଏଫ୍ ଏବଂ ବିଏଲ୍ଏଫ୍ ପ୍ରମୁଖ ମହିଳା ମହାସଂଘଗୁଡ଼ିକର ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଚାଲିଛି। ଏହି ଚୟନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ଆଣି ଚୟନକୁ ସ୍ଥଗିତ ରଖାଯିବା ଦାବିରେ ମହିଳା ମହାସଂଘଗୁଡ଼ିକର କର୍ମକର୍ତ୍ତାମାନେ ଗୁରୁବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବ୍ଲକ କାର୍ଯ୍ୟାଳୟରେ ବିନା ନୋଟିସରେ ଶତାଧିକ ମହିଳା ଅନଧିକାର ଭାବେ ପ୍ରବେଶ କରିବା, ଆନ୍ଦୋଳନ କରିବା ସହ ପାଟିତୁଣ୍ଡ କରି ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଆଦି ଅଭିଯୋଗରେ ୧୩ରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀଙ୍କ ବିରୋଧରେ ବିଡିଓ ଅଭିଜିତ ଷଡ଼ଙ୍ଗୀ ଶୁକ୍ରବାର ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ବିଭିନ୍ନ ଦଫାରେ ଏକ କେସ୍ (ନଂ. ୨୯୩/୨୫ ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ଏହି ମାମଲାକୁ ନେଇ ବିଭିନ୍ନ ମହିଳା ମହାସଂଘର କର୍ମକର୍ତ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ୩୭ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୩,୩୧୬ ରୋଗୀଙ୍କ ଚିକିତ୍ସା

ଗୋପ,୧୯।୯(ଭାରତୀ ଭୂଷଣ ଉପାଧ୍ୟାୟ)

**'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନରେ ସଫଳତା**

ସରକାରଙ୍କ 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ଏହା ଅଧୀନରେ ଥିବା ୮ଟି ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଏବଂ ୨୯ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ସୁଦ୍ଧା ୨୩ହଜାର ୩୧୬ ଜଣ ନାମ ପଞ୍ଜୀକରଣ କରିବା ସହିତ ବିଭିନ୍ନ ରୋଗରେ ଚିକିତ୍ସା ହୋଇଥିବା ସୂଚନା ମିଳିଛି। ୧୭ ତାରିଖରୁ ଏହି ଯୋଜନା ଆରମ୍ଭ ହୋଇଥିବା ବେଳେ ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଥିବା ବେଳେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଲଲାଟେନ୍ଦୁ ମିଶ୍ର ଶୁକ୍ରବାର ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଏହି ଯୋଜନାର ତଦାରଖ କରିବା ସହ ଉପଲବ୍ଧ ଆତ୍ମହତ୍ୟାର ବିକଳ୍ପ ସମାଧାନ ଓ ନିରାକରଣ, ମାନସିକ ରୋଗ ପ୍ରତିରୋଧକ ସମ୍ବନ୍ଧୀୟ ପରାମର୍ଶ ସହିତ ଅନ୍ୟାନ୍ୟ ରୋଗ ସମ୍ବନ୍ଧରେ ରୋଗୀମାନଙ୍କୁ ପରାମର୍ଶ ଦେବା ସହିତ ସେବା ଯୋଗାଇ ଦେଇଥିଲେ। 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନ କାର୍ଯ୍ୟକ୍ରମରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୭୦ ହଜାରରୁ ଅଧିକ ରୋଗୀଙ୍କୁ ଏହି ଯୋଜନାରେ ସାମିଲ କରିବା ଲକ୍ଷ୍ୟ ରଖିଥିବା ବେଳେ କାର୍ଯ୍ୟରତ ଆଶାକର୍ମୀ, ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ସହିତ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡା. ଜସ୍ମିନୀ ଆଫ୍ରୋଜ କଡ଼ା ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଶୁକ୍ରବାର ପୂର୍ବାହ୍ଣରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜିଲା ଚିକିତ୍ସାଧିକାରୀ ଡା. ଲଲାଟେନ୍ଦୁ ମିଶ୍ର ପହଞ୍ଚି ଏହି ଯୋଜନାର ତଦାରଖ ଓ ସଫଳ ରୂପାୟନ ହୋଇଥିବା ବେଳେ ସନ୍ତୋଷ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଡ. ଶିବପ୍ରସାଦ ମଙ୍ଗରାଜ, ଡା. ସରିତା ମିଶ୍ର, ଡା. ସବ୍ୟସାଚୀ ସ୍ୱାଇଁ, ଫାର୍ମାସିଷ୍ଟ ଅଧିକାରୀ ପ୍ରଫୁଲ୍ଲ କୁମାର ପଣ୍ଡା, ସୁଶାନ୍ତ କୁମାର ରାଉତଙ୍କ ସମେତ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ପ୍ରାଚୀଗୁରୁ ଧର୍ମକ୍ଷେତ୍ରରେ ପାର୍ବଣ ପୂଜା



ଷୋଡ଼ଶ ଉପଚାର ପୂଜା ଅବସରରେ ସଂକୀର୍ତ୍ତନ କରାଯାଉଛି ।

ଯୋଗେଶ୍ୱରପୁର, ୧୯।୯(ରଶ୍ମିରଞ୍ଜନ ସାହୁ)

ପୁରୀ ଜିଲାର ସର୍ବଧର୍ମ ସମନ୍ୱୟ ପୀଠ, ପ୍ରାଚୀ ଗୁରୁ ଧର୍ମକ୍ଷେତ୍ରରେ ଅଧିଷ୍ଠାତ୍ରୀ ଦେବୀ ମା' ଶ୍ୟାମାକାଳୀ ଓ ଦକ୍ଷିଣ କାଳୀଙ୍କ ପାର୍ବଣ ପୂଜା ଚଳିତ ମାସ ୧୪ ତାରିଖ ମୂଳାଷ୍ଟମୀଠାରୁ ଆଶ୍ରମ ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଛି। ମୂଳାଷ୍ଟମୀ ଦିନ ଉଭୟ ମା'ଙ୍କ ମହାସ୍ନାନ ପର୍ବ ଅନୁଷ୍ଠିତ ହୋଇଥିଲା। ସୂର୍ଯ୍ୟ ପୂଜା, କଳସ ପୂଜା ଓ ଦ୍ୱାରପାଳ ପୂଜା ପରେ ପ୍ରତ୍ୟେକ ଦିନ ମା'ଙ୍କ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ଓ ଚଣ୍ଡୀପାଠ କରାଯାଉଛି। ପ୍ରେମାଚାର୍ଯ୍ୟ ବାବା ମଧୁସୂଦନ ମାତୃ ଉପାସକ ହୋଇଥିବାରୁ କିମ୍ବଦନ୍ତୀ ଅନୁଯାୟୀ, ୧୯୪୧ ମସିହାରୁ ଏହି ଶକ୍ତିପୀଠ ସ୍ଥାପନ କରାଯାଇଛି ବୋଲି ସେବକ ପ୍ରୀତିରଞ୍ଜନ ଦାସ କହନ୍ତି। ଏହି ଆଶ୍ରମରେ ଗୋଟିଏ ଛାତ ତଳେ ମା' ଶ୍ୟାମାକାଳୀ ଓ ଦକ୍ଷିଣକାଳୀ ପୂଜା ପାଉଥିବାରୁ ଭକ୍ତଙ୍କ ସୁଅ ଛୁଟିଥାଏ। ପ୍ରତ୍ୟେକ ଦିନ ପାର୍ବଣ ପୂଜାରେ ପହିଲିଭୋଗ, ରାଜା ଭୋଗ ଓ ପଣାଭୋଗ କରାଯାଏ। ଶହ ଶହ ଭକ୍ତ ମା'ଙ୍କ ଦର୍ଶନ ଲାଗି ଆସିଥାନ୍ତି ଏବଂ ମାନସିକ କରିଥାନ୍ତି। ପ୍ରତିଦିନ ପ୍ରସାଦ ବ୍ୟବସ୍ଥା କରାଯାଏ। ସନ୍ଧ୍ୟାରେ ଭଜନ କୀର୍ତ୍ତନ ହୋଇଥାଏ। ୨୯ ତାରିଖରେ ମା'ଙ୍କ ଅଷ୍ଟମୀ ପୂଜା ସମାପନ ହେବ। ଏଥିପାଇଁ ଅଖଣ୍ଡ ଭଜନରେ ଶ୍ରଦ୍ଧାଳୁମାନେ ଯୋଗଦେବା ପାଇଁ ସେବକ ପ୍ରୀତିରଞ୍ଜନ ଅନୁରୋଧ କରିଛନ୍ତି।

## ଶାଶ୍ୱତଙ୍କୁ ରାଜ୍ୟପାଳଙ୍କ ପ୍ରଶଂସା

**ଦିଆସିଲି କାଠିରେ ରାମମନ୍ଦିର ମଡେଲ୍**

ପୁରୀ,୧୯।୯ (ଅଜିତ୍ କୁମାର ମହାନ୍ତି)





ରାଜ୍ୟପାଳଙ୍କୁ ଶାଶ୍ୱତ ରଞ୍ଜନ ସାହୁ ରାମ ମନ୍ଦିର ମଡେଲ ପ୍ରଦାନ କରୁଛନ୍ତି ।

କୁମ୍ଭାରପଡ଼ା ଅଞ୍ଚଳର ଦିଆସିଲି କାଠି ହସ୍ତଶିଳ୍ପୀ ଶାଶ୍ୱତ ରଞ୍ଜନ ସାହୁ (୨୨) ତାଙ୍କର ସୃଜନଶୀଳ କଳାକାରିତାର ଅନନ୍ୟ ନିଦର୍ଶନ ଭାବେ ୧,୪୨୩ଟି ଦିଆସିଲି କାଠିରେ ଏକ ସୁନ୍ଦର ରାମ ମନ୍ଦିର ମଡେଲ୍ ତିଆରି କରିଛନ୍ତି। ଏହି ମଡେଲ୍ ନିର୍ମାଣ ପାଇଁ ତାଙ୍କୁ ପ୍ରାୟ ୧୪ ଦିନ ସମୟ ଲାଗିଥିଲା। କିଛିଦିନ ତଳେ ଶାଶ୍ୱତ ଭୁବନେଶ୍ୱର ରାଜଭବନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ଭେଟିଥିଲେ। ରାଜ୍ୟପାଳ ତାଙ୍କ ଏହି କଳାକୃତିକୁ ପ୍ରଶଂସା କରିଥିଲେ। ଶାଶ୍ୱତ କହିଛନ୍ତି, ଦିଆସିଲି କାଠି କଳା କେବଳ ଏକ ହସ୍ତଶିଳ୍ପ ନୁହେଁ, ଏହା ମୋ ପାଇଁ ଆମ ସଂସ୍କୃତି ପ୍ରଚାର ପ୍ରସାରର ଏକ ମାଧ୍ୟମ। ରାଜ୍ୟପାଳଙ୍କ ପ୍ରଶଂସା ଓ ଆଶୀର୍ବାଦ ମୋତେ ଆଗାମୀ ଦିନରେ ଆହୁରି ଶ୍ରେଷ୍ଠ କାମ କରିବା ପାଇଁ ପ୍ରେରଣା ଦେଇଛି।

## ରେଳ ଡାକସେବା, ମେଲ୍ ମୋଟର କର୍ମଚାରୀ ସଂଘ ଗ୍ରୁପ୍-ସି ବୈଠକ





ପ୍ରସ୍ତୁତି ବୈଠକରେ ରାଜ୍ୟ କର୍ମଚାରୀ ସଙ୍ଗଠନର କର୍ମକର୍ତ୍ତା ସୂଚନା ଦେଉଛନ୍ତି ।

ପୁରୀ,୧୯।୯(ଅଜିତ୍ କୁମାର ମହାନ୍ତି)

ଅଖିଳ ଭାରତୀୟ ରେଳ ଡାକସେବା ଓ ମେଲ୍ ମୋଟର କର୍ମଚାରୀ ସଂଘ, ଗ୍ରୁପ୍-ସିର ୩୫ତମ ସର୍ବଭାରତୀୟ ସମ୍ମିଳନୀ ପୁରୀରେ ଆସନ୍ତା ଜାନୁଆରୀ ୨୦ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏନେଇ ଶୁକ୍ରବାର ସଂଘ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଓ ଅଭ୍ୟର୍ଥନା କମିଟି ଗଠନ କରାଯାଇଛି। ରାଜ୍ୟ କର୍ମଚାରୀ ସଙ୍ଗଠନର ନେତା ରବୀନ୍ଦ୍ରନାଥ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅଖିଳ ଭାରତୀୟ ରେଳ ଡାକସେବା ଓ ମେଲ୍ ମୋଟର କର୍ମଚାରୀ ସଂଘ, ଗ୍ରୁପ୍-ସି ଓଡ଼ିଶା ପରିମଣ୍ଡଳ ସଂଗଠନର ବିଭିନ୍ନ ଡିଭିଜନ ଏବଂ ବ୍ରାଞ୍ଚ୍ ସଦସ୍ୟ ଯୋଗଦେଇଥିଲେ। ଏହି ଅବସରରେ ଆଲୋକ ରଞ୍ଜନ ସ୍ୱାଇଁ, ସପନ କୁମାର ମହାନ୍ତି, ଅଜିତ୍ କୁମାର ଖୁଣ୍ଟିଆଙ୍କୁ ଅଲ୍ ଇଣ୍ଡିଆ କନ୍‌ଫରେନ୍ସ ରିସେପ୍ସନ କମିଟି ଚେୟାରମ୍ୟାନ, ଜେନେରାଲ୍ ସେକ୍ରେଟାରି ଓ ଟ୍ରେଜରର ଭାବେ ମନୋନୀତ କରାଯାଇଛି। କମିଟିକୁ ବିଶ୍ୱଜିତ ନାଏକ, ଫଣୀଭୂଷଣ ତ୍ରିପାଠୀ ଓ ଅମିତ କୁମାର ପଣ୍ଡା ପ୍ରମୁଖ ମନୋନୀତ ହୋଇଥିଲେ। ବିଭିନ୍ନ ସବ୍‌କମିଟି ଗଠନ ହୋଇଥିଲା। ସଭାରେ ପି-୩ର ଓଡ଼ିଶା ପରିମଣ୍ଡଳ ସମ୍ପାଦକ ରାଜେଶ ଚନ୍ଦ୍ର ବହିଦାର, ଆର-୩ର ପୂର୍ବତନ ମଣ୍ଡଳ ସମ୍ପାଦକ ଦୁଷ୍ମନ୍ତ କୁମାର ସେଠୀ, ଆର୍ଆଇଭ୍‌ର ମଣ୍ଡଳ ସମ୍ପାଦକ ରବିନାରାୟଣ ମହାନ୍ତି ଓ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କାର୍ ସହ ମଦ ଜବତ, ୨ ଗିରଫ

ନିମାପଡ଼ା,୧୯।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅବକାରୀ ରେଞ୍ଜ୍ ପକ୍ଷରୁ ଶୁକ୍ରବାର କାକଟପୁର ଡେଲ୍ଟା ଛକ ନିକଟରେ ଅଚାନକ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ଏକ କାର୍, ୨ଟି ମୋବାଇଲ୍, ୨ହଜାର ଟଙ୍କା ସହ ୮ଶହ ବୋତଲ ଚୋରା ମଦ ଜବତ କରାଯାଇଛି। ଜବତ ମଦର ମୂଲ୍ୟ ୬୫ହଜାର ଟଙ୍କା ହେବବୋଲି ଅବକାରୀ ରେଞ୍ଜ୍ ଇନ୍ସପେକ୍ଟର ପ୍ରଭାକର ସେଠୀ କହିଛନ୍ତି। ଏ ସଂକ୍ରାନ୍ତରେ ଚୋରା ମଦ ବ୍ୟବସାୟୀ ଓ କାର୍ ଚାଳକ ପ୍ରମୁଖ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ନିମାପଡ଼ା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ କାକଟପୁର ଥାନା ଅନ୍ତର୍ଗତ ଗମ୍ଭାରିପଦା ଗ୍ରାମର ମାନସ ରଞ୍ଜନ ବେହେରା ଓ ରଞ୍ଜିତ ବେହେରା। ଏନେଇ ଅବକାରୀ ପୋଲିସ୍ ୫୫/୨୫-୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ କଡ଼ା ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ରେଞ୍ଜ୍ ଇନ୍ସପେକ୍ଟର ପ୍ରଭାକର ସେଠୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଏହି ଚଢ଼ାଉ କରିଥିଲେ। ଏହି ଚଢ଼ାଉରେ ନିମାପଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସିଦ୍ଧେଶ୍ୱର ମଲ୍ଲିକ, ଏଏସ୍ଆଇ ସନ୍ତୋଷ କୁମାର ମହାରଣା, ଏସ୍ କେ ୱାରିଶ, ଫିରୋଜ ମହାନନ୍ଦିଆ, ତପନ ପ୍ରଧାନ, ସବିତା ସାହୁ ପ୍ରମୁଖ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ଚଳିତ ପାର୍ବଣ ଋତୁରେ ଚୋରା ମାଦକ ଦ୍ରବ୍ୟ କାରବାରକୁ ଦୃଢ଼ ଭାବେ ପ୍ରତିହତ କରିବାକୁ ନିମାପଡ଼ା ଅବକାରୀ ରେଞ୍ଜ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିବା ରେଞ୍ଜ୍ ଇନ୍ସପେକ୍ଟର ପ୍ରଭାକର ସେଠୀ କହିଛନ୍ତି।



ଜବତ କାର ଓ ମଦ ସହ ଗିରଫ ଅଭିଯୁକ୍ତ ।

## ବ୍ୟାୟାମବିଦ୍ୟା, ମାଲ୍‌ଖମ୍ବରେ ପୁରୀ ଚାମ୍ପିୟନ

**ବିଦ୍ୟାଳୟ ସମୂହ ମୁଷ୍ଟିଯୁଦ୍ଧ, ବ୍ୟାୟାମବିଦ୍ୟା ଓ ମାଲଖମ୍ବ ପ୍ରତିଯୋଗିତା**

ପୁରୀ,୧୯।୯(ଅଜିତ୍ କୁମାର ମହାନ୍ତି)





ଅତିଥିଙ୍କ ଗହଣରେ ପୁରସ୍କୃତ ପ୍ରତିଯୋଗୀମାନେ ।

ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନ ଏବଂ ପୁରୀ ଜିଲା ବିଦ୍ୟାଳୟ କ୍ରୀଡ଼ା ସଂଗଠନ ଆନୁକୂଲ୍ୟରେ ଜିଲା ସ୍କୁଲ ପରିସରରେ ୩ଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ମୁଷ୍ଟିଯୁଦ୍ଧ, ବ୍ୟାୟାମବିଦ୍ୟା ଓ ମାଲ୍‌ଖମ୍ବ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୨୫୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଏବଂ ୬୦ରୁ ଅଧିକ ପ୍ରଶିକ୍ଷକ ଓ ଅଫିସିଆଲ୍ ଯୋଗଦେଇଥିଲେ। ବ୍ୟାୟାମ ବିଦ୍ୟା (ଜିମ୍ନାଷ୍ଟିକ୍)ରେ ପୁରୀ ଜିଲା ଚାମ୍ପିୟନ ଓ ଭୁବନେଶ୍ୱର ରନର୍ସ ଅପ୍, ମୁଷ୍ଟିଯୁଦ୍ଧ (ବକ୍ସିଂ)ରେ ଗଞ୍ଜାମ ଜିଲା ଚାମ୍ପିୟନ ଓ ପୁରୀ ଜିଲା ରନର୍ସଅପ୍ ଏବଂ ମାଲଖମ୍ବରେ ପୁରୀ ଜିଲା ଚାମ୍ପିୟନ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ପ୍ରାକ୍ତନ ଯୁଗ୍ମନିର୍ଦ୍ଦେଶକ ସପନ କୁମାର ଜେନା ଯୋଗଦେଇଥିଲେ। ଶାରିରୀକ ଶିକ୍ଷା, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ, ଜିଲା ଶାରିରୀକ ଶିକ୍ଷା ଅଧିକାରୀ ଅଜୟ ପ୍ରଧାନ, କ୍ରୀଡ଼ା ପ୍ରତିଯୋଗିତା ପର୍ଯ୍ୟବେକ୍ଷକ ବିଦ୍ୟାଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ ଯୋଗଦେଇ କ୍ରୀଡ଼ାବିତ୍‌ମାନେ ନିଜର ଅଭ୍ୟାସ ଜାରି ରଖିଲେ ସଫଳତା ପାଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ଜିଲା ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡ଼ା, ଶାରିରୀକ ଶିକ୍ଷା ଓ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ଜିଲା ବିଦ୍ୟାଳୟ ସମୂହ ଶାରିରୀକ ଶିକ୍ଷା ଅଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ସଭାପତି ତଥା ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ପୋଲିସ୍ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବରାମ ମିଶ୍ର ଧନ୍ୟବାଦ ଦେଇଥିବାବେଳେ ଶିକ୍ଷକ ବିଦ୍ୟାଧର ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ।

# ଏବର୍ଷ ବିଏମ୍‌ସି ଅଞ୍ଚଳରେ ୧୭୨ ମେଢ଼

## ୨୫ ପୂର୍ବରୁ ସମସ୍ୟା ସମାଧାନ କରିବାକୁ କମିଶନରଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୯।୯ (ବନ୍ଦନା ସେଠୀ)

ଚଳିତ ବର୍ଷ ଦୁର୍ଗା ପୂଜା ଓ ଭସାଣି ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସ ଏଥିରେ ଅଧ୍ୟକ୍ଷତା କରି ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଥିଲେ। ଚଳିତ ବର୍ଷ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ପ୍ରାୟ ୧୭୨ଟି ମଣ୍ଡପରେ ଜଗତଜ୍ଜନନୀ ମା' ଦୁର୍ଗା ପୂଜା ପାଇବେ। ପୂଜାକୁ ସରସ, ସୁନ୍ଦର କରିବା ପାଇଁ ବିଏମସି ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଛି। ଏହି କ୍ରମରେ ରାସ୍ତା ମରାମତି, ଗଛଡାଳ କାଟିବା, ବିଦ୍ୟୁତ୍ ତାର ଓ ଖୁଣ୍ଟ ମରାମତି କରିବା, ଖାଲା ଥିବା ଡ୍ରେନ ଉପରେ ସ୍ଲାବ ପକାଇବା ଆଦି କାମ ପ୍ରାୟ ଶେଷ ହୋଇଯାଇଛି। ପୂଜା ପୂର୍ବରୁ ରାସ୍ତାରେ ଥିବା ଖାଲଖମାଗୁଡ଼ିକୁ ଯୁଦ୍ଧ କାଳୀନ ଭିତ୍ତିରେ ମରାମତି କରାଯାଉଥିବା ବୈଠକରେ ସୂଚନା ଦିଆଯାଇଛି। ସେହିପରି ପୂଜା ସମୟରେ ଯେପରି କୌଣସି ମଣ୍ଡପରେ ଅଘଟଣ ନଘଟେ ସେଥିପାଇଁ ସତର୍କତା ଅବଲମ୍ବନ କରିବାକୁ ସମସ୍ତ ପୂଜା କମିଟିକୁ କୁହାଯାଇଛି। ପୂଜା କମିଟିଗୁଡ଼ିକ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବା ସହ ମଣ୍ଡପ ନିକଟରେ ବାଲି ବସ୍ତା ମହଜୁଦ ରଖିବେ। ସମସ୍ତ ପୂଜା କମିଟି ଏକକ ପ୍ଲାଷ୍ଟିକ ବ୍ୟବହାରକୁ ବର୍ଜନ କରିବା ସହ ସେଥିପାଇଁ ଜନସଚେତନତା ସୃଷ୍ଟି କରିବେ। ଏଥିସହ ପ୍ରମୁଖ ରାସ୍ତା ଏବଂ ରାସ୍ତାର ମଧ୍ୟବର୍ତ୍ତୀସ୍ଥାନରେ କୌଣସି ଆଡଭର୍ଟାଇଜ ହୋର୍ଡିଂ ନ ମାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବଡବଡ ପୂଜା ମଣ୍ଡପରେ ୨ରୁ ୩ଜଣ ପରିମଳ କର୍ମଚାରୀଙ୍କୁ ନିୟୋଜିତ କରାଯିବ। ପୂଜା କମିଟିଗୁଡ଼ିକ ମା'ଙ୍କ ନିକଟରେ ଲାଗିହେଉଥିବା ପୂଜାଫୁଲଗୁଡ଼ିକୁ ଅଲଗା କରି ଏଥିପାଇଁ ନିୟୋଜିତ ସ୍ୱତନ୍ତ୍ର ଗାଡିରେ ଦେବା ସହ ଓଦା ଓ ସୁଖିଲା ବର୍ଜ୍ୟ ପୂର୍ବପରି ଅଲଗା ଅଲଗା କରି ଦେବେ। ଟ୍ରାଫିକ ସମସ୍ୟା ସୃଷ୍ଟି ହେଲେ ସେଠାରେ ପୋଲିସ ସହ ସ୍ୱତନ୍ତ୍ର ସ୍ୱେଚ୍ଛାସେବୀ ନିୟୋଜନ ପୂର୍ବକ ଆମ୍ବୁଲାନ୍ସ, ଫାୟାର ତଥା ସର୍ବସାଧାରଣଙ୍କ ଯାତାୟାତରେ ଯେପରି କୌଣସି ଅସୁବିଧା ନ ହୁଏ ସେଥିପ୍ରତି ଧ୍ୟାନ ଦେବେ। ସେହିପରି ପୂଜା କମିଟିଗୁଡ଼ିକ ଗାଡି ପାର୍କିଂ ପାଇଁ ବ୍ୟବସ୍ଥା କରିବେ, ସମସ୍ତେ ଅସ୍ଥାୟୀ ପୋଖରୀରେ ମୂର୍ତ୍ତୀ ବିସର୍ଜନ କରିବେ ବୋଲି ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। .ଯେଉଁ ପୂଜା ପେଣ୍ଡାଲ ସମସ୍ତ ସ୍ୱଚ୍ଛତା ନିୟମ ମାନିବେ ସେମାନଙ୍କ ମଧ୍ୟରୁ ଗୋଟିଏ ପେଣ୍ଡାଲକୁ ଶ୍ରେଷ୍ଠ ସ୍ୱଚ୍ଛ ପେଣ୍ଡାଲ ଭାବେ ପୁରସ୍କୃତ କରାଯିବ ବୋଲି ମେୟର କହିଛନ୍ତି। ସେପ୍ଟେମ୍ବର ୨୫ ପୂର୍ବରୁ ସମସ୍ତ ସମସ୍ୟାର ସମାଧାନ କରିବାକୁ କମିଶନର ଚଞ୍ଚଳ ରାଣା ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜୋନାଲ କମିଶନରମାନେ ପ୍ରତ୍ୟେକ୍ଷ ଭାବେ କ୍ଷେତ୍ର ପରିଦର୍ଶନ କରିବା ପାଇଁ କମିଶନର କହିଛନ୍ତି। ବୈଠକରେ ଅତିରିକ୍ତ କମିଶନର ରତ୍ନାକର ସାହୁ, ସିଟି ଇଂଜିନିୟର ନାରଦ ଚନ୍ଦ୍ର ରଥ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଞ୍ଜନ ବେହେରା ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବହୁ କର୍ପୋରେଟର, ସମସ୍ତ ପୂଜା କମିଟିର ସଭାପତି, ସଂପାଦକ ଓ କର୍ମକର୍ତ୍ତା, ବିଭିନ୍ନ ସଂପୃକ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



୯ଦଫା ଦାବିରେ ଓଡ଼ିଶା ଗୋଷ୍ଠୀ ସହାୟିକା ସଂଘ (ସିଆର୍‌ପି. ସିଏମ୍) ପକ୍ଷରୁ ଶୁକ୍ରବାର ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି।

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ପାଳିଲା ହେଲ୍‌ଥଭିଲେ




ଭୁବନେଶ୍ୱର, ୧୯।୯(ଅନୁରାଧା ମହାରଣା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ଭୁବନେଶ୍ୱର ବାରଙ୍ଗ ଭାଲୁଙ୍କାସ୍ଥିତ ପ୍ରାକୃତିକ ଚିକିତ୍ସାଳୟ ହେଲ୍‌ଥଭିଲେ ପକ୍ଷରୁ କର୍ମଶାଳା ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇଣ୍ଟରନାଶନାଲ୍ ନେଚରପାଥି ଅର୍ଗାନାଇଜେଶନ୍ (ଆଇଏନ୍‌ଓ) ଓଡ଼ିଶା ଚାପ୍ଟରର ମୁଖ୍ୟ ପୃଷ୍ଠପୋଷକ ତଥା ମିଶନ ଡାଇବେଟିସ୍ ଫ୍ରି ଓଡ଼ିଶା-୨୦୩୦ର ସ୍ଥାପକ ଡ. ସତ୍ୟବ୍ରତ ମୀନକେତନ ଏହି କାର୍ଯ୍ୟକ୍ରମକୁ ପ୍ରାକୃତିକ ଚିକିତ୍ସାର ପ୍ରଚାରକମାନଙ୍କୁ ସମର୍ପିତ କରିଛନ୍ତି । ଏହି ଅବସରରେ ମୀନକେତନ କହିଛନ୍ତି, ମିଶନ ଡାଇବେଟିସ୍ ଫ୍ରି ଓଡ଼ିଶା-୨୦୩୦ ହେଉଛି ଏକ ସାମାଜିକ ଅଭିଯାନ, ଯାହାର ଲକ୍ଷ୍ୟ ହେଲା ପ୍ରାକୃତିକ ଚିକିତ୍ସା ପଦ୍ଧତି, ପ୍ରାକୃତିକ ଓ ସାତ୍ତ୍ୱିକ ଖାଦ୍ୟ, ଯୋଗ, ପ୍ରାଣାୟାମ ଓ ସୁସ୍ଥକର ସକରାତ୍ମକ ଜୀବନଶୈଳୀ ମାଧ୍ୟମରେ ଡାଇବେଟିସ୍‌କୁ ଦୂର କରି ଓଡିଶାକୁ ୨୦୩୦ ସୁଦ୍ଧା ସମଗ୍ର ଓଡିଶାକୁ ମଧୁମେହ ମୁକ୍ତ ପ୍ରଦେଶ କରିବା। ଡ.ମୀନକେତନ ଏହି ବିଶାଳ ସମାଗମରେ ସମସ୍ତ ପ୍ରକୃତିପ୍ରେମୀ ଓ ପ୍ରାକୃତିକ ଚିକିତ୍ସାପ୍ରେମୀମାନଙ୍କୁ ଭାଗନେବା ପାଇଁ ଆହ୍ୱାନ ଦେଇଛନ୍ତି।

### ଆମରଣ ଅନଶନରେ ବସିଲେ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ସଭାପତି

ଭୁବନେଶ୍ୱର, ୧୯।୯(ସୁଚିସ୍ମିତା ସାହୁ)



ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ଅଗଷ୍ଟ ୧୬ରୁ ଆରମ୍ଭ ହୋଇଥିବା କାର୍ଯ୍ୟ ବନ୍ଦ ଆନ୍ଦୋଳନ ୩୩ତମ ଦିନରେ ପହଞ୍ଚିଛି। ସଂଘର ଦାବି ନେଇ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ସଭାପତି ବିଶ୍ୱରଞ୍ଜନ ଦାସ ଆମରଣ ଅନଶନରେ ବସିଛନ୍ତି। ବେସରକାରୀ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କର ୨୦୦୮ ରୁ ୨୦୧୮ ରୁ ଅନୁଦାନ ନେଇ ଜାରି ରହିଥିବା ଆନ୍ଦୋଳନକୁ ସମର୍ଥନ ଜଣାଇ ଶୁକ୍ରବାର ଗାନ୍ଧୀମାର୍ଗର ଅନଶନ ସ୍ଥଳରେ ଏକାଧିକ ବିରୋଧୀ ଦଳର ବିଧାୟକ ଓ ଯୁବ ନେତା ପହଞ୍ଚିଥିଲେ। ବିଜୁ ଯୁବ ଜନତାଦଳର ସଭାପତି ଚିନ୍ମୟ ସାହୁ ୨୩ ତାରିଖ ମଧ୍ୟରେ ଦାବି ପୂରଣ ନ ହେଲେ ଗୃହ ବାହାରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ମତ ଦେଇଛନ୍ତି।

# ଆରମ୍ଭ ହେଲା ୟୁନିକ୍ରାଫ୍ଟ ପ୍ରଦର୍ଶନ ମେଳା

ଭୁବନେଶ୍ୱର, ୧୯।୯ (ସୌମ୍ୟରଞ୍ଜନ ରାଉତ)



ୟୁନିକ ଆର୍ଟ ଆଣ୍ଡ କ୍ରାଫ୍ଟ ପକ୍ଷରୁ ଦ୍ୱିତୀୟ ୟୁନିକ୍ରାଫ୍ଟ ୨୦୨୫ ମେଳା ଓ ପ୍ରଦର୍ଶନୀ ଶୁକ୍ରବାର ଆରମ୍ଭ ହୋଇଯାଇଛି। ବିଭିନ୍ନ ଜିଲାରୁ ବହୁ ଚିତ୍ରକର କଳା ପ୍ରଦର୍ଶନ ପାଇଁ ଏଥିରେ ସାମିଲ ହୋଇଛନ୍ତି। ମୁଖ୍ୟ ଅତିଥି ଭାବେ ଚିତ୍ରକର ତଥା ଅଭିନେତା ଚିନ୍ତାମଣି ବିଶ୍ୱାଳ ଏବଂ ରେଡ଼ିଓ ଭୁବନେଶ୍ୱର ଷ୍ଟେଶନ ନିର୍ଦ୍ଦେଶକ ସୁବ୍ରତ କୁମାର ପତି ଯୋଗଦେଇଥିଲେ। ରାଜ୍ୟର ୧୩ ଜଣ ପ୍ରତିଭାବାନ ଚିତ୍ରକର ମେଳାରେ ନିଜ କଳା ଦକ୍ଷତା ପ୍ରଦର୍ଶନ କରିଛନ୍ତି। ଏହା ସହ ୟୁନିକ ଆର୍ଟ ଆଣ୍ଡ କ୍ରାଫ୍ଟର ମୁଖ୍ୟ ଉଜ୍ଜ୍ୱଳ ଚୌଧୁରୀ ଏହି କାର୍ଯ୍ୟକ୍ରମ ଜରିଆରେ ଚିତ୍ର ତଥା ହାତବୁଣା କ୍ରାଫ୍ଟ ପ୍ରତି ରୁଚି ରଖୁଥିବା ଛାତ୍ରୀଛାତ୍ର ଅଭିଭାବକଙ୍କୁ ଆହ୍ୱାନ ଦେଇଛନ୍ତି। ମେଳାରେ ସୁନନ୍ଦିତା ଚୌଧୁରୀ, ଦେବାର୍ଚ୍ଚନା ମହାପାତ୍ର, ଚିନ୍ମୟୀ ମଲ୍ଲିକ, ଅପରାଜିତା ମହାନ୍ତି, ଅଳକାନନ୍ଦା ନାୟକ, ଶୁଭଶ୍ରୀ ସାହୁ, ପଲ୍ଲବୀ ପଟ୍ଟନାୟକ, ଶାଶ୍ୱତୀ ମିଶ୍ର, ସୁକନ୍ୟା ସେନାପତି, ଅଭିଷେକ ନନ୍ଦ, ସୁଜିତ କୁମାର ମହାରଣା, ତନ୍ମୟ କୁମାର ବଳ, ଏବଂ ମହୌଷଧି ଭୂୟାଁ ପ୍ରମୁଖ ନିଜ ଚିତ୍ର ଓ କ୍ରାଫ୍ଟ ପ୍ରଦର୍ଶନ କରିଥିଲେ। ଏହି ପ୍ରଦର୍ଶନ ଶନିବାର ଶେଷହେବ।

# ଶିଳାଶ୍ରୀର ସାହିତ୍ୟ ଉତ୍ସବ

ଭୁବନେଶ୍ୱର, ୧୯।୯
(ସୌମ୍ୟରଞ୍ଜନ ରାଉତ)

ଶିଳାଶ୍ରୀ ପତ୍ରିକା ପକ୍ଷରୁ ସାହିତ୍ୟ ଉତ୍ସବ ଶୁକ୍ରବାର ବୁଦ୍ଧମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା, ଗୀତିକାର ମନୋଜ କୁମାର ପଟ୍ଟନାୟକ, ସାହିତ୍ୟିକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଅନୁଷ୍ଠାନର ସଭାପତି ବରଦା ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପତ୍ରିକାର ୬୫ତମ ପୂଜା ସଂଖ୍ୟା ଉନ୍ମୋଚିତ ହୋଇଥିଲା। ପରେ ତରୁଲତା ସାମଲ, ମଞ୍ଜୁଳା କର, ବିଷ୍ଣୁପ୍ରିୟା ମିଶ୍ର, ବନ୍ଦିତା ଦାସ, ଉଷା ରାଣୀ ଆଚାର୍ଯ୍ୟ, ନିବେଦିତା ମହାନ୍ତି, ଗୀତାଞ୍ଜଳି ସ୍ୱାଇଁ, ଭବାନୀ କୁମାରୀ ମହାପାତ୍ର ଓ ରଞ୍ଜିତା ବେହେରାଙ୍କୁ 'ଶିଳାଶ୍ରୀର ୧୧ତମ ନବମାତୃକା ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି କବିତା ପାଢ଼ୀଙ୍କୁ 'ଶିଳାଶ୍ରୀ ସାରସ୍ୱତ ସମ୍ମାନ', ସୁନୀତି ମିଶ୍ରଙ୍କୁ 'ଶିଳାଶ୍ରୀ କବିତା ସମ୍ମାନ', ପ୍ରତିମା ପଣ୍ଡାଙ୍କୁ 'ଶିଳାଶ୍ରୀ ସାହିତ୍ୟ ସମ୍ମାନ', ଶଶାଙ୍କ ଶେଖର ମିଶ୍ରଙ୍କୁ 'ଦେବୀ ପ୍ରସାଦ ସ୍ମୃତି ସମ୍ମାନ' ଓ ବାମନ ଚରଣ ପଣ୍ଡାଙ୍କୁ 'ଶିଳାଶ୍ରୀ ପାଠକ ସମ୍ମାନ' ପ୍ରଦାନ କରାଯାଇଥିଲା। ପରେ ୬୦ ଜଣରୁ ଅଧିକ କବି ସେମାନଙ୍କ କବିତା ପାଠ କରିଥିଲେ। ଡ. ଦେବାଶିଷ ମହାପାତ୍ର ଅତିଥି ପରିଚୟ ଦେଇଥିବାବେଳେ ସମ୍ପାଦିକା ବାସନ୍ତୀ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ମୈତ୍ରୀ ଭୂଷଣ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

# ବ୍ରିଜ୍ ଉପରେ ଦୁଇ କାର୍ ଧକ୍କା, ୪ ଆହତ

ଭୁବନେଶ୍ୱର,୧୯।୯ (ସତ୍ୟଜିତ ରାଉତ)





ବିମଖାଲ ଫ୍ଲାଇ ଓଭରବ୍ରିଜ୍ ଉପରେ ଶୁକ୍ରବାର ରାତି ପ୍ରାୟ ୧୨ଟାରେ ଭୟଙ୍କର ଦୁର୍ଘଟଣା ଘଟିଛି। ଦୁଇଟି କାର୍ ମୁହାଁମୁହିଁ ଧକ୍କାହେବାରୁ ୪ଜଣ ଆହତ ହୋଇଛନ୍ତି। ଦୁର୍ଘଟଣାରେ ଉଭୟ କାର୍ ଭାଙ୍ଗିରୁଜି ଯାଇଛି। କ୍ଷତିଗ୍ରସ୍ତ କାର୍ ଆଇ୨୦ (ଓଡି୧୪ଟି ୦୩୧୫) ଓ ସ୍କୋଡା (ଓଡି୦୨ବିଏ ୦୦୪୪)କୁ ଶହୀଦନଗର ପୋଲିସ ଜବତ କରି ଥାନାକୁ ନେଇଛି। ଆହତଙ୍କୁ ଉଦ୍ଧାର ପରେ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଛି। ଆଇ୨୦ କାର୍ ଡ୍ରାଇଭରଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି। ରଙ୍ଗରୁଟରେ ଡ୍ରାଇଭିଂ ପାଇଁ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି।ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଆଇ୨୦ କାରଟି ଅନଲାଇନ ବୁକିଂରେ ଯାଉଥିବା ବେଳେ ସେଥିରେ ଜଣେ ମହିଳା ଯାତ୍ରୀ ଥିଲେ। ଅପରପକ୍ଷରେ ସ୍କୋଡା କାରରେ ଦୁଇ ଜଣ ଯୁବକ ଥିଲେ। ଆଇ୨୦ କାରଟି ଏସ୍‌ପ୍ଲାନେଡ଼ ମଲ୍ ପାର୍ଶ୍ୱରୁ ରଙ୍ଗ ରୁଟରେ ଫ୍ଲାଇଓଭର ଉପରେ ଯାଇଥିଲା। ସ୍କୋଡା କାର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ପ୍ରଚଣ୍ଡ ଶବ୍ଦ ଶୁଣି ଲୋକେ ରୁଣ୍ଡ ହୋଇଯାଇଥିଲେ।

# ଏସ୍‌ବିଆଇ ପିଡି ମାର୍କେଟ୍ ଶାଖା ସ୍ଥାନାନ୍ତର



ଭୁବନେଶ୍ୱର,୧୯।୯(ଅନୁରାଧା ମହାରଣା)

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ)ର ପିଡି ମାର୍କେଟ୍ ଶାଖା ସିଆର୍‌ପି ଛକସ୍ଥିତ ଆଦିଲକ୍ଷ୍ମୀ ଟାୱାର ପରିସରକୁ ସ୍ଥାନାନ୍ତର ହୋଇଯାଇଛି। ମୁଖ୍ୟ ମହା ପ୍ରବନ୍ଧକ ଏ. ଡି. ରତ୍ନତେଜା ଏହି ନୂତନ ଶାଖା ପରିସରକୁ ଉଦ୍‌ଘାଟନ କରିଥିଲେ। ଏହିଅବସରରେ ବ୍ୟାଙ୍କର ଉପ-ମହାପ୍ରବନ୍ଧକ ପ୍ରଶାନ୍ତ କୁମାର, କ୍ଷେତ୍ରୀୟ ପ୍ରବନ୍ଧକ ଶିବସୁନ୍ଦର ସାହୁ ଏବଂ ମୁଖ୍ୟ ଶାଖା ପରିଚାଳକ ରାଜୀବ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବହୁସଂଖ୍ୟକ ଗ୍ରାହକ ଯୋଗଦେଇଥିଲେ ଏବଂ ସମସ୍ତଙ୍କୁ ବ୍ୟାଙ୍କ ତରଫରୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଗ୍ରାହକମାନଙ୍କୁ ଉତ୍କୃଷ୍ଟ ଗ୍ରାହକ ସେବା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା।

# ଆର୍‌ପିଆର୍‌ସିରେ ଚାରାରୋପଣ



ଭୁବନେଶ୍ୱର, ୧୭। ୯ (ସୌମ୍ୟରଞ୍ଜନ ରାଉତ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ୭୫ ତମ ଜନ୍ମଦିନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନ କ୍ରମେ ରାଜ୍ୟବ୍ୟାପୀ ଚାଲିଥିବା ୭୫ଲକ୍ଷ ଚାରାରୋପଣର ଲକ୍ଷ୍ୟ ପ୍ରାପ୍ତି ଅଭିଯାନ ବୁଧବାର ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର(ଆରପିଆରସି)ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ସମ୍ପଦ କେନ୍ଦ୍ରର ପରିସରରେ ଏକ ଚାରା ରୋପଣ କରି ବିଭାଗ ପକ୍ଷରୁ ଏହି ବୃକ୍ଷରୋପଣ ଅଭିଯାନର ଶୁଭାରମ୍ଭ କରିଥିଲେ। ପରେ କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଇଏଫ୍ଏସ୍ ସୁଧାଂଶୁ ଶେଖର ଖେରା, ବନ ବାହିନୀର ମୁଖ୍ୟ ଆଇଏଫ୍ଏସ୍ ସୁରେଶ ପନ୍ତଙ୍କ ସମେତ ବିଭାଗର ଅନନ୍ୟ ଅଧିକାରୀ, ଆଇଆର୍‌ସି ଭିଲେଜ୍ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ୩୫୦ରୁ ଊର୍ଦ୍ଧ୍ୱ ଜନସାଧାରଣ ବହୁ ସଂଖ୍ୟାରେ ଅଂଶଗ୍ରହଣ କରି ଚାରାରୋପଣ କରିଥିଲେ। ବିଭାଗ ପକ୍ଷରୁ ଗୋଟିଏ ଦିନରେ ୨୨ଶହରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଛି। ଏଥିମଧ୍ୟରୁ ବିଭିନ୍ନ କିସମର ଫୁଲ ଜାତୀୟ ଯେପରିକି - ହଳଦିଆ କାଞ୍ଚନ, ରକ୍ତ କାଞ୍ଚନ, ଅଶୋକ, କୋବିଦାର, ସୁବର୍ଣ୍ଣକ, ରାଜତରୁ, ନୀଳ ଗୁଲ୍‌ମୋହର ଭଳି ଅନେକ ଫୁଲ ଗଛର ଚାରାରୋପଣ କରାଯାଇଛି।

# ୯ଦଫା ଦାବି ନେଇ ଚନ୍ଦକା ଆର୍‌ଆଇ ଅଫିସ ସମ୍ମୁଖରେ ବିକ୍ଷୋଭ

ଭୁବନେଶ୍ୱର, ୧୯।୯ (ବନ୍ଦନା ସେଠୀ)

ଭୂମିହୀନଙ୍କୁ ଭୂମି ପ୍ରଦାନ ସହ ୯ ଦଫା ଦାବି ନେଇ ଶୁକ୍ରବାର ଓଡ଼ିଶା କୃଷକ ସଭା ଏବଂ ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ପକ୍ଷରୁ ଚନ୍ଦକା ଆର୍‌ଆଇ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ଚନ୍ଦକା ଆର୍‌ଆଇଙ୍କ ମାଧ୍ୟମରେ ଖୋର୍ଦ୍ଧା ଜିଲାପାଳ, ଉପଜିଲାପାଳ ଏବଂ ଭୁବନେଶ୍ୱର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ସରକାର ଯଥାଶୀଘ୍ର ଦାବି ପୂରଣ ନ କଲେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି।

ଘରଡ଼ିହ ପଟ୍ଟା ନ ଥିବା ପରିବାରକୁ ଚିହ୍ନଟ କରି ୧୦ ଡିସିମିଲ ଘରଡ଼ିହ ପଟ୍ଟା ଦେବା, ଭୂମିହୀନ ପରିବାରଙ୍କୁ ଚାଷଜମି ଦିଆଯିବା, ଜଙ୍ଗଲ ଅଧିକାର ଆଇନ ଅନୁସାରେ ବ୍ୟକ୍ତିଗତ, ଗୋଷ୍ଠୀଗତ ଓ ଗୋଷ୍ଠୀସମ୍ବଳ ଅଧିକାର ପ୍ରଦାନ କରିବା, ଭାଗଚାଷୀଙ୍କ ଫସଲକୁ ମଣ୍ଡିରେ କ୍ରୟ କରାଯିବା, ଚାଷୀଙ୍କ ଫସଲ ଏବଂ କୃଷିର ସୁରକ୍ଷା ପାଇଁ ଗୃହପାଳିତ ପ୍ରାଣୀଙ୍କ ରହିବା ଲାଗି କାଞ୍ଜିଆହୁଦା ନିର୍ମାଣ କରିବା ସହିତ ହାତୀ ତଥା ଜଙ୍ଗଲୀ ଜନ୍ତୁଙ୍କୁ ବାଧା ଦେବା ପାଇଁ ଜଙ୍ଗଲ ବିଭାଗ ତରଫରୁ ସୁବ୍ୟବସ୍ଥା କରିବା ଆଦି ଦାବି ଉପସ୍ଥାପନ ହୋଇଥିଲା। ବିକ୍ଷୋଭରେ ଓଡ଼ିଶା ରାଜ୍ୟ କମିଟି ସଭ୍ୟ ଅନନ୍ତ ମଙ୍ଗରାଜ, ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚର ରାଜ୍ୟ ସମ୍ପାଦକ ସାଲ ମାର୍ଣ୍ଡି, ଖୋର୍ଦ୍ଧା ଜିଲା ସଭାପତି ଚାମ୍ପୁରୁ ସୋରେନ, ସମ୍ପାଦକ ରବୀନ୍ଦ୍ର ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।




ଚନ୍ଦକା ଆର୍‌ଆଇ ଅଫିସ୍ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

# ଦୁର୍ଗାପୂଜାରେ ଶୋଭାପାଇବ ମ୍ୟାନ୍‌ମାର୍ ଗୋଲ୍ଡେନ ଟେମ୍ପଲ






ପଳାଶୁଣୀ ଦୁର୍ଗାପୂଜା କମିଟି

ଭୁବନେଶ୍ୱର,୧୯।୯(ସୁଚିସ୍ମିତା ସାହୁ)

ପଳାଶୁଣୀ ଦୁର୍ଗାପୂଜା ସମିତି ପକ୍ଷରୁ ହେଉଥିବା ଦୁର୍ଗାପୂଜା ଚଳିତବର୍ଷ ୪୧ବର୍ଷ ପୂରଣ କରିବ। ଏଥର ମ୍ୟାନ୍‌ମାର ଗୋଲ୍ଡେନ ଟେମ୍ପଲର ତୋରଣ ମୁଖ୍ୟ ଆକର୍ଷଣ ପାଲଟିବ। କୋଲକାତାର କାରିଗରମାନେ ୨୦ ଦିନ ହେବ ଏହି ତୋରଣ ନିର୍ମାଣରେ ଲାଗିପଡ଼ିଛନ୍ତି। ଏହାର ଉଚ୍ଚତା ୫୦ଫୁଟ ରହିଥିବା ବେଳେ ପ୍ରସ୍ଥ ୬୦ ଫୁଟ ରହିବ। ସେହିପରି କଟକର କାରିଗରଙ୍କ ଦ୍ୱାରା ମା'ଙ୍କ ୨୦ଫୁଟ ଉଚ୍ଚତାର ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଯାଉଛି। ସେହିପରି ପାର୍ଶ୍ୱ ଦେବଦେବୀ ଭାବେ ଲକ୍ଷ୍ମୀ, ଗଣେଶ, ସରସ୍ୱତୀ ଓ କାର୍ତ୍ତିକଙ୍କୁ ସ୍ଥାନ ଦିଆଯିବ। ମା' ମୁଣ୍ଡରେ ଚାନ୍ଦି ମୁକୁଟ ଓ ସୁନାର ଅଳଙ୍କାର ପରିଧାନ କରିବେ। ପାର୍ଶ୍ୱ ଦେବଦେବୀମାନେ ମଧ୍ୟ ସୁନାର ଅଳଙ୍କାର ପରିଧାନ କରିବେ। ମା'ଙ୍କ ପଛ ମେଢ଼ର ଉଚ୍ଚତା ୨୫ ଫୁଟ ରହିବ। ପ୍ଲାଷ୍ଟିକ ଓ ନିଶାମୁକ୍ତ ପୂଜା ଉପରେ ସମିତି ଗୁରୁତ୍ୱ ଦେଉଥିବାବେଳେ ପ୍ଲାଷ୍ଟିକ ଜରିରେ ପୂଜା ଓ ଭୋଗ ସାମଗ୍ରୀ ଆଣିଲେ ମା'ଙ୍କ ପାଖରେ ଲାଗି କରାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ଜନସମାଗମକୁ ନଜରରେ ରଖି କମିଟି ପକ୍ଷରୁ ଭିଡ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ମହିଳା ଓ ପୁରୁଷଙ୍କ ପାଇଁ ଅଲଗା ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥା କରାଯିବ। ପୂଜା ଅଞ୍ଚଳକୁ ସିସି କ୍ୟାମେରା ମାଧ୍ୟମରେ ନଜର ରଖାଯିବ। ଏଥିସହିତ ୫୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କ ସମେତ ପୋଲିସ ମୁତୟନ ରହିବେ। ଦିବ୍ୟାଙ୍ଗ ଓ ବୃଦ୍ଧ ଲୋକଙ୍କ ସୁରକ୍ଷିତ ଦର୍ଶନ ଏବଂ ଭକ୍ତଙ୍କ ଗାଡି ପାର୍କିଂ ପାଇଁ ବ୍ୟବସ୍ଥା ହେବ। ରାସ୍ତାର ଉଭୟ ପାର୍ଶ୍ୱରେ ରଙ୍ଗ ବେରଙ୍ଗ ଲାଇଟରେ ସଜାଯିବା ସହିତ ୪ରୁ ଅଧିକ ଲାଇଟ ଗେଟ୍ କରାଯିବ। ଷଷ୍ଠୀ ତିଥିରୁ ବିଲ୍ୱବରଣ ଓ କଳସ ଯାତ୍ରା କରାଯିବ। ସେହିପରି ଅନ୍ୟାନ୍ୟ ତିଥିରେ ମା'ଙ୍କ ନିକଟରେ ପାରମ୍ପରିକ ରୀତିନୀତିରେ ଅନୁଯାୟୀ ପୂଜାର୍ଚ୍ଚନା ଓ ହୋମଯଜ୍ଞ ହେବ। ସପ୍ତମୀ ଦିନ ପାଲା, ଅଷ୍ଟମୀ ଓ ନବମୀ ସନ୍ଧ୍ୟାରେ ଓଡ଼ିଶାର ପ୍ରସିଦ୍ଧ କଳାକାରଙ୍କୁ ନେଇ ମେଲୋଡି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଦଶମୀ ଦିନ ରାବଣପୋଡିର ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ ଡିଜେ, ବାଣକୁ ବର୍ଜନ କରାଯାଇଛି। ଭସାଣି ଯାତ୍ରାରେ ପାରମ୍ପରିକ ନୃତ୍ୟ, ଘୋଡ଼ା ନାଚ, କଥକ, ପଞ୍ଜାବୀ, ମୃଦଳ, ସମ୍ବଲପୁର ବାଜା, ଘଣ୍ଟ ଆଦି ରହିବ।

### ନିଶାମୁକ୍ତ ପୂଜା ସହ ରାବଣପୋଡ଼ି



ଚଳିତବର୍ଷ ସମିତି ପକ୍ଷରୁ ନିଶାମୁକ୍ତ ଓ ପ୍ଲାଷ୍ଟିକ ମୁକ୍ତ ପୂଜା କରିବା ଉପରେ ଗୁରୁତ୍ୱ ଦିଆଯିବ। ମା'ଙ୍କ ପୂଜା ଓ ରାବଣ ପୋଡ଼ିରେ ଲକ୍ଷାଧିକ ଟଙ୍କାର ଖର୍ଚ୍ଚ କରାଯାଉଛି। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ସହିତ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

-ପ୍ରଭାତ କୁମାର ପରିଡ଼ା, ସଭାପତି

### ଗୋଟିଏ ଦିନ ପାଲା, ୩ ଦିନ ମେଲୋଡି



ପୂଜାରେ ଭିଡ଼ ନିୟନ୍ତ୍ରଣ ପାଇଁ ସ୍ୱେଚ୍ଛାସେବୀ ଓ ପୋଲିସ ମୁତୟନ ରହିବେ। ଭସାଣିରେ ଡିଜେ, ବାଣ ବ୍ୟବହାର ଉପରେ ରାଜ୍ୟ ସରକାର କଟକଣା ଲଗାଇଥିବାରୁ ସମିତି ପକ୍ଷରୁ ତାହାକୁ ବନ୍ଦ କରାଯାଇଛି। ଓଡ଼ିଶାର ପ୍ରସିଦ୍ଧ ପାରମ୍ପରିକ ନୃତ୍ୟ ଓ ବାଦ୍ୟର ତାଳେ ତାଳେ ମା'ଙ୍କୁ ମେଲାଣି ଦିଆଯିବ। ଭସାଣି ଉତ୍ସବରେ ମାଦଳ, ଘୋଡା ନାଚ ସାମିଲ କରାଯିବ। ସେହିପରି ଗୋଟିଏ ଦିନ ପାଲା ଏବଂ ୩ ଦିନ ମେଲୋଡି କାର୍ଯ୍ୟକ୍ରମ କରାଯିବ।

-ରମେଶ ଚନ୍ଦ୍ର ସାହୁ, ଉପସଭାପତି

# ଶୃଙ୍ଖଳିତ ପୂଜା, ସ୍ୱଚ୍ଛତା ଉପରେ ଗୁରୁତ୍ୱ

ଖୋର୍ଦ୍ଧା,୧୯।୯(ପ୍ରଭାତ ପାଣିଗ୍ରାହୀ)



ବୈଠକରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଉପଜିଲାପାଳ କିଶୋର କୁମାର ପଣ୍ଡା ଏବଂ ବିଭିନ୍ନ ପୂଜା କମିଟିର ସଭାପତି, ସମ୍ପାଦକମାନେ।

ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ଦୁର୍ଗାପୂଜା, ରାବଣପୋଡ଼ି, ଗଜଲକ୍ଷ୍ମୀ ପୂଜା ଏବଂ ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳାରେ ଆୟୋଜନ ପାଇଁ ସମସ୍ତ ପୂଜା କମିଟିକୁ ନେଇ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଜୟୀ ରାଜଗୁରୁ ଟାଉନ ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛତା, ଶୃଙ୍ଖଳିତ ପୂଜା ଓ ଭସାଣି, ଟ୍ରାଫିକ୍ ନିୟନ୍ତ୍ରଣ, ଆଇନଶୃଙ୍ଖଳା ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଅଧ୍ୟକ୍ଷତା କରିଥିଲେ। ଉପଜିଲାପାଳ କିଶୋର କୁମାର ପଣ୍ଡା ବୈଠକର ଆଭିମୁଖ୍ୟ ସହ ବିବରଣୀ ପାଠ କରିଥିଲେ।

ପୂଜା ଆୟୋଜନ ଏବଂ ଭସାଣି ପାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସିଙ୍ଗଲ ୱିଣ୍ଡୋରେ ଆବେଦନ କରିବେ। ଦୁର୍ଗାପୂଜା ପାଇଁ ୨୫ ଓ ୨୬ ଏବଂ ଲକ୍ଷ୍ମୀପୂଜା ଲାଗି ଅକ୍ଟୋବର ୪ ଓ ୫ ତାରିଖ ଧାର୍ଯ୍ୟ କରାଯାଇଛି। ରାବଣପୋଡ଼ି ଉତ୍ସବ ହାବେଳି ପଡ଼ିଆରେ ସନ୍ଧ୍ୟା ୭ଟାରୁ ଆରମ୍ଭହୋଇ ରାତ୍ର ୧୦ଟାରେ ସରିବ। ଏହି ଉତ୍ସବ ଆୟୋଜନ ପାଇଁ ବଡ଼ିଜୋନ୍‌ର କର୍ମକର୍ତ୍ତା କାର୍ଯ୍ୟସୂଚୀ ଅନୁସାରେ କାର୍ଯ୍ୟ କରିବେ। ରାବଣପୋଡ଼ି ସ୍ଥଳକୁ ରାସ୍ତା ଓ ଗୃହ ନିର୍ମାଣ, ବିଦ୍ୟୁତ୍ ଓ ଅଗ୍ନିଶମ ବିଭାଗ ଅଧିକାରୀଙ୍କ ଦ୍ୱାରା ମିଳିତଭାବେ ଯାଞ୍ଚ କରିବାକୁ ଉପଜିଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ୩ରେ ଦୁର୍ଗାପୂଜାର ଭସାଣି ଶୋଭାଯାତ୍ରା ହେବ। ମଣ୍ଡପ, ପେଣ୍ଡାଲରେ କୌଣସି ଅଶ୍ଳୀଳ ସଙ୍ଗୀତକୁ ବାରଣ କରାଯାଇଛି। ପୌରପାଳିକା ପକ୍ଷରୁ ସ୍ୱଚ୍ଛତା ଏବଂ ୱାଟର ଟ୍ୟାଙ୍କର ବ୍ୟବସ୍ଥା କରାଯିବ। ଚଳିତବର୍ଷ ଗଜଲକ୍ଷ୍ମୀ ପୂଜା ଅକ୍ଟୋବର ୬ରୁ ଆରମ୍ଭହୋଇ ୧୨ ତାରିଖରେ ସରିବା ସହ ସନ୍ଧ୍ୟାରେ ଭସାଣି ଶୋଭାଯାତ୍ରା ହେବ। ଭସାଣି ଶୋଭାଯାତ୍ରା ବିଜେବି ହାଇସ୍କୁଲ ପଡ଼ିଆରୁ ବାହାରିବ। ଭସାଣି ଉତ୍ସବ କମିଟି ଏହାର ତଦାରଖ କରିବାକୁ ଅତିରିକ୍ତ ଜିଲାପାଳ ବେଉରା କହିଛନ୍ତି। ପୂଜା ସମୟରେ ଡାକବାଜି ଯନ୍ତ୍ରର ବ୍ୟବହାର, ପୂଜା ମଣ୍ଡପ ନିମନ୍ତେ ଆବଶ୍ୟକ ଅନୁମତିପତ୍ର ଭାରପ୍ରାପ୍ତ ଥାନାଧିକାରୀ, ଅଗ୍ନିଶମ ଏବଂ ବଦ୍ୟୁତ୍ ବିଭାଗ ଅଧିକାରୀଙ୍କଠାରୁ ଆଣିବା ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁମତି ଦିଆଯିବ। ଡାକବାଜି ଯନ୍ତ୍ରର ବ୍ୟବହାର ୫୫ ଡେ.ବିରୁ ଅଧିକ ନ ହୁଏ, ସ୍ୱାସ୍ଥ୍ୟକେନ୍ଦ୍ର, ନ୍ୟାୟାଳୟ ଏବଂ ଶିକ୍ଷାନୁଷ୍ଠାନ(ନୋ ଜୋନ୍) ମାନଙ୍କରେ ଡାକବାଜି ଯନ୍ତ୍ର ବ୍ୟବହାର ନ କରିବା ପାଇଁ ଅନୁମତିରେ ନିର୍ଦ୍ଦେଶ ଦେବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆୟୋଜକ କମିଟି ପୂଜାମଣ୍ଡପ ନିକଟରେ ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା କରିବ। ଯେଉଁମାନେ ରାସ୍ତା ଉପରେ ତୋରଣ କରିବେ ସେମାନେ ପୌରପାଳିକା ଏବଂ ରାସ୍ତା ଓ ଗୃହ ନିର୍ମାଣ, ବିଦ୍ୟୁତ୍, ଅଗ୍ନିଶମ ବିଭାଗଠାରୁ ଆବଶ୍ୟକ ଅନୁମତି ଆଣିବେ। ଭସାଣି ପୂର୍ବରୁ ସହରର ସମସ୍ତ ରାସ୍ତାଘାଟର ଆବଶ୍ୟକ ମରାମତି ପାଇଁ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଟାଉନ ହଲ୍ ନିକଟରେ ଭସାଣି ଶୋଭାଯାତ୍ରା ନିରୀକ୍ଷଣ ପାଇଁ ପେଣ୍ଡାଲ କରାଯିବ। ଯାନବାହନ ପାର୍କିଂ ପାଇଁ ଗୀତାଭବନ ପଡିଆରେ ବ୍ୟବସ୍ଥା କରିବାକୁ ପୌରପାଳିକାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପୂଜା ପୂର୍ବରୁ ଟିପିସିଓଡିଏଲ୍ ସହରରେ ସଂଯୋଗ ହୋଇଥିବା ବିଦ୍ୟୁତ୍ ତାର ପରୀକ୍ଷା ସହ ଆବଶ୍ୟକ ଅନୁଯାୟୀ ପଦକ୍ଷେପ ନେବ। ଭସାଣି ସମୟରେ ସହରରେ ଥିବା ମଦ ଦୋକାନକୁ ୨୪ ଘଣ୍ଟା ପୂର୍ବରୁ ବନ୍ଦ ରଖିବାକୁ ଆବଶ୍ୟକ ପଦକ୍ଷେପ ନିଆଯିବ। ଭସାଣି ଉତ୍ସବ ଏବଂ ରାବଣପୋଡ଼ି ସମୟରେ ମୁଖ୍ୟ ଚିକିତ୍ସାଧିକାରୀ ଆବଶ୍ୟକ ଆମ୍ବୁଲାନ୍ସ ସହ ଭ୍ରାମ୍ୟମାଣ ଡାକ୍ତରୀ ଦଳ ବ୍ୟବସ୍ଥା କରିବେ। ଖାଦ୍ୟର ମାନ ଯାଞ୍ଚ ନିମନ୍ତେ ଖାଦ୍ୟ ନିରୀକ୍ଷକମାନେ ନିୟମିତ ଚଢ଼ାଉ ପାଇଁ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂଜା ସମୟରେ ପାଟ୍ରୋଲିଂ କରୁଥିବା ପିସିଆର ଭ୍ୟାନ୍ ଅଧିକାରୀ, ଏସ୍‌ଡିପିଓ, ଆଦର୍ଶ ଓ ଶିଳ୍ପାଞ୍ଚଳ ଥାନାଧିକାରୀ, ତହସିଲଦାରଙ୍କ ଫୋନ୍ ନମ୍ବର ସମସ୍ତ ପୂଜା କମିଟି ଆଗରେ ଡିସ୍‌ପ୍ଲେ କରିବାକୁ ସଦର ଏସ୍‌ଡିପିଓଙ୍କୁ ନିର୍ଦ୍ଦେଶ ଦେବା ସହ ଟ୍ରାଫିକ୍ ଓ ଭିଡ଼ ନିୟନ୍ତ୍ରଣ ପାଇଁ ଆବଶ୍ୟକ ଫୋର୍ସ ମୁତୟନ କରାଯିବ। ସମସ୍ତ ପୂଜା କମିଟି ସ୍ୱଚ୍ଛତା, ଡଷ୍ଟବିନ ବ୍ୟବହାର କରିବେ। ସ୍ୱଚ୍ଛ ମଣ୍ଡପକୁ ପୌରପାଳିକା ପକ୍ଷରୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ରିଜ୍‌ୱାନ କଅକବ ନିବେଦନ କରିଛନ୍ତି। ପୌର ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି କହିଛନ୍ତି। ନିର୍ଦ୍ଧାରିତ ସମୟ ପରେ ଭସାଣି ଶୋଭାଯାତ୍ରାକୁ ଅନୁମତି ଦିଆଯିବ ନାହିଁ। ଡିଜେ ବାଜିଲେ ପୂଜା କମିଟି ନାଁରେ ମାମଲା ରୁଜୁହେବ। ତତ୍‌ସହିତ କୌଣସି ପ୍ରକାର ବିଶୃଙ୍ଖଳା, ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟିକଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଦର୍ଶ ଥାନାଧିକାରୀ ସଞ୍ଜୟ ନାୟକ କହିଛନ୍ତି। ଲକ୍ଷ୍ମୀପୂଜା ଉପରେ ସଂସ୍କୃତି ବିଭାଗ ପକ୍ଷରୁ ସ୍ୱଚ୍ଛତା, ଶୃଙ୍ଖଳା ଏବଂ ଆକର୍ଷଣୀୟ ପୂଜା ଓ ଭସାଣି ନେଇ ପୂଜା କମିଟିକୁ ୩ଟି ଟ୍ରଫି ପ୍ରଦାନ କରାଯିବ। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂ, ଡା. ଶ୍ୟାମପ୍ରସାଦ ମିତ୍ର, ସଦର ଏସ୍‌ଡିପିଓ ଅନିଲ ମହାନ୍ତି, ପୂର୍ତ୍ତ ନିର୍ବାହୀ ଅଧିକାରୀ ସରୋଜ ମିଶ୍ର, ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ଟୁକୁନା ଦଲାଇ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ସାଂସଦଙ୍କ ପ୍ରତିନିଧି ଦିଲୀପ ହୋତା, ନିକୁଞ୍ଜ ପଟ୍ଟନାୟକଙ୍କ ସମେତ ଦୁର୍ଗା ଓ ଲକ୍ଷ୍ମୀ ପୂଜା କମିଟିର ସଭାପତି, ସମ୍ପାଦକମାନେ ଉପସ୍ଥିତ ଥିଲେ।

- ଡିଜେ ବାଜିଲେ ପୂଜା କମିଟି ନାଁରେ ହେବ ମାମଲା
- ଅକ୍ଟୋବର ୩ରେ ଦୁର୍ଗା, ୧୨ରେ ଲକ୍ଷ୍ମୀ ଭସାଣି

# କାତ୍ୟାୟନୀ ବେଶରେ ମା’ ବନଦୁର୍ଗା

ନିରାକାରପୁର,୧୯।୯(ମାନସ ଚନ୍ଦ୍ର ପଟ୍ଟନାୟକ)



ଶାରଦୀୟ ଷୋଡ଼ଶ ପୂଜା ଅବସରରେ ଶୁକ୍ରବାର ରାମେଶ୍ୱର ପଞ୍ଚାୟତସ୍ଥିତ ମା’ ବନଦୁର୍ଗା କାତ୍ୟାୟନୀ ବେଶରେ ଦର୍ଶନ ଦେଇଛନ୍ତି। ସକାଳେ ମା’ଙ୍କ ମଙ୍ଗଳ ଆଳତି, କଳସପୂଜା, ସୂର୍ଯ୍ୟପୂଜା, ପଞ୍ଚଦେବତା ପୂଜା ପରେ ସହସ୍ର କୁମ୍ଭାଭିଷେକ କରାଯାଇଥିଲା। ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ସନ୍ଧ୍ୟା ବାଲଭୋଗ, ଆଳତି, ଅଧରପଣା ଓ ମହାପ୍ରସାଦ ମା’ଙ୍କୁ ସମର୍ପଣପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। ଡ. କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ ପଣ୍ଡିତ ତପନ କୁମାର ମହାପାତ୍ର, ବିଷ୍ଣୁପ୍ରିୟା ପଟ୍ଟଯୋଶୀ, ପଣ୍ଡିତ ସୀତାକାନ୍ତ ଦାଶ ଏବଂ ବେଦ ବିଦ୍ୟାର୍ଥୀମାନେ ସହଯୋଗ କରିଥିଲେ। ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା’ଙ୍କର ଏହି ଦିବ୍ୟବେଶ ଦର୍ଶନ କରିଥିଲେ।

# ଅଗ୍ନିଶମ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ୩ ଗିରଫ



ଗିରଫ ୩ ଅଭିଯୁକ୍ତ।

ବୋଲଗଡ଼,୧୯।୯(ଦେବବ୍ରତ ହୋତା)

ଅଗ୍ନିଶମ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ବୋଲଗଡ଼ ଥାନା ପୋଲିସ ଶୁକ୍ରବାର ଖଗୁରିଆ ଗ୍ରାମର ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ରବୀନ୍ଦ୍ର ଲେଙ୍କା(୪୦), ଚନ୍ଦ୍ରକାନ୍ତ ସାମନ୍ତରାୟ(୨୫) ଏବଂ ପ୍ରଭାକର ସାମନ୍ତରାୟ(୧୯)। ଏହି ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ସୂଚନାଥାଉ କି, ବୋଲଗଡ଼ ନେଳିଆ ପୋଖରୀ ନିକଟ ଅଙ୍ଗନୱାଡ଼ି କେନ୍ଦ୍ର-୧ ପରିସରରେ ଥିବା ନଡ଼ିଆଗଛ ସଫା କରିବା ପାଇଁ ଚଢ଼ିଥିବା ଖଗୁରିଆ ଗ୍ରାମର ଆଲୋକ କୁମାର ପରିଡ଼ାଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିଲା। ସେ ଗଛ ଚଢ଼ିବା ପାଇଁ ବ୍ୟବହାର କରିଥିବା ଲୌହ ଉପକରଣ ସହ ପ୍ରାୟ ୪୦ ଫୁଟ ଉଚ୍ଚତାରେ ଗଛ ଶୀର୍ଷରେ ଝୁଲି ରହିଥିଲା। ତାଙ୍କ ଶରୀରକୁ ତଳକୁ ଆଣିବା ପାଇଁ ସ୍ଥାନୀୟ ଅଗ୍ନିଶମ ବିଭାଗର କର୍ମଚାରୀ ଓ ପୋଲିସ ପହଞ୍ଚିଥିଲେ। ଅଗ୍ନିଶମ କର୍ମଚାରୀମାନେ ଲମ୍ବା ନିଶୁଣି ବ୍ୟବହାର କରି ଆଲୋକଙ୍କ ଶରୀରକୁ ତଳକୁ ଆଣିବାକୁ ଉଦ୍ୟମ କରିଥିଲେ। ତେବେ ଅସାବଧାନତାରୁ ଆଲୋକଙ୍କ ଶରୀର ପ୍ରାୟ ୪୦ଫୁଟ ତଳକୁ ଖସିପଡ଼ିଥିଲା। ଏହା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେଠାରେ ଉପସ୍ଥିତ କେତେଜଣ ଯୁବକ ଅଗ୍ନିଶମ କର୍ମଚାରୀମାନଙ୍କୁ ଆକ୍ରମଣ କରିଥିଲେ। ଏନେଇ ବରିଷ୍ଠ ଅଗ୍ନିକ ସନ୍ତୋଷ କୁମାର ପରିଡ଼ାଙ୍କ ଅଭିଯୋଗକ୍ରମେ ବୋଲଗଡ଼ ପୋଲିସ ଏକ ମାମଲା (ନଂ.୨୧୨/୨୫) ରୁଜୁ କରି ତଦନ୍ତ ଚଳାଇଥିଲା। ବୋଲଗଡ଼ ଥାନା ନିରୀକ୍ଷିକା ସ୍ନିଗ୍ଧାମୟୀ ବରାଳଙ୍କ ନେତୃତ୍ୱରେ ଉପନିରୀକ୍ଷିକା ଲିଲି ପାଢ଼ୀ ଓ ଅନ୍ୟମାନେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

# ବେଗୁନିଆ ବ୍ଲକ୍: ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷାରେ ୫ ଅନୁପସ୍ଥିତ

ବେଗୁନିଆ,୧୯।୯(ହରପ୍ରସନ୍ନ ପଣ୍ଡା)

ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ସଦର ମହକୁମାସ୍ଥିତ ପିଏମ୍‌ଶ୍ରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ହୋଇଥିଲା। ବ୍ଲକର ୧୯୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ପଞ୍ଜୀକୃତ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ମୁଖ୍ୟ ପରିଚାଳକଙ୍କଠାରୁ ସୂଚନା ମିଳିଛି। ସୂଚନାଥାଉ କି, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଚଳିତ ଶିକ୍ଷାବର୍ଷ ପାଇଁ ବେଗୁନିଆ ସଦର ମହକୁମାସ୍ଥିତ ପିଏମ୍‌ଶ୍ରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ପରୀକ୍ଷା କେନ୍ଦ୍ର ଭାବେ ସ୍ଥିର କରାଯାଇଥିଲା। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ଅଧୀକ୍ଷକ ଏବଂ ବରିଷ୍ଠ ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରା ଉପ ଅଧୀକ୍ଷକ ଦାୟିତ୍ୱ ନିର୍ବାହ କରିଥିଲେ। ଶିକ୍ଷକ ସୌମ୍ୟରଞ୍ଜନ ସାହୁ, ଅଜିତ କୁମାର ପୁରୀ, ସୂର୍ଯ୍ୟକାନ୍ତ ମହାପାତ୍ର, ପ୍ରଭାତ କୁମାର ନିଶଙ୍କ, ଶିକ୍ଷୟିତ୍ରୀ ରେଶ୍ମାରଶ୍ମୀ ପାଇକରାୟ, ଶୁଭଲକ୍ଷ୍ମୀ ସାହୁ, ସୁନିତା ପୃଷ୍ଟି, ଲକ୍ଷ୍ମୀପ୍ରିୟା ତ୍ରିପାଠୀ, ମୋହିନୀ କାନ୍ତି ଦାସ ନିରୀକ୍ଷକ ଦାୟିତ୍ୱ ବହନ କରିଥିଲେ। କର୍ମଚାରୀ କିରଣବାଳା ଜେନା, ବିରଞ୍ଚି ନାରାୟଣ ସାହୁ ଏବଂ ବିଶ୍ୱରଞ୍ଜନ ପରିଡା ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ। ବ୍ଲକ୍‌ଶିକ୍ଷାଧିକାରୀ ଭାସ୍କର ଲେଙ୍କା ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବେଗୁନିଆ ଥାନା ପକ୍ଷରୁ ପୋଲିସ ମୁତୟନ ହୋଇଥିଲେ।



ଅସରଳା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ହରିହର ଉଚ୍ଚ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ‘ଆସ ସ୍କୁଲ୍ ଯିବା’ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ପିଲାମାନେ।

# ‘ଭଲ ପାଠ ପଢ଼ିବା ସହ କଲେଜର ଗୌରବ ଅକ୍ଷୁଣ୍ଣ ରଖ’

ଖୋର୍ଦ୍ଧା,୧୯।୯(ପ୍ରଭାତ ପାଣିଗ୍ରାହୀ)



ଅତିଥିଙ୍କଠାରୁ ଜଣେ ଛାତ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି।

ଖୋର୍ଦ୍ଧା ଉପକଣ୍ଠ ହଳଦିଆ ମହାବିଦ୍ୟାଳୟର ୪୨ତମ ସାମ୍ବତ୍ସରିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଶାନ୍ତନୁ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଡା. ଶରତ ଚନ୍ଦ୍ର ମିଶ୍ର, ଶିକ୍ଷାବିତ୍ ବ୍ରହ୍ମାନନ୍ଦ ଭଞ୍ଜଦେଓ, ପୂର୍ବତନ ଅଧ୍ୟକ୍ଷ ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହାବିଦ୍ୟାଳୟର ଗୌରବମୟ ଇତିହାସ ସମ୍ପର୍କରେ କହିଥିଲେ। ଛାତ୍ରୀଛାତ୍ର ଭଲ ପାଠ ପଢ଼ିବା ସହ କଲେଜର ଗୌରବ ଅକ୍ଷୁଣ୍ଣ ରଖନ୍ତୁ। ଏକ ସମୃଦ୍ଧ ପ୍ରଗତିଶୀଳ ରାଷ୍ଟ୍ର ଗଠନରେ ବିଦ୍ୟାର୍ଥୀଙ୍କ ପ୍ରମୁଖ ଭୂମିକା ରହିଛି। ଶୃଙ୍ଖଳିତ ଜୀବନଶୈଳୀ, କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ରିଲ୍ସରେ ମାତିବା ଅପେକ୍ଷା ଇତିହାସ ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ। ୧୯୮୩ ମସିହାରେ ୧୬ ଛାତ୍ରୀଛାତ୍ରଙ୍କୁ ନେଇ ଏହି ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିବା ବେଳେ ଏବେ ମହାବିଦ୍ୟାଳୟ ତା’ର ପୂର୍ଣ୍ଣାଙ୍ଗ ରୂପ ପାଇପାରିଛି। ୩ଟି ବଖରାରେ କଳା ଓ ବାଣିଜ୍ୟ ପାଠ୍ୟକ୍ରମକୁ ନେଇ ଆରମ୍ଭ ହୋଇଥିବା ଏହି ମହାବିଦ୍ୟାଳୟର ଦୀର୍ଘ ୪୨ ବର୍ଷ ମଧ୍ୟରେ ନବକଳେବର ଘଟିଛି। ଶ୍ରେଣୀଗୃହ ସଂଖ୍ୟା ତିରିଶରେ ପହଞ୍ଚିଛି। ଏବେ ବିଜ୍ଞାନ ବିଭାଗ ଖୋଲିଛି। ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧୨ଶହରେ ପହଞ୍ଚିଛି। ରଘୁନାଥ ଜନଗଣ ଟ୍ରଷ୍ଟ ପକ୍ଷରୁ ଯୁକ୍ତ୨ ପରୀକ୍ଷାରେ ସର୍ବୋଚ୍ଚ ନମ୍ବରରେ ଉତ୍ତୀର୍ଣ୍ଣ ଛାତ୍ରୀ ସୁନିତା ଖଟୁଆଙ୍କୁ ଟ୍ରଫି ଓ ମାନପତ୍ର ସହ ୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ସେହିପରି ହାଡ଼ିବନ୍ଧୁ ଲକ୍ଷ୍ମୀପ୍ରିୟା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଯୁକ୍ତ୨ କଳା, ବିଜ୍ଞାନ ଓ ବାଣିଜ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ୧ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅଧ୍ୟାପିକା ସୁଶ୍ରୀ ସୀତା ପାତ୍ର ସ୍ୱାଗତ ଭାଷଣ, ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ନନ୍ଦ ଧନ୍ୟବାଦ ଦେଇଥିଲେ।

# ଆସ ସ୍କୁଲ୍ ଯିବା, ଉଲ୍ଲାସ କାର୍ଯ୍ୟକ୍ରମ

ବୋଲଗଡ଼,୧୯।୯(ଦେବବ୍ରତ ହୋତା)

ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ଅସରଳା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ହରିହର ଉଚ୍ଚ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ‘ଆସ ସ୍କୁଲ୍ ଯିବା’ ଓ ‘ଉଲ୍ଲାସ’ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉଭୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ବିଭିନ୍ନ ସଚେତନାମୂଳକ ସ୍ଲୋଗାନ୍ ଦେଇ ଗ୍ରାମ ପରିକ୍ରମା କରିଥିଲେ। ଦଧିବାମନ ମନ୍ଦିର ପ୍ରାଙ୍ଗଣରେ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଆୟୋଜିତ ସଭାରେ ବୋଲଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରମୋଦ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଶିକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଉପଲବ୍ଧି ନେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷାବିତ୍ ସୁବଳ ଜେନା, ସିଆର୍‌ସିସି ଲୋକନାଥ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ପ୍ରସନ୍ନ କୁମାର ରଣା, ଶିକ୍ଷୟିତ୍ରୀ ତିଳୋତ୍ତମା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ସୁବାସ ଖଣ୍ଡାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତା ମରାମତି ପ୍ରସଙ୍ଗ: ତାଳିପକା କାର୍ଯ୍ୟକୁ ନେଇ ଅସନ୍ତୋଷ



ବେଗୁନିଆ,୧୯।୯(ସନ୍ଧ୍ୟାରାଣୀ ମିଶ୍ର)

ସିମୋର-ବାଙ୍କୀ ପୂର୍ତ୍ତ ବିଭାଗ ରାସ୍ତାର ଭୋଗଡ଼ା ଗ୍ରାମସ୍ଥିତ ବାଲୁଙ୍କେଶ୍ୱର ଦେବ ମନ୍ଦିର ଏବଂ ତୁଳସୀପୁର ମଧ୍ୟରେ ଥିବା କଂକ୍ରିଟ ଢଳେଇ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲ ସୃଷ୍ଟିହୋଇ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଥିଲା। ଏନେଇ ଗତ ୧୦ ତାରିଖରେ ରାସ୍ତା ଫାଟି ଆଁ, ଲୋକେ ହଇରାଣ ଶୀର୍ଷକ ଖବର ‘ଧରିତ୍ରୀ’ରେ ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶ ପାଇବାର ୩ ଦିନ ପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଉକ୍ତ ରାସ୍ତାର ଯେଉଁଠାରେ ବଡ଼ ଖାଲ ହୋଇଛି ସେଠାରେ ବିଭାଗ ପକ୍ଷରୁ ତାଳିପକା କାର୍ଯ୍ୟ କରାଯାଇଥିବା ଦେଖିବାକୁ ମିଳିଛି। ଏନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତାର ସମ୍ପୂର୍ଣ୍ଣ କାର୍ଯ୍ୟ ବିଭାଗ ପକ୍ଷରୁ କେବେ କରାଯିବ ବୋଲି ଲୋକେ ଅପେକ୍ଷା କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଫକୀର ଚରଣ ବେହେରା କହିଛନ୍ତି, ବର୍ଷା ଯୋଗୁ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ।

# ରେଲ୍‌ୱେ ଶ୍ରମିକ ୟୁନିୟନ୍‌ର ପ୍ରତିବାଦ ସଭା



ଜଟଣୀ,୧୯।୯(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ମଣ୍ଡଳ ରେଲ୍‌ୱେ ଶ୍ରମିକ ୟୁନିୟନ୍ ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଅଲ୍ ଇଣ୍ଡିଆ ରେଲୱେ ମେନ୍ସ ଫେଡେରେଶନ ଆହ୍ୱାନରେ ଏହି ପ୍ରତିବାଦ ସଭା ହୋଇଥିଲା। ସର୍ବଭାରତୀୟସ୍ତରରେ ଅଷ୍ଟମ ବେତନ କମିଶନ ତୁରନ୍ତ ରାଜପତ୍ର ବିଜ୍ଞପ୍ତି ପ୍ରକାଶ କରିବା ଦାବିରେ ଶ୍ରମିକ ୟୁନିୟନ୍‌ର ମହାମନ୍ତ୍ରୀ ପ୍ରଦୀପ କୁମାର ପାଟସାହାଣୀଙ୍କ ନିର୍ଦ୍ଦେଶରେ ସଭା ହୋଇଥିଲା। ୨୦୨୬ ଜାନୁଆରୀ ୧ରୁ ଅଷ୍ଟମ ବେତନ କମିଶନ ଲାଗୁ କରିବା, ଅଷ୍ଟମ ବେତନ କମିଶନ ସମ୍ବନ୍ଧରେ ରାଜପତ୍ର ବିଜ୍ଞପ୍ତି ତୁରନ୍ତ ପ୍ରକାଶ କରିବା, କମିଶନର ସମସ୍ତ ସର୍ତ୍ତାବଳୀ କର୍ମଚାରୀଙ୍କ ହିତରେ ଲାଗୁ କରିବା ଆଦି ତିନି ଦଫା ଜାତୀୟ ଦାବି ସହ ମଣ୍ଡଳସ୍ତରରେ ରେଲୱେ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଆଦି ଦାବିରେ ସଭା ହୋଇଥିଲା। ଏହି ସଭାରେ ଖୋର୍ଦ୍ଧାରୋଡ୍ ମଣ୍ଡଳ ସଂଯୋଜକ କୌଶିକ୍ ଶାହଙ୍କ ନେତୃତ୍ୱରେ ଶତାଧିକ କର୍ମଚାରୀ ଯୋଗଦେଇଥିଲେ। ପ୍ରତିବାଦ ପରେ ରେଲୱେ ବୋର୍ଡର ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ପ୍ରବନ୍ଧକଙ୍କୁ ପ୍ରଦାନ କରାଯାଇଛି। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର ଅତିରିକ୍ତ ମହାମନ୍ତ୍ରୀ ରଞ୍ଜିତ ଦାସ, ଉପମଣ୍ଡଳ ସଂଯୋଜକ ନିର୍ମଳ ପରିଡା, ଉପମଣ୍ଡଳ ସଂଯୋଜକ ଅମ୍ରିତ ମିଶ୍ର, ଖୋର୍ଦ୍ଧାରୋଡ୍ ହେଡ୍‌କ୍ୱାର୍ଟର୍ସ ଶାଖା ସମ୍ପାଦକ ପ୍ରମୋଦ ରାୟଙ୍କ ସମେତ ବହୁ ପଦାଧିକାରୀ ଓ ସଦସ୍ୟ ଉପସ୍ଥିତ ଥିଲେ।

# ସାର ପାଇଁ ନୟାନ୍ତ ହେଲେ ଚାଷୀ

## ବେଗୁନିଆ ବ୍ଲକ୍

ବେଗୁନିଆ,୧୯।୯(ହରପ୍ରସନ୍ନ ପଣ୍ଡା)



ବେଗୁନିଆ ସଦର ମହକୁମାସ୍ଥିତ ଖୋର୍ଦ୍ଧା ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ସାର ପାଇଁ ଚାଷୀଙ୍କ ଲମ୍ବାଧାଡ଼ି।

ଚାଷୀଙ୍କ ପିଛା ଛାଡୁନି ସମସ୍ୟା। ମୌସୁମୀ ଆଗମନ ପରେ ଖରିଫ ଧାନଚାଷ କରିଛନ୍ତି ଚାଷୀ। ଏହି ସମୟରେ ବେଗୁନିଆ ବ୍ଲକ ଅଞ୍ଚଳର ଚାଷୀମାନେ ସାର ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଚଳିତବର୍ଷ ବେଗୁନିଆ ବ୍ଲକ୍ ଅଞ୍ଚଳର ୧୪ଟି ସେବା ସମବାୟ ସମିତି ଜରିଆରେ ଚାଷୀଙ୍କ ପାଇଁ ଆବଶ୍ୟକ ସବ୍‌ସିଡି ସାର ଯୋଗାଣ ବ୍ୟବସ୍ଥା କରାଯାଇଥିଲା। ସେହିପରି କୃଷି ବିଭାଗ ପକ୍ଷରୁ ୫୨ଜଣ ବିକ୍ରେତାଙ୍କୁ ଲାଇସେନ୍ସ ବଣ୍ଟନ କରାଯାଇଥିଲା। ହେଲେ ଚଳିତ ଖରିଫ ଚାଷ ଆରମ୍ଭ ସମୟରେ ପ୍ରଥମ ପର୍ଯ୍ୟାୟରେ ଚାଷୀଙ୍କ ଆବଶ୍ୟକଠାରୁ ଅଳ୍ପ ସାର ଯୋଗାଇ ଦିଆଯାଇଥିଲା। ପୁଣି ଏବେ ବ୍ଲକ ଅଞ୍ଚଳକୁ ଦ୍ୱିତୀୟ ପର୍ଯ୍ୟାୟ ସାର ଯୋଗାଣ ବ୍ୟବସ୍ଥା କରାଯାଇଛି। ଶୁକ୍ରବାରଠାରୁ ବିଭିନ୍ନ ସେବା ସମବାୟ ସମିତି କାର୍ଯ୍ୟାଳୟ ଆଗରେ ସବ୍‌ସିଡି ସାର ଯୋଗାଇ ଦିଆଯାଇଥିଲା। ସକାଳେ ସମିତି କାର୍ଯ୍ୟାଳୟ ଆଗରେ ଆଧାର ପରିଚୟପତ୍ର ଧରି ଚାଷୀମାନେ ଧାଡ଼ି ଜମାଇଥିଲେ। ମଣ୍ଡିରେ ପଞ୍ଜୀକରଣ କରିଥିବା ଚାଷୀମାନଙ୍କୁ କେବଳ ସାର ଯୋଗାଇ ଦିଆଯାଇଥିଲା। କେତେଜଣ ଚାଷୀ ଆବଶ୍ୟକଠାରୁ କମ୍ ପାଇଥିଲେ। ବହୁ ଚାଷୀ ସାର ନ ପାଇ ନିରାଶ ହୋଇ ଫେରିଥିଲେ। ଏନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ପରିସ୍ଥିତି ଏପରି ହେଲା ଯେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସର ହସ୍ତକ୍ଷେପ ଲୋଡ଼ିବାକୁ ପଡ଼ିଥିଲା।

**ହମ୍ପସ ଉପରୁ ବାଇକ୍‌ରୁ ଖସିପଡ଼ି ଯୁବକ ମୃତ**

ଖୁଣ୍ଟୁଣୀ,(ସଚ୍ଚିଦାନନ୍ଦ ପଣ୍ଡା): ଗୁରୁଡ଼ିଝାଟିଆରୁ ଶୁକ୍ରବାର ରାତିରେ ମିନାବଜାର ଦେଖି ବାଇକ୍‌ରେ ଘରକୁ ଫେରୁଥିବା ବେଳେ ରାଧାକିଶୋରପୁର ବଜାର ହାଇସ୍କୁଲ ଆଗରେ ଥିବା ହମ୍ପସରୁ ଯୁବକ ରାସ୍ତା ଉପରେ ଖସିପଡ଼ିଥିଲେ। ଫଳରେ ପଛରୁ ଆସୁଥିବା ଏକ ଟ୍ରକ୍ ତାଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ଘର ନରସିଂହପୁର ହୋଇଥିବା ବେଳେ ସେ ତାଙ୍କ ମାମୁ ଘର ଖୁଣ୍ଟୁଣୀ ରାମନଗରଠାରେ ରହୁଥିଲେ। ଖବର ପାଇ ଖୁଣ୍ଟୁଣୀ ଥାନା ଅଧିକାରୀ ରଞ୍ଜନ କୁମାର ପ୍ରଧାନ, ଏସଆଇ ପ୍ରିୟଦର୍ଶନ ସେଠୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଇଛି। ପୋଲିସ ଟ୍ରକ୍ ଓ ବାଇକ୍ ଜବତ କରି ତଦନ୍ତ କରୁଛି।

# ଷୋଳପୂଜାର ଷଷ୍ଠ ଦିନ ବେଶ



ଷୋଡ଼ଶ ଉପଚାର ପୂଜା ଅବସରରେ ଶୁକ୍ରବାର ମା' କଟକ ଚଣ୍ଡୀଙ୍କ ଉଗ୍ରତାରା ବେଶ।



ମା' ଗଡ଼ଚଣ୍ଡୀଙ୍କ ବନଦୁର୍ଗା ବେଶ।



ମା' ଝାଞ୍ଜିରି ମଙ୍ଗଳାଙ୍କ ବୈଷ୍ଣବୀ ବେଶ।



ମା' ବାସନ୍ତୀ ଦୁର୍ଗାଙ୍କ କମଳା ବେଶ।



ରଘୁନାଥ ଜୀଉ ମନ୍ଦିରସ୍ଥିତ ମା' ମଙ୍ଗଳାଙ୍କ ଉଗ୍ରତାରା ବେଶ।



ପୀଠାପୁରସ୍ଥିତ ମା' ଧାକୁଲେଇ ସରସ୍ୱତୀ ବେଶ।



ହରିପୁରସ୍ଥିତ ମା' ବିମଳାଙ୍କ ଗାୟତ୍ରୀ ବେଶ।



ତିଗିରିଆ ବ୍ଲକ ବିନ୍ଧାଣିମା ବାଇପାସ୍‌ସ୍ଥିତ ମା' ବୁଢ଼ୀ ମଙ୍ଗଳାଙ୍କ ମହାସରସ୍ୱତୀ ବେଶ।



ବାଙ୍କୀର ମା' ଚର୍ଚ୍ଚିକାଙ୍କ ଷୋଳପୂଜାର ଷଷ୍ଠ ଦିନର ବେଶ।

## ଲକ୍ଷ୍ମଣ ସାହୁ ନୂତନ ଆତ୍ମା ଅଧ୍ୟକ୍ଷ

ମଙ୍ଗୁଳି-ଜଗତପୁର,୧୯।୯(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଭଟିମୁଣ୍ଡା ପଞ୍ଚାୟତ ପୂର୍ବତନ ଭାଜପା ମଣ୍ଡଳ ସଭାପତି ଲକ୍ଷ୍ମଣ ସାହୁ ଆତ୍ମାର ନୂତନ ଅଧ୍ୟକ୍ଷ ଭାବେ ଶୁକ୍ରବାର ମନୋନୀତ ହୋଇଛନ୍ତି। ଏହି ଅବସରରେ ବ୍ଲକ କାର୍ଯ୍ୟାଳୟ ପରିସରରେ କୃଷି ଅଧିକାରୀ ରାଜଶ୍ରୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଚୟନ ପକ୍ରିୟାରେ ଆତ୍ମା କମିଟିର ୨୫ଜଣ ସଦସ୍ୟ ସର୍ବସମ୍ମତି କ୍ରମେ ଲକ୍ଷ୍ମଣଙ୍କୁ ଆତ୍ମା ଅଧ୍ୟକ୍ଷ ମନୋନୀତ କରାଯାଇଥିଲା। ପରେ ଲକ୍ଷ୍ମଣଙ୍କୁ ଏକ ବିରାଟ ଶୋଭାଯାତ୍ରାରେ କୃଷି ବିଭାଗ କାର୍ଯ୍ୟାଳୟକୁ ହାଟଚୌଉରା ମନ୍ଦିରରେ ପହଞ୍ଚି ଆଶୀର୍ବାଦ ନେଇଥିଲେ। ପରେ ଏକ ବୈଠକ ସହ ସେ ଆତ୍ମାର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାର ଶ୍ରେୟ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଟାଙ୍ଗୀ-ସାଲେପୁର ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟ, ପୂର୍ବତନ ରାଜ୍ୟ ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଚୌଧୁରୀ ହେମନ୍ତ ସାହୁଙ୍କୁ ଦେବା ସହ ଟାଙ୍ଗୀ ଚୌଦ୍ୱାର ବ୍ଲକ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଭାଜପା ଯୁବ ମୋର୍ଚ୍ଚା ସଭାପତି ସତ୍ୟବ୍ରତ ସାହୁ, ସୁବ୍ରତ ତ୍ରିପାଠୀ, ଶୁଭମ ଶେଖର ସାହୁ, ଅମରେଶ ସାହୁ, ରଜତ ତ୍ରିପାଠୀ, ସତ୍ୟମ ସାହୁ, ଆଶିଷ ରାଉତରାୟ, ଚିନ୍ମୟ ଧଳ, ରାହୁଲ ରାଉତରାୟ, ଜୟ ପ୍ରକାଶ ସୁବୁଦ୍ଧି, ସୋମନାଥ ସିଂ, ତପନ ଧଳ, ରମେଶ ସାହୁ, ପ୍ରଶାନ୍ତ ସାହୁ, ଗଣେଶ ବେହେରା ପ୍ରମୁଖ ସହିତ ଶତାଧିକ ଭାଜପା କର୍ମୀ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ସାଧୁସନ୍ଥ, ସଂକୀର୍ତ୍ତନ ମଣ୍ଡଳୀ ସମ୍ମିଳନୀ

ଚୌଦ୍ୱାର,୧୯।୯(ଆଶୁତୋଷ ଦାସ)

ଚୌଦ୍ୱାରରେ ସାଧୁସନ୍ଥ ଓ ସଂକୀର୍ତ୍ତନ କର୍ମକର୍ତ୍ତାଙ୍କ ସମ୍ମିଳନୀ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସୁନାମଧନ୍ୟ ସଂକୀର୍ତ୍ତନ ଗୁରୁ ତଥା ଆଧ୍ୟାତ୍ମବାଦୀ ରମେଶ ଚନ୍ଦ୍ର ନାୟକଙ୍କ ପରଲୋକରେ ଚୌଦ୍ୱାର ପ୍ରଧାନସାହିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ. ସୁଲିପ୍ତ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଭାଗବତ ପ୍ରବକ୍ତା ବ୍ରଜେନ୍ଦ୍ର ନାୟକ, ଟାଙ୍ଗୀ-ଚୌଦ୍ୱାର ସତ୍ୟ ସନାତନ ଭାଗବତ ପ୍ରଚାର ସମିତି ସଭାପତି ସିଦ୍ଧେଶ୍ୱର ନାୟକ, ତୋଫାନୀ ବାବା, ପରମାନନ୍ଦ ସାହୁ, ହୃଷିକେଶ ମହାନ୍ତି, କାଳନ୍ଦୀ ମହାରଣା, ସୁବାସ ଚନ୍ଦ୍ର ମହାରଣା, ମନୋରଞ୍ଜନ ନାୟକ ପ୍ରମୁଖ ସ୍ୱର୍ଗତ ନାୟକଙ୍କ ଅଧ୍ୟାତ୍ମିକ ଜୀବନୀ ଉପରେ ଆଲୋଚନା କରି ବିଭିନ୍ନ ଆଧ୍ୟାତ୍ମିକ ଓ ସଂକୀର୍ତ୍ତନରେ ତାଙ୍କର ନେତୃତ୍ୱ ଓ କାର୍ଯ୍ୟଦକ୍ଷତା ପାଇଁ ସେ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଥିଲେ ବୋଲି ମତବ୍ୟକ୍ତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ଗୀତା ପାରାୟଣ, ଭାଗବତ ପଠନ ଓ ସମୁହ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅଞ୍ଚଳର ୮୫ଜଣ ସଂକୀର୍ତ୍ତନ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାବାଜୀ ଦିନବନ୍ଧୁ ବେଉରା, ମାନସ କୁମାର ସାହୁ, ରଞ୍ଜନ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସ୍ୱର୍ଗତ ନାୟକଙ୍କ ପୁତ୍ର ଭବାନୀ ଶଙ୍କର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶୈଳବାଳାରେ ଏନ୍‌ଏସ୍‌ଏସ୍ ଶୀତକାଳୀନ ଶିବିର

କଟକ,୧୯।୯(କାର୍ତ୍ତିକ ସାହୁ)

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ୭ ଦିନିଆ ଶୀତକାଳୀନ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଜୀବନ ବଲ୍ଲଭ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କମଳା ନେହେରୁ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ସୁଶାନ୍ତ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ଏନ୍‌ଏସ୍‌ଏସ୍‌ର ଲକ୍ଷ୍ୟକୁ ନିଜ ଜୀବନରେ ଛାତ୍ରୀମାନେ ସାମିଲ କରିବାକୁ ଡ. ପଟ୍ଟନାୟକ ପରାମର୍ଶ ଦେଇଥିଲେ। ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ଯୋଗମାୟା ପଣ୍ଡା ପ୍ରାରମ୍ଭିକ ସୂଚନା ଓ ଡ. ସାଗରିକା ସାହୁ ପରିଚାଳନାରେ ସହଯୋଗ କରିଥିଲେ।

## ଶିଶୁଭବନରେ ଅଗ୍ନିଶମ ବିଭାଗର ମକ୍‌ଡ୍ରିଲ୍

କଟକ,୧୯।୯(ଶିଳ୍ପା ପ୍ରିୟଦର୍ଶିନୀ)

ସର୍ଦ୍ଦାର ବଲ୍ଲଭ ଭାଇ ସ୍ନାତକୋତ୍ତର ଶିଶୁରୋଗ ପ୍ରତିଷ୍ଠାନ (ଶିଶୁଭବନ)ର ନୂତନ ଜିପ୍ଲସ-୬ କୋଠାରେ ଗୁରୁବାର ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ଦୁର୍ଘଟଣାର ମୁକାବିଲା କୌଶଳ ତାଲିମ ଦିଆଯାଇଛି। ମେଡିକାଲରେ କୌଣସି ପ୍ରକାର ଅଗ୍ନି ଦୁର୍ଘଟଣା ହୁଏ ତେବେ ତାହାର ମୁକାବିଲା କିଭଳି କରାଯିବ ସେ ନେଇ ଅଗ୍ନିଶମ ବାହିନି ନିଜକୁ ପ୍ରସ୍ତୁତ କରିବା ସହିତ କର୍ମଚାରୀଙ୍କ କଣ ଭୂମିକା ରହିବ ତାହା ବୁଝାଯାଇଛି। ଏପରିକି ତଳମହଲାରୁ ହସ୍ପିଟାଲ ବାହାରକୁ ରୋଗୀ ଓ ସମ୍ପର୍କୀୟଙ୍କୁ ଆଣିବା, ଉପର ମହଲାରୁ ରୋଗୀଙ୍କୁ ଛାତ ଉପରକୁ କାଢି ନେବା, ହାଇଡ୍ରୋଲିକ ପାୱାର ମେଶିନ ବା ସିଡ଼ି ଦ୍ୱାର ନିଆଁ ଭିତରେ ଫସିଥିବା ଲୋକଙ୍କୁ ଝରକା କିମ୍ବା କବାଟ ବାଟେ ବାହାରକୁ ବାହାର କରି ଆଣିବା, ରୋବୋଟିକ ମନିଟର ଯୋଗେ ନିଆଁ ଭିତର ଦୃଶ୍ୟ ଦେଖି ଲୋକଙ୍କୁ ବାହାର କରିବା ଆଦି କୌଶଳ ଦେଖାଯାଇଥିଲା। ଏହାସହ ଲୋକଙ୍କ ସହାୟତାରେ ରୋଗୀଙ୍କୁ ଷ୍ଟ୍ରେଚର ଯୋଗେ ଓ ରୋପ ସାହାଯ୍ୟରେ ତଳକୁ କାଢିବା, ମେଡିକାଲରେ ଥିବା ଅଗ୍ନି ନିର୍ବାପକ ଯନ୍ତ୍ରକୁ କିଭଳି ବ୍ୟବହାର କରି ନିଆଁକୁ ଆୟତ୍ତକୁ ଅଣାଯିବ ଓ ହଠାତ ନିଆଁ ଲାଗିରେ ମେଡିକାଲର କର୍ମଚାରୀ କ'ଣ କରିବେ ତାହା ବୁଝାଯାଇଥିଲା। ଏହି ମକ୍‌ଡ୍ରିଲ ପ୍ରାୟ ଦେଢ ଘଣ୍ଟା ଧରି ଚାଲିଥିଲା। କାର୍ଯ୍ୟକ୍ରମରେ ଚିଫ ଫାୟାର ଅଫିସର ଦେବେନ୍ଦ୍ର କୁମାର ସ୍ୱାଇଁ, ଫାୟାର ଅଫିସର ତ୍ରଲୋକ୍ୟ କୁମାର ବାବୁ, ଡିଏଫଓ ସନାତନ ମହାପାତ୍ର ଓ ଏଏଫଓ ସଞ୍ଜୀବ କୁମାର ବେହେରାଙ୍କ ସହିତ ପ୍ରାୟ ୪୦ଜଣ କର୍ମଚାରୀ ଉପସ୍ଥିତ ହୋଇଥିଲେ।

**ସଂକ୍ଷେପରେ**

## ୪୨ ମୌଜା ଦୁର୍ଗାପୂଜା କମିଟି ପ୍ରସ୍ତୁତି ବୈଠକ

କଟକ ସଦର,୧୯।୯(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜା ଦୁର୍ଗାପୂଜା କମିଟି ପକ୍ଷରୁ ଦଶହରା ପ୍ରସ୍ତୁତି ବୈଠକ ସପ୍ତେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଚନ୍ଦ୍ରମଣି ଦେବତା ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବ୍ରହ୍ମପୁର ସରପଞ୍ଚ ରବିନାରାୟଣ ପ୍ରଧାନ, ବ୍ରହ୍ମପୁର ମୁରବି କମିଟି ସମ୍ପାଦକ ସମୀର କୁମାର ପଣ୍ଡା, ଉପସଭାପତି ଶରତ ଭୋଇ, ସହ ସମ୍ପାଦକ ଈଶ୍ୱର ଭୋଇ, ସଞ୍ଜୟ ଦେବତା, କମିଟି ସଦସ୍ୟ ବିଜୟ ମୁଦୁଲି, ଭୋଇ (ଖ), ବିଭୁଦତ୍ତ ସାହୁ, ଟୁକୁନା ଭୋଇ, ଅଜୟ ମଲ୍ଲିକଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ପୂଜାକୁ ଅତ୍ୟନ୍ତ ଆଡ଼ମ୍ବର ସହକାରେ ପାଳନ କରାଯିବ। ୫ ଦିନ ରାତ୍ରି ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ୩ଦିନ ଅଷ୍ଟମି, ନବମୀ ଓ ଦଶମୀରେ ଦାଣ୍ଡିଆ ନୃତ୍ୟ ପରିବେଷଣ କରାଯିବ। ୩ ତାରିଖରେ ମେଢ଼ କଟକ ଅଭିମୁଖେ ଭସାଣି ପାଇଁ ଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

## ଦଶମୀରେ ଆଖଡ଼ା ଖେଳ ମୁଖ୍ୟ ଆକର୍ଷଣ



**ଧରାବତରଣ କରିବେ ମା'**

କଟକ,୧୯।୯(ଶିଳ୍ପା ପ୍ରିୟଦର୍ଶିନୀ)

ଶକ୍ତି ପୀଠରେ ଆରମ୍ଭ ହୋଇଛି ନବରାତ୍ର ପୂଜା। ଆଉ କେଇଟା ଦିନରେ ମା' ଦୁର୍ଗାଙ୍କ ସମେତ ହରପାର୍ବତୀ ଓ ପ୍ରଭୁ ମହାଦେବଙ୍କ ଧରାପୃଷ୍ଠକୁ ଆଗମନ ହେବ। ସମସ୍ତ ପୂଜା କମିଟି ପ୍ରସ୍ତୁତିରେ ବ୍ୟସ୍ତ ରହିଛନ୍ତି। ଏହି ପୂଜାରେ ସାମିଲ ହୋଇଛି ଶ୍ରୀ ଶ୍ରୀ ମଦନ ମୋହନ ସାହି କମିଟି ଝାଞ୍ଜିରୀମଙ୍ଗଳା। ଏଠାରେ ୧୯୩୭ରେ ଦଶହରାରେ ପ୍ରତିମା ପୂଜା ଆରମ୍ଭ ହୋଇଥିଲା ଏବଂ ୪୮ ବର୍ଷ ଧରି ଏହା ଚାଲିବା ପରେ ୧୯୮୫ରୁ କୌଣସି କାରଣ ଯୋଗୁ ତାହା ବନ୍ଦ କରାଯାଇ ପୌରାଣିକ କଥା ବସ୍ତୁକୁ ଆଧାର କରି ସଜପିତୁଳା କରାଗଲା। ପ୍ରାୟ ୨୫ ବର୍ଷ ଧରି ପିତୁଳା ପୂଜା ହୋଇ ଆସିବା ପରେ ଏବେ ୧୫ ବର୍ଷ ହେଲା ପୁଣି ହରପାର୍ବତୀ ମେଢ଼ କରାଯାଉଛି। ପୂଜା ପାଇଁ କମିଟି ପକ୍ଷରୁ ଚଳିତବର୍ଷ ୫ ଲକ୍ଷ ଟଙ୍କା ବଜେଟ କରାଯାଇଛି। ଶାରଦୀୟ ଦୁର୍ଗାଉତ୍ସବରେ ଏହି ଗ୍ରାମର ପୀଠ ଠାକୁରାଣୀ ଝାଞ୍ଜିରୀମଙ୍ଗଳାଙ୍କ ଷୋଡଶ ଉପଚାର ପୂଜା କରାଯାଇଥାଏ। ସେଥିପାଇଁ ଏହି ମଣ୍ଡପରେ ଦୁର୍ଗାଙ୍କ ବଦଳରେ ମହାଦେବଙ୍କ ପ୍ରତିମା ପୂଜା କରାଯାଏ। ରୀତିନୀତି ଅନୁଯାୟୀ ମଣ୍ଡପରେ ପୂଜା ମହାଷଷ୍ଠୀରେ ଆରମ୍ଭ ହେବ ଏବଂ ମହାଷ୍ଟମୀରେ ଠାକୁରାଣୀଙ୍କ ନିକଟରେ ୫ କୁଇଣ୍ଟାଲ ମାଛଭୋଗ କରାଯିବ। ଏହାସହିତ ଅଷ୍ଟମୀରୁ ବିଜୟା ଦଶମୀ ଯାଏ ୫ କୁଇଣ୍ଟାଲ ବୁନ୍ଦିଲଡ୍ଡୁ ଭୋଗ ଲାଗି କରାଯାଇ ବଣ୍ଟନ କରାଯିବ। ବିଜୟା ଦଶମୀରେ ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ଯାଏ ପୂଜା ମଣ୍ଡପ ଓ ଠାକୁରାଣୀଙ୍କ ପୀଠ ସମ୍ମୁଖରେ ଆଖଡ଼ା ଖେଳ ହେବ। ଭସାଣିରେ ଢେଙ୍କାନାଳ ମାଦଳ ବାଜା, ସମ୍ବଲପୁରୀ ବାଜା ସମେତ ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବ।

### ଆଖଡ଼ା ଖେଳ ପରମ୍ପରା



"ପ୍ରାଚୀନ ପରମ୍ପରା, ସଂସ୍କୃତି ଓ ଐତିହ୍ୟକୁ ଶ୍ରୀ ଶ୍ରୀ ମଦନ ମୋହନ ସାହି କମିଟି ଝାଞ୍ଜିରୀମଙ୍ଗଳା ସର୍ବଦା ବଜାୟ ରଖି ଆସିଛି। ଦଶହରାର ଏକ ଅଂଶ ରହିଛି ଆଖଡା ଖେଳ ଏବଂ ଏହାର ଗୁରୁ ଘର ହେଉଛି ଝାଞ୍ଜିରୀମଙ୍ଗଳା। ଏଠାରେ ଏହି ପରମ୍ପରାକୁ ବଜାୟ ରଖାଯାଇଛି ଏବଂ ପ୍ରତ୍ୟେକବର୍ଷ ଭଳି ଚଳିତବର୍ଷ ମଧ୍ୟ ଆଖଡ଼ା ଖେଳ କରାଯିବ।

**ବିଜୟ କୁମାର ନାୟକ, ସମ୍ପାଦକ**

### ପାରମ୍ପରିକ ବାଦ୍ୟକୁ ଗୁରୁତ୍ୱ



"ପୂଜାରେ ସମସ୍ତ ନିୟମକୁ ପାଳନ କରାଯାଉଛି। ଭସାଣି ଯାତ୍ରାରେ ଢେଙ୍କାନାଳର ମାଦଳ ବାଜା, ସମ୍ବଲପୁରୀ ବାଦ୍ୟ ସମେତ ପାରମ୍ପରିକ ବାଦ୍ୟ ପରିବେଶଷ କରାଯିବ। ଏହାସହ ଶୃଙ୍ଖଳିତ ଭାବେ ଭସାଣିକୁ ସମାପନ କରିବାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି।

**ପତିତ ପାବନ ସ୍ୱାଇଁ, ସଭାପତି**

**ଶ୍ରୀଶ୍ରୀ ମଦନ ମୋହନସାହି କମିଟି ଝାଞ୍ଜିରୀମଙ୍ଗଳା**

## ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମଙ୍କ ବନ୍ଧୁମିଳନ

କଟକ,୧୯।୯(ଶିଳ୍ପା ପ୍ରିୟଦର୍ଶିନୀ)

ବରିଷ୍ଠ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମଙ୍କ ପୌରହିତ୍ୟରେ ସ୍ଥାନୀୟ ୱିଣ୍ଡସର ପ୍ୟାଲେସରେ ଶାରଦୀୟ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୋକିମ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଉପସ୍ଥିତ କଟକ ସହରର ସମସ୍ତ ପୂଜା କମିଟି ସଭାପତି, ସମ୍ପାଦକ ଓ କର୍ମକର୍ତ୍ତା ବୃନ୍ଦ ଓ ଶାନ୍ତି କମିଟି କର୍ମକର୍ତ୍ତା ଓ ସିଏମସି କର୍ପୋରେଟରଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କଟକ ମହାନଗର ପୂଜା କମିଟି ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ବିଧାୟକ ସୌଭିକ ବିଶ୍ୱାଳ, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, କଟକ ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ ସାହୁ, ସମ୍ପାଦକ ପ୍ରଫୁଲ୍ଲ ସାହୁ, ମେୟର ସୁବାସ ସିଂ, ଡେପୁଟି ମେୟର ଦମୟନ୍ତୀ ମାଝି, ଅମରେନ୍ଦୁ ମହାନ୍ତି, ପ୍ରଫୁଲ୍ଲ ସିଂ, ବଦ୍ରି ଦାସ, ସୌରି ମହାପାତ୍ର, ମଧୁସୂଦନ ସାହୁ, ଗିରିବାଳା ବେହେରା ଯୋଗଦେଇ କଟକ ସହରରେ ଦୁର୍ଗାପୂଜା ଓ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ସହ ଭାଇଚାରା ସମ୍ପର୍କକୁ ଅକ୍ଷୁର୍ଣ୍ଣ ରଖିବା ନିମନ୍ତେ ସମସ୍ତଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଉପସ୍ଥିତ ସମସ୍ତ ଅତିଥି ବୃନ୍ଦ, କର୍ପୋରେଟର, ପୂଜା କମିଟି ସଭାପତି ଓ ସମ୍ପାଦକ, କଟକ ସହରର ମୁରବୀମାନଙ୍କୁ ଶାରଦୀୟ ଅଭିନନ୍ଦନ ଜଣାଇଥିଲେ।




ଥଇଥାନ ଓ ପଟ୍ଟା ଦାବିରେ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ଅଫିସ ନିକଟରେ ବିକ୍ଷୋଭ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

## ସୁସ୍ଥ ସମାଜ ଗଠନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

କଟକ ସଦର,୧୯।୯(ସୁଶାନ୍ତ କୁମାର ଜେନା)

**ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ**

କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜା ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଧାନମନ୍ତ୍ରୀଙ୍କ ଜୟନ୍ତୀ ଅବସରରେ କଟକ ସଦର ବିଧାୟକ ଇ. ପ୍ରକାଶ ଚନ୍ଦ୍ର ସେଠୀଙ୍କ ପୌରହିତ୍ୟରେ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ ସୁସ୍ଥ ସମାଜ ଗଠନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ନାରୀ ସଶକ୍ତ ହେଲେ ସୁସ୍ଥ ସମାଜ ଗଠନ ସମ୍ଭବ ହୋଇପାରିବ ବୋଲି ବିଧାୟକ ସେଠୀ କହିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏମ୍‌ପି ଏବଂ ବିଧାୟକଙ୍କ ଦାରା ବୃକ୍ଷ ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧ୍ୟକ୍ଷ ଡ.ପ୍ରଶାନ୍ତ ସାମଲ, ମହିଳା କମିଶନ ସଦସ୍ୟା ପ୍ରତିଭା ଶତପଥୀ, କୃଷକ ମୋର୍ଚ୍ଚା ଉପସଭାପତି ହୃଷୀକେଶ ଜେନାଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଷ୍ଟାଫ ଉପସ୍ଥିତ ଥିଲେ।




ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## କାର୍ଯ୍ୟରେ ଅବହେଳା ଅଭିଯୋଗ ଆଣିଲା କଂଗ୍ରେସ

ମଙ୍ଗୁଳି-ଜଗତପୁର୧୯।୯(ମାନସ ସାମଲ)

**ରାସ୍ତା ଓ ଗୃହ ନିର୍ମାଣ ବିଭାଗ ସହକାରୀ ଯନ୍ତ୍ରୀଙ୍କ ନାଁରେ ଏତଲା**

କାର୍ଯ୍ୟରେ ଅବହେଳ ପାଇଁ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ସହକାରୀ ଯନ୍ତ୍ରୀଙ୍କ ନାମରେ କଟକ ନଗର (ଜିଲା)କଂଗ୍ରେସ ପକ୍ଷରୁ ଜଗତପୁର ଥାନାରେ ଏତଲା ଦିଆଯାଇଛି। ଏତଲା ଅନୁଯାୟୀ, ଜଗତପୁର ଥାନାଠାରୁ ମାତ୍ର ଦେଢ଼ କି.ମି. ଦୂର କୃଷ୍ଣେଶର ବଜାର ଓ ଷ୍ଟେଶନ ବଜାରର ମଧ୍ୟବର୍ତ୍ତୀ ସ୍ଥାନ ରେଲୱେ ଗଳିପୋଲ ନିକଟ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧୀନରେ ଥିବା ଏହି ରାସ୍ତା ପ୍ରାୟ ବର୍ଷତମାମ ବଡ଼ବଡ଼ ଖାଲଖମା ଭରି ରହିଥାଏ। ରାସ୍ତା ମରାମତି ପାଇଁ ଅଭିଯୋଗ କଲେ ସିଏମ୍‌ସି, ରେଲୱେ ଓ ଆର୍‌ଏଣ୍ଡବି ୩ ସଂସ୍ଥା ଶୁଣୁନାହିଁ। ବାରମ୍ବାର ଅଭିଯୋଗ କଲେ ବର୍ଷରେ ଥରେ କି ଦିଥର ଆରଏଣ୍ଡବି ଅସ୍ଥାୟୀ ମରାମତି କରୁଛି। ମାତ୍ର ମରାମତି ହେବା ତିନିଦିନ ନ ପୁରୁଣୁ ରାସ୍ତା ଖରାପ ହୋଇପଡୁଛି। ଫଳରେ ଏହି ରାସ୍ତା ଦେଇ ଯାଉଥିବା ହଜାର ହଜାର ଲୋକ ଓ ଗାଡିମୋଟର ଯାତାୟାତରେ ସମସ୍ୟା ହେବା ସହ ଖାଲଖମା ପାଇଁ ବହୁବାର ଦୁର୍ଘଟଣା ମଧ୍ୟ ଘଟୁଛି। ଏହି ରାସ୍ତା ବଡ଼ ମେଡିକାଲକୁ ସଂଯୋଗ କରୁଥିବାରୁ ପ୍ରତିଦିନ ଅନେକ ଆମ୍ବୁଲାନ୍ସ ଏହି ରାସ୍ତା ଦେଇ ଯିବାଆସିବା କରିଥାଏ। ଏହି ସ୍ଥାନ ଜଗତପୁରଠାରେ ଥିବା ରାସ୍ତା ଓ ଗୃହ ନିର୍ମାଣ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୩୦୦ ମିଟର ଦୂରରେ ଅବସ୍ଥିତ। ଅନେକବାର ସହକାରୀ ଯନ୍ତ୍ରୀଙ୍କ ଅଭିଯୋଗ କରିଆସୁଥିଲେ ମଧ୍ୟ ତାଙ୍କ ଅବହେଳା ପାଇଁ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ତେଣୁ ସହକାରୀ ଯନ୍ତ୍ରୀଙ୍କ ଅବହେଳା କାର୍ଯ୍ୟ ପାଇଁ କଟକ ନଗର (ଜିଲା) କଂଗ୍ରେସର ମୁଖ୍ୟ ମୁଖପାତ୍ର ତଥା ପିସିସି ସାମାଜିକ ଗଣମାଧ୍ୟମ ସଦସ୍ୟ ମାନସ ପରିଡ଼ାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଏତଲା ଦେବା ସହ ତାଙ୍କ ନାମରେ ଫୌଜଦାରି ମାମଲା ରୁଜୁ କରିବାକୁ ଦାବି କରିଥିଲେ। ପ୍ରତିନିଧି ମଣ୍ଡଳୀରେ ବ୍ଲକ କଂଗ୍ରେସ ସଭାପତି ଅଲେଖ ଚନ୍ଦ୍ର ବେହେରା, ଶ୍ରମିକ ନେତା ଲକ୍ଷ୍ମୀଧର ଶରଣ, ରଶ୍ମିକାନ୍ତ ସାମଲ, ଦୁର୍ଯ୍ୟୋଧନ ପ୍ରଧାନ, ପିସିସିର ପୂର୍ବତନ ସମ୍ପାଦକ ମାନସ ନାୟକ, କଟକ ନଗର ଅନୁସୂଚିତ ଜନଜାତି ସେଲର ଅଧ୍ୟକ୍ଷା ସୁମତି ହେମ୍ବ୍ରମ, ନଗର କଂଗ୍ରେସ ସାଧାରଣ ସମ୍ପାଦକ ଜୟ ନାରାୟଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହିଥିଲେ।



ଜଗତପୁର ଥାନା ଅଧିକାରୀଙ୍କୁ କଂଗ୍ରେସ ପକ୍ଷରୁ ଏତଲା କପି ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ଟାଙ୍ଗୀ ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଟାଙ୍ଗୀ,୧୯।୯(ରଘୁନାଥ ସାହୁ): ଆଡ଼ିଆପଡ଼ାସ୍ଥିତ ଟାଙ୍ଗୀ ଆଦର୍ଶ ବିଦ୍ୟାଳୟର ୧୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଭାଲେଣ୍ଟିନା ନାହାକ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନଙ୍କର ବିଗତ ଦିନର ସଫଳତାକୁ ପାଥେୟକରି ଭବିଷ୍ୟତ ପାଇଁ ନିଜକୁ ଯୋଗ୍ୟ କରିବା ଲାଗି ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ। ଶିକ୍ଷକ ଶମ୍ଭୁନାଥ ନାୟକ ପ୍ରତିଷ୍ଠା ଦିବସ ସମ୍ପର୍କରେ ମନ୍ତବ୍ୟ ଦେବା ସହ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ ପାଇଁ ନିଷ୍ଠା, ସାଧନା ଓ କଠୋର ପରିଶ୍ରମ ଆବଶ୍ୟକ ବୋଲି କହିଥିଲେ। ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସର୍ବନିମ୍ନ ୯ ହଜାର ଟଙ୍କା ଇପିଏଫ୍ ପେନ୍ସନ ଦାବି

ଟାଙ୍ଗୀ,୧୯।୯(ରଘୁନାଥ ସାହୁ): ସର୍ବନିମ୍ନ ୯ ହଜାର ଟଙ୍କା ଇପିଏଫ୍ ପେନ୍ସନ ଦାବି କେଇ ଟାଙ୍ଗୀ ବଳରାମ ଦେବ ମନ୍ଦିରଠାରେ ପେନ୍ସନଭୋଗୀଙ୍କ ଏକ ବୈଠକ ଭରତ ଚରଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ୨୦୧୪ ମସିହା ପରେ ସର୍ବନିମ୍ନ ପେନ୍ସନ ୧ ହଜାର ଟଙ୍କାରୁ ବୃଦ୍ଧି କରାଯାଇନାହିଁ। ଏହାକୁ ୯ ହଜାର ଟଙ୍କାକୁ ବୃଦ୍ଧି କରିବା ପାଇଁ ନିଖିଳ ଉତ୍କଳ ଇପିଏଫ୍ ପେନ୍ସନର୍ସ ଆସୋସିଏଶନ କେନ୍ଦ୍ର ସରକାରଙ୍କ ପାଖରେ ଦାବିକରି ଆସୁଛି। ଟାଙ୍ଗୀ ବ୍ଲକ ପେନ୍ସନଭୋଗୀଙ୍କ ପକ୍ଷରୁ ବୈଠକରେ ଆଲୋଚନା କରାଯାଇ ସରକାର ବୃଦ୍ଧି କରିବା ପାଇଁ ଦାବି କରିଥିଲେ। ବୈଠକରେ ବାଉରିବନ୍ଧୁ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଗଙ୍ଗାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# କଲେଜ ଫାଟକରେ ତାଲା ପକାଇ ଛାତ୍ରୀଛାତ୍ରଙ୍କ ଧାରଣା

ବୋଲଗଡ଼,୧୯।୯(ଦେବବ୍ରତ ହୋତା)



କଲେଜ କର୍ତ୍ତୃପକ୍ଷ ପିଲାମାନଙ୍କ ସହ ଆଲୋଚନା କରୁଛନ୍ତି।

ବୋଲଗଡ଼ ପରମାନନ୍ଦ କଲେଜରେ ଡ୍ରେସ୍‌କୋଡ୍ ନିୟମ କଡ଼ାକଡ଼ି ଲାଗୁ ନିଷ୍ପତ୍ତିକୁ ନେଇ ଅଶାନ୍ତି ପ୍ରକାଶ ପାଇବା ପରେ ଶୁକ୍ରବାର ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଛାତ୍ରୀଛାତ୍ରମାନେ କଲେଜ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ସୂଚନା ମୁତାବକ, କଲେଜ ପକ୍ଷରୁ ଗୁରୁବାର ଶ୍ରେଣୀକକ୍ଷରେ ଛାତ୍ରୀଛାତ୍ରଙ୍କ ୟୁନିଫର୍ମ ତନଖି କରାଯାଇଥିବା ବେଳେ ଅନେକେ ପିନ୍ଧି ଆସି ନ ଥିବା ଦେଖିବାକୁ ମିଳିଥିଲା। ଏନେଇ କଲେଜ ପକ୍ଷରୁ ସମସ୍ତଙ୍କୁ ନିୟମିତ ୟୁନିଫର୍ମ ପିନ୍ଧି ଆସିବା ପାଇଁ ତାଗିଦ୍ କରାଯାଇଥିଲା। ଶୁକ୍ରବାର ବହୁ ଛାତ୍ରୀଛାତ୍ର ବିନା ୟୁନିଫର୍ମରେ କଲେଜ ଆସିଥିବା ବେଳେ ସେମାନଙ୍କୁ ପ୍ରବେଶ ପାଇଁ ଅନୁମତି ନ ମିଳିବାରୁ ଅଶାନ୍ତି ଦେଖାଦେଇଥିଲା। ସକାଳ ୯ଟା ୩୦ରେ ଶତାଧିକ ଛାତ୍ରୀଛାତ୍ର ବିଭିନ୍ନ ସମସ୍ୟାର ସମାଧାନ ଦାବିରେ କଲେଜ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ସାଇକେଲ ଷ୍ଟାଣ୍ଡ, ଛାତ୍ରଙ୍କ କମନ୍‌ରୁମ୍‌ରେ ସିସିଟିଭି ବ୍ୟବସ୍ଥା, ଫ୍ୟାନ୍, ଲାଇଟ୍ ଓ ଶୌଚାଳୟ ଆଦି ସମସ୍ୟାର ସମାଧାନ ଦାବି କରିଥିଲେ। ପୋଲିସ ଅଧିକାରୀ ଉମାଶଙ୍କର ନାୟକଙ୍କ ଉପସ୍ଥିତିରେ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରଦୀପ କୁମାର ଦାସ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। କଲେଜ ପଟ୍ଟା ପାଇବା ପରେ ସାଇକେଲ ଷ୍ଟାଣ୍ଡ ନିର୍ମାଣ ହେବ ଏବଂ ଅନ୍ୟ ସମସ୍ୟାର ସମାଧାନ ଖୁବ୍‌ଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ପିଲାମାନେ ଡ୍ରେସ୍‌କୋଡ୍ ଅନୁଯାୟୀ ପୋଷାକ ପିନ୍ଧି ଆସିବାକୁ ସମୟ ମହଲତ ଚାହିଁବାରୁ ଅଧ୍ୟକ୍ଷ ଏଥିନେଇ ପୂଜାଛୁଟି ଖୋଲିବା ପରେ ଡ୍ରେସ୍‌କୋଡ୍ ନିୟମ କଡ଼ାକଡ଼ି ଯାଞ୍ଚ ହେବ ବୋଲି କହିଥିଲେ। ୨୦ ଜଣ ଛାତ୍ରୀଛାତ୍ର ଦସ୍ତଖତ ସମ୍ବଳିତ ଏକ ସ୍ୱୀକାରପତ୍ର(ଅଣ୍ଡରଟେକିଂ) ପ୍ରଦାନ କରିଥିଲେ। ପରେ ପୂର୍ବାହ୍ନ ୧୧ଟା ୩୦ରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

# ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ

କଟକ,୧୯।୯(ରବୀନ୍ଦ୍ରନାଥ ମହାକୁଡ଼): ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପକ୍ଷରୁ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ଏହି ଅଭିଯାନର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ କାର୍ଯ୍ୟଖସଡ଼ା ଉପରେ ଆଲୋଚନା କରାଯାଇଥିଲା। ଗତ ୧୮ ତାରିଖରେ ଖୋର୍ଦ୍ଧାରୋଡ୍ ଅଡିଟୋରିୟମ୍‌ଠାରେ ସଫେଇମିତ୍ରମାନଙ୍କ ଯକ୍ଷ୍ମା ସ୍କ୍ରିନିଂ ସହିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେହିପରି ଶୁକ୍ରବାର ଅଡିଟୋରିୟମ୍‌ରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ମୋଟ ୩୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ରେଳମଣ୍ଡଳର ମଣ୍ଡଳ ରେଳୱେ ପ୍ରବନ୍ଧକ ଆଲୋକ ତ୍ରିପାଠୀ ରକ୍ତ ଦାନ କରିଥିଲେ। ମହିଳା ହିତାଧିକାରୀଙ୍କ ପାଇଁ କର୍କଟ ରୋଗ ପରୀକ୍ଷା ଶିବିର ୨୦ ଏବଂ ୨୪ ତାରିଖରେ କର୍ପୋରେଟ୍ ହସ୍ପିଟାଲ ସହଯୋଗରେ ଖୋର୍ଦ୍ଧାରୋଡ୍ ଅଡିଟୋରିୟମରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହାସହିତ ଗର୍ଭବତୀ ଏବଂ ଶିଶୁମାନଙ୍କ ଉପରେ ବିଶେଷ ଧ୍ୟାନ ଦେଇ ସୋମ୍ପେଟାରେ ମାସିକ ଋତୁସ୍ରାବ ପରିଷ୍କାର ପରିଚ୍ଛନ୍ନତା, ଏନ୍‌ସିଡି ଯାଞ୍ଚ ଏବଂ ଶିଶୁମାନଙ୍କର ଟିକାକରଣ ଉପରେ ଏକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୫ ଦିନ ଧରି ଚାଲିବାକୁ ଥିବା ଏହି ଅଭିଯାନ ସମୟରେ ପୁରୀ, ଅନୁଗୋଳ, କଟକ, କେନ୍ଦୁଝରଗଡ଼, ଭଦ୍ରକ, ବ୍ରହ୍ମପୁର, ପାରାଦୀପ, ପଲାସା ଏବଂ ଖୋର୍ଦ୍ଧାରୋଡ୍‌ରେ ମହିଳା ସ୍ୱାସ୍ଥ୍ୟ, କିଶୋରୀ ବାଳିକା ଏବଂ ଶିଶୁ ଯତ୍ନ ଉପରେ ସଚେତନ କାର୍ଯ୍ୟକ୍ରମ ଆୟୋଜନ ସହ ସ୍ୱାସ୍ଥ୍ୟ ସମ୍ପର୍କୀୟ ସୂଚନା ପ୍ରଦାନ ଦ୍ୱାରା ସଚେତନ କରାଯିବ ବୋଲି ମଣ୍ଡଳ ରେଳୱେ ପ୍ରଶାସନ ପକ୍ଷରୁ କୁହାଯାଇଛି।

# ୫୭ ପ୍ରଧାନଶିକ୍ଷକ ନେଲେ ତାଲିମ

ଖୋର୍ଦ୍ଧା,୧୯।୯(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଟାଙ୍ଗୀ ଏବଂ ଖୋର୍ଦ୍ଧା ବ୍ଲକର ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀମାନଙ୍କ ଏକ ତାଲିମ ଶିବିର 'ସମ୍ଭବ' ସ୍ଥାନୀୟ ବିଜେବି ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗତ ୧୩ ତାରିଖରୁ ଚାଲିଥିବା ଏହି ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଛି। ୫୭ ଜଣ ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀ ଏହି ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଜାତୀୟ ଶିକ୍ଷାନୀତି -୨୦୨୦, ପ୍ରଧାନଶିକ୍ଷକଙ୍କ ଦାୟିତ୍ୱ ବିଦ୍ୟାଳୟରେ ଅନୁଶାସନ, ଅନ୍ତର୍ନିବେଶୀ ଶିକ୍ଷା, ଧନାତ୍ମକ ଶିକ୍ଷା, ବିଦ୍ୟାଳୟ ପରିଚାଳନା, ଛାତ୍ରୀଛାତ୍ରଙ୍କ ସୁରକ୍ଷା ଓ ନିରାପତ୍ତା, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ତଥା ଅଭିଭାବକମାନଙ୍କ ସମ୍ପୃକ୍ତି, ବିଦ୍ୟାଳୟର ଉନ୍ନତମୂଳକ ଯୋଜନା, ଅଧାରୁ ପାଠ ଛାଡୁଥିବା ଓ ଛାଡିଥିବା ପିଲାଙ୍କ ପାଇଁ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ, ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ ଯୋଜନା, ବିଦ୍ୟାଳୟ ଓ ଛାତ୍ରୀଛାତ୍ରଙ୍କ ଲାଗି ସରକାରୀ ଯୋଜନା, ନିରନ୍ତର ଶିକ୍ଷା ଯୋଜନା ଆଦି ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ତେଜିନା ଦାସ, ଜୟନ୍ତୀ କୁମାରୀ ହୋତା, ଦୀପ୍ତିପ୍ରଭା ଦାସ, ଅଜୟ କୁମାର ବରାଡ଼ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାକାରୀ ଡ.ପ୍ରଜ୍ଞାପାରମିତା ଜେନା, ଖୋର୍ଦ୍ଧା ବ୍ଲକ୍ ଶିକ୍ଷାଧିକାରୀ ଯାଜ୍ଞସେନୀ ସାହୁ ଏବଂ ଜିଲା ସଂଯୋଜକ ରାଜଶ୍ରୀ ପଟ୍ଟନାୟକ ତାଲିମ ଶିବିର ପରିଦର୍ଶନ କରି ପ୍ରଧାନଶିକ୍ଷକଙ୍କୁ ନୈତିକ ମୂଲ୍ୟବୋଧ, ଉତ୍ତମ ପାଠପଢ଼ା, ଶୈକ୍ଷିକ ବାତାବରଣ, ସ୍ୱଚ୍ଛତା, ଶିକ୍ଷକ ଓ ଛାତ୍ରଙ୍କ ମଧ୍ୟରେ ଭଲ ସମ୍ପର୍କ, ପ୍ରତିଭା, ସୃଜନଶୀଳତାର ବିକାଶ, କ୍ରୀଡ଼ାକୁ ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରଧାନଶିକ୍ଷକ ପ୍ରଦୀପ କୁମାର ପ୍ରଧାନ, ପ୍ରକାଶ କୁମାର ପଲାଇ ପ୍ରମୁଖ ନିଜର ଅଭିଜ୍ଞତା କହିଥିଲେ। ବିଜେବି ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଭୁପ୍ରସାଦ ସେନାପତି ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ପଞ୍ଚାୟତ ହାଇସ୍କୁଲ ହଳଦୀପଦାର ପ୍ରଧାନଶିକ୍ଷକ ସୁଧାକର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଳାଶ୍ରୀର ସାହିତ୍ୟ ଉତ୍ସବ

ଭୁବନେଶ୍ୱର, ୧୯।୯ (ସୌମ୍ୟରଞ୍ଜନ ରାଉତ): ଶିଳାଶ୍ରୀ ପତ୍ରିକା ପକ୍ଷରୁ ସାହିତ୍ୟ ଉତ୍ସବ ଶୁକ୍ରବାର ବୁଦ୍ଧମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ଭୁବନେଶ୍ୱରର ବିଧାୟକ ଅନନ୍ତ ନାରାୟଣ ଜେନା, ଗୀତିକାର ମନୋଜ କୁମାର ପଟ୍ଟନାୟକ, ସାହିତ୍ୟିକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଅନୁଷ୍ଠାନର ସଭାପତି ବରଦା ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପତ୍ରିକାର ୬୫ତମ ପୂଜା ସଂଖ୍ୟା ଉନ୍ମୋଚିତ ହୋଇଥିଲା। ପରେ ତରୁଲତା ସାମଲ, ମଞ୍ଜୁଳା କର, ବିଷ୍ଣୁପ୍ରିୟା ମିଶ୍ର, ବନ୍ଦିତା ଦାସ, ଉଷା ରାଣୀ ଆଚାର୍ଯ୍ୟ, ନିବେଦିତା ମହାନ୍ତି, ଗୀତାଞ୍ଜଳି ସ୍ୱାଇଁ, ଭବାନୀ କୁମାରୀ ମହାପାତ୍ର ଓ ରଞ୍ଜିତା ବେହେରାଙ୍କୁ 'ଶିଳାଶ୍ରୀର ୧୧ତମ ନବମାତୃକା ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି କବିତା ପାଢ଼ୀଙ୍କୁ 'ଶିଳାଶ୍ରୀ ସାରସ୍ୱତ ସମ୍ମାନ', ସୁନୀତି ମିଶ୍ରଙ୍କୁ 'ଶିଳାଶ୍ରୀ କବିତା ସମ୍ମାନ', ପ୍ରତିମା ପଣ୍ଡାଙ୍କୁ 'ଶିଳାଶ୍ରୀ ସାହିତ୍ୟ ସମ୍ମାନ', ଶଶାଙ୍କ ଶେଖର ମିଶ୍ରଙ୍କୁ 'ଦେବୀ ପ୍ରସାଦ ସ୍ମୃତି ସମ୍ମାନ' ଓ ବାମନ ଚରଣ ପଣ୍ଡାଙ୍କୁ 'ଶିଳାଶ୍ରୀ ପାଠକ ସମ୍ମାନ' ପ୍ରଦାନ କରାଯାଇଥିଲା।

# କୃଷ୍ଣପ୍ରସାଦ ମଣ୍ଡଳ ଭାଜପା ପକ୍ଷରୁ ଚାରାରୋପଣ

କୃଷ୍ଣପ୍ରସାଦ,୧୯।୯(କୈଳାସ ଚନ୍ଦ୍ର ପଟ୍ଟନାୟକ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଉପଲକ୍ଷେ କୃଷ୍ଣପ୍ରସାଦ ମଣ୍ଡଳ ଭାଜପା ପକ୍ଷରୁ ସେବାପକ୍ଷ କାର୍ଯ୍ୟକ୍ରମ ଜାରି ରହିଛି। ଏହି କ୍ରମରେ ଶୁକ୍ରବାର ଏକ୍ ପେଡ୍ ମା' କେ ନାମ୍ କାର୍ଯ୍ୟକ୍ରମ ମଣ୍ଡଳ ସଭାପତି ସଂଗ୍ରାମ କେଶରୀ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅଲଣ୍ଡା ପଞ୍ଚାୟତ ଅନ୍ତର୍ଗତ ତିଛିଣିସ୍ଥିତ ତ୍ରିଲୋଚନେଶ୍ୱର ଦେବଙ୍କ ପୀଠ ଏବଂ ଗ୍ରାମୀଣ ଉଦ୍ୟାନ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ତିଛିଣି ଗ୍ରାମ୍ୟ କମିଟି ସମ୍ପାଦକ ହିରଣ୍ୟ କୁମାର ଜେନା, ଅଲଣ୍ଡା ପଞ୍ଚାୟତ ଭାଜପା ସଭାପତି ଶରତ ଚନ୍ଦ୍ର ଜେନା, ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ବିଶ୍ୱଜିତ୍ ବିଶ୍ୱାଳ, ଅଲଣ୍ଡା ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ, ପ୍ରଦୀପ କୁମାର ଜେନା, ବିଷ୍ଣୁଚରଣ ବେହେରା, ମନୋଜ କୁମାର ଜେନା, ଭିକାରୀ ଚରଣ ବିଶ୍ୱାଳ, କ୍ଷେତ୍ରବାସୀ ପଲେଇ, ବିଦ୍ୟାଧର ପଲେଇ, ବିପ୍ର ଜେନା, ବିଚ୍ଛନ୍ଦ ଜେନା, କମଳାକାନ୍ତ ସାହୁ, ଶିବରାମ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




କୃଷ୍ଣପ୍ରସାଦ ମଣ୍ଡଳ ଭାଜପା ପକ୍ଷରୁ ଚାରାରୋପଣ କରାଯାଉଛି।

# ୨୬ରୁ ନୀଳକଣ୍ଠ ସ୍ମାରକୀ ଗୁରୁଜଙ୍ଗ କପ୍ କ୍ରିକେଟ

ଖୋର୍ଦ୍ଧା,୧୯।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ ଖେଳପଡ଼ିଆରେ ଗୁରୁଜଙ୍ଗ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କପ୍ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏହି କର୍କ ବଲ ଟୁର୍ନାମେଣ୍ଟରେ ୧୬ଟି ଟିମ୍ ଭାଗ ନେଉଥିବା ବେଳେ ଏହା ଆସନ୍ତା ୨୬ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଆସନ୍ତା ୨୪ ଓ ୨୫ ତାରିଖରେ ଏକ ମିନି ଆଧାର ଟୁର୍ନାମେଣ୍ଟ ହେବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି। ଆସନ୍ତା ୨୬ ତାରିଖରେ ପ୍ରଥମ ମ୍ୟାଚ ଗଙ୍ଗାପଡ଼ା ଏବଂ ପାନବରଜ, ଦ୍ୱିତୀୟ ମ୍ୟାଚ ଅଠାରଙ୍ଗ ଏବଂ ପଙ୍ଗାରସିଙ୍ଗ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ୨୭ ତାରିଖରେ ପ୍ରଥମ ମ୍ୟାଚ ତମାଣ୍ଡୋ ଏବଂ ମେଣ୍ଢାଶାଳ, ଦ୍ୱିତୀୟ ମ୍ୟାଚ ଭଳିଆବାଡ଼ି ଏବଂ ସୁଆଙ୍ଗ, ୨୮ତାରିଖରେ ପ୍ରଥମ ମ୍ୟାଚ ଅରିସଲ ଏବଂ କଲ୍ୟାଣପୁର, ଦ୍ୱିତୀୟ ମ୍ୟାଚ କୁମାରବସ୍ତ ଏବଂ ପଳାସପୁର, ୨୯ତାରିଖ ପ୍ରଥମ ମ୍ୟାଚ ଯାଁଳା ଏବଂ ଭଗବାନପୁର, ଦ୍ୱିତୀୟ ମ୍ୟାଚ ଗୁରୁଜଙ୍ଗ ଏବଂ ଗୁଡୁମ ମଧ୍ୟରେ ଅନୁଷ୍ଠିତ ହେବ। ୩୦ତାରିଖରେ ପ୍ରଥମ ଓ ଦ୍ୱିତୀୟ କ୍ୱାର୍ଟର ଫାଇନାଲ, ଅକ୍ଟୋବର ୧ରେ ତୃତୀୟ ଏବଂ ଚତୁର୍ଥ କ୍ୱାର୍ଟର ଫାଇନାଲ ହେବ। ଅକ୍ଟୋବର ୨ରେ ପ୍ରଥମ ଏବଂ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ୪ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ପ୍ରତି ମ୍ୟାଚରେ ଶ୍ରେଷ୍ଠ ଖେଳାଳି ଏବଂ ଫାଇନାଲରେ ବହୁ ଆକର୍ଷଣୀୟ ପୁରସ୍କାର ଦିଆଯିବା ସହ ଏକ ପ୍ରଦର୍ଶନୀ ମ୍ୟାଚର ଆୟୋଜନ କରାଯିବ ବୋଲି ଆୟୋଜକ କମିଟି ପକ୍ଷରୁ ଏକ ପ୍ରେସ ବିବୃତ୍ତିରେ କୁହାଯାଇଛି।

# ମନ୍ଦିରରୁ ଲୁଟିନେଲେ ଠାକୁରଙ୍କ ଅଳଙ୍କାର, ସାମଗ୍ରୀ



ଖୋର୍ଦ୍ଧା,୧୯।୯(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧା ସଦର ଥାନା ଅଧୀନ ଅଣ୍ଡା ଗ୍ରାମସ୍ଥିତ ଶୈଳେଶ୍ୱର ଦେବଙ୍କ ମନ୍ଦିରରୁ ହୁଣ୍ଡିବାକ୍ସ ଏବଂ ଠାକୁରଙ୍କ ଅଳଙ୍କାର ଚୋରି ହୋଇଛି। ଏନେଇ ମନ୍ଦିର କମିଟିର ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଶୁକ୍ରବାର ସକାଳେ ପୂଜକ ମନ୍ଦିର ଖୋଲିବା ବେଳେ ଚୋରି ହୋଇଥିବା ଦେଖି ଗ୍ରାମବାସୀ ଓ ସଦର ଥାନାକୁ ସୂଚନା ଦେଇଥିଲେ। ଦୁର୍ବୃତ୍ତମାନେ ୮ଟି ଘଣ୍ଟ, ସୁନାଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ପାର୍ବଣ ପାଇଁ ପୋଲିସ ପକ୍ଷରୁ ଅପରେଶନ ପ୍ରହାର ଏବଂ ଦମନ ସ୍ପେଶାଲ ଡ୍ରାଇଭ୍ ଚାଲିଥିବା ସତ୍ତ୍ୱେ ଲୁଟେରାମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି।


**JEYPORE MUNICIPALITY, JEYPORE**
Phone No.06854231098, Fax No.06854230104
email:ulbjeypore@gmail.com & jayporem.hud@nic.in
Letter No.4140/JM Date:18.09.2025

**QUOTATION CALL ADVERTISEMENT**

**No.C-1122:** Sealed quotations as per the prescribed format in the quotation call notice are hereby invited from reputed Agencies/Firms/Contractors having experience in
**"Supply & Installation of Theatre Foldable Chairs and Synthetic leather Sofa for Auditorium at Jeypore Municipality"**

| | |
|---|---|
| No. of Works | 01 |
| Details of the Work | As per QCN, which can be obtained by depositing paper costs at the office of the undersigned or can also be downloaded from the website, i.e.,www.jeyporemunicipality.in |
| Date & Time of Bidding | From **20.09.2025** at 11.00 hours to **03.10.2025** upto 11.00 hours. |
| Offline Documents Received through Speed Post | **20.09.2025** at 11.00 Hours to **03.10.2025** Upto 11.00 Hours (Working Days Only) |
| Offline Documents shall be opened in the presence of the Participating Bidders | **04.10.2025** at 16.00 Hours onwards |
| Paper Cost (INR) | **Rs.600/-** |
| Security Deposit (INR) | **Rs.5000/-** |

**Sd./- Executive Officer**
**Jeypore Municipality**
OIPR-13079/11/0067/2526



**GOVERNMENT OF ODISHA**
**ELECTRICAL LICENSING BOARD**
**OFFICE OF THE ENGINEER-IN-CHIEF ELECTRICITY-CUM-PRINCIPAL CHIEF ELECTRICAL INSPECTOR, ODISHA**
**3RD FLOOR, HEADS OF DEPARTMENT BUILDING**
**BHUBANESWAR-751001**
Email-secyelbo@od.gov.in, Phone-0674-2394572

**NOTICE**
**No.1289/ dated 19.09.2025/**

**No.AA-28:** The Supervisor Certificate of Competency (MV (General & Mining) & HT) Examination-2025 will be conducted on 21st September, 2025 (Sunday) in Computer Based Test (CBT) mode at designated centres in Bhubaneswar and Cuttack. The examination will be held in three sittings as per the following schedule:

| | | |
|---|---|---|
| 1st Sitting | : | 08:30 AM to 10:30 AM |
| 2nd Sitting | : | 12:00 Noon to 02:00 PM |
| 3rd Sitting | : | 03:30 PM to 05:30 PM |

All the best for the examination
**Sd./- Addl. Chief Engineer-cum-Secretary**
OIPR-04003/11/0019/2526 **ELBO, Bhubaneswar**



**GOVERNMENT OF ODISHA**
**e-Procurement Notice**
**No. O-816** **E.Mail: rw_boudh@yahoo.co.in**
**Bid Identification No. Online tender/04/S.E.R.W. BOUDH/2025-26**
**NATIONAL COMPETITIVE BIDDING THROUGH e-Procurement**

| | | |
|---|---|---|
| Name of the Work | : | Building Works - 09 Nos. |
| 1. Estimated Cost | : | Rs.16.49 lakhs to 99.75 lakhs (approximately) |
| 2. Period of Completion | : | 03 Calendar Months to 06 Calendar Months |
| 3. Date & time of availability of Bid documents in the portal | : | From 25.09.2025 10.00 A.M. to 14.10.2025, 5.00 P.M. |
| 4. Last date/time for receipt of bids in the portal | : | 14.10.2025 upto 5.00 P.M. |
| 5. Last date/time for seeking of tender clarification | : | 13.10.2025 upto 5.00 P.M. |
| 6. Date & time of opening of Tender/Bid | : | 15.10.2025 at 11.00 A.M. |
| 7. Name & address of the Officer Inviting Bid | : | Executive Engineer, R.W. Division, Boudh |

Further details, corrigendum(s) etc. can be seen from the e-procurement portal **"https://www.tendersorissa.gov.in"**.
**Sd./- Executive Engineer, R.W. Division, Boudh**
**OIPR-25061/11/0021/2526**



**DIRECTORATE OF MEDICAL EDUCATION & TRAINING, ODISHA**
Email- odishanursingboard1@gmail.com
**NO. 906 /NEB-05/2024 BBSR, Dt- 17.09.2025**
**TENDER CALL NOTICE FOR HIRING VEHICLES FOR ON&MEB**

**No.E-395** : Odisha Nurses & Midwives Examination Board **(ON&MEB)**, Odisha invites sealed tender from intending reputed travel agencies having GST registration, for hiring to Odisha Nurses & Midwives Examination Board, Bhubaneswar. The details specification and terms & conditions are available in the official websites i.e., www.onmeb.in. Interested parties may submit their tender in a sealed cover super-scribing **"Tender for hiring vehicles of ON&MEB"** at the top of the envelope should reach **"The Secretary, Odisha Nurses & Midwives Examination Board, O/o the DMET(O), Heads of the Department Building, Bhubaneswar, 751001"** through speed post/registered post only, which should reach on or before **5:30 P.M of 04.10.2025** positively. The tender received after the stipulated date and time shall not be entertained in any circumstance and shall be summarily rejected. The tender will be opened on **08.10.2025 at 3:00 P.M.** The undersigned reserves the right to reject any or all the tender without assigning any reason thereof.

**Sd/- Secretary, ONMEB**



**DIRECTORATE OF MEDICAL EDUCATION & TRAINING, ODISHA**
Email- odishanursingboard1@gmail.com
**NO. 908 /NEB-05/2024 BBSR, Dt- 17.09.2025**
**TENDER CALL NOTICE FOR PRINTING MATERIALS FOR ON&MEB**

Odisha Nurses & Midwives Examination Board **(ON&MEB)**, Odisha invites sealed tender from interested/firms/agencies having GST registration, adequate experience in taking up the works of print and supply of **Answer Booklet & Additional Answer Booklet for ON&MEB**. The detailed quantity, specifications and term & conditions are available in the official websites i.e. **www.onmeb.in**. Interested parties may submit their tender in a sealed cover super-scribing **"Tender for Printing Materials for ON&MEB"** at the top of the envelope should reach **"The Secretary, Odisha Nurses & Midwives Examination Board, O/o the DMET(O), Heads of the Department Building, Bhubaneswar, 751001"** through speed post/registered post only, which should reach on or before **5:30 P.M** of **04.10.2025** positively. The tender received after the stipulated date and time shall not be entertained in any circumstance and shall be summarily rejected. The tender will be opened on **08.10.2025** at **4:00 P.M.** The undersigned reserves the right to reject any or all the tender without assigning any reason thereof.

**OIPR-10016/11/0030/2526** **Sd/- Secretary, ONMEB**


See Career Appointment on every Wednesday & Saturday


**ODISHA PUBLIC SERVICE COMMISSION CUTTACK**
**NOTICE**
**No. 6748 / P.S.C., Dt. 19.09.2025**
**1E-14-2025/26 (DR-III)**
**Recruitment to the Post of Post Graduate Teacher in Discipline - ZOOLOGY**
**(Advertisement No.25 of 2023-24)**

**No.D-221** : In continuation to this Office Notice No. 5314/PSC, dtd. 23.07.2025, it is for information of all 'shortlisted candidates' that the **Document Verification and Interview/Personality Test** for recruitment to the post of **Post Graduate Teacher in Zoology Discipline**, pursuant to Advertisement No. 25 of 2023-24 will be held from **22.10.2025 to 24.10.2025** in the Office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of Verification | Time of Interview | ROLL NO. of Candidates |
|---|---|---|---|
| 22.10.2025 | 08.30 A.M. | 10.30 A.M. | 103983, 103993, 103994, 104008, 104010, 104025, 104043, 104057, 104068, 104092, 104108, 104125, 104129, 104136, 202720, 202723, 202726, 202729, 202743, 202744, 202758, 202774, 202793, 202806, 290016, 310048, 310074, 310080, 310081, 310082, 310098, 310121 & 310125 **= 33 Candidates** |
| | 12.30 P.M. | 02.30 P.M. | 310132, 310134, 310138, 310140, 310145, 310156, 310170, 310171, 310172, 310194, 310199, 310217, 310218, 310282, 310291, 310295, 310332, 310333, 310342, 310382 & 310383 **= 21 Candidates** |
| 23.10.2025 | 08.30 A.M. | 10.30 A.M. | 310389, 310393, 310423, 310424, 310428, 310466, 310469, 310475, 310498, 310504, 310538, 310555, 310564, 310583, 310599, 310603, 310608, 310614, 404557, 404559, 404573, 404574, 404578, 404586, 404600, 404604, 404634, 404636, 404654, 404655, 404662, 404665 & 404666 **= 33 Candidates** |
| | 12.30 P.M. | 02.30 P.M. | 404687, 404702, 404703, 404706, 404709, 404713, 490026, 506245, 506251, 506285, 506289, 506291, 506298, 506306, 506321, 506332, 506337, 506341, 506350, 506351 & 506356 **= 21 Candidates** |
| 24.10.2025 | 08.30 A.M. | 10.30 A.M. | 506358, 506359, 506373, 506380, 506381, 506382, 506386, 506390, 506392, 506397, 506423, 506426, 506431, 506432, 506444, 506449, 506451, 506473, 506493, 506495, 506506, 506515, 506516, 506517, 506524, 506526, 506545 & 506548 **= 28 Candidates** |

**N.B. -** The candidates are advised to report at the office of the Commission **30 minutes before** the commencement of Document Verification in each 'time slot' allotted in the 'Scheduled Programme'.

**NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

**The Candidates are required to submit the following 'original certificates' along with a set of 'Self-attested photocopy' of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. **Hard Copy** of Online Application form mentioning **Roll No.** at the **Top Right-hand Corner**. (Online Applications are available on the website of the Commission. The candidates are required to download the same using their respective e-mail ID/Phone Number and Password/ OTP etc through OPSC e-Chayan Portal via www.opscechayan.in)
2. Four **(04)** 'passport size photographs' (Unsigned & Unattested) which have been uploaded with application form.
3. **Matriculation Certificate** in support of declaration of age.
4. **Bachelor's Degree** Certificate.
5. **Post-Graduation Certificate/ Master's Degree Certificate** in the subject concerned in respect of Educational Qualification prescribed.
6. **B.Ed.** Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in **Computer Application** in respect of Educational Qualification prescribed.
9. **Caste Certificate by birth** in support of claim as **SEBC/ST/SC** whichever applicable. (which has been **uploaded** with online Application Form)
10. **Odia Test Pass** Certificate from the 'competent authority', wherever applicable.
11. Permanent Disability Certificate (indicating percentage of permanent disability i.e. **40% and more**), wherever applicable.
12. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an affidavit undertaking that he/ she has not been appointed against any civil post after retirement from military service, wherever applicable.
13. Identity Card for **Sports Persons** issued by the Director of Sports, Odisha, wherever applicable.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in & affixed with 'passport size photograph' (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

**OIPR-12002/11/0319/2526** **Sd./- Secretary**

**ପୋଖରୀରେ ବୁଡ଼ି ଯୁବକ ମୃତ**

ନୟାହାଟ/ଯୋଗେଶ୍ୱରପୁର,(ମହାଜ୍ଜ ସମସୁଲ ଆରେଫିନ/ରଶ୍ମିରଞ୍ଜନ ସାହୁ)- ଗୋପ ଥାନା ନୟାହାଟ ଫାଣ୍ଡି ଅଧୀନସ୍ଥ ଜଙ୍ଗଲବୋରା ପଞ୍ଚାୟତ ଗୁରୁଭୁରା ଗ୍ରାମର ଅଶୋକ ମହାନ୍ତି (ବାପି) ଅପରାହ୍ନରେ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ପାହାଚରେ ଗୋଡ଼ ଖସି ଯିବାରୁ ପାଣିରେ ବୁଡ଼ି ତାଙ୍କର ମୃତ୍ୟୁ ଘଟିଛି। ଖବରପାଇ ଅଗ୍ନିଶମ ଦମକଳ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅଶୋକଙ୍କ ମୃତଦେହକୁ ପୋଖରୀରୁ ଉଦ୍ଧାର କରିଥିଲେ। ଗୋପ ଥାନା ଏଏସ୍ଆଇ ଜୁବରାଜ ମାଝି ମୃତଦେହ ଜବତ କରି ଚାରିଛକ ମେଡିକାଲକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ସେ ଏକ ମାତ୍ର ରୋଜଗାରକ୍ଷମ ଥିବା ହେତୁ ପରିବାରରେ ଦୁଃଖର ଛାୟା ଖେଳିଯାଇଛି।

**ସଂକ୍ଷେପରେ**

## ମା'ରାମଚଣ୍ଡୀଙ୍କ ଜୟଦୁର୍ଗା ବେଶ



କୋଣାର୍କ,୧୯।୯(ଜ୍ୟୋତିରାଜ ମହାନ୍ତି)

କୋଣାର୍କର ଅଷ୍ଟଚଣ୍ଡୀଙ୍କ ମଧ୍ୟରୁ ମା' ରାମଚଣ୍ଡୀ ଅନ୍ୟତମ। ପୁରୀ-କୋଣାର୍କ ବେଳାମାର୍ଗ ରାମଚଣ୍ଡୀ ପୀଠରେ ଚାଲିଛି ଦେବୀଙ୍କ ଷୋଳପୂଜା। ଶୁକ୍ରବାର ମା'ରାମଚଣ୍ଡୀଙ୍କ ଜୟଦୁର୍ଗା ବେଶ ଅନୁଷ୍ଠିତ ହୋଇଛି। ମା'ଙ୍କ ଅବସ୍ଥିତି ଓ ମାହାତ୍ମ୍ୟ ସମ୍ପର୍କରେ ସାରଳା ମହାଭାରତ, ମାଦଳା ପାଞ୍ଜି ଓ ପ୍ରାଚ୍ୟ ମାହାତ୍ମ୍ୟରେ ଉଲ୍ଲେଖ ରହିଛି। ମା'ଙ୍କ ମୁଖ୍ୟ ଭୋଗ ହେଉଛି ଅନ୍ନ, ମାଛ ବେସର, ମାଛ ପୋଡ଼ା, ଏଣ୍ଡୁରି ପିଠା ଏବଂ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ। ଷୋଳପୂଜା ଅବସରରେ ଷୋଳଦିନରେ ମା'ଙ୍କ ପ୍ରସିଦ୍ଧ ବେଶ ହେଉଛି ଶୀତଳା, ନବପତ୍ରିକା, ମହିଷାମର୍ଦ୍ଦିନୀ, ସିଂହବାହିନୀ ଓ ଜଗଦ୍ଧାତ୍ରୀ ବେଶ। ମୂଳାଷ୍ଟମୀ ଠାରୁ ଦଶହରା ପର୍ଯ୍ୟନ୍ତ ସ୍ୱତନ୍ତ୍ର ନୀତି ଅନୁଯାୟୀ ସ୍ୱତନ୍ତ୍ର ଭୋଗ କରାଯାଏ। ପ୍ରତିଦିନ ଦୁଇବେଳା ଚଣ୍ଡୀପାଠ କରାଯାଏ। ସକାଳ ୫ଟାରେ ମଙ୍ଗଳ ଆଳତି, ୭ଟାରେ ସାହାଣମେଳା, ୧୦ଟାରେ ଚଣ୍ଡୀପାଠ, ଦିନ ଗୋଟାଏରେ ଅନ୍ନଭୋଗ, ମାଛପୋଡ଼ା, ମାଛବେସର, ଡାଲମା, ପିଠା ଭୋଗ ହୋଇଥାଏ। ୨ଟାରେ ପହଡ଼ ପରେ ବଡ଼ସିଂହାର ଭୋଗ, ୩ଟାରେ ଦର୍ଶନ, ୬ଟାରେ ସନ୍ଧ୍ୟା ଆଳତି, ୭ଟାରେ ବଲ୍ଲଭ ଭୋଗ, ସାଢ଼େ ୭ଟାରେ ଚଣ୍ଡୀପାଠ, ରାତି ୧୦ଟାରେ ଅନ୍ନ, ଡାଲମା, କାକରା, ଦହିପଣା ଏବଂ ମହାପ୍ରସାଦ ସମର୍ପଣ ପରେ ରାତି ୧୨ଟାରେ ପହଡ଼ ପଡ଼ିଥାଏ। ମା'ଙ୍କ ଏହି ବେଶ ଦର୍ଶନ କଲେ ଅଶେଷ କୃପା ମିଳିଥାଏ ବୋଲି ପୂଜକ ପ୍ରକାଶ ଚନ୍ଦ୍ର ପଣ୍ଡା କହିଛନ୍ତି।

## ସରପଞ୍ଚ ଦାୟିତ୍ୱ ଗ୍ରହଣ କଲେ ଗୋପୀନାଥପୁର ନାଏବ ସରପଞ୍ଚ

କଣାସ,୧୯।୯(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଗୋପୀନାଥପୁର ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିବା ସୁକାନ୍ତି ବେହେରା ଅନାସ୍ଥାରେ ହାରିଯିବା ପରେ ଶୁକ୍ରବାର ନାଏବ ସରପଞ୍ଚ ସୁମିତ୍ରା ବେହେରା ସରପଞ୍ଚ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଗୋପୀନାଥପୁର ଗ୍ରାମର ମହାଲକ୍ଷ୍ମୀ ମଣ୍ଡପ ଠାରେ ସତ୍ୟବାଦୀ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ ପହଞ୍ଚିବା ପରେ ଉପସ୍ଥିତ ଥିବା ୱାର୍ଡମେମ୍ବର ପୁଷ୍ପଗୁଚ୍ଛ, ଉପଢ଼ୌକନ ଦେଇ ପୂର୍ବତନ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିବା ପରେ ପଞ୍ଚାୟତ କାର୍ଯ୍ୟାଳୟରେ ଯାଇ ପହଞ୍ଚିଥିଲେ। ପଞ୍ଚାୟତ କାର୍ଯ୍ୟାଳୟରେ ନାଏବ ସରପଞ୍ଚ ସୁମିତ୍ରା ବେହେରା ସରପଞ୍ଚ ଦାୟିତ୍ୱ ଗ୍ରହଣ କରିବା ସମୟରେ ସମସ୍ତ ୱାର୍ଡମେମ୍ବର ଉପସ୍ଥିତ ଥିଲେ।

## ନଭେମ୍ବରରେ ଆମେଚର ଗୋ ଆସୋସିଏଶନ କ୍ରୀଡ଼ା ପ୍ରତିଯୋଗିତା

ପୁରୀ,୧୯।୯ (ଅଜିତ୍ କୁମାର ମହାନ୍ତି)

ଆମେଚର ଗୋ ଆସୋସିଏଶନ ପକ୍ଷରୁ ଓଡ଼ିଶାରେ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ପାଇଁ ପୁରୀ ନିର୍ମାଣ ନିବାସରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସୋସିଏଶନ୍‌ର ସର୍ବଭାରତୀୟ ମୁଖ୍ୟ ଚନ୍ଦନ ପାଣ୍ଡେ ଯୋଗଦେଇଥିଲେ। ଆସନ୍ତା ନଭେମ୍ବରରେ ସାଇ ଏକାଡେମୀ ପରିସରରେ ଜାତୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଓଡ଼ିଶା ଗୋ ଆସୋସିଏଶନ ସଭାପତି ବିନୟ ନୃସିଂହ ମହାପାତ୍ର କହିଛନ୍ତି। ବୈଠକରେ ଉପାଧ୍ୟକ୍ଷ ପ୍ରିୟଦର୍ଶିନୀ ପାଣି, ସମ୍ପାଦକ ରାଜକିଶୋର ମହାନ୍ତି, କୋଷାଧ୍ୟକ୍ଷ ଦେବଦତ୍ତ ମହାପାତ୍ର, କ୍ରୀଡ଼ା ସଙ୍ଗଠକ ପ୍ରଦୀପ ସାହୁ, ଅମର ପଟ୍ଟନାୟକ, ଦୋଳଗୋବିନ୍ଦ ମହାନ୍ତି ଏବଂ ଚିତ୍ତରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ।

## ଚୋରା ମଦ ଜବତ

ବଳଙ୍ଗା,୧୯।୯(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅଧୀନ ପାର୍ବତୀପୁର ଛକରୁ ସାଢେ ୬ ଲିଟର ଚୋରା ମଦ ଜବତ କରାଯିବା ସହ ଲକ୍ଷ୍ମୀଧର ପ୍ରଧାନଙ୍କୁ ଗିରଫ କରାଯାଇଛି। ଏନେଇ ଏକ ମାମଲା (ନଂ.୨୦୬/୨୫) ରୁଜୁ ହୋଇଛି ବୋଲି ଏସ୍ଆଇ ସସ୍ମିତା ବେହେରା କହିଛନ୍ତି।

# ଡାକ୍ତର ଅଭାବ ନେଇ ବଢୁଛି ଅସନ୍ତୋଷ

### ନାହାନ୍ତି ବିଶେଷଜ୍ଞ, ମିଳୁନି ଉପଯୁକ୍ତ ଚିକିତ୍ସା ସେବା

ଅସ୍ତରଙ୍ଗ,୧୯।୯(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକର ୧୫ଟି ପଞ୍ଚାୟତରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ଥିବାବେଳେ ମାତ୍ର ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ସେଠାରେ ବିଶେଷଜ୍ଞ ଡାକ୍ତର ନ ଥିବାରୁ ଲୋକମାନେ ଚିକିତ୍ସା ପାଇଁ ଅସୁବିଧାର ସମ୍ମୁଖୀନ ହୋଇ ଘରୋଇ ହସ୍ପିଟାଲମୁହାଁ ହେଉଛନ୍ତି। ଦେଢ଼ବର୍ଷ ପୂର୍ବରୁ ଅର୍ଥାତ୍ ନିର୍ବାଚନ ସମୟରେ ଜନପ୍ରତିନିଧିମାନେ ଡାକ୍ତର ନିଯୁକ୍ତି ଓ ମେଡିକାଲ୍‌ର ଉନ୍ନତୀକରଣ ପାଇଁ ପ୍ରତିଶ୍ରୁତି ଦେଇଥିବା ବେଳେ ସରକାର ପରିବର୍ତ୍ତନ ପରେ ମଧ୍ୟ ସମାନ ସ୍ଥିତି।

ଅନ୍ୟପକ୍ଷରେ ୧୭ ତାରିଖଠାରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ 'ସୁସ୍ଥ ନାରୀ ଓ ସଶକ୍ତ ପରିବାର' ଅଭିଯାନ ଆରମ୍ଭ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ରତନପୁର ଓ ଖଣ୍ଡାସାହି ଉପ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏଥିସହିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ବିଭିନ୍ନ ପଞ୍ଚାୟତରେ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ତଥା ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ଥାପନ କରାଯାଇଛି। ତେବେ ବାହାରୁ ଚକାଚକ୍ ଦେଖାଯାଉଥିବା ଏହି କୋଠାଗୁଡ଼ିକ ଭିତରେ କିନ୍ତୁ ଫମ୍ପା। ସମସ୍ତ ଭିତ୍ତିଭୂମି ଥାଇ ବି ରୋଗୀଙ୍କୁ ଉତ୍ତମ ଚିକିତ୍ସା ମିଳୁ ନ ଥିବା ବର୍ଷ ବର୍ଷ ଧରି ଅଭିଯୋଗ ହୋଇଆସୁଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଉଛି, ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଡାକ୍ତରମାନେ ରୋଗୀ ଦେଖୁଥିବା ଗୃହଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ଥିବାବେଳେ ଅନେକ ସମୟରେ ଗୃହ ମଧ୍ୟରୁ ସିମେଣ୍ଟଖଣ୍ଡ ଖସୁଛି।

ସ୍ୱାସ୍ଥ୍ୟକେନ୍ଦ୍ରରେ ଏମ୍‌ବିବିଏସ୍ ଡାକ୍ତରଙ୍କ ବ୍ୟତୀତ ଜଣେ ବି ବିଶେଷଜ୍ଞ ଡାକ୍ତର ନାହାନ୍ତି। ଭେଷଜ, ଶଲ୍ୟ, ଶିଶୁ, ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଜରୁରୀ ଆବଶ୍ୟକ ଥିବା ବେଳେ କୌଣସି ବିଶେଷଜ୍ଞ ନାହାନ୍ତି। ଏଠାରେ ମେଡିକାଲରେ ମୋଟ ଉପରେ ୯ଟି ଶଯ୍ୟା ଥିବାବେଳେ ରୋଗୀ ହଇରାଣ ହେଉଛନ୍ତି। ରୋଗୀଙ୍କୁ ଶଯ୍ୟା ମଧ୍ୟ ମିଳୁନାହିଁ। ଫଳରେ ମହିଳା ଓ ଶିଶୁଙ୍କ ପାଇଁ ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଦରଦ କେବେ ଦେଖାଇବ ବୋଲି ଜଳଜଳ ଇଶାପଡୁଥିବା ବିଭିନ୍ନ ପଞ୍ଚାୟତ ଜନପ୍ରତିନିଧି ଓ ବୁଦ୍ଧିଜୀବୀ କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭିତ୍ତିଭୂମି ସୁଦୃଢ଼ କରିବା ସହ ଚିକିତ୍ସା ସେବାର ମେରୁଦଣ୍ଡ କୁହାଯାଉଥିବା ଆବଶ୍ୟକ ବିଶେଷଜ୍ଞ ଡାକ୍ତର ଯୋଗାଇବାକୁ ଦାବି ହୋଇଛି।

# ଚନ୍ଦ୍ରଭାଗା ସମୁଦ୍ର ତଟ ସଫେଇ କଲେ ସ୍କାଉଟ୍ ଛାତ୍ରୀଛାତ୍ର



ସମୁଦ୍ର ତଟ ସଫେଇ ଅଭିଯାନରେ ସାମିଲ ହୋଇଥିବା ସ୍କାଉଟ୍ ଛାତ୍ରୀଛାତ୍ରମାନେ ।

କୋଣାର୍କ,୧୯।୯(ଜ୍ୟୋତିରାଜ ମହାନ୍ତି)

ପୁରୀ ଜିଲା ସ୍କାଉଟ୍ ଗାଇଡ୍ ପକ୍ଷରୁ ସମୁଦ୍ର ତଟ ସଫେଇ ସପ୍ତାହ ଅବସରରେ ଚନ୍ଦ୍ରଭାଗା ସମୁଦ୍ର ତଟ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି।

ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ, ନୂଆଗାଁ, ଏସ୍ ଏସ ଡି ହାଇସ୍କୁଲ, କୋଣାର୍କ ଉଚ୍ଚ ବିଦ୍ୟାଳୟ, ଦାମୋଦର ବାଳିକା ଉଚ୍ଚବିଦ୍ୟାଳୟ, ନାରାୟଣୀ ବିଦ୍ୟାପୀଠ, ନିର୍ଗୁଣ୍ଡି, ବିବେକାନନ୍ଦ ଶିକ୍ଷଶକେନ୍ଦ୍ରର ସ୍କାଉଟ୍‌ର ଶତାଧିକ ଛାତ୍ର ବେଳାଭୂମି ସଫେଇ କରିବା ସହ ପର୍ଯ୍ୟଟକଙ୍କୁ ସଚେତନତା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ଦୀପକ ପାଢ଼ୀଙ୍କ ନିର୍ଦ୍ଦେଶ ମତେ ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତି, ଶିକ୍ଷକ ଭାଗିରଥି ପାଇକରାୟ, ମାନସ କୁମାର ମୁଦୁଲି, ଲୋକନାଥ ବେହେରା, ଆଭାସ ମୁଦୁଲି, ଲୋକନାଥ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଗଡସାନପୁଟରେ ବିଜେଡି କର୍ମୀ ସମ୍ମିଳନୀ

କଣାସ,୧୯।୯(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଗଡ଼ସାନପୁଟ ପଞ୍ଚାୟତର ମା' ଜାଗୁଳେଇ ପୀଠ ପରିସରରେ ଜିଲା ବିଜେଡି ସଭାପତି ଉମାକାନ୍ତ ସାମନ୍ତରାୟଙ୍କ ନେତୃତ୍ୱରେ ଗୁରୁବାର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଆଗଧାଡ଼ିର ବିଜେଡି କର୍ମୀମାନେ ଯୋଗ ଦେଇଥିଲେ। ବିଜେଡି ସରକାର ସମୟରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ଯୋଜନା କରିଥିବା ବେଳେ ଭାଜପା ସରକାର ଆସିବା ଦିନଠାରୁ ସେହି ସବୁ ଯୋଜନାଗୁଡ଼ିକ ଠିକ୍ କାର୍ଯ୍ୟକାରୀ କରୁ ନ ଥିବା ବିଜେଡି ଜିଲା ସଭାପତି ସାମନ୍ତରାୟ କର୍ମୀମାନଙ୍କୁ ସୂଚନା ଦେଇଛନ୍ତି।

# ତଦନ୍ତ ନିର୍ଦ୍ଦେଶ ମାନୁନାହାନ୍ତି ଶିକ୍ଷାଧିକାରୀ

### ରାତିରେ ଅସ୍ତରଙ୍ଗ ହାଇସ୍କୁଲରେ ଭୋଜି ଘଟଣା

ଅସ୍ତରଙ୍ଗ,୧୯।୯(ମମତା ଜେନା)

ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅଗଷ୍ଟ ୨୭ ତାରିଖି ରାତିରେ ଭୋଜି ଘଟଣାର ତଦନ୍ତ ନିର୍ଦ୍ଦେଶ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଏ ନେଇ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ପୁରୀ ଜିଲାପାଳ, ଶିକ୍ଷା ନିର୍ଦ୍ଦେଶକ, ଭୁବନେଶ୍ୱର ଓ ପୁରୀ ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ଏହା ପରେ ଜିଲା ଶିକ୍ଷାଧିକାରୀ ଚିଠି ନଂ. ୭୩୪୯, ୦୩।୦୯।୨୦୨୫ରେ ଅସ୍ତରଙ୍ଗ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଅସ୍ତରଙ୍ଗ ଶିକ୍ଷାଧିକାରୀ ଚୁପ୍ ବସିଛନ୍ତି। ପୁଣି ଜିଲା ଶିକ୍ଷାଧିକାରୀ ପୁରୀ ଚିଠି ନଂ. ୧୧୮୧, ୦୬।୦୯।୨୦୨୫ରେ ଅସ୍ତରଙ୍ଗ ପ୍ରଧାନ ଶିକ୍ଷକଙ୍କୁ ୨୭ ତାରିଖର ସିସିଟିଭି ଫୁଟେଜ ସଂରକ୍ଷିତ କରି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଶିକ୍ଷାଧିକାରୀ ଚିଠି ନଂ. ୭୭୨୮, ୧୨।୦୯।୨୦୨୫ରେ କଣାସ ବ୍ଲକ ଶିକ୍ଷାଧିକାରୀଙ୍କୁ ତମାମ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କଣାସ ଶିକ୍ଷା ଅଧିକାରୀ କୌଣସି ତଦନ୍ତ ନ କରି ଚୁପ ରହିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି, ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ ଆଗେଇ ପାରୁନି କାହିଁକି। କାହା ଚାପର ବଶବର୍ତ୍ତୀ ହୋଇ ଦୁଇ ବ୍ଲକର ଶିକ୍ଷାଧିକାରୀ ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକୁ ଅବମାନନା କରୁଛନ୍ତି । ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଜିଲା ପରିଷଦ ଉପାଧ୍ୟକ୍ଷ ନାୟକ ଦାବି କରିଛନ୍ତି ।

# ମନାପଡ଼ା ସ୍କୁଲରେ ତାଲା, ବାହାରେ ପଢ଼ିଲେ ପିଲା



ସରକାରୀ ମନାପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାହାରେ ପିଲା ପାଠ ପଢୁଛନ୍ତି ।

ଯୋଗେଶ୍ୱରପୁର,୧୯।୯(ରଶ୍ମିରଞ୍ଜନ ସାହୁ)

ନୟାହାଟ ନିକଟସ୍ଥ ବୀରଗୁଜ୍ଜ ପଞ୍ଚାୟତରେ ସରକାରୀ ମନାପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ତାଲା ପଡ଼ିଥିବା ବେଳେ ଗେଟ୍ ବାହାରେ ଶିକ୍ଷକ ପିଲାମାନଙ୍କୁ ପାଠ ପଢ଼ାଉଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ଗୋପ ବ୍ଲକ ଶିକ୍ଷାଧିକାରୀ ପ୍ରମୋଦ କୁମାର କରଙ୍କୁ ପଚାରିବାରେ ସେ କହିଥିଲେ ଯେ, ମନାପଡ଼ା ସ୍କୁଲର ସବୁ ସମସ୍ୟା ସମାଧାନ ହୋଇଯାଇଛି। ୩୦ ଜଣ ପିଲାରେ ଜଣେ ଶିକ୍ଷକ ଦିଆଯିବାର ସରକାରୀ ନିୟମ ଥିବାବେଳେ ଉକ୍ତ ବିଦ୍ୟାଳୟରେ ୮୦ ପିଲା ସେଠାରେ ୩ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଗ୍ରାମବାସୀ ବ୍ୟକ୍ତିଗତ ଭାବେ ୨ଜଣ ବେସରକାରୀ ଶିକ୍ଷକଙ୍କୁ ଉକ୍ତ ବିଦ୍ୟାଳୟରେ ନିଯୁକ୍ତି ଦେଇଛନ୍ତି। ଗ୍ରାମବାସୀଙ୍କର ସେ ବ୍ୟକ୍ତିଗତ କଥା ମୁଁ କାହାରିକୁ ନିଯୁକ୍ତି ଦେଇପାରିବି ନାହିଁ। ପିଲାମାନଙ୍କର ଯଦି କିଛି ଅସୁବିଧା ହୁଏ, ଯେଉଁମାନେ ବେସରକାରୀ ଶିକ୍ଷକଙ୍କୁ ରଖିଛନ୍ତି ସେମାନେ ଦାୟୀ ରହିବେ ବୋଲି ବ୍ଲକ ଶିକ୍ଷାଧିକାରୀ କର ସୂଚନା ଦେଇଛନ୍ତି।

## ଲୁଟ ଅଭିଯୋଗରେ ୩ ଗିରଫ

ପୁରୀ,୧୯।୯(ଅଜିତ୍ କୁମାର ମହାନ୍ତି)

ଚନ୍ଦନପୁର ଥାନା ଅଧୀନ ସିରୁଳି ପଞ୍ଚାୟତ ନିକଟ କାଳିକା ନୁଆପଡ଼ା ବାଇଶିବାଟିଆ ଗ୍ରାମରୁ ବଳପୂର୍ବକ ବୋଲେରୋ ଛଡ଼ାଇ ନେବା ଅଭିଯୋଗରେ ପୋଲିସ ୩ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚନ୍ଦନପୁର ଥାନା ଅଧୀନ ବ୍ରାହ୍ମଣ ଆଳନ୍ଦିଆ ଗ୍ରାମର ସତ୍ୟନାରାୟଣ ମହାରଣା, ପୁରୀ ଗୌଡ଼ବାଡ଼ ସାହିର କାହ୍ନା ବେହେରା ଓରଫ କାହ୍ନା ରାଉତ ଏବଂ ଜଣେ ନାବାଳକ। ସୂଚନା ମୁତାବକ, ଅଭିଯୋଗକାରୀ ଗଜେନ୍ଦ୍ର ନାଥଶର୍ମା ଯାଜପୁର ରେଳଷ୍ଟେସନ ନିକଟରେ ବୋଲେରୋ ଭଡ଼ା ପାଇଁ ଛିଡ଼ା ହୋଇଥିବା ବେଳେ ଅଭିଯୁକ୍ତ ୩ଜଣ ସେଠାରେ ପହଞ୍ଚି ଶିରୁଳି ମହାବୀର ମନ୍ଦିରକୁ ଯିବା ପାଇଁ କହିଥିଲେ। ଅଭିଯୋଗକାରୀ ଗାଡ଼ିରେ ୩ଜଣଙ୍କୁ ଧରି ଶିରୁଳିରେ ପହଞ୍ଚିବା ପରେ କାଳିକା ନୁଆପଡ଼ା ନିକଟ ବାଇଶିବାଟିଆ ଗ୍ରାମ ନିକଟରେ ୩ଜଣ ମଦ୍ୟପାନ କରି ଅଭିଯୋଗକାରୀଙ୍କୁ ବାନ୍ଧି ତାଙ୍କଠାରୁ ଗାଡ଼ି ଓ ୪ହଜାର ଟଙ୍କା ଛଡ଼ାଇ ନେଇଥିଲେ। ତେବେ ଅଭିଯୋଗକାରୀ କୌଶଳକ୍ରମେ ଖସିଆସି ଚନ୍ଦନପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ବ୍ରହ୍ମଗିରି ଥାନା ଅଧୀନ ଖଜୁରିଆ ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା।

## ସୁରେନ୍ଦ୍ର ପ୍ରଧାନ ଆତ୍ମା କମିଟି ଅଧ୍ୟକ୍ଷ



ସାକ୍ଷୀଗୋପାଳ,୧୯।୯(ଭରତ ରାଉତ/ ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକ କୃଷି ବୈଷୟିକ ପରିଚାଳନା ସଂସ୍ଥା ଆତ୍ମା କମିଟି ଅଧ୍ୟକ୍ଷ ଓ ଜିଲା କମିଟି ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସର୍ବସମ୍ମତିକ୍ରମେ ଭାଜପା ଦଳର ସମର୍ଥିତ ପ୍ରାର୍ଥୀ ସୁରେନ୍ଦ୍ର ପ୍ରଧାନ ଅଧ୍ୟକ୍ଷ ରୂପେ ମନୋନୀତ ହୋଇଛନ୍ତି। ସେହିପରି ଜିଲା କମିଟି ସଦସ୍ୟ ଭାବେ ଅଶୋକ କୁମାର ରାଉତରାୟ ଓ ଶ୍ରୀଧର ବିଶ୍ୱାଳ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ସତ୍ୟବାଦୀ ବ୍ଲକ ଇଣ୍ଟିଗ୍ରେଟେଡ୍ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସଭାଗୃହରେ ଏହି ଚୟନ ପ୍ରକ୍ରିୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ୨୨ ଜଣ ସଦସ୍ୟ, ସଦସ୍ୟା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ରଜିକାନ୍ତ ମିଶ୍ର ଓ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ସରପଞ୍ଚ ସର୍ବେଶ କୁମାର ଷଡ଼ଙ୍ଗୀ, ସୁବାସ ଚନ୍ଦ୍ର ଜେନା, ଗାୟତ୍ରୀ ନନ୍ଦ, ବିଷ୍ଣୁ ବେହେରା ପ୍ରମୁଖ ମନୋନୀତ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ କୃଷି ସୂଚନା ପରାମର୍ଶ କେନ୍ଦ୍ର ଆବାହକ ସୁଚେଷ୍ଟା ପରିଡ଼ା ପରିଚାଳନା କରିଥିଲେ। କୃଷି ବୈଷୟିକ ପରିଚାଳକ ଯୋଗେଶ କୁମାର ଦାସ, କନିଷ୍ଠ ବୈଷୟିକ ପରିଚାୟକ ବିଭୂତି ଭୂଷଣ ପ୍ରଧାନ, ଆଶୁତୋଷ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସହକାରୀ କୃଷି ଅଧିକାରୀ କୁମାର ଚିରଞ୍ଜୀବ ଧନ୍ୟବାଦ ଦେଇଥିଲେ।


**JEYPORE MUNICIPALITY, JEYPORE**

Phone No.06854231098, Fax No.06854230104
email:ulbjeypore@gmail.com & jayporem.hud@nic.in

Letter No.4140/JM Date:18.09.2025

**QUOTATION CALL ADVERTISEMENT**

**No.C-1122:** Sealed quotations as per the prescribed format in the quotation call notice are hereby invited from reputed Agencies/Firms/Contractors having experience in

**"Supply & Installation of Theatre Foldable Chairs and Synthetic leather Sofa for Auditorium at Jeypore Municipality"**

| | |
|---|---|
| No. of Works | 01 |
| Details of the Work | As per QCN, which can be obtained by depositing paper costs at the office of the undersigned or can also be downloaded from the website, i.e.,www.jeyporemunicipality.in |
| Date & Time of Bidding | From **20.09.2025** at 11.00 hours to **03.10.2025** upto 11.00 hours. |
| Offline Documents Received through Speed Post | **20.09.2025** at 11.00 Hours to **03.10.2025** Upto 11.00 Hours (Working Days Only) |
| Offline Documents shall be opened in the presence of the Participating Bidders | **04.10.2025** at 16.00 Hours onwards |
| Paper Cost (INR) | **Rs.600/-** |
| Security Deposit (INR) | **Rs.5000/-** |

**Sd./- Executive Officer**
**Jeypore Municipality**

OIPR-13079/11/0067/2526

**DIRECTORATE OF MEDICAL EDUCATION & TRAINING, ODISHA**

Email- odishanursingboard1@gmail.com
NO. 906 /NEB-05/2024 BBSR, Dt- 17.09.2025

**TENDER CALL NOTICE FOR HIRING VEHICLES FOR ON&MEB**

**No.E-395** : Odisha Nurses & Midwives Examination Board **(ON&MEB)**, Odisha invites sealed tender from intending reputed travel agencies having GST registration, for hiring to Odisha Nurses & Midwives Examination Board, Bhubaneswar. The details specification and terms & conditions are available in the official websites i.e., www.onmeb.in. Interested parties may submit their tender in a sealed cover super-scribing **"Tender for hiring vehicles of ON&MEB"** at the top of the envelope should reach **"The Secretary, Odisha Nurses & Midwives Examination Board, O/o the DMET(O), Heads of the Department Building, Bhubaneswar, 751001"** through speed post/registered post only, which should reach on or before **5:30 P.M of 04.10.2025** positively. The tender received after the stipulated date and time shall not be entertained in any circumstance and shall be summarily rejected. The tender will be opened on **08.10.2025 at 3:00 P.M.** The undersigned reserves the right to reject any or all the tender without assigning any reason thereof.

**Sd/- Secretary, ONMEB**

**DIRECTORATE OF MEDICAL EDUCATION & TRAINING, ODISHA**

Email- odishanursingboard1@gmail.com
NO. 908 /NEB-05/2024 BBSR, Dt- 17.09.2025

**TENDER CALL NOTICE FOR PRINTING MATERIALS FOR ON&MEB**

Odisha Nurses & Midwives Examination Board **(ON&MEB)**, Odisha invites sealed tender from interested/firms/agencies having GST registration, adequate experience in taking up the works of print and supply of **Answer Booklet & Additional Answer Booklet for ON&MEB**. The detailed quantity, specifications and term & conditions are available in the official websites i.e. **www.onmeb.in**. Interested parties may submit their tender in a sealed cover super-scribing **"Tender for Printing Materials for ON&MEB"** at the top of the envelope should reach **"The Secretary, Odisha Nurses & Midwives Examination Board, O/o the DMET(O), Heads of the Department Building, Bhubaneswar, 751001"** through speed post/registered post only, which should reach on or before **5:30 P.M** of **04.10.2025** positively. The tender received after the stipulated date and time shall not be entertained in any circumstance and shall be summarily rejected. The tender will be opened on **08.10.2025** at **4:00 P.M.** The undersigned reserves the right to reject any or all the tender without assigning any reason thereof.

OIPR-10016/11/0030/2526 **Sd/- Secretary, ONMEB**

See Career Appointment on every Wednesday & Saturday

**GOVERNMENT OF ODISHA**
**ELECTRICAL LICENSING BOARD**
**OFFICE OF THE ENGINEER-IN-CHIEF ELECTRICITY-CUM-PRINCIPAL CHIEF ELECTRICAL INSPECTOR, ODISHA**
**3RD FLOOR, HEADS OF DEPARTMENT BUILDING**
**BHUBANESWAR-751001**

ଓଡ଼ିଶା ସରକାର

Email-secyelbo@od.gov.in, Phone-0674-2394572

**NOTICE**

**No.1289/ dated 19.09.2025/**

**No.AA-28:** The Supervisor Certificate of Competency (MV (General & Mining) & HT) Examination-2025 will be conducted on 21st September, 2025 (Sunday) in Computer Based Test (CBT) mode at designated centres in Bhubaneswar and Cuttack. The examination will be held in three sittings as per the following schedule:

| | | |
|---|---|---|
| 1st Sitting | : | 08:30 AM to 10:30 AM |
| 2nd Sitting | : | 12:00 Noon to 02:00 PM |
| 3rd Sitting | : | 03:30 PM to 05:30 PM |

All the best for the examination

**Sd./- Addl. Chief Engineer-cum-Secretary**
OIPR-04003/11/0019/2526 **ELBO, Bhubaneswar**

**GOVERNMENT OF ODISHA**
**e-Procurement Notice**

No. O-816 E.Mail: rw_boudh@yahoo.co.in

**Bid Identification No. Online tender/04/S.E.R.W. BOUDH/2025-26**

**NATIONAL COMPETITIVE BIDDING THROUGH e-Procurement**

| | | |
|---|---|---|
| | Name of the Work | : Building Works - 09 Nos. |
| 1. | Estimated Cost | : Rs.16.49 lakhs to 99.75 lakhs (approximately) |
| 2. | Period of Completion | : 03 Calendar Months to 06 Calendar Months |
| 3. | Date & time of availability of Bid documents in the portal | : From 25.09.2025 10.00 A.M. to 14.10.2025, 5.00 P.M. |
| 4. | Last date/time for receipt of bids in the portal | : 14.10.2025 upto 5.00 P.M. |
| 5. | Last date/time for seeking of tender clarification | : 13.10.2025 upto 5.00 P.M. |
| 6. | Date & time of opening of Tender/Bid | : 15.10.2025 at 11.00 A.M. |
| 7. | Name & address of the Officer Inviting Bid | : Executive Engineer, R.W. Division, Boudh |

Further details, corrigendum(s) etc. can be seen from the e-procurement portal **"https://www.tendersorissa.gov.in"**.

**Sd./- Executive Engineer, R.W. Division, Boudh**
**OIPR-25061/11/0021/2526**

**ODISHA PUBLIC SERVICE COMMISSION CUTTACK**

**NOTICE**

**No. 6748 / P.S.C., Dt. 19.09.2025**
**1E-14-2025/26 (DR-III)**

**Recruitment to the Post of Post Graduate Teacher in Discipline - ZOOLOGY**
**(Advertisement No.25 of 2023-24)**

**No.D-221** : In continuation to this Office Notice No. 5314/PSC, dtd. 23.07.2025, it is for information of all 'shortlisted candidates' that the **Document Verification and Interview/Personality Test** for recruitment to the post of **Post Graduate Teacher in Zoology Discipline**, pursuant to Advertisement No. 25 of 2023-24 will be held from **22.10.2025 to 24.10.2025** in the Office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of Verification | Time of Interview | ROLL NO. of Candidates |
|---|---|---|---|
| 22.10.2025 | 08.30 A.M. | 10.30 A.M. | 103983, 103993, 103994, 104008, 104010, 104025, 104043, 104057, 104068, 104092, 104108, 104125, 104129, 104136, 202720, 202723, 202726, 202729, 202743, 202744, 202758, 202774, 202793, 202806, 290016, 310048, 310074, 310080, 310081, 310082, 310098, 310121 & 310125 **= 33 Candidates** |
| | 12.30 P.M. | 02.30 P.M. | 310132, 310134, 310138, 310140, 310145, 310156, 310170, 310171, 310172, 310194, 310199, 310217, 310218, 310282, 310291, 310295, 310332, 310333, 310342, 310382 & 310383 **= 21 Candidates** |
| 23.10.2025 | 08.30 A.M. | 10.30 A.M. | 310389, 310393, 310423, 310424, 310428, 310466, 310469, 310475, 310498, 310504, 310538, 310555, 310564, 310583, 310599, 310603, 310608, 310614, 404557, 404559, 404573, 404574, 404578, 404586, 404600, 404604, 404634, 404636, 404654, 404655, 404662, 404665 & 404666 **= 33 Candidates** |
| | 12.30 P.M. | 02.30 P.M. | 404687, 404702, 404703, 404706, 404709, 404713, 490026, 506245, 506251, 506285, 506289, 506291, 506298, 506306, 506321, 506332, 506337, 506341, 506350, 506351 & 506356 **= 21 Candidates** |
| 24.10.2025 | 08.30 A.M. | 10.30 A.M. | 506358, 506359, 506373, 506380, 506381, 506382, 506386, 506390, 506392, 506397, 506423, 506426, 506431, 506432, 506444, 506449, 506451, 506473, 506493, 506495, 506506, 506515, 506516, 506517, 506524, 506526, 506545 & 506548 **= 28 Candidates** |

**N.B. -** The candidates are advised to report at the office of the Commission 30 minutes before the commencement of Document Verification in each 'time slot' allotted in the 'Scheduled Programme'.

**NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

**The Candidates are required to submit the following 'original certificates' along with a set of 'Self-attested photocopy' of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. **Hard Copy** of Online Application form mentioning **Roll No.** at the **Top Right-hand Corner**. (Online Applications are available on the website of the Commission. The candidates are required to download the same using their respective e-mail ID/Phone Number and Password/ OTP etc through OPSC e-Chayan Portal via www.opscechayan.in)
2. Four **(04)** 'passport size photographs' (Unsigned & Unattested) which have been uploaded with application form.
3. **Matriculation Certificate** in support of declaration of age.
4. **Bachelor's Degree** Certificate.
5. **Post-Graduation Certificate/ Master's Degree Certificate** in the subject concerned in respect of Educational Qualification prescribed.
6. **B.Ed.** Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in **Computer Application** in respect of Educational Qualification prescribed.
9. **Caste Certificate by birth** in support of claim as **SEBC/ST/SC** whichever applicable. (which has been **uploaded** with online Application Form)
10. **Odia Test Pass** Certificate from the 'competent authority', wherever applicable.
11. Permanent Disability Certificate (indicating percentage of permanent disability i.e. **40% and more**), wherever applicable.
12. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an affidavit undertaking that he/ she has not been appointed against any civil post after retirement from military service, wherever applicable.
13. Identity Card for **Sports Persons** issued by the Director of Sports, Odisha, wherever applicable.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in & affixed with 'passport size photograph' (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

**OIPR-12002/11/0319/2526** **Sd./- Secretary**

# ସମସ୍ତେ ପ୍ରେମ, ସେବାର ସେତୁ ନିର୍ମାଣ କରନ୍ତୁ: ରାଜ୍ୟପାଳ

ଭୁବନେଶ୍ୱର,୧୯।୯(ସୁଚିସ୍ମିତା ସାହୁ)




ସମ୍ମିଳନୀରେ ରାଜ୍ୟପାଳ ଡ. ହରି ବାବୁ କମ୍ଭପାଟିଙ୍କ ସହ ଅତିଥିମାନେ।

ଦୟା ଓ ସହାନୁଭୂତି ମାଧ୍ୟମରେ ପରିବାର, ସମାଜ ଏବଂ ରାଷ୍ଟ୍ରକୁ ପୁନଃନିର୍ମାଣ କରିହୁଏ। ସମସ୍ତେ ପ୍ରେମ ଓ ସେବାର ସେତୁ ନିର୍ମାଣ କରିବା ଦରକାର ବୋଲି ଥିଓସୋଫିକାଲ ଅର୍ଡର ଅଫ୍ ସର୍ଭିସର ଦ୍ୱାଦଶ ଆଞ୍ଚଳିକ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଡ. ହରି ବାବୁ କମ୍ଭପାଟି ଏହା କହିଛନ୍ତି। ଥିଓସୋଫିକାଲ ଅର୍ଡର ଅଫ୍ ସର୍ଭିସ ଓଡ଼ିଶା ରିଜିଅନ ଏବଂ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗ ପକ୍ଷରୁ ଶୁକ୍ରବାର ବିଶ୍ୱବିଦ୍ୟାଳୟରେ ଏହି ସମାରୋହ ଅନୁଷ୍ଠିତ ହୋଇଥିଲା। 'କାନ୍ଥ ନୁହେଁ, ସେତୁ ନିର୍ମାଣରେ ଦୟା ଓ ସହନୁଭୂତି' ଶୀର୍ଷକ ଉପରେ ରାଜ୍ୟପାଳ କହିଲେ, ଦ୍ରୁତ ପ୍ରଯୁକ୍ତିବିଦ୍ୟାର ପରିବର୍ତ୍ତନ ଏବଂ ଭୌତିକ ପ୍ରଗତି ପ୍ରାୟତଃ ନୈତିକ ଏବଂ ଆଧ୍ୟାତ୍ମିକ ମୂଲ୍ୟବୋଧକୁ ଛାଇ ହୋଇ ରହିଥାଏ। ନିଃସ୍ୱାର୍ଥପର ସେବା ଜାରି ରଖି ଗରିବ, ରୋଗୀ ଏବଂ ଅବହେଳିତ ଲୋକଙ୍କ ନିକଟରେ ପହଞ୍ଚିବା। ପରିବେଶ ଓ ଜୀବଜଗତଙ୍କ ପ୍ରତି ଦୟା ପ୍ରଦର୍ଶନ ପୂର୍ବକ ମାନବ ଜୀବନର ଉଚ୍ଚ ଆଦର୍ଶକୁ ବଜାୟ ରଖିବା ପାଇଁ ସେ କହିଥିଲେ। ସ୍ୱାଧୀନତା ସଂଗ୍ରାମୀ ଏବଂ ସମାଜ ସଂସ୍କାରକ ଡକ୍ଟର ଆନି ବେସାନ୍ତ ସମସ୍ତ ପୀଡିତଙ୍କ ସେବାକୁ ଭଲ ପାଉଥିବା ଲୋକଙ୍କ ସଂଘ ଥିଓସୋଫିକାଲ ଅର୍ଡର ଅଫ ସର୍ଭିସ ପ୍ରତିଷ୍ଠା କରିଥିଲେ। ସେହିପରି ଛାତ୍ରୀଛାତ୍ରମାନେ ନିଃସ୍ୱାର୍ଥପର ସେବା ଓ ସାର୍ବଜନୀନ ମୂଲ୍ୟବୋଧକୁ ଗ୍ରହଣ କରିବା ସହିତ ମହିଳା ସଶକ୍ତୀକରଣ,

## ଥିଓସୋଫିକାଲ ଅର୍ଡର ଅଫ୍ ସର୍ଭିସର ଦ୍ୱାଦଶ ଆଞ୍ଚଳିକ ସମ୍ମିଳନୀ

ଲିଙ୍ଗ ସମାନତା, ଶିକ୍ଷା ଏବଂ ଗୋଷ୍ଠୀ ସେବା କ୍ଷେତ୍ରରେ ଥିଓସୋଫିକାଲ ଅର୍ଡର ଅଫ ସର୍ଭିସ ଓଡ଼ିଶା ରିଜିଅନର ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହାର ଜାତୀୟ ନିର୍ଦ୍ଦେଶକ କେ. ଶିବ ପ୍ରସାଦ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିବାବେଳେ ଓଡ଼ିଶା ରିଜିଅନ ଅଧ୍ୟକ୍ଷା ଡ. ଦୀପା ପାଢୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ନିଃସ୍ୱାର୍ଥପର ସେବା କ୍ଷେତ୍ରରେ ପୁରସ୍କାର ପ୍ରଦାନ କରାଯାଇଥିଲା।

# ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଚାରାରୋପଣକଲେ ସୋଆ ଉପସଭାପତି



ଭୁବନେଶ୍ୱର,୧୯।୯(ଅନୁରାଧା ମହାରଣା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଆରମ୍ଭ ହୋଇଥିବା ଅଭିଯାନ 'ଏକ୍ ପେଡ୍ ମା କେ ନାମ୍' ଅଭିଯାନରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍ ୫ ଷ୍ଟାଡିୟମରେ ଚାରାରୋପଣ କରାଯାଇଛି। ସୋଆ ଉପସଭାପତି ଶାଶ୍ୱତୀ ଦାସ ଚାରା ରୋପଣକରି କହିଲେ, ବର୍ତ୍ତମାନ ସମୟରେ ବିଶ୍ୱତାପନ ଏକ ବଡ଼ ସମସ୍ୟା ଭାବେ ଦେଖାଦେଇଛି। ତେଣୁ ପ୍ରତ୍ୟେକ ବ୍ୟକ୍ତି ଗଛ ଲଗାଇବା ନିହାତି ଦରକାର। କାରଣ ବୃକ୍ଷ ଏହି ସମସ୍ୟାକୁ ପ୍ରତିହତ କରିବ। ତେଣୁ ଘର ହେଉ କି ବାହାର ସମସ୍ତେ ଗଛ ଲଗାନ୍ତୁ ବୋଲି ଦାସ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସୋଆର ସମସ୍ତ ଶିକ୍ଷାନୁଷ୍ଠାନର ଡିନ୍, ଛାତ୍ରମଙ୍ଗଳ ଡିନ୍‌ଙ୍କ ସମେତ ବରିଷ୍ଠ ଅଧିକାରୀ, ଫ୍ୟାକଲ୍ଟି ଥିଲେ।



ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ଭଞ୍ଜ କଳାମଣ୍ଡପଠାରେ ଚାଲିଥିବା ନାଟ୍ୟ ଉତ୍ସବ 'ନାଟ୍ୟ ଲହରୀ'ର ଶୁକ୍ରବାର ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷିତ ନାଟକ 'ଭିନ୍ନ ପଥେ'।

# ଟିପିସିଓଡିଏଲ୍‌ର ଉଦ୍ୟମୀ ସଶକ୍ତୀକରଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୯।୯(ଅନୁରାଧା ମହାରଣା)




କାର୍ଯ୍ୟକ୍ରମରେ ଦଳିତ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଡିକ୍କି)ର ଜାତୀୟ ଅଧ୍ୟକ୍ଷ ପଦ୍ମଶ୍ରୀ ରବି କୁମାର ନାରାଙ୍କ ସହ ଅନ୍ୟଅତିଥିବୃନ୍ଦ।

ଟାଟା ପାୱାର ଓ ରାଜ୍ୟ ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଆଣ୍ଡ ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ) ଦ୍ୱାରା ଏମ୍‌ଡିସି ଭୁବନେଶ୍ୱରରେ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। 'ଆଫିଅରମେଟିଭ କମ୍ୟୁନିଟି'ରୁ ଆସିଥିବା ଉଦ୍ୟମୀମାନଙ୍କୁ ସଶକ୍ତ କରିବା ଓ ସେମାନଙ୍କ ବ୍ୟବସାୟିକ ଉନ୍ନତି ଓ ବିକାଶକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଦଳିତ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଡିକ୍କି)ର ଜାତୀୟ ଅଧ୍ୟକ୍ଷ ପଦ୍ମଶ୍ରୀ ରବି କୁମାର ନାରା, ଉତ୍ତର ଭାରତ ଅଧ୍ୟକ୍ଷ କୁଣ୍ୱର ଶଶାଙ୍କ ସହ ଟିପିସିଓଡିଏଲ୍‌ର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ପଦ୍ମଶ୍ରୀ ରବି କୁମାର ନାରା ସାମାଜିକ ଓ ଆର୍ଥିକ ବିକାଶରେ ସମାବେଶୀ ଉଦ୍ୟମିତାର ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ। ଟିପିସିଓଡିଏଲ୍‌ର ବରିଷ୍ଠ କର୍ମକର୍ତ୍ତା କମ୍ପାନୀର ଦୃଷ୍ଟିକୋଣକୁ ପ୍ରକାଶ କରିଥିଲେ। ଏହି ଅବସରରେ କୁଣ୍ୱର ଶଶାଙ୍କ ଟିପିସିଓଡିଏଲ୍‌ର ସମାବେଶୀ ଓ ବିଭିନ୍ନତାପୂର୍ଣ୍ଣ ନୀତିକୁ ଗ୍ରହଣକରିବା ସହ ଟାପ ଅଧୀନରେ ସକାରାତ୍ମକ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ସାମଗ୍ରିକ ବିକାଶ ଦ୍ୱାରା ହିଁ ପ୍ରକୃତ ବିକାଶ ହୋଇଥାଏ। ଆଫିଅରମେଟିଭ କମ୍ୟୁନିଟିର ଉଦ୍ୟମୀମାନଙ୍କୁ ସଶକ୍ତ କରିବା ଆମର ଲକ୍ଷ୍ୟ। ଏହି ପଦକ୍ଷେପ ସେମାନଙ୍କୁ କେବଳ ବ୍ୟବସାୟିକ ସୁଯୋଗ ଦେବ ନାହିଁ ବରଂ ଓଡ଼ିଶାର ସାମାଜିକ ବିକାଶ ପାଇଁ କାର୍ଯ୍ୟ କରିବ ବୋଲି ଟିପିସିଓଡିଏଲ୍‌ର ସିଇଓ ଅରିଭିନ୍ଦ ସିଂହ ମତ ଦେଇଛନ୍ତି। ସମାଜର ସମସ୍ତ ଶ୍ରେଣୀର ଉଦ୍ୟମୀ ପ୍ରତିଭାମାନଙ୍କୁ ଆଗକୁ ବଢ଼ିବାର ସୁଯୋଗ ଦେବା ପାଇଁ ଏକ ମଞ୍ଚ ପ୍ରଦାନ କରିବ। ଏଥିପାଇଁ ଆମେ ଗର୍ବିତ ଥିବା ଟିପିସିଓଡିଏଲ୍‌ର ସିଓଓ ଦୁଷ୍ୟନ୍ତ ତ୍ୟାଗୀ କହିଛନ୍ତି।

# ସ୍ୱାମୀ-ସ୍ତ୍ରୀ ସମ୍ପର୍କର ସାମ୍ପ୍ରତିକ କାହାଣୀ 'ଭିନ୍ନ ପଥେ'

ଭୁବନେଶ୍ୱର, ୧୯।୯ (ସୌମ୍ୟରଞ୍ଜନ ରାଉତ)

ସାମ୍ପ୍ରତିକ ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କ ଏକ ପ୍ରହସନରେ ପରିଣତ ହେବାରେ ଲାଗିଲାଣି। ପ୍ରତ୍ୟେକଦିନ ଟିଭି, ଖବରକାଗଜ ଓ ସୋସିଆଲ୍ ମିଡିଆ ଖୋଲିଲେ ବିଭିନ୍ନ ଢଙ୍ଗରେ ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ପ୍ରତାରଣା, ପରକୀୟା ପ୍ରୀତି, ନିର୍ଯାତନାର କରୁଣ ପରିଣତି ଦେଖିବାକୁ ମିଳୁଛି। କେତେବେଳେ ସ୍ୱାମୀ ସ୍ତ୍ରୀକୁ ହତ୍ୟା କରି ସୁଟ୍‌କେସ୍‌ରେ ଭର୍ତ୍ତି କରୁଛି ତ କେତେବେଳେ ସ୍ତ୍ରୀ ସ୍ୱାମୀକୁ ହତ୍ୟା କରି ପ୍ଲାଷ୍ଟିକ ଡ୍ରମ୍‌ରେ ସିମେଣ୍ଟ ଦେଇ ବନ୍ଦ କରିଦେଉଛି। ଏସବୁ କାହିଁକି ଘଟୁଛି? ଏହାର କାରଣ କ'ଣ? ଏହି କ୍ରମ ଅବକ୍ଷୟ ସଂସ୍କୃତିର କ'ଣ କୌଣସି ପ୍ରତିକାର ନାହିଁ। ହୁଏତ ଏମିତି ପରିସ୍ଥିତି ପାଇଁ ଆମେ ବର୍ତ୍ତମାନର ଉଗ୍ର ଆଧୁନିକ ସ୍ୱାଧୀନ ଚିନ୍ତାଧାରା, ବ୍ୟସ୍ତ ବହୁଳ କର୍ମମୟ ଜୀବନ ପାଇଁ ପରିବାର ପ୍ରତି ଅବହେଳା, ପରସ୍ପର ପ୍ରତି ସମୟର ଅଭାବ, ପରସ୍ପର ପ୍ରତି ଅବିଶ୍ୱାସ, ବ୍ୟକ୍ତିଗତ ସ୍ୱାର୍ଥ ଚିନ୍ତା, ଆତ୍ମକୈନ୍ଦ୍ରିକ ମନୋଭାବ, ଏମିତି ଅନେକ କିଛିକୁ କାରଣ ବୋଲି କହିପାରୁ। ଏମିତି ଏକ ସାମ୍ପ୍ରତିକ କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ନାଟକ 'ଭିନ୍ନ ପଥେ'। ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ଭଞ୍ଜକଳା ମଣ୍ଡପଠାରେ ଚାଲିଥିବା ନାଟ୍ୟ ଉତ୍ସବ 'ନାଟ୍ୟ ଲହରୀ'ର ଶୁକ୍ରବାର ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷିତ ହୋଇଥିଲା ଏହି ଦୁଃଖ ଓ ରୋମାଞ୍ଚଭରା ନାଟକ। ଭବାନୀପାଟଣାର କାରୁଣ୍ଡ କଳାମଞ୍ଚର କଳାକାରମାନେ ଅତି ନିଖୁଣ ଭାବେ ନାଟକ ପରିବେଷଣ କରିଥିଲାବେଳେ ପ୍ରଦୀପ ଡ଼ି ମାଝୀ ନାଟକ ରଚନା ଓ ନିର୍ଦ୍ଦେଶନା ଦେଇଛନ୍ତି। ଅତିଥି ଭାବେ ଓଡ଼ିଶା ନାଟ୍ୟ ସଂଘ ସଭାପତି ମନୋଜ କୁମାର ପଟ୍ଟନାୟକ, ନାଟ୍ୟକାର ଭାସ୍କର ମହାପାତ୍ର, ନାଟ୍ୟ ନିର୍ଦ୍ଦେଶକ ଡ. ଅରୂପ ଜେନା, ସାମାଜିକ କର୍ମୀ ନିଶିକାନ୍ତ ମିଶ୍ର, ନାଟ୍ୟବିତ୍ ବିଜୟ ପାତ୍ର ଏବଂ ଓଡ଼ିଶା ନାଟ୍ୟ ସଂଘ ଯୁଗ୍ମ ସମ୍ପାଦକ ଆଲୋକ ରଞ୍ଜନ ବୋଷ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଶୁଭକାନ୍ତ ପାଢୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ଥାନା ପରିସରରେ ଚାରା ରୋପଣ

ବାଲିଅନ୍ତା,୧୯।୯ ( ନୀଳମାଧବ ସାହୁ): କମିଶନରେଟ ପୋଲିସ ଅଧୀନ ବାଲିଅନ୍ତା ଓ ପାହାଳ ଥାନା ପରିସରରେ ଶୁକ୍ରବାର ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିଅନ୍ତା ଥାନା ଅଧିକାରୀ ଅନୀଲ କୁମାର ପରିଡ଼ା ଓ ପାହାଳ ଥାନା ଅଧିକାରୀ ଅଶ୍ୱିନୀ କୁମାର ଜେନା ଯୋଗଦେଇ ୫ଟି ଲେଖାଏ ଚାରା ରୋପଣ କରିଛନ୍ତି।

## ମୋଦିଙ୍କ ଜନ୍ମଦିନରେ ଲଗାଯାଇଥିବା ଚାରା ଚୋରି

ବାରଙ୍ଗ, ୧୯।୯(ଲିଙ୍ଗରାଜ ରାଉତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ ତମ ଜନ୍ମ ଦିନରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅଭିଯାନରେ ଶ୍ରୀବନ୍ତପୁର ଗ୍ରାମ୍ୟ ଶ୍ମଶାନ ନିକଟରେ ୧ଶହରୁ ଉର୍ଦ୍ଧ୍ୱ ଚାରା ଲଗାଯାଇଥିଲା। ଏହି ଚାରାକୁ କୌଣସି ଦୁର୍ବୃତ୍ତ ଚୋରି କରି ନେଇଥିବା ଶୁକ୍ରବାର ବାରଙ୍ଗ ଥାନାରେ ଅଭିଯୋଗ ହୋଇଛି। ଶ୍ରୀବନ୍ତପୁର ଗ୍ରାମ୍ୟ ଶ୍ମଶାନ ନିକଟରେ ପଞ୍ଚାୟତ ପକ୍ଷରୁ ଲଗାଯାଇଥିବା ଚାରାକୁ ସୁରକ୍ଷା ଦେବା ପାଇଁ ଚାରିପଟେ ସୁରକ୍ଷା ବାଡ଼ ଲଗାଯାଇଥିଲା। ଏହାସତ୍ତ୍ୱେ ଦୁର୍ବୃତ୍ତ ଚତୁଃପାର୍ଶ୍ୱରେ ଲାଗିଥିବା ବାଡ଼କୁ ଭାଙ୍ଗି ଚାରାଗୁଡ଼ିକୁ ଚୋରି କରି ନେଇଯାଇଥିବା ଅଭିଯୋଗରେ ଦର୍ଶାଯାଇଛି।


**JEYPORE MUNICIPALITY, JEYPORE**

Phone No.06854231098, Fax No.06854230104
email:ulbjeypore@gmail.com & jayporem.hud@nic.in

Letter No.4140/JM Date:18.09.2025

**QUOTATION CALL ADVERTISEMENT**

**No.C-1122:** Sealed quotations as per the prescribed format in the quotation call notice are hereby invited from reputed Agencies/Firms/Contractors having experience in
**"Supply & Installation of Theatre Foldable Chairs and Synthetic leather Sofa for Auditorium at Jeypore Municipality"**

| | |
|---|---|
| No. of Works | 01 |
| Details of the Work | As per QCN, which can be obtained by depositing paper costs at the office of the undersigned or can also be downloaded from the website, i.e.,www.jeyporemunicipality.in |
| Date & Time of Bidding | From **20.09.2025** at 11.00 hours to **03.10.2025** upto 11.00 hours. |
| Offline Documents Received through Speed Post | **20.09.2025** at 11.00 Hours to **03.10.2025** Upto 11.00 Hours (Working Days Only) |
| Offline Documents shall be opened in the presence of the Participating Bidders | **04.10.2025** at 16.00 Hours onwards |
| Paper Cost (INR) | **Rs.600/-** |
| Security Deposit (INR) | **Rs.5000/-** |

Sd./- Executive Officer
Jeypore Municipality

OIPR-13079/11/0067/2526



**ODISHA PUBLIC SERVICE COMMISSION CUTTACK**

**NOTICE**

No. 6748 / P.S.C., Dt. 19.09.2025
1E-14-2025/26 (DR-III)

**Recruitment to the Post of**
**Post Graduate Teacher in Discipline - ZOOLOGY**
**(Advertisement No.25 of 2023-24)**

**No.D-221** : In continuation to this Office Notice No. 5314/PSC, dtd. 23.07.2025, it is for information of all 'shortlisted candidates' that the **Document Verification and Interview/Personality Test** for recruitment to the post of **Post Graduate Teacher in Zoology Discipline**, pursuant to Advertisement No. 25 of 2023-24 will be held from **22.10.2025 to 24.10.2025** in the Office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of Verification | Time of Interview | ROLL NO. of Candidates |
|---|---|---|---|
| 22.10.2025 | 08.30 A.M. | 10.30 A.M. | 103983, 103993, 103994, 104008, 104010, 104025, 104043, 104057, 104068, 104092, 104108, 104125, 104129, 104136, 202720, 202723, 202726, 202729, 202743, 202744, 202758, 202774, 202793, 202806, 290016, 310048, 310074, 310080, 310081, 310082, 310098, 310121 & 310125 **= 33 Candidates** |
| | 12.30 P.M. | 02.30 P.M. | 310132, 310134, 310138, 310140, 310145, 310156, 310170, 310171, 310172, 310194, 310199, 310217, 310218, 310282, 310291, 310295, 310332, 310333, 310342, 310382 & 310383 **= 21 Candidates** |
| 23.10.2025 | 08.30 A.M. | 10.30 A.M. | 310389, 310393, 310423, 310424, 310428, 310466, 310469, 310475, 310498, 310504, 310538, 310555, 310564, 310583, 310599, 310603, 310608, 310614, 404557, 404559, 404573, 404574, 404578, 404586, 404600, 404604, 404634, 404636, 404654, 404655, 404662, 404665 & 404666 **= 33 Candidates** |
| | 12.30 P.M. | 02.30 P.M. | 404687, 404702, 404703, 404706, 404709, 404713, 490026, 506245, 506251, 506285, 506289, 506291, 506298, 506306, 506321, 506332, 506337, 506341, 506350, 506351 & 506356 **= 21 Candidates** |
| 24.10.2025 | 08.30 A.M. | 10.30 A.M. | 506358, 506359, 506373, 506380, 506381, 506382, 506386, 506390, 506392, 506397, 506423, 506426, 506431, 506432, 506444, 506449, 506451, 506473, 506493, 506495, 506506, 506515, 506516, 506517, 506524, 506526, 506545 & 506548 **= 28 Candidates** |

**N.B. -** The candidates are advised to report at the office of the Commission **30 minutes before** the commencement of Document Verification in each 'time slot' allotted in the 'Scheduled Programme'.

**NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

**The Candidates are required to submit the following 'original certificates' along with a set of 'Self-attested photocopy' of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. **Hard Copy** of Online Application form mentioning **Roll No.** at the **Top Right-hand Corner**. (Online Applications are available on the website of the Commission. The candidates are required to download the same using their respective e-mail ID/Phone Number and Password/ OTP etc through OPSC e-Chayan Portal via www.opscechayan.in)
2. Four **(04)** 'passport size photographs' (Unsigned & Unattested) which have been uploaded with application form.
3. **Matriculation Certificate** in support of declaration of age.
4. **Bachelor's Degree** Certificate.
5. **Post-Graduation Certificate/ Master's Degree Certificate** in the subject concerned in respect of Educational Qualification prescribed.
6. **B.Ed.** Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in **Computer Application** in respect of Educational Qualification prescribed.
9. **Caste Certificate by birth** in support of claim as **SEBC/ST/SC** whichever applicable. (which has been **uploaded** with online Application Form)
10. **Odia Test Pass** Certificate from the 'competent authority', wherever applicable.
11. Permanent Disability Certificate (indicating percentage of permanent disability i.e. **40% and more**), wherever applicable.
12. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an affidavit undertaking that he/ she has not been appointed against any civil post after retirement from military service, wherever applicable.
13. Identity Card for **Sports Persons** issued by the Director of Sports, Odisha, wherever applicable.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in & affixed with 'passport size photograph' (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

OIPR-12002/11/0319/2526 Sd./- Secretary



**GOVERNMENT OF ODISHA**
**ELECTRICAL LICENSING BOARD**
**OFFICE OF THE ENGINEER-IN-CHIEF ELECTRICITY-CUM-PRINCIPAL CHIEF ELECTRICAL INSPECTOR, ODISHA**
**3RD FLOOR, HEADS OF DEPARTMENT BUILDING**
**BHUBANESWAR-751001**

Email-secyelbo@od.gov.in, Phone-0674-2394572

**NOTICE**

**No.1289/ dated 19.09.2025/**

**No.AA-28:** The Supervisor Certificate of Competency (MV (General & Mining) & HT) Examination-2025 will be conducted on 21st September, 2025 (Sunday) in Computer Based Test (CBT) mode at designated centres in Bhubaneswar and Cuttack. The examination will be held in three sittings as per the following schedule:

| | | |
|---|---|---|
| 1st Sitting | : | 08:30 AM to 10:30 AM |
| 2nd Sitting | : | 12:00 Noon to 02:00 PM |
| 3rd Sitting | : | 03:30 PM to 05:30 PM |

All the best for the examination

Sd./- Addl. Chief Engineer-cum-Secretary
ELBO, Bhubaneswar

OIPR-04003/11/0019/2526



**DIRECTORATE OF MEDICAL EDUCATION & TRAINING, ODISHA**

Email- odishanursingboard1@gmail.com
NO. 906 /NEB-05/2024 BBSR, Dt- 17.09.2025

**TENDER CALL NOTICE FOR HIRING VEHICLES FOR ON&MEB**

**No.E-395** : Odisha Nurses & Midwives Examination Board **(ON&MEB)**, Odisha invites sealed tender from intending reputed travel agencies having GST registration, for hiring to Odisha Nurses & Midwives Examination Board, Bhubaneswar. The details specification and terms & conditions are available in the official websites i.e., www.onmeb.in. Interested parties may submit their tender in a sealed cover super-scribing **"Tender for hiring vehicles of ON&MEB"** at the top of the envelope should reach **"The Secretary, Odisha Nurses & Midwives Examination Board, O/o the DMET(O), Heads of the Department Building, Bhubaneswar, 751001"** through speed post/registered post only, which should reach on or before **5:30 P.M of 04.10.2025** positively. The tender received after the stipulated date and time shall not be entertained in any circumstance and shall be summarily rejected. The tender will be opened on **08.10.2025 at 3:00 P.M.** The undersigned reserves the right to reject any or all the tender without assigning any reason thereof.

Sd/- Secretary, ONMEB



**GOVERNMENT OF ODISHA**
**e-Procurement Notice**

No. O-816 E.Mail: rw_boudh@yahoo.co.in

**Bid Identification No. Online tender/04/S.E.R.W. BOUDH/2025-26**
**NATIONAL COMPETITIVE BIDDING THROUGH e-Procurement**

| | | |
|---|---|---|
| Name of the Work | : | Building Works - 09 Nos. |
| 1. Estimated Cost | : | Rs.16.49 lakhs to 99.75 lakhs (approximately) |
| 2. Period of Completion | : | 03 Calendar Months to 06 Calendar Months |
| 3. Date & time of availability of Bid documents in the portal | : | From 25.09.2025 10.00 A.M. to 14.10.2025, 5.00 P.M. |
| 4. Last date/time for receipt of bids in the portal | : | 14.10.2025 upto 5.00 P.M. |
| 5. Last date/time for seeking of tender clarification | : | 13.10.2025 upto 5.00 P.M. |
| 6. Date & time of opening of Tender/Bid | : | 15.10.2025 at 11.00 A.M. |
| 7. Name & address of the Officer Inviting Bid | : | Executive Engineer, R.W. Division, Boudh |

Further details, corrigendum(s) etc. can be seen from the e-procurement portal **"https://www.tendersorissa.gov.in"**.

Sd./- Executive Engineer, R.W. Division, Boudh
OIPR-25061/11/0021/2526



**DIRECTORATE OF MEDICAL EDUCATION & TRAINING, ODISHA**

Email- odishanursingboard1@gmail.com
NO. 908 /NEB-05/2024 BBSR, Dt- 17.09.2025

**TENDER CALL NOTICE FOR PRINTING MATERIALS FOR ON&MEB**

Odisha Nurses & Midwives Examination Board **(ON&MEB)**, Odisha invites sealed tender from interested/firms/agencies having GST registration, adequate experience in taking up the works of print and supply of **Answer Booklet & Additional Answer Booklet for ON&MEB**. The detailed quantity, specifications and term & conditions are available in the official websites i.e. **www.onmeb.in**. Interested parties may submit their tender in a sealed cover super-scribing **"Tender for Printing Materials for ON&MEB"** at the top of the envelope should reach **"The Secretary, Odisha Nurses & Midwives Examination Board, O/o the DMET(O), Heads of the Department Building, Bhubaneswar, 751001"** through speed post/registered post only, which should reach on or before 5:30 P.M of 04.10.2025 positively. The tender received after the stipulated date and time shall not be entertained in any circumstance and shall be summarily rejected. The tender will be opened on 08.10.2025 at 4:00 P.M. The undersigned reserves the right to reject any or all the tender without assigning any reason thereof.

OIPR-10016/11/0030/2526 Sd/- Secretary, ONMEB

See Career Appointment on every Wednesday & Saturday

**୭୯୦ ଲିଟର ଦେଶୀ ମଦ ଜବତ, ଜଣେ ଗିରଫ**

ବାରଙ୍ଗ, (ଲିଙ୍ଗରାଜ ରାଉତ): ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ବାରଙ୍ଗ ଥାନା ଅନ୍ତର୍ଗତ ଡାଡ଼ୀପାଟଣା ଗ୍ରାମରେ ଚଢ଼ାଉ କରାଯାଇ ୭୯୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସହଯୋଗୀ ଫେରାର ହୋଇଯାଇଛି। ଗିରଫ ଅଭିଯୁକ୍ତ ହେଲେ ଉକ୍ତ ଗ୍ରାମର ବସନ୍ତ କୁମାର ବେହେରା (୩୧)। ସୂଚନାଯୋଗ୍ୟ, ଅବକାରୀ ବିଭାଗ ପକ୍ଷରୁ ଏକ ଗୋପନ ସୂଚନା ଆଧାରରେ ସ୍କ୍ୱାର୍ଡ ଟିମ୍ ଅତର୍କିତ ଭାବେ ଗ୍ରାମର ଯୁପି ସ୍କୁଲ ନିକଟରେ ଚଢ଼ାଉ କରି ଉପରୋକ୍ତ ଦେଶୀ ମଦ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୧ଲକ୍ଷ ୬୦ ହଜାର ଟଙ୍କା ହେବ ବୋଲି କୁହାଯାଇଛି।

## ପଲିଥିନ୍, ସୋଲ ବ୍ୟବହାର ବର୍ଜନ ସଚେତନତା

ବାଙ୍କୀ,୧୯ା୯ (ଆନନ୍ଦ ମୋହନ ମିଶ୍ର)

ସରକାରଙ୍କ ନିର୍ଦ୍ଦେଶକ୍ରମେ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ସେବା ଓ ସ୍ୱଚ୍ଛତା ପକ୍ଷ ପାଳନ କରାଯାଉଛି। ଏହି ଅବସରରେ ଶୁକ୍ରବାର ଏନ୍‌ଏସିର ୧୦ନମ୍ବର ୱାର୍ଡ ଆଦିମାତା ଛକଠାରୁ ଶନିମନ୍ଦିର ପର୍ଯ୍ୟନ୍ତ ଅଞ୍ଚଳ ଆବର୍ଜନା ସଫେଇ କରାଯାଇଛି। ସେହିପରି କଲେଜ ପଡିଆ, କଲେଜ ଛକ, ନୃସିଂହ ଛକ, ଚାଉଳ ମାର୍କେଟ, ମନ୍ଦିର ରାସ୍ତା ଆଦି ସଫେଇ କରାଯାଇଥିଲା। ଦୋକାନୀମାନଙ୍କୁ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ଲାଷ୍ଟିକ, ପଲିଥିନ୍, ସୋଲ ବ୍ୟବହାର ବର୍ଜନ କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ପରିଷଦର ସମସ୍ତ କର୍ମଚାରୀ ଓ ସ୍ୱଚ୍ଛ ସାଥୀମାନଙ୍କୁ ଶପଥ ପାଠ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନଗରପାଳ ମାଣିକ ସାହୁ, ଉପନଗରପାଳ ସନ୍ତୋଷ କୁମାର ରଣା, କାଉନସିଲର ସନାତନ ବେହେରା, ବିକଳଗୋଷ୍ଟି, ପଠାଣି ବେହେରା, ସଞ୍ଜୟ ପୃଷ୍ଟି, ରାଜେନ୍ଦ୍ର ମହାପାତ୍ର, ଚନ୍ଦନ ଗଣ୍ଡିଆ, ଏମ୍‌ପି ପ୍ରତିନିଧି ସରୋଜ କୁମାର ସାମନ୍ତରାୟ, ପ୍ରଫୁଲ୍ଲ କୁମାର ବିଶ୍ୱାଳ, ପ୍ରମୁଖ ଉପସ୍ଥିତ ଥିଲେ।

# ପରସ୍ପରକୁ ଦୋଷଦେଲେ ଭାଜପା, ବିଜେଡି





ବିଜେଡି ଓ ଭାଜପା ପକ୍ଷରୁ ପୃଥକ ଭାବେ ଆୟୋଜନ କରାଯାଇଥିବା ଖବରଦାତା ସମ୍ମିଳନୀ।

ଆଠଗଡ,୧୯ା୯(ସତ୍ୟ ପ୍ରସାଦ ରଥ)

### ସାରକୁ ନେଇ ଆଠଗଡ ରାଜନୀତି ସରଗରମ

ଆଠଗଡ, ଟିଗିରିଆ ବ୍ଲକରେ ସାର ଅଭାବ ଓ ବ୍ୟାପକ କଳାବଜାରୀ ଅଭିଯୋଗ କରି ବିଜେଡିପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିବା ପରେ ଏଠାରେ ରାଜନୀତି ସରଗରମ ହୋଇଛି। ଶୁକ୍ରବାର ଭାଜପା ଓ ବିଜେଡି ପକ୍ଷରୁ ପୃଥକ ଭାବେ ଖବରଦାତା ସମ୍ମିଳନୀ ଡକାଯାଇ ପରସ୍ପର ଉପରେ ଦୋଷ ଲଦାଯାଇଛି। କଟକ ଜିଲା ଭାଜପା ଗ୍ରାମୀଣ ସଭାପତି ରାମ ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାନ୍ତି ଯୋଗଦେଇ କହିଥିଲେ ଯେ, ଆଠଗଡ-ଟିଗିରିଆରେ ଧାନ ଚାଷ ହେଉଥିବାବେଳେ ୧୨ହଜାର୧୭ ହେକ୍ଟର ଜମିପାଇଁ ୧ହଜାର ୨୦୦ ମେଟ୍ରିକ ଟନ ସାର ଦରକାର। ଏନେଇ ସରକାରଙ୍କ ପକ୍ଷରୁ ୧ହଜାର ୪୧, ୨୫୭ ମେଟ୍ରିକ ଟନ୍ ସାରଯୋଗାଇ ଦିଆଯାଇଛି। ଏଥିପ୍ରେ ଗତ ବୁଧବାର ପୁଣ୍ଡା ସମବାୟ ସେବା ସମିତି ମାଧ୍ୟମରେ ୨୫୩୫ ମେଟ୍ରିକ ଟନ୍ ସାର ଯୋଗାଇ ଦିଆଯାଇଛି। ୧,୮୬,୩୫୫ ମେଟ୍ରିକ ଟନ ସାର ଚାଷୀମାନଙ୍କୁ ଦିଆଯାଇଥିବାବେଳେ ୬୮,୧୪୫ମେଟ୍ରିକ ଟନ ସାର କଳାବଜାର ରହିଛି। ଅବଶିଷ୍ଟ ୧,୧୫,୯୦୨ମେଟ୍ରିକ ଟନ୍ ସାର ସ୍ୱୀକୃତିପ୍ରାପ୍ତ ବିକ୍ରେତାଙ୍କ ପାଖରେ ବଜାରକୁ ଆସିଛି। ରାଜ୍ୟରେ ସରକାର ବଦଳିବା ପରେ ବିଭିନ୍ନ ସମବାୟ ସଂସ୍ଥାରେ ବିଜେଡିର ସଭାପତି ଓ ନିର୍ଦ୍ଦେଶକମାନେ ଥିବାରୁ ସରକାରଙ୍କୁ ବଦନାମ କରିବା ପାଇଁ ଷଡ଼ଯନ୍ତ୍ର କରାଯାଉଛି। ଏଭଳି ହୀନ ରାଜନୀତିରୁ ଆଠଗଡ଼ ବିଧାୟକ ଓ ବିଜେଡି କର୍ମୀମାନେ ନିବୃତ୍ତ ରହିବାକୁ ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଏଥିରେ ବିକ୍ରମ ଦାଶ, ଦୀପୁନା ସେନାପତି, ଇଲା ପଣ୍ଡା,ଦେବେନ୍ଦ୍ର ସାହୁ, ନିରଞ୍ଜନ ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ବିଜେଡି ପକ୍ଷରୁ ସନ୍ଧ୍ୟାରେ ଖବରଦାତା ସମ୍ମିଳନୀ ଡକାଯାଇ ଅଭିଯୋଗକୁ ଖଣ୍ଡନ କରାଯିବା ସହ ସରକାରୀ ତଥ୍ୟ ଭୁଲ ବୋଲି କୁହାଯାଇଛି। ସମବାୟ ସମିତିରେ ସାର ନାହିଁ, ହୋଲସେଲ ଡ଼ିଲରଙ୍କ ପାଖରେ ସାର ନାହିଁ, କିନ୍ତୁ ସରକାରୀ ତଥ୍ୟ ଅନୁଯାଇ ସାର କଳାବଜାର ରହିଛି। ଏହା ସମ୍ପୂର୍ଣ୍ଣ ଭାବେ ଭିତ୍ତିହୀନ ବୋଲି ବିଜେଡି ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଆଠଗଡ ବ୍ଲକ ବିଜେଡି ସଭାପତି ତଥା ଆମ୍ବ କମିଟି ଅଧ୍ୟକ୍ଷ ରବୀନ୍ଦ୍ର ରାଉତଙ୍କ ସହ ବିଜୁ କୃଷକ ସଭାପତି ସୁବାସ ପାଳ, ପ୍ରଦୀପ୍ତ ଦାସ, କୁଲାଇଲୋ ସମବାୟ ସମିତି ସଭାପତି ଗୁଟୁ ଭୋଇ, ରାଜନଗର ସମବାୟ ସମିତି ସଭାପତି ଗଜେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ରହି ମିଥ୍ୟା ତଥ୍ୟର ତଦନ୍ତ ହେଉ ବୋଲି ଦାବି କରିଛନ୍ତି।

## ଜାତୀୟ ଗ୍ରାମୀଣ ମେଧାବୃତ୍ତି ପରୀକ୍ଷା ଦେଲେ ୯୭ ଛାତ୍ରଛାତ୍ରୀ



ଛାତ୍ରଛାତ୍ରୀମାନେ ମେଧାବୃତ୍ତି ପରୀକ୍ଷା ଦେଉଛନ୍ତି।

ଟିଗିରିଆ,୧୯ା୯(ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ନୁଆପାଟଣା ପିଏମଶ୍ରୀ ଅର୍ଜୁନ ଗୁରୁବି ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଜାତୀୟ ଗ୍ରାମୀଣ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ନବମ ଶ୍ରେଣୀରେ ପଢ଼ୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ପରୀକ୍ଷାରେ ବିଭିନ୍ନ ବିଦ୍ୟାଳୟରୁ ମୋଟ ୯୭ ଜଣ ପରୀକ୍ଷା ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ୪୨ ଜଣ ଛାତ୍ର ଓ ୫୫ ଜଣ ଛାତ୍ରୀ ରହିଥିବା ବ୍ଲକ ଶିକ୍ଷାଧିକାରୀ ଅଜୟ କୁମାର ମହାରଣା ସୂଚନା ଦେଇଛନ୍ତି। ୯୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ପଞ୍ଜୀକରଣ କରିଥିବା ବେଳେ ୨ ଜଣ ଛାତ୍ରୀ ଅନୁପସ୍ଥିତ ରହିଥିଲେ। ବ୍ଲକ ଶିକ୍ଷାଧିକାରୀ ମହାରଣା ପରୀକ୍ଷା କେନ୍ଦ୍ରକୁ ଯାଇ ପରୀକ୍ଷା ପରିଚାଳନା ତଦାରଖ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ଖଟୁଆ ପରୀକ୍ଷା ସୁପରିଣ୍ଟେଣ୍ଡେଣ୍ଟ ଓ ବରିଷ୍ଠ ଶିକ୍ଷୟିତ୍ରୀ ଭାଗ୍ୟଲକ୍ଷ୍ମୀ ସାହୁ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ନିର୍ବାହ କରିବା ସହ ବିଦ୍ୟାଳୟର ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହି ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ।

## ତୁସି ମୋଟର୍ସରେ ମାରୁତି ଅଲ୍ ନ୍ୟୁ ଭିକ୍ଟୋରିଜ୍‌ର ଅନାବରଣ



ଭୁବନେଶ୍ୱର,୧୯ା୯: ମାରୁତି ସୁଜୁକି ଅଧିକୃତ ବିକ୍ରେତା ତୁସି ମୋଟର୍ସ ପକ୍ଷରୁ ମାରୁତି ଅଲ୍‌ନ୍ୟୁ ଭିକ୍ଟୋରିଜ୍ ଶୁକ୍ରବାର ଅନାବରଣ କରାଯାଇଛି। ଏହି କାର୍‌ର ଉନ୍ମୋଚନ ଅବସରରେ ମୁଖ୍ୟ ଅତିଥି ଭାବେ ଅଭିନେତ୍ରୀ ପ୍ରକୃତି ମିଶ୍ର ଯୋଗ ଦେଇଥିବା ବେଳେ ତୁସି ମୋଟର୍ସର ପରିଚାଳନା ନିର୍ଦ୍ଦେଶିକା ପ୍ରୀତି ପଲ୍ଲବୀ ପଟ୍ଟନାୟକ, ନିର୍ଦ୍ଦେଶକ ଅଂଶୁମାନ ପଟ୍ଟନାୟକ, ଭିପି ହରମୋହନ ମହାନ୍ତି,ବାଣିଜ୍ୟ ମୁଖ୍ୟ ଅଶୋକ ଜେନ, ଏରିନା ସେଲ୍‌ସ ମୁଖ୍ୟ ଅଭଦେବ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ନୂଆ ଡିଜାଇନ ଓ ଆଧୁନିକ ଫିଚର୍ସ ସହ ଲଞ୍ଚ ହୋଇଥିବା ଏହି କାର୍‌ରେ ଏଲ୍‌ଇଡି ଲାଇଟିଂ ଓ କନେକ୍ଟେଡ୍ ଟେଲାମ୍ପ ରହିଛି। ଏହା ଏଲ୍‌ଏକ୍ସଆଇ, ଭିଏକ୍ସଆଇ, ଜେଡ୍‌ଏକ୍ସଆଇ, ଜେଡ୍‌ଏକ୍ସଆଇ ଅପ୍ସନାଲ, ଜେଡ୍‌ଏକ୍ସଆଇ ପ୍ଲସ୍ ଓ ଜେଡ୍‌ଏକ୍ସଆଇ ପ୍ଲସ୍ ଅପ୍ସନାଲ ଭଳି ୬ଟି ଭାରିଆଣ୍ଟରେ ଉପଲବ୍ଧ। ୧୦.୪୯ରୁ ଆରମ୍ଭକରି ୧୯.୯୮ ପର୍ଯ୍ୟନ୍ତ ମୂଲ୍ୟରେ ଏହା ଉପଲବ୍ଧ ରହିବ। ମୁଖ୍ୟ ଫିଚର୍ସ ମଧ୍ୟରେ ୧୦.୨୫ ଇଞ୍ଚ ଡିଜିଟାଲ ଡ୍ରାଇଭର ଡିସ୍‌ପ୍ଲେ, ପାନୋରାମିକ ସନ୍‌ରୁଫ ଓ ୬୪-କଲର ଆମ୍ବିଏଣ୍ଟ ଲାଇଟିଂ ରହିଛି। ଏହା ମାରୁତିର ପ୍ରଥମ ଗାଡ଼ି ଯାହା ଲେଭେଲ-୨ ଆଡାସ୍ ସହ ଆସିଛି । ୧୦ଟି ଆକର୍ଷଣୀୟ ରଙ୍ଗ ସହ ଏହା ପେଟ୍ରୋଲ, ଷ୍ଟ୍ରଙ୍ଗ-ହାଇବ୍ରିଡ୍ ଓ ସିଏନ୍‌ଜି ପାୱାର ଟ୍ରେନ୍ ଅପ୍ସନ ସହ ଏହା ବଜାରରେ ଉପଲବ୍ଧ। ଏହା ମାରୁତିର ପ୍ରଥମ ଗାଡ଼ି ଯାହା ଅଣ୍ଡରବଡି ଗ୍ରିନ୍-ଟ୍ୟାଙ୍କ ସିଏନ୍‌ଜି ସେଟ୍‌ଅପ୍ ସହ ଅଧିକ ବୁଟ୍ ସ୍ପେସର ସୁବିଧା ପ୍ରଦାନ କରୁଛି। ଗ୍ଲୋବାଲ ଏନ୍‌ସିଏପି ଆଡଲ୍ଟ ସେଫ୍ଟି ନର୍ମରେ ଏହାକୁ ପଞ୍ଚତାରକା ମିଳିଛି। ଗାଡ଼ି ୫ ସିଟର ହୋଇଥିବା ବେଳେ ଏଥିରେ ଯୁକ୍ତପିଙ୍କୁ ସୁହାଇଲା ଭଳି ୫.୧ ସରାଉଣ୍ଡ ସାଉଣ୍ଡ ସିଷ୍ଟମରେ ୮ଟି ସ୍ପିକର ରହିଛି। ଏହାରେ ସୁରକ୍ଷା ପାଇଁ ୬ଟି ଏୟାରବ୍ୟାଗ୍, ଅଟୋ ହୋଲ୍ଡ ସିଷ୍ଟମ ଯୋଗୁ ହଠାତ୍ ଗାଡ଼ିଟି ଦୁର୍ଘଟଣାରୁ ଆଡ଼େଇଯିବ। କୁହୁଡ଼ି, ବର୍ଷା ଓ ରାତିରେ ସହଜ ଯାତ୍ରା ପାଇ ଗାଡ଼ିରେ ଅତ୍ୟାଧୁନିକ ଲାଇଟ ସିଷ୍ଟମ ରହିଛି।

# ଆଳୁ ଚାଷ ପାଇଁ ଆହ୍ୱାନ ଦେଲେ ଜିଲାପାଳ

ବାଙ୍କୀ, ୧୯ା୯ (ଶୁଭେନ୍ଦୁ ମହାପାତ୍ର)

### ଆଳୁ ବିହନ ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟିତ



ଜିଲାପାଳଙ୍କ ଉପସ୍ଥିତିରେ ଆଳୁ ମଞ୍ଜି ଚାରା ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟନ କରାଯାଉଛି।

ବାଙ୍କୀ ଉପଖଣ୍ଡ ନରଣପୁରଠାରେ ବୃନ୍ଦାବନ ବାୟୋଟେକଙ୍କ ଆୟୋଜକଙ୍କ ପକ୍ଷରୁ ଆଳୁ ବିହନ ଉତ୍ପାଦନ କେନ୍ଦ୍ର ଶୁକ୍ରବାର ଉଦ୍‌ଘାଟନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କଟକ ଜିଲାପାଳ ଦତ୍ତାତ୍ରୟ ଭାଓ ସାହେବ ସିନ୍ଦେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏଥିସହ କେବଳ ବାଙ୍କୀରେ ନୁହେଁ ପ୍ରତ୍ୟେକ ଜିଲାରେ ଯଦି ଏଭଳି କେନ୍ଦ୍ର ଖୋଲାଯାଇ ଆଳୁ ଚାଷ କରାଯିବ ତେବେ ଭବିଷ୍ୟତରେ ରାଜ୍ୟରେ ଆଳୁ ସମସ୍ୟା ଦୂରେଇ ଯିବ, ଏଥିପାଇଁ ଅଧିକ ଆଳୁ ଚାଷ ପାଇଁ ଜିଲାପାଳ ସିନ୍ଦେ ଆହ୍ୱାନ ଦେଇଛନ୍ତି। ସମ୍ମାନିତ ଅତିଥିଭାବେ ଜିଲା ଉଦ୍ୟାନ ବିଭାଗ ଡେପୁଟି ଡାଇରେକ୍ଟର ଏସ୍. ରାମା ରାଓ, ବାଙ୍କୀ ଉପ ଜିଲାପାଳ ପ୍ରଣବ କୁମାର ବେହେରା, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଉପସ୍ଥିତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ତଥା କଟକ ଜିଲାରେ ଆଳୁର ଅଭାବକୁ ପରିଲକ୍ଷିତ କରି ସତ୍ୟନାରାୟଣ ସାମନ୍ତ ଜିଲା ଉଦ୍ୟାନ ବିଭାଗ ଅଧିକାରୀଙ୍କ ସହ ଆଲୋଚନାକରି ଏହି କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। କଟକ ତଥା ରାଜଧାନୀର ପରିବା ଏକ୍ସପ୍ରେସରେ ଏଭଳି ବାଙ୍କୀ ବେଶ୍ ପରିଚିତ। ଏଭଳି ପ୍ରୟାସ ଆରମ୍ଭ କରାଯାଇଥିବାରୁ ବୃନ୍ଦାବନ ବାୟୋଟେକର ମୁଖ୍ୟ ସତ୍ୟନାରାୟଣ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ। ଆଗାମୀ ଦିନରେ ଯଦି ଚାଷୀମାନେ ଏଭଳି ପଦ୍ଧତିରେ ଆଳୁ ଚାଷ କରନ୍ତି ତେବେ ରାଜ୍ୟରେ ଆଳୁର ଅଭାବ ରହିବ ନାହିଁ କି ଆମ ରାଜ୍ୟ ବାହାର ରାଜ୍ୟ ଉପରେ ନିର୍ଭରଶୀଳ ରହିବ ନାହିଁ ବୋଲି ଡେପୁଟି ଡାଇରେକ୍ଟର ଏସ୍. ରାମା ରାଓ ମତ ପ୍ରକାଶ କରିଛନ୍ତି। ଏହି ଅବସରରେ ପ୍ରତ୍ୟେକ ଚାଷୀଙ୍କୁ ଆଳୁ ବିହନ ଉତ୍ପାଦନ କେନ୍ଦ୍ରରୁ ଚାରା ନେଇ ଚାଷ କରିବାକୁ ଆହ୍ୱାନ ଦେଇଛନ୍ତି ବୃନ୍ଦାବନ ବାୟୋଟେକ କେନ୍ଦ୍ର ମୁଖ୍ୟ ସତ୍ୟନାରାୟଣ ସାମନ୍ତ। ଆଇନଜୀବୀ ପ୍ରଦୀପ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ।

# ଆର୍ଥିକ ଠକେଇ ସମ୍ପର୍କରେ ସଚେତନତା

ବାଙ୍କୀ, ୧୯ା୯ (ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ପାଥପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ଶୁକ୍ରବାର ବଜାଜ୍ ଫାଇନାନ୍ସ ଲିମିଟେଡ୍ ପକ୍ଷରୁ ଆର୍ଥିକ ସାକ୍ଷରତା ପଦକ୍ଷେପ 'ଅର୍ଥପୂର୍ଣ୍ଣ ସମ୍ବାଦ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବାଙ୍କୀ ଥାନା ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପାଥପୁର ସରପଞ୍ଚ ସୁରେନ୍ଦ୍ର କୁମାର ପରିଡ଼ା, ପାଥପୁର ବିଧି ବିହାର ବିଦ୍ୟାପୀଠର ଶିକ୍ଷକ ସୁଜିତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଭାରତର ଆଭ୍ୟନ୍ତରୀଣ ଅଞ୍ଚଳର ଗ୍ରାମ ଏବଂ ବ୍ୟାଙ୍କ ସୁବିଧା ନ ଥିବା ଅଞ୍ଚଳରେ ଆର୍ଥିକ ପ୍ରୋତ୍ସାହନ କରିବା ପାଇଁ ସର୍ବ ଭାରତୀୟ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଓଡ଼ିଶାରେ ଏହି କାର୍ଯ୍ୟକ୍ରମ ଆର୍ଥିକ ଶୃଙ୍ଖଳା ଉପରେ ଆଲୋକପାତ କରିବ। ଆର୍ଥିକ ଠକେଇ ସମ୍ପର୍କରେ ସଚେତନତା ସୃଷ୍ଟି କରିବ ଏବଂ ନାଗରିକମାନଙ୍କୁ ଟଙ୍କା ପରିଚାଳନା ଭଲ ଅଭ୍ୟାସ ବିଷୟରେ ଅବଗତ କରାଉଥିବ ବୋଲି ବଜାଜ୍ ଫାଇନାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସାଧାରଣ ଲୋକମାନେ ସେମାନଙ୍କ ସଂଗ୍ରହ ସୁରକ୍ଷା କିଭଳି ସ୍ମାର୍ଟଫୋନ ବ୍ୟବହାର ଦ୍ୱାରା କରିପାରିବେ ଏବଂ ସାଇବର ଠକମାନଙ୍କଠାରୁ କିଭଳି ନିଜକୁ ରକ୍ଷା କରିବେ ଏବଂ ସାଇବର ଠକେଇଙ୍କ କ୍ଷେତ୍ରରେ ତୁରନ୍ତ ୧୯୩୦ ହେଲ୍ପ ଲାଇନ ନମ୍ବରରେ ଯୋଗାଯୋଗ କରିବା ସମ୍ପର୍କରେ ଆଇଆଇସି ଭୂୟାଁ ବିଶେଷ ଆଲୋଚନା କରିଥିଲେ। ସେହିପରି ସୁରପଞ୍ଚ ଓ ଛାତ୍ରଛାତ୍ରୀମାନେ ସେମାନଙ୍କ ଭବିଷ୍ୟତକୁ କିପରି ସୁରକ୍ଷିତ ରଖିବା ପାଇଁ ସଞ୍ଚୟ କରିବାର ମାନସିକତା ବିକାଶ କରିପାରିବେ ଏବଂ ବ୍ୟାଙ୍କିଙ୍ଗ ବିଷୟରେ ମୌଳିକ ଜ୍ଞାନ ଆବଶ୍ୟକ ସମ୍ପର୍କରେ ଶିକ୍ଷକ ଜେନା ସୂଚନା ଦେଇଥିଲେ। ଆର୍ଥିକ ସାକ୍ଷରତା କେବଳ ଅର୍ଥକୁ ବୁଝିବା ନୁହେଁ ଏହା ଆପଣମାନଙ୍କ ଆର୍ଥିକ ଭବିଷ୍ୟତ ଉପରେ ବିଶ୍ୱାସ ସୃଷ୍ଟି କରିଥାଏ ବୋଲି ସରପଞ୍ଚ ପରିଡ଼ା ବୁଝାଇଥିଲେ।

## ସମ୍ପର୍କୀୟ ଭାଇଙ୍କୁ ଗୋଡ଼ାଇ ହାଣିଲେ

### ନିଲାମ ପୋଖରୀରେ ମାଛ ଚାଷକୁ ନେଇ ବିବାଦ

ବାଙ୍କୀ, ୧୯ା୯ ( ଶୁଭେନ୍ଦୁ ମହାପାତ୍ର)

କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ବରପୁଟ ପଞ୍ଚାୟତସ୍ଥିତ ପାଥପୁର ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ନିଲାମ ପୋଖରୀରେ ମାଛ ଚାଷକୁ କେନ୍ଦ୍ର କରି ସମ୍ପର୍କୀୟ ଭାଇଙ୍କୁ ହାଣି ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଫଳରେ ଆହତ ରାଉତ ଗୁରୁତର ହୋଇଥିବାରୁ ତାଙ୍କୁ ପ୍ରଥମେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କଟକସ୍ଥିତ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ସକାଳ ପ୍ରାୟ ୬ଟାବେଳେ ଆହତ ଓ ତାଙ୍କ ଭାଇ ସଂସ୍କାରୀ ରାଉତ ବିଲକୁ ଯାଉଥିବାବେଳେ ପୂର୍ବରୁ ଛକିବସିଥିବା ସମ୍ପର୍କୀୟ ଭାଇମାନେ ଆହତଙ୍କୁ ଗୋଡ଼ାଇ ମାରଣାସ୍ତ୍ରରେ ଆକ୍ରମଣ କରି ରକ୍ତାକ୍ତ କରିଦେଇଥିଲେ। ଖବରପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରିଛନ୍ତି। ନିଲାମ ପୋଖରୀରେ ମାଛ ଚାଷକୁ କେନ୍ଦ୍ର କରି ତାଙ୍କୁ ଆକ୍ରମଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହାପରେ ପୋଲିସ ପହଞ୍ଚି ମାମଲାର ତଦନ୍ତ ଜାରି ରଖିଛି।


**GOVERNMENT OF ODISHA**
**ELECTRICAL LICENSING BOARD**
**OFFICE OF THE ENGINEER-IN-CHIEF ELECTRICITY-CUM-PRINCIPAL CHIEF ELECTRICAL INSPECTOR, ODISHA**
**3RD FLOOR, HEADS OF DEPARTMENT BUILDING**
**BHUBANESWAR-751001**
Email-secyelbo@od.gov.in, Phone-0674-2394572

**NOTICE**
No.1289/ dated 19.09.2025/

**No.AA-28:** The Supervisor Certificate of Competency (MV (General & Mining) & HT) Examination-2025 will be conducted on 21st September, 2025 (Sunday) in Computer Based Test (CBT) mode at designated centres in Bhubaneswar and Cuttack. The examination will be held in three sittings as per the following schedule:

| | | |
|---|---|---|
| 1st Sitting | : | 08:30 AM to 10:30 AM |
| 2nd Sitting | : | 12:00 Noon to 02:00 PM |
| 3rd Sitting | : | 03:30 PM to 05:30 PM |

All the best for the examination

Sd./- Addl. Chief Engineer-cum-Secretary
OIPR-04003/11/0019/2526 ELBO, Bhubaneswar



**GOVERNMENT OF ODISHA**
**e-Procurement Notice**
No. O-816 E.Mail: rw_boudh@yahoo.co.in
**Bid Identification No. Online tender/04/S.E.R.W. BOUDH/2025-26**
**NATIONAL COMPETITIVE BIDDING THROUGH e-Procurement**

| | | |
|---|---|---|
| Name of the Work | : | Building Works - 09 Nos. |
| 1. Estimated Cost | : | Rs.16.49 lakhs to 99.75 lakhs (approximately) |
| 2. Period of Completion | : | 03 Calendar Months to 06 Calendar Months |
| 3. Date & time of availability of Bid documents in the portal | : | From 25.09.2025 10.00 A.M. to 14.10.2025, 5.00 P.M. |
| 4. Last date/time for receipt of bids in the portal | : | 14.10.2025 upto 5.00 P.M. |
| 5. Last date/time for seeking of tender clarification | : | 13.10.2025 upto 5.00 P.M. |
| 6. Date & time of opening of Tender/Bid | : | 15.10.2025 at 11.00 A.M. |
| 7. Name & address of the Officer Inviting Bid | : | Executive Engineer, R.W. Division, Boudh |

Further details, corrigendum(s) etc. can be seen from the e-procurement portal **"https://www.tendersorissa.gov.in"**.

Sd./- Executive Engineer, R.W. Division, Boudh
OIPR-25061/11/0021/2526



**JEYPORE MUNICIPALITY, JEYPORE**
Phone No.06854231098, Fax No.06854230104
email:ulbjeypore@gmail.com & jayporem.hud@nic.in
Letter No.4140/JM Date:18.09.2025

**QUOTATION CALL ADVERTISEMENT**

**No.C-1122:** Sealed quotations as per the prescribed format in the quotation call notice are hereby invited from reputed Agencies/Firms/Contractors having experience in
**"Supply & Installation of Theatre Foldable Chairs and Synthetic leather Sofa for Auditorium at Jeypore Municipality"**

| | |
|---|---|
| No. of Works | 01 |
| Details of the Work | As per QCN, which can be obtained by depositing paper costs at the office of the undersigned or can also be downloaded from the website, i.e.,www.jeyporemunicipality.in |
| Date & Time of Bidding | From 20.09.2025 at 11.00 hours to 03.10.2025 upto 11.00 hours. |
| Offline Documents Received through Speed Post | 20.09.2025 at 11.00 Hours to 03.10.2025 Upto 11.00 Hours (Working Days Only) |
| Offline Documents shall be opened in the presence of the Participating Bidders | 04.10.2025 at 16.00 Hours onwards |
| Paper Cost (INR) | Rs.600/- |
| Security Deposit (INR) | Rs.5000/- |

Sd./- Executive Officer
OIPR-13079/11/0067/2526 Jeypore Municipality



**DIRECTORATE OF MEDICAL EDUCATION & TRAINING, ODISHA**
Email- odishanursingboard1@gmail.com
NO. 906 /NEB-05/2024 BBSR, Dt- 17.09.2025
**TENDER CALL NOTICE FOR HIRING VEHICLES FOR ON&MEB**

**No.E-395 :** Odisha Nurses & Midwives Examination Board **(ON&MEB)**, Odisha invites sealed tender from intending reputed travel agencies having GST registration, for hiring to Odisha Nurses & Midwives Examination Board, Bhubaneswar. The details specification and terms & conditions are available in the official websites i.e., www.onmeb.in. Interested parties may submit their tender in a sealed cover super-scribing **"Tender for hiring vehicles of ON&MEB"** at the top of the envelope should reach **"The Secretary, Odisha Nurses & Midwives Examination Board, O/o the DMET(O), Heads of the Department Building, Bhubaneswar, 751001"** through speed post/registered post only, which should reach on or before **5:30 P.M of 04.10.2025** positively. The tender received after the stipulated date and time shall not be entertained in any circumstance and shall be summarily rejected. The tender will be opened on **08.10.2025 at 3:00 P.M.** The undersigned reserves the right to reject any or all the tender without assigning any reason thereof.

Sd/- Secretary, ONMEB



**DIRECTORATE OF MEDICAL EDUCATION & TRAINING, ODISHA**
Email- odishanursingboard1@gmail.com
NO. 908 /NEB-05/2024 BBSR, Dt- 17.09.2025
**TENDER CALL NOTICE FOR PRINTING MATERIALS FOR ON&MEB**

Odisha Nurses & Midwives Examination Board **(ON&MEB)**, Odisha invites sealed tender from interested/firms/agencies having GST registration, adequate experience in taking up the works of print and supply of **Answer Booklet & Additional Answer Booklet for ON&MEB**. The detailed quantity, specifications and term & conditions are available in the official websites i.e. **www.onmeb.in**. Interested parties may submit their tender in a sealed cover super-scribing **"Tender for Printing Materials for ON&MEB"** at the top of the envelope should reach **"The Secretary, Odisha Nurses & Midwives Examination Board, O/o the DMET(O), Heads of the Department Building, Bhubaneswar, 751001"** through speed post/registered post only, which should reach on or before **5:30 P.M** of **04.10.2025** positively. The tender received after the stipulated date and time shall not be entertained in any circumstance and shall be summarily rejected. The tender will be opened on **08.10.2025** at **4:00 P.M.** The undersigned reserves the right to reject any or all the tender without assigning any reason thereof.

OIPR-10016/11/0030/2526 Sd/- Secretary, ONMEB

See Career Appointment on every Wednesday & Saturday



**ODISHA PUBLIC SERVICE COMMISSION CUTTACK**
**NOTICE**
**No. 6748 / P.S.C., Dt. 19.09.2025**
1E-14-2025/26 (DR-III)
**Recruitment to the Post of**
**Post Graduate Teacher in Discipline - ZOOLOGY**
**(Advertisement No.25 of 2023-24)**

**No.D-221 :** In continuation to this Office Notice No. 5314/PSC, dtd. 23.07.2025, it is for information of all 'shortlisted candidates' that the **Document Verification and Interview/Personality Test** for recruitment to the post of **Post Graduate Teacher in Zoology Discipline**, pursuant to Advertisement No. 25 of 2023-24 will be held from **22.10.2025 to 24.10.2025** in the Office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of Verification | Time of Interview | ROLL NO. of Candidates |
|---|---|---|---|
| 22.10.2025 | 08.30 A.M. | 10.30 A.M. | 103983, 103993, 103994, 104008, 104010, 104025, 104043, 104057, 104068, 104092, 104108, 104125, 104129, 104136, 202720, 202723, 202726, 202729, 202743, 202744, 202758, 202774, 202793, 202806, 290016, 310048, 310074, 310080, 310081, 310082, 310098, 310121 & 310125 = 33 Candidates |
| | 12.30 P.M. | 02.30 P.M. | 310132, 310134, 310138, 310140, 310145, 310156, 310170, 310171, 310172, 310194, 310199, 310217, 310218, 310282, 310291, 310295, 310332, 310333, 310342, 310382 & 310383 = 21 Candidates |
| 23.10.2025 | 08.30 A.M. | 10.30 A.M. | 310389, 310393, 310423, 310424, 310428, 310466, 310469, 310475, 310498, 310504, 310538, 310555, 310564, 310583, 310599, 310603, 310608, 310614, 404547, 404559, 404573, 404574, 404578, 404586, 404600, 404604, 404634, 404636, 404654, 404655, 404662, 404665 & 404666 = 33 Candidates |
| | 12.30 P.M. | 02.30 P.M. | 404687, 404702, 404703, 404706, 404709, 404713, 490026, 506245, 506251, 506285, 506289, 506291, 506298, 506306, 506321, 506332, 506337, 506341, 506350, 506351 & 506356 = 21 Candidates |
| 24.10.2025 | 08.30 A.M. | 10.30 A.M. | 506358, 506359, 506373, 506380, 506381, 506382, 506386, 506390, 506392, 506397, 506423, 506426, 506431, 506432, 506444, 506449, 506451, 506473, 506493, 506495, 506506, 506515, 506516, 506517, 506524, 506526, 506545 & 506548 = 28 Candidates |

**N.B.** - The candidates are advised to report at the office of the Commission **30 minutes before** the commencement of Document Verification in each 'time slot' allotted in the 'Scheduled Programme'.

**NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

The Candidates are required to submit the following **'original certificates'** along with a set of **'Self-attested photocopy' of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. **Hard Copy** of Online Application form mentioning **Roll No.** at the **Top Right-hand Corner.** (Online Applications are available on the website of the Commission. The candidates are required to download the same using their respective e-mail ID/Phone Number and Password/ OTP etc through OPSC e-Chayan Portal via www.opscechayan.in)
2. Four **(04)** 'passport size photographs' (Unsigned & Unattested) which have been uploaded with application form.
3. **Matriculation Certificate** in support of declaration of age.
4. **Bachelor's Degree** Certificate.
5. **Post-Graduation Certificate/ Master's Degree Certificate** in the subject concerned in respect of Educational Qualification prescribed.
6. **B.Ed.** Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in **Computer Application** in respect of Educational Qualification prescribed.
9. **Caste Certificate by birth** in support of claim as **SEBC/ST/SC** whichever applicable. (which has been **uploaded** with online Application Form)
10. **Odia Test Pass** Certificate from the 'competent authority', wherever applicable.
11. Permanent Disability Certificate (indicating percentage of permanent disability i.e. **40% and more**), wherever applicable.
12. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an affidavit undertaking that he/ she has not been appointed against any civil post after retirement from military service, wherever applicable.
13. Identity Card for **Sports Persons** issued by the Director of Sports, Odisha, wherever applicable.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in & affixed with 'passport size photograph' (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

OIPR-12002/11/0319/2526 Sd./- Secretary

## ସଂକ୍ଷେପରେ

### ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ

ପୁରୀ,୧୯।୯(ଅଜିତ୍ କୁମାର ମହାନ୍ତି): ଶ୍ରୀମନ୍ଦିର ଭିତର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଫଳରେ ଶ୍ରୀମନ୍ଦିର ସୁରକ୍ଷା ପ୍ରତି ପୁଣି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶଭ୍ରାଂଶୁ ନାମକ ଯୁବକ ତାଙ୍କ ସୋସିଆଲ ମିଡିଆରେ ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ କରିଛନ୍ତି। ଶ୍ରୀମନ୍ଦିର ଭିତରକୁ ମୋବାଇଲ କ୍ୟାମେରା ପ୍ରବେଶ ନେଇ କଟକଣା ଥିବା ବେଳେ ସମ୍ପୃକ୍ତ ଯୁବକ କିପରି ସାଙ୍ଗରେ ମୋବାଇଲ ନେଇ ଭିତରକୁ ପ୍ରବେଶ କଲେ ଓ ଫଟୋ ଉଠାଇଲେ, ତାହା ସାଧାରଣରେ ପ୍ରଶ୍ନ ପାଲଟିଛି। ଭାଇରାଲ ହୋଇଥିବା ଫଟୋରେ ଶ୍ରୀମନ୍ଦିର ଭିତରବେଢାର କିଛି ଫଟୋ ରହିଛି। ଏହାକୁ ନେଇ ଭକ୍ତ ଓ ସେବାୟତଙ୍କ ମଧ୍ୟରେ ଉଦ୍‌ବେଗ ତଥା ଅସନ୍ତୋଷ ପ୍ରକାଶ ପାଇଛି।

### କାର୍ତ୍ତିକ ବ୍ରତ ପାଇଁ ଅନ୍‌ଲାଇନ ପଞ୍ଜୀକରଣ ଆରମ୍ଭ

ପୁରୀ,୧୯।୯(ଅଜିତ୍ କୁମାର ମହାନ୍ତି) ଚଳିତ ବର୍ଷର ହବିଷ ବ୍ରତ ଅକ୍ଟୋବର ୭ରୁ ଆରମ୍ଭ ହୋଇ ନଭେମ୍ବର ୫ ପର୍ଯ୍ୟନ୍ତ ଚାଲିବ। କେବଳ ଅନ୍‌ଲାଇନ ମାଧ୍ୟମରେ ପଞ୍ଜୀକରଣ କରିଥିବା ହବିଷିଆଳି ମା'ମାନେ ପ୍ରଶାସନ ପକ୍ଷରୁ ଧାର୍ଯ୍ୟ ୪ଟି ରହଣି କେନ୍ଦ୍ରରେ ରହିବେ। ପ୍ରଶାସନ ପକ୍ଷରୁ ୧୯ ତାରିଖ ଅର୍ଥାତ ଶୁକ୍ରବାରଠାରୁ ଅନ୍‌ଲାଇନ ମାଧ୍ୟମରେ ପଞ୍ଜୀକରଣ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଦେଢ ଘଣ୍ଟା ଭିତରେ ନିର୍ଦ୍ଧାରିତ ସଂଖ୍ୟାଠାରୁ ଅଧିକ ସଂଖ୍ୟାରେ ପଞ୍ଜୀକରଣ ହୋଇଥିବା ସୂଚନା ମିଳିଛି। ପୂର୍ବାହ୍ନ ୧୧ଟା ୩୦ ମଧ୍ୟରେ ୨୬୦୦ ରୁ ଅଧିକ ପଞ୍ଜୀକରଣ ହୋଇଥିବା ଜଣାପଡ଼ିଛି।

### ପିଜିଟି ଇଂଲିଶ ଶିକ୍ଷକଙ୍କ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଯାପିତ

ଭୁବନେଶ୍ୱର,୧୯।୯(ସୁଚିସ୍ମିତା ସାହୁ): ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇଂଲିଶ ବିଭାଗର ସ୍ନାତକୋତ୍ତର ଶିକ୍ଷକ (ପିଜିଟିଏସ୍) ପାଇଁ ଦକ୍ଷତା ଆଧାରିତ ଶିକ୍ଷାଦାନ ଏବଂ ମୂଲ୍ୟାଙ୍କନ ଉପରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନଠାରେ ଆୟୋଜିତ ପାଞ୍ଚ ଦିନିଆ କର୍ମଶାଳା ଶୁକ୍ରବାର ଶେଷ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିୟତି ପଟ୍ଟନାୟକ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅଜିମ ପ୍ରେମ୍‌ଜୀ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ପାର୍ଥ ସାରଥି ମିଶ୍ର ଏବଂ ଜେନି ଆଲେକ୍ସଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି କର୍ମଶାଳାରେ ମାତୃଭାଷା ଶିକ୍ଷା ଲକ୍ଷ୍ୟ, ପାଠ୍ୟକ୍ରମ ଉଦ୍ଦେଶ୍ୟ, ଶ୍ରେଣୀଗୃହରେ ଉପୁଜୁଥିବା ବିଭିନ୍ନ ଆହ୍ୱାନ, ପ୍ରଶ୍ନପତ୍ର ବିଶ୍ଳେଷଣ, ଯୋଗାଯୋଗ ଦକ୍ଷତା ଏବଂ ମୂଲ୍ୟାଙ୍କନ ପଦ୍ଧତି ଉପରେ ଆଲୋଚନା କରାଯାଇଥିଲା । ଏଥିସହ ଇଂଲିଶ ଶିକ୍ଷାଦାନ ଏବଂ ମୂଲ୍ୟାଙ୍କନ ଅଭ୍ୟାସ ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ମାଳୀ, ଉପ ନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ, ପିଏମ୍‌ୟୁ ଅଧିକାରୀ ଡକ୍ଟର ଉମାକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। କର୍ମଶାଳାରେ ମୋଟ ୫୦ଜଣ ପିଜିଟି ଶିକ୍ଷୟିତ୍ରୀଶିକ୍ଷକ ଭାଗ ନେଇଥିଲେ। ପିଜିଟି ଶିକ୍ଷୟିତ୍ରୀ ପ୍ରିସିତା ପରିଚାଳନା କରିଥିବା ବେଳେ ପ୍ରତିଷ୍ଠା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ପର୍ଯ୍ୟଟନ , ଶିମିଳିପାଳକୁ ନୂଆ ଦିଗନ୍ତ ମିଳିବ: ମନ୍ତ୍ରୀ

## ନ୍ୟାଶନାଲ ଜିଓଗ୍ରାଫିକ୍ କଭରପେଜ୍‌ରେ ଶିମିଳିପାଳ କଳାବାଘ

ଭୁବନେଶ୍ୱର, ୧୯।୯(ବନ୍ଦନା ସେଠୀ)

ନ୍ୟାଶନାଲ ଜିଓଗ୍ରାଫିକ୍ ପତ୍ରିକା ଅକ୍ଟୋବର ସଂସ୍କରଣର ପ୍ରଚ୍ଛଦପୃଷ୍ଠାରେ ଶିମିଳିପାଳର ବିରଳ କଳାବାଘ ସ୍ଥାନିତ ହୋଇଛି। 'ଦି ଟାଇଗର୍ସ ହୁ ଚେଞ୍ଜଡ୍ ଦେୟାର ଷ୍ଟ୍ରାଇପ୍‌ସ' (The Tigers Who Changed Their Stripes) ଶୀର୍ଷକ ଲେଖା ଶିମିଳିପାଳ ଅଭୟାରଣ୍ୟର ବିରଳ କଳାବାଘ ଏବଂ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ବାଘ ସ୍ଥାନାନ୍ତରଣ ପ୍ରକ୍ରିୟା ଉପରେ ପର୍ଯ୍ୟବସିତ। ଏନେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଖୁସି ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଓଡ଼ିଶା ଏକମାତ୍ର ସ୍ଥାନ ଯେଉଁଠି କଳାବାଘ ଅଛନ୍ତି। ନ୍ୟାଶନାଲ ଜିଓଗ୍ରାଫିକ୍ ମାଗାଜିନ୍ ଦ୍ୱାରା ମୟୂରଭଞ୍ଜର ବିରଳ କଳାବାଘଙ୍କ କାହାଣୀ ବିଶ୍ୱର କୋଟି କୋଟି ଲୋକ ପଢିବେ। ସେମାନେ ଓଡ଼ିଶା ଓ ଏହାର ପ୍ରାକୃତିକ ବିଭବ ବିଷୟରେ ଜାଣିବାକୁ ଆଗ୍ରହ ପ୍ରକାଶ କରିବେ। ଏହା ଓଡ଼ିଶା ପାଇଁ ଗର୍ବର କଥା। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶାର ସମୃଦ୍ଧ ବନ୍ୟଜନ୍ତୁ, ଜୈବ-ବିବିଧତା ଓ ପ୍ରକୃତିର ସୁରକ୍ଷା ଏବଂ ସମୃଦ୍ଧି ପାଇଁ ନେଉଥିବା ବିଭିନ୍ନ ଉପଯୋଗୀ ଓ ସକାରାତ୍ମକ ପଦକ୍ଷେପ ସମ୍ପର୍କରେ ଏବେ ସାରା ବିଶ୍ୱ ଜାଣିବାକୁ ପାଇବ। ଓଡ଼ିଶା ପର୍ଯ୍ୟଟନ ବିଶେଷକରି ଶିମିଳିପାଳ




ଅଭୟାରଣ୍ୟକୁ ଏକ ନୂଆ ଦିଗନ୍ତ ମିଳିବ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ନ୍ୟାଶନାଲ୍ ଜିଓଗ୍ରାଫିକ୍ ଏକ୍ସପ୍ଲୋରର୍ ଓ ଫଟୋଗ୍ରାଫର୍ ପ୍ରସନ୍‌ଜିତ୍ ଯାଦବ ଅନେକ ଦିନଧରି ଶିମିଳିପାଳର ଘନ ଜଙ୍ଗଲ ମଧ୍ୟରେ ବାଘଙ୍କ ଗତିବିଧି ଲକ୍ଷ୍ୟ କରିବା ସହ ବିରଳ କଳାବାଘର ଫଟୋ ଉଠାଇଥିଲେ। ଏହାକୁ ନ୍ୟାଶନାଲ୍ ଜିଓଗ୍ରାଫିକର ପ୍ରଚ୍ଛଦପୃଷ୍ଠାରେ ସ୍ଥାନ ଦିଆଯାଇଛି। କାହାଣୀକୁ ଅଧିକ ଆକର୍ଷଣୀୟ କରିଛି ତାଙ୍କ ଦ୍ୱାରା ଘନ ଜଙ୍ଗଲର ସବୁଜ ବନାନୀ ମଧ୍ୟରେ ଶିଉଳିମୟ ପଥର ଉପରୁ ନିର୍ବାକ ହୋଇ କ୍ୟାମେରାକୁ ଅନେଇ ରହିଥିବା କଳାବାଘର ପ୍ରଚ୍ଛଦପଟ ଚିତ୍ର। ତାଙ୍କୁ ଏହି କାର୍ଯ୍ୟରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସମସ୍ତ ପ୍ରକାର ସହଯୋଗ କରିଛି। ଏଥିସହ ମୟୂରଭଞ୍ଜର ଶିମିଳିପାଳ ଅଭୟାରଣ୍ୟର ମନଲୋଭା ପ୍ରକୃତି, ଶାନ୍ତ-ସରଳ ଜନସାଧାରଣ ଏବଂ ବିରଳ କଳାବାଘ ତାଙ୍କୁ ଅଭୀଭୂତ କରିଛି ବୋଲି ପ୍ରସନ୍‌ଜିତ୍ କହିଛନ୍ତି।




ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଶୁକ୍ରବାର ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଫେୟାରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଫେୟାର ଆରମ୍ଭ

ଭୁବନେଶ୍ୱର,୧୯।୯(ଅନୁରାଧା ମହାରଣା)

ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଫେୟାରର ୧୨ତମ ସଂସ୍କରଣ ଶୁକ୍ରବାର ଜନତା ମଇଦାନରେ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମ୍ମାନିତ ଅତିଥି ଭାବେ ରେଡ୍‌କ୍ରସ୍ ସମ୍ପାଦିକା ମେଜର କଳ୍ପନା ଦାଶ, ରୋଟାରି କ୍ଲବ୍ ଡିଷ୍ଟ୍ରିକ୍ଟ ଗଭର୍ନର ମନୋଜ ତ୍ରିପାଠୀ, ଓଡ଼ିଶା ପାଇକ ଆଖଡ଼ା ମହାସଂଘ ସଭାପତି ପ୍ରକାଶ ଶ୍ରୀଚନ୍ଦନ, ସୁଶ୍ରୁତ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶିକା ଚିଦାତ୍ମିକା ଖଟୁଆ, ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ସରୋଜ ମଲ୍ଲିକ ଓ ରଶ୍ମିରଞ୍ଜନ କାନୁନ୍‌ଗୋ, ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ସୁଜିତ କୁମାର ଗୁପ୍ତା, ନିର୍ଦ୍ଦେଶକ ପାୟଲ ଆଚାର୍ଯ୍ୟ ଗୁପ୍ତା, ଉପଦେଷ୍ଟା ରଶ୍ମିରଞ୍ଜନ କାନୁନ୍‌ଗୋଙ୍କ ସହ ସହନିର୍ଦ୍ଦେଶକ ବୀର ବାହାଦୁର ସିଂ, ସଚିନ ସିଂହ, ଦୀପକ କୁମାର ମହାନ୍ତି ଓ ମୁଖ୍ୟ ସଂଯୋଜକ ରଞ୍ଜିତ କର୍ମୀ




ଯୋଗଦେଇଥିଲେ। ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ଏସି ପାଭିଲିୟନରେ ବିକ୍ରେତା ଓ ଗ୍ରାହକ ଏକାଠି ହେବାର ସୁଯୋଗ ପାଉଛନ୍ତି। ଏହି ମେଳାରେ ୧୦ଟି ଦେଶ ଅଂଶ ଗ୍ରହଣ କରୁଥିବାବେଳେ ୧ଲକ୍ଷରୁ ଅଧିକ ଉତ୍ପାଦ ବିକ୍ରି ତଥା ପ୍ରଦର୍ଶିତ ହେଉଛି। କଶ୍ମୀର ଫର୍ନିଚର, ଆର୍ଣ୍ଣିକ୍ ଫର୍ନିଚର, କାର୍ଭିଂ ଫର୍ନିଚର ବିଶେଷକରି ସୋଫା ସେଟ୍, ଡାଇନିଂ ସେଟ୍ ଉପଲବ୍ଧ ହୋଇଛି। ଆଫଗାନିସ୍ତାନ ଡ୍ରାଏ ଫ୍ରୁଟ୍ସ ମଧ୍ୟ ଗ୍ରାହକ ପାଇପାରିବେ। ଏହା ସହ ଜର୍ମାନୀ ଲ୍ୟାମ୍ପ, ବାଂଲାଦେଶର ଜାମଦାନୀ ଶାଢ଼ି, ଇରାନର ଖଜରା, ଜୁଏଲେରି ଏବଂ ହର୍ବାଲ ଅଏଲ, ଦୁବାଇର ପର୍‌ଫ୍ୟୁମ୍, ଥାଇଲାଣ୍ଡର ଜୁଏଲେରି, ଫୁଟ୍‌ୱେର ଓ ପୋଷାକ, କୋରିଆର ମହିଳା ପ୍ରସାଧନ ସାମଗ୍ରୀ, ଆର୍ଣ୍ଣିକ୍ ମେଟାଲ ଏବଂ ଏଡି ଷ୍ଟୋନ୍ ଜୁଏଲେରି, ଇରାନୀ, ପର୍ସିଆନ୍ କାର୍ପେଟ୍ ସହ ସିଙ୍ଗାପୁର ଓ ମାଲେସିଆର ମଧ୍ୟ ବିଭିନ୍ନ ଉତ୍ପାଦ ମିଳିବ। ଗ୍ରାହକମାନେ ଫୁଡ୍‌କୋର୍ଟରେ ଚମ୍ପାରନ୍ ମଟନ ସହ ଅନ୍ୟାନ୍ୟ ସ୍ୱାଦିଷ୍ଟ ଖାଦ୍ୟର ମଜା ନେଇପାରିବେ।

### ୨୨ରେ ରାସ୍ତାକୁ ଓହ୍ଲାଇବ ୪୮୮ ବର୍ଗ ଶିକ୍ଷକ ଓ କର୍ମଚାରୀ ସଂଘ

#### ଚାକିରି ସର୍ତ୍ତାବଳି ଲାଗୁ ସହ ପେନସନ ଦାବି

ଭୁବନେଶ୍ୱର,୧୯।୯(ସୁଚିସ୍ମିତା ସାହୁ)

ଚାକିରି ସର୍ତ୍ତାବଳୀ ଓ ପେନସନ ଦାବି ନେଇ ଆସନ୍ତା ୨୨ ତାରିଖ ଦିନ ନିଖିଳ ଓଡ଼ିଶା ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ (୪୮୮ ବର୍ଗ) ଶିକ୍ଷକ ଓ କର୍ମଚାରୀ ସଂଘ ରାଜରାସ୍ତାକୁ ଓହ୍ଲାଇବ। ଏ ସମ୍ପର୍କରେସୂଚନା ଦେଇ ସଂଘ ସଭାପତି ମାନସ ପୁରୋହିତ ଶୁକ୍ରବାର ଏକ ପ୍ରେସ ବିବୃତି ମାଧ୍ୟମରେ କହିଛନ୍ତି, ଦୀର୍ଘ ୨୫ ରୁ ୩୦ ବର୍ଷ ଧରି ଶିକ୍ଷକ ଓ କର୍ମଚାରୀମାନେ କାର୍ଯ୍ୟ କଲାପରେ ମଧ ଏପର୍ଯ୍ୟନ୍ତ ସରକାର ଚାକିରି ସର୍ତ୍ତାବଳୀ ତଥା ପେନସନ ବ୍ୟବସ୍ଥା କରିନାହାନ୍ତି। ପେନସନ ବ୍ୟବସ୍ଥା ନ ଥିବାରୁ ଚାକିରିରୁ ଅବସର ଗ୍ରହଣ ପରେ ସେମାନଙ୍କର ଜୀବନ ଅତ୍ୟନ୍ତ ଦୁର୍ବିସହ ହୋଇପଡୁଛି। ନୂତନ ସରକାରଙ୍କ ସହ ଅନେକଥର ଆଲୋଚନା ହୋଇଥିଲେ ମଧ ଫଳାଫଳ ସମାନ। ଖାଲି ପ୍ରତିଶ୍ରୁତି ଦେଇ ସମସ୍ୟାର ସମାଧାନ ଦିଗରେ କୌଣସି ଆଖିଦୃଶିଆ ସକାରାତ୍ମକ ପଦକ୍ଷେପ ଏପର୍ଯ୍ୟନ୍ତ ନିଆଯାଇନାହିଁ। ଅପରପକ୍ଷେ ୨୫ରୁ ୩୦ ବର୍ଷର ଅଭିଜ୍ଞତା ଥିବା ଅଧ୍ୟାପିକା ଅଧ୍ୟାପକଙ୍କୁ ଉପେକ୍ଷା କରି ୨୦୧୬ ମସିହାରେ ଏସ୍‌ଏସ୍‌ବି ଜରିଆରେ ମନୋନୀତ ହୋଇଥିବା ଅଧ୍ୟାପକଙ୍କୁ ବରିଷ୍ଠ କରିବା ପାଇଁ ହୀନ ଉଦ୍ୟମ କରାଯାଉଛି। ସରକାର ଯଦି ଏହି ସମସ୍ୟାଗୁଡ଼ିକର ସମାଧାନର ଦିଗ ତୁରନ୍ତ ବାହାର କରିବା ନିମନ୍ତେ ନିଜର ରାଜନୈତିକ ଇଛାଶକ୍ତି ପ୍ରଦର୍ଶନ ନ କରନ୍ତି ତା'ହେଲେ ଏହି ବର୍ଗର ମହାବିଦ୍ୟାଳୟ ଗୁଡିକରେ ଆଗକୁ ଯେଉଁ ପରିସ୍ଥିତି ଉପୁଜିବ ସେଥିପାଇଁ ସରକାର ନିଜେ ଦାୟୀ ରହିବେ ବୋଲି ସଂଘ ସଭାପତି ପୁରୋହିତ ଚେତାବନୀ ଦେଇଛନ୍ତି।

# ଆଜି ଛତିଶା ନିଯୋଗ ବୈଠକ

## କାର୍ତ୍ତିକ ନୀତି, ରତ୍ନ ଅଳଙ୍କାର ସ୍ଥାନାନ୍ତର ଓ ଧାଡ଼ି ଦର୍ଶନ ପ୍ରସଙ୍ଗରେ ହୋଇପାରେ ଆଲୋଚନା

ପୁରୀ,୧୯।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ଛତିଶା ନିଯୋଗର ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର ଅପରାହ୍ନରେ ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅପରାହ୍ନ ୪ଟା ୩୦ରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଛତିଶାନିଯୋଗ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଅକ୍ଟୋବର ୩ରୁ ମହାଧାର୍ମିକ କାର୍ତ୍ତିକ ନୀତି ହେବ। ତେଣୁ ବାଲଧୂପର ନୀତି ନିର୍ଘଣ୍ଟ ନେଇ ବୈଠକରେ ବିସ୍ତୃତ ଆଲୋଚନା କରାଯିବ। ମହାପ୍ରଭୁଙ୍କ ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ଅବକାଶ, ସକାଳଧୂପ ନୀତି ପରେ ବାଲଧୂପ ବାହାରୁଥିବାରୁ କେତେବେଳେ ଶ୍ରୀମନ୍ଦିର ଫିଟାଯାଇ ଏହି ନୀତି ସବୁ ହେବ ସେନେଇ ବୈଠକରେ ବିଭିନ୍ନ ନିଯୋଗର ସେବକଙ୍କ ସହ ଆଲୋଚନା କରିବା ସହ ନୀତିଗୁଡ଼ିକର ସମୟସୀମା ଧାର୍ଯ୍ୟ କରାଯିବ। ଏଥିସହ ପଞ୍ଚକ ବ୍ରତ ପାଇଁ ମହାପ୍ରଭୁଙ୍କୁ ବିଭିନ୍ନ ପ୍ରକାର ବେଶ କରାଯିବ। କାର୍ତ୍ତିକ ପୂର୍ଣ୍ଣିମା ଦିନ ମହାପ୍ରଭୁ ସୁନାବେଶରେ ବିଭୂଷିତ ହେବାକୁ ଥିବାରୁ ଏହା ଉପରେ ମଧ ବୈଠକରେ ଆଲୋଚନା ହେବ। ସେହିଭଳି ଅନୁଷ୍ଠିତ ହୋଇଥିବା ରତ୍ନଭଣ୍ଡାର ସବ୍‌କମିଟି ବୈଠକର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୨୩ ତାରିଖରେ ଅସ୍ଥାୟୀ ଭଣ୍ଡାରଘରୁ ଅଳଙ୍କାରଗୁଡ଼ିକୁ ସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବ। ଉକ୍ତ ପ୍ରସଙ୍ଗରେ ମଧ ଛତିଶା ନିଯୋଗ ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି। ୨୩ ତାରିଖ ଭୋର ୪ଟାରୁ ଦ୍ୱାରଫିଟା ହୋଇ ଅନ୍ୟାନ୍ୟ ନୀତି କରାଯିବ। ଶ୍ରୀମନ୍ଦିର ଶୋଧ ହେବା ପରେ ଧାର୍ଯ୍ୟ ହୋଇଥିବା ଅମୃତବେଳା ପୂର୍ବାହ୍ନ ୭ଟା ୧୭ରୁ ୧୧ଟା ୧୭ ମଧ୍ୟରେ ଅଳଙ୍କାର ସ୍ଥାନାନ୍ତର କରାଯିବ। ସେଥିପାଇଁ ଛତିଶାନିଯୋଗ ବୈଠକରେ ଅଳଙ୍କାର ସ୍ଥାନାନ୍ତର ପ୍ରସଙ୍ଗ ଉପରେ ଆଲୋଚନା ହେବା ସହ ଆଗାମୀ ଦିନରେ ହେବାକୁ ଥିବା ଧାଡ଼ିଦର୍ଶନ ପ୍ରସଙ୍ଗରେ ମଧ ଆଲୋଚନା ହୋଇପାରେ ବୋଲି ସୂଚନା ମିଳିଛି।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବାପୁ



@ ହୃଷୀକେଶ



@ ସୁରେନ୍ଦ୍ର



@ ପ୍ରମିଳା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଯୋଧ୍ୟା, ବାରାଣସୀ ବୁଲିଗଲେ ୭୭୫ ବରିଷ୍ଠ ନାଗରିକ




ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ତୀର୍ଥ ଟ୍ରେନର ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର, ୧୯।୯
(ସୌମ୍ୟରଞ୍ଜନ ରାଉତ)

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ୫ଟି ଜିଲାର ୭୭୫ ତୀର୍ଥଯାତ୍ରୀ ଓ ୨୫ଜଣ ଏସ୍କର୍ଟ ଅଯୋଧ୍ୟା ଓ ବାରାଣସୀ ଅଭିମୁଖେ ଶୁକ୍ରବାର ଟ୍ରେନ୍‌ରେ ଯାତ୍ରା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ତୀର୍ଥ ଟ୍ରେନର ଉଦ୍‌ଘାଟନ କରିଥିଲେ। ସମସ୍ତ ତୀର୍ଥଯାତ୍ରୀ ଅଧିଷ୍ଠାତ୍ରୀ ମା ବୁଢ଼ୀ ଠାକୁରାଣୀ ପୀଠରୁ ବାହାରି ପବିତ୍ର ଗଙ୍ଗା ଘାଟ, ବାରାଣସୀର ଶୈବ ପୀଠ, ଗଙ୍ଗା ଆଳତି, କାଶୀ ବିଶନାଥ ପରିଦର୍ଶନ କରିବେ। ଶ୍ରୀ ରାମଲାଲାଙ୍କ ସାନ୍ନିଧ୍ୟ ଲାଭ କରି ନିଜ ମନସ୍କାମନା ପୂରଣ କରି ଫେରିବେ ବୋଲି ପ୍ରଭାତୀ କହିଥିଲେ। ୫ ରାତି ଓ ୬ ଦିନ ଯାତ୍ରାର ସୁଖମୟ ହେଉ ବୋଲି ସେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ କାମନା କରିଥିଲେ। ତୀର୍ଥଯାତ୍ରୀଙ୍କ ଯେପରି କୌଣସି ଅସୁବିଧା ନ ହେବ ସେଥିପ୍ରତି ଧ୍ୟାନ ଦେବାକୁ ଏସ୍କର୍ଟ ଅଧିକାରୀମାନଙ୍କୁ ଅନୁରୋଧ କରିଥିଲେ। ବ୍ରହ୍ମପୁର ରେଳ ଷ୍ଟେଶନରୁ ଏହାର ଶୁଭାରମ୍ଭ କରାଯାଇଥିଲା। ଗଞ୍ଜାମ, ଗଜପତି, ବୌଦ୍ଧ, ନୟାଗଡ଼ ଓ କନ୍ଧମାଳର ତୀର୍ଥଯାତ୍ରୀ ଯାତ୍ରା କରିଛନ୍ତି। ଗଜପତି ଜିଲାରୁ ୭୨, ନୟାଗଡ଼ରୁ ୧୧୯, କନ୍ଧମାଳରୁ ୯୧, ବୌଦ୍ଧରୁ ୫୫ ଓ ଗଞ୍ଜାମରୁ ୪୩୮ଜଣ ତୀର୍ଥଯାତ୍ରୀ ସାମିଲ ହୋଇଛନ୍ତି। ବ୍ରହ୍ମପୁରରେ ଗୁରୁବାର ରାତ୍ରିରେ ରେଳ ଷ୍ଟେଶନ ନିକଟସ୍ଥ ଗୁରୁକୁଳ ସ୍କୁଲରେ ସ୍ୱାଗତ କରି ସେମାନଙ୍କର ରହଣି, ସ୍ୱାସ୍ଥ୍ୟ ପରୀକ୍ଷା, ଖାଦ୍ୟ ପେୟ , ଭୋଜନ ସନ୍ଧ୍ୟା ଇତ୍ୟାଦି ସମସ୍ତ ସୁବିଧାର ବ୍ୟବସ୍ଥା ଜିଲା ପ୍ରଶାସନ ତରଫରୁ କରାଯାଇଥିଲା। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପାଳ ୱି କୀର୍ତ୍ତି ୱାଶନ ସ୍ୱାଗତ ଭାଷଣରେ ତୀର୍ଥର ଆନନ୍ଦ ଉଠାଇ ମନ ଓ ଶରୀରକୁ ପ୍ରଫୁଲିତ ରଖିବାକୁ ପରାମର୍ଶ ଦେଇଥିଲେ ଏବଂ ଯାତ୍ରା ର ଶୁଭକାମନା କରିଥିଲେ। ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡ଼ ସର୍ବଣ ବିବେକ ଏମ,ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ ,ପର୍ଯଟନ ବିଭାଗର ଅତିରିକ୍ତ ଶାସନ ସଚିବ ଡ଼ ରୁଦ୍ର ନାରାୟଣ ଦାସ,ଜିଲ୍ଲା ସଭାପତି ସରୋଜ ସାବତ ମଞ୍ଚାସୀନ ଥିଲେ। ପର୍ଯ୍ୟଟନ ଅଧିକାରୀ ପାର୍ଥ ସାରଥୀ ହାଂସଦା ଧନ୍ୟବାଦ ଅର୍ପଣ କରିଥିଲେ।

# 'କୁକୁଡ଼ା ଚାଷକୁ ବୀମାଭୁକ୍ତ କରିବାକୁ ସରକାର ଚେଷ୍ଟା କରୁଛନ୍ତି'

## ଭାରତ ପଲଟ୍ରି ଏକ୍ସପୋ ଉଦ୍‌ଘାଟିତ

ଭୁବନେଶ୍ୱର, ୧୯।୯ (ବନ୍ଦନା ସେଠୀ)

ରାଜ୍ୟ ସରକାର କୁକୁଡା ଚାଷୀଙ୍କ ସମୃଦ୍ଧି ପାଇଁ ପର୍ଯ୍ୟାପ୍ତ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ଚାଷୀମାନେ କୁକୁଡ଼ା ପାଳନ ପାଇଁ ୬୦%ରୁ ଅଧିକ ସବ୍‌ସିଡି, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଭଳି ଅନେକ ବୃହତ ଯୋଜନାର ଲାଭ ନେବା ଦରକାର। ଆଗାମୀ ଦିନରେ କୁକୁଡ଼ା ଚାଷକୁ ବୀମା ଅର୍ନ୍ତଭୁକ୍ତ କରିବା ପାଇଁ ସରକାରଙ୍କ ଚେଷ୍ଟା ଜାରି ରହିଛି ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ କହିଛନ୍ତି। ଶୁକ୍ରବାର ଓୟୁଏଟି ଅଧୀନ ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନ ମହାବିଦ୍ୟାଳୟ ପରିସରରେ ୩ ଦିନିଆ 'ଭାରତ ପଲଟ୍ରି ଏକ୍ସପୋ'କୁ




ଭାରତ ପଲଟ୍ରି ଏକ୍ସପୋରେ ମନ୍ତ୍ରୀ ଗୋକୁଳାନନ୍ଦ ମଲିକଙ୍କ ସହ ଅତିଥିବୃନ୍ଦ।

ଉଦ୍‌ଘାଟନ କରି ମନ୍ତ୍ରୀ କୁକୁଡ଼ା ଚାଷୀଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ଉଠାଇବାକୁ ଆହ୍ୱାନ ଦେଇଛନ୍ତି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଲେ, ପ୍ରାଣୀସମ୍ପଦ ଦ୍ୱାରା ରୋଜଗାର ମିଳିବ ଓ ରାଜ୍ୟର ଅଭିବୃଦ୍ଧି ହୋଇପାରିବ। ଉତ୍ପାଦ ବୃଦ୍ଧି ସହ ଉତ୍ତମ କୃଷି ଉପରେ ଧ୍ୟାନ ଦେବାକୁ କୁଳପତି କହିବା ସହ ଅନେକ ପ୍ରାକୃତିକ ବାଧାବିଘ୍ନ ମଧ୍ୟରେ ପ୍ରାଣୀ ସମ୍ପଦକୁ ନୂତନ ସୋପାନକୁ ନେବା ପାଇଁ ସମସ୍ତଙ୍କ ସହାୟତା ଲୋଡ଼ା ବୋଲି ସେ କହିଛନ୍ତି। ସେହିପରି ପ୍ରାଣୀଙ୍କ ଚିକିତ୍ସା ଓ ପ୍ରାଣୀସମ୍ପଦର ବିକାଶକୁ ଏକ ଚାଲେଞ୍ଜ ରୂପେ ନେବାକୁ ଇଣ୍ଡିଆନ ପଲଟ୍ରି ସାଇନ୍ସର ସଭାପତି ଡ. ପି.କେ ଶୁକ୍ଲା ମତ ରଖିଛନ୍ତି। ପଶୁ ସମ୍ପଦର ବିକାଶ ପାଇଁ ନାନାଦି ଯୋଜନା ହାତକୁ ନିଆଯାଉଥିବାବେଳେ ଭାରତ ଏହି କ୍ଷେତ୍ରରେ ଅନେକ ଉତ୍ପାଦ ବିଦେଶକୁ ରପ୍ତାନି କରିବାରେ ସକ୍ଷମ ହୋଇପାରିଛି ବୋଲି ସେ କହିଛନ୍ତି। ଉଦ୍‌ଘାଟନୀ ସମାରୋହ ପରେ ମନ୍ତ୍ରୀ ଭାରତ ପଲଟ୍ରି ଏକ୍ସପୋକୁ ନେଇ ଆୟୋଜିତ ପ୍ରଦର୍ଶନୀ ଶୁଭାରମ୍ଭ କରିଥିଲେ। ଏଥିରେ ପ୍ରାଣୀଙ୍କ ପାଇଁ ବ୍ୟବହୃତ ନାନାଦି ଔଷଧ, ଇଞ୍ଜେକ୍ସନ, ଅଟୋମେଶନ, ପିଞ୍ଜରା, ରହିବାସ୍ଥଳୀ, ଯାନ୍ତ୍ରିକ ଉଦ୍ଭାବନ, ଖାଦ୍ୟ ଆଦି ନାନାଦି ଜିନିଷ ପ୍ରଦର୍ଶନୀ ହୋଇଛି। କାର୍ଯ୍ୟକ୍ରମରେ ଆପିକଲର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ମିଶ୍ର, ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁଶେନ କୁମାର ପଣ୍ଡା, ପଶ୍ଚିମବଙ୍ଗ ପଲଟ୍ରି ଫେଡେରେଶନର ସାଧାରଣ ସମ୍ପାଦକ ମଦନ ମୋହନ ମାଇତି, ପଲଟ୍ରି ଟ୍ରେଡର୍ସ ଆସୋସିଏଶନ ଓଡ଼ିଶାର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ଚମ୍ପା

## ଗଳ୍ପ

**ମାନସ କୁମାର ପାଢ଼ୀ**

ଭୋକ ବିକଳରେ ବାବାଙ୍କ ମନ୍ଦିର ବେଢ଼ାକୁ ପଶି ଆସିଲା ଚମ୍ପା। କଦଳୀ ଚୋପା ଗଦାରେ ମୁହଁ ପୂରାଇଦେଲା ତ ବୁଲାପଶୁଙ୍କୁ ଘଉଡ଼ାଉଥିବା ସେବକ ତା' ମୁହଁରେ ପାହାରେ ଦେଲା।

ଚମ୍ପା ଦେଶୀ ମାଇ ବାଛୁରୀଟିଏ। ମା' ତା'ର କ୍ଷୀର ଛଡ଼ଉ ଛଡ଼ଉ ଖାଉନ୍ଦ କଂସେଇକୁ ବିକି ଦେବ ବୋଲି କହୁଥିଲା। ହେଲେ ଧର୍ମପରାୟଣା ଖାଉନ୍ଦାଣୀ ରାଜି ହେଲେନି। ତେଣୁ ଅଠରମାସ ପର୍ଯ୍ୟନ୍ତ ରଖିବ ବୋଲି କଷ୍ଟ ଦେଇଛି ଖାଉନ୍ଦ। ଅଠର ମାସରେ କୁଆଡ଼େ ହାଇବ୍ରିଡ୍ ବାଛୁରୀ ସବୁ ଫଳ ଯାଉଛନ୍ତି। ତେଣୁ ଦେଶୀଗୁଡ଼ାଙ୍କୁ ଅଯଥାରେ ମଣିଷ ପୋଷିବାକୁ ଅମଙ୍ଗ ହେଉଛି। ତା'ର ମା' ଯଦି କୌଣସି ଜର୍ସି / ହରିଆନା/ ସିନ୍ଧି ହାଇବ୍ରିଡ୍ ଷଣ୍ଢ ସହ ଭାବ ରଖିଥା'ନ୍ତା, ତା'ହେଲେ ସେ ହୁଏତ ଆଜି ଜର୍ସି ବାଛୁରୀଟେ ହୋଇ ଫ୍ୟାନ ତଳେ ଗୁହାଳରେ ଶୋଇଥା'ନ୍ତା ଆରାମରେ। ମାଈ ହେଉ କି ଅଣ୍ଡିରା ଦେଶୀ ବାଛୁରୀଗୁଡ଼ାଙ୍କୁ ମଣିଷ ଆଉ ପାଳିବାକୁ ଚାହୁଁନି। ବିଲରେ ବଳଦଙ୍କ ପାଇଁ ଆଗ ପରି କାମ ନାହିଁ। ଗୁହାଳେ ଦେଶୀଗାଈଙ୍କ କ୍ଷୀରରେ ମଣିଷର ଖର୍ଚ୍ଚ ଉଠୁନି।

କାଳିଆର ଇଚ୍ଛା ହେଉଥିଲା ତା' ଗଜା ଶିଙ୍ଗ ଦି'ଟାକୁ ପରୀକ୍ଷା କରିନେବ ସେଇ ଅମଣିଷଟା ପେଟରେ। କିନ୍ତୁ ବାବାଙ୍କ ଆଶ୍ରିତ ହୋଇ ତାଙ୍କ ମନ୍ଦିର ବେଢ଼ାରେ ବିନା ପରିଶ୍ରମରେ ଆହାର ପାଇବା ଦିନଠୁ ମଣିଷଙ୍କର ଅନେକ ବୁଦ୍ଧି ତା'ଠାରେ ସଞ୍ଚରିଗଲାଣି। ତେଣୁ ତ ମନ୍ଦିରକୁ ଭକ୍ତମାନେ ପରିବାର ସହ ବୁଲି ଆସିଲା ବେଳେ କାଳିଆ ଅତି ସୁଧାର ଷଣ୍ଢଟିଏ ପରି ଛିଡ଼ାହୁଏ। ପିଲାମାନେ ତା' କମଳ ଆଉଁଶନ୍ତି। ଲାଞ୍ଜ ଟାଣନ୍ତି। ଶିଙ୍ଗ ଧରି ବଳ କଷନ୍ତି। ଆଉ ସେ ଧୀରେ ଧୀରେ ଆଗପଛ ବି ହୁଏ। ପିଲାଙ୍କ ସହ ମା'ବାପା ଖୁସି ହୁଅନ୍ତି। ଫଳମୂଳ ଦିଅନ୍ତି।

ବାହାରେ ହୁର୍‌ମା ଷଣ୍ଢଙ୍କ ରାଜତ୍ୱ। ଆଉ ଭୋକ। ମନ୍ଦିର ଭିତରେ ସବୁରି ଶ୍ରଦ୍ଧା ଆଉ ସୁସ୍ୱାଦୁ ଫଳମୂଳ। ତେଣୁ କାଳିଆ ଗଜା ବୟସରେ ବି ଧୀରସ୍ଥିର।

ଜଗୁଆଳିର ଦୃଷ୍ଟିଆଢୁଆଳରେ କାଳିଆ ଅତି ସନ୍ତର୍ପଣରେ ମନ୍ଦିର ବେଢ଼ା ପାରହେଲା। ଚମ୍ପା ସେମିତି ଚାହିଁଥାଏ ବେଢ଼ା ସେପଟୁ କଦଳୀ ଚୋପା ଗଦାକୁ।



କାଳିଆ ଆସୁଥିବା ଦେଖି ଟିକେ ସଙ୍କୁଚିତ ହୋଇଗଲା ସେ। ଷଣ୍ଢମାନଙ୍କ ବିଷୟରେ ଗୁହାଳୁ, ଗାଁ ଗୋଠରୁ ଅନେକ କଥା ଜାଣିଛି ଚମ୍ପା।

ସକାଳ ପହର ଗଡ଼ିଯାଉଥିଲେ ବି ବେଢ଼ା ବାହାର ସୁଲୁସୁଲିଆ ପବନରେ କାଳିଆ ମନ ଚହଲିଗଲା। ହାଲୁକା ପବନଟା କୋହଲିଆ ଥିଲା, କିନ୍ତୁ ତାତି ଭରିଦେଲା କାଳିଆ ଦେହରେ। ଶିହରଣ ବି। କେବଳ ବସନ୍ତରେ ବହୁଥିବା ଏ ପବନଟାକୁ ମଳୟ କହନ୍ତି ବୋଲି କାଳିଆ ଜାଣେ। ପୂର୍ଣ୍ଣିମା ରାତିର ଜହ୍ନପରି ମଳୟ। ବହିଲେ ଜୋଛନା ପରି ମତୁଆଲା।

କାଳିଆ ବାଆଁରେଇ ବାଆଁରେଇ ଯାଇ ଛିଡ଼ା ହେଲା ଚମ୍ପା ପାଖରେ। ମନ୍ଦିର ସାମ୍ନା ରାସ୍ତା। ପାଞ୍ଚ ସାତଫୁଟ ବ୍ୟାସାର୍ଦ୍ଧରେ ଦୁବଟିଏ କଅଁଳେ ନାହିଁ। ତଥାପି ମୁହଁ ତଳକୁ କରି ଖାଦ୍ୟ ଖୋଜିଲା।

ଚମ୍ପା ମନେମନେ ହସିଲା। ଷଣ୍ଢଟାଏ ସିନା, ହୁରୁମା ନୁହେଁ। ତା'ର କିନ୍ତୁ ହୁରୁମା ସାଥୀଟିଏ ଦରକାର ଥିଲା। ସେହି ଡେଙ୍ଗା ସରସର ଧଳା ଷଣ୍ଢ ପରି। ଯିଏ ଯା' ବାଡ଼ି ତା' ବାଡ଼ିରେ ପଶି ପନିପରିବା, ଫସଲ ଯେତିକି ନଖାଏ ତା'ଠାରୁ ବେଶୀ ଠେଙ୍ଗା ପାହାର ଖାଏ। ଯିଏ ଗାଁ ମହାଦେବ ମନ୍ଦିରର କସରା ଷଣ୍ଢଠାରୁ ଦଶ / ପନ୍ଦର ପାହୁଣ୍ଡ ଦୂରରେ ଛକିକରି ଥାଏ। ଟିକେ ଅନ୍ୟମନସ୍କ ହେଲେ ତା' ଆହାରରେ ଭାଗ ବସାଇଦିଏ। ବେଳେବେଳେ ପାରୁ ନ ପାରୁ ଲଢ଼ିଯାଏ ହକ୍ ପାଇଁ। ମୁଁ ବି ଷଣ୍ଢ। ମୋର ଜଟ ଅଛି। ଚୂଳ ବି। କସରା ଶିଙ୍ଗ ମାଡ଼ରେ ଲହୁଲୁହାଣ ହୋଇ ପଡ଼ିଥିଲା ବେଳେ ପଚାରିଲେ କହେ, କସରା କ'ଣ ଏମିତି ଯୁଗରାଇଜ ଭୋଗ କରୁଥିବ ନା ମୋର ଶିଙ୍ଗ ଧାର ହେବନି। ତୁ ଦେଖିବୁ ଚମ୍ପା! ଦିନେ ତାକୁ ମହାଦେବ ମନ୍ଦିରରୁ ତଡ଼ିବି ମୁଁ। ଗାଁ ଗୋଠରେ ବି ରାଜା ହେବି ମୁଁ।

ଚମ୍ପା ପଛକୁ ଚାହିଁଲା। କାଳିଆ ଅନୁସରୁଛି ତାକୁ। ମୁହଁ ମୋଡ଼ିଦେଲା। ଏଇଟା ଗୋଟେ ଷଣ୍ଢ? ନା ଚୂଳ ଅଛି ନା ଜଟ? ମଠରେ ଖାଇ ଖଟରେ ଶୋଇ ଗଣ୍ଡି ବୋହିଛି ଯାହା। ଜର୍ସି ଅଣ୍ଡିରା ପୁଣି ରଙ୍ଗ କଳା ବୋଲି ଯା ମାଲିକ କାଲେ ଗହ୍ଳାଡିଆଁ ଦିନ ଗୋଟେ ଗେଣ୍ଡୁମାଳ ପକାଇ ଆଣି ଷଣ୍ଢ କରି ଛାଡ଼ିଦେଲା କଂସେଇକି ବିକିଲେ ପାପ ହେବ ବୋଲି। ଚମ୍ପା ଜାଣିଥିଲା, ମଣିଷ ଏବେ ଦେଶୀ ଅଣ୍ଡିରା ବି ପାଳୁନି। କାରଣ ବଳଦ ଲୋଡ଼ା ନାହିଁ ଚାଷରେ କି କୋଉଥିରେ। କାଳିଆ ଧେଡ଼ ଜର୍ସିଟାକୁ ବା କାହିଁ କିଏ ରଖିବ? ସେଥିପାଇଁ ଏ ଷଣ୍ଢ ବୋଲାଉଛି।

ଦୀର୍ଘ ନିଃଶ୍ୱାସଟେ ପକାଇ ଚମ୍ପା ଧାପେ ଧାପେ ପାହୁଣ୍ଡ ପକାଉଥାଏ। ମନ ତା'ର ବେଢ଼ା ଭିତର କଦଳୀ ଚୋପା ଗଦାରେ। ତଥାପି ରାସ୍ତାକଡ଼ର ଥୁଣ୍ଟା ଘାସମୂଳିରେ ମୁହଁ ଘଷିଲା। କାଳିଆ ଆସି ପଛରେ ଛିଡ଼ା ହେଲା। ସାହସ ବାନ୍ଧି ସିଧାସିଧା କହିଲା। ଗୋଟେ ନିଃଶ୍ୱାସରେ। ''ବାରଟା ପରେ ପହଡ଼ ପଡ଼ିବ। କେହି ନଥିବେ। ଆସିବୁ ତୋ ପେଇଁ ଫଳମୂଳ ରଖିଥିବି। କଦଳୀ ଚୋପାଗୁଡ଼ା କ'ଣ ଖାଇବୁ?''

ଚମ୍ପା କିଛି କହିଲା ନାହିଁ।

କାଳିଆ ହଁ ବୁଝିଲା।

ଦୁହେଁ ପାଖାପାଖି ଠିଆହେଲେ। ନିରବରେ କେଇ ମୁହୂର୍ତ୍ତ। କାଳିଆ ଦେଖୁଥିଲା ଚମ୍ପା ଦେହରେ ସିନା ପଲେ ମାଉଁସ ନାହିଁ, ତଥାପି ଭାରି ସୁନ୍ଦର। ମନ୍ଦିରକୁ ଆସୁଥିବା ଯୋଡ଼ିଙ୍କ ଜିରୋବଡ଼ି ଚର୍ଚ୍ଚାରୁ କାଳିଆର ଏହି ନୂଆ ସୌନ୍ଦର୍ଯ୍ୟ ଜ୍ଞାନ ଉଦୟ ହୋଇଛି।

ଚମ୍ପା ଠଉରଉଥିଲା କାଳିଆର ବୁଦ୍ଧିବୃତ୍ତିକୁ। ମଣିଷ ପରି। ପସନ୍ଦ ବି। ଅବଶ୍ୟ ଚମ୍ପାର ସ୍ୱପ୍ନଠାରୁ ସମ୍ପୂର୍ଣ୍ଣ ଅଲଗା। ହେଲେ ସ୍ୱପ୍ନରେ ତ ପେଟ ପୂରିବନି। ବାସ୍ତବତା ହେଲା କାଳିଆ। ପେଟକୁ ଦୁଇବେଳା ଦାନା ଯୋଗାଇବାର ମାଧ୍ୟମ।

ସେବେଠୁ ଫି'ଦିନ ଚମ୍ପା ଆସେ କାଳିଆ ପାଖକୁ। କାଳିଆ ନିଜେ ନ ଖାଇ ବାଛିବୁଛି ରଖିଥିବା ଭଲ ଫଳମୂଳ ଖାଏ। ତା'ପରେ ଦିହେଁ ବୁଲନ୍ତି ମନ୍ଦିର ପାଚେରି କଡ଼େକଡ଼େ।

ଦିନେ ଚମ୍ପା ପଚାରିଲା, ତୁ ମହାଦେବ ମନ୍ଦିରର ସେ କସରାକୁ ପାରିବୁ?

ଧଳା ଷଣ୍ଢଟି ପରି ସାହସ ଓ ଦମ୍ଭରେ ନହେଲେ ବି କାଳିଆ ନିଃସଙ୍କୋଚରେ କହିଲା, ମୁଁ କାଇଁ ଲଢ଼ିବାକୁ ଯିବି। କଳାରଙ୍ଗ ଯୋଗୁ ମୁଁ ଏଠି ବାବାଙ୍କ ମନ୍ଦିରରେ ସଂରକ୍ଷିତ। ସୁରକ୍ଷିତ ବି। ଦେଖିଲୁନି ତତେ କେମିତି ସେଦିନ ଘଉଡ଼େଇ ଦେଲା ସେ ଜଗୁଆଳି। ଚମ୍ପାର ମନ କୁହୁଳିଗଲା। ତଥାପି ସେ 'କପାଳିଆ' କହିଲା କାଳିଆକୁ। ଏବେ କାଳିଆମାନଙ୍କ ଯୁଗ। ତେଣୁ ତାକୁ ହିଁ ଜୀବନସାଥୀ ଭାବେ ବାଛିବାକୁ ହେବ। କାଳିଆ ସାଙ୍ଗରେ ଭାବ ରଖିଲେ ତା' ପିଲାଏ ହୁଏତ ଜର୍ସିମାଇ ହେବେ। ଅଣ୍ଡିରା ହେଲେ କାଳିଆ ପରି ମଣିଷର ସଂରକ୍ଷଣରେ ରହିବେ।

ବ୍ରାହ୍ମଣ ସାଇଲୋ, କଟକ-୧୮
ମୋ : ୯୪୩୮୭୮୫୭୯୨

## ପୁସ୍ତକ ପରିଚୟ

### ଅନୁପମା ପ୍ରିୟତମା




**ଲେଖକ:** ରମେଶ ପଟ୍ଟନାୟକ
**ପ୍ରକାଶକ:** ବ୍ଲାକ୍ ଈଗଲ୍ ବୁକ୍ସ, ଭୁବନେଶ୍ୱର, ଓଡ଼ିଶା
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୫୦/-

ଆଲୋଚ୍ୟ ଉପନ୍ୟାସଟି 'ଏକ ଚମକପ୍ରଦ ଉପନ୍ୟାସ' ବୋଲି ପୁସ୍ତକର ପ୍ରଚ୍ଛଦଲେଖରେ କୁହାଯାଇଛି। ଉପନ୍ୟାସର ପଚାଶଟିଯାକ ପରିଚ୍ଛେଦ ପଢ଼ିଗଲେ ଏହାର ସତ୍ୟତା ଅବଶ୍ୟ ଉପଲବ୍ଧ ହେବ। ଗୌରାଙ୍ଗ ନାୟକ ଉପନ୍ୟାସର ନାୟକ, ଯିଏ ପଚିଶ ବର୍ଷରେ ଘରଛାଡ଼ି, ନିଜେ ସାମିଲ ହୋଇଥିବା ଭଜନମଣ୍ଡଳୀ ଛାଡ଼ି ଆଶ୍ରମକୁ ଚାଲିଯାଇଛି। ଆଶ୍ରମର ସ୍ୱାମିଜୀ ଗୌରାଙ୍ଗକୁ ପ୍ରଶ୍ନ କରିଛନ୍ତି: ''ଗୌରାଙ୍ଗ କହିପାରିବ ଭଗବାନ କେଉଁଠି ଅଛନ୍ତି?'' ସ୍ୱାମିଜୀଙ୍କ ପ୍ରଶ୍ନରେ ଚମକିପଡ଼ିଛି ଗୌରାଙ୍ଗ। ସେ ମନକୁ ମନ ଭଗବାନଙ୍କ ସ୍ଥିତି ସମ୍ପର୍କରେ ନିଜକୁ ପ୍ରଶ୍ନ କରିଛି। ଭଗବାନଙ୍କ ସ୍ଥିତି ସମ୍ପର୍କରେ ସଂଶୟାଚ୍ଛନ୍ନ ଗୌରାଙ୍ଗ ମହର୍ଷି ଆଶ୍ରମରେ ପହଞ୍ଚିଗଲା ସିନା, କିନ୍ତୁ ଆଶ୍ରମରେ ଏକ ଅପୂର୍ବ ସୁନ୍ଦରୀ ତରୁଣୀକୁ ଭେଟି ତା'ପ୍ରତି ପ୍ରେମାସକ୍ତ ହୋଇପଡ଼ିଲା। ଏବେ ତା'ଆଗରେ ଯୋଡ଼ିଏ ରାସ୍ତା। ସେ ଲଣ୍ଡିତ ମସ୍ତକ ସନ୍ନ୍ୟାସ ଜୀବନଯାପନ କରିବ ନା ସେଇ ତରୁଣୀକୁ ନେଇ ଆରାବଳୀ ପର୍ବତ ଅଭିମୁଖେ ଫେରାର ହୋଇଯିବ? ଏହାର ଉତ୍ତର ଉପନ୍ୟାସରେ ରହିଛି, ଯେଉଁ ଉତ୍ତରଟି ପାଇଁ ପାଠକ ଏକା ନିଃଶ୍ୱାସକେ ଉପନ୍ୟାସଟିକୁ ପରିଚ୍ଛେଦ ପରେ ପରିଚ୍ଛେଦ ପଢ଼ିଚାଲିବ। ଉପନ୍ୟାସର ଅନ୍ତିମ ଚରଣରେ ଗୌରାଙ୍ଗର ଉପଲବ୍ଧି ଏହିପରି: ''ଏଇ ମଣିଷ ମାଟିର ହେଲେ ହେଁ ସେ ମାଟି ସହ ସମ୍ପୂର୍ଣ୍ଣ ସମ୍ପର୍କିତ ନୁହଁ। ମଣିଷମାନେ ଏହି ଅନନ୍ତକାଳର ଅବଧି ଭିତରେ ପରସ୍ପରକୁ ଭେଟନ୍ତି ଅନେକଥର। ଅନେକ ଜୀବନାବର୍ତ୍ତ ଭିତରେ ବି ଅଳ୍ପ କିଛିକ୍ଷଣ ପାଇଁ ଭେଟାଭେଟି ହୋଇଥାନ୍ତି ଅଥଚ କେହି କାହାକୁ ମନେରଖି ନ ଥାନ୍ତି।'' ଉପନ୍ୟାସର କାହାଣୀ ଗତାନୁଗତିକ କାହାଣୀର ଧାରାଠୁଁ ସ୍ୱତନ୍ତ୍ର। ଗୌରାଙ୍ଗ ନାୟକର କାହାଣୀ ହୋଇ ବି ଏହା ଊଣାଅଧିକେ ସବୁ ଲୋକଙ୍କ କାହାଣୀ, ଦୈନନ୍ଦିନତାର ଅକଳ୍ପିତ କୁହୁକ। ପାଠ ସରିବାର ଅନେକ ଦିନଯାଏ ପାଠକର ସ୍ମୃତିରେ ଉପନ୍ୟାସର ଅସରା ଗୁଣୁଗୁଣୁ ଯେ ଲାଗିରହିବ, ଏଥିରେ ସନ୍ଦେହ ନାହିଁ।

### ସତ ଶତ ସାତପାଦୀ




**କବି:** ଡ. ଗୌରାଙ୍ଗ ଚରଣ ରାଉତ
**ପ୍ରକାଶକ:** ଶିକ୍ଷାସନ୍ଧାନ,
ଆଇ.ଆର୍.ସି. ଭିଲେଜ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୦୦/-

ଆଲୋଚ୍ୟ କବିତାଗ୍ରନ୍ଥରେ ମୋଟ ୧୦୦ଟି ପଦ। ବାମ ପ୍ରଥମ ପାଦ ଓ ଅନ୍ତିମ ପାଦ ଦକ୍ଷିଣ। 'ଉପୋଦ୍‌ଘାତ'ରେ ପ୍ରଶାନ୍ତ ମିଶ୍ର ଲେଖିଛନ୍ତି: ''ଓଡ଼ିଆ ବର୍ଣ୍ଣମାଳା ଆଧାରରେ ସାତ ପାଦ ବିଶିଷ୍ଟ ଶହେଟି ପଦର ସମାହାର'' ଏ ବହିଟି। ଅଧିକାଂଶ କବିତାର ପ୍ରାଣସ୍ପନ୍ଦନ ନିହିତ ସମାଜର ସାମ୍ପ୍ରତିକ ଘଟଣାବଳୀର ବ୍ୟଙ୍ଗାତ୍ମକ ଉପସ୍ଥାପନାରେ। ବହିରୁ କେତୋଟି ଉଦାହରଣ ଆମେ ନେବା- ୧. ''ଗଣତନ୍ତ୍ର ନାମେ/ ଜଣତନ୍ତ୍ରୀଙ୍କର/ ନକଲି ସମାଜବାଦ,/ ନିମିତ୍ତ ମାତର/ ମତଦାନ କାମ/ ନିର୍ବୋଧଙ୍କ ହାତେ/ ଧରାଇଲେ ମଦ, ଗଦ।'' (୩୨), ୨. ''ଢୋଲକ ବଜାଇ/ କୁହାଯାଉଥାଏ/ ନକଲିକୁ ଖାଣ୍ଟି ସୁନା,/ ଢମଣାକୁ ନାଗ/ ନାଗକୁ ଢମଣା/ ଛେଳିକୁ କୁକୁର/ ପ୍ରତିବାଦ ଅଛି ମନା।'' (୫୬), ୩. ''ଯୋଜନାର ମାଳ/ ଶବ୍ଦର ଚାତୁରୀ/ ଯୋଜନ ଦୂରରେ ଫଳ,/ ଅନ୍ତରେ ବିଷ/ ପୀୟୁଷ ମୁହଁରେ/ ନିତି ଚାଲୁଥାଏ/ ଶାସକ-ଶାସିତ ଖେଳ।'' (୮୩)। ପ୍ରତ୍ୟେକ କବିତାରେ ସାତଟି ମାତ୍ର ଅତି କ୍ଷୁଦ୍ର ପାଦ, କିନ୍ତୁ ଇଙ୍ଗିତରେ ପାଦଗୁଡ଼ିକର ପରାକ୍ରମ ଅସୀମ। ସମାଜର ବାସ୍ତବଚିତ୍ରକୁ ବ୍ୟଙ୍ଗାତ୍ମକ ଶୈଳୀରେ ଉପସ୍ଥାପନ କରି କବି ସମାଜ ପରିବର୍ତ୍ତନର ସ୍ୱପ୍ନ ଦେଖନ୍ତି। 'ସତ' ଅପ୍ରିୟ, ଅଥଚ କେଉଁଠି ବ୍ୟକ୍ତିଗତ ଅସୂୟା ନାହିଁ। 'ଉପୋଦ୍‌ଘାତ'ର ଶେଷ ନିର୍ଣ୍ଣୟରେ ଯାହା କୁହାଯାଇଛି, ତାହା ପ୍ରଣିଧାନଯୋଗ୍ୟ- ''ପୁଞ୍ଜିବାଦର ସହାୟକ ଆଧୁନିକତା, ଉତ୍ତର ଆଧୁନିକତାରୁ ନିଜକୁ ବଞ୍ଚାଇ ରଖି ଗୌରାଙ୍ଗ ରାଉତଙ୍କ କବିତା କଥା କହିବ ମଣିଷର, ଶାସକ ସରସ୍ୱତୀଙ୍କ ଗଳାରେ ଫୁଲମାଳ ଦେବନାହିଁ।'' 'ସତ ଶତ ସାତପାଦୀ' ଆମ ସମୟର କବିତାରେ ଏକ ଉଲ୍ଲେଖନୀୟ ବ୍ୟତିକ୍ରମ ଓ ସେହି ଦୃଷ୍ଟିରୁ ଏହାର ଆଦୃତି ଅବଶ୍ୟମ୍ଭାବୀ।

## କବିତା

### ବା' କଲେ ବସା ଦୋହଲୁଥାଇ

**ଉମା ଶଙ୍କର ପାଳ**

ଯିବି ବୋଲି କହିଥିଲେ ଯେ'
କ'ଣ ଯାଇପାରୁଛି
ଯିବାକୁ ବାହାରିଲେ
ଜଞ୍ଜାଳ ଓଗାଳୁଛି ବାଟ
ସ୍ନେହ ଭିଡ଼ି ଧରୁଛି ପଣତ
ମୋର ବି ମୋହ ଲାଗିଗଲାଣି, ଏ ଜଗତ।

ଜହ୍ନରାତିରେ ତୁମେ ଯେବେ ଡାକ
ମୁଁ ଗୋଟେ ଦ୍ୱୈତ ସ୍ଥିତିରେ ଛଟପଟ
ଆଗରେ ପଡ଼ିଛି କେତେ ଉତ୍ତରଦାୟିତ୍ୱ
ଅମଳ ହୋଇନି ଏଯାଏ, ଏ ବର୍ଷର କ୍ଷେତ
ଚରିଯାଇଥିବା ଗାଈ ଫେରିନି ଗୋଠ
ଅଧାଗଢ଼ା ହୋଇ ରହିଛି ଉଆସ
ଏ ଅଧାରାସ୍ତାରେ
ତୁମେ ହଠାତ୍ ଡାକୁଛ ଆସ।

ଏମାନେ ନିଜ ଗୋଡ଼ରେ ଠିଆ ହୋଇ ଶିଖିଲେ
ତାଙ୍କ ମୁଣ୍ଡକୁ ହାତ ପାଇଲେ
ସେମାନଙ୍କ କାନ୍ଧରେ ଦେଇଦେଲେ ଦାୟିତ୍ୱ
ମୋ' କର୍ତ୍ତବ୍ୟ ଶେଷ
ତେଣିକି ନେବି ଶାନ୍ତିର ନିଃଶ୍ୱାସ।

ବେଳେବେଳେ ଭାବେ
ମୁଁ ଅଚାନକ ଚାଲିଗଲେ
ଅନାଥ ହୋଇଯିବ ସଂସାର
ଘୋଟି ଆସିବ ଅନ୍ଧାର
ମାଡ଼ି ଆସିବ ସାଗର
ମୋତେ ଅଥୟ କରେ,
ଗୋଟେ ଅନାଗତ ହାହାକାର
ମୋ ନ ଥିବା ବେଳର
ଆଜି ଭାବୁଛି, ତା' ଥିଲା ବୃଥା ଅହଂକାର।

ଏ ଦାୟିତ୍ୱ ସରେନି, ମୋହ ତୁଟେନି
ହଠାତ୍ ଦିନେ ତୁମେ ପହଞ୍ଚିଯାଅ
ବିନା ସୂଚନାରେ
ମୁଁ ଗଲାପରେ, କିଛି ବି ଓଲଟି ଯାଏନି
ଭଲରେ ହେଉ କି ମନ୍ଦରେ
ସୃଷ୍ଟି ତା' ନିଜସ୍ୱ ଗତିରେ ଚାଲିଥାଏ
ଏ ଜୀବନ ବି କେଉଁ ଚିରନ୍ତନ ଯେ!

ସମୟ ତ ବାଇଚଢ଼େଇ
ତା'ର କି ଯାଉଥାଇ
ବା' କଲେ ବସା ଦୋହଲୁଥାଇ।

ଜାଗମରା, ଭୁବନେଶ୍ୱର
ମୋ: ୯୫୫୬୮୮୮୭୦୮

### ଅବରୁଦ୍ଧ

**ଡ. ଭବାନୀ ଶଙ୍କର ଦାଶ**

ଆକାଶରେ ତୁ' ମୁକ୍ତ, ତେଣୁ
ତୋ' ବୁକୁରେ ସୂର୍ଯ୍ୟ, ଚନ୍ଦ୍ର
ଗ୍ରହ, ତାରା ସବୁ ଆତଯାତ।
ମୁଁ କିନ୍ତୁ ଆବଦ୍ଧ ଏଠି
ପୃଥିବୀର ମଣିଷ।
ମୋ' ବୁକୁର ପବନ, ଆଲୋକ,
ଆକାଶ, ଶବ୍ଦ ଓ ସୌନ୍ଦର୍ଯ୍ୟ
ସମସ୍ତେ ରକ୍ତାକ୍ତ।

ମୋ: ୮୯୧୭୬୨୪୩୮୬

### ଆଶିଷଦାୟିନୀ

**ଜୟନ୍ତୀ ସାହୁ**

ତମେ ଆସୁଛ ବୋଲି ହିଁ
ପବନରେ ଚହଟୁଛି ପଦ୍ମଗନ୍ଧ
ଚତୁର୍ଦ୍ଦିଗେ ଝଲମଲ ଖରା
ଜଳ, ସ୍ଥଳ, ନଭ ଓ ନକ୍ଷତ୍ର
ବ୍ୟାପିଯାଏ ତମର ଏ ପବିତ୍ର ଇସାରା।

ତମେ ଆସୁଛ ବୋଲି ଜାଣି
ପଠାରେ ପଠାରେ ଫିଟିପଡ଼େ କାଶତଣ୍ଡୀ
ଫୁଟିଉଠେ ଯୂଇ, ଜାଇ, ହେନା ଓ ମାଳତୀ
ଅଣିଶ ଆକାଶେ ବୁଲେ
ବହୁବର୍ଣ୍ଣା ଲୁବ୍ଧ ପ୍ରଜାପତି।

ତମେ ଆସୁଛ ବୋଲି ତ ଆଜି
କାହିଁରେ ମୋ ନିଘା ନାହିଁ
କେଉଁଠି ବି ଲାଗୁନାହିଁ ମାୟାଚ୍ଛନ୍ନ ମନ
ସଜାଡୁଛି ତୁମ ପାଇଁ ଅହର୍ନିଶ
ଧୂପ, ଦୀପ, ଅଗୁରୁ ଚନ୍ଦନ
ସଯତ୍ନେ ଲେଖୁଛି ଝୋଟି ପାଦପଦ୍ମ ଚିତା।

ସରାଗେ ଆଙ୍କୁଛି ବସି
ନାଲି, ନେଳି ମୁରୁଜର ଛପା
ଦିବ୍ୟଗନ୍ଧେ ମହକୁଛି ସସାଗରା ଧରା
ରିକ୍ତ ପଣତ ଟେକି ଯାଚଞ୍ଚା କରୁଛୁ ଆମେ
ଆଶିଷଦାୟିନୀ ମାଆ
ତମର ସେ ଆଶିଷ ଅସରା!

ପ୍ଲଟ୍ ନଂ-ଏମ୍ ୧୧/୪,
ପଞ୍ଚସଖା ନଗର, ଭୁବନେଶ୍ୱର
ମୋ: ୮୦୯୩୪୮୬୬୭୪

### ଗୀତି-କବିତା

### ଅପେକ୍ଷା

**ଜଗଦୀଶ ସାହୁ**

ବ୍ୟାୟାମ କରିବା ବାହାନାରେ ଆମ
ଛାତ ଉପରେ ମୁଁ ଥାଏ
ତୋତେ ଦେଖିଦେଲେ ତୁମରି ଛାତରେ
ଶୁଭରେ ମୋ' ଦିନ ଯାଏ।

ସକାଳ ସୁରୁଯ ପହିଲି କିରଣ
ପଡ଼ିଲେ ଦେହରେ ତୋର
ସଜ ଗୋଲାପରୁ ଅଧିକ ଗୋଲାପୀ
ଦିଶୁ ତୁ ଆଖିକୁ ମୋର।

ପାଟି ନ ଖୋଲିକି ଚୋରା ଚାହାଣିରେ
କଥା କହୁ ଥିରିଥିରି
ଓଠଚାପି ଧୀରେ ହସି ଦେଉ ଯେବେ
ଛାତି ହୋଇଯାଏ ଚିରି।

ଚାରୋଟି ଆଖିର ମିଳନରେ ନୂଆ
ଇନ୍ଦ୍ରଧନୁ ଶୋଭାପାଏ
ସାତରଙ୍ଗ ତା'ର ସାତସୁର ହୋଇ
ପ୍ରେମର ରାଗିଣୀ ଗାଏ।

ତୋତେ ନ ପାଇ ମୋ' ମନ ଛଟପଟ
ବେଦନା ପାରୁନି ସହି
କେବେ ତୁ ଆସିବୁ ବଧୂବେଶ ହୋଇ
ଅପେକ୍ଷାରେ ଅଛି ରହି।

ମୋ: ୯୦୭୮୧୮୫୬୧୬

## କାଳକାଳକୁ



**''ସଚ୍ଚୋଟ କବିତା ବୁଝାପଡ଼ିବା ଆଗରୁ ବାର୍ତ୍ତା ଦେଇଥାଏ।''**
**- ଟି.ଏସ୍. ଏଲିୟଟ୍**

**ଟି.ଏସ୍. ଏଲିୟଟ୍‌ଙ୍କ** ଜନ୍ମ ୨୬ ସେପ୍ଟେମ୍ବର ୧୮୮୮ରେ ଯୁକ୍ତରାଷ୍ଟ୍ର ଆମେରିକାର ସେଣ୍ଟ ଲୁଇସ୍‌ରେ ଓ ପରଲୋକ ୪ ଜାନୁଆରୀ ୧୯୬୫ରେ, ଲଣ୍ଡନରେ। ସେ ଏକାଧାରରେ କବି, ପ୍ରାବନ୍ଧିକ ଓ ନାଟ୍ୟକାର। ଭାଷା ପ୍ରୟୋଗରେ ଏକ ନବୀନ ସରସତା ଓ ବିଚକ୍ଷଣତାର ସଂଯୋଗ ଘଟାଇ ସେ ଇଂଲିଶ୍ ଆଧୁନିକ କବିତାକୁ ନୂଆ ମୋଡ଼ ଦେଇଥିଲେ। ତାଙ୍କର ପ୍ରମୁଖ କୃତିଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ 'ଦ ଲଭ୍ ସଂଗ୍ ଅଫ୍ ଜେ. ଆଲ୍‌ଫ୍ରେଡ୍ ପ୍ରୁଫକ୍' (୧୯୧୫), 'ଦ ୱେଷ୍ଟ ଲ୍ୟାଣ୍ଡ' (୧୯୨୨), 'ହଲୋ ମ୍ୟାନ୍' (୧୯୨୫), 'ମର୍ଡର ଇନ୍ ଦ କ୍ୟାଥେଡ୍ରାଲ୍' (୧୯୩୫), 'ଫୋର୍ କ୍ୱାର୍ଟେଟ୍ସ' (୧୯୪୩) ଓ 'ଦ କକ୍‌ଟେଲ୍ ପାର୍ଟି' (୧୯୪୯)। ଇଂଲିଶ୍ କବିତାକୁ କାଳୋତ୍ତୀର୍ଣ୍ଣ ଅବଦାନ ପାଇଁ ୧୯୪୮ରେ ସେ 'ନୋବେଲ ପୁରସ୍କାର' ଓ 'ଅର୍ଡର ଅଫ୍ ଦ ମେରିଟ୍'ରେ ସମ୍ମାନିତ। ସେ କହନ୍ତି: ''ପିଛିଲା ବର୍ଷର ଶବ୍ଦ ପିଛିଲା ବର୍ଷର, ଆଗିଲା ବର୍ଷର ଶବ୍ଦ ନୂଆ କବିର ଅପେକ୍ଷାରେ।''

# ବିଦେଶୀ ଫୁଲର ମହକ

## କଥାଟିଏ...

**ଶିବ ମିଶ୍ର**

ବିଦେଶୀ ଫୁଲରେ ମହକ ନାହିଁ। ତେଣୁ ସ୍ତ୍ରୀ ମନାକରୁଥିଲେ, କିନ୍ତୁ ତାଙ୍କ ମନା ନ ମାନି ସ୍ୱାମୀ ହଜାରେ ଟଙ୍କା ଦେଇ ବଜାରରୁ ବିଦେଶୀ ଫୁଲଗଛଟିଏ କିଣି ଆଣି ଗୋଟିଏ କୁଣ୍ଡରେ ଲଗାଇଲେ। ସ୍ତ୍ରୀ କହିଲେ- ମୋ' ଘରେ ଏ ଫୁଲଗଛ ରହିପାରିବ ନାହିଁ। ସ୍ୱାମୀ କହିଲେ- ଏ ଘରର ଅଧା ତମର, ଅଧା ମୋର। ତେଣୁ ଏ କୁଣ୍ଡ ଏଇଠି ରହିବ। ବିଦେଶୀ ଫୁଲକୁ ନେଇ ସେ ଦୁଇ ଜଣଙ୍କର ମତ ଅଲଗା, ମନ ଅମେଳ, ମୁହଁ ଆଡ଼ ବାଡ଼ରେ ଦିନ ଦିନ ହୋଇ ତିନି ମାସ ବିତିଗଲା। ଏବେ ଦିନେ ଗଛରେ କଢ଼ଟିଏ ହୋଇଥିବା ଦେଖି ସ୍ୱାମୀ ଖୁସିରେ ସ୍ତ୍ରୀଙ୍କୁ କହିଲେ- ଆସ ଦେଖିବ, ବିଦେଶୀ ଫୁଲର କଢ଼ କେମିତିକା ହୋଇଛି। ସ୍ତ୍ରୀ କହିଲେ- ତମ ଗଛ, ତମେ ତାକୁ ମୁଣ୍ଡେଇ ଥ' କୁଣ୍ଢେଇ ଥ' ତା' କଢ଼କୁ ଆଉଁଶୁ ଥ', ମୁଁ ସେଠିକି ଯିବିନି କି ଦେଖିବିନି। ଯୋଉଦିନ ସେ କଢ଼ଟି ଫୁଲ ହୋଇ ଫୁଟିଲା ସେଦିନ ଉପରଓଳି ସ୍ୱାମୀ ପୁଣି ସ୍ତ୍ରୀଙ୍କୁ ଡାକ ପକାଇଲେ- ଦେଖିଯାଅ କେମିତି ସୁନ୍ଦର ଫୁଲ, ତା'ର କେମିତି ରଙ୍ଗ, ପୁଣି ରଙ୍ଗରେ କେମିତି ଚମକ। ଚମତ୍କାର। ଖୁବ୍ ଚମତ୍କାର।

ସ୍ୱାମୀ ଡାକୁଥିଲେ, ସ୍ତ୍ରୀ ନ ଶୁଣିଲା ପରି ଦାଣ୍ଡ ଘର ଆଡ଼କୁ ଚାଲିଗଲା ବେଳକୁ ଅଧା ଆଉଜା କବାଟ ଠେଲି ଘର ଭିତରକୁ ପଶି ଆସିଲା ତାଙ୍କ ପୁଅ। ବିଦେଶରେ ଚାକିରି କରୁଥିବା ତାଙ୍କ ପୁଅ ତିନି ବର୍ଷ ପରେ ଘରକୁ ଆସିଥିଲା। ହେଲେ ମାଆ ପୁଅକୁ କିଛି ନ କହି, ପୁଅ ସାଙ୍ଗରେ ଆସିଥିବା ବିଦେଶୀ ତରୁଣୀଟିକୁ ଚାହିଁ ରହିଥିଲେ। ବାପା ଆସି ସେଇଠି ପହଞ୍ଚିଗଲେ। ସେ ବିଦେଶୀ ତରୁଣୀକୁ ଦେଖି ବାପା ପଚାରିଲେ- ଇଏ କିଏ? ପୁଅ କହିଲା- ଇଏ ତମ ବୋହୂ। ଏତେବେଳକୁ ଯାଇ ମାଆ କହିଲେ- ବହୁତ ସୁନ୍ଦର। ବାପା କହିଲେ-



ବିଦେଶିନୀମାନଙ୍କର ରୂପ ସୁନ୍ଦର, କିନ୍ତୁ ତାଙ୍କ ପାଖରେ ସଂସ୍କାର ନାହିଁ। ତେଣୁ ଇଏ ମୋ' ଘରେ ରହିପାରିବ ନାହିଁ। ମାଆ କହିଲେ- ଏ ଘରର ଅଧା ତମର, ଅଧା ମୋର, ତେଣୁ ମୋ' ବୋହୂ ମୋ' ଘରେ ରହିବ। ସିଏ ଧାଇଁ ଯାଇ ଦୀପ ସଜାଡ଼ି ଆଣି ବନ୍ଦାପନା କରି ବୋହୂକୁ ଭିତର ଘରକୁ ନେଇ ଗଲେ। ବାପା କିଛି କହି ପାରିଲେନି, ହେଲେ ମନେମନେ ରାଗରେ ଗରଗର ହେଉଥିଲେ।

ସେ ରାତି ପାହି ସକାଳ ହେଲା। ଅନ୍ୟ ଦିନ ପରି ବାପା ଫୁଲଗଛରେ ପାଣି ଦେବା ପାଇଁ ଗଲା ବେଳକୁ ଗଛରେ ସେ ଫୁଲଟି ନଥିଲା। ତାଙ୍କ ଭିତରେ ରୁନ୍ଧିହୋଇ ରହିଥିବା ରାଗ ହଠାତ୍ ବାହାରକୁ ଛିଟିକି ପଡ଼ିଲା। ସିଏ ଗର୍ଜନ କରି କହିଲେ- କୁଆଡ଼େ ଗଲା ସେ ଫୁଲ? ସ୍ତ୍ରୀ କହିଲେ- ଯିଏ ସେ ଗଛରେ ଫୁଲ ଫୁଟାଇ ଥିଲେ ତାଙ୍କ ପାଖରେ ପହଞ୍ଚିଯାଇଛି ସେ ଫୁଲ। ଦେଖିବ ଯଦି ଆସ। ସିଏ ସ୍ତ୍ରୀଙ୍କ ସାଙ୍ଗରେ ଯାଇ ଦେଖିଲେ- ସେ ଫୁଲଟି ତାଙ୍କ ଘରେଥିବା ଠାକୁରଙ୍କ ମଥାରେ ଲାଗି ହୋଇଥିଲା। ତାଙ୍କ ବିଦେଶୀ ବୋହୂ ଧୂପ ଦୀପ ଲଗାଇ ଠାକୁରଙ୍କ ଆଗରେ ବସିଥିଲା। ଶାଶୁ ଶ୍ୱଶୁରଙ୍କୁ ଦେଖି ବୋହୂ ଚଟ୍‌କିନା ଉଠି ଆସି ସେ ଦୁଇ ଜଣଙ୍କ ପାଦ ଛୁଇଁ ମୁଣ୍ଡିଆ ମାରିଲା। ତା'ପରେ ସେଇଠୁ ଅନ୍ୟ ଗୋଟିଏ ବଖରାକୁ ଚାଲିଗଲା। ବୋହୂକୁ ଦେଖୁଥିବା ଶ୍ୱଶୁର ଏବେ ଟିକିଏ ହସି ଦେଇ ମୁହଁ ବୁଲାଇ ସ୍ତ୍ରୀଙ୍କୁ ଚାହିଁ କହିଲେ- ଆମ ଘର ଏବେ ମହକୁଛି ବୋଲି ଜାଣିପାରୁଛ ତ? କହିଲ, ଇଏ କି ମହକ? ଇଏ ତମର ବିଦେଶୀ ବୋହୂର ମହକ। ସ୍ତ୍ରୀ ହସିଦେଇ କହିଲେ- ନା ନା, ଇଏ ତମର ବିଦେଶୀ ଫୁଲର ମହକ।

ମୋ: ୯୮୫୩୦୭୦୦୧୮

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୨୦/୨୦୨୫ Bhubaneswar, Saturday, September 20/ 2025

# ଲିଗ୍‌ରେ ଭାରତ ଅପରାଜେୟ

## ଏସିଆ କପ୍ କ୍ରିକେଟ

## କଡ଼ା ଟକ୍କର ଦେଲା ଓମାନ

## ଅର୍ଶଦୀପଙ୍କ ୧୦୦ ଉଇକେଟ ପୂରଣ

ଆବୁ ଧାବି, ୧୯।୯

ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ଲିଗ୍ ପର୍ଯ୍ୟାୟ ଶୁକ୍ରବାର ଶେଷ ହୋଇଛି। ବ୍ୟାଟିଂକ୍ରମରେ ଅତ୍ୟଧିକ ପରୀକ୍ଷା ନିରୀକ୍ଷା ଏବଂ ଅର୍ଦ୍ଧାଧିକ ସମୟ ବୋଲରଙ୍କ ପ୍ରଭାବହୀନ ବୋଲିଂ ଯୋଗୁ ଭାରତ ଅପେକ୍ଷାକୃତ ଦୁର୍ବଳ ଓମାନ ବିପକ୍ଷରେ ସହଜ ବିଜୟ ହାସଲ କରି ପାରିନାହିଁ। ତେବେ ଶେଷରେ ୨୧ ରନରେ ଓମାନକୁ ହରାଇ ଲିଗ୍ ପର୍ଯ୍ୟାୟରେ ଅପରାଜେୟ ରହିଛି ଟିମ୍ ଇଣ୍ଡିଆ। ଭାରତ ୨୦ ଓଭରରେ ୮ ଉଇକେଟ ହରାଇ ୧୮୮ ରନ କରିଥିବାବେଳେ ଓମାନ ଏକଦା ୧ ଉଇକେଟ ହରାଇ ୧୪୯ ରନ ସଂଗ୍ରହ କରିନେଇଥିଲେ ହେଁ ୨୦ ଓଭରରେ ୪ ଉଇକେଟ ହରାଇ ୧୬୭ ରନରେ ସୀମିତ ରହିଥିଲା। ଟପ୍ ଅର୍ଡରର ୩ ବ୍ୟାଟର ଅଧିନାୟକ ଜତିନ୍ଦର ସିଂ ୩୨, ଅମିର କଲିମ ୬୪ ଓ ହମଦ ମିର୍ଜା ୫୧ ରନକରି ଭାରତୀୟ ବୋଲରଙ୍କୁ ପାଣି ପିଆଇଥିଲେ। ମାତ୍ର ରନହାରରେ ଆବଶ୍ୟକ ବୃଦ୍ଧି କରିପାରି ନ ଥିଲେ। ଫଳରେ କଲିମ ଆଉଟ ହେବାପରେ ମ୍ୟାଚର ମୋଡ଼ ବୁଲିଥିଲା। ୬ ଉଇକେଟ ହାତରେ ଥିଲେ ମଧ୍ୟ ଓମାନ ବିଜୟ ଲକ୍ଷ୍ୟଠାରୁ ଦୂରରେ ରହି ଯାଇଥିଲା। ଭାରତୀୟ ବୋଲରଙ୍କ ମଧ୍ୟରେ ହାର୍ଦ୍ଦିକ ପାଣ୍ଡ୍ୟା, ଅର୍ଶଦୀପ ସିଂ, ହର୍ଷିତ ରାଣା ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଏଥିସହ ଅର୍ଶଦୀପ ଅନ୍ତର୍ଜାତୀୟ ଟି୨୦ରେ ୧୦୦ ଉଇକେଟ ପୂରଣ କରିଥିଲେ। ଭାରତ ଏହାର ପୂର୍ବ ୨ ମ୍ୟାଚରେ ଯଥାକ୍ରମେ ୟୁଏଇକୁ ୯ ଉଇକେଟରେ ଏବଂ ପାକିସ୍ତାନକୁ ୭ ଉଇକେଟରେ ହରାଇଥିଲା। ସୁପର-୪ରେ ଭାରତ ଏହାର ପ୍ରଥମ ମ୍ୟାଚ ୨୧ ତାରିଖରେ ପାକିସ୍ତାନ ବିପକ୍ଷରେ ଖେଳିବ। ଏହାପରେ ୨୪ରେ ବାଂଲାଦେଶ ଓ ୨୬ରେ ଶ୍ରୀଲଙ୍କାକୁ ଭେଟିବ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଭାରତ। ପୂର୍ବାନୁମାନ ଅନୁସାରେ ଦଳରେ ୨ଟି ପରିବର୍ତ୍ତନ କରାଯାଇଥିଲା। ଯଶପ୍ରୀତ୍ ବୁମ୍‌ରା ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ବିଶ୍ରାମ ଦିଆଯାଇ ହର୍ଷିତ ରାଣା ଓ ଅର୍ଶଦୀପ ସିଂଙ୍କୁ ସୁଯୋଗ ମିଳିଥିଲା। ଶୁବମନ ଗିଲ୍ ମାତ୍ର ୫ ରନରେ ଆଉଟ ହେବାରୁ ଦ୍ୱିତୀୟ ଓଭରରେ ଭାରତକୁ ପ୍ରଥମ ଝଟ୍‌କା ମିଳିଥିଲା। ବ୍ୟାଟିଂ କ୍ରମରେ ଉପରେ ଅର୍ଥାତ୍ ୩ ନମ୍ବରରେ ଆସି ଭଲ ଖେଳିଥିଲେ ସଞ୍ଜୁ ସାମସନ। ଅଭିଷେକ ଶର୍ମା ସ୍ୱାଭାବିକ ଭାବେ ବିସ୍ଫୋରକ ବ୍ୟାଟିଂ କରିଥିଲେ



ପ୍ଲେୟର ଅଫ୍ ଦି ମ୍ୟାଚ୍ ସଞ୍ଜୁ ସାମ୍‌ସନ।

ମଧ୍ୟ ପୂର୍ବପରି ଥାର୍ଡ଼ିଜ୍ ଅର୍ଥାତ୍ ୩୮ ରନରେ ଆଉଟ ହୋଇଥିଲେ। ସେ ମାତ୍ର ୧୫ଟି ବଲ୍‌ର ସମ୍ମୁଖୀନ ହୋଇ ୫ ଚୌକା ଓ ୨ ଛକା ମାରିଥିଲେ। ପୂର୍ବ ମ୍ୟାଚ ଗୁଡ଼ିକରେ ପର୍ଯ୍ୟାପ୍ତ ବ୍ୟାଟିଂ ସୁଯୋଗ ପାଇ ନ ଥିବା ହାର୍ଦ୍ଦିକ ପାଣ୍ଡ୍ୟା ୪ ଓ ଶିବମ ଦୁବେ ୫ ନମ୍ବରରେ ଆସିଥିଲେ ହେଁ ଯଥାକ୍ରମେ ୧ ଓ ୫ ରନକରି ପ୍ୟାଭିଲିୟନ ଫେରିଥିଲେ। ଭାରତ ପକ୍ଷରୁ ଏକମାତ୍ର ସଞ୍ଜୁ ସାମସନ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୪୫ ବଲ୍‌ରୁ ୫୬ (୩ଚୌକା, ୩ ଛକା) ରନ କରିଥିଲେ। ଭାରତ ବ୍ୟାଟିଂ କ୍ରମରେ ବଡ଼ ପରିବର୍ତ୍ତନ କରିଥିଲା। ୫ ନମ୍ବରରେ ଆସିଥିବା ଅକ୍ଷର ପଟେଲ ୨୬ ଓ ୭ ନମ୍ବରରେ ବ୍ୟାଟିଂ କରିଥିବା ତିଳକ ବର୍ମା ୨୯ ରନ କରିଥିଲେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ବ୍ୟାଟିଂ କରିବାକୁ ନ ଆସିବା ଅନେକଙ୍କୁ ବିସ୍ମିତ କରିଥିଲା। ଓମାନ ପକ୍ଷରୁ ଅମିର କଲିମ, ଫୈଜଲ ସାହା ଓ ଜିତେନ ରାମାନନ୍ଦି ୨ଟି ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଭାରତ ୨୦ ଓଭରରେ ୧୮୮/୮ (ସଞ୍ଜୁ ସାମସନ-୫୬, ଅଭିଷେକ ଶର୍ମା-୩୮, ତିଳକ ବର୍ମା-୨୯, ଫୈଜଲ ସାହା-୨/୨୩, ଜିତେନ ରାମାନନ୍ଦି-୨/୩୩, ଅମିର କଲିମ-୨/୩୧)। ଓମାନ ୨୦ ଓଭରରେ ୧୬୭/୪ (ଅମିର କଲିମ-୬୪, ହମଦ ମିର୍ଜା-୫୧, ଜତିନ୍ଦର ସିଂ-୩୨, ହାର୍ଦ୍ଦିକ ପାଣ୍ଡ୍ୟା-୧/୨୬, ଅର୍ଶଦୀପ ସିଂ-୧/୩୭, ହର୍ଷିତ ରାଣା-୧/୨୫, କୁଲଦୀପ ଯାଦବ-୧/୨୩)।

# ଗୌରବଙ୍କ ଶତକରେ ଭୁବନେଶ୍ୱର ଟାଇଗର୍ସ ବିଜୟୀ

**ଭୁବନେଶ୍ୱର, ୧୯।୯ (ବିଜୟ ରଣା):** ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ପ୍ରୋ-ଟି୨୦ ଲିଗ୍‌ରେ ଶୁକ୍ରବାର ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ଗୌରବ ଚୌଧୁରୀଙ୍କ ଆକର୍ଷଣୀୟ ଶତକ ସହାୟତାରେ ଭୁବନେଶ୍ୱର ଟାଇଗର୍ସ ୩୭ରନରେ କେନ୍ଦୁଝର ମାଇନର୍ସକୁ ପରାସ୍ତ କରିଛି। ୧୯୯ରନର ବିଜୟ ଲକ୍ଷ୍ୟକୁ ପିଛାକରି ମାଇନର୍ସ ୧୯.୪ ଓଭରରେ ୧୬୧ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ବିଶ୍ୱଭୂଷଣ ବିହାରୀ ସର୍ବାଧିକ ୩୮ରନ (୧ଚୌକା ଓ ୩ ଛକା) କରିଥିଲେ। ଅନିଲ ପରିଡ଼ା ୩୬ ରନ (୫ ଛକା), ଅଧିନାୟକ ଗୋବିନ୍ଦ ପୋଦ୍ଦାର ଓ ସୌମ୍ୟ ଲେଙ୍କା ୧୯ରନ ଲେଖାଏଁ କରିଥିଲେ। ଭୁବନେଶ୍ୱର ଟାଇଗର୍ସ ତରଫରୁ ସଫଳ ବୋଲର ଭାବେ ସୂର୍ଯ୍ୟକାନ୍ତ ପ୍ରଧାନ (୩/୨୫) ଓ ଜୟନ୍ତ ବେହେରା (୩/୨୮) ତିନୋଟି ଲେଖାଏଁ ଉଇକେଟ ନେଇଥିବା ବେଳେ ବାଦଲ ବିଶ୍ୱାଳ ୪୩ ରନ ଦେଇ ୨ଟି ଉଇକେଟ ନେଇଥିଲେ।

ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭୁବନେଶ୍ୱର ଟାଇଗର୍ସ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ବିନିମୟରେ ୧୯୮ ରନ କରିଥିଲା। ଶତକୀୟ ଇନିଂସ ଖେଳିଥିବା ଗୌରବ ୫୬ ବଲ୍‌ରେ ୭ଚୌକା ଓ ୯ ଛକା ସହ ୧୧୩ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାସ ଶ' ୨୧, ରାଜେଶ ଧୂପର ୨୦, ଆର୍ଯ୍ୟଶ୍ରୀ ଡି' ଭଞ୍ଜ ୧୮ ରନ କରିଥିଲେ। ଅଧିନାୟକ ସୂର୍ଯ୍ୟକାନ୍ତ ପ୍ରଧାନ ୪ ରନ କରିଥିଲେ। କେନ୍ଦୁଝର ମାଇନର୍ସ ତରଫରୁ ପପୁ ରୟ (୨/୩୮) ଓ ସର୍ବେଶ୍ୱର ମହାନ୍ତି (୨/୩୭) ଦୁଇଟି ଲେଖାଏଁ ଉଇକେଟ ନେଇଥିବା ବେଳେ ସୌମ୍ୟ ଲେଙ୍କା ଓ ଶେଖର ମାଝି ଗୋଟିଏ ଲେଖାଏଁ ଉଇକେଟ ସଫଳତା ପାଇଥିଲେ। ମ୍ୟାଚ ଶେଷରେ ଓଡ଼ିଶା ଟେବୁଲ ଟେନିସ୍ ଆସୋସିଏଶନର ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ପ୍ଲେୟର ଅଫ୍ ଦି ମ୍ୟାଚ ଗୌରବ ଚୌଧୁରୀଙ୍କୁ ପୁରସ୍କୃତ କରିଥିଲେ। ବିଜୟୀ ଭୁବନେଶ୍ୱର ଟାଇଗର୍ସର ଅଧିନାୟକ ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ 'ୱିନିଂ କ୍ୟାପ୍' ପ୍ରଦାନ କରିଥିଲେ ଓଡ଼ିଶା ରାଜ୍ୟ ଫେନ୍‌ସିଂ ଆସୋସିଏଶନର ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ।

# ପାନ୍ଥର୍ସକୁ ହରାଇଲା ଟାଇଟାନ୍ସ

## ଓଡ଼ିଶା ପ୍ରୋ ଟି୨୦ ଲିଗ୍

ଭୁବନେଶ୍ୱର, ୧୯।୯ (ତପନ ସ୍ୱାଇଁ)

କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ଡବଲ ହେଡରର ପ୍ରଥମ ମ୍ୟାଚ୍‌ରେ ପୁରୀ ଟାଇଟାନ୍ସ ୯ ଉଇକେଟରେ କଟକ ପାନ୍ଥର୍ସକୁ ପରାସ୍ତ କରିଛି। କଟକ ପକ୍ଷରୁ ଧାର୍ଯ୍ୟ ୧୪୨ ରନର ବିଜୟ ଲକ୍ଷ୍ୟର ପିଛା କରି ପୁରୀ ଦଳ ୧୭.୪ ଓଭରରେ ମାତ୍ର ୧ ଉଇକେଟ ହରାଇ ୧୪୭ ରନ ସଂଗ୍ରହ କରି ନେଇଥିଲା। ୨ ମ୍ୟାଚରୁ ଏହା ପୁରୀର ପ୍ରଥମ ବିଜୟ। ନିଜର ପ୍ରଥମ ମ୍ୟାଚରେ ଏହି ଦଳ କେନ୍ଦୁଝର ମାଇନର୍ସ ନିକଟରୁ ହାରିଯାଇଥିଲା। ସେହିପରି ନିଜର ପ୍ରଥମ ମ୍ୟାଚରେ ଭୁବନେଶ୍ୱର ଟାଇଗର୍ସକୁ ହରାଇଥିବା ପାନ୍ଥର୍ସ ୨ ମ୍ୟାଚରୁ ପ୍ରଥମ ପରାଜୟ ବରଣ କରିଛି।

ଟସ୍ ଜିତି ବ୍ୟାଟିଂ କରିଥିବା ପାନ୍ଥର୍ସ ପକ୍ଷରୁ ଅଧିକାଂଶ ବ୍ୟାଟର ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ବିପ୍ଳବ ସାମନ୍ତରାୟ ସର୍ବାଧିକ ୩୩, ଅଭିଷେକ ରାଉତ ୨୫, ଅଧିନାୟକ ସ୍ୱସ୍ତିକ ସାମଲ ୨୨ ରନ କରିଥିଲେ। ବିପକ୍ଷ ଦଳର ମହମ୍ମଦ ଡାନିସ ସର୍ବାଧିକ ୩ଟି ଏବଂ ରାଜେଶ ମହାନ୍ତି, ଆଶୁତୋଷ ଛୁରିଆ, ସୁଶୀଲ ବାରିକ ଓ ଉଦୟ ଜଟ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପୁରୀ ଟାଇଟାନ୍ସ ଶାନ୍ତନୁ ମିଶ୍ରଙ୍କ ଅପରାଜିତ ୭୯(୮ ଚୌକା, ୨ ଛକା) ଓ ଅଧିନାୟକ ସନ୍ଦୀପ ପଟ୍ଟନାୟକଙ୍କ ଅପରାଜିତ ୩୧ (୧୭ ବଲ, ୨ ଚୌକା, ୨ ଛକା) ରନ ବଳରେ ୧୪ ବଲ୍ ବାକିଥାଇ ସହଜ ବିଜୟ ହାସଲ କରିଥିଲା। ଏକମାତ୍ର ଅନୁରାଗ ଷଡ଼ଙ୍ଗୀ ୩୧ ରନକରି ଅଭିଷେକ ରାଉତଙ୍କ ବଲ୍‌ରେ ଆଉଟ ହୋଇଥିଲେ। ମ୍ୟାଚ ବିଜୟୀ ଇନିଂସ ପାଇଁ ଶାନ୍ତନୁ ମିଶ୍ର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓଡ଼ିଶା ରୋଇଂ ଆସୋସିଏଶନ ସଭାପତି ବିନୋଦ ଦାଶ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ବିଜୟୀ ଦଳର ଅଧିନାୟକ ସନ୍ଦୀପ ପଟ୍ଟନାୟକଙ୍କୁ ବିଜୟ ଟୋପି ପ୍ରଦାନ କରିଥିଲେ ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ ସମ୍ପାଦକ ଅଶୋକ କୁମାର ସାହୁ।




ଶାନ୍ତନୁ ମିଶ୍ର ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।




ପୂର୍ବାଞ୍ଚଳ ଶୁଟିଂରେ ପଦକ ହାସଲ କରିଥିବା ଓଡ଼ିଶା ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ପୂର୍ବାଞ୍ଚଳ ଶୁଟିଂ: ଓଡ଼ିଶାକୁ ୪ ପଦକ

ଭୁବନେଶ୍ୱର, ୧୯।୯ (ତପନ ସ୍ୱାଇଁ)

ବିହାରରେ ଅନୁଷ୍ଠିତ ୯ମ ପୂର୍ବାଞ୍ଚଳ ଶୁଟିଂ ଚାମ୍ପିୟନଶିପ୍‌ର ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଓଡ଼ିଶା ପ୍ରତିଯୋଗୀମାନେ ଶୁକ୍ରବାର ୪ଟି ପଦକ ହାସଲ କରିଛନ୍ତି। ୧୦ ମିଟର ଏୟାର ପିସ୍ତଲର ବଧିର ମହିଳା ବର୍ଗରେ ପୂଜାରାଣୀ ବାରିକ ଓ ମାଷ୍ଟର ମହିଳା ବିଭାଗରେ ସୁଚିସ୍ମିତା ଜେନା ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ମାଷ୍ଟର ମହିଳା ବର୍ଗରେ ରୀତା ମହାନ୍ତି ଓ ସବ୍‌ଜୁନିୟର ୟୁଥ୍ ମହିଳାରେ ଦିକ୍ଷା ଶ୍ରୀ ରାୟ ରୌପ୍ୟ ପଦକ ଅର୍ଜନ କରିଛନ୍ତି।

# ପିତାଙ୍କ ମୃତ୍ୟୁ ଖବର ପାଇ ସ୍ୱଦେଶ ଫେରିଲେ ୱେଲାଲେଜ୍

ଆବୁଧାବି, ୧୯।୯ (ପି.ଟି.)




ପିତାଙ୍କ ମୃତ୍ୟୁ ଖବର ପାଇ ଏସିଆ କପ୍ କ୍ରିକେଟ ମଝିରୁ ସ୍ୱଦେଶ ଫେରିଛନ୍ତି ଶ୍ରୀଲଙ୍କା ଅଲରାଉଣ୍ଡର ଡୁନିଥ ୱେଲାଲେଜ୍। ୱେଲାଲେଜ୍‌ଙ୍କ ପିତା ସୁରଙ୍ଗାଙ୍କର ଗୁରୁବାର ରାତିରେ ଦେହାନ୍ତ ହୋଇଛି। ସେହିଦିନ ରାତିରେ ଏହି ଅଲ୍‌ରାଉଣ୍ଡର ଏଠାରେ ଆଫଗାନିସ୍ତାନ ବିପକ୍ଷ ଗ୍ରୁପ୍ 'ବି' ଲିଗ୍ ମ୍ୟାଚ ଖେଳୁଥିଲେ। ମ୍ୟାଚ ଶେଷ ହେବା ପରେ ସେ ଏହି ଦୁଃଖ ଖବର ପାଇଥିଲେ। ସେ ଯଥାସମ୍ଭବ ଶୀଘ୍ର ବିମାନ ଯୋଗେ ଶ୍ରୀଲଙ୍କା ଗସ୍ତ କରିଥିଲେ। ସୁରଙ୍ଗାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ତାଙ୍କୁ ୪୫ ବର୍ଷ ବୟସ ହୋଇଥିଲା। ତେବେ ଏହି ୨୨ ବର୍ଷୀୟ କ୍ରିକେଟର ଟୁର୍ନାମେଣ୍ଟକୁ ଫେରିବେ କି ନା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଶ୍ରୀଲଙ୍କା ସୁପର-୪ ପର୍ଯ୍ୟାୟରେ ଶନିବାର ବାଂଲାଦେଶକୁ ଭେଟିବ। ପରେ ସେପ୍ଟେମ୍ବର ୨୩ରେ ପାକିସ୍ତାନ ଏବଂ ସେପ୍ଟେମ୍ବର ୨୬ରେ ଭାରତ ବିପକ୍ଷରେ ଖେଳିବାର କାର୍ଯ୍ୟକ୍ରମ ରହିଛି।

# ଆଇସିସିକୁ ଜବାବ ଦେଲା ପିସିବି

ଆବୁଧାବି, ୧୯।୯ (ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପଠାଇଥିବା ଇ-ମେଲର ଜବାବ ଦେଇଛି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ବିପକ୍ଷ ଏସିଆ କପ୍ ଗେମ୍ ପୂର୍ବରୁ ମ୍ୟାଚ ରେଫରି ଆଣ୍ଡି ପାଇକ୍ରଫ୍ଟ ଏବଂ ଟିମ୍ ଅଫିସିଆଲଙ୍କ ମଧ୍ୟରେ ଅନୁଷ୍ଠିତ ବୈଠକର ଭିଡିଓ ଶୁଟିଂ କରି ପାକିସ୍ତାନ ମେଡିଆ ମ୍ୟାନେଜର କୌଣସି ଭୁଲ୍ କାର୍ଯ୍ୟ କରି ନାହାନ୍ତି ଏବଂ ଏହାଦ୍ୱାରା ଆଇସିସି ପ୍ରୋଟୋକଲ୍‌ର ଉଲ୍ଲଂଘନ କରାଯାଇ ନ ଥିବା ପିସିବି କହିଛି। ଆଇସିସି ସିଇଓ ସଂଯୋଗ ଗୁପ୍ତାଙ୍କ ନିକଟକୁ ଲେଖିଥିବା ଚିଠିରେ ଦର୍ଶାଇଥିଲେ, ପାକିସ୍ତାନ ବହୁବାର ପ୍ଲେୟର୍ସ ଆଣ୍ଡ ମ୍ୟାଚ୍ ଅଫିସିଆଲ ଏରିଆ (ପିଏମ୍‌ଓଏ) ଆଚରଣ ସଂହିତା ଉଲ୍ଲଂଘନ କରିଛି। ତନ୍ମଧ୍ୟରେ କୋଚ୍ ମାଇକ୍ ହେସନ, ଅଧିନାୟକ ସଲମନ ଅଲି ଆଘା ଏବଂ ମ୍ୟାନେଜର ଆକ୍ରମ ଚିମାଙ୍କୁ ନେଇ ଅନୁଷ୍ଠିତ ଏହି ବୈଠକରେ ହୋଇଥିବା ବାର୍ତ୍ତାଳାପର ଭିଡିଓ ରେକର୍ଡିଂ କରିବା ଅନ୍ୟତମ ରହିଛି। ଆଇସିସି ଆହୁରି ମଧ୍ୟ ପିସିବିର ଏକ ପ୍ରେସ୍ ରିଲିଜ୍‌କୁ ନେଇ ପ୍ରଶ୍ନ ଉଠାଇଛି, ଯେଉଁଥିରେ କି ପାଇକ୍ରଫ୍ଟ କ୍ଷମା ଭିକ୍ଷା କରିଥିବା ଉଲ୍ଲେଖ କରାଯାଇଛି। ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ଭେନ୍ୟୁ ମ୍ୟାନେଜରଙ୍କ ଦ୍ୱାରା ସୃଷ୍ଟ ଭୁଲ୍ ବୁଝାମଣାକୁ ନେଇ ରେଫରି କେବଳ ଦୁଃଖ ପ୍ରକାଶ କରିଥିଲେ, ମାତ୍ର ଟିମ୍‌ର ମିଡିଆ ମ୍ୟାନେଜର ହେଉଛନ୍ତି ଦଳର ଏକ ଅଂଶବିଶେଷ। ସେ ଚାହିଁଲେ ପିଏମ୍ ଓଏର ଭିଡିଓ ଉତ୍ତୋଳନ କରିପାରିବେ। ତାଙ୍କ ଉପସ୍ଥିତି ଦ୍ୱାରା କୌଣସି ନିୟମ ଉଲ୍ଲଂଘନ ହୋଇନାହିଁ। ପିସିବି କହିଛି, ବର୍ତ୍ତମାନ ପ୍ରଚଳିତ ପ୍ରୋଟୋକଲ ଅନୁସାରେ ପିଏମ୍ ଓଏରେ କ୍ୟାମେରା ବ୍ୟବହାର ପାଇଁ ମିଡିଆ ମ୍ୟାନେଜରଙ୍କୁ ଅନୁମତି ରହିଛି। ଯଦି ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି)କୁ ଅନୁପାଳନ କରାଯାଇ ନ ଥିଲା ତେବେ ଆଇସିସି ଏବିଷୟରେ ମ୍ୟାଚ ରେଫରିଙ୍କୁ ପ୍ରଶ୍ନ କରିବାର ଥିଲା। ଏ ପ୍ରସଙ୍ଗରେ ସେ ଆଣ୍ଟି କରପ୍‌ସନ ୟୁନିଟ୍ (ଏସିୟୁ)ର ଦୃଷ୍ଟି ଆକର୍ଷଣ କରିଛନ୍ତି ନା ନାହିଁ। ଖବର ଅନୁସାରେ ଆଇସିସିର ମ୍ୟାଚ ଅଫିସିଆଲ ପାକିସ୍ତାନର ଏସିୟୁ ଅଫିସିଆଲଙ୍କୁ ସମସ୍ତ ବିଷୟ ଜଣାଇଛନ୍ତି, ସେମାନେ ମଧ୍ୟ ଏହା ସ୍ୱୀକାର କରିଛନ୍ତି। ସୂଚନାଯୋଗ୍ୟ, ଟୁର୍ନାମେଣ୍ଟରେ ଭାରତ-ପାକିସ୍ତାନ ମ୍ୟାଚ୍ ବେଳେ ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପ୍ରତିପକ୍ଷ ପାକିସ୍ତାନର ସଲମନ ଅଲି ଆଘାଙ୍କ ସହ ସୌଜନ୍ୟମୂଳକ ହାତ ମିଳାଇ ନ ଥିଲେ। ଏହାଦ୍ୱାରା ମ୍ୟାଚ ରେଫରି ପାଇକ୍ରଫ୍ଟ 'ସ୍ପିରିଟ୍ ଅଫ୍ ଗେମ୍' ପ୍ରୋଟୋକଲ ଉଲ୍ଲଂଘନ କରିଥିବା ଦର୍ଶାଇ ପିସିବି ତାଙ୍କ ବିରୋଧରେ ଆଇସିସି ନିକଟରେ ଫେରାଦ ହୋଇଥିଲା। ଏହି ରେଫରିଙ୍କୁ ଟୁର୍ନାମେଣ୍ଟ କିମ୍ବା ପାକିସ୍ତାନ ମ୍ୟାଚଗୁଡ଼ିକରୁ ବାଦ୍ ଦେବା ଲାଗି ଦାବି କରାଯାଇଥିଲା। ଆଇସିସି ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିବା ପରେ ଏହି ପରିସ୍ଥିତି ସୃଷ୍ଟି ହେଉଛି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ